# ଧରିତ୍ରୀ
DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ରବିବାର, ଏପ୍ରିଲ ୧୨/୨୦୨୬ (୧୮ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, April 12/2026 | Page 18 | ₹ 7.00

୫୨ଶ ଭାଗ ୧୩୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 137 | ମୂଲ୍ୟ₹୭/-






Customer Care No. : +91 77358 15620

BEST EXCHANGE POLICY | CUSTOMIZATION AVAILABLE | FREE LIFETIME CLEANING | FOR MONEY BEST VALUE | TRY BEFORE YOU BUY | WIDEST RANGE OF SILVER PRODUCTS | HALLMARKED & QUALITY TESTED PRODUCTS

NOW OPEN AT RAIPUR - AVANTI VIHAR, VIP ROAD & JEEVAN BIMA MARG, PANDRI

**RAIPUR**
AVANTI VIHAR, VIP ROAD,RAIPUR
Call : +91 91248 26840

**BERHAMPUR**
DHARMA NAGAR PREM NAGAR
Call : +91 77352 68464

**BOLANGIR**
BESIDE RAJKUMAR TAILOR, NEAR SAMALESWARI TEMPLE
Call : +91 91245 94683

**KHURDHA**
OLD BUS STAND NEAR FOREST RANGE OFFICE
Call : +91 91246 26682

**BARGARH**
PLOT NO-173/10972, NEAR BHATLI CHOWK
Call : +91 91245 87680

**NAYAGARH**
NEAR NAYAGARH TOWN POLICE STATION
Call : +91 91246 26684

CUTTACK : CANTONMENT ROAD & CDA SEC-9 | ANGUL | BALASORE | BHADRAK | JAJPUR | BARIPADA | JHARSUGUDA | ROURKELA | SUNDARGARH | TALCHER | LINKROAD | DHENKANAL

BHUBANESWAR : SAHEED NAGAR | PATIA | SOUBHAGYA NAGAR | JANPATH | RASULGARH | NAYAPALLI | RAGHUNATHPUR | LEWIS ROAD | KHANDAGIRI



ମହାରାଷ୍ଟ୍ରର ସତାରା ଜିଲା ଅନ୍ତର୍ଗତ ସୁରୁରଠାରେ ଶନିବାର ଅନୁଷ୍ଠିତ କୃଷି ଲୋକୋତ୍ସବ 'ବଗାଡ ଯାତ୍ରା'ରେ ମୁକୁଳା ଷଣ୍ଢଙ୍କୁ କାବୁ କରିବା ପାଇଁ ଲୋକେ ଉଦ୍ୟମ କରୁଛନ୍ତି।

# କେବଳ ପୁଞ୍ଜି, ନୀତିରେ ଭାରତ ୧୦ ଟ୍ରିଲିୟନ ଡଲାର ଅର୍ଥନୀତି ହୋଇପାରିବ ନାହିଁ: ସିଜେଆଇ

ଜାତିସଂଘ,୧୧।୪



ଜଷ୍ଟିସ୍ ସୂର୍ଯ୍ୟ କାନ୍ତ

କେବଳ ପୁଞ୍ଜି କିମ୍ବା ନୀତି ବଳରେ ଭାରତ ୧୦ ଟ୍ରିଲିୟନ ଡଲାର ଅର୍ଥନୀତି ଲକ୍ଷ୍ୟ ହାସଲ କରିପାରିବ ନାହିଁ ବୋଲି ଭାରତର ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତ ଶନିବାର କହିଛନ୍ତି। ଏକ ବିକାଶଶୀଳ ଅର୍ଥନୀତି ଚାହିଦା ପୂରଣ ପାଇଁ ଆଇନ ବ୍ୟବସ୍ଥାରେ ପରିବର୍ତ୍ତନ ଲାଗି ସେ ଆହ୍ୱାନ ଦେଇଛନ୍ତି। ଆଇନ ବ୍ୟବସ୍ଥାର ଗୁଣବତ୍ତା ଏକ ଗୁରୁତ୍ୱପୂର୍ଣ୍ଣ କାରଣ। ଦେଶକୁ ଲକ୍ଷ୍ୟ ହାସଲରେ ସହାୟତା ପାଇଁ ବାଣିଜ୍ୟିକ ଆଇନରେ ପୂର୍ବାନୁମାନତା, ବିଶେଷଜ୍ଞତା ଓ ଉତ୍ତମ ବିଶ୍ୱାସର ସଂସ୍କୃତି ଆବଶ୍ୟକ। ପୁଞ୍ଜି ଆବଶ୍ୟକତା ସହ ପ୍ରତିଶ୍ରୁତିବଦ୍ଧତା ଏବଂ ନିବେଶକଙ୍କ ଆତ୍ମବିଶ୍ୱାସ ରହିବା ଜରୁରୀ ବୋଲି ଆଇସିଏ ସମ୍ମିଳନୀରେ ଯୋଗଦେଇ ସିଜେଆଇ କହିଛନ୍ତି। ଅଧିକ ଦୃଷ୍ଟି ଆକର୍ଷଣ କରୁଥିବା ଅଧିକାଂଶ ସଂସ୍କାର ଅପେକ୍ଷା ମଧ୍ୟସ୍ଥତା ଭଳି ବ୍ୟବସ୍ଥା ଭାରତର ଅର୍ଥନୈତିକ ପ୍ରତିଦ୍ୱନ୍ଦ୍ୱିତା ପାଇଁ ଅଧିକ ଆକର୍ଷଣ କରିଥାଏ। ପରିବର୍ତ୍ତିତ ଅର୍ଥନୀତିର ଆବଶ୍ୟକତାର ମୁକାବିଲା ପାଇଁ ପ୍ରଯୁକ୍ତିର ବ୍ୟବହାର ଏବଂ ଆଇନଗତ ଶିକ୍ଷା ଗ୍ରହଣ ଉପରେ ସିଜେଆଇ ଗୁରୁତ୍ୱ ଦେଇଛନ୍ତି। ବାର୍ ଆସୋସିଏଶନ ଅଫ୍ ଇଣ୍ଡିଆ ଦ୍ୱାରା ଆୟୋଜିତ 'ରୁଲ୍ ଅଫ୍ ଲ କନ୍‌ଭେନ୍‌ଶନ ୨୦୨୬'ର ଶୀର୍ଷକ ରହିଥିଲା '୧୦ ଟ୍ରିଲିୟନ ଡଲାର ଭାରତ ପାଇଁ ଆଇନଗତ ସଂସ୍କାର କାର୍ଯ୍ୟଯୋଜନା'। ଏଥିରେ ଉଦ୍‌ବୋଧନ ଦେଇ ସିଜେଆଇ କହିଛନ୍ତି, ଉକ୍ତ ଅବସରକୁ ଯାଇପାରିବା ନେଇ ସେ ନିଶ୍ଚିତ। ତେବେ କେବଳ ପୁଞ୍ଜି ଓ ନୀତି ଦ୍ୱାରା ୧୦ ଟ୍ରିଲିୟନ ଡଲାର ଲକ୍ଷ୍ୟ ହାସଲ ହୋଇପାରିବ ନାହିଁ।

## ୨୦୨୮ରୁ ଦିଲ୍ଲୀରେ କେବଳ ଇଲେକ୍ଟ୍ରିକ୍ ବାଇକ୍

ନୂଆଦିଲ୍ଲୀ,୧୧।୪

ଦିଲ୍ଲୀର ବାୟୁ ପ୍ରଦୂଷଣ ରୋକିବା ପାଇଁ ରାଜ୍ୟ ସରକାର ଶନିବାର ଏକ ବିସ୍ତୃତ ସଂସ୍କାରଧର୍ମୀ ବିଦ୍ୟୁତ୍‌ଚାଳିତ ଯାନ (ଇଭି) ନୀତି ପ୍ରସ୍ତାବ ଆଣିଛନ୍ତି। ଏଥିରେ ୩୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଗାଡ଼ି ପାଇଁ ପଞ୍ଜୀକରଣ ଦେୟ ଓ ସଡ଼କ ଟିକସ ଦେବାକୁ ପଡ଼ିବ ନାହିଁ। ଚାର୍ଜିଂ ଷ୍ଟେଶନଗୁଡ଼ିକର ବ୍ୟାପକ ପ୍ରସାର କରାଯିବ ଏବଂ ପୁରୁଣା ଗାଡ଼ିକୁ ଭାଙ୍ଗି ନୂଆ ଇଭି କିଣିଲେ ୧ ଲକ୍ଷ ଟଙ୍କା ପ୍ରୋତ୍ସାହନ ମିଳିବ। ଆଗାମୀ ୨ ବର୍ଷ ମଧ୍ୟରେ ୧୦ ପ୍ରତିଶତ ସ୍କୁଲ୍‌ବସ୍‌କୁ ବିଦ୍ୟୁତ୍‌ଚାଳିତ ଯାନରେ ପରିଣତ କରିବାକୁ ପ୍ରସ୍ତାବ ରହିଛି। ଦିଲ୍ଲୀକୁ ବିଶ୍ୱର ସର୍ବାଧିକ ପ୍ରଦୂଷିତ ସହରରେ ପରିଣତ କରିଥିବା ଗାଡ଼ିମୋଟରର ନିର୍ଗମନକୁ ହ୍ରାସ କରିବା ଏହାର ଲକ୍ଷ୍ୟ।

# ବୁଝାମଣା ଉଦ୍ୟମ ଜାରି

## ଶାନ୍ତି ଆଲୋଚନାରେ ଯୋଗଦେଲେ ଆମେରିକା, ଇରାନ

ଇସ୍‌ଲାମାବାଦ,୧୧।୪(ପି.ଟି.)



ଜେଡି ଭାନ୍ସ



ମହମ୍ମଦ ବାଘେର ଘଲିବାଫ୍

ପଶ୍ଚିମ ଏସିଆ ଯୁଦ୍ଧ ଯୋଗୁ ବିଶ୍ୱ ଶକ୍ତି ବଜାର ଏକପ୍ରକାର ଅଚଳ ହୋଇପଡ଼ିଥିବାବେଳେ ଅର୍ଥନୀତି ଗୁରୁତର ପ୍ରଭାବିତ ହୋଇଛି। ଯୁଦ୍ଧ ବନ୍ଦ ଲାଗି ଏକ ସ୍ଥାୟୀ ବୁଝାମଣାରେ ପହଞ୍ଚିବା ନିମନ୍ତେ ଶନିବାର ପାକିସ୍ତାନ ମଧ୍ୟସ୍ଥତାରେ ଆମେରିକା ଓ ଇରାନ ଆଲୋଚନାରେ ସାମିଲ ହୋଇଛନ୍ତି। ଇସ୍‌ଲାମାବାଦରେ ଚାଲିଥିବା ଏହି ଆଲୋଚନା ଉପରେ ସାରା ବିଶ୍ୱର ନଜର ରହିଛି। ଆମେରିକା ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କ ନେତୃତ୍ୱରେ ଆସିଥିବା ପ୍ରତିନିଧି ମଣ୍ଡଳୀ ଏବଂ ବାଚସ୍ପତି ମହମ୍ମଦ ବାଘେର ଘଲିବାଫ୍‌ଙ୍କ ନେତୃତ୍ୱରେ ଆସିଥିବା ଇରାନୀୟ ଟିମ୍ ମଧ୍ୟରେ ଆଲୋଚନା ଜାରି ରହିଛି। ଏହା ପୂର୍ବରୁ ଉଭୟ ଟିମ୍ ଅଲଗା ଅଲଗା ଭାବେ ପାକ୍ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍‌ଙ୍କ ସହ ବୈଠକରେ ଯୋଗ ଦେଇଥିଲେ। ସେରେନା ହୋଟେଲରେ ଆଲୋଚନା ଚାଲିଥିବାବେଳେ ସେଠାରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

ଭାନ୍ସଙ୍କ ସହ ଆମେରିକାର ସ୍ୱତନ୍ତ୍ର ଦୂତ ଷ୍ଟିଭ୍ ୱିଟ୍‌କଫ୍ ଏବଂ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଜ୍ୱାଇଁ ଜାରେଦ୍ କୁଶ୍‌ନେର ଆସିଥିବାବେଳେ ଘଲିବାଫ୍‌ଙ୍କ ନେତୃତ୍ୱରେ ଆସିଥିବା ଇରାନୀୟ ପ୍ରତିନିଧି ଦଳରେ ବହିର୍ବ୍ୟାପାର ମନ୍ତ୍ରୀ ଆବାସ ଆରାଘଚି, ସୁପ୍ରିମ ନ୍ୟାଶନାଲ ଡିଫେନ୍ସ କାଉନ୍‌ସିଲ୍ ସଚିବ ଅଲି ଆକବର ଅହମଦିଆନ ଏବଂ କେନ୍ଦ୍ରୀୟ ବ୍ୟାଙ୍କ ଗଭର୍ନର ଆବଡୋଲନାସେର ହେମ୍ମାତି ରହିଛନ୍ତି।

ଆମେରିକା ଓ ଇରାନ ୨ ସପ୍ତାହ ଅସ୍ତ୍ରବିରତି ଘୋଷଣା କରିବାର ୪ ଦିନ ପରେ ଉଭୟ ପକ୍ଷ ଆଲୋଚନା ଟେବୁଲକୁ ଆସିଛନ୍ତି। ଅସ୍ତ୍ରବିରତି ଘୋଷଣା ସତ୍ତ୍ୱେ ଲେବାନନ୍ ଉପରେ ଇସ୍ରାଏଲର ଜୋର୍‌ଦାର ଆକ୍ରମଣରେ ୩୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିବା ଯୋଗୁ ଆଲୋଚନା ବିଳମ୍ବିତ ହୋଇଥିଲା। ତେହରାନ୍ ଏହାକୁ ଅସ୍ତ୍ରବିରତିର ଉଲ୍ଲଂଘନ କହିଥିବାବେଳେ ଲେବାନନ୍ ଡିଲ୍‌ର ଅଂଶବିଶେଷ ନୁହେଁ ବୋଲି ଆମେରିକା ଓ ଇସ୍ରାଏଲ୍ କହିଥିଲେ।

ଶନିବାର ପାକିସ୍ତାନ ଉପପ୍ରଧାନମନ୍ତ୍ରୀ ଇଶାକ୍ ଦର୍, ସେନାମୁଖ୍ୟ ଫିଲ୍ଡ ମାର୍ଶାଲ ଅସିମ୍ ମୁନିର, ଆଭ୍ୟନ୍ତରୀଣ ମନ୍ତ୍ରୀ ସୟେଦ ମୋହସିନ୍ ରାଜା ନକ୍‌ଭି ଉଭୟ ପକ୍ଷର ପ୍ରତିନିଧିମାନଙ୍କୁ ନୁର୍ ଖାନ୍ ଏୟାରବେସ୍‌ରେ ସ୍ୱାଗତ କରିଥିଲେ। ଶାନ୍ତି ଆଲୋଚନାରୁ ଏକ ଅର୍ଥପୂର୍ଣ୍ଣ ଫଳାଫଳ ମିଳିବା ଦିଗରେ ପାକିସ୍ତାନ ମଧ୍ୟସ୍ଥତା ଜାରି ରଖିବ ବୋଲି ପ୍ରଧାନମନ୍ତ୍ରୀ ଶରିଫ୍ କହିଛନ୍ତି। ପଶ୍ଚିମ ଏସିଆରେ ଦୀର୍ଘସ୍ଥାୟୀ ଶାନ୍ତି ଆଣିବାରେ ଆମେରିକା-ଇରାନ ଆଲୋଚନା ସହାୟକ ହେବ ବୋଲି ସେ ଆମେରିକା ପ୍ରତିନିଧି ଦଳଙ୍କ ନିକଟରେ ଆଶାବ୍ୟକ୍ତ କରିଥିଲେ। ଇରାନର ପ୍ରଥମ ଉପରାଷ୍ଟ୍ରପତି ମହମ୍ମଦ ରେଜା ଆରେଫ୍ କହିଛନ୍ତି, ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଆମେରିକା ପ୍ରଥମ ଆଭିମୁଖ୍ୟ ସହ ୱାଶିଂଟନ କାର୍ଯ୍ୟ କଲେ ଶାନ୍ତି ଆଲୋଚନାରୁ ଡିଲ୍ ପ୍ରସ୍ତୁତ ହୋଇପାରେ। ଯଦି ଆମେ ଇସ୍ରାଏଲ୍ ପ୍ରଥମ ପ୍ରତିନିଧିଦ୍ୱର ସମ୍ମୁଖୀନ ହେଉ, ତେବେ ଡିଲ୍ ହେବ ନାହିଁ ବୋଲି ଆରେଫ୍ ସୋସିଆଲ୍ ମିଡିଆରେ ଲେଖିଛନ୍ତି। ପାକିସ୍ତାନ ଇସ୍‌ଲାମାବାଦରେ ଆମେରିକା ଓ ଇସ୍ରାଏଲ୍ ମଧ୍ୟରେ ଶାନ୍ତି ଆଲୋଚନା ଆୟୋଜନ କରାଇବା ସହ ଏଥିରେ ମଧ୍ୟସ୍ଥତା କରୁଥିବାରୁ ଭାରତରେ ମୁଖ୍ୟ ବିରୋଧୀ ଦଳ କଂଗ୍ରେସ କେନ୍ଦ୍ର ସରକାରଙ୍କ ଆଲିଙ୍ଗନ କୂଟନୀତି ଓ ବିଦେଶ ନୀତିକୁ ସମାଲୋଚନା କରିଛି।

## ଆଶା ଭୋସ୍‌ଲେ ହସ୍ପିଟାଲରେ ଭର୍ତ୍ତି

ମୁମ୍ବାଇ ,୧୧।୪

ବର୍ଷୀୟାନ ପ୍ରଚ୍ଛଦପଟ୍ଟ ଗାୟିକା ଆଶା ଭୋସ୍‌ଲେଙ୍କ ଛାତିରେ ସଂକ୍ରମଣ ଏବଂ ଅତ୍ୟଧିକ କ୍ଲାନ୍ତି ଅନୁଭବ କରିବାରୁ ତାଙ୍କୁ ଶନିବାର ସନ୍ଧ୍ୟାରେ ଦକ୍ଷିଣ ମୁମ୍ବାଇର ବ୍ରିଚ୍ କାଣ୍ଡି ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ନାତୁଣୀ ଜାନାଇ ଭୋସଲେ ସୂଚନା ଦେଇଛନ୍ତି।



ତାଙ୍କୁ ଜରୁରୀ ମେଡିକାଲ ସେବା ୟୁନିଟ୍‌ରେ ଚିକିତ୍ସା କରାଯାଉଥିବା ବ୍ରିଚ୍ କାଣ୍ଡି ହସ୍ପିଟାଲର ଡାକ୍ତର ପ୍ରତୀତ ସାମଦାନି କହିଛନ୍ତି। ୯୨ ବର୍ଷୀୟା ଗାୟିକାଙ୍କର ଫୁସ୍‌ଫୁସ୍‌ଜନିତ ସମସ୍ୟା ରହିଥିବାବେଳେ ତାଙ୍କୁ ହୃଦ୍‌ଘାତ ହେବାରୁ ହସ୍ପିଟାଲ ନିଆଯାଇଥିବା ଏକ ସୂତ୍ରରୁ କୁହାଯାଇଥିଲା। ୮ ଦଶନ୍ଧିର କ୍ୟାରିୟରରେ ଭୋସଲେ ତାଙ୍କର ବହୁମୁଖୀ ପ୍ରତିଭା ପାଇଁ ଜଣାଶୁଣା। ସେ ହେଉଛନ୍ତି ସ୍ୱର୍ଗତା କିମ୍ବଦନ୍ତୀ ଗାୟିକା ଲତା ମଙ୍ଗେସ୍‌କରଙ୍କ ସାନ ଭଉଣୀ। ଆଶା ଭାସଲେଙ୍କ କେତେକ ଲୋକପ୍ରିୟ ଗୀତ ମଧ୍ୟରେ ରହିଛି 'ଚୁରା ଲିୟା ହୈ ତୁମ୍‌ନେ ଜୋ ଦିଲ୍ କୋ', 'ଅଭି ନ ଯାଓ ଛୋଡ଼୍‌କର', ଇନ୍ତହା ହୋ ଗଇ ଇନ୍ତେଜାର କୀ'। ସେ ବିଭିନ୍ନ ଭାରତୀୟ ଭାଷାରେ ୧୨,୦୦୦ରୁ ଊର୍ଦ୍ଧ୍ୱ ଗୀତ ରେକର୍ଡ କରାଇଛନ୍ତି। ମୀନା କୁମାରୀ, ମଧୁବାଳା, ଜିନତ ଅମନଙ୍କଠାରୁ ଆରମ୍ଭ କରି କାଜୋଲ, ଊର୍ମିଳା ମାତୋଣ୍ଡକର ଏବଂ ଦକ୍ଷିଣ ଭାରତୀୟ ଅଭିନେତ୍ରୀ ପଦ୍ମିନୀ ଓ ବୈଜୟନ୍ତିମାଲାଙ୍କ ସମେତ ବହୁ ଅଭିନେତ୍ରୀଙ୍କପାଇଁସେସ୍ୱରଦେଇଛନ୍ତି।

## ମୋଜତାବାଙ୍କୁ ଭୟଙ୍କର ଆଘାତ ଲାଗିଥିଲା : ରିପୋର୍ଟ



ମୋଜତାବା ଖାମେନେଇ

ତେହରାନ୍ ,୧୧।୪

ଇରାନ ସୁପ୍ରିମ ଲିଡର ମୋଜତାବା ଖାମେନେଇ ଏବେ ବି ଗୁରୁତର ଭାବେ ଆହତ। ଗତ ଫେବୃଆରୀ ୨୮ ଯୁଦ୍ଧ ଆରମ୍ଭ ଦିନ ଆମେରିକା ଓ ଇସ୍ରାଏଲ୍‌ର ଏୟାରଷ୍ଟ୍ରାଇକ୍‌ରେ ମୋଜତାବାଙ୍କ ବାପା ତଥା ତତ୍କାଳୀନ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲି ଖାମେନେଇଙ୍କ ମୃତ୍ୟୁ ଘଟିଥିବାବେଳେ ମୋଜତାବାଙ୍କ ମୁହଁ ଓ ଗୋଡ଼ରେ ଭୟଙ୍କର ଆଘାତ ଲାଗିଥିଲା। ୫୬ ବର୍ଷୀୟ ମୋଜତାବା ଏପର୍ଯ୍ୟନ୍ତ ସୁସ୍ଥ ହୋଇ ନ ଥିବା ଏକ ସୂତ୍ରରୁ ଜଣାପଡ଼ିଛି। ତେବେ ଅଡିଓ କନ୍‌ଫରେନ୍ସ ଜରିଆରେ ସେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପ୍ରକ୍ରିୟାରେ ସାମିଲ ହେଉଛନ୍ତି। ଯୁଦ୍ଧ ଓ ବୁଝାମଣା ସମେତ ବିଭିନ୍ନ ପ୍ରସଙ୍ଗରେ ସେ ସାମିଲ ଥିବା ରିପୋର୍ଟରେ କୁହାଯାଇଛି।

## ଗ୍ୟାଙ୍ଗ୍‌ଷ୍ଟର ସାହିଲ ଚୌହାନ ଥାଇଲାଣ୍ଡରୁ ପ୍ରତ୍ୟର୍ପିତ

ଚଣ୍ଡିଗଡ଼,୧୧।୪

ହରିୟାଣାର ମୋଷ୍ଟ ୱାଣ୍ଟେଡ୍ ଗ୍ୟାଙ୍ଗ୍‌ଷ୍ଟର ସାହିଲ ଚୌହାନଙ୍କୁ ଥାଇଲାଣ୍ଡ ସରକାର ଭାରତକୁ ପ୍ରତ୍ୟର୍ପଣ କରିଛନ୍ତି। ସେ ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବା ପରେ ହରିୟାଣାର ସ୍ପେଶାଲ୍ ଟାସ୍କଫୋର୍ସ (ଏସ୍‌ଟିଏଫ୍) ତାଙ୍କୁ ଗିରଫ କରି ହାଜତକୁ ନେବ। ଦୀର୍ଘବର୍ଷ ହେଲା ଫେରାର ଥିବା ସାହିଲ୍ ଥାଇଲାଣ୍ଡରେ ଥାଇ ଅପରାଧ କାର୍ଯ୍ୟକଳାପ ଚଳାଇଥିଲେ। ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ୱାଣ୍ଟେଡ୍ ତାଲିକାରେ ମଧ୍ୟ ସେ ରହିଛନ୍ତି।



ସାହିଲ ଚୌହାନ

ଗୁରୁଗ୍ରାମର କୌଶଲ ଚୌଧରୀ ଗ୍ୟାଙ୍ଗ୍ ସହ ସାହିଲ୍‌ଙ୍କର ସମ୍ପୃକ୍ତି ରହିଛି। ବିଦେଶରୁ ଅପରାଧ ଗ୍ୟାଙ୍ଗ୍ ଚଳାଇବାରେ ତାଙ୍କର ପ୍ରମୁଖ ଭୂମିକା ଥିଲା। ତାଙ୍କର ଅନ୍ତର୍ଜାତୀୟ ଗତିବିଧି ଉପରେ କେନ୍ଦ୍ରୀୟ ଏଜେନ୍ସି ଏବଂ ଏସ୍‌ଟିଏଫ୍ ନଜର ରଖିଥିଲା। ସେ ଥାଇଲାଣ୍ଡରେ ଥିବା ସ୍ପଷ୍ଟ ହେବା ପରେ ଭାରତୀୟ ତଦନ୍ତକାରୀ ସଂସ୍ଥାର ତଥ୍ୟ ଆଧାରରେ ସ୍ଥାନୀୟ କର୍ତ୍ତୃପକ୍ଷ ତାଙ୍କୁ ଅଟକ ରଖିଥିଲେ। ଆବଶ୍ୟକ ଆଇନଗତ ପ୍ରକ୍ରିୟା ପରେ ସାହିଲଙ୍କୁ ଭାରତକୁ ପ୍ରତ୍ୟର୍ପଣ କରାଯାଇଛି।

## ସଡ଼କ ଦୁର୍ଘଟଣାରେ ୧୩ ମୃତ, ୩୦ ଆହତ

କଟିହାର,୧୧।୪(ପି.ଟି.)

ବିହାରର କଟିହାର ଜିଲାରେ ଶନିବାର ସନ୍ଧ୍ୟାରେ ବସ୍, ଟ୍ରକ୍ ଏବଂ ପିକ୍‌ଅପ୍ ମଧ୍ୟରେ ଧକ୍କା ଲାଗି ୧୩ ଜଣଙ୍କ ମୃତ୍ୟୁ ଘଟିବା ସହ ୩୦ ଆହତ ହୋଇଛନ୍ତି। ୩୧ ନମ୍ବର ଜାତୀୟ ରାଜପଥରେ ଏହି ଦୁର୍ଘଟଣା ଘଟିଛି। ଆହତଙ୍କୁ ପୂର୍ଣ୍ଣିଆ ସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। କେତେଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିପାରେ ବୋଲି ଆଶଙ୍କା କରାଯାଉଛି। ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ମୃତକଙ୍କ ପରିବାରକୁ ୨ ଲକ୍ଷ ଏବଂ ଆହତମାନଙ୍କ ପାଇଁ ୫୦ ହଜାର ଟଙ୍କା ଲେଖାଏ ସହାୟତା ଘୋଷଣା କରିଛନ୍ତି।

## ୫ ବର୍ଷୀୟା ବାଳିକାଙ୍କୁ ବଳାତ୍କାର

### ଅଖାରେ ବାନ୍ଧି ଫିଙ୍ଗିଦେଲେ

ଦୁର୍ଗ,୧୧।୪(ପି.ଟି.)

ଛତିଶଗଡ଼ର ଦୁର୍ଗ ଜିଲାରେ ଜଣେ ୫ ବର୍ଷୀୟା ବାଳିକାଙ୍କୁ ଜଣେ ଅଭିଯୁକ୍ତ ଅପହରଣ କରିନେଇ ବଳାତ୍କାର କରିବା ପରେ ପୀଡ଼ିତାଙ୍କୁ ଅଖାରେ ଭର୍ତ୍ତିକରି ଏକ କୂଅ ନିକଟରେ ଫିଙ୍ଗି ଦେଇଥିଲେ। ଶୁକ୍ରବାର ଅପରାହ୍ନରେ ଉଟାଇ ଥାନା ଅଞ୍ଚଳରେ ଏହି ଘଟଣା ଘଟିଛି। ଜଣେ ପୋଲିସ ଅଫିସରଙ୍କ କହିବା ଅନୁଯାୟୀ, ନାବାଳିକା ଜଣକ ସ୍କୁଲରୁ ଘରକୁ ଫେରି ପାଖ ଦୋକାନକୁ ଚକୋଲେଟ୍ କିଣିବାକୁ ଯାଇଥିଲେ। ସେଠାରେ ଉପସ୍ଥିତ ଥିବା ଅଭିଯୁକ୍ତ ଧନେଶ୍ୱର ସାହୁ (୩୫) ନାବାଳିକାଙ୍କୁ ଚକୋଲେଟ୍ ଦେଇ ଘରେ ଛାଡ଼ିଦେବାର ପ୍ରଲୋଭନ ଦେଖାଇ ଅପହରଣ କରିନେଇଥିଲେ। ଦୀର୍ଘ ସମୟଯାଏ ଝିଅ ଘରକୁ ନ ଫେରିବାରୁ ପରିବାର ସଦସ୍ୟ ଓ ଗ୍ରାମବାସୀ ଖୋଜାଖୋଜି କରିଥିଲେ। ୨ ଘଣ୍ଟାର ତଲାସି ପରେ କୂଅ ନିକଟରେ ଏକ ଅଖା ହଲ୍‌ଚଲ ହେଉଥିବା ୨ ଜଣ ଯୁବକ ଦେଖିବାକୁ ପାଇଥିଲେ। ଅଖା ଖୋଲିବାରୁ ନାବାଳିକା ତା' ଭିତରେ ଥିବା ଓ ପାଟିକୁ ତକିଆ ଖୋଳରେ ବନ୍ଦ କରାଯାଇଥିବା ଦେଖାଯାଇଥିଲା। ନାବାଳିକା ଭୟଭୀତ ଅବସ୍ଥାରେ ଥିଲେ। ଡାକ୍ତରୀ ପରୀକ୍ଷା ପରେ ତାଙ୍କୁ ବଳାତ୍କାର କରାଯାଇଥିବା ସ୍ପଷ୍ଟ ହୋଇଛି। ପୋଲିସ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ଧନେଶ୍ୱରଙ୍କୁ ଗିରଫ କରିଛି। ଫୋରେନ୍‌ସିକ ସାଇନ୍ସ ଲାବରେଟୋରିର ଏକ ଟିମ୍ ଘଟଣାସ୍ଥଳରୁ ତଥ୍ୟପ୍ରମାଣ ସଂଗ୍ରହ କରିଥିବା ପାଟନ ପୋଲିସ ଏସ୍‌ଡିପିଓ ଅନୁପ୍ ଲାକ୍ରା କହିଛନ୍ତି। ଘଟଣାକୁ ନେଇ ଆଖପାଖ ଗ୍ରାମରେ ଉତ୍ତେଜନା ଦେଖାଦେଇଥିବାବେଳେ ଉତ୍ତ୍ୟକ୍ତ ଲୋକେ ଥାନା ଘେରାଉ କରି ଅଭିଯୁକ୍ତଙ୍କୁ ଫାଶୀ ଦିଆଯାଉ ବୋଲି ଦାବି କରିଛନ୍ତି। ପୋଲିସ ଲୋକଙ୍କୁ ବୁଝାଶୁଝା କରିବା ପରେ ସ୍ଥିତି ନିୟନ୍ତ୍ରଣାଧୀନ ରହିଛି।

# ଧନୀ, ଦରିଦ୍ର ରାଷ୍ଟ୍ର ମଧ୍ୟରେ ବ୍ୟବଧାନ ବଢୁଛି

### ଜାତିସଂଘ ରିପୋର୍ଟ

ଜାତିସଂଘ,୧୧।୪

ଧନୀ ଓ ଦରିଦ୍ର ଦେଶଗୁଡ଼ିକ ମଧ୍ୟରେ ବ୍ୟବଧାନ ଅଧିକ ପ୍ରଶସ୍ତ ହେଉଥିବା ଜାତିସଂଘ ରିପୋର୍ଟରୁ ଜଣାପଡ଼ିଛି। ବ୍ୟବଧାନ କମାଇବା ଦିଗରେ କାର୍ଯ୍ୟ କରିବା ପାଇଁ ବୃହତ୍ ବୈଶ୍ୱିକ ଆର୍ଥିକ ପ୍ରତିଷ୍ଠାନ ସମେତ ବହୁ ଦେଶ ଗତବର୍ଷ ସହମତ ହୋଇଥିଲେ ମଧ୍ୟ ପ୍ରତିଶ୍ରୁତି ପୂରଣ ହୋଇପାରି ନାହିଁ। ଧନୀ-ଦରିଦ୍ର ବ୍ୟବଧାନ କମାଇବା ଏବଂ ୨୦୩୦ ସୁଦ୍ଧା ଜାତିସଂଘର ବିକାଶ ଲକ୍ଷ୍ୟ ହାସଲ କରିବା ପାଇଁ ଗତବର୍ଷ ଜୁନ୍‌ରେ ସ୍ପେନ୍‌ର ସେଭିଲ୍‌ଠାରେ ଏକ କାର୍ଯ୍ୟଯୋଜନା ଗୃହୀତ ହୋଇଥିଲା।

ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍) ଏବଂ ବିଶ୍ୱବ୍ୟାଙ୍କର ପରବର୍ତ୍ତୀ ବୈଠକ ୱାଶିଂଟନଠାରେ ଆସନ୍ତା ସପ୍ତାହରେ ହେବାକୁ ଥିବାବେଳେ ଏହା ପୂର୍ବରୁ ଜାତିସଂଘ ରିପୋର୍ଟ ପ୍ରକାଶ



ପାଇଛି। ଆଇଏମ୍‌ଏଫ୍ ବୈଶ୍ୱିକ ଅଭିବୃଦ୍ଧି ବଢ଼ାଇବା ଦିଗରେ ପ୍ରସ୍ତୁତ ରହିଛି ବୋଲି ଗତବର୍ଷ ଏହାର ପରିଚାଳନା ନିର୍ଦ୍ଦେଶକ କ୍ରିଷ୍ଟାଲିନା ଜିର୍ଜିଏଭା କହିଥିଲେ। ତେବେ ସମ୍ପ୍ରତି ଇରାନ ଯୁଦ୍ଧ ବିଶ୍ୱ ଅର୍ଥନୀତି ଦୃଷ୍ଟିକୋଣକୁ ଅନ୍ଧକାର କରିଦେଇଛି।

ଜାତିସଂଘର ଅର୍ଥନୀତି ଓ ସାମାଜିକ ବ୍ୟାପାର ଉପମହାସଚିବ ଲି ଜୁନହୁଆ କହିଛନ୍ତି, ବିକାଶଶୀଳ ଦେଶଗୁଡ଼ିକ ପୁଞ୍ଜି ଆକର୍ଷଣ ପାଇଁ ସଂଘର୍ଷ କରୁଥିବାବେଳେ ଭୂରାଜନୈତିକ ଉତ୍ତେଜନା ଏହାକୁ ଜଟିଳ କରିଦେଇଛି। ଅନ୍ତର୍ଜାତୀୟ ସହଯୋଗ ପାଇଁ ଏହା ଏକ ଅତ୍ୟନ୍ତ ବିପଦପୂର୍ଣ୍ଣ ସମୟ, କାରଣ ଭୂରାଜନୈତିକ ବିଚାରଧାରାଗୁଡ଼ିକ ଦିନକୁ ଦିନ ଅର୍ଥନୈତିକ ସମ୍ପର୍କ ଏବଂ ଆର୍ଥିକ ନୀତିକୁ ପ୍ରଭାବିତ କରୁଥିବା ସେ କହିଛନ୍ତି। ବଢ଼ୁଥିବା ବାଣିଜ୍ୟ ପ୍ରତିବନ୍ଧକ ଏବଂ ବାରମ୍ବାର ଜଳବାୟୁ ପରିବର୍ତ୍ତନଜନିତ ଝଟକାକୁ ଧନୀ-ଦରିଦ୍ର ତାରତମ୍ୟ ବଢ଼ିବାର ଅନ୍ୟତମ କାରଣ ବୋଲି ରିପୋର୍ଟରେ କୁହାଯାଇଛି।

ଗତବର୍ଷ ସେଭିଲେ ସମ୍ମିଳନୀରେ ଆମେରିକା ବ୍ୟତୀତ ଅଧିକାଂଶ ଦେଶର ନେତା ସେଭିଲେ ପ୍ରତିଶ୍ରୁତିକୁ ସର୍ବସମ୍ମତକ୍ରମେ ଗ୍ରହଣ କରିଥିଲେ, ଯେଉଁଥିରେ ବିକାଶ ପାଇଁ ବାର୍ଷିକ ୪ ଟ୍ରିଲିୟନ ଡଲାର ଅର୍ଥନୈତିକ ବ୍ୟବଧାନକୁ ପୂରଣ କରିବା ଲକ୍ଷ୍ୟ ରଖାଯାଇଥିଲା। ବିକାଶଶୀଳ ରାଷ୍ଟ୍ରଗୁଡ଼ିକରେ ନିବେଶ ବଢ଼ାଇବା ଏବଂ ବିଶ୍ୱବ୍ୟାଙ୍କ ଏବଂ ଆଇଏମ୍‌ଏଫ୍ ଭଳି ଅନ୍ତର୍ଜାତୀୟ ଆର୍ଥିକ ପ୍ରତିଷ୍ଠାନଗୁଡ଼ିକର ସଂସ୍କାର ପାଇଁ ଆହ୍ୱାନ ଦିଆଯାଇଥିଲା। ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ ମଧ୍ୟ ୨ ଆର୍ଥିକ ପ୍ରତିଷ୍ଠାନରେ ବଡ଼ ଧରଣର ପରିବର୍ତ୍ତନ ପାଇଁ ବାରମ୍ବାର କହିଆସୁଛନ୍ତି। ଆଇଏମ୍‌ଏଫ୍ ଗରିବ ଦେଶ ବଦଳରେ ଧନୀ ଦେଶକୁ ଅଧିକ ଲାଭବାନ୍ କରାଉଥିବାବେଳେ ବିଶ୍ୱବ୍ୟାଙ୍କ ଏହାର ମିଶନରେ ବିଫଳ ହୋଇଥିବା ଗୁଟେରେସ୍ କହିଛନ୍ତି।



ମହାତ୍ମା ଜ୍ୟୋତିବା ଫୁଲେଙ୍କ ୨୦୦ତମ ଜୟନ୍ତୀରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ଲାଗି ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପାର୍ଲାମେଣ୍ଟ ପରିସରର ପ୍ରେରଣାସ୍ଥଳରେ ପହଞ୍ଚିଥିବାବେଳେ ସେଠାରେ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ସହ ସାମ୍ନାସାମ୍ନି ହେବାର ବିରଳ ଦୃଶ୍ୟ ତୁରନ୍ତ ସୋସିଆଲ ମିଡିଆ ଦୃଷ୍ଟି ଆକର୍ଷଣ କରିଥିଲା। ମୋଦି କାର୍‌ରୁ ବାହାରିବା ପରେ କିଛି ସମୟ ପାଇଁ ଅଟକି ରାହୁଲଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ କଥା ହେଉଥିବା ଦେଖାଯାଇଛି।

# ଧରିତ୍ରୀ DHARITRI

52 Years

ଭୁବନେଶ୍ୱର, ରବିବାର, ଏପ୍ରିଲ ୧୨/୨୦୨୬ | Bhubaneswar, Sunday, April 12/2026











ଇସ୍ରାଏଲ୍ ଓ ଲେବାନନ୍ ମଧ୍ୟରେ ହେବାକୁ ଥିବା ଆଲୋଚନାକୁ ବିରୋଧ କରି ବିରୁଟ୍‌ରେ ଜଣେ ହେଜ୍‌ବୋଲ୍ଲା ସମର୍ଥକ ମହିଳା ମୁଣ୍ଡ ଉପରେ ଜୋତା ରଖି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। (ଫଟୋ- ଗାର୍ଡିଆନ୍)

# ବାହାର ରତ୍ନଭଣ୍ଡାରରେ ୧୪୭ ପ୍ରକାର ଅଳଙ୍କାର

**■ ମିଳୁ ନାହିଁ ୨ଟି ଅଳଙ୍କାର: ଜଷ୍ଟିସ ରଥ**

**■ ସରିଲା ବାହାର ରତ୍ନଭଣ୍ଡାର ଗଣତି**

ପୁରୀ,୧୧।୪ (ଅଜିତ୍ କୁମାର ମହାନ୍ତି)

ପୁରୀ ଶ୍ରୀମନ୍ଦିର ବାହାର ରତ୍ନଭଣ୍ଡାର ଅଳଙ୍କାର ଗଣତି ଶନିବାର ଦ୍ୱିତୀୟ ପର୍ଯ୍ୟାୟର ୪ର୍ଥ ଦିନରେ ଶେଷହୋଇଛି । ୧୯୭୮ ମସିହା ତାଲିକା ଅନୁସାରେ ମେଳକ କରାଯାଇଥିଲା। ସେତେବେଳେ ୧୧୮ ପ୍ରକାର ଅଳଙ୍କାର ଥିବାବେଳେ ଏବେ ତାହା ୧୪୭ରେ ପହଞ୍ଚିଛି।

ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଏବଂ ରତ୍ନଭଣ୍ଡାର ଉଚ୍ଚସ୍ତରୀୟ କମିଟି ଅଧ୍ୟକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥଙ୍କ ନେତୃତ୍ୱରେ ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ପ୍ରତୀକ ସିଂ, ଅଧିକୃତ ବରିଷ୍ଠ ଅଧିକାରୀ, ଛତିଶା ନିଯୋଗ ନାୟକ, ରତ୍ନଭଣ୍ଡାର ସବ୍‌କମିଟି ସେବକ ସଦସ୍ୟ ଏବଂ ସମସ୍ତ ସହଯୋଗୀ ପୂର୍ବାହ୍ନ ୧୦ଟା ୩୫ରେ ଶ୍ରୀମନ୍ଦିର କାର୍ଯ୍ୟାଳୟରୁ ବାହାରି ୧୦ଟା ୪୧ରେ ଶ୍ରୀମନ୍ଦିରକୁ ପ୍ରବେଶ କରିଥିଲେ। ସମସ୍ତ ସଦସ୍ୟ ଶ୍ରୀମନ୍ଦିର ପାର୍ଶ୍ୱ ଦେବଦେବୀଙ୍କୁ ଦର୍ଶନକରି ବେହରଣ ଦ୍ୱାରଠାରେ ସ୍ଥାପିତ ମେଟାଲ ଡିଟେକ୍ଟର ଦ୍ୱାରା ଯାଞ୍ଚ ପରେ ସ୍ୱାକ୍ଷର ଦେଇ ଗଣତି ପ୍ରକ୍ରିୟାରେ ସାମିଲ ହୋଇଥିଲେ। ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ପୂର୍ବାହ୍ନ ୧୧ଟା ୩୦ରେ ରତ୍ନଭଣ୍ଡାର ଦ୍ୱାର ଖୋଲାଯାଇଥିଲା।

ରାଜ୍ୟ ସରକାରଙ୍କ ଅନୁମୋଦିତ ମାର୍ଗଦର୍ଶିକା ଆଧାରରେ କାର୍ଯ୍ୟପ୍ରଣାଳୀକୁ ନିଷ୍ଠାର ସହ ସମ୍ପାଦନକରି ବାହାର ରତ୍ନଭଣ୍ଡାରରେ ଗଚ୍ଛିତ ଅଳଙ୍କାରଗୁଡ଼ିକର ଗଣତି ପ୍ରକ୍ରିୟା ଶେଷ ହୋଇଥିଲା। ମାଜିଷ୍ଟ୍ରେଟ୍‌ଙ୍କ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ଏତେ ପ୍ରୀତି କାହିଁକି**

**ଆଜିର ମନ୍ତବ୍ୟ**

"କେବଳ ପୁଞ୍ଜି କିମ୍ବା ନୀତି ବଳରେ ଭାରତ ୧୦ ଟ୍ରିଲିୟନ ଡଲାର ଅର୍ଥନୀତି ଲକ୍ଷ୍ୟ ହାସଲ କରିପାରିବ ନାହିଁ।

-ସୂର୍ଯ୍ୟ କାନ୍ତ, ପ୍ରଧାନ ବିଚାରପତି






# ବଢ଼ିଚାଲିଛି ଅବଧି, ରିପୋର୍ଟ ନାହିଁ

ମହାନଦୀ ଜଳକୁ ନେଇ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଲାଗି ରହିଥିବା ଆନ୍ତଃ ରାଜ୍ୟ ବିବାଦର ସମାଧାନ ପାଇଁ ୨୦୧୮ ମାର୍ଚ୍ଚ ୧୨ରେ କେନ୍ଦ୍ର ସରକାର ଏକ ଟ୍ରିବ୍ୟୁନାଲ ଗଠନ କରିଥିଲେ। ତେବେ ଏହାର ୮ ବର୍ଷ ପରେ ମଧ ବିବାଦ ଛିଣ୍ଡି ନ ଥିବାରୁ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ (ଏମ୍‌ଡବ୍ଲ୍ୟୁଡିଟି) ଅବଧିକୁ ସରକାର ଆଉ ୯ ମାସ ଅର୍ଥାତ୍ ୨୦୨୭ ଜାନୁଆରୀ ୧୩ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଏନେଇ ଜଳ ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ଜାରି କରାଯିବା ପରେ ଓଡ଼ିଶାରେ ରାଜନୈତିକ ବୟାନବାଜି ଜୋର୍ ଧରିଛି। ଭାଜପା ଉଭୟ ଓଡ଼ିଶା-ଛତିଶଗଡ଼ ଏବଂ କେନ୍ଦ୍ରରେ କ୍ଷମତାସୀନ ଥାଇ ଏହି ଦୀର୍ଘ ବିବାଦର ସମାଧାନ କରି ନ ପାରିବା ଟ୍ରିପଲ ଇଞ୍ଜିନ୍ ସରକାରଙ୍କ ଦୁର୍ବଳତାକୁ ପଦାରେ ପକାଇଥିବା କହି ବିରୋଧୀ ବିଜେଡି ଓ କଂଗ୍ରେସ ସମାଲୋଚନା କରିଛନ୍ତି। ଅନ୍ୟପକ୍ଷେ ଉକ୍ତ ବିବାଦ ଏକ ନିର୍ଣ୍ଣାୟକ ପର୍ଯ୍ୟାୟରେ ପହଞ୍ଚିଛି ଏବଂ ଖୁବ୍‌ଶୀଘ୍ର ଏହାର ସମାଧାନ ହୋଇଯିବ ବୋଲି ଭାଜପା ପକ୍ଷରୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ, ଟ୍ରିବ୍ୟୁନାଲ ଗଠନ ହେବା ପରଠାରୁ ଅଦ୍ୟାବଧି ଏହାର ଅବଧି ୪ ଥର ବଢ଼ାଗଲାଣି। ୨୦୨୧ ମାର୍ଚ୍ଚ ୧୨ରେ ପ୍ରଥମେ ୨ ବର୍ଷ ପାଇଁ ଟ୍ରିବ୍ୟୁନାଲ କାର୍ଯ୍ୟକାଳ ବଢ଼ାଯାଇଥିବାବେଳେ ପରବର୍ତ୍ତୀ ସମୟରେ ୨୦୨୩ ଜୁନ୍, ତୃତୀୟ ଥର ପାଇଁ ଏହାର ଅବଧିକୁ ୨୦୨୪ ଏପ୍ରିଲ ୧୪ ଯାଏ ବୃଦ୍ଧି କରାଯାଇଥିଲା। ୨୦୨୬ ଏପ୍ରିଲ ୧୦ରେ ଟ୍ରିବ୍ୟୁନାଲ କାର୍ଯ୍ୟକାଳ ଶେଷ ହେବାକୁ ଥିବାବେଳେ ପୁନଶ୍ଚ ଏହାକୁ ୯ ମାସ ପାଇଁ ବଢ଼ାଯାଇଛି।

## ମହାନଦୀ ଜଳ ବିବାଦ

**■ ଟ୍ରିବ୍ୟୁନାଲ କାର୍ଯ୍ୟକାଳ ଆଉ ୯ ମାସ ବୃଦ୍ଧି**

**■ ୨୦ରେ ପରବର୍ତ୍ତୀ ଶୁଣାଣି**

**■ ୩ ମାସରେ ସମାଧାନ ନ ହେଲେ ଓଡ଼ିଶାର ୨୦ ଭାଜପା ଏମ୍‌ପିଙ୍କୁ ଘେରିବୁ: କଂଗ୍ରେସ**

**■ ଟ୍ରିପଲ ଇଞ୍ଜିନ ସରକାରଙ୍କ ସମାଧାନ ଇଚ୍ଛା ନାହିଁ: ବିଜେଡି**

**■ ଖୁବ୍‌ଶୀଘ୍ର ୨ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା: ଏଜି**

ଭୁବନେଶ୍ୱର, ୧୧।୪ (ସୁନିତ୍ ମିଶ୍ର)

ଓଡ଼ିଶା ଏବଂ ଛତିଶଗଡ଼ ମଧ୍ୟରେ ଲାଗି ରହିଥିବା ମହାନଦୀ ଜଳ ବିବାଦର ଶୁଣାଣି ଟ୍ରିବ୍ୟୁନାଲରେ ଜାରି ରହିଛି। ଟ୍ରିବ୍ୟୁନାଲର କାର୍ଯ୍ୟକାଳ ଆସନ୍ତା ୧୪ ତାରିଖରେ ଶେଷ ହେଉଥିଲା। ସେଥିଲାଗି ଟ୍ରିବ୍ୟୁନାଲ କାର୍ଯ୍ୟକାଳ ବୃଦ୍ଧିକରିବା ପାଇଁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯାଇଥିଲା। କେନ୍ଦ୍ର ସରକାରଙ୍କ ଜଳଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର ଟ୍ରିବ୍ୟୁନାଲ କାର୍ଯ୍ୟକାଳକୁ ୯ ମାସ ଯାଏ ଅର୍ଥାତ୍ ୨୦୨୭ ଜାନୁଆରୀ ୧୩ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିବା ନେଇ ଗେଜେଟ୍ ନୋଟିଫିକେଶନ ପ୍ରକାଶ ପାଇଛି। ମହାନଦୀ ପ୍ରସଙ୍ଗରେ କେନ୍ଦ୍ର ମଧ୍ୟସ୍ଥତାରେ ୨ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଖୁବ୍‌ଶୀଘ୍ର ଆଲୋଚନା ହେବ ବୋଲି ଓଡ଼ିଶାର ଆଡ୍‌ଭୋକେଟ ଜେନେରାଲ(ଏଜି) ପୀତାମ୍ବର ଆଚାର୍ଯ୍ୟ ସୂଚନା ଦେଇଛନ୍ତି। ମାତ୍ର ବିରୋଧୀ ବିଜେଡି ଏବଂ କଂଗ୍ରେସ ଟ୍ରିପଲ ଇଞ୍ଜିନ ସରକାରରେ ଏହି ବିବାଦର ସମାଧାନରେ କାହିଁକି ବିଳମ୍ବ ହେଉଛି ବୋଲି ପ୍ରଶ୍ନକରି ଶାସକ ଦଳକୁ ଟାର୍ଗେଟ କରିଛନ୍ତି। ☞ପୃଷ୍ଠା-୨

# ଚନ୍ଦ୍ର ଅଭିଯାନରୁ ଫେରିଲେ ୪ ମହାକାଶଚାରୀ

**ଚନ୍ଦ୍ରାବତରଣ ନାସାର ପରବର୍ତ୍ତୀ ଲକ୍ଷ୍ୟ**

ୱାଶିଂଟନ/ହ୍ୟୁଷ୍ଟନ୍,୧୧।୪

ଆମେରିକାର ନ୍ୟାଶନାଲ ଏରୋନଟିକ୍ସ ଆଣ୍ଡ ସ୍ପେସ୍ ଆଡମିନିଷ୍ଟ୍ରେଶନ (ନାସା)ର ଆର୍ଟେମିସ୍-୨ ମିଶନରେ ଯାଇଥିବା ୪ ମହାକାଶଚାରୀ ଐତିହାସିକ ଚନ୍ଦ୍ର ଅଭିଯାନ ପରେ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଇଷ୍ଟର୍ନ ଟାଇମ୍ ଶୁକ୍ରବାର ପୂର୍ବାହ୍ନ ୮ଟା ୭ ମିନିଟ୍ ସମୟରେ ସାନ୍ ଡିଏଗୋ ଉପକୂଳ ନିକଟରେ ଆର୍ଟେମିସ୍-୨ କ୍ୟାପ୍‌ସୁଲ୍



ସାନ୍ ଡିଏଗୋ ଉପକୂଳ ନିକଟ ସମୁଦ୍ରରେ ଆର୍ଟେମିସ୍-୨ କ୍ୟାପ୍‌ସୁଲ ଖସିବା ପରେ ମହାକାଶଚାରୀଙ୍କୁ ବୋଟ୍‌ରେ ନିଆଯାଉଛି।

ଖସିଥିଲା। ସଫଳ ଚନ୍ଦ୍ରାଭିଯାନ ପରେ ୪ ମହାକାଶଚାରୀଙ୍କ ପାଇଁ ଏହା ଏକ ବିଜୟପୂର୍ଣ୍ଣ ପ୍ରତ୍ୟାବର୍ତ୍ତନ ଥିଲା। ମହାକାଶ ଯାନ ପ୍ରଶାନ୍ତ ମହାସାଗରରେ ଖସିବା ସମୟରେ ଉପସ୍ଥିତ ଜନତା କରତାଳି ଦେଇ ଅଭିନନ୍ଦନ ଜଣାଇଥିଲେ। ୫୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ବ୍ୟବଧାନରେ ନାସା ପ୍ରଥମ ଥର ପାଇଁ ୪ ମହାକାଶଚାରୀଙ୍କୁ ଚନ୍ଦ୍ର ନିକଟକୁ ପଠାଇଥିଲା ଏବଂ ସେମାନେ ପୃଥିବୀଠାରୁ ସର୍ବାଧିକ ଦୂରତା ଅତିକ୍ରମ କରି ଇତିହାସ ରଚିଛନ୍ତି। ଚନ୍ଦ୍ରରେ ମାନବ ଅବତରଣ କରାଇବା ଲାଗି ନାସାର ପରବର୍ତ୍ତୀ ଲକ୍ଷ୍ୟ ରହିଛି।

ଚନ୍ଦ୍ର ନିକଟ ଦେଇ ମହାକାଶ ଅଭିଯାନରେ କମାଣ୍ଡର ରେଇଡ୍ ୱାଇଜ୍‌ମ୍ୟାନ୍, ପାଇଲଟ୍ ଭିକ୍ଟର ଗ୍ଲୋଭର, କ୍ରିଷ୍ଟିନା କୋଚ୍ ଏବଂ କାନାଡାର ☞ପୃଷ୍ଠା-୨




# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଶ୍ରୀ ବକ୍ରେଶ୍ୱର ଉଚ୍ଚ ବିଦ୍ୟାଳୟର ୧୯୬୪ ବ୍ୟାଚ ବନ୍ଧୁମିଳନ, ସ୍ଥାନ: ଭିଙ୍ଗାରପୁରସ୍ଥିତ ଶ୍ରୀ ବକ୍ରେଶର ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୧ଟା।
- କ୍ୟାଟରିଂ ଆସୋସିଶନ୍ ଅଫ୍ ଓଡ଼ିଶା ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଗ୍ରାଣ୍ଡ ଗ୍ୟାଲେକ୍ସି, କଳ୍ପନା ଛକ, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ବାଟ ମହାବୀରଙ୍କ ଜନ୍ମ ବାର୍ଷିକ ପାଳନ ଅବସରରେ ବିଶ୍ୱଶାନ୍ତି ମହାଯଜ୍ଞର ଅଙ୍କୁରାରୋପଣ ଓ ଯଜ୍ଞ ଶାଳା ସଂସ୍କାର, ସ୍ଥାନ: ହଂସପାଳ ଗ୍ରାମ ପୁରୁଣା ଜଗନ୍ନାଥ ସଡ଼କ ପାର୍ଶ୍ୱ ମନ୍ଦିର ପରିସର, ସମୟ: ଅପରାହ୍ନ ୫ ଟା।
- ଓଡ଼ିଆ ପକ୍ଷ ଅବସରରେ ଆୟୋଜିତ ନାଟକ 'ଜୀବନ୍ ତାକର ସ୍ୱାଧିନତା ଆମର'(ମାଧୋ ସିଂ), ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ଅପରାହ୍ନ ୫ଟା ୩୦।
- କେଦାରନାଥ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ପଣ୍ଡିତ ନୀଳମଣି ମିଶ୍ରଙ୍କ ଜୟନ୍ତୀ ପାଳନ, ସ୍ଥାନ: କେଦାରନାଥ ଗବେଷଣା ପ୍ରତିଷ୍ଠାନ ସଭାଗୃହ, ସମୟ: ସନ୍ଧ୍ୟା ୬ଟା ୩୦।
- ଶ୍ରୀ ନୀଳକଣ୍ଠେଶ୍ୱର ଦେବ ରାମଲୀଳା ପ୍ରଚାର ସମିତି ଆନୁକୂଲ୍ୟରେ ୪୭ତମ ବାର୍ଷିକ ରାମଲୀଳାର ରାମ ନାଟକ 'କୁମ୍ଭକର୍ଣ୍ଣ ବଧ ଓ ଇନ୍ଦ୍ରଜିତ ବଧ', ସ୍ଥାନ: ବାଲିଅନ୍ତା ବେଣୁପୁରସ୍ଥିତ ରାମଲୀଳା ପଡ଼ିଆ, ସମୟ: ରାତି ୧୧ ଟା।
- ବାର୍ଷିକ ଶ୍ରୀ ରାମ ନାଟକ 'ଲକ୍ଷ୍ମଣ ଶକ୍ତି ଭେଦ' ପରିବେଷଣ, ସ୍ଥାନ: ବାଲିଅନ୍ତା ବ୍ଲକର କାକରୁଦ୍ରପୁରସ୍ଥିତ ଶ୍ରୀ ପତିତପାବନ ଦେବ ମନ୍ଦିର ପରିସର, ସମୟ: ରାତି ୧୧ଟା।

## କଟକ

- ଶ୍ରୀମାଶ୍ରୀଅରବିନ୍ଦ ବାର୍ଷିକ ପାଠଚକ୍ର, ସ୍ଥାନ: ସୁଶୀଲ କୁମାର ସ୍ୱାଇଁଙ୍କ ବାସଭବନ, ଅରୁଣୋଦୟ ନଗର, ସମୟ: ସନ୍ଧ୍ୟା ୬ଟା ୩୦।
- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବାର୍ଷିକ ଓ ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ମାଣିଆବନ୍ଧ, ସମୟ: ସନ୍ଧ୍ୟା ୭ଟା।

## ପୁରୀ

- ୨୯ତମ ବାର୍ଷିକ ଶ୍ରୀରାମ ତାରକ ମହାଯଜ୍ଞ ଆରମ୍ଭ, କଳସ ଯାତ୍ରା, ସ୍ଥାନ: ବାଟ ମହାବୀର ମନ୍ଦିର, ସାକ୍ଷୀଗୋପାଳ ବ୍ଲକ ଛକ, ସମୟ: ପୂର୍ବାହ୍ନ ୧୦ଟା।
- ଗୁରୁକୁଳ ଉତ୍ସବ-୨୦୨୬ ଉଦ୍‌ଘାଟନ ସମାରୋହ, ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବଡ଼ହାଟ, ବୀରଗୋବିନ୍ଦପୁର, ସାକ୍ଷୀଗୋପାଳ, ସମୟ: ସନ୍ଧ୍ୟା ୭ଟା।
- ଅଲ ଇଣ୍ଡିଆ ଥିଏଟର କାଉନସିଲ୍‌ର ସାଧାରଣ ବୈଠକ, ସ୍ଥାନ: ସୂର୍ଯ୍ୟ ବିଚ୍ ଇନ୍, ସମୟ: ସନ୍ଧ୍ୟା ୬ଟା।
- ବ୍ୟାଡ୍‌ମିଣ୍ଟନ ପ୍ରିମିଅର୍ ଲିଗ୍, ସ୍ଥାନ: ଶ୍ରୀହରି ସ୍ପୋର୍ଟସ ଏରିନା, ସମୟ: ରାତି ୭ଟା।
- ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ବୈଠକ, ସ୍ଥାନ: ସଦାଶିବ କେନ୍ଦ୍ରୀୟ ବିଦ୍ୟାଳୟ, ସମୟ: ଅପରାହ୍ନ ୫ଟା।

## ଖୋର୍ଦ୍ଧା

- ଶ୍ରୀମହାବୀରଙ୍କ ୨୪ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଉଇଲକିଶନ ନଗର(ସାହେବ ନୂଆଗାଁ), ସମୟ: ପୂର୍ବାହ୍ନ ୧୦ଟା।
- କଂଗ୍ରେସ ପକ୍ଷରୁ ଶୋଭାଯାତ୍ରା, ସ୍ଥାନ: ବଡ଼ପୋଖରିଆ, ସମୟ: ଅପରାହ୍ନ ୩ଟା।

## ବାଲେଶ୍ୱର

- ବରପୁତ୍ର ମାନଙ୍କ ଉପରେ ଆଲୋଚନାଚକ୍ର, ସ୍ଥାନ: ଜିଲାପାଳଙ୍କ ଅଡିଟୋରିୟମ୍ ହଲ୍, ବାଲେଶ୍ୱର, ସମୟ : ସକାଳ ୯ଟା ୩୦।
- ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟରେ ଓଡ଼ିଶାର ବରପୁତ୍ର ମାନଙ୍କ ଉପରେ ଆଲୋଚନା, ସ୍ଥାନ: ସ୍ନାତକୋତ୍ତର ପରିଷଦ ସମ୍ମିଳନୀ କକ୍ଷ, ନୂଆପାଢ଼ୀ କ୍ୟାମ୍ପସ୍, ବାଲେଶ୍ୱର, ସମୟ:ପୂର୍ବାହ୍ନ ୧୦ଟା।
- ମହିଳା ସଂରକ୍ଷଣ ବିଷୟରେ ବକ୍ତୃତା ପ୍ରତିଯୋଗିତା, ସ୍ଥାନ:ସ୍ନାତକୋତ୍ତର ପରିଷଦ ସମ୍ମିଳନୀ କକ୍ଷ, ନୂଆପାଢ଼ୀ କ୍ୟାମ୍ପସ୍, ବାଲେଶ୍ୱର, ସମୟ: ମଧ୍ୟାହ୍ନ ୧୨ଟା।
- ବସନ୍ତ ଉତ୍ସବ ରୌପ୍ୟଜୟନ୍ତୀ ସମାରୋହ ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: କାଦରାବାଦ, ସୁନହଟ, ବାଲେଶ୍ୱର, ସମୟ:ସନ୍ଧ୍ୟା ୭ଟା।
- ବାଲେଶ୍ୱର ବୈଶାଖି ମହୋତ୍ସବର ତୃତୀୟ ସନ୍ଧ୍ୟା, ସ୍ଥାନ : ଆଇଟିଆଇ ପଡ଼ିଆ, ବାଲେଶ୍ୱର, ସମୟ : ସନ୍ଧ୍ୟା ୭ଟା।
- ଈଶାଣୀ ବୈଶାଖି ମହୋତ୍ସବର ତୃତୀୟ ସନ୍ଧ୍ୟା, ସ୍ଥାନ: ଈଶାଣୀ ମିନି ଷ୍ଟାଡିୟମ୍, ବାଲେଶ୍ୱର, ସମୟ : ସନ୍ଧ୍ୟା ୭ଟା।
- ରାମଚରିତ ମାନସ ପ୍ରବଚନ ସଭା, ସ୍ଥାନ : ସତ୍‌ସଙ୍ଗ କେନ୍ଦ୍ର, ସୁନହଟ, ବାଲେଶ୍ୱର, ସମୟ : ସନ୍ଧ୍ୟା ୭ଟା।

## ଭଦ୍ରକ

- ଓଡ଼ିଆ ପକ୍ଷ ପାଳନ ଅବସରରେ ବରପୁତ୍ରମାନଙ୍କ ଉପରେ ଆଲୋଚନା, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ମନ୍ଦିର ପ୍ରତିଷ୍ଠା ଦିବସ, ସ୍ଥାନ: ତେନ୍ତୁଲିଆ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ବାର୍ଷିକ ସାରସ୍ୱତ ସମାରୋହ, ସ୍ଥାନ: ଗୁଆଗଡ଼ିଆ ପଞ୍ଚାୟତ କାର୍ଯ୍ୟାଳୟ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ଲୋକସଭାସ୍ତରୀୟ ନାରୀଶକ୍ତି ବନ୍ଦନ ପଦଯାତ୍ରା, ସ୍ଥାନ: ମହତାବ ଛକରୁ ଟାଉନ ହଲ୍ ଛକ, ଭଦ୍ରକ, ସମୟ: ଅପରାହ୍ନ ୪ଟା।
- ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଉଦ୍‌ଯାପନୀ, ସ୍ଥାନ: ଜଳହରି, ଭଣ୍ଡାରିପୋଖରୀ, ସମୟ: ଅପରାହ୍ନ ୫ଟା।

## କେନ୍ଦୁଝର

- ମଧୁସୂଦନ ଜୟନ୍ତୀ ପାଳନ ପ୍ରସ୍ତୁତି ବୈଠକ,ସ୍ଥାନ: ଜେଏମଏଫସି କୋର୍ଟ ବାର ହଲ, ବଡବିଲନ୍, ସମୟ: ଅପରାହ୍ନ ୧୨ଟା ୩୦
- ମୁଖ୍ୟମନ୍ତ୍ରୀଙ୍କ ଆନନ୍ଦପୁର ଉପଖଣ୍ଡର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦାନ, ସ୍ଥାନ:ଆନନ୍ଦପୁର,ଘସିପୁରା, ସମୟ :ଅପରାହ୍ନ ୩ଟା ୪୫ ଏବଂ ସନ୍ଧ୍ୟା ୬ଟା ୨୫।
- ଅହୋରାତ୍ର ସତ୍ୟ ନାରାୟଣଙ୍କ ପାଲା ଉତ୍ସବ, ସ୍ଥାନ:ଏଲକଣିଆଁ, ହାଟଡିହୀ, ସମୟ :ରାତି ୯ଟା।

## ମୟୂରଭଞ୍ଜ

- ମା ବୁଢ଼ୀ ଠାକୁରାଣୀଙ୍କ ପୂଜା ଉତ୍ସବ, ସ୍ଥାନ: ଚିତ୍ରଡ଼ା ବସଷ୍ଟାଣ୍ଡ, ମୋରଡା, ସମୟ:ସକାଳ ୭ଟା।
- ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦ୍‌ଯାପନୀ, ସ୍ଥାନ: ପଶୁଦା ସରକାରୀ ଉଚ୍ଚ ବିଦ୍ୟାଳୟ, ଗୋପବନ୍ଧୁ ନଗର, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରଣାମ ଚିତ୍ରଡାର ବୈଠକ, ସ୍ଥାନ: ଚିତ୍ରଡା ଶୀର୍ଷାପାଳ ଛକ, ମୋରଡା, ସମୟ: ପୂର୍ବାହ୍ନ ୧୧ଟା।
- ଚୈତ୍ରପର୍ବ ଓ ପଲ୍ଲିଶ୍ରୀ ମେଳା, ସ୍ଥାନ: ଛଉ ପଡିଆ ବାରିପଦା, ସମୟ: ସନ୍ଧ୍ୟା ୭ଟା।
- ଯଶୀପୁର ଶିମିଳିପାଳର ଖଇରୀ ମହୋତ୍ସବର ଉଦ୍‌ଯାପନୀ, ସ୍ଥାନ: ମାହାର୍ଦ୍ଦାପଲସା ମିନି ଷ୍ଟାଡିୟମ ଯଶୀପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

## ବ୍ରହ୍ମପୁର

- ଭାଜପାର ପ୍ରଶିକ୍ଷଣ ଶିବିର, ସ୍ଥାନ: ଗୋସାଇଁ ନୂଆଗାଁ ସରସ୍ୱତୀ ଶିଶୁ ମନ୍ଦିର, ସମୟ: ସକାଳ ୯ଟା।
- ସଂସ୍କାରବାଦୀ ଓ ଓଡ଼ିଆ ଭାଷା ଆନ୍ଦୋଳନର ଧାରଣା, ସ୍ଥାନ: ବ୍ରହ୍ମପୁର ରେଳ ଷ୍ଟେଶନ, ସମୟ: ସକାଳ ୯ଟା ୩୦।
- ବିଷୁବ ସାହିତ୍ୟ ଆସର, ସ୍ଥାନ: ଶ୍ରୀରାମ ମନ୍ଦିର ସମ୍ମିଳନୀ କକ୍ଷ, ଗୋଇଲୁଣ୍ଡି, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଭଞ୍ଜ ସାହିତ୍ୟ ଏକାଡେମୀର ସାହିତ୍ୟ ଆସର, ସ୍ଥାନ: ଉତ୍କଳ ଆଶ୍ରମ, ସମୟ: ଅପରାହ୍ନ ୪ଟା।
- ସିଲ୍କସିଟି ମହୋତ୍ସବ, ସ୍ଥାନ: ଖଲ୍ଲିକୋଟ କଲେଜ ପଡ଼ିଆ, ସମୟ: ଅପରାହ୍ନ ୪ଟା ୩୦।

## ଗଞ୍ଜାମ

- ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ଶିବିର, ସ୍ଥାନ: ବୁଗୁଡ଼ା ବ୍ଲକ ଗୋଳାବନ୍ଧ ପଞ୍ଚାୟତ କାର୍ଯ୍ୟାଳୟ,ସମୟ: ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ

- ଢେଙ୍କାନାଳ ବରପୁତ୍ରମାନଙ୍କ ସମ୍ପର୍କରେ ଆଲୋଚନା, ସ୍ଥାନ: ବହିମେଳା ପରିସର, ମିନି ଷ୍ଟାଡିୟମ, ସମୟ: ସନ୍ଧ୍ୟା ୭ଟା।

## ଅନୁଗୋଳ

- ଅନୁଗୋଳ ଜିଲା ମହୋତ୍ସବ ପାଇଁ ମଶାଲରେ ଅଗ୍ନି ସଂଯୋଗ, ସ୍ଥାନ: ଆଠମଲ୍ଲିକସ୍ଥିତ ଦେଉଳଝରି ଶୈବପୀଠ, ସମୟ: ସକାଳ ୬ଟା।
- ଅନୁଗୋଳ ଜିଲା ମହୋତ୍ସବ ପାଇଁ ମଶାଲ ଶୋଭାଯାତ୍ରା, ସ୍ଥାନ: ପାତ୍ରପଡ଼ା ମା' ବାୟାଣୀ ପୀଠ, ଛେଣ୍ଡିପଦା, ସମୟ: ସକାଳ ୬ଟା।
- ମଶାଲକୁ ନେଇ ସ୍ୱତନ୍ତ୍ର ପୂଜା, ସ୍ଥାନ: ଆଠମଲ୍ଲିକ ମା' ମାହେଶ୍ୱରୀ ମନ୍ଦିର, ସମୟ: ସକାଳ ୮ଟା।
- ଓଡ଼ିଆ ପକ୍ଷ ପାଳନ, ସ୍ଥାନ: ଜିଲା ପାଠାଗାର, ସମୟ: ପୂର୍ବାହ୍ନ ୧୦ଟା।

## ଜଗତ୍‌ସିଂହପୁର

- ବରିଷ୍ଠ ନାଗରିକ ସଙ୍ଘର ବାର୍ଷିକ ଉତ୍ସବ, ସ୍ଥାନ: ପରୁଡି ଶିଶୁମନ୍ଦିର ପରିସର, ତିର୍ତ୍ତୋଲ, ସମୟ: ପୂର୍ବାହ୍ନ ୧୧ଟା।
- ଦିବଙ୍ଗତ କଥାକାର ସଦାଶିବ ତ୍ରିପାଠୀଙ୍କ ଉଦ୍ଦେଶ୍ୟରେ ମୈନାକ ସାହିତ୍ୟ ସଂସଦ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ସାକ୍ଷରତା ସମିତି ପରିସର, ମଧୁବନ, ପାରାଦୀପ, ସମୟ: ଅପରାହ୍ନ ୪ଟା।

## କେନ୍ଦ୍ରାପଡ଼ା

- ଜିଲା ପ୍ରଶାସନ ପକ୍ଷରୁ ମୁଖ୍ୟମନ୍ତ୍ରୀ ଟ୍ରଫି କ୍ରୀଡା ପ୍ରତିଯୋଗିତା, ସ୍ଥାନ: କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳ ପଡିଆ, ତିନିମୁହାଣୀ, କେନ୍ଦ୍ରାପଡା ସହର, ସମୟ: ସକାଳ ୮ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ:ପଞ୍ଚମୁଖୀ ଶ୍ରୀ ହନୁମାନ ପୀଠ, ହରିଦାସପୁର, ଗରଦପୁର, ସମୟ: ସକାଳ ୮ଟା।
- କଳି କଳୁଷନାସନ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: କୁଞ୍ଜବଟ ମହାପୁରୁଷ ପୀଠ, ଜଗଦଲପୁର, ଗରଦପୁର, ସମୟ: ସକାଳ ୮ଟା।
- ପାଟକୁରା ନିର୍ବାଚନମଣ୍ଡଳୀ ଗରଦପୁର ବ୍ଲକ ଅଞ୍ଚଳର ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ସମର୍ଥକମାନେ ବିଜେଡିରୁ ସମୂହ ଇସ୍ତଫା କାର୍ଯ୍ୟକ୍ରମ, ସ୍ଥାନ:ଲକ୍ଷ୍ମୀ ମଣ୍ଡପ, କଳାବୋଦା, ଗରଦପୁର, ସମୟ: ପୂର୍ବାହ୍ନ ୧୧ଟା।
- କେନ୍ଦ୍ରାପଡା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ପାଇଁ ପରିବେଶ ଶୀର୍ଷକ ଆଲୋଚନା ଚକ୍ର, ସ୍ଥାନ:ମହାକାଳୀ ମଣ୍ଡପ, ରଥଦାଣ୍ଡ, ଇଚ୍ଛାପୁର, କେନ୍ଦ୍ରାପଡା ସହର, ସମୟ: ପୂର୍ବାହ୍ନ ୧୧ଟା।

## ଯାଜପୁର

- ଶ୍ରୀ ହନୁମାନ ଜୟନ୍ତୀ ଶୋଭାଯାତ୍ରା ଓ ହିନ୍ଦୁ ସମ୍ମିଳନୀ, ସ୍ଥାନ: ବ୍ୟାସନଗର ରାଇସ୍ ମିଲ ଦୁର୍ଗାମଣ୍ଡପ, ସମୟ: ଅପରାହ୍ନ ୩ଟା।

## ନୟାଗଡ଼

- ନୀଳମାଧବଙ୍କ ଚନ୍ଦନ ଲାଗି ବେଶର ୪୦ ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ପ୍ରାତଃ ୫ଟା।
- ପଞ୍ଚକୁଣ୍ଡିୟ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ:ଖଣ୍ଡପଡା ଗିରି ହନୁମାନ ପୀଠ, ସମୟ: ସକାଳ ୭ଟା ୩୦।
- ୧୯ ବର୍ଷରୁ କମ୍ କ୍ରିକେଟ ଟୁର୍ନାମେଣ୍ଟ ଫାଇନାଲ ମ୍ୟାଚରେ ଢ଼ୋଲମରା ବନାମ ଘଣାଶାଳିଆ, ସ୍ଥାନ: ଖଣ୍ଡପଡା ବ୍ଲକ ସିଦ୍ଧାମୂଳା ସ୍କୁଲ ପଡିଆ, ସମୟ:ପୂର୍ବାହ୍ନ ୧୧ଟା।
- ଛପନ ପାଟ ଦଣ୍ଡ ମେଳନ, ସ୍ଥାନ:ଖଣ୍ଡପଡା ବ୍ଲକ ସିଦ୍ଧାମୂଳା, ସମୟ: ପୂର୍ବାହ୍ନ ୧୧ଟା।

## ନବରଙ୍ଗପୁର

- ବନ୍ଦନୀୟ ବରପୁତ୍ର, ସ୍ଥାନ : ନବରଙ୍ଗପୁର, ସମୟ: ପୂର୍ବାହ୍ନ ୧୦ଟା
- ବିଭିନ୍ନ ପ୍ରକଳ୍ପର ଭୂମିପୂଜନ, ଭୋଗ ମଣ୍ଡପ, ଫରେଷ୍ଟ ପାର୍କ, ସ୍ଥାନ: ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ ଓ ପେଣ୍ଡରାଣୀ ମନ୍ଦିର, ଉମରକୋଟ, ସମୟ: ପୂର୍ବାହ୍ନ ୧୧ ଟା।

## କୋରାପୁଟ

- ଅବସରପ୍ରାପ୍ତ କର୍ମଚାରୀଙ୍କୁ ପରିଚୟ ପ୍ରଦାନ, ସ୍ଥାନ: କାକିରିଗୁମ୍ମା ଥାନା, ଲକ୍ଷ୍ମୀପୁର, ସମୟ : ପୂର୍ବାହ୍ନ ୧୦ଟା।

## ସମ୍ବଲପୁର

- ମା' ବୁଢ଼ୀ ସମଲେଇଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବର ସିଂହାସନ ପ୍ରତିଷ୍ଠା, କଳସ ସ୍ଥାପନ ଓ ମନ୍ଦିର ପ୍ରବେଶ ନୀତି, ସ୍ଥାନ : ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଚାଉଁରପୁର ଗ୍ରାମ, ସମୟ : ସକାଳ ୬ଟା ୩୦।
- ରାଷ୍ଟ୍ର ଗଠନରେ ଯୁବ ପ୍ରସ୍ତୁତି କାର୍ଯ୍ୟକ୍ରମର ଶୁଭାରମ୍ଭ, ସ୍ଥାନ: ସମ୍ବଲପୁର ସାର୍ବଜନୀନ ଗ୍ରନ୍ଥାଗାର ପ୍ରେକ୍ଷାଳୟ, ସମୟ : ସକାଳ ୯ଟା।

## ବଲାଙ୍ଗୀର

- ଯୋଗ ଓ ଥେରାପି ଶିବିର, ସ୍ଥାନ: ଆର୍ଯ୍ୟ ମଣ୍ଡପ, ବଲାଙ୍ଗୀର, ସମୟ: ସକାଳ ୫ଟା।
- ଓଡିଆ ପକ୍ଷ ପାଳନ ଅବସରରେ ଆଲୋଚନାଚକ୍ର, ସ୍ଥାନ: ସଂସ୍କୃତି ଭବନ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ୩୦।

## ରାଉରକେଲା

- ସିଏମ୍ ଟ୍ରଫି ଫୁଟ୍‌ବଲ ଟୁର୍ନାମେଣ୍ଟର ୩ୟ ଦିବସ, ସ୍ଥାନ: ବିର୍ସା ମୁଣ୍ଡା ଆଥ୍‌ଲେଟିକ୍ ଷ୍ଟାଡ଼ିୟମ୍, ସମୟ: ସକାଳ ୭ଟା।
- ଗାଙ୍ଗପୁର ମଜଦୁର ମଞ୍ଚର ବାର୍ଷିକ ସମାବେଶ, ସ୍ଥାନ: ସେକ୍ଟର-୮, ସମୟ: ପୂର୍ବାହ୍ନ ୧୦ଟା।

## ବରଗଡ଼

- ଜିଲା ବରିଷ୍ଠ ନାଗରିକ ସଂଘର ମାସିକ କାର୍ଯ୍ୟକାରିଣୀ ବୈଠକ, ସ୍ଥାନ: ଜିଲା ବରିଷ୍ଠ ନାଗରିକ ସଂଘ, ବରଗଡ଼,ସମୟ:ପୂର୍ବାହ୍ନ ୧୧ଟା।

## ବୌଦ୍ଧ

- ବୌଦ୍ଧ ଗଡ଼ଜାତର ପବିତ୍ର ଗଣପର୍ବ ଶ୍ରୀରାମ ଲୀଳା ଯାତ୍ରାର ସତର ତମ ଦିବସ, ସ୍ଥାନ:ଶ୍ରୀ ରଘୁନାଥ ଜିଉ ମନ୍ଦିର ମାରୁତି ମଣ୍ଡପ ବୌଦ୍ଧ, ସମୟ:ରାତ୍ର ୯ଟା।

## ଦେବଗଡ଼

- ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବାର୍ଷିକ ଉତ୍ସବ, ସ୍ଥାନ: ପୁରୁଣାଗଡ଼ ନାଗେଶ୍ୱର ବାବା ମନ୍ଦିର, ସମୟ: ଅପରାହ୍ନ ୫ଟା ୪୫।

## ସୁବର୍ଣ୍ଣପୁର

- ଓଡ଼ିଆ ପକ୍ଷ ପାଳନ ଅବସରରେ ଓଡ଼ିଶାର ବରପୁତ୍ରମାନଙ୍କ ଉପରେ ଆଲୋଚନା ଚକ୍ର ତଥା କବିତା ପାଠୋତ୍ସବ, ସ୍ଥାନ: ସୁବର୍ଣ୍ଣପୁର ଜିଲା ଗ୍ରନ୍ଥାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା

- ଓଡ଼ିଆ ପକ୍ଷ ପାଳନ ଉପଲକ୍ଷେ କବିତା ପାଠୋତ୍ସବ, ସ୍ଥାନ: ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଝାରସୁଗୁଡ଼ା

- ସିଏମ୍ ଫୁଟ୍‌ବଲ୍ ଟୁର୍ନାମେଣ୍ଟ, ସ୍ଥାନ: ଓଏସ୍‌ଏପି ମିନି ଷ୍ଟାଡିୟମ, ସମୟ: ସକାଳ ୮ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଚନ୍ଦ୍ର ସ୍ୱନକ୍ଷତ୍ରସ୍ଥ ଯୋଗୁ କର୍ମମୁଖର ରହିବେ ଏବଂ ପାରିବାରିକ କ୍ଷେତ୍ର ସରସ ସୁନ୍ଦର ରହିବ। ଆନୁଷ୍ଠାନିକ କାମରେ, ସଭାସମିତିରେ, ସତ୍‌ସଙ୍ଗର ସାନ୍ନିଧ୍ୟ ଲାଭରେ, ଆଲୋଚନା ପରିବେଶରେ, ଖୁସି ରହିପାରନ୍ତି। ବନ୍ଧୁବାନ୍ଧବଙ୍କୁ ଧାରକରଜ ଦେବାକୁ କେନ୍ଦ୍ର କରି କଳହର ଆଶଙ୍କା ମଧ ରହିଛି। ସନ୍ତାନହେତୁକ ଚିନ୍ତା ଦୂର ହେବ।

**ବୃଷ** ଦେବଗୁରୁ ପୁନର୍ବସୁ ନକ୍ଷତ୍ରରେ ଅବସ୍ଥାନ କରିଥିବାରୁ ଯୋଜନାରମ୍ଭରେ ଆନୁଷଙ୍ଗିକ ସାହାଯ୍ୟ, ସହଯୋଗର ଅଭାବ ରହିବ ନାହିଁ। ଅଯାଚିତ ଭାବରେ ପଡ଼ୋଶୀଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। କାରିଗରି, ଶିଳ୍ପ, ବାଣିଜ୍ୟ ତଥା ସାହିତ୍ୟ ଓ ସଙ୍ଗୀତ ପ୍ରତିଯୋଗିତାରେ ସୁନାମ ଅର୍ଜନ କରିପାରନ୍ତି।

**ମିଥୁନ** ଆଜିର ଅନୁକୂଳ ଗ୍ରହସ୍ଥିତି ଯୋଗୁ କାମ ଅଧୁରା ରହିବ ନାହିଁ। ନୂତନ ବନ୍ଧୁ ସମ୍ପର୍କ ଯୋଡ଼ିବା ପାଇଁ ଖୋରାକ ପାଇବେ। ସ୍ଥଗିତ କାମକୁ ପୂରା ଦମରେ କରିବା ପାଇଁ ନିଷ୍ପତ୍ତି ନେବେ ଓ ତାହା କାର୍ଯ୍ୟକାରୀ ହେବ। କିନ୍ତୁ ଆର୍ଦ୍ରା ନକ୍ଷତ୍ର ସକାଶେ ଗତକାଲିର କୌଣସି ଘଟଣା ସକାଶେ ଅସୁବିଧା ନ ହେଲେ ମଧ୍ୟ ଆଶଙ୍କାଜନିତ ମନ ଅସ୍ଥିର ରହିପାରେ।

**କର୍କଟ** ଦ୍ୱାଦଶସ୍ଥ ବୃହସ୍ପତି କର୍ମକ୍ଷେତ୍ରରେ ସ୍ଥାନାନ୍ତର ଜନିତ ଦୁଶ୍ଚିନ୍ତାକୁ ବୃଦ୍ଧି କରିପାରନ୍ତି। ଆଜିର ଚନ୍ଦ୍ର ଆପଣଙ୍କୁ କୌଣସି ସ୍ଥାନରେ ସ୍ଥିର ଭାବରେ ରଖାଇ ଦେବେନାହିଁ। ଯେଉଁ ଆଶା ନେଇ ଅନ୍ୟ ପାଇଁ କିଛି କାମ କରିବେ, ପ୍ରତିବଦଳରେ କିଛି ପାଇବା କଷ୍ଟକର ହୋଇପାରେ। ତଥାପି କର୍ମକ୍ଷେତ୍ରରେ କୌଣସି ଶୁଭ ଖବର ମନକୁ ଆମୋଦିତ କରିବ।

**ସିଂହ** ରେବତୀ ନକ୍ଷତ୍ରସ୍ଥ ରବି ଆପଣଙ୍କର ଉଦ୍ୟମକୁ ଚରିତାର୍ଥ କରାଇବାରେ ସହାୟକ ହେବେ। ତୃତୀୟାଧିପଙ୍କ ଶୁଭଦୃଷ୍ଟି ଆପଣଙ୍କୁ ଭାଇ ଭଉଣୀଙ୍କ ସ୍ନେହ, ସୌହାର୍ଦ୍ଦ୍ୟ ଆତ୍ମୀୟ ବ୍ୟକ୍ତିମାନେ ଅସହିଷ୍ଣୁ ମନୋଭାବ ନେଇ ସମାଲୋଚନା କରିପାରନ୍ତି। ଆଜିର ଯାତ୍ରା, କର୍ମାରମ୍ଭ, ଶିଳ୍ପ, ବାଣିଜ୍ୟ ପରିବହନ ସକାଶେ ଦିନଟି ମନ୍ଦ ନୁହେଁ।

**କନ୍ୟା** ଅଷ୍ଟମସ୍ଥ ଶୁକ୍ରଙ୍କ ଯୋଗୁ ଆଜି ଯାହା ପାଇବା ସକାଶେ ଆଶା ରଖିଛନ୍ତି, ତାହା ଅବଶ୍ୟ ପାଇପାରିବେ। ପରିବାରରେ ବିତର୍କ କିମ୍ବା ପିଲାଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିବ। ପ୍ରଶାସନ, ଅର୍ଥ ସମ୍ପର୍କ, ପାରିବାରିକ ସ୍ଥିତି ଓ କର୍ମକ୍ଷେତ୍ର ହସ୍ତା ନକ୍ଷତ୍ର ସକାଶେ ସନ୍ତୋଷଜନକ ରହିପାରେ।

**ତୁଳା** ଆଜି ଚନ୍ଦ୍ରଙ୍କ ସହ ବୃହସ୍ପତିଙ୍କ ଷଡ଼ାଷ୍ଟକ ସ୍ଥିତି କର୍ମଭାବର ଅଶୁଭତ୍ୱ କାରଣରୁ ଅଫିସ୍ ଭିତରେ ସାଧାରଣ କଥାକୁ ନେଇ ତର୍କବିତର୍କ ଲାଗିପାରେ। ବ୍ୟବସାୟରେ ମନର ବଳ ଖୁବ୍ ଟାଣ ରହିବ ଏବଂ ଲାଭବାନ୍ ମଧ ହେବେ। କର୍ମକ୍ଷେତ୍ର ଓ ଆନୁଷ୍ଠାନିକ କାମରେ ଦ୍ରୁତ ଉନ୍ନତି ପରିଲକ୍ଷିତ ହେବ।

**ବିଛା** ଆଜିର ଗ୍ରହସ୍ଥିତି ଅନୁକୂଳ ନ ଥିବାରୁ ଭାବିଚିନ୍ତି କହିବା ଓ କରିବା ଦିଗରେ ସତର୍କତା ଅବଲମ୍ବନ କରିବା ଭଲ। ଆଖିନଦେଖା କିମ୍ବା କାନରେ ଶୁଣିନଥିବା କଥାକୁ ବିଶ୍ୱାସ କଲେ କ୍ଷତିରେ ପଡ଼ିବେ। ନିଜର ସାହାଯ୍ୟକାରୀ ମନୋବୃତ୍ତି କାରଣରୁ କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସହାୟତା ପାଇବେ ଏବଂ ଏକ ପ୍ରକାର ଆଶ୍ୱସ୍ତି ଲାଭ କରିପାରନ୍ତି।

**ଧନୁ** ମୁଖଭାବରେ ଚନ୍ଦ୍ର ଯୋଗୁ ମନର ଦୁଃଖକୁ ମନ ଭିତରେ ରଖି ସାମାଜିକ ସ୍ତରରେ ହସିଲେ କଥା କହିବେ। ଅବଶ୍ୟ ଲୋକସମ୍ପର୍କ ଭଲ ରହିଥିବାରୁ କର୍ମକ୍ଷେତ୍ର, ପାରିବାରିକ କ୍ଷେତ୍ରରେ କୌଣସି ସମସ୍ୟା ରହିବ ନାହିଁ। ନିକଟସ୍ଥ ବନ୍ଧୁଙ୍କ ସଦ୍ଭାବ ଓ ସହକର୍ମୀମାନଙ୍କ ସହଯୋଗ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ।

**ମକର** ନିଜ ଲୋକମାନଙ୍କ ମୁହଁ ସାମ୍ନାରେ ଗୋଟିଏ ପ୍ରକାର କଥା ଏବଂ ପଛରେ ଏକ ଭିନ୍ନ କଥା ଶୁଣି ବ୍ୟସ୍ତତା ପ୍ରକାଶ କରିବେ। ଆଜିର କର୍ମକ୍ଷେତ୍ର, ଆନୁଷ୍ଠାନିକ କାମ ସାଙ୍ଗକୁ ଦୂରଯାତ୍ରା ବ୍ୟୟବହୁଳ ହୋଇପାରେ। ବନ୍ଧୁଙ୍କ ପରାମର୍ଶକୁ ଗ୍ରହଣ କରି ବେଳକାଳ ଉଣ୍ଡି ଠିକଣା ସମୟରେ ଉଚିତ ପଦକ୍ଷେପ ନେବାକୁ ଭୁଲନ୍ତୁ ନାହିଁ।

**କୁମ୍ଭ** ଭାଗ୍ୟସ୍ଥାନକୁ ଶୁକ୍ରଙ୍କ ଦୃଷ୍ଟି କାରଣରୁ ଆଜି ପରିବାରରୁ ପୂର୍ଣ୍ଣ ସହଯୋଗ ପାଇ କାମ ହାସଲ କରିବେ। ବନ୍ଧୁଙ୍କ କାର୍ଯ୍ୟକଳାପକୁ ନେଇ ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇପାରେ। ସ୍ୱାସ୍ଥ୍ୟରେ ଦ୍ରୁତ ଉନ୍ନତି ପରିଲକ୍ଷିତ ହେବାରୁ ଆଶ୍ୱସ୍ତି ଲଭିବେ। ସକାଳୁ ସକାଳୁ ସମ୍ପର୍କୀୟ ଜଣେ ବନ୍ଧୁ ଆଜି ଆର୍ଥିକ ସାହାଯ୍ୟର ପ୍ରତିଶ୍ରୁତି ଦେଇପାରନ୍ତି।

**ମୀନ** ରାଜଯୋଗ ପ୍ରଭାବରେ ପ୍ରତିକୂଳତା ଦୂରେଇଯିବା ସହ ଆଶା ଓ ଅଭିଳାଷ ପୂରଣ ପାଇଁ ଆବଶ୍ୟକ ସହଯୋଗ ଅବଶ୍ୟ ମିଳିବ। ଆଜିର ପ୍ରତ୍ୟୁଷ ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ରୁହନ୍ତୁ, ଅନ୍ୟଥା ଚିନ୍ତା କରିବାକୁ ପଡ଼ିପାରେ। ଦୀର୍ଘଦିନର ସୁପରିକଳ୍ପିତ ଯୋଜନା ମୁତାବକ କାର୍ଯ୍ୟରେ ସଫଳତା ପାଇବେ।

ଆଜି ଏପ୍ରିଲ ୧୨ ତାରିଖ, ବୈଶାଖ କୃଷ୍ଣ ଦଶମୀ ରବିବାର। ରାଶିନକ୍ଷତ୍ର-ଶ୍ରବଣା/ମକର, ଅପରାହ୍ନ ଘ.୦୩।୧୩ମି. ଗତେ, ଧନିଷ୍ଠା ନକ୍ଷତ୍ର, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବ୍ରତୋପନୟନ, ବିଦ୍ୟାରମ୍ଭ, କର୍ଣ୍ଣବେଧ, ହଳପ୍ରବାହ, ବୀଜବପନ, ଚୂଡ଼ାକରଣ ପାଇଁ ଶୁଭଦିନ। ସକାଳ ଘ.୦୫।୩୫ ଗତେ ଘ.୦୯।୪୩ ମଧ୍ୟେ, ଘ.୦୧।୨୦ ଗତେ ଘ.୦୧।୫୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୨୭ ଗତେ ଘ.୦୬।୦୦ ମଧ୍ୟେ ରାହୁ କାଳ।

# ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଝିଅ ପୋଇଲୀ,
ଆମ୍ବଟାକୁଆରେ ଥାଏ କୋଇଲି।**

ଆଗ କାଳରେ ଝିଅ ବୋହୂମାନେ ଘରୁ ବାହାରକୁ ଯିବା ନିମନ୍ତେ ନାନା ପ୍ରକାରର ପ୍ରତିବନ୍ଧକ କଟକଣାର ସମ୍ମୁଖୀନ ହେଉଥିଲେ। ଆମ୍ବଟାକୁଆ ଭିତରେ ଯେମିତି କୋଇଲି ରହିଥାଏ, ସେମାନେ ସେମିତି ଘରର ଚାରିକାନ୍ଥ ମଧ୍ୟରେ ଆବଦ୍ଧ ରହୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଝୁମୁକି କଠଉ ମଡା
ଝିପି ଝିପି ଯେଉଁ ମେଘ ବରଷା
ତହିଁ କି ଖାରିଆ ଖଡ଼ା।**

ଝିପି ଝିପି ବରଷା ସହଜେ କମି ନ ଥାଏ। ବର୍ଷା ଦିନେ ଯାତାୟାତ ପାଇଁ ଅସୁବିଧା ହେବା ସହ ହାଟ ସଉଦା କରି ହୋଇ ନ ଥାଏ। ଏପରି ସ୍ଥଳେ ବାଡ଼ିରୁ ଖଡ଼ା ପାଇବା ସୁବିଧାଜନକ ହୋଇଥିବା ବେଳେ ସେଥିରେ କାମ ଚଳାଇ ନେବା ଛଡ଼ା ଅନ୍ୟ ପନ୍ଥା ନ ଥାଏ। ପରୋକ୍ଷରେ ଝୁମୁକାଲଗା ପାଦରେ କଠଉ ମାଡ଼ିବା ଭଳି ବର୍ଷାଦିନେ ଖାରିଆ ଖଡ଼ା ପାଟିକୁ ଅରୁଚି ଲାଗିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଅବଶିଷ୍ଟାଂଶ

## ବଢ଼ିଚାଲିଛି ଅବଧି,...

ଅନ୍ୟପଟେ ମହାନଦୀ ଜଳ ବିବାଦ ଲାଗି ଗଠିତ ଟ୍ରିବ୍ୟୁନାଲ କାର୍ଯ୍ୟକାଳ ଏହା ଭିତରେ ୪ ଥର ବୃଦ୍ଧି ହୋଇସାରିଲାଣି, ମାତ୍ର ରିପୋର୍ଟ ଦାଖଲ ହୋଇପାରୁନାହିଁ। ଓଡ଼ିଶା ଏବଂ ଛତିଶଗଡ଼ ମଧ୍ୟରେ ମହାନଦୀ ଜଳ ବିବାଦର ସମାଧାନ ଲାଗି ୨୦୧୮ ମାର୍ଚ୍ଚ ୧୨ରେ ଟ୍ରିବ୍ୟୁନାଲ ଗଠନ ହୋଇଥିଲା। ୩ ବର୍ଷ ଅର୍ଥାତ୍ ୨୦୨୧ ମାର୍ଚ୍ଚ ୧୧ ମଧ୍ୟରେ ଘଟଣାର ତର୍ଜମାକରି ଚୂଡ଼ାନ୍ତ ରିପୋର୍ଟ ଦାଖଲକରିବା ଲାଗି ଟ୍ରିବ୍ୟୁନାଲକୁ କୁହାଯାଇଥିଲା। ମାତ୍ର ନିର୍ଦ୍ଧାରିତ ସମୟ ଭିତରେ ରିପୋର୍ଟ ପ୍ରସ୍ତୁତ ହୋଇ ନ ପାରିବା ଯୋଗୁ ଏହାର ଅବଧିକୁ ପ୍ରଥମ ଥର ଲାଗି ୨୦୨୩ ମାର୍ଚ୍ଚ ୧୧ ପର୍ଯ୍ୟନ୍ତ ୨ ବର୍ଷ ପାଇଁ ବୃଦ୍ଧି କରାଗଲା। ଏହା ଭିତରେ କୋଭିଡ୍ ସଂକ୍ରମଣ ଲାଗି ମାର୍ଚ୍ଚ ୨୦୨୦ଠାରୁ ଜୁନ୍ ୨୦୨୧ ପର୍ଯ୍ୟନ୍ତ ଟ୍ରିବ୍ୟୁନାଲ ଚାଲିପାରି ନ ଥିଲା। ଏହାପରେ କେନ୍ଦ୍ର ସରକାର ୧୪ ଡିସେମ୍ବର ୨୦୧୯ରୁ ଜୁନ୍ ୨୦୨୧ ପର୍ଯ୍ୟନ୍ତ ୧୬ ମାସକୁ କୋଭିଡ୍ ପାଇଁ ଟ୍ରିବ୍ୟୁନାଲ ଚାଲିପାରି ନ ଥିବା ଘୋଷଣା କରିବା ସହ ପୁନର୍ବାର ଟ୍ରିବ୍ୟୁନାଲ କାର୍ଯ୍ୟକାଳ ୧୩ ଏପ୍ରିଲ ୨୦୨୪ ପର୍ଯ୍ୟନ୍ତ ବୃଦ୍ଧିକଲେ। ଏତେ ସମୟ ଭିତରେ ମଧ ଟ୍ରିବ୍ୟୁନାଲ ତା'ର ରିପୋର୍ଟ ଦାଖଲ ନ କରିପାରିବାରୁ ୨ ବର୍ଷ ଲାଗି ଅର୍ଥାତ୍ ୧୩ ଏପ୍ରିଲ ୨୦୨୬ ପର୍ଯ୍ୟନ୍ତ ଅବଧି ବୃଦ୍ଧିକଲେ। ଟ୍ରିବ୍ୟୁନାଲ ଅଧକ୍ଷ ଥିବା ଜଷ୍ଟିସ୍ ଏ.ଏମ୍. ଖାନ୍‌ୱିଲକର ତାଙ୍କ ପଦରୁ ଇସ୍ତଫା ଦେବା ଯୋଗୁ ୯ ମାସ ପର୍ଯ୍ୟନ୍ତ ଏହି ପଦ ଖାଲି ପଡ଼ିଲା। ତେଣୁ ଯେତିକି ଦିନ ଯାଏ ନୂଆ ଅଧକ୍ଷ ନିଯୁକ୍ତ ହୋଇ ନ ଥିବାରୁ ଟ୍ରିବ୍ୟୁନାଲ ଚାଲିପାରି ନ ଥିଲା, ସେହି ଅବଧିକୁ ବୃଦ୍ଧି କରିବା ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ଅନୁରୋଧ କରାଯାଇଥିଲା। ତେଣୁ ୯ ମାସ ପାଇଁ କେନ୍ଦ୍ର ସରକାର ଟ୍ରିବ୍ୟୁନାଲ କାର୍ଯ୍ୟକାଳ ବୃଦ୍ଧିକରି ୧୩ ଜାନୁଆରୀ ୨୦୨୭ ମଧ୍ୟରେ ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରସଙ୍ଗକୁ ନେଇ ଏଜି ପୀତାମ୍ବର ଆଚାର୍ଯ୍ୟ କହିଛନ୍ତି, ଟ୍ରିବ୍ୟୁନାଲର ପରବର୍ତ୍ତୀ ଶୁଣାଣି ଆସନ୍ତା ୨୦ ତାରିଖରେ ହେବ। ମହାନଦୀ ଜଳ ବିବାଦ ଘଟଣାରେ ଏହା ଭିତରେ ଅନେକ କିଛି ଅଗ୍ରଗତି ହେଲାଣି। ରାଜ୍ୟର ବୈଷୟିକ ଟିମ୍‌ର ପାଖାପାଖି ୧୩ଟି ବୈଠକ ହୋଇସାରିଲାଣି। ୨ ରାଜ୍ୟର ମୁଖ୍ୟ ଶାସନ ସଚିବ ଏବଂ ସଚିବସ୍ତରୀୟ ବୈଠକରେ ମଧ ଅନେକ କିଛି ବିବାଦୀୟ ଘଟଣାରେ ସହମତି ପାଇସାରିଲାଣି। ୨ ରାଜ୍ୟକୁ କେତେ ଜଳର ଆବଶ୍ୟକତା ରହିଛି ତାହାର ତଥ୍ୟ ବାହାରି ସାରିଲାଣି। ଟ୍ରିବ୍ୟୁନାଲ ଉଭୟ ରାଜ୍ୟ ମଧ୍ୟରେ ଆପୋସ ଆଲୋଚନା ନେଇ ସନ୍ତୋଷ ବ୍ୟକ୍ତ କରିଛନ୍ତି। ୨ ରାଜ୍ୟର ଓକିଲ ଏବଂ ବୈଷୟିକ ଟିମ୍ ଏକାଠି ବସି ଆଲୋଚନା ମାଧ୍ୟମରେ ଅନାବଶ୍ୟକ ବିଷୟଗୁଡ଼ିକୁ ବାଦ୍‌ଦେବାକୁ ଟ୍ରିବ୍ୟୁନାଲ ନିର୍ଦ୍ଦେଶ ଦେଇଛନ୍ତି। ୨ ରାଜ୍ୟର ବୈଷୟିକ ଟିମ୍, ଲିଗାଲ୍ ଟିମ୍ ଏବଂ ପ୍ରଶାସନିକ ସ୍ତରରେ ଯେଉଁସବୁ ବିଷୟରେ ସହମତି ହେଇପାରିବ ସେନେଇ ଆଲୋଚନା ହେବ। ଯେହେତୁ ଏହା ଏକ ରାଜନୈତିକ ବିଷୟ, ତେଣୁ ୨ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ଭିତରେ କେନ୍ଦ୍ର ସରକାରଙ୍କ ମଧ୍ୟସ୍ଥତାରେ ଖୁବ୍‌ଶୀଘ୍ର ଆଲୋଚନା ହେବା ଯୋଜନା ରହିଛି। ମହାନଦୀ ପ୍ରସଙ୍ଗରେ ଗତ ୮ ମାସରେ ଅନେକ କିଛି ଅଗ୍ରଗତି ଘଟିଛି। ଖୁବ୍‌ଶୀଘ୍ର ଏହାର ସମାଧାନ ହେବ ବୋଲି ଆଚାର୍ଯ୍ୟ କହିଛନ୍ତି।

ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଭକ୍ତ ଚରଣ ଦାସ କହିଛନ୍ତି, ବଂଶଧାରା ନଦୀ ଜଳ ବଣ୍ଟନ କ୍ଷେତ୍ରରେ କେନ୍ଦ୍ର ସରକାର ଯେଉଁ ବ୍ୟଗ୍ରତା ଦେଖାଇଲେ, ମହାନଦୀ ଜଳ ବିବାଦ କଥାରେ କାହିଁକି ତାହା ଦେଖାଉନାହାନ୍ତି। ଏହି ଘଟଣାରେ କେନ୍ଦ୍ର ସରକାର କାହିଁକି ରାଜ୍ୟ ସରକାରଙ୍କୁ ସାଥ୍ ଦେଉନାହାନ୍ତି। ମାସେ ଭିତରେ ସମାଧାନ କରନ୍ତୁ। ଟ୍ରିବ୍ୟୁନାଲ ସମୟ ଯେତିକି ବଢ଼ିବ ସମାଧାନ ନ ହେବା ସମ୍ଭାବନା ସେତିକି ବଢ଼ିଚାଲିବ। ପଞ୍ଚାୟତ ନିର୍ବାଚନ ପୂର୍ବରୁ ଅର୍ଥାତ୍ ଆସନ୍ତା ୩ ମାସ ଭିତରେ ଏହି ଘଟଣାର ସମାଧାନ ନ ହେଲେ ଓଡ଼ିଶାର ସମସ୍ତ ୨୦ ଭାଜପା ଏମ୍‌ପିଙ୍କୁ ଘେରାଉ କରାଯିବ। ଓଡ଼ିଶା, ଛତିଶଗଡ଼ ଏବଂ କେନ୍ଦ୍ରରେ ଭାଜପା ସରକାର ଅଛି, କାହିଁକି ବିଳମ୍ବ କରୁଛନ୍ତି। ଓଡ଼ିଶାରୁ ୨୦ ଏମ୍‌ପି ଭାଜପାରୁ ଜିତି ନ ଥିଲେ ଏମାନଙ୍କର କେନ୍ଦ୍ରରେ ସରକାର ହୋଇପାରି ନ ଥାଆନ୍ତା ବୋଲି ଭକ୍ତ କହିଛନ୍ତି।

ବିଜେଡି ବିଧାୟକ ଗଣେଶ୍ୱର ବେହେରା କହିଛନ୍ତି, ଓଡ଼ିଶା, ଛତିଶଗଡ଼ ଏବଂ କେନ୍ଦ୍ରରେ ଭାଜପା ସରକାର ରହିଛି। ଟ୍ରିପଲ ଇଞ୍ଜିନ ସରକାର ଥାଇ ଏତେ ବିଳମ୍ବ କେହିଁକି ହେଉଛି। ଜାଣିଶୁଣି ସରକାର ଏହାକୁ ବିଳମ୍ବ କରୁଛନ୍ତି। ସମାଧାନ କରିବା ଲାଗି ସରକାରଙ୍କ ଇଚ୍ଛା ନ ଥିବା ଗଣେଶ୍ୱର କହିଛନ୍ତି। ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ମହାନଦୀ ବିବାଦ ନିର୍ଣ୍ଣାୟକ ସ୍ଥିତିରେ ପହଞ୍ଚିଛି। ଖୁବ୍‌ଶୀଘ୍ର ଏହି ବିବାଦର ସମାଧାନ ହେବ ବୋଲି ସେ କହିଛନ୍ତି।

## ବାହାର ରତ୍ନଭଣ୍ଡାରରେ ...

ଉପସ୍ଥିତିରେ ରତ୍ନଭଣ୍ଡାର ଦ୍ୱାର ସନ୍ଧ୍ୟା ୬ଟା ୩୫ରେ ବନ୍ଦ କରାଯାଇ ମୁଦ ଦିଆଯାଇଥିଲା। ଉକ୍ତ ପ୍ରକ୍ରିୟାର ସମସ୍ତ ରେକର୍ଡ଼ ଡାଟା ଚିପ୍ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଶ୍ରୀମନ୍ଦିର ଶାଖା କାର୍ଯ୍ୟାଳୟ ଷ୍ଟ୍ରଙ୍ଗରୁମ୍‌ରେ ସୁରକ୍ଷିତ ଭାବେ ରଖାଯାଇଥିଲା। ମୁଖ୍ୟ ପ୍ରଶାସକ ଡ. ପାଢ଼ୀ କହିଛନ୍ତି, ୧୯୭୮ର ତାଲିକା ଅନୁଯାୟୀ କିଛି ଅଧିକ ଅଳଙ୍କାର ଭଣ୍ଡାରମେକାପ ଗଣତି କରିଥିଲେ, ଯାହାକୁ ୨୦୨୬ ମସିହା ତାଲିକାରେ ସାମିଲ କରାଯାଇଛି। ସ୍ୱଚ୍ଛତା ସହକାରେ ବାହାର ରତ୍ନଭଣ୍ଡାର ଗଣତି କାର୍ଯ୍ୟ ଶେଷ ହୋଇଛି। ସୋମବାରଠାରୁ ଭିତର ରତ୍ନଭଣ୍ଡାର ଅଳଙ୍କାର ଗଣତି କରାଯିବ। ତେଣୁ ଉକ୍ତ ଦିନ ଜିଲା ଟ୍ରେଜେରିରୁ ଚାବି ଅଣାଯିବ। ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଖୋଲାଯାଇ ଗଣତି ପ୍ରକ୍ରିୟା ଜାରି ରହିବ ବୋଲି ପାଢ଼ୀ ସୂଚନା ଦେଇଛନ୍ତି।

ଉଚ୍ଚସ୍ତରୀୟ କମିଟି ଅଧକ୍ଷ ଜଷ୍ଟିସ୍ ରଥ କହିଛନ୍ତି, ୧୯୭୮ ମସିହା ତାଲିକା ଅନୁସାରେ ଅଳଙ୍କାର ମେଳକ କରାଯାଉଛି। ସେଥିମଧ୍ୟରୁ ୨ଟି ଅଳଙ୍କାର ମିଳିନାହିଁ। ତାହା ଭିତର ରତ୍ନଭଣ୍ଡାରରେ ଥାଇପାରେ, ଯାହା ଗଣତି ହେଲେ ଜଣାପଡ଼ିବ। ୧୯୭୮ ମସିହାରେ ୧୧୮ ପ୍ରକାର ଅଳଙ୍କାର ଥିବା ବେଳେ ୨୦୨୬ରେ ତାହା ବୃଦ୍ଧି ପାଇ ୧୪୭ରେ ପହଞ୍ଚିଛି।

### ଦୁର୍ଲଭ ରତ୍ନକୁ ଚିହ୍ନିପାରିଲେନି ଜେମୋଲୋଜିଷ୍ଟ

ଶ୍ରୀମନ୍ଦିର ଛତିଶା ନିଯୋଗ ନାୟକ ଜନାର୍ଦ୍ଦନ ପାଟଯୋଶୀ ମହାପାତ୍ର କହିଛନ୍ତି, ମହାପ୍ରଭୁଙ୍କ କୃପାରୁ ବାହାର ରତ୍ନଭଣ୍ଡାର ଗଣତି କାର୍ଯ୍ୟ ଶେଷ ହୋଇଛି। ସେଠାରେ ୧୯୭୮ ମସିହାରେ ୧୧୮ ପ୍ରକାର ଅଳଙ୍କାର ଥିଲା, ଏବେ ୧୪୦ରୁ ଊର୍ଦ୍ଧ୍ୱ ପ୍ରକାରର ଅଳଙ୍କାର ପ୍ରଶାସନର ହସ୍ତଗତ ହୋଇଛି। ବିଶେଷଜ୍ଞମାନେ ଠିକ୍‌ଭାବେ କାର୍ଯ୍ୟ କରୁଛନ୍ତି। କିଛି ଅଳଙ୍କାର ବା ରତ୍ନକୁ ଜେମୋଲୋଜିଷ୍ଟ ବା ବିଶେଷଜ୍ଞମାନେ ଚିହ୍ନିପାରିନାହାନ୍ତି। ତେବେ ୨/୩ଟି ଅଳଙ୍କାର ମିଳୁ ନାହିଁ। ତାହା ଭିତର ରତ୍ନଭଣ୍ଡାର ଖୋଲାଗଲେ ଜଣାପଡ଼ିବ।

## ଚନ୍ଦ୍ର ଅଭିଯାନରୁ ...

ଜେରେମି ହାନ୍‌ସେନ୍ ସାମିଲ ହୋଇଥିଲେ। ୧୯୭୨ ଡିସେମ୍ବରରେ ଆପୋଲୋ-୧୭ ମିଶନ ପରେ ଚନ୍ଦ୍ରକୁ ଏହା ପ୍ରଥମ ମାନବ ଅଭିଯାନ ଥିଲା। ଆର୍ଟେମିସ୍-୨ର ମହାକାଶଚାରୀମାନେ ବହୁତ ଖୁସି ଓ ସୁସ୍ଥ ଅଛନ୍ତି ଏବଂ ହ୍ୟୁଷ୍ଟନ୍ ଫେରିବାକୁ ପ୍ରସ୍ତୁତ ବୋଲି ଫ୍ଲାଇଟ୍ ଡାଇରେକ୍ଟର ରିକ୍ ହେନ୍‌ଫ୍ଲିଙ୍ଗ୍ କହିଛନ୍ତି। ଆର୍ଟେମିସ୍-୨ ପ୍ରଥମ ମାନବ ମିଶନ, ଯେଉଁଥିରେ ନାସାର ସ୍ପେସ୍ ଲଞ୍ଚ୍ ସିଷ୍ଟମ୍ ରକେଟ ଏବଂ ଓରିଅନ୍ କ୍ରିଉ ମଡ୍ୟୁଲ୍ ବ୍ୟବହାର କରାଯାଇଥିଲା। ନାସା ଉପକରଣ ମହାକାଶଚାରୀଙ୍କୁ ପୃଥିବୀ କକ୍ଷପଥ ବାହାରକୁ ନେଇ ନିରାପଦରେ ପୃଥିବୀକୁ ଫେରାଇ ଆଣିବା କ୍ଷମତା ରଖିଥିବା ଏଥିରୁ ପ୍ରମାଣିତ ହୋଇଛି। ଉକ୍ତ ମିଶନ ମୋଟ ୭,୦୦୨୩୭ ମାଇଲ୍ ଉଡ଼ିଥିଲା ଏବଂ ଏହାର ସର୍ବାଧିକ ବେଗ ଘଣ୍ଟା ପ୍ରତି ୨୪,୬୬୪ ମାଇଲ୍ ରହିଥିଲା। ତେବେ ଏହା ଲକ୍ଷ୍ୟସ୍ଥଳର ୧ ମାଇଲ୍ ମଧ୍ୟରେ ଅବତରଣ କରିଥିଲା ବୋଲି ହେନ୍‌ଫ୍ଲିଙ୍ଗ୍ କହିଛନ୍ତି। ନାସା ଏବେ ଚନ୍ଦ୍ରରେ ମାନବ ଅବତରଣ କରାଇବା ଲକ୍ଷ୍ୟ ରଖିଥିବାବେଳେ ପରବର୍ତ୍ତୀ ସମୟରେ ମଙ୍ଗଳ ଓ ଏହା ପରବର୍ତ୍ତୀ ଗ୍ରହରେ ଅବତରଣ ପାଇଁ ଚନ୍ଦ୍ରକୁ ରହଣିସ୍ଥଳ ଓ ଲଞ୍ଚ୍‌ପ୍ୟାଡ କରିବାକୁ ଯୋଜନା ରଖିଛି।

# ଧରିତ୍ରୀ
DHARITRI

52 Years

ଭୁବନେଶ୍ୱର, ରବିବାର, ଏପ୍ରିଲ ୧୨/୨୦୨୬ | Bhubaneswar, Sunday, April 12/2026 | ପୃଷ୍ଠା-୩




**ରିଲିଜ୍ ପୂର୍ବରୁ ଫିଲ୍ମ ଲିକ୍ ଯନ୍ତ୍ରଣାଦାୟକ: ଥାଲାପତି ବିଜୟ୍**

'ଜନ ନାୟାଗନ' ଫିଲ୍ମର କେତୋଟି ଦୃଶ୍ୟ ଅନ୍‌ଲାଇନରେ ଲିକ୍ ହୋଇଥିବାରୁ ଚିନ୍ତିତ ସାଉଥ୍ ସୁପରଷ୍ଟାର ଥାଲାପତି ବିଜୟ୍ ଏହାକୁ ଯନ୍ତ୍ରଣାଦାୟକ କହିଛନ୍ତି।

୧୨

୧୬

**ସଞ୍ଜୁ ସାମସନଙ୍କ ଶତକ**

ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ଆଇପିଏଲ୍ ମ୍ୟାଚରେ ଶତକ ହାସଲ କରିଛନ୍ତି ଚେନ୍ନାଇ ସୁପର କିଙ୍ଗ୍ସ ଓପନର ସଞ୍ଜୁ ସାମସନ।



# ଇରାନ୍ ହଜାଇଲାଣି ମାଇନ୍ସ, ହର୍ମୁଜ୍ ଅସୁରକ୍ଷିତ

ଫେବୃଆରୀ ୨୮ରେ ଆମେରିକା ଓ ଇସ୍ରାଏଲ୍ ପକ୍ଷରୁ ଇରାନ୍ ଉପରେ ମିଳିତ ଏୟାର ଷ୍ଟ୍ରାଇକ୍ କରାଯାଇଥିଲା। ତେହରାନ୍ ପ୍ରତିଆକ୍ରମଣ କରି ସାମରିକ ସ୍ତରରେ ଏହାର ଜବାବ ଜାରି ରଖିଥିବାବେଳେ ଅନ୍ୟପଟେ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌ରେ ମାଇନ୍ସ ବିଛାଇଥିଲା। ଅଶୋଧିତ ତୈଳ ଓ ପ୍ରାକୃତିକ ବାଷ୍ପ ପରିବହନର ଏହି ସଂକୀର୍ଣ୍ଣ ଜଳପଥକୁ ଅବରୋଧ କରିବା ପାଇଁ ଛୋଟ ବୋଟ୍‌ଗୁଡ଼ିକ ଜରିଆରେ ହର୍ମୁଜ୍‌ର ବିଭିନ୍ନ ସ୍ଥାନରେ ବିସ୍ଫୋରକ ମଧ୍ୟ ଭରି ଦେଇଥିଲା। ବର୍ତ୍ତମାନ ପାକିସ୍ତାନ ମଧ୍ୟସ୍ଥତାରେ ଇସ୍‌ଲାମାବାଦରେ ଆମେରିକା ସହ ଇରାନ୍‌ର ଶାନ୍ତି ଆଲୋଚନା ଚାଲିଛି। ଉକ୍ତ ବୈଠକ ପୂର୍ବରୁ ବୁଧବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ୍ ପକ୍ଷରୁ ହର୍ମୁଜ୍ ଖୋଲାଯିବା ଉପରେ ଗୁରୁତ୍ୱ ଦେଇଥିଲେ। କିନ୍ତୁ ଇରାନ୍ ବିଛାଇଥିବା ମାଇନ୍ସକୁ ଏଯାଏ ଠାବ କରିପାରି ନ ଥିବାରୁ ହର୍ମୁଜ୍‌କୁ ଖୋଲିନାହିଁ। ବିଶ୍ୱର ପଞ୍ଚମ ବୃହତ୍ ତୈଳ ପରିବହନ କ୍ଷେତ୍ର ହର୍ମୁଜ୍ ଏଥିଯୋଗୁ ଏବେ ଅସୁରକ୍ଷିତ ହୋଇପଡ଼ିଥିବା କେତେକ ଅନ୍ତର୍ଜାତୀୟ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି।

## ହଟାଇବାକୁ ଆମେରିକାର ଉଦ୍ୟମ

**ନ୍ୟୁୟର୍କ,୧୧।୪(ଏନ୍‌ଓ୍ୱାଇଟି)**

ଇରାନ୍ ଏବେ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌କୁ ନିଜସ୍ୱ ସମସ୍ୟା ଯୋଗୁ ସମ୍ପୂର୍ଣ୍ଣ ରୂପେ ଖୋଲିପାରୁ ନାହିଁ। କାରଣ ଆମେରିକା ଓ ଇସ୍ରାଏଲ୍ ସହ ଯୁଦ୍ଧବେଳେ ଏହି ସାମୁଦ୍ରିକ ଜଳପଥକୁ ଅବରୋଧ କରିବା ପାଇଁ ସେଠାରେ ବିଛାଇଥିବା ସମସ୍ତ ମାଇନ୍ସକୁ ଠାବ କରିପାରୁନାହିଁ। ନ୍ୟୁୟର୍କ ଟାଇମ୍ସରେ ପ୍ରକାଶିତ ରିପୋର୍ଟ ଅନୁସାରେ ଏହି କାରଣରୁ ଇସ୍‌ଲାମାବାଦରେ ଚାଲିଥିବା ଶାନ୍ତି ଆଲୋଚନା ବାଧାପ୍ରାପ୍ତ ହୋଇପାରେ। ଅନ୍ୟପକ୍ଷେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଉକ୍ତ ଚୋକ୍‌ପଏଣ୍ଟକୁ ତୁରନ୍ତ ଖୋଲିବାକୁ ତେହରାନ୍‌କୁ ଚେତାବନୀ ଦେଇଛନ୍ତି। ଏହି ଜଳପଥରୁ ଅବରୋଧ ନ ହଟିଲେ ବିଶ୍ୱକୁ ତୈଳ ଓ ପ୍ରାକୃତିକ ବାଷ୍ପ ଯୋଗାଣ ବାଧାପ୍ରାପ୍ତ ହେବା ଆଶଙ୍କା ବଢ଼ିଚାଲିଥିବାରୁ ଏହା ଇରାନ୍‌ର ଏକ ଚାଲାକି ବୋଲି ମନେକରାଯାଉଛି। ଆମେରିକା-ଇସ୍ରାଏଲ୍‌ର ଏୟାର ଷ୍ଟ୍ରାଇକ୍ ପରେ ଗତମାସରେ ଇରାନ୍ ଛୋଟ ଛୋଟ ବୋଟ୍‌ଗୁଡ଼ିକ ଜରିଆରେ ହର୍ମୁଜ୍ ପ୍ରଣାଳୀରେ ବିସ୍ଫୋରକ ବିଛାଇଥିଲା। ଏପରି କି ଆଣବିକ କାର୍ଯ୍ୟକ୍ରମ ମଧ୍ୟ ଜାରି ରଖିଥିଲା। କିନ୍ତୁ ନିର୍ଦ୍ଦିଷ୍ଟ ଭାବେ ହର୍ମୁଜ୍‌ର କେଉଁ କେଉଁ ସ୍ଥାନରେ ମାଇନ୍ସ ବିଛାଇଥିଲା, ତାହାର ରେକର୍ଡ କରି ନ ଥିଲା। ଫଳରେ ସେଗୁଡ଼ିକୁ ଠାବ କରିବା କଷ୍ଟକର ହୋଇପଡ଼ିଛି। ତେଣୁ ସମ୍ପୃକ୍ତ ଜଳପଥ ଦେଇ ତୈଳ ବୋଝେଇ ଜାହାଜଗୁଡ଼ିକର ପରିବହନ ଏବେ ବିପଦପୂର୍ଣ୍ଣ ହୋଇଯାଇଛି। ଇରାନୀୟ କର୍ତ୍ତୃପକ୍ଷଙ୍କ ଯୋଗୁ ଜାହାଜ ଚଳାଚଳ ଏକପ୍ରକାର ଅସମ୍ଭବ ହୋଇଯାଇଥିବା ଆମେରିକୀୟ ଅଧିକାରୀମାନେ କହିଛନ୍ତି। ହର୍ମୁଜ୍ ହେଉଛି ଆରବ ସାଗରରେ ପାରସ୍ୟ ☞ପୃଷ୍ଠା-୫

# ଏସ୍‌ଆଇଆର୍ ନ ସରିବା ଯାଏ ବିଏଲ୍‌ଓଙ୍କ ବଦଳି ମନା

**ଭୁବନେଶ୍ୱର,୧୧।୪(ସୁଚିସ୍ମିତା ସାହୁ)**

ଭାରତର ନିର୍ବାଚନ ଆୟୋଗ(ଇସିଆଇ)ଙ୍କ ନିର୍ଦ୍ଦେଶ ଅନୁସାରେ ଓଡ଼ିଶାରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ଏପ୍ରିଲ ୧ରୁ ଚାଲିଛି। ଏଥିରେ ବୁଥ୍ ଲେଭଲ ଅଫିସର(ବିଏଲ୍‌ଓ) ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଛନ୍ତି। ତେବେ ଏହି ଦାୟିତ୍ୱରେ ଶିକ୍ଷକମାନେ ନିୟୋଜିତ ହୋଇଥିବାବେଳେ ଏସ୍‌ଆଇଆର୍ କାର୍ଯ୍ୟ ନ ସରିବା ପର୍ଯ୍ୟନ୍ତ ସେମାନଙ୍କର ବଦଳି ହେବନାହିଁ। ଏନେଇ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଶନିବାର ନିର୍ଦ୍ଦେଶନାମା ଜାରି କରାଯାଇଛି। ଏସ୍‌ଆଇଆର୍ ସମୟରେ ବିଏଲ୍‌ଓଙ୍କ ବଦଳି ହେଲେ କାର୍ଯ୍ୟରେ ପ୍ରଭାବ ପଡ଼ିବା ଆଶଙ୍କା ରହିଛି। ☞ପୃଷ୍ଠା-୫









କଟକ-ସାଲେପୁର ରାସ୍ତାର ଭାତପଡ଼ା ଛକ ନିକଟରେ ବିଲକୁ ଖସିପଡ଼ିଥିବା ୨ ବସ୍।

# ୭ ଦିନରେ ସବୁ କଲେଜରେ ଆଇସିସି

## ନିର୍ଦ୍ଦେଶ ନ ମାନିଲେ ନାମଲେଖାରେ କଟକଣା

**ଭୁବନେଶ୍ୱର,୧୧।୪(ସୁଚିସ୍ମିତା ସାହୁ)**

ସବୁ କଲେଜରେ ସକ୍ରିୟ ରହିବ ଇଣ୍ଟରନାଲ କମ୍ପ୍ଲେଣ୍ଟ୍ସ କମିଟି (ଆଇସିସି) ବା ଆଭ୍ୟନ୍ତରୀଣ ଅଭିଯୋଗ କମିଟି। ଯେଉଁ କଲେଜରେ ଏଯାଏ ଆଇସିସି ନାହିଁ, ତୁରନ୍ତ ଗଠନ କରିବାକୁ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶିକା ଡ. ସରୋଜ ଲକ୍ଷ୍ମୀ ସିଂହ ଶନିବାର ସମସ୍ତ ସରକାରୀ, ବେସରକାରୀ, ଅନୁଦାନପ୍ରାପ୍ତ (୪୮୮ ଓ ୬୬୨ ବର୍ଗ), ଅଣଅନୁଦାନପ୍ରାପ୍ତ ଏବଂ ଧନ୍ଦାମୂଳକ କଲେଜଗୁଡ଼ିକୁ ଚିଠି କରିଛନ୍ତି। ଆଇସିସି ଗଠନ କରି ☞ପୃଷ୍ଠା-୫

# ୪୫ ହଜାର ଶିକ୍ଷକ ନିଯୁକ୍ତ ହେବେ: ମୁଖ୍ୟମନ୍ତ୍ରୀ

**କେନ୍ଦୁଝର,୧୧।୪(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)**

ଶିକ୍ଷକମାନେ କେବଳ ପାଠ ପଢ଼ାନ୍ତି ତାହା ନୁହେଁ, ସେମାନେ ଛାତ୍ରୀଛାତ୍ରଙ୍କ ଚରିତ୍ର ଗଢ଼ନ୍ତି ଓ ଠିକ୍ ଜୀବନମାର୍ଗ ଦେଖାନ୍ତି। କେନ୍ଦୁଝର ଜିଲା ବୋଦାପଲାସାସ୍ଥିତ ଚନ୍ଦ୍ରଶେଖର ସରକାରୀ ଉଚ୍ଚ ବିଦ୍ୟାଳୟର ଶତବାର୍ଷିକୀ ଉତ୍ସବ ଅବସରରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜ ବକ୍ତବ୍ୟରେ କହିଛନ୍ତି। ଏଥିସହ ସରକାର ଗଠନ ପରେ ଶିକ୍ଷା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିବାକୁ ଅନେକ ଯୋଜନା ଓ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। ଗତ ଦେଢ଼ ବର୍ଷରେ ପ୍ରାୟ ୨୦ ହଜାର ଶିକ୍ଷକ ନିଯୁକ୍ତ ହୋଇଛନ୍ତି। ଆଗାମୀ ଦିନରେ ଆହୁରି ୪୫ ହଜାର ନୂତନ ଶିକ୍ଷକ ନିଯୁକ୍ତି ନେଇ ପ୍ରକ୍ରିୟା ଜାରି ରହିଛି। ଏଥିସହ ୧୩ ହଜାର ସ୍କିମାଟିକ ଶିକ୍ଷକଙ୍କୁ ନିୟମିତ କରାଯାଇଛି ବୋଲି ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ୪ ଦିନିଆ କେନ୍ଦୁଝର ଗସ୍ତ



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜଣେ ଛାତ୍ରୀଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରୁଛନ୍ତି।

ଆହୁରି କହିଥିଲେ, ୨୦୨୬-୨୭ ଆର୍ଥିକ ବର୍ଷରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପାଇଁ ୩୧,୯୯୭ କୋଟି ଟଙ୍କାରୁ ଅଧିକ ପ୍ରାବଧାନ ରଖାଯାଇଛି, ଯାହା ମୋଟ ବଜେଟର ୧୦.୩ ପ୍ରତିଶତ। ରାଜ୍ୟର ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ କରି ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସ୍ଥାପନପାଇଁ ପଦକ୍ଷେପ ନିଆଯାଇଛି। ପ୍ରଥମ ପର୍ଯ୍ୟାୟରେ ୨,୨୦୦ ପଞ୍ଚାୟତରେ ଏହାର କାମ ଆରମ୍ଭ ହୋଇଛି ବୋଲି କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବୋଦାପଲାସାସ୍ଥିତ ଚନ୍ଦ୍ରଶେଖର ସରକାରୀ ଉଚ୍ଚ ବିଦ୍ୟାଳୟର ଭିତ୍ତିଭୂମି ବିକାଶ ପାଇଁ ୩ କୋଟି ଟଙ୍କା ଅନୁଦାନ ଘୋଷଣା କରିଥିବା ବେଳେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାରେ ସାମିଲ କରିବା ପାଇଁ ୭ କୋଟି ଟଙ୍କା ଓ ୭ ଏକର ଜମି ଯୋଗାଣ ସମ୍ବନ୍ଧରେ ମଧ୍ୟ ଘୋଷଣା କରାଯାଇଛି। ପିଏମ୍‌ଶ୍ରୀ ଯୋଜନାରେ ରାଜ୍ୟର ୮୦୦ ବିଦ୍ୟାଳୟକୁ ଉତ୍କର୍ଷ କେନ୍ଦ୍ରରେ ପରିଣତ କରାଯାଉଥିବା ସହ ନିପୁଣ ଓଡ଼ିଶା ମିଶନ ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ବିକାଶ ଉପରେ ଜୋର ଦିଆଯାଉଥିବା ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କୃତି ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ତେଲକୋଇ ବିଧାୟକ ଫକିର ମୋହନ ☞ପୃଷ୍ଠା-୫

# ଶ୍ରୀଲଙ୍କା: ୪୦ ବର୍ଷରେ ବୟସ୍କଙ୍କ ସଂଖ୍ୟା ୩ ଗୁଣ ବୃଦ୍ଧି

**କଲମ୍ବୋ,୧୧।୪(ପି.ଟି.)**

ଶ୍ରୀଲଙ୍କାରେ ବୟସ୍କ ବ୍ୟକ୍ତିଙ୍କ ସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ପାଉଛି। ସଦ୍ୟ ପ୍ରକାଶିତ ଜନଗଣନା ତଥ୍ୟ ଅନୁଯାୟୀ, ଗତ ୪ ଦଶନ୍ଧି ମଧ୍ୟରେ ଦେଶର ବୟସ୍କ ଜନସଂଖ୍ୟା ପ୍ରାୟ ତିନିଗୁଣ ବୃଦ୍ଧି ପାଇ ୧୮%ରେ ପହଞ୍ଚିଛି।

ଶ୍ରୀଲଙ୍କାର ଜନଗଣନା ଏବଂ ପରିସଂଖ୍ୟାନ ବିଭାଗ ଦ୍ୱାରା ଜାରି କରାଯାଇଥିବା ୨୦୨୪ ରିପୋର୍ଟ ଅନୁସାରେ, ଦେଶର ମୋଟ ଜନସଂଖ୍ୟା ବର୍ତ୍ତମାନ ୨ କୋଟି ୧୭ ଲକ୍ଷ ୮୧ ହଜାର ୮୦୦ ରହିଛି। ଏଥିରେ ପ୍ରତି ବର୍ଗ କିଲୋମିଟର ପିଛା ଜନସଂଖ୍ୟା ଘନତ୍ୱ ୩୫୦ ରହିଛି। ୧୯୮୧ ମସିହାରେ ବୟସ୍କ ଜନସଂଖ୍ୟା ମାତ୍ର ୬.୬ ପ୍ରତିଶତ ଥିଲା, ଯାହା ୨୦୨୪ ସୁଦ୍ଧା ୧୮%କୁ ବୃଦ୍ଧି ପାଇଛି। ସେହିପରି ୧୯୮୧ରେ ବୟସ୍କଙ୍କ ସଂଖ୍ୟା ୧୦ ଲକ୍ଷରୁ କମ୍ ଥିବାବେଳେ ବର୍ତ୍ତମାନ ତାହା ୩୯ ଲକ୍ଷ ୨୧ ହଜାର ୧୨୪ରେ ପହଞ୍ଚିଛି। ଅପରପକ୍ଷେ ଶିଶୁ (୦-୧୪ ବର୍ଷ) ଜନସଂଖ୍ୟା ହ୍ରାସ ପାଇ ୨୦.୭% ହୋଇଛି। ଶ୍ରୀଲଙ୍କାରେ ବର୍ତ୍ତମାନ 'ଏଜିଂ ଇଣ୍ଡେକ୍ସ' ୮୭ ରହିଛି, ଯାହାର ଅର୍ଥ ହେଉଛି, ପ୍ରତି ୧୦୦ ଜଣ ଶିଶୁଙ୍କ ତୁଳନାରେ ଦେଶରେ ୮୭ ଜଣ ବୟସ୍କ ବ୍ୟକ୍ତି ଅଛନ୍ତି। ଦେଶର ମୋଟ ପ୍ରଜନନ ହାର (ଟିଏଫ୍‌ଆର୍) ମଧ୍ୟ



୧୯୮୧ ମସିହାର ୩.୩%ରୁ ହ୍ରାସ ପାଇ ୨୦୨୪ରେ ୧.୮% ହୋଇଛି। ଏହା ସମାଜରେ ବୟସ୍କଙ୍କ ସଂଖ୍ୟା ବଢ଼ୁଥିବାର ଏକ ସ୍ପଷ୍ଟ ସଙ୍କେତ। ଜନଗଣନା ଅନୁସାରେ ଦେଶର ମଧ୍ୟମ ବୟସ ମଧ୍ୟ ବୃଦ୍ଧି ପାଇ ୩୫ ବର୍ଷ ହୋଇଛି, ଯାହା ୨୦୧୨ ତୁଳନାରେ ୫ ବର୍ଷ ଅଧିକ।

ଶ୍ରୀଲଙ୍କାରେ ପୁରୁଷଙ୍କ ଅପେକ୍ଷା ମହିଳାଙ୍କ ସଂଖ୍ୟା ଅଧିକ। ପ୍ରତି ୧୦୦ ଜଣ ମହିଳାଙ୍କ ତୁଳନାରେ ପୁରୁଷଙ୍କ ସଂଖ୍ୟା ୯୩.୩। ଜାତି ଓ ଧର୍ମ କଥା ଦେଖିଲେ, ☞ପୃଷ୍ଠା-୫




ଯେତେବେଳେ ଆମକୁ କିଛି ଦେଖାଯାଏନା- ସେତେବେଳେ ଆମେ ଜାଣିବା ଉଚିତ ଯେ, ଈଶ୍ୱର ଆମ ପାଖରୁ ତାଙ୍କର ଆଲୋକ ପ୍ରତ୍ୟାହୃତ କରିନେଇଛନ୍ତି ଏବଂ ଆମ ଉପରେ ଭୁଲଭ୍ରାନ୍ତି ଲଦି ଦେଇଛନ୍ତି। କାରଣ- ଆମେ ଯଥାର୍ଥ ଜ୍ଞାନ ଆଡ଼କୁ ପାଦେ ଆଗେଇ ଚାଲିବୁ। ସେହିପରି ସେ ଆମ ଉପରେ ପରାଜୟ ଲଦିଦେଇଛନ୍ତି- ତା ଫଳରେ ଆମେ ବିଜୟ ପଥରେ ଆଗେଇଯିବୁ। -ଶ୍ରୀଅରବିନ୍ଦ



# ଏତେ ପ୍ରୀତି କାହିଁକି



ଆକାର ପଟେଲ

ଆମେ ଅନ୍ତର୍ଜାତୀୟ ମଧ୍ୟସ୍ଥତା ଧାରଣାକୁ ପ୍ରଶଂସା ମନେକରୁ। ଏହା କାହିଁକି କରୁଛୁ ସେ ବିଷୟରେ ମୋ ପାଖରେ ତଥ୍ୟ ନାହିଁ। ତେବେ ଆମେ ଜାଣୁ ଯେ ଯେଉଁମାନଙ୍କ ପାଇଁ ମଧ୍ୟସ୍ଥତା କରାଯାଉଛି ଏବଂ ଯିଏ ମଧ୍ୟସ୍ଥତା କରୁଛି ଉଭୟଙ୍କ ପ୍ରତି ଆମର ଏଭଳି ବିତୃଷ୍ଣା ରହିଛି। କାରଣ ଆମର ସମସ୍ତ ସରକାରରେ ଦୃଢ଼ ଭାବେ କୁହାଯାଇଛି ଯେ ସବୁପ୍ରସଙ୍ଗ ଦ୍ୱିପାକ୍ଷିକ ଏବଂ ସେଗୁଡ଼ିକ ଦ୍ୱିପାକ୍ଷିକ ଭାବରେ ସମାଧାନ ହେବା ଉଚିତ। ଏହା ବିଶେଷ ରୂପରେ ନିର୍ଦ୍ଦିଷ୍ଟ ଭାବରେ ଗୋଟିଏ ପଡ଼ୋଶୀଙ୍କ ଉଦ୍ଦେଶ୍ୟରେ କୁହାଯାଇଛି। ଏବଂ ଅନ୍ତର୍ଜାତୀୟ ମଧ୍ୟସ୍ଥଙ୍କ ପ୍ରତି ତିରସ୍କାରପୂର୍ଣ୍ଣ ମତାମତ ଆମ ବୈଦେଶିକ ମନ୍ତ୍ରୀ ପ୍ରକାଶ କରି ସେମାନଙ୍କୁ ଦଲାଲ ବୋଲି କହିଛନ୍ତି। ଆମେ ଯେଉଁ ସମସ୍ୟାରେ ଜଡ଼ିତ ଏବଂ ପ୍ରଭାବିତ ତାହାର ସମାଧାନ ପାଇଁ ଏବେ କ'ଣ କରୁଛୁ ତାହା ଅସ୍ପଷ୍ଟ। ଆମେ ଏଥିରେ ଜଡ଼ିତ କାରଣ ଏହା କଷ୍ଟ ପାଉଛୁ ଯେଉଁଭଳି ଅନ୍ୟ ଦେଶଗୁଡ଼ିକ ମୂଲ୍ୟବୃଦ୍ଧି ଏବଂ ଅଭାବ ଦୃଷ୍ଟିରୁ ଯନ୍ତ୍ରଣା ଭୋଗୁଛନ୍ତି। କିନ୍ତୁ ଆମେ କେବଳ ଦର୍ଶକ ଭାବେ ରହି ଆଶା କରୁଛୁ ଯେ ସଙ୍କଟ ଆପେ ଆପେ ସମାଧାନ ହେବ କିମ୍ବା ଅନ୍ୟ କେହି ଆସି ଏହାକୁ ସମାଧାନ କରିବେ, ଯାହା ଦ୍ୱାରା ସ୍ଥିତି ଆମ ପାଇଁ ସ୍ୱାଭାବିକ ରହିବ। ଚାଲିଥିବା ଯୁଦ୍ଧ ପ୍ରତି ଭାରତ ଏଭଳି ଆଭିମୁଖ୍ୟ ଗ୍ରହଣ କରିବାକୁ ନିଷ୍ପତ୍ତି ନେଇଛି। କିନ୍ତୁ ପ୍ରଭାବୀ ଢଙ୍ଗରେ ପ୍ରୟୋଗ କରାଯାଉ ନ ଥିବା ଅନ୍ୟ ଦୃଷ୍ଟିକୋଣ ବିଷୟରେ ମୁଁ ଏଠାରେ ଲେଖିବାକୁ ଚାହିଁଲି। ଏହା କ'ଣ ହୋଇପାରେ ସେ ବିଷୟରେ ଆମକୁ ଆକଳନ କରିବାକୁ ପଡ଼ିବ ନାହିଁ। କ'ଣ କରିବାକୁ ପଡ଼ିବ ବି ସେ ବିଷୟରେ ପୂର୍ବ ସରକାର ଏକ ଦସ୍ତାବିଜ ଛାଡ଼ିଦେଇଯାଇଛନ୍ତି। ୪ ନଭେମ୍ବର ୨୦୧୩ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ୧୨୦ରୁ ଅଧିକ ଭାରତୀୟ ଦୂତାବାସର ମୁଖ୍ୟଙ୍କ ସହ କଥା ହୋଇ ତାଙ୍କ ବୈଦେଶିକ ନୀତିକୁ ପରିଭାଷିତ କରୁଥିବା ପାଞ୍ଚଟି ନୀତି ଦର୍ଶାଇଥିଲେ। ପ୍ରଥମତଃ ବିଶ୍ୱର ପ୍ରମୁଖ ଶକ୍ତି ଏବଂ ଏସୀୟ ପଡ଼ୋଶୀଙ୍କ ସହ ଭାରତର ସମ୍ପର୍କ ଏହାର ବିକାଶମୂଳକ ପ୍ରାଥମିକତା ଦ୍ୱାରା ଗଢ଼ିଉଠିଛି ବୋଲି ସ୍ୱୀକାର କରିବା। ସିଂ କହିଥିଲେ, ଭାରତୀୟ ବୈଦେଶିକ ନୀତିର ଏକମାତ୍ର ଗୁରୁତ୍ୱପୂର୍ଣ୍ଣ ଉଦ୍ଦେଶ୍ୟ ହେଉଛି ଆମ ଦେଶର କଲ୍ୟାଣ ପାଇଁ ଏକ ଅନୁକୂଳ ତଥା ବିଶ୍ୱସ୍ତରୀୟ ପରିବେଶ ସୃଷ୍ଟି କରିବା। ଦ୍ୱିତୀୟତଃ, ବିଶ୍ୱ ଅର୍ଥନୀତି ସହିତ ଅଧିକ ସମନ୍ୱୟ ଭାରତ ପାଇଁ ଲାଭଦାୟକ ଏବଂ ଭାରତୀୟଙ୍କୁ ସେମାନଙ୍କର ସୃଜନଶୀଳ ସମ୍ଭାବନାକୁ ସାକାର କରିବାରେ ସକ୍ଷମ ହେବ। ତୃତୀୟତଃ, ସମସ୍ତ ପ୍ରମୁଖ ଶକ୍ତି ସହିତ ସ୍ଥିର, ଦୀର୍ଘକାଳୀନ ଏବଂ ପାରସ୍ପରିକ ଲାଭଦାୟକ ସମ୍ପର୍କ ରଖିବା। ସମସ୍ତ ରାଷ୍ଟ୍ର ପାଇଁ ଲାଭଦାୟକ ଏକ ବିଶ୍ୱ ଅର୍ଥନୈତିକ ଓ ସୁରକ୍ଷା ପରିବେଶ ସୃଷ୍ଟି କରିବା ପାଇଁ ଅନ୍ତର୍ଜାତୀୟ ସମୁଦାୟ ମିଳିତ ଭାବେ କାମ କରିବା। ଚତୁର୍ଥତଃ, ଭାରତୀୟ ଉପମହାଦେଶର ସହଭାଗୀ ଭବିଷ୍ୟତ ପାଇଁ ଆଞ୍ଚଳିକ ସହଯୋଗ ଏବଂ ଯୋଗାଯୋଗର ଆବଶ୍ୟକତାକୁ ସ୍ୱୀକାର କରିବା। ପଞ୍ଚମତଃ, କେବଳ ସ୍ୱାର୍ଥ ଦ୍ୱାରା ନୁହେଁ ବରଂ ଭାରତୀୟଙ୍କ ପ୍ରିୟ ମୂଲ୍ୟବୋଧ ଦ୍ୱାରା ନିର୍ଦ୍ଧାରିତ ଏକ ବୈଦେଶିକ ନୀତି; ଯାହା ବିବିଧତା, ଧର୍ମନିରପେକ୍ଷ ଏବଂ ଉଦାରବାଦୀ ଗଣତନ୍ତ୍ର ଢାଞ୍ଚାରେ ଅର୍ଥନୈତିକ ବିକାଶ ହାସଲ କରିବାର ଭାରତର ପରୀକ୍ଷଣ ବିଶ୍ୱବ୍ୟାପୀ ଲୋକଙ୍କୁ ପ୍ରେରଣା ଦେଇଛି, ତାହାକୁ ଜାରି ରଖିବା ଉଚିତ।

ସଂକ୍ଷେପରେ କହିବାକୁ ଗଲେ ଏହି ବୈଦେଶିକ ନୀତି ବ୍ୟବହାର କରି ଭାରତ ଆର୍ଥିକ ବିକାଶକୁ ଆଗକୁ ବଢ଼ାଇବ; ଏହା ବିଶ୍ୱର ବୃହତ୍ ଶକ୍ତି ଓ ଏହାର ପଡ଼ୋଶୀଙ୍କ ସହିତ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ରଖିବ ଏବଂ ଏହା କରି ଏକ ବିବିଧତାପୂର୍ଣ୍ଣ ତଥା ଧର୍ମନିରପେକ୍ଷ ଗଣତନ୍ତ୍ର ଭାବେ ରହିବ। ଯଦି ଆମେ ଏକମତ ହେବା, ଭାରତୀୟ ବୈଦେଶିକ ନୀତିର ଏକମାତ୍ର ଗୁରୁତ୍ୱପୂର୍ଣ୍ଣ ଉଦ୍ଦେଶ୍ୟ ହେଉଛି ଭାରତର କଲ୍ୟାଣ ପାଇଁ ଏକ ବିଶ୍ୱସ୍ତରୀୟ ପରିବେଶ ସୃଷ୍ଟି କରିବା; ତେବେ ଏହି ପରିବେଶ ଯେଭଳି ନଷ୍ଟ ନ ହୁଏ ତାହା ନିଶ୍ଚିତ କରିବାକୁ ପଡ଼ିବ। ଭାରତ ହେଉଛି ଏକମାତ୍ର ରାଷ୍ଟ୍ର, ଯାହାର ଆମେରିକା, ଇସ୍ରାଏଲ ଏବଂ ଇରାନ ସହିତ ଭଲ ସମ୍ପର୍କ ଅଛି। ସେମାନଙ୍କ ମଧ୍ୟରୁ ଦୁଇଟି ସହିତ ପାକିସ୍ତାନର ବି ଘନିଷ୍ଠତା ରହିଛି। ଉପସାଗରୀୟ ଯୁଦ୍ଧ ଆମର ଅର୍ଥନୀତି, ସାର ଏବଂ ଇନ୍ଧନ ସୁରକ୍ଷାକୁ କ୍ଷତି ପହଞ୍ଚାଇବ ଏବଂ ଅସ୍ଥିରତା ସୃଷ୍ଟି କରିବ ବୋଲି ଆମେ ଜାଣିଥିଲୁ। ଏଣୁ ଯୁଦ୍ଧ କିଭଳି ନ ହେବ ଆମେ ନିଶ୍ଚିତ କରିବା ଉଚିତ ଥିଲା। ହେଲେ ତାହା କରିବାକୁ ଚାହିଁଲୁ ନାହିଁ। ସମନ୍ୱୟର ଦ୍ୱିତୀୟ ବିନ୍ଦୁ ହେଉଛି ଯେଉଁ ବିଷୟରେ ଗତ ଦଶନ୍ଧିରେ ସତର୍କତା ଅବଲମ୍ବନ କରିଥିଲୁ ଏବେ ଆହୁରି ସତର୍କ ହୋଇଛୁ। ଆମେ ପ୍ରାୟ ୧୫ଟି ଏସିଆ ପ୍ରଶାନ୍ତ ମହାସାଗରୀୟ ରାଷ୍ଟ୍ରକୁ ନେଇ ଗଠିତ ଆଞ୍ଚଳିକ ବ୍ୟାପକ ଅର୍ଥନୈତିକ ସହଭାଗିତାରେ ପ୍ରବେଶ ନ କରିବାକୁ ଚାହିଁଛୁ। ତୃତୀୟ ବିନ୍ଦୁରେ ସମସ୍ତ ଶକ୍ତି ସହ ଦୀର୍ଘକାଳୀନ ପାରସ୍ପରିକ ଲାଭଦାୟକ ସମ୍ପର୍କ ରଖିବାର ମାନେ ଚାଇନା ସମ୍ପର୍କରୁ ବୁଝିହୁଏ। ୨୦୨୦ ପରଠାରୁ ଆମେ ଏଥିପାଇଁ କେତେ ଏଜେନ୍ସି ପ୍ରୟୋଗ କରିଛୁ ଏବଂ ସ୍ଥିତି କେଉଁଠି ଅଛି ତାହା ସ୍ପଷ୍ଟ।

ମୋ ଜାଣିବାରେ ସିଂ ଉପସ୍ଥାପନ କରିଥିବା ଚତୁର୍ଥ ଏବଂ ପଞ୍ଚମ ବିନ୍ଦୁରେ ୨୦୧୪ ପରଠାରୁ ସର୍ବାଧିକ ବିଚ୍ୟୁତି ଘଟିଛି। ଦକ୍ଷିଣ ଏସିଆରେ ସୀମା ସ୍ଥିତି ଜଟିଳ ରହିଛି କିମ୍ବା ବନ୍ଦ ରହିଛି; ମୁକ୍ତ ଯାତାୟାତ ଅସମ୍ଭବ। ଶେଷରେ, ୧୯୪୭ ପରେ ପ୍ରଥମ ଥର ପାଇଁ ଆମେ ଏକ ରାଜନୈତିକ ଆନ୍ଦୋଳନର ସମ୍ମୁଖୀନ ହେଉଛୁ ଯାହା ଭାରତର ବିବିଧତା, ଧର୍ମନିରପେକ୍ଷ ଏବଂ ଉଦାରବାଦୀ ବିଚାରର ବିରୋଧୀ। ଇସ୍ରାଏଲ ସହିତ ଆମର ନୂତନ ଗଭୀର ବନ୍ଧୁତାକୁ ଏହି ଦୃଷ୍ଟିରୁ ବୁଝିବାକୁ ହେବ। ଇସ୍ରାଏଲ ଆମର ୪୯ତମ ବୃହତ୍ତମ ରପ୍ତାନି ଏବଂ ୪୮ତମ ବୃହତ୍ତମ ଆମଦାନୀ ଅଂଶୀଦାର, ସବୁଠାରୁ ନିମ୍ନତମ ଅଂଶୀଦାରଙ୍କ ମଧ୍ୟରୁ ଗୋଟିଏ। ଇସ୍ରାଏଲ ପ୍ରତି ଆମର ଏତେ ପ୍ରୀତି କାହିଁକି? କାରଣ ଇସ୍ରାଏଲ ତା'ର ସଂଖ୍ୟାଲଘୁଙ୍କ ପ୍ରତି ଯାହା କରୁଛି, ଆମେ ଆମ ସଂଖ୍ୟାଲଘୁଙ୍କ ପ୍ରତି ତାହା କରିବାକୁ ତୀବ୍ର ଇଚ୍ଛୁକ। ଯଦି ଆମେ ଭାବୁଛୁ ଯେ ଆମକୁ ନିଜର ପଥ ସଂଶୋଧନ କରିବାକୁ ପଡ଼ିବ, ତେବେ ମନମୋହନ ସିଂଙ୍କ ଦଶନ୍ଧି ପୂର୍ବର ବିଜ୍ଞ, ସରଳ ଏବଂ ସୁଚିନ୍ତିତ ପରାମର୍ଶରୁ ଆରମ୍ଭ କରିବା ସବୁଠୁ ଭଲ।

Email:aakar.patel@gmail.com

# ସୃଷ୍ଟି-ସୂତ୍ରଧର ହିଁ 'ଭଗବାନ'



ସହଦେବ ସାହୁ

ବାଇବେଲ ଗ୍ରନ୍ଥ ଅନ୍ତର୍ଗତ 'ଜେନେସିସ୍ ୧'ର ଶ୍ଳୋକ ୨୬ରେ ଅଛି ''ଭଗବାନ ତାଙ୍କ ରୂପରେ ମଣିଷ ସୃଷ୍ଟି କରିଛନ୍ତି'', ଶ୍ଳୋକ ୨୭ ପୁନରାବୃତ୍ତି କରି କହିଛି, ''ଭଗବାନ ତାଙ୍କ ସାଦୃଶ୍ୟରେ ମଣିଷ ତିଆରି କରିଛନ୍ତି, ପୁରୁଷ ଓ ନାରୀ ସେ ସୃଷ୍ଟି କରିଛନ୍ତି'', ଲିଙ୍ଗଗତ ପାର୍ଥକ୍ୟ ଥିବା ପୁରୁଷ ଓ ନାରୀ ଦୁଇଟା ଯାକ ତାଙ୍କ ରୂପର କିପରି ହେଲା ବୁଝି ହେଉନି। କୋରାନ୍ କହେ ଈଶ୍ୱରଙ୍କ କୌଣସି ରୂପ ନାହିଁ, ତେଣୁ ତାଙ୍କର ଛାଞ୍ଚ ନାହିଁ। କୋରାନ୍‌କୁ ବୋଧଗମ୍ୟ କରୁଥିବା ଗ୍ରନ୍ଥ 'ହାଡିଥ୍' କହେ ଆଲ୍ଲା ଆଦାମ୍‌ଙ୍କୁ ସୃଷ୍ଟି କଲାବେଳେ ନିଜର କିଛି ଗୁଣ ତାଙ୍କୁ ଦେଇଛନ୍ତି। ଶ୍ରୀମଦ୍ ଭଗବତ ଗୀତା କହେ, ଶ୍ରୀକୃଷ୍ଣ ସମସ୍ତଙ୍କ 'ବୀଜପ୍ରଦ ପିତା' (ଅଧ୍ୟାୟ ୯ର ଶ୍ଳୋକ ୧୭, ଆଉ ଅଧ୍ୟାୟ ୧୪ ଶ୍ଳୋକ ୪)। ମାତା ବା ନାରୀ ନ ଥାଇ ପିତୃତ୍ୱ ସମ୍ଭବ କି? ଯଦି ଭଗବାନ ହିଁ ବୀଜ, ତେବେ ମଣିଷର ଜବନ ଏତେ ଜଞ୍ଜାଳମୟ କାହିଁକି? ଗଛଲତା ନ ଥିବା, ପାଣି ପବନ ନ ଥିବା ଜାଗାରେ କାହିଁକି ମଣିଷ ଚଳିପାରୁ ନାହିଁ, ମଣିଷ କାହିଁକି ଖାଦ୍ୟ ପାଇଁ ଅନ୍ୟ ଉପରେ ନିର୍ଭର କରୁଛି? ଦୁନିଆରେ ତ ନିଜର ଖାଦ୍ୟ ଉତ୍ପାଦନ କରୁଥିବା ଜୀବ (ଅଟୋଟ୍ରଫିକ୍) ଅଛନ୍ତି, ଯଥା ୟିଷ୍ଟ, ଯାହା ପରିବେଶରେ ବୁଲୁଛି, ଦହି ବା ପାଉଁରୁଟିରେ ଅଛି। ୟିଷ୍ଟ ଦେହରେ ସବୁ ପ୍ରକାରର ଏନ୍‌ଜାଇମ୍ (ପାଚକ) ଅଛି, (ଶର୍କରା ଓ ବାୟୋଟିନ୍ ନାମକ ଦୁଇଟି ପାଚକକୁ ଛାଡ଼ି) ମଣିଷ ଦେହରେ କାହିଁକି ନାହିଁ? ଜୀବ ଯେତେ ଜଟିଳତର ହୋଇଛି ସେତେ ପରିମାଣରେ ଏନ୍‌ଜାଇମ୍ ହରାଇଛି ଓ ହରାଉଛି। ମଣିଷ ତ ସମସ୍ତଙ୍କଠାରୁ ବେଶି ପରାଙ୍ଗଭୋଜୀ, ବେଶି ପରମୁଖାପେକ୍ଷୀ। ତାହା ବିବର୍ତ୍ତନର ଫଳ, ବିବର୍ତ୍ତନର ନିୟମ ଅଛି, ଭଗବାନଙ୍କ ସୃଷ୍ଟି ନୁହେଁ। ଆମିନୋଏସିଡ୍ ଓ ଭିଟାମିନ୍ ଭଳି ମୁଖ୍ୟ ଉପାଦାନ ମଣିଷକୁ ରେଡିମେଡ୍ (ଅନ୍ୟଦ୍ୱାରା ପ୍ରସ୍ତୁତ ହୋଇ) ମିଳିବା ଦରକାର, ନ ହେଲେ ମଣିଷ ନଷ୍ଟ ହୋଇଯିବ କାହିଁକି? ପ୍ରାଣୀ ଯେତେ ଉଚ୍ଚତର, ପ୍ରକୃତିଠାରୁ ସେତେ ଦୂର; ଖାଦ୍ୟ ଦୃଷ୍ଟିରୁ ସେତେ ପରମୁଖାପେକ୍ଷୀ; ଇଏ ତ ନିୟମ। ଅନ୍ୟ ଉପରେ ନିର୍ଭର କରିବା ଧର୍ମ ଦୃଷ୍ଟିରୁ ଅଧଃପତନର କାରଣ, କିନ୍ତୁ ବିଜ୍ଞାନ ଦୃଷ୍ଟିରୁ ବୁଦ୍ଧିମାନର କାମ। ଯଦି ପରିବେଶରୁ ସବୁ ଜିନିଷ ମିଳିପାରୁଛି ତେବେ ଶରୀର କାହିଁକି ଖଟିବ ବା ସବୁ ଜିନିଷ ତିଆରି କରିବାର ଯନ୍ତ୍ରପାତି (ଏନ୍‌ଜାଇମ୍) କାହିଁକି ବୋହିବ? ବିଶେଷ ଉଦ୍ଦେଶ୍ୟରେ ଓ ସୂକ୍ଷ୍ମତର କାମ ପାଇଁ କୋଷଗୁଡ଼ିକ ଶକ୍ତି ଓ ସ୍ଥାନ ଯୋଗାଇ ପାରିଛି ବୋଲି ତ ମସ୍ତିଷ୍କର ବୃଦ୍ଧି ହୋଇଛି। ସେ ତା'ର ବିଶ୍ରାମକୁ ବ୍ୟାବହାରିକ କୌଶଳ ବା କାରିଗରି ବିଦ୍ୟାରେ ଲଗାଇଛି, ଦର୍ଶନ ଓ ବିଜ୍ଞାନରେ ମଜ୍ଜି ଯିବାକୁ ସମୟ ପାଉଛି। ଶରୀରର କୋଷଗୁଡ଼ିକ ଆପେ ଆପେ ଖାଦ୍ୟ ସଂଗ୍ରହ କରିନିଅନ୍ତେ ତ ମଣିଷ ଏକ 'ଜ୍ଞାନ ଅସ୍ତିତ୍ୱ', ସେନ୍‌ସିଏଣ୍ଟ ବିଇଂ, ହୋଇଯାଆନ୍ତା, ଆମର ଉପସ୍ଥିତ ଭାଷାରେ ଦେବତା ହୋଇଯାନ୍ତା। ମଣିଷ ଆଜିଯାଏ ଯାହା ହୋଇଆସିଛି ସେସବୁ ବିବର୍ତ୍ତନର ଫଳ, ବିବର୍ତ୍ତନ ନିୟମକୁ ନିୟନ୍ତ୍ରଣ କରୁଥିବା ଶକ୍ତିକୁ ଆମେ ଭଗବାନ କହିଲେ ସେ ନିୟମଗୁଡ଼ିକୁ ମାନିବାକୁ ଭକ୍ତି କହିବା। ତେଣୁ ଭଲ ଜୀବନ ପାଇଁ ପରିବେଶ ସୃଷ୍ଟି କରିବା ଓ ଭଲ ରହିବା ନିଜର କ୍ରିୟାଧୀନ, ତାହା ହିଁ ଆମର ଉପସ୍ଥିତ ଭାଷାରେ ଭଗବାନଙ୍କୁ ପ୍ରାର୍ଥନା। ମୂର୍ତ୍ତିଟିଏ ଗଢ଼ି ତା' ଆଗରେ ଗୁଡ଼ିଏ ଶ୍ଳୋକ ଉଚ୍ଚାରଣ କରିବା ସମ୍ପୃକ୍ତ ମଣିଷର ଜୀବନକୁ ସାମୟିକ ଭାବେ ସରସ ଆଉ ସୁଖୀ କରିପାରେ, କିନ୍ତୁ ମଣିଷ ସମାଜକୁ ଉନ୍ନତ କରେ ନାହିଁ।

ଏକକୋଷୀ ଜୀବ ବହୁକୋଷୀ ହେବାର ଅବସର ଆସିଲା ଯେତେବେଳେ ଗୋଟିଏ କୋଷ ଆଉ ଏକ କୋଷକୁ ତା' ଅନ୍ତଃରେ ଭର୍ତ୍ତି କରି ରଖିପାରିଲା। ଏକରୁ ବହୁକୋଷୀ ହୋଇ ଉଦ୍ଭିଦ ଓ ପ୍ରାଣୀ ହେଲେ। ଉଦ୍ଭିଦ ଜଗତରେ ପରାଙ୍ଗଭୋଜୀ ଓ ପ୍ରାଣୀ ଜଗତରେ ମାଂସାଶୀ ଆରମ୍ଭ ହେଲେ। ଭୋଜ୍ୟ ଦେହରେ ଥିବା ଜୈବିକ ଉପାଦାନଗୁଡ଼ିକ ଉଚ୍ଚତର ପ୍ରାଣୀର ରେଡିମେଡ୍ ଖାଦ୍ୟ ହୋଇଗଲା। ପ୍ରକୃତିର ଫାଷ୍ଟ ଫୁଡ୍। ଭୋଜୀର ଅନ୍ତଃ ବା ଅନ୍ତ୍ରରେ ପହଞ୍ଚିଲା କ୍ଷଣି ଭୋଜ୍ୟ ଜୀବର ଟୁକୁରା ଟୁକୁରା ଅଂଶ ଓ ରସ (ମଣିଷର ଭାଷାରେ ମାଂସ ଓ ରକ୍ତ) ଆଦିରୁ ଅଣୁଗୁଡ଼ିକ ଏନ୍‌ଜାଇମ୍-କ୍ରିୟା ଦ୍ୱାରା ଚୂର୍ମାର ହୋଇ ଉଚ୍ଚତର ଜୀବର ଦେହରେ ମିଶେ: ଏଭଳି ପ୍ରସେସିଂ ବା ପ୍ରକ୍ରିୟାକରଣ, ଯାହାକୁ ଆମେ ହଜମ କ୍ରିୟା (ଡାଇଜେସନ୍) କହୁଛୁ, ଜୀବର ଅଭିବୃଦ୍ଧିରେ ସାହାଯ୍ୟ କରେ। ଖାଦ୍ୟ ଲାଗି ପ୍ରତ୍ୟେକ ଉଚ୍ଚତର ଜୀବ ନୀଚ ଜୀବର ସମ୍ପଦକୁ ଡକାୟତି କରୁଛି ବା ତାକୁ ଶିକାର କରୁଛି। ଯଦି ସବୁ ପ୍ରାଣୀ ମାଂସାଶୀ ହୋଇଥାନ୍ତେ ତେବେ ପୃଥିବୀରୁ କେଉଁଦିନୁ ପ୍ରାଣୀମାନେ ଲୋପ ପାଇ ସାରନ୍ତେଣି: ଶୁଦ୍ଧ ବିଜ୍ଞାନର ଏ ନିୟମ ବା ଉକ୍ତିକୁ ମନ ଭିତରେ ରଖି ଲୋକଙ୍କୁ ନିରାମିଷାଶୀ ହେବା ଲାଗି ଆମେ ଧର୍ମର ଦ୍ୱାହି ଦେଉ।

ଆଉ ଗୋଟିଏ ଦିଗରୁ ଦେଖିଲେ ଜାଣିବା ଯେ ଭୋଜ୍ୟ ଉଦ୍ଭିଦ/ପ୍ରାଣୀର ବିଭିନ୍ନ ତନ୍ତୁରେ ଥିବା ଶକ୍ତିର ୧୦% ମାତ୍ର ଭୋଜୀ/ଖାଦକର ଦେହକୁ ଆସେ,



ବାକି ୯୦% ମଳମୂତ୍ର ଆକାରରେ ବାହାରିଯାଏ। ହୁଣ୍ଡା ହିସାବରେ ଗୋଟିଏ ବୟସ୍କ ମାଂସାଶୀ ପ୍ରାଣୀ ବଞ୍ଚିବା ଲାଗି ବର୍ଷକୁ ୧୦ଟି ପ୍ରାଣୀ ମାରିବାକୁ ବାଧ୍ୟ; ଏହି କାରଣରୁ ମାଂସାଶୀ ପ୍ରାଣୀଙ୍କ ସଂଖ୍ୟା ଖୁବ୍ କମ୍। ବେଶି ସଂଖ୍ୟକ ତୃଣଭୋଜୀ। ମଣିଷ, ଭାଲୁ, ଘୁଷୁରି ଭଳି କେତେକ ପ୍ରାଣୀ ଉଭୟ ତୃଣଭୋଜୀ ଓ ମାଂସାଶୀ। ସବୁ ତୃଣଭୋଜୀ ପ୍ରାଣୀଙ୍କୁ ଓଜନ କଲେ ମାଂସାଶୀ ପ୍ରାଣୀମାନଙ୍କ ମୋଟ ଓଜନର କୋଟି କୋଟି ଗୁଣ ହେବ। ଇଏ ଗୋଟିଏ ନିୟମ। ୧୦୦ କିଲୋ ଘାସ ଖାଇଲେ ଗାଇକୁ ମାତ୍ର ଦୁଇ କିଲୋ ପ୍ରୋଟିନ ମିଳେ। ଶୁଖିଲା ନଡ଼ା ଖାଉଥିବା ଗାଈ ନଡ଼ାରୁ ଯାହା ଶକ୍ତି ପାଏ ତାହା ଚୋବାଇବାରେ ହିଁ ଖର୍ଚ୍ଚ କରିଦିଏ, ଦେହ ବୃଦ୍ଧି ପାଇଁ ନାମମାତ୍ର ପାଏ। ଗଛଲତାମାନେ ଯେତେ ପରିମାଣରେ ଖାଦ୍ୟ ତିଆରି କରନ୍ତି ପ୍ରାଣୀମାନେ ସେତେ ପରିମାଣରେ ଡକାୟତି କରିପାରନ୍ତି ନାହିଁ। ତେଣୁ ଉଦ୍ଭିଦ ଜଗତର ଗୁରୁତ୍ୱ ଏତେ ବେଶି। ଯଦି ଭଗବାନ ମଣିଷକୁ ତାଙ୍କ ରୂପରେ ଗଢ଼ିଲେ ଅନ୍ୟ ସବୁ ପ୍ରାଣୀ, ଗଛଲତା, ଅଣୁଜୀବ ଆଉ ଫିମ୍ପିକୁ କାହା ରୂପରେ ଗଢ଼ିଲେ? ପୁଣି ଯତ୍ନ କରି ଗଢ଼ିଥିବା ମଣିଷକୁ କାହିଁକି ସ୍ୱୟଂସମ୍ପୂର୍ଣ୍ଣ କଲେ ନାହିଁ? ମଣିଷର ବଂଶାଣୁ ବା ଡିଏନ୍‌ଏ ଅନୁଧ୍ୟାନ ପ୍ରକଳ୍ପ - ଜିନୋମ୍ - ୨୦୦୩ରେ ସରିଯାଇଛି। ଫଳ ଯାହା ବାହାରିଛି ତାହା ମଣିଷକୁ ଏକ ଇତର ପ୍ରାଣୀ ଭଳି ପ୍ରଦର୍ଶନ କରୁଛି। ଗଣଗଣିଆ ମାଛିର ୧୪,୦୦୦ ଜିନ୍, ନେମାଟୋଡ୍ ପୋକର ୨୦,୦୦୦ ଜିନ୍। ମଣିଷର ଲକ୍ଷାଧିକ ଜିନ୍ ବାହାରିବ ବୋଲି ଆଶା କରାଯାଉଥିଲା, କିନ୍ତୁ ବାହାରିଛି ୨୦ରୁ ୨୫ ହଜାର ଭିତରେ: ପୋକଠାରୁ ହୀନ। ଏତେ ବୁଦ୍ଧିଆ ପ୍ରାଣୀର ହଜିଲା ଜିନ୍ ସବୁ କେଉଁଠି ଅଛି? ସେସବୁ ଅଣୁଜୀବମାନଙ୍କଠାରେ ରହିଛି, ବାକ୍‌ଟେରିଆ ଭିତରେ। ଆମ ଦେହ କୋଷଗୁଡ଼ିକ ଯେତିକି ପ୍ରୋଟିନ୍ ତିଆରି କରିପାରୁଛନ୍ତି ତାହାର ୩୬୦ ଗୁଣ ତିଆରି କରୁଛନ୍ତି ଆମ ଦେହଭିତରେ ଥିବା ବାକ୍ଟେରିଆ ଓ ଅନ୍ୟ ଅଣୁଜୀବମାନଙ୍କ ଦେହରେ ଥିବା ୧୦ ଲକ୍ଷକୋଟି କୋଷ। ପ୍ରତି ମଣିଷକୁ ଗୋଟିଏ ଗୋଟିଏ ସ୍ମାର୍ଟଫୋନ୍ ଭାବିଲେ ଅଣୁଜୀବମାନେ ହେବେ ଭିନ୍ନ ଭିନ୍ନ ଆପ୍ଲିକେସନ୍। ବାହାରର ବାକ୍ଟେରିଆ ଓ ଅନ୍ୟ ଅଣୁଜୀବମାନଙ୍କ ପ୍ରବେଶ ରୋକିବାକୁ ଆମଦେହର ବନ୍ଧୁ ଅଣୁଜୀବମାନେ ଯଥେଷ୍ଟ ସଂଖ୍ୟାରେ ଥିବା ଦରକାର, ନଚେତ୍ ପ୍ରବାସୀ ଅଣୁଜୀବମାନେ ସହଜରେ ଦେହରେ ପ୍ରବେଶ କରି ଦେହକୋଷକୁ ନଷ୍ଟ କରିବେ, ତାହା ହିଁ ତ ରୋଗ! ତେଣୁ ଭଗବାନଙ୍କୁ ପୂଜା କରିବାର ଅନ୍ତର୍ନିହିତ ଅର୍ଥ ପରିବେଶକୁ ସୁସ୍ଥ ରଖିବାର ନିୟମସବୁ ମାନିବା। ସବୁ ନିୟମର ସମାହାର ହିଁ ଭଗବାନ। ସୃଷ୍ଟିର ନିୟମ ମାନିବା, ପରିବେଶର ନିୟମ ମାନିବା ଏବଂ ଜୀବନଯାପନର ନିୟମ ମାନିବା ହିଁ ଭଗବାନଙ୍କ ପୂଜା (ମଣିଷର ଭକ୍ତି)। ଭଗବାନ ମଣିଷର ଚିନ୍ତାରେ ଅଛନ୍ତି, ବାହାରେ ମନ୍ଦିର ଗୀର୍ଜା ମସଜିଦ୍ ଆଦିରେ ନୁହେଁ। ଭଗବାନ ଦୁନିଆ ତିଆରି କରିଛନ୍ତି ତ ତାଙ୍କୁ କିଏ ତିଆରି କଲା? ଯିଏ ଭଗବାନଙ୍କୁ ତିଆରି କଲା ତାକୁ କିଏ ତିଆରି କଲା? ଏମିତି ପ୍ରଶ୍ନର ଉତ୍ତର ଆମକୁ ମୂଳ ପ୍ରଶ୍ନକୁ ନେଇଯାଏ: କେତେଗୁଡ଼ିଏ ନିୟମ ଫଳରେ ସବୁ ସୃଷ୍ଟି ଏବଂ ନିୟମ ସ୍ୱୟଂ ସୃଷ୍ଟ। ଅଡୁଆରେ ନ ପଶିଲେ ଆମେ ଧରିନେବା ଯେ ନିୟମ ବା ସୂତ୍ର ହିଁ ଭଗବାନ। ନିୟମ ହିଁ ଧର୍ମ। ଭଗବାନଙ୍କୁ ପୂଜା କରିବା ମାନେ ନିୟମମାନଙ୍କୁ ମାନିବା।

sahadevas@yahoo.com

# ଆର୍ଟେମିସ୍-୨ ମିଶନ ସ୍ପେଶାଲିଷ୍ଟ

ଆମେରିକାର ନ୍ୟାଶନାଲ ଏରୋନଟିକ୍ସ ଆଣ୍ଡ୍ ସ୍ପେସ୍ ଆଡ୍‌ମିନିଷ୍ଟ୍ରେଶନ (ନାସା)ର ଆର୍ଟେମିସ୍-୨ ମିଶନରେ ଚନ୍ଦ୍ର ଅଭିଯାନରେ ଯାଇଥିବା ୪ ମହାକାଶଚାରୀ ୧୦ ଏପ୍ରିଲରେ ପ୍ରତ୍ୟାବର୍ତ୍ତନ କରିଛନ୍ତି। ପୃଥିବୀର ଏକମାତ୍ର ପ୍ରାକୃତିକ ଉପଗ୍ରହ ଚାରିପାଖେ ପ୍ରଦକ୍ଷିଣ କରିଥିବା ଆମେରିକାର କମାଣ୍ଡର ରେଇଡ୍ ୱାଇଜ୍‌ମ୍ୟାନ୍, ପାଇଲଟ୍ ଭିକ୍ଟର ଗ୍ଲୋଭର, ମିଶନ ସ୍ପେଶାଲିଷ୍ଟ କ୍ରିଷ୍ଟିନା କୋଚ୍ ଓ କାନାଡାର ଜେରେମି ହାନ୍‌ସେନ୍ ଏଥିରେ ସାମିଲ ହୋଇ ୧୦ ଦିନିଆ ମିଶନ ଶେଷ କରିଛନ୍ତି। ସଫଳ ଚନ୍ଦ୍ରାଭିଯାନ କରିଥିବା ୪ କ୍ରିଉ ସଦସ୍ୟ ମହାକାଶରେ ମାନବ ଯାତ୍ରା କରିଥିବା ସର୍ବାଧିକ ଦୂରତ୍ୱ (୪,୦୬,୭୭୧ କିମି ବା ୨,୫୨,୭୫୬ ମାଇଲ)ର ରେକର୍ଡ ସୃଷ୍ଟି କରିଛନ୍ତି। ସୂଚନା ଦିଆଯାଇପାରେ ଯେ, ୧୯୭୨ ଡିସେମ୍ବରରେ ଆପୋଲୋ-୧୭ ମିଶନ ପରେ ଚନ୍ଦ୍ରକୁ ନାସାର ଏହା ପରବର୍ତ୍ତୀ ମାନବ ଅଭିଯାନ ହୋଇଛି। ଏଥିସହିତ ମଙ୍ଗଳ ଓ ଏହା ପରବର୍ତ୍ତୀ ଗ୍ରହରେ ଅବତରଣ ପାଇଁ ଚନ୍ଦ୍ରକୁ ରହଣିସ୍ଥଳ ଓ ଲଞ୍ଚପ୍ୟାଡ୍ କରିବା ସକାଶେ ନାସା ଯୋଜନା କରିଥିବା ଜଣାପଡ଼ିଛି। ତେବେ ସଦ୍ୟ ଚନ୍ଦ୍ରାଭିଯାନ କରି ଫେରିଥିବା ମହାକାଶଚାରୀଙ୍କ ମଧ୍ୟରେ ଏକମାତ୍ର ମହିଳା ସଦସ୍ୟ ଥିବା କ୍ରିଷ୍ଟିନା କୋଚ୍ ମିଶନ ସ୍ପେଶାଲିଷ୍ଟ ଭାବେ ଜହ୍ନ ଚାରିପାଖରେ ଭ୍ରମଣ କରିବାରେ ମଧ୍ୟ ପ୍ରଥମ ମହିଳା ହୋଇଛନ୍ତି। କ୍ରିଷ୍ଟିନା ମହିଳା ମହାକାଶଯାତ୍ରୀଙ୍କ ମଧ୍ୟରେ ସର୍ବାଧିକ ସମୟ ମହାକାଶରେ ରହିଥିବା ରେକର୍ଡ ଧାରଣ କରିଛନ୍ତି, ଯେଉଁଥିରେ ସେ ୨୦୧୯-୨୦ରେ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍‌ଏସ୍)ରେ ୩୨୮ ଦିନ ବିତାଇଥିଲେ। ତାଙ୍କ ଅଦମ୍ୟ ସାହସ ଓ ଦକ୍ଷତା ବିଷୟରେ ଏବେ ବିଶ୍ୱବ୍ୟାପୀ ଚର୍ଚ୍ଚା ହେବା ସ୍ୱାଭାବିକ।

ବ୍ୟକ୍ତିତ୍ୱ



କ୍ରିଷ୍ଟିନା କୋଚ୍

କ୍ରିଷ୍ଟିନା ଆମେରିକା ମିଚିଗାନ୍‌ର ଗ୍ରାଣ୍ଡ ରାପିଡ୍‌ସରେ ୨୯ ଜାନୁଆରୀ ୧୯୭୯ରେ ଜନ୍ମଗ୍ରହଣ କରିଥିଲେ। ସେ ନର୍ଥ କରୋଲିନାର ଜ୍ୟାକ୍ସନଭିଲେରେ ବଢ଼ିଥିଲେ। କିନ୍ତୁ ଗ୍ରୀଷ୍ମକାଳରେ ମିଚିଗାନ୍‌ରେ ତାଙ୍କ ମାତାପିତାଙ୍କ ସହ ଫାର୍ମରେ ସମୟ କଟାଉଥିଲେ। ଛୋଟବେଳୁ ହିଁ କ୍ରିଷ୍ଟିନା ମହାକାଶଯାତ୍ରୀ ହେବାକୁ ଚାହୁଁଥିଲେ। ଉଡ଼ାଣ ପୂର୍ବରୁ ନାସା ପକ୍ଷରୁ ତାଙ୍କ ସହ ହୋଇଥିବା ସାକ୍ଷାତ୍କାରରେ କହିଥିଲେ 'ମୁଁ ଏପରି ଜିନିଷ ପସନ୍ଦ କରୁଥିଲି ଯାହା ମୋତେ ଛୋଟ ଲାଗୁଥିଲା। ମୁଁ ରାତିର ଆକାଶକୁ ପାଇନ୍ ଗଛର ଡାଳ ମଝିରୁ ଅଧିକାଂଶ ସମୟରେ ଦେଖିବାକୁ ପସନ୍ଦ କରୁଥିଲି।' ସେ ଆହୁରି କହିଥିଲେ, 'ମୁଁ ଲୋକଙ୍କୁ ସର୍ବଦା କହେ, ଯାହା ଆପଣଙ୍କ ମଧ୍ୟରେ ଭୟ ସୃଷ୍ଟି କଲା ଭଳି ଲାଗିବ ସେଇଟା ହିଁ କରନ୍ତୁ।' ସମୟ କ୍ରମେ କ୍ରିଷ୍ଟିନା ଯେତେବେଳେ ବଢ଼ିଚାଲିଲେ ସେତେବେଳେ ପିଲାଦିନର ସ୍ୱପ୍ନ ପୂରଣ କରିବା ଲାଗି ସେ ଗଣିତ ଓ ବିଜ୍ଞାନ ପାଠ ପଢ଼ିଥିଲେ। ସେ ଆଲବାମାର ହଣ୍ଟସ୍‌ଭିଲେରେ ଥିବା ସ୍ପେସ୍ କ୍ୟାମ୍ପକୁ ଯାଇଥିଲେ। ସେଠାରେ ସେ ବିଜ୍ଞାନ, ପ୍ରଯୁକ୍ତି, ଇଞ୍ଜିନିୟରିଂ ଓ ଗଣିତ (ଷ୍ଟେମ୍) କାର୍ଯ୍ୟକ୍ରମରେ ଭାଗ ନେଇଥିଲେ, ଯେଉଁଥିରେ ମହାକାଶଯାତ୍ରା ପାଇଁ ତାଲିମ ନେବାର ସୁଯୋଗ ମିଳିଥିଲା। କ୍ରିଷ୍ଟିନା ନର୍ଥ କରୋଲିନା ଷ୍ଟେଟ୍ ୟୁନିଭର୍ସିଟିରେ ପଢ଼ିଥିଲେ। ସେଠାରୁ ସେ ୨୦୦୧ ମସିହାରେ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ଓ ପଦାର୍ଥ ବିଜ୍ଞାନରେ ସ୍ନାତକ ଡିଗ୍ରୀ ଏବଂ ୨୦୦୨ ମସିହାରେ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। ସେ ଘାନା ବିଶ୍ୱବିଦ୍ୟାଳୟରେ ମଧ୍ୟ ଅଧ୍ୟୟନ କରିଥିଲେ।

୨୦୦୨ରେ କ୍ରିଷ୍ଟିନା ମେରିଲାଣ୍ଡର ଗ୍ରୀନବେଲ୍‌ଟ ନାସାର ଗୋଡାର୍ଡ ସ୍ପେସ୍ ଫ୍ଲାଇଟ ସେଣ୍ଟରରେ ହାଇ ଏନର୍ଜି ଆଷ୍ଟ୍ରୋଫିଜିକ୍ସ ଲାବରେଟୋରିରେ ଇଲେକ୍ଟ୍ରିକାଲ ଇଞ୍ଜିନିୟର ଭାବରେ କାର୍ଯ୍ୟ ଆରମ୍ଭ କରିଥିଲେ। ତା'ପରେ ସେ ୟୁନାଇଟେଡ୍ ଷ୍ଟେଟ୍ସ ଆଣ୍ଟାର୍କଟିକ୍ ପ୍ରୋଗ୍ରାମରେ ଯୋଗ ଦେଇ ଆମୁଣ୍ଡସେନ୍-ସ୍କଟ ସାଉଥ୍ ପୋଲ ଷ୍ଟେସନ୍‌ରେ ବର୍ଷେ କଟାଇଥିଲେ। ୨୦୦୭ରେ ସେ ଜନ୍ସ ହପକିନ୍ସ ୟୁନିଭର୍ସିଟିର ଆପ୍ଲାଏଡ୍ ଫିଜିକ୍ସ ଲାବରେଟୋରିରେ ଯୋଗ ଦେଇଥିଲେ, ଯେଉଁଠାରେ ସେ ଜୁପିଟର୍ କକ୍ଷପଥ ଜୁନୋ ପରି ମହାକାଶ ପାଇଁ ଉପକରଣ ଉପରେ କାର୍ଯ୍ୟ କରିଥିଲେ। ପରବର୍ତ୍ତୀ ବର୍ଷଗୁଡ଼ିକରେ ସେ ଆଲାସ୍କା, ଗ୍ରୀନ୍‌ଲାଣ୍ଡ ଏବଂ ଆମେରିକୀୟ ସାମୋଆର ଦୂରବର୍ତ୍ତୀ ବୈଜ୍ଞାନିକ କେନ୍ଦ୍ରଗୁଡ଼ିକରେ ଫିଲ୍ଡୱାର୍କ କରିଥିଲେ।

କ୍ରିଷ୍ଟିନା ୨୦୧୩ରେ ମହାକାଶଯାତ୍ରୀ ଭାବେ ବଛା ହୋଇଥିଲେ। ତାଙ୍କର ପ୍ରଥମ ମହାକାଶ ଯାତ୍ରା ମାର୍ଚ୍ଚ ୨୦୧୯ରେ ହୋଇଥିଲା, ଯେତେବେଳେ ସେ ରୁଷୀୟ ମହାକାଶଯାନ ସୋୟୁଜ ଏମ୍‌ଏସ୍-୧୨ ଦ୍ୱାରା ମହାକାଶ କେନ୍ଦ୍ରକୁ ଯାଇଥିଲେ। ସେ ଛଅଟି ସ୍ପେସ୍‌ୱାକ୍ (ମହାକାଶରେ ଚାଲିବା) କରିଥିଲେ, ଯେଉଁଥିରେ ଜେସିକା ମେୟାରଙ୍କ ସହ ପ୍ରଥମ ତିନିଜଣ ମହିଳା ସାମିଲ ଥିଲେ। ସେ ୨୦୨୦ ଫେବୃଆରୀରେ ୩୨୮ ଦିନ ପରେ ପୃଥିବୀକୁ ଫେରିଥିଲେ। ୨୦୨୩ ମସିହାରେ କ୍ରିଷ୍ଟିନା ଆର୍ଟେମିସ-୨ ମିଶନ ପାଇଁ ମିଶନ ସ୍ପେଶାଲିଷ୍ଟ ଭାବରେ ମନୋନୀତ ହୋଇଥିଲେ, ଯାହା ଆର୍ଟେମିସ ପ୍ରୋଗ୍ରାମ ପ୍ରଥମ ମନୁଷ୍ୟଯୁକ୍ତ ଉଡ଼ାଣ ଥିଲା। ଏବର ଏପ୍ରିଲ ୧ର ଅଭିଯାନ ନେଇ ସେ କହିଛନ୍ତି ଯେ, ମହାକାଶଯାନର ବନ୍ଦ ହୋଇଯାଇଥିବା ଟଏଲେଟ୍ ମରାମତି କରିଥିଲେ। ନିଜକୁ ସ୍ପେସ ପ୍ଲମ୍ବର୍ ମଧ୍ୟ କହିବାକୁ ସେ ପଛାଇ ନାହାନ୍ତି। ମହାକାଶରେ ଭବିଷ୍ୟତରେ ମନୁଷ୍ୟ ହୋଇ ରହିବା ଏହି ମିଶନ୍‌ର ସବୁଠାରୁ ସୁନ୍ଦର ବିଷୟଗୁଡ଼ିକ ମଧ୍ୟରୁ ଗୋଟିଏ ବୋଲି କହିଛନ୍ତି।

କ୍ରିଷ୍ଟିନାଙ୍କ ବ୍ୟକ୍ତିଗତ ଜୀବନ କହିଲେ ସେ ଜିଓସ୍ପାଟିଆଲ୍ ଇଞ୍ଜିନିୟର୍ ରବର୍ଟ ବବ୍ କୋଚ୍‌ଙ୍କୁ ବିବାହ କରିଛନ୍ତି। ଉଭୟେ ଆମେରିକୀୟ ସାମୋଆରେ କାର୍ଯ୍ୟ କରୁଥିବା ସମୟରେ ପରିଚିତ ହୋଇଥିଲେ।

- ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଭାରତୀୟ ସ୍ଥଳସେନାରେ ୨୧ ବର୍ଷ ସେବା କରି କଲୋନେଲ ସୁବାସ ଦେଶୱାଲ ଅବସର ନେବା ପରେ ଜଣେ ଚାଷୀ ଭାବେ ଜୀବନ କାଟୁଛନ୍ତି। ସେ ଗାଜର ଚାଷ କରୁଛନ୍ତି, ଏହା ତାଙ୍କୁ ଜାତୀୟ ସ୍ତରରେ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି। ୨୦୦୨ରେ ତାଙ୍କର ଜଣେ କେମିକାଲ ଇଞ୍ଜିନିୟର ବନ୍ଧୁ ଲାଲକୃଷ୍ଣ ଯାଦବଙ୍କ ସହ ସାକ୍ଷାତ ହେବାପରେ ତାଙ୍କ ସହ ମିଶି ଚାଷ କରିବାକୁ ନିଷ୍ପତ୍ତି ନେଇଥିଲେ। ସେମାନେ ପ୍ରଥମେ ଉତ୍ତରପ୍ରଦେଶ ବୁଲନ୍ଦସହର ଜିଲା ସିକନ୍ଦ୍ରାବାଦରେ ୨ ଏକର ଜମି ଲିଜ ନେଇ ଚାଷ ଆରମ୍ଭ କରିଥିଲେ। ପାରମ୍ପରିକ ପଦ୍ଧତିରେ ସବୁ ପ୍ରକାର ଚାଷ କରି ୩ ବର୍ଷ କ୍ଷତି ସହିବା ପରେ ୨୦୦୫ରେ ସେ ଆଇସିଆଇଆର୍ ପରିଦର୍ଶନ କରି ବୈଜ୍ଞାନିକ ପଦ୍ଧତି ଚାଷ ସମ୍ପର୍କରେ ଜ୍ଞାନ ହାସଲ କରିଥିଲେ। ପରେ ଆଧୁନିକ ଯନ୍ତ୍ରପାତି ଦ୍ୱାରା ଗାଜର ଚାଷ କରି ଅତ୍ୟଧିକ ଅମଳ କରୁଛନ୍ତି। ଗାଜରର ମାର୍କେଟିଂ ପାଇଁ ସେ ଏକ କମ୍ପାନୀ ଖୋଲିଛନ୍ତି। ସେ ମଧ୍ୟ ଗାଜର ଚାଷ ସହ ୫୦୦ କୃଷକଙ୍କୁ ଯୋଡ଼ି ୫୦୦ ଏକରରେ ଗାଜର ଚାଷ କରାଇପାରିଛନ୍ତି, ଯେଉଁମାନେ ବର୍ଷକୁ ୨୫୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ରୋଜଗାର କରିବାକୁ ସକ୍ଷମ ହୋଇଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୨ ଏପ୍ରିଲ ୧୯୭୭

- ଶ୍ରୀ ବାବୁଭାଇ ଜେ. ପଟେଲଙ୍କ ମୁଖ୍ୟମନ୍ତ୍ରୀତ୍ୱରେ ଗୁଜରାଟର ନୂତନ ୯ ଜଣିଆ ଜନତା ସାମୁଖ୍ୟ ମନ୍ତ୍ରୀମଣ୍ଡଳ ଶପଥ ଗ୍ରହଣ କରିଛନ୍ତି।
- ୨ ଥର ଦେଶର ମଧ୍ୟବର୍ତ୍ତୀକାଳୀନ ପ୍ରଧାନମନ୍ତ୍ରୀ ଦାୟିତ୍ୱ ତୁଲାଇବା ସହ କେନ୍ଦ୍ରରେ ସ୍ୱରାଷ୍ଟ୍ର ତଥା ଅନ୍ୟ ବହୁ ବିଭାଗର ମନ୍ତ୍ରୀ ରୂପେ ଦୀର୍ଘକାଳ କାର୍ଯ୍ୟକରିଥିବା ଶ୍ରୀ ଗୁଲଜାରିଲାଲ ନନ୍ଦାଙ୍କ କଂଗ୍ରେସ ଦଳର ପ୍ରାଥମିକ ସଭ୍ୟପଦରୁ ଇସ୍ତଫା।
- ବମ୍ବେର ୧୧ଟି ଲୁଗାକଳର ୧୪ ହଜାର ୫ଶହ ଶ୍ରମିକ ସେମାନଙ୍କ ଦରମା ହାର କମାଯିବା ବିରୁଦ୍ଧରେ ପ୍ରତିବାଦ କରି ଧର୍ମଘଟ କରିଛନ୍ତି।

## ସୁ-ଡୋ-କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 1 | 2 | | 6 | 4 | |
| 4 | | 8 | | 5 | 9 | | | |
| | 1 | 2 | 7 | | | | 8 | |
| | | | 9 | | | | 2 | |
| | 3 | 9 | | | | 4 | | |
| | | | | | 7 | | 5 | |
| | | 6 | 3 | | | 7 | | |
| | | | | 6 | | | | |
| 8 | | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 2 | 4 | 6 | 7 | 5 | 3 | 9 | 8 |
| 3 | 5 | 8 | 2 | 1 | 9 | 4 | 7 | 6 |
| 7 | 9 | 6 | 3 | 8 | 4 | 5 | 2 | 1 |
| 9 | 8 | 7 | 1 | 3 | 2 | 6 | 5 | 4 |
| 2 | 3 | 5 | 4 | 6 | 7 | 1 | 8 | 9 |
| 4 | 6 | 1 | 9 | 5 | 8 | 2 | 3 | 7 |
| 6 | 4 | 9 | 8 | 2 | 3 | 7 | 1 | 5 |
| 5 | 1 | 2 | 7 | 9 | 6 | 8 | 4 | 3 |
| 8 | 7 | 3 | 5 | 4 | 1 | 9 | 6 | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଶୀତଳ ଭଣ୍ଡାର ଅଭାବ

ମହାଶୟ,

ନୂଆ ସରକାର କୌଣସି ଜିଲାରେ ଗୋଟିଏ ବି ଶୀତଳ ଭଣ୍ଡାର କରିପାରିନାହାନ୍ତି। ଫଳରେ ଚାଷୀଙ୍କୁ ଅଭାବୀ ବିକ୍ରିର ସମ୍ମୁଖୀନ ହେବାକୁ ପଡୁଛି। ଓଡ଼ିଶାର ସମସ୍ତ ଜିଲାରେ ବିଲାତି, ଆଳୁ, ବାଇଗଣ, କାକୁଡି, ଭେଣ୍ଡି ଭଳି ନାନାଦି ପନିପରିବା ପର୍ଯ୍ୟାପ୍ତ ପରିମାଣରେ ଉତ୍ପାଦନ ହେଉଛି। ହେଲେ ଶୀତଳ ଭଣ୍ଡାରର ଅଭାବ ହେତୁ କୃଷକମାନେ ଚାଷରୁ ମୁହଁ ଫେରାଉଛନ୍ତି। କୃଷକଟି ତା'ର ଦେହର ପ୍ରତିଟି ଝାଳବୁନ୍ଦାରେ ଉତ୍ପାଦନ କରୁଥିବା ଫସଲଟିକୁ ଆଜିର ସମୟରେ ତା'ର ଉପଯୁକ୍ତ ପାଉଣା ପାଇପାରୁନାହିଁ, ଯାହା ଫଳରେ କୃଷକଟି ପରିବାର ପ୍ରତିପୋଷଣ କରିବା ପାଇଁ ଅସମର୍ଥ ହେଉଛି। ଜୟ ଯବାନ ଜୟ କିଷାନ ଧ୍ୱନି ଦିଆଯାଉଥିବାବେଳେ କୃଷକଟି ବଳି ପଡିଯାଉଛି। ସରକାରଙ୍କୁ ଅନୁରୋଧ ପ୍ରତ୍ୟେକ ଜିଲାରେ ଶୀତଳ ଭଣ୍ଡାରର ବ୍ୟବସ୍ଥା ଶୀଘ୍ର କଲେ କୃଷକଟି ତା'ର ଉତ୍ପାଦିତ ଫସଲକୁ ଉଚିତ ଦରରେ ବିକ୍ରୟ କରିପାରିବ ଏବଂ ତା'ର ସମସ୍ତ ଅଭାବକୁ ପୂରଣ କରିପାରିବ। କୃଷିକ୍ଷେତ୍ରରେ ରାଜ୍ୟ ଓ ଦେଶ ଆଗକୁ ବଢ଼ିପାରିବ।

- ବିଚିତ୍ର ପୃଷ୍ଟି, ଅଚ୍ୟୁତ ବସନ୍ତ, ବାଲିଚନ୍ଦ୍ରପୁର, ଯାଜପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଚାନ୍ଦତଳେ କାନ୍ଦେ ଚକୋର,
ମୋହରି ବିରହେ କାତର,
ବରଷା ଆଗମେ ଡାହୁକ ଡାକିଲା
ମୋହରି ବିରହ ଭାଷାରେ,
ଆଜି ସରବେ ମୋହରି ଆଶାରେ !
-(ବିଶ୍ୱର ଆହ୍ୱାନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ



ଖଡ଼ଗପୁରସ୍ଥିତ ଏକ ହୋଟେଲରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଓଡ଼ିଶାର କେତେଜଣ ବିଧାୟକ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ନେଇ ଶୁକ୍ରବାର ରାତିରେ ଆଲୋଚନା କରୁଛନ୍ତି।

# ସୁଙ୍କି ଘାଟିରୁ ୪୦ଫୁଟ ଖସିଲା ବସ୍, ଜଣେ ମୃତ

## ୨୩ ଯାତ୍ରୀ ଆହତ, ୬ ଗୁରୁତର

ପଟ୍ଟାଙ୍ଗି,୧୧।୪(ଶରତ କୁମାର ଧଳ)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ସୁଙ୍କି ଘାଟିରେ ଓଏସ୍ଆରଟିସିର ଏକ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ବସ୍‌ଟି ଘାଟିରେ ୪୦ ଫୁଟ ତଳକୁ ଖସିପଡ଼ିବାରୁ ୨୪ ଯାତ୍ରୀ ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ପଟ୍ଟାଙ୍ଗି ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଅବସ୍ଥାରେ କଳାହାଣ୍ଡି ଜିଲା କଲମପୁର୍ ବ୍ଲକ ଅଧୀନ ବଲାଗାଁ ଗ୍ରାମର ଜାମ୍ବବ ବିହାରୀଙ୍କ ମୃତ୍ୟୁ ଘଟିଛି। ୨୪ ଯାତ୍ରୀଙ୍କୁ ନେଇ ଭବାନୀପାଟଣାରୁ ଆନ୍ଧ୍ରପ୍ରଦେଶର ବିଶାଖାପାଟଣାକୁ ଶୁକ୍ରବାର ରାତିରେ ସରକାରୀ ଭଲ୍‌ଭୋ ବସ୍ ନଂ (ଓଡି ୦୨ଡିଇ-୫୪୪୬) ଯାଉଥିଲା। ସୁଙ୍କି ଥାନାଠାରୁ ୩ କି.ମି. ଦୂର ପଣସମାନଗୁଡ଼ି ଗ୍ରାମ ନିକଟସ୍ଥ ଘାଟିରେ ବିଳମ୍ବିତ ରାତି ୨ଟା୧୦ମିନିଟରେ ଘାଟିର ଏକ ବୁଲାଣିରେ ଭାରସାମ୍ୟ ହରାଇ ୪୦ ଫୁଟ ତଳକୁ ଖସି ପଡ଼ିଥିଲା। ଅଗ୍ନିଶମ କର୍ମଚାରୀ ଯାତ୍ରୀମାନଙ୍କୁ ଉଦ୍ଧାର କରି ପଟ୍ଟାଙ୍ଗୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ।୪ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ସେମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ କୋରାପୁଟ ମେଡିକାଲ କଲେଜ ଏବଂ ଅନ୍ୟ ଦୁଇଜଣଙ୍କୁ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଛି। ଅନ୍ୟ ୧୭ ଜଣ ପଟ୍ଟାଙ୍ଗୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଅଛନ୍ତି। ଜୟପୁର ପରିବହନ ବିଭାଗର ଜିଲା ଡିଏମ୍ ଅରୁଷି ସାହୁ, ଏମ୍‌ଭିଆଇ ଚନ୍ଦ୍ରା ବିଶ୍ୱାସ, ଟ୍ରାଫିକ ଏସ୍ଆଇ ଜଗନ୍ନାଥ ଦାରୁବ୍ରହ୍ମା ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତାଯାତ୍ରୀଙ୍କ ମୃତଦେହ ତାଙ୍କ ଗ୍ରାମକୁ ପଠାଇବାରେ ସହଯୋଗ କରିଛନ୍ତି। ଦୁର୍ଘଟଣା ସ୍ଥଳରେ ଏହି ଟିମ୍ ତଦନ୍ତ ଆରମ୍ଭ କରିଛି। ତହସିଲଦାର ଦେବେନ୍ଦ୍ର ବାହାଦୁର ସିଂ ଧାରୁଆ ଓ ପଟ୍ଟାଙ୍ଗି ଆଇଆଇସି ପ୍ରଭାତ ବେହେରା ମଧ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ଫେରିଛନ୍ତି।

# ଜାତୀୟ ଜନଜାତି କମିଶନ ସିଜିମାଳି ପରିଦର୍ଶନ କରିବାକୁ ଚିଠି

ଭୁବନେଶ୍ୱର,୧୧।୪(ବନ୍ଦନା ସେଠୀ)

**ବେଦାନ୍ତ ପାଇଁ ଆଦିବାସୀଙ୍କ ଉପରେ ପୋଲିସର ଦମନଲୀଳା ଘଟଣା**

ବେଦାନ୍ତର ସ୍ୱାର୍ଥ ପାଇଁ ରାୟଗଡା ଜିଲା ସିଜିମାଳିରେ ଆଦିବାସୀଙ୍କ ଉପରେ ପୋଲିସ ଦମନଲୀଳା ଓ ଅତ୍ୟାଚାର ସୀମା ଟପିଛି। ଏହାକୁ ଓଡ଼ିଆ ଅସ୍ମିତା ପରିଷଦ ନିନ୍ଦା କରିବା ସହ ଜାତୀୟ ଜନଜାତି କମିଶନ ଘଟଣାସ୍ଥଳ ପରିଦର୍ଶନ କରିବାକୁ ଦାବି କରିଛି। ପରିଷଦର ରାଜ୍ୟ ଆବାହକ ରବି ବେହେରା ଶନିବାର ଏକ ଚିଠି ଲେଖି କମିଶନ ତୁରନ୍ତ ଘଟଣାରେ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଛନ୍ତି। ଏଥିସହ ବେଦାନ୍ତ ଆଲୁମିନାର ରାସ୍ତା ନିର୍ମାଣକୁ ବିରୋଧ କରୁଥିବା ଆଦିବାସୀମାନଙ୍କ ଉପରେ ପୋଲିସ ଅତ୍ୟାଚାର ବନ୍ଦ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଅନ୍ତୁ। କମିଶନ ଘଟଣାସ୍ଥଳ ପ୍ରଦର୍ଶନ କରି ପେସା ଆଇନ କାର୍ଯ୍ୟକାରୀ କରିବା, ଗ୍ରାମସଭା ରିଜୋଲୁଶନର ଠିକ୍ କାର୍ଯ୍ୟକାରିତାକୁ ନିଶ୍ଚିତ କରିବାକୁ ଚିଠିରେ ଦାବି କରାଯାଇଛି। ସେହିପରି ପୋଲିସ ଅତ୍ୟାଚାରର ଶିକାର ହୋଇଥିବା ଆଦିବାସୀଙ୍କୁ ଉଚିତ କ୍ଷତିପୂରଣ ଦେବାକୁ ମଧ୍ୟ ପରିଷଦର ରାଜ୍ୟ ଆବାହକ କମିଶନଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

# ସିଜିମାଳି ଘଟଣାରେ କେନ୍ଦ୍ରମନ୍ତ୍ରୀ ହସ୍ତକ୍ଷେପ କରନ୍ତୁ: ସସ୍ମିତ

ଭୁବନେଶ୍ୱର, ୧୧।୪(ସୁନିତ୍ ମିଶ୍ର)

ସିଜିମାଳିରେ ଯେଉଁଭଳି ଭାବେ ସ୍ଥାନୀୟ ଆଦିବାସୀଙ୍କୁ ଆକ୍ରମଣ କରାଯାଇଛି ସେହି ଘଟଣାରେ କେନ୍ଦ୍ର ଆଦିବାସୀ ମନ୍ତ୍ରୀ ଜୁଏଲ ଓରାମଙ୍କୁ ଶନିବାର ବିଜେଡି ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର ଚିଠି ଲେଖିଛନ୍ତି। ଏନେଇ ସସ୍ମିତ ତାଙ୍କ ସାମାଜିକ ଗଣମାଧ୍ୟମ ଜରିଆରେ ସୂଚନା ଦେଇଛନ୍ତି। ସେ ତାଙ୍କ ଭିଡିଓ ବାର୍ତ୍ତାରେ କହିଛନ୍ତି, ଜୁଏଲ ଓରାମ ଓଡ଼ିଶାରୁ ଏମ୍‌ପି ହୋଇ କେନ୍ଦ୍ରମନ୍ତ୍ରୀ ଅଛନ୍ତି। ହେଲେ ସେ କିମ୍ବା ତାଙ୍କ ମନ୍ତ୍ରଣାଳୟର କୌଣସି ଅଧିକାରୀ ସେହି ଘଟଣାରେ ଏପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାନ୍ତି। ଆଦିବାସୀମାନଙ୍କୁ ଯେଉଁଭଳି ସୁରକ୍ଷା ଦେବା କଥା ଏହି ଘଟଣାରେ ସେକଥା ଏ ପର୍ଯ୍ୟନ୍ତ ଦେଖିବାକୁ ମିଳିଲା ନାହିଁ। ରାଜ୍ୟ ସରକାରଙ୍କ ସହ କେନ୍ଦ୍ରମନ୍ତ୍ରୀ ଏ ବାବଦରେ କଥା ହୁଅନ୍ତୁ। ବକ୍ସାଇଟ୍ ଉତ୍ତୋଳନ ଲାଗି ଗ୍ରାମସଭା ହୋଇ ନ ଥିଲା। ପେସା ଆଇନ ଏବଂ ଜଙ୍ଗଲ ସୁରକ୍ଷା ଆଇନ ଆଧାରରେ କାର୍ଯ୍ୟ ହେଉ। କେନ୍ଦ୍ରମନ୍ତ୍ରୀ ହସ୍ତକ୍ଷେପ କଲେ ଅନେକ କିଛି କଥାର ସମାଧାନ ହୋଇପାରିବ ବୋଲି ସେ ଉଲ୍ଲେଖ କରିଛନ୍ତି।

# ଭଦ୍ରକ ଡିଏଫ୍‌ଓଙ୍କ ପରଲୋକ



ସୌଭାଗ୍ୟ ରଞ୍ଜନ ସାହୁ

ଚାନ୍ଦବାଲି,୧୧।୪
(କିଷାନ ପାତ୍ର/ଅଶୋକ ପଣ୍ଡା)

ଭଦ୍ରକ ବନ୍ୟପ୍ରାଣୀ ବନଖଣ୍ଡରେ କାର୍ଯ୍ୟରତ ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) ସୌଭାଗ୍ୟ ରଞ୍ଜନ ସାହୁ(୫୯)ଙ୍କର ଶନିବାର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସୂଚନା ଅନୁଯାୟୀ, ଡିଏଫ୍‌ଓ ସାହୁ ଚାନ୍ଦବାଲିସ୍ଥିତ ସରକାରୀ ବାସଭବନରେ ଏକାକୀ ରହୁଥିଲେ। ଶନିବାର ଛୁଟି ଥିବାରୁ ସେ ସରକାରୀ ବାସଭବନରେ ଥିବା ସମୟରେ ପୂର୍ବାହ୍ନ ୧୧ଟା ବେଳେ ହଠାତ୍ ଅସୁସ୍ଥ ଅନୁଭବ କରିଥିଲେ। ସହକର୍ମୀମାନେ ତାଙ୍କୁ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ଘର କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକର ବରୁଣାଡିହା ଗ୍ରାମରେ। ସେ ୨୦୨୫ରୁ ଡିଏଫ୍‌ଓ ଭାବେ ଚାନ୍ଦବାଲିସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିଲେ। ଆଉ ୧୧ ମାସ ପରେ ଅର୍ଥାତ୍ ଆସନ୍ତାବର୍ଷ ମାର୍ଚ୍ଚରେ ଅବସର ଗ୍ରହଣ କରିଥାନ୍ତେ। ତାଙ୍କ ମୃତ୍ୟୁରେ ବନ ବିଭାଗ ସହ ଚାନ୍ଦବାଲି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ରାଜ୍ୟରେ ଗଠନହେବ ପାନୀୟ ଜଳ ନିଗମ: ମନ୍ତ୍ରୀ

## ମଧ୍ୟପ୍ରଦେଶ, କର୍ଣ୍ଣାଟକ ଯିବ ଓଡ଼ିଶା ଟିମ୍

ଭୁବନେଶ୍ୱର,୧୧।୪(ସୁନିତ୍ ମିଶ୍ର)

ରାଜ୍ୟରେ ପାନୀୟ ଜଳ ନିଗମ ଗଠନ ହେବ ବୋଲି ଶନିବାର ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ମନ୍ତ୍ରୀ ନାଏକଙ୍କ ସୂଚନା ମୁତାବକ, ରାଜ୍ୟରେ କିପରି ପାନୀୟ ଜଳ ନିଗମ ଗଠନ ହେବ ସେନେଇ ରାଜ୍ୟର ଗୋଟିଏ ଟିମ୍ ଗଠନ କରାଯିବ। ସେହି ଟିମ୍ ମଧ୍ୟପ୍ରଦେଶ ଏବଂ କର୍ଣ୍ଣାଟକ ଗସ୍ତ କରିବ। ସେଠାରେ ନିଗମର ରୂପରେଖ କିପରି ହେବ ସେନେଇ ଭଲ ଭାବେ ଅନୁଧ୍ୟାନ କରିବେ। ସେଠାରୁ ଫେରିବା ପରେ ଯେଉଁ ରିପୋର୍ଟ ସେମାନେ ପ୍ରଦାନ କରିବେ। ତାକୁ ଅନୁପାଳନକରି ଓଡ଼ିଶାରେ ପାନୀୟ ଜଳ ନିଗମ ଗଠନ ନେଇ ବିସ୍ତୃତ ରୂପରେଖ ପ୍ରସ୍ତୁତ ହେବ ବୋଲି ସେ କହିଛନ୍ତି।

ମନ୍ତ୍ରୀ ନାଏକ ଆହୁରି କହିଛନ୍ତି, ଆଇଟି ଏବଂ ଡିଜିଟାଲ ପ୍ଲାଟ୍‌ଫର୍ମ ସହ ନିଗମ କାର୍ଯ୍ୟ କରିବ। ମେଗା ପ୍ରକଳ୍ପଗୁଡିକର ଦାୟିତ୍ୱ ୫ ବର୍ଷ ପାଇଁ ଏକ ଏଜେନ୍ସିକୁ ଦିଆଯିବ। ୫ ବର୍ଷ ପରେ ଏହାର ଦାୟିତ୍ୱ ପଞ୍ଚାୟତସ୍ତରରେ ସରପଞ୍ଚଙ୍କ ହାତକୁ ହସ୍ତାନ୍ତର କରାଯିବ। ଏହା ଭିଲେଜ ୱାଟର ସାନିଟେଶନ କମିଟିର ଭାଗୀଦାରିରେ ହେବ। ପାଣି ପହଞ୍ଚିଲା କି ନାହିଁ କେଉଁଠାରେ ବିଶୋଧନ ହେବ ଗାଁ କମିଟି ବ୍ଲକ୍‌କୁ ଅବଗତ କରିବେ।

ସୂଚନାଯୋଗ୍ୟ, କେନ୍ଦ୍ର ସରକାର 'ହର୍ ଘର୍ ଜଲ୍' ଯୋଜନା ମାଧ୍ୟମରେ ପ୍ରତ୍ୟେକ ଘରକୁ ଶୁଦ୍ଧ ପାନୀୟ ଜଳ ପହଞ୍ଚାଇବା ପାଇଁ ଲକ୍ଷ୍ୟ ରଖିଛନ୍ତି। କେନ୍ଦ୍ରର ଏହି ଲକ୍ଷ୍ୟକୁ ଶତ ପ୍ରତିଶତ ପୂରଣ କରିବା ପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ଏହାକୁ ସଫଳ କରିବା ଲାଗି ଗୋଟିଏ ନୀତି ପ୍ରଣୟନ ହୋଇଥିବା ବେଳେ ସେଥିରେ ୧୯ଟି ନମୁନା ରଖାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

# ପୋଡ଼ିହୋଇ ଯୁବତୀଙ୍କ ଆତ୍ମହତ୍ୟା ସନ୍ଦେହ

ପାରଳାଖେମୁଣ୍ଡି,୧୧।୪
(ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ପାରଳାଖେମୁଣ୍ଡି ସହରର ଖଞ୍ଜାସାହି ନୂଆବସ୍ତିରେ ଶନିବାର ଘରେ ଜଣେ ଯୁବତୀ ପୋଡ଼ିହୋଇ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ସେ ହେଲେ ଶୁଭ୍ରା ସାମଲ (୨୪)। ପୋଲିସ ପୋଡ଼ି ହୋଇଥିବା ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ସାଇଣ୍ଟିଫିକ୍ ଟିମ୍ ସହ ମିଶି ତଦନ୍ତ ଆରମ୍ଭ କରିଛି। ମୃତଦେହ ନିକଟରୁ କୌଣସି ଦହନଶୀଳ ପଦାର୍ଥର ଏକ ବୋତଲ ଓ ଦିଆସିଲି ପଡିଥିବାରୁ ଶୁଭ୍ରା ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ପ୍ରାଥମିକ ତଦନ୍ତରୁ ଅନୁମାନ କରାଯାଉଛି। ଏ ନେଇ ପାରଳାଖେମୁଣ୍ଡି ଆଦର୍ଶ ଥାନାରେ ନଂ.୨/୨୬ରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ସମସ୍ତ ଦିଗକୁ ନେଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ପ୍ରଶାନ୍ତ ଭୂପତି କହିଛନ୍ତି।

ପ୍ରକାଶ ଯେ, ଖଞ୍ଜାସାହି ନୂଆବସ୍ତି ବାସିନ୍ଦା ବିଷ୍ଣୁଚରଣ ସାମଲଙ୍କ ସାନଝିଅ ଶୁଭ୍ରା ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟରେ ପିଜି ପାସ୍ କରିଛନ୍ତି। ରବିବାର ପାସ ଆଉଟ ଉତ୍ସବ ହୋଇଥାନ୍ତା। ଶନିବାର ମା' ବାପା କୌଣସି କାମରେ ବାହାରକୁ ଯାଇଥିଲେ। ପୂର୍ବାହ୍ନ ୧୧ଟାରେ ବିଷ୍ଣୁଚରଣଙ୍କ ଘର ଉପର ମହଲାରୁ ଧୂଆଁ ବାହାରିଥିଲା। ଏହା ଦେଖି ମଝି ମହଲାରେ ଭଡ଼ାସୂତ୍ରରେ ରହୁଥିବା ଜଣେ ବ୍ୟକ୍ତି ତୁରନ୍ତ ବିଷ୍ଣୁଚରଣଙ୍କୁ ଖବର ଦେଇଥିଲେ। ଏ ନେଇ ପାରଳାଖେମୁଣ୍ଡି ଆଦର୍ଶ ଥାନାକୁ ମଧ୍ୟ ଖବର ଦିଆଯାଇଥିଲା। ପୋଲିସ ଟିମ ତୁରନ୍ତ ପହଞ୍ଚି ଧୂଆଁ ବାହାରୁଥିବା କୋଠରିକୁ ଖୋଲିବାରେ ଶୁଭ୍ରାଙ୍କ ମୃତଦେହ ତଳେ ପଡିଥିବା ଦେଖିଥିଲା। ପାରଳାଖେମୁଣ୍ଡି ଆଦର୍ଶ ଥାନା ଅଧିକାରୀ ଭୂପତି କହିଛନ୍ତି, ପାରିପାର୍ଶ୍ୱିକ ସ୍ଥିତି ଦେଖିଲେ କୌଣସି ହିଂସା ଘଟି ନଥିବା ଜଣାପଡୁଛି। ତଥାପି ସାଇଣ୍ଟିଫିକ ଟିମ ଓ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁ କିଭଳି ହୋଇଛି ଜଣାପଡ଼ିବ ବୋଲି ସୂଚନା ଦେଇଛନ୍ତି। ଅନ୍ୟପଟେ ପରିବାର ଲୋକେ ଶୁଭ୍ରାଙ୍କ ଏପରି ମୃତ୍ୟୁକୁ ଗ୍ରହଣ କରିପାରୁନାହାନ୍ତି। ଘରେ କୌଣସି ଅଶାନ୍ତି ନ ଥିଲା ବୋଲି ସେମାନେ କହିଛନ୍ତି।

# ଶ୍ରୀମନ୍ଦିର ଖଣ୍ଡୋଲାଇଟ୍ ପଥରରେ ଘର ନିର୍ମାଣ ହୋଇନି: ବବିଙ୍କ ଦାଦା

ଯାଜପୁର ଟାଉନ,୧୧।୪
(ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି)

**ଯାଜପୁର ଥାନାରେ ପାଲଟା ଅଭିଯୋଗ**

ଯାଜପୁର ବାହାବଳପୁରରେ ନିର୍ମାଣ ହୋଇଥିବା ପୂର୍ବତନ ବିଧାୟକ ତଥା ବିଜେଡି ନେତା ପ୍ରଣବ ପ୍ରକାଶ ଦାସ(ବବି)ଙ୍କ ଘର ଏବେ ଚର୍ଚ୍ଚାରେ। ଉକ୍ତ ଘରେ କୁଆଡ଼େ ପୁରୀ ଜଗନ୍ନାଥ ମନ୍ଦିର ପରିକ୍ରମା ପ୍ରକଳ୍ପର ଖଣ୍ଡୋଲାଇଟ୍ ପଥର ବ୍ୟବହାର ହୋଇଥିବା ନେଇ ସାମାଜିକ ଗଣମାଧ୍ୟମରେ ପ୍ରଚାର ହେଉଛି। ଏନେଇ ବବିଙ୍କ ବିରୋଧରେ ଗତ ୮ ତାରିଖରେ ପୁରୀ ସିଂହଦ୍ୱାର ଥାନାରେ ଶ୍ରୀଜଗନ୍ନାଥ ସେନାର ଆବାହକ ତଥା ଆଇନଜୀବୀ ପ୍ରିୟଦର୍ଶନ ପଟ୍ଟନାୟକଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ଏହି ଅଭିଯୋଗକୁ ବବିଙ୍କ ଦାଦା ତଥା ଯାଜପୁରର ପୂର୍ବତନ ପୌରାଧ୍ୟକ୍ଷ ଯଯାତି କେଶରୀ ଦାସ ଶନିବାର ଖବରଦାତା ସମ୍ମିଳନୀ କରି ଖଣ୍ଡନ କରିଛନ୍ତି। ପୁରୀ ଜଗନ୍ନାଥ ମନ୍ଦିର ପରିକ୍ରମା ପ୍ରକଳ୍ପ ପଥରରେ ବାହାବଳପୁରସ୍ଥିତ ଘର ନିର୍ମାଣ ହୋଇନାହିଁ। ବରଂ ବ୍ୟବହାର ହୋଇଥିବା ପଥର ରାଜସ୍ଥାନ ଯୋଧପୁରର ପ୍ରତିଷ୍ଠିତ ବିଶ୍ୱକର୍ମା ପଥର କମ୍ପାନୀରୁ ଅଣାଯାଇଛି ବୋଲି ଯଯାତି କହିଛନ୍ତି। ଏନେଇ ସେ ୱେବିଲ୍ ଏବଂ ଖରିଦ୍ ବିଲ୍ ମଧ୍ୟ ଦେଖାଇଥିଲେ। କେବଳ ରାଜନୈତିକ ଉଦ୍ଦେଶ୍ୟ ରଖି କେତେଜଣ ବ୍ୟକ୍ତି ବବିଙ୍କୁ ବଦନାମ କରିବାକୁ ଚାହୁଁଛନ୍ତି। ସେମାନଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଯଯାତି ଚେତାବନୀ ଦେଇଥିଲେ।

ସେହିପରି ଶନିବାର ସନ୍ଧ୍ୟାରେ ଯାଜପୁର ସିଭିଲ ସୋସାଇଟି ପକ୍ଷରୁ ଯାଜପୁର ଥାନାରେ ଜଗନ୍ନାଥ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକଙ୍କ ନାମରେ ପାଲଟା ଏତଲା ଦିଆଯାଇଛି। ଏହି ଏତଲାରେ ପଟ୍ଟନାୟକ ଜଗନ୍ନାଥ ନାମକୁ ବ୍ୟବହାର କରି ଯାଜପୁରବାସୀଙ୍କ ଧର୍ମୀୟ ଭାବନାକୁ ଆଘାତ କରିଥିବା ଉଲ୍ଲେଖ କରାଯାଇଛି। ତାଙ୍କୁ ତୁରନ୍ତ ଗିରଫ କରିବା ପାଇଁ ସିଭିଲ ସୋସାଇଟି ପକ୍ଷରୁ ଆବାହକ ବରିଷ୍ଠ ଆଇନଜୀବୀ ପ୍ରବୀର କୁମାର ରାୟ ଏତଲାରେ ଦାବି କରିଛନ୍ତି। ଏହି ଅଭିଯୋଗ ପତ୍ର ପ୍ରଦାନ ସମୟରେ ସିଭିଲ୍ ସୋସାଇଟିର ଶତାଧିକ ସଦସ୍ୟ ଉପସ୍ଥିତ ଥିଲେ।




୩ୟ ପୃଷ୍ଠାରୁ...

## ଇରାନ୍ ହଜାଇଲାଣି...

ଉପସାଗରୀୟ ଅଞ୍ଚଳକୁ ଗଲ୍ଫ ଅଫ୍ ଓମାନ୍ ସହ ଯୋଡୁଥିବା ଜଳପଥ। ହର୍ମୁଜ୍ ପ୍ରଣାଳୀ ଦେଇ ଭାରତ, ଚାଇନା ଓ ଜାପାନ ସମେତ ବିଶ୍ୱର ବିଭିନ୍ନ ଭାଗକୁ ୨୫% ତୈଳ ପରିବହନ ହୋଇଥାଏ। ଭାରତର ୮୦% ଶକ୍ତି ଆବଶ୍ୟକତା ମଧ୍ୟ ଏହି ଜଳପଥ ପୂରଣ କରିଥାଏ। ଇତିମଧ୍ୟରେ ଇରାନ୍‌ର ଇସ୍‌ଲାମିକ୍ ରିଭୋଲ୍ୟୁଶନାରି ଗାର୍ଡ କର୍ (ଆଇଆର୍‌ଜିସି) ଚେତାବନୀ ଦେଇଛି ଯେ, ଏହା ଦେଇ କୌଣସି ଜାହାଜ ଗଲେ ମାଇନ୍ସ ସଂସ୍ପର୍ଶରେ ଆସି ବିସ୍ଫୋରଣ ଘଟିପାରେ। ସେହିପରି ଆମେରିକା ଯଦି ନିଜ ଯୁଦ୍ଧଜାହାଜଗୁଡ଼ିକୁ ହର୍ମୁଜ୍ ଭିତରକୁ ଆଣିବାକୁ ଉଦ୍ୟମ କରିବ ତେବେ ଏହାର ୩୦ ମିନିଟ୍ ଭିତରେ ଇରାନ୍ ଆକ୍ରମଣ କରିବ ବୋଲି ଧମକ ଦେଇଛି। ଅନ୍ୟପକ୍ଷେ ଆମେରିକା ଇରାନ୍‌ର ଏଭଳି ଧମକକୁ ଭ୍ରୂକ୍ଷେପ ନ କରି ହର୍ମୁଜ୍‌ରେ ମାଇନ୍ସ ସଫେଇ କାର୍ଯ୍ୟ ଆରମ୍ଭ କରିଛି। ଆମେରିକୀୟ ନୌସେନାର ୨ ମିଶାଇଲ ବିଧ୍ୱଂସକ ୟୁଏସ୍ଏସ୍ ଫ୍ରାଙ୍କ ଇ ପିଟରସନ୍ ଏବଂ ୟୁଏସ୍ଏସ୍ ମିଶେଲ ମୁର୍ଫି ଜାହାଜକୁ ଉକ୍ତ ଅଭିଯାନରେ ନିୟୋଜିତ କରାଯାଇଛି। ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ଖୁବ୍‌ଶୀଘ୍ର ଖୋଲିବ ବୋଲି ଟ୍ରମ୍ପ ସୋସିଆଲ ମିଡିଆରେ ଘୋଷଣା କରିଛନ୍ତି।

## ୭ ଦିନରେ ସବୁ...

ସପ୍ତାହକ ମଧ୍ୟରେ ତା'ର ନକଲ ଡାକ ଯୋଗେ ପଠାଇବାକୁ କିମ୍ବା ହାତରେ ଆଣି ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯଦି କୌଣସି କଲେଜ ନିର୍ଦ୍ଦେଶକୁ ଅମାନ୍ୟ କରିବେ, ତେବେ ୨୦୨୬-୨୭ ଶିକ୍ଷାବର୍ଷରେ ନାମଲେଖା ଉପରେ କଟକଣା ଲଗାଯିବ କିମ୍ବା ଅନ୍ୟ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଚିଠିରେ ଉଲ୍ଲେଖ ହୋଇଛି। ଆଇସିସି ଗଠନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି କଲେଜରେ ପଢୁଥିବା ଛାତ୍ରୀ ଓ କାର୍ଯ୍ୟରତ ମହିଳା କର୍ମଚାରୀଙ୍କ ସୁରକ୍ଷା। ଶିକ୍ଷାନୁଷ୍ଠାନ ପରିସରରେ ସେମାନେ ଯୌନ ନିର୍ଯାତନା, ଅସଦାଚରଣ କିମ୍ବା ଅନ୍ୟ କୌଣସି ଅପ୍ରୀତିକର ସ୍ଥିତିର ସମ୍ମୁଖୀନ ହେଲେ ଏହି କମିଟିରେ ଅଭିଯୋଗ କରିବେ। କମିଟି ତୁରନ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଆଇସିସି ଗଠନ ପାଇଁ ପୂର୍ବରୁ ନିର୍ଦ୍ଦେଶ ରହିଛି। ପୋଶ ଆକ୍ଟ ୨୦୧୩ ଏବଂ ୟୁଜିସି ନିୟମାବଳୀ ଅନୁଯାୟୀ ଓଡ଼ିଶାର ସମସ୍ତ ଉଚ୍ଚ ଶିକ୍ଷାନୁଷ୍ଠାନ (ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ)ରେ ଏହି କମିଟି ଗଠନ କରିବା ବାଧ୍ୟତାମୂଳକ। ଇତିମଧ୍ୟରେ ବହୁ ଶିକ୍ଷାନୁଷ୍ଠାନରେ ଏହି କମିଟି ଗଠନ ହୋଇନାହିଁ। ଆଉ ଯେଉଁଠି ଗଠନ ହୋଇଛି, ସେଥିମଧ୍ୟରୁ ଅଧିକାଂଶ ନିଷ୍କ୍ରିୟ ରହିଥିବା ଅଭିଯୋଗ ହୋଇ ଆସୁଛି। ଫଳରେ କୌଣସି ଘଟଣା ଘଟିଲେ ସେମାନଙ୍କୁ ନ୍ୟାୟ ଦେବା ପାଇଁ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ଅସମର୍ଥ ହେଉଛନ୍ତି। ତେଣୁ ବହୁ ସମୟରେ ମହିଳା କର୍ମଚାରୀ ଓ ଛାତ୍ରୀମାନେ ଅଭିଯୋଗ ନ କରି ଆତ୍ମାହୁତି ବା ଆତ୍ମହତ୍ୟା ପରି ପନ୍ଥା ଆପଣାଇବାକୁ ବାଧ୍ୟ ହେଉଛନ୍ତି। ଭବିଷ୍ୟତ ଗଢୁଥିବା ଶିକ୍ଷାନୁଷ୍ଠାନରେ ସେମାନଙ୍କ ଭବିଷ୍ୟତ ଅନ୍ଧକାରମୟ ହୋଇପଡୁଛି। ଏହା ରାଜ୍ୟର ଶିକ୍ଷା ବ୍ୟବସ୍ଥା ପ୍ରତି ପ୍ରଶ୍ନ ଉଠାଇବା ସହ ବିଭାଗକୁ ଅନେକ ସମୟରେ ଅଡୁଆରେ ପକାଉଛି।

## ୪୫ ହଜାର ଶିକ୍ଷକ...

ନାୟକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକ, କେନ୍ଦୁଝର ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ମମିତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନଶିକ୍ଷକ ନୀଳାମ୍ବର ମହାନ୍ତ ସ୍ୱାଗତ ଭାଷଣ ଦେଇଥିବା ବେଳେ ସାମାଜିକକର୍ମୀ ଜଗନ୍ନାଥ ସିଂହ ଧନ୍ୟବାଦ ଜଣାଇଥିଲେ। କେନ୍ଦୁଝର ଗସ୍ତ ଅବସରରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଉଦ୍‌ଘାଟନ କରିଛନ୍ତି। ପ୍ରଥମେ କେନ୍ଦୁଝର ସଦର ବ୍ଲକ୍ ବୋଦାପଳସା ଗ୍ରାମରେ ଅରଡେଇ ନାଳ ଉପରେ ନିର୍ମାଣ ହୋଇଥିବା ପୋଲକୁ ଉଦ୍‌ଘାଟନ କରିଥିଲେ। ପରେ ଘଟଗାଁ ବ୍ଲକ୍ ଡେଙ୍କିକୋଟ ପଞ୍ଚାୟତ ଲଙ୍ଗଳକଣ୍ଟି ଗ୍ରାମଠାରେ ୨୦ ନମ୍ବର ଜାତୀୟ ରାଜପଥ ଉପରେ ନବନିର୍ମିତ ଅଣ୍ଡରପାସ୍‌କୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରି ଜନସାଧାରଣଙ୍କୁ ଉତ୍ସର୍ଗ କରିଥିଲେ।

## ଶ୍ରୀଲଙ୍କା: ୪୦ ବର୍ଷରେ...

ଏହି ଦେଶରେ ସିଂହଳୀ ସମ୍ପ୍ରଦାୟ ୭୪.୧%, ତାମିଲ ୧୨.୩% ଏବଂ ମୁସଲିମ ୧୦.୫% ରହିଛନ୍ତି। ସେହିପରି ଧାର୍ମିକ ଦୃଷ୍ଟିକୋଣରୁ ବୌଦ୍ଧ (୭୯.୮%), ହିନ୍ଦୁ (୧୨.୬%), ଇସଲାମ (୧୦.୫%) ଏବଂ ରୋମାନ କ୍ୟାଥୋଲିକ (୫.୬%) ଅଛନ୍ତି। ରିପୋର୍ଟ ମୁତାବକ, ପଶ୍ଚିମାଞ୍ଚଳ ଏବେ ମଧ୍ୟ ଦେଶର ପ୍ରମୁଖ ଜନବହୁଳ ଅଞ୍ଚଳ ହୋଇରହିଛି, ଯେଉଁଠାରେ ମୋଟ ଜନସଂଖ୍ୟାର ୨୮.୧% ଲୋକ ବାସ କରନ୍ତି।

## ଏସ୍ଆଇଆର୍ ନ ସରିବା...

ସେଥିପାଇଁ ବିଏଲ୍‌ଓମାନଙ୍କୁ ବର୍ତ୍ତମାନ ବଦଳି ନ କରିବା ପାଇଁ ସମସ୍ତ ଜିଲା ଶିକ୍ଷା ଅଧିକାରୀ ଏବଂ ବ୍ଲକ୍ ଶିକ୍ଷା ଅଧିକାରୀଙ୍କୁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

## ସଂକ୍ଷେପରେ

### 'ଅଟଳ ବସ୍‌ଷ୍ଟାଣ୍ଡ' ଯୋଜନାକୁ ଟାଙ୍ଗୀ ବରିଷ୍ଠ ନାଗରିକ ମଞ୍ଚର ସ୍ୱାଗତ

**ଟାଙ୍ଗୀ,୧୧।୪(ରଘୁନାଥ ସାହୁ):** ରାଜ୍ୟବ୍ୟାପୀ ଜିଲା ମୁଖ୍ୟାଳୟ, ଉପଖଣ୍ଡ ମୁଖ୍ୟାଳୟ, ବ୍ଲକ ମୁଖ୍ୟାଳୟ, ପର୍ଯ୍ୟଟନସ୍ଥଳ ଏବଂ ଓଡ଼ିଶାର ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ସମେତ ସହରାଞ୍ଚଳ ପୌର ସଂସ୍ଥାଗୁଡ଼ିକରେ ଅଟଳ ବସ୍‌ଷ୍ଟାଣ୍ଡ ପ୍ରତିଷ୍ଠା କରାଯିବ। ସରକାରଙ୍କ ଏହି ପଦକ୍ଷେପକୁ ଟାଙ୍ଗୀ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ସ୍ୱାଗତ କରାଯାଇଛି। ବିଶେଷଭାବେ ଟାଙ୍ଗୀ ବ୍ଲକ ମୁଖ୍ୟାଳୟରେ ବସ୍‌ଷ୍ଟାଣ୍ଡ ନାହିଁ। ଫଳରେ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଏବଂ ବର୍ଷାଦିନେ ଯାତ୍ରୀଙ୍କ ପାଇଁ କୌଣସି ବ୍ୟବସ୍ଥା ନାହିଁ। ତେଣୁ ଟାଙ୍ଗୀ ବ୍ଲକ ଛକ ନିକଟସ୍ଥ କିମ୍ବା ଦୁର୍ଗା ଚରଣ ଚିଲିକା କଲେଜ ନିକଟସ୍ଥ ସ୍ଥାନରେ ଅଟଳ ବସଷ୍ଟାଣ୍ଡ ନିର୍ମାଣ କରିବା ପାଇଁ ସାଧାରଣରେ ଦାବି ହେଉଛି।

### ୧୮ ୟୁନିଟ୍ ରକ୍ତ ସଂଗ୍ରହ

**ଖୋର୍ଦ୍ଧା,୧୧।୪(ପ୍ରଭାତ ପାଣିଗ୍ରାହୀ):** ଖୋର୍ଦ୍ଧା ଉପକଣ୍ଠ ହଳଦିଆ ମହାବିଦ୍ୟାଳୟ ପକ୍ଷରୁ ଓଡ଼ିଆ ପକ୍ଷ ପାଳନ ଅବସରରେ ଶନିବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ମହାବିଦ୍ୟାଳୟ ଅଧକ୍ଷ ଶାନ୍ତନୁ କୁମାର ମିଶ୍ର ଉଦ୍‌ଘାଟନ କରିଥିଲେ। ଶିବିରରେ ମୋଟ୍ ୧୮ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଖୋର୍ଦ୍ଧା ବ୍ଲଡବ୍ୟାଙ୍କ କର୍ମଚାରୀଙ୍କ ଦ୍ୱାରା ରକ୍ତ ସଂଗ୍ରହ କରାଯାଇଥିବା ବେଳେ ଯୁବ ରେଡକ୍ରସର କାଉନ୍‌ସିଲର ସନାତନ ସାହୁ, ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ଅଜୟ କୁମାର ସାହୁ, ଅଧ୍ୟାପକ ପ୍ରସନ୍ନ ବିଶ୍ୱାଳ, ବିକ୍ରମ କିଶୋର ଛୋଟରାୟ, ନିରଞ୍ଜନ ବେହେରା, ନିରଞ୍ଜନ ମହାପାତ୍ର, ଶରତ ଚନ୍ଦ୍ର ସାମନ୍ତରାୟ ପ୍ରମୁଖ ପରିଚାଳନା କରିଥିଲେ।

### ବରିଷ୍ଠ ଖବରଦାତା ନୃସିଂହ ପ୍ରସାଦ ମିଶ୍ରଙ୍କ ପରଲୋକ

**ବାଣପୁର/ବାଲୁଗାଁ,୧୧।୪(ଦିଲୀପ କୁମାର ସ୍ୱାଇଁ/ସଂଗ୍ରାମ ପାଇକରାୟ):** ବାଣପୁର ଏବଂ ବାଲୁଗାଁ ଅଞ୍ଚଳର ବରିଷ୍ଠ ଖବରଦାତା ତଥା ଚିଲିକା ପ୍ରେସ୍ କ୍ଲବର ଉପଦେଷ୍ଟା ନୃସିଂହ ପ୍ରସାଦ ମିଶ୍ରଙ୍କ ଶୁକ୍ରବାର ରାତିରେ ପରଲୋକ ହୋଇଯାଇଛି। ତାଙ୍କୁ ୮୦ବର୍ଷ ବୟସ ହୋଇଥିଲା। କିଛିଦିନ ପୂର୍ବରୁ ସେ କିଡ୍‌ନୀ ରୋଗରେ ଆକ୍ରାନ୍ତ



ହୋଇ ଚିକିତ୍ସିତ ହେଉଥିଲେ। ଶୁକ୍ରବାର ରାତ୍ରି ପ୍ରାୟ ୮ଟାରେ କୋଲକାତାରେ ରହୁଥିବା ସାନ ପୁଅ ପଦ୍ମଜା ପ୍ରସାଦ ମିଶ୍ରଙ୍କ ବାସଭବନରେ ନୃସିଂହ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ଶନିବାର ହୁଗୁଳି ନଦୀ କୂଳ ଶ୍ମଶାନ ଘାଟରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ବଡ଼ପୁଅ ଶାରଦା ପ୍ରସାଦ ମିଶ୍ର ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ମିଶ୍ରଙ୍କ ପୈତୃକ ଘର ବାଣପୁରସ୍ଥିତ ଅଚ୍ୟୁତରାଜପୁର ଗ୍ରାମରେ। ବାଣପୁର ଅଞ୍ଚଳରେ ବରିଷ୍ଠ ଖବରଦାତାଭାବେ ପ୍ରତ୍ୟେକ ସାମାଜିକ, ଆଧ୍ୟାତ୍ମିକ, ସାହିତ୍ୟ ସଂସ୍କୃତି, କଳା ଓ ଶିକ୍ଷାନୁଷ୍ଠାନରେ ନିଜକୁ ସାମିଲ କରାଇ ବାଣପୁର ମାଟିର ସାମଗ୍ରୀକ ବିକାଶରେ ନିଜକୁ ନିୟୋଜିତ କରି ସମସ୍ତଙ୍କ ପ୍ରିୟଭାଜନ ହୋଇପାରିଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବାଣପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ନିଷ୍କାସନ ହୋଇପାରୁନି ପାଣି, ସାହିବାସିନ୍ଦା ହଇରାଣ

**ବୋଲଗଡ,୧୧।୪(ଦେବବ୍ରତ ହୋତା)**



ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ସଦର ପଞ୍ଚାୟତ ଅନ୍ତର୍ଗତ ୧୨ନମ୍ବର ୱାର୍ଡ ଏକ ସାହିର ପାଣି ନିଷ୍କାସନ ହୋଇ ନ ପାରିବାରୁ ଲୋକେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଏନେଇ ଜିଲାପାଳ, ବିଧାୟକ, ବ୍ଲକ ପ୍ରଶାସନ ଏବଂ ସରପଞ୍ଚଙ୍କ ନିକଟରେ ବିଭିନ୍ନ ସମୟରେ ଅଭିଯୋଗ ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉ ନ ଥିବା ସାହିବାସିନ୍ଦା କହିଛନ୍ତି। ବଲାଙ୍ଗୀର-ଖୋର୍ଦ୍ଧା ୫୭ନମ୍ବର ଜାତୀୟ ରାଜପଥରୁ ଏହି ସାହି ମଧ୍ୟକୁ ଯାଇଥିବା କଂକ୍ରିଟ ରାସ୍ତାଟି ରାଜପଥଠାରୁ ନୀଚା ଥିବାରୁ ବର୍ଷାଜଳ ନିଷ୍କାସନରେ ବାଧା ସୃଷ୍ଟି ହେଉଛି। ଏହି ରାସ୍ତାରେ ସାହିର ମଇଳା ପାଣି ଓ ରାଜପଥର ପାଣି ଜମି ରହି ଏକ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ଏପରି ଅବସ୍ଥା ପ୍ରାୟ ୭ବର୍ଷ ଧରି ଲାଗିରହିଛି। ଏନେଇ ଅଭିଯୋଗ ସତ୍ତ୍ୱେ ପଦକ୍ଷେପ ନିଆଯାଉ ନାହିଁ। ଏହି ରାସ୍ତା ଉପରେ ସାହିର ୬୫ ପରିବାରର ପ୍ରାୟ ୩୦୦ଲୋକଙ୍କ ସମେତ ୧୨ନମ୍ବର ୱାର୍ଡ ବନ୍ଧସାହିବାସିନ୍ଦା ଓ ଅନ୍ୟମାନେ ରାଜପଥକୁ ଯିବାକୁ ଶର୍ଟକଟ୍ ରାସ୍ତା ହୋଇଥିବାରୁ ଯାତାୟାତ କରିଥାନ୍ତି। ସ୍କୁଲ କଲେଜ, ବ୍ଲକ ଓ ତହସିଲ କାର୍ଯ୍ୟାଳୟ, ବସ୍‌ଷ୍ଟାଣ୍ଡ, ମଙ୍ଗଳା ମନ୍ଦିର, ଜମିବାଡ଼ିକୁ ଯାତାୟାତ ପାଇଁ ବିଶେଷ ଭାବେ ଏହି ୧୧ ଓ ୧୨ ନମ୍ବର ୱାର୍ଡ ବାସିନ୍ଦାଙ୍କ ସହ ଅନ୍ୟମାନଙ୍କ ପାଇଁ ଏକ ପ୍ରମୁଖ ରାସ୍ତାଭାବେ ପରିଗଣିତ ହୁଏ। ଅନୁରୂପଭାବେ ଜାତୀୟ ରାଜପଥରୁ ମଧ ବୋଲଗଡ଼ ମୁଖ୍ୟ ବଜାର ମଧ୍ୟକୁ ପ୍ରବେଶ ପାଇଁ ଶର୍ଟକଟ ରାସ୍ତା ଭାବେ ବ୍ୟବହାର ହୋଇଥାଏ। ଅନ୍ୟପକ୍ଷରେ ପାଣି ଜମି ରହି ମଶା, ମାଛି ବଂଶ ବୃଦ୍ଧି ସହ ସଂକ୍ରାମକ ରୋଗ ବୃଦ୍ଧିର କାରଣ ପାଲଟିଥିବା ଏହି ରାସ୍ତାର ଉଚ୍ଚତା ବୃଦ୍ଧି କରି ପୁନଃ ନିର୍ମାଣ କିମ୍ବା ଜମି ରହୁଥିବା ବର୍ଷାଜଳ ନିଷ୍କାସନ ପାଇଁ ରାଜପଥ ପାର୍ଶ୍ୱର ଡ୍ରେନ ନିର୍ମାଣ ପାଇଁ ରସାନନ୍ଦ ଦଳାଇ, ବିରଞ୍ଚି ନାୟକ, ସୁରେଶ ପ୍ରଧାନ, ଗଙ୍ଗାଧର ଘଡାଇ, ରଞ୍ଜିତ ନାୟକ, ପ୍ରଫୁଲ୍ଲ ପ୍ରଧାନ, ରଜନୀ ନାୟକ, ବାସନ୍ତି ନାୟକ ପ୍ରମୁଖ ଦାବି କରିଛନ୍ତି। ଏନେଇ ସ୍ଥାନୀୟ ସରପଞ୍ଚ ଗୀତାଞ୍ଜଳି ସାହୁ କହିଛନ୍ତି, ଏହି ରାସ୍ତାରେ ଜମୁଥିବା ପାଣି ଆଗରୁ ବିଲକୁ ଯାଉଥିଲା। ଏବେ ରାସ୍ତା ଉଭୟ ପାର୍ଶ୍ୱରେ ପାଚେରି ନିର୍ମାଣ ହେବାରୁ ଏଭଳି ସମସ୍ୟା ଦେଖାଦେଇଛି। ତେବେ ସମ୍ପୃକ୍ତ ୱାର୍ଡର ୱାର୍ଡସଭ୍ୟା ରେଣୁକା ନାୟକଙ୍କ ପ୍ରସ୍ତାବକ୍ରମେ ନୀଚା ରାସ୍ତାଟିକୁ ଉଚ୍ଚ କରି ପୁନଃ ନିର୍ମାଣ ପାଇଁ ଆକ୍ସନପ୍ଲାନରେ ଭର୍ତ୍ତି ହୋଇଛି।

# ଉନ୍ନୟନ କାର୍ଯ୍ୟର ସମୀକ୍ଷାକଲେ ଡିଏଫ୍‌ଓ



**କୃଷ୍ଣପ୍ରସାଦ,୧୧।୪(କୈଳାସ ଚନ୍ଦ୍ର ପଟ୍ଟନାୟକ)** ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ଡିଏଫ୍‌ଓ ଅମ୍ଳାନ ନାୟକ ଶନିବାର ପାରିକୁଦ ବନ ବିଭାଗ ଅଧୀନରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ନିର୍ମାଣାଧୀନ ବନ ବିଭାଗର ନୂତନ କାର୍ଯ୍ୟାଳୟ, ସଂଲଗ୍ନ ବାହ୍ୟ ପ୍ରାଚୀର ସମେତ ଅନ୍ୟାନ୍ୟ ଉନ୍ନୟନ କାର୍ଯ୍ୟ ପରିଦର୍ଶନ କରିଥିଲେ। ଚିଲିକା, ପକ୍ଷୀ ଅଭୟାରଣ୍ୟ ନଳବଣରେ ବର୍ଷର ବିଭିନ୍ନ ସମୟରେ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ ପରିଦର୍ଶନରେ ଆସୁଥିବା ବେଳେ ସମସ୍ତ ପର୍ଯ୍ୟଟନସ୍ଥଳ ସମ୍ପର୍କିତ ସୂଚନା ଦେବା ନିମନ୍ତେ ବନ ବିଭାଗ ପକ୍ଷରୁ ଆଗାମୀ ଦିନରେ ବିଭିନ୍ନ କାର୍ଯ୍ୟକ୍ରମ କରାଯିବ ବୋଲି ଡିଏଫ୍‌ଓ ନାୟକ କହିଛନ୍ତି। ପରେ କାର୍ଯ୍ୟାଳୟ ପରିସରରେ କର୍ମଚାରୀଙ୍କଠାରୁ ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ଅବଗତ ହେବା ସହ ସେମାନଙ୍କର ସୁବିଧା ଓ ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ସେହିପରି ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଆଗାମୀ ବର୍ଷରେ କୃଷ୍ଣପ୍ରସାଦ ଅଞ୍ଚଳରେ କେଉଁ ଉନ୍ନୟନମୂଳକ କାର୍ଯ୍ୟ କରାଯିବ ସେ ସମ୍ପର୍କରେ କହିଥିଲେ। ବିଶେଷକରି ପରିବେଶର ସୁରକ୍ଷା ପ୍ରତି ଅଧିକ ଗୁରୁତ୍ୱ ଦେବାକୁ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ଏହି ଗସ୍ତ ସମୟରେ ବନଖଣ୍ଡର ସହକାରୀ ବନ ସଂରକ୍ଷକ ସୌମ୍ୟ ରଞ୍ଜନ ସାହୁ, ବାଲୁଗାଁ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରିଣୀ ରଶ୍ମିତା ଜେନା, ପାରିକୁଦ ବନପାଳ ଜିତେନ୍ଦ୍ରୀୟ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ବୋଡ଼ଙ୍ଗରାପାଟଣାରେ ଅଷ୍ଟଶମ୍ଭୁ ମିଳନ ଉତ୍ସବ



**ନିରାକାରପୁର,୧୧।୪(ମାନସ ଚନ୍ଦ୍ର ପଟ୍ଟନାୟକ)**

ବଡ଼ପୋଖରିଆ ପଞ୍ଚାୟତ ଅନ୍ତର୍ଗତ ବୋଡ଼ଙ୍ଗରାପାଟଣାଠାରେ ଶନିବାର ଅଷ୍ଟଶମ୍ଭୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଥାନପତିଭାବେ ବୋଡ଼ଙ୍ଗରା ଅଞ୍ଚଳର ଲୋକନାଥ ଦେବ ଆସୀନ ହୋଇଥିଲେ। ଠାକୁରଙ୍କୁ ମହାସ୍ନାନପରେ ପାରମ୍ପରିକ ପୂଜାର୍ଚ୍ଚନା କରାଯାଇ ଶୋଭାଯାତ୍ରାରେ ଦଣ୍ଡ ମିଳନ ସ୍ଥଳକୁ ନିଆଯାଇଥିଲା। ପାରମ୍ପରିକ ନୃତ୍ୟ ସହ ଘଣ୍ଟ, ମର୍ଦ୍ଦଳର ଶବ୍ଦ ସାଙ୍ଗକୁ ହରିବୋଲ, ହୁଳହୁଳିରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ନିମନ୍ତ୍ରଣ ରକ୍ଷାକରି ବଡ଼ପୋଖରିଆର ତାରେଶ୍ୱର ଦେବ, କପିଳେଶ୍ୱରପୁର(ବାଲିଗାଁ)ର କପିଳେଶ୍ୱର ଦେବ, ପାଣ୍ଡବପାଟଣାର କପିଳେଶ୍ୱର ଦେବ, ବାଦୁରାବାରର କୁମୁଦେଶ୍ୱର ଦେବ, ରୋଷଣାର ଈଶାନେଶ୍ୱର ଦେବ, ରମାବିଲିର ନୀଳକଣ୍ଠେଶ୍ୱର ଦେବ, ରତାମାଟିର ଅନନ୍ତେଶ୍ୱର ଦେବ ଆଦି ଅଷ୍ଟଶମ୍ଭୁ କେରଣ୍ଡା ପୋଖରୀରେ ଦେବସ୍ନାନ ପରେ ଥାନପତି ଲୋକନାଥ ଦେବଙ୍କ ପୀଠ ଠାରେ ଏକାଠି ହୋଇଥିଲେ। ପରେ ଠାକୁରମାନେ ସ୍ଥାନୀୟ ଗ୍ରାମ୍ୟ ପରିକ୍ରମା କରି ଦକ୍ଷିଣକାଳୀ ମନ୍ଦିରଠାରୁ କାମନେଶ୍ୱର ବେଢ଼ା ପରିକ୍ରମା କରି ମଙ୍ଗଳା ମନ୍ଦିରସ୍ଥିତ ଶମ୍ଭୁ ମିଳନ ପଡ଼ିଆଠାରେ ପହଞ୍ଚିଥିଲେ। ଏହାପରେ ପାରମ୍ପରିକ ରୀତିରେ ଦଣ୍ଡୁଆମାନେ ସେମାନଙ୍କର ଦଣ୍ଡଖେଳ ପ୍ରଦର୍ଶନ କରିଥିଲେ। ଅନୁଷ୍ଠାନ ପକ୍ଷରୁ ରଙ୍ଗବେରଙ୍ଗ ଆତସବାଜିରେ ଠାକୁରମାନଙ୍କୁ ସ୍ୱାଗତ କରାଯାଇଥିଲା। ହରିବୋଲ, ହୁଳହୁଳି ସହ ଦଣ୍ଡୁଆଙ୍କ କଳା ରୁଦ୍ର ମଣି ଭଜେ ଧ୍ୱନିରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଅନେକ ଶ୍ରଦ୍ଧାଳୁ ପ୍ରଭୁକୃପା ଲାଭ କରିଥିଲେ। ନିରାକାରପୁର ଥାନା ଅଧିକାରୀ ବିଶ୍ୱଜିତ ରାଉତରାୟଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ମୁତୟନ କରାଯାଇ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇଥିଲା। ଅଷ୍ଟ ଶମ୍ଭୁ ମିଳନ କମିଟି ତଥା ବଡ଼ପୋଖରିଆ ଓ ବୋଡ଼ଙ୍ଗରାର ଗ୍ରାମବାସୀ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# 'ମା' ଲୋ ମା ଅଁଳେଇ ମା' ଗୀତର ଶୁଭ ମହୁରତ

**ଖୋର୍ଦ୍ଧା,୧୧।୪(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ବ୍ଲକ ଅଧୀନ ଟାଙ୍ଗିଆପଡ଼ା ପଞ୍ଚାୟତ ଅନ୍ତର୍ଗତ ଉଇଲ କିଶନ ନଗର ମା'ଅଁଳେଇ ମନ୍ଦିରଠାରେ ଓଡ଼ିଆ ନବବର୍ଷ ଝାମୁଯାତ୍ରା ଓ ମହାବୀର ଜୟନ୍ତୀ ଉପଲକ୍ଷେ ନୂଆଗାଁ ଟୋକା ୟୁଟ୍ୟୁବ ଚ୍ୟାନେଲର ପ୍ରଥମ ସଙ୍ଗୀତ 'ମା' ଲୋ ମା' ଅଁଳେଇ ମା' ଗୀତର ଶୁଭ ମହୁରତ ଶନିବାର ଅନୁଷ୍ଠିତ ହୋଇଯାଇଛି । ମା'ଅଁଳେଇ ପୀଠରେ ପୁରୋହିତ ବିଶ୍ୱନାଥ ନନ୍ଦ, ଗ୍ରାମ ସମ୍ପାଦକ ସନାତନ ବିଶ୍ୱାଳ, ଗ୍ରାମର ହିମାଂଶୁ ବରାଳ, ଗୋପାଳ କୃଷ୍ଣ ପ୍ରଧାନ ପ୍ରମୁଖ ଯୋଗଦେଇ ଏହାର ଉନ୍ମୋଚନ କରିଥିଲେ। ଏହି ସଙ୍ଗୀତଟି ଜଗନ୍ନାଥ ମ୍ୟୁଜିକ ଷ୍ଟୁଡିଓ ଦ୍ୱାରା ରେକର୍ଡିଂ ହୋଇଥିବା ବେଳେ ଗ୍ରାମର 'ଟିକୁ' ଲେଖିଥିଲେ। ସେହିପରି ମ୍ୟୁଜିକ ଦେବାଶିଷ ଦେଇଥିଲେ। ଏହି ଚ୍ୟାନେଲକୁ ରାଜେଶ ବାରିକ, ସତ୍ୟନାରାୟଣ ସୁନ୍ଦରାୟ, ସାଗର ବଳିୟାରସିଂ, ରିତେଶ ସାହୁ, ଦିପେଶ ବେହେରା ଆର୍ଥିକ ସହଯୋଗ କରୁଛନ୍ତି।

# ଚାନ୍ଦପୁରରେ ତିନିଦଣ୍ଡ ମେଳଣ



**ଟାଙ୍ଗୀ,୧୧।୪(ରଘୁନାଥ ସାହୁ)**

ଚାନ୍ଦପୁର ରାଧାମୋହନପୁର ଗୋଦାବରୀ ନାୟକଙ୍କ ବାସଭବନ ସମ୍ମୁଖରେ ଚାନ୍ଦପୁରର ବଡ଼ଭାଇ ଐଶାନେଶ୍ୱର ଦେବ, ଜେମାଦେଇପୁରର ମଝିଆ ଭାଇ ଓ କନ୍ଦନୟାଗଡ଼ର ସାନଭାଇ ଐଶାନେଶ୍ୱର ଦେବ ଏକତ୍ରିତ ହୋଇ ତିନି ଠାକୁରଙ୍କ ମେଳଣ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରବଳ ଜନସମାଗମ ମଧ୍ୟରେ ତିନିଗ୍ରାମର ଗାଁ ମୁଖିଆ ଗଣପାଟ ଦଣ୍ଡୁଆ, ପାଟ ଭଗତା, ଭଗତା ଗଣଢ଼ୋଲ, ଖୋଳ, ଘଣ୍ଟଘଣ୍ଟା, ଡାକବାଜି ଯନ୍ତ୍ର ସହିତ ଚାନ୍ଦପୁର ରାଧାମୋହନପୁର ପୀଠସ୍ଥଳୀରେ ଏକତ୍ରିତ ହୋଇ ବଡଭାଇଙ୍କୁ ସମ୍ମାନ ସହିତ କୋଠି ପ୍ରତିକ୍ଷଣ କରି ଜେମାଦେଇପୁର, କନ୍ଦନୟାଗଡର ଦୁଇ ଠାକୁର ଚାନ୍ଦପୁର ଠାକୁରଙ୍କୁ ସାଙ୍ଗରେ ନେଇ ଏକ ବିରାଟ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ରାମଚଣ୍ଡୀ ହାଇସ୍କୁଲ ସମ୍ମୁଖ ଗୋଦାବରୀଙ୍କ ଘର ସମ୍ମୁଖରେ ତିନିଠାକୁର ଅବତୀର୍ଣ୍ଣ ହୋଇଥିଲେ। ଭକ୍ତମାନଙ୍କ ହରିବୋଲ, ହୁଳହୁଳିରେ ସାରା ଅଞ୍ଚଳ ପ୍ରକମ୍ପିତ ହୋଇଉଠିଥିବା ବେଳେ ଦଣ୍ଡଖେଳ ଅଗ୍ନିରେ ପ୍ରଭୁଙ୍କର ଅପୂର୍ବ ଦୃଶ୍ୟ ଆକର୍ଷଣ ଥିଲା। ଏହି ଅବସରରେ ତିନି ଠାକୁରଙ୍କ ଭଗତାମାନଙ୍କୁ ସମ୍ମାନ ପ୍ରଦାନ କରାଯାଇଥିଲା।

# ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଓଡ଼ିଆ ପକ୍ଷ

**ଖୋର୍ଦ୍ଧା,୧୧।୪(ପ୍ରଭାତ ପାଣିଗ୍ରାହୀ)**




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ମୈତ୍ରୀଭବନ ପରିସରରେ ଇତିହାସ ବିଭାଗ ଏବଂ ଓଡ଼ିଆ ବିଭାଗ ମିଳିତ ଆନୁକୂଲ୍ୟରେ ଶନିବାର ଓଡ଼ିଆ ପକ୍ଷ ପାଳିତ ହୋଇଯାଇଛି। ଏହି ଅବସରରେ 'ପାଇକ ବିଦ୍ରୋହ-ଓଡ଼ିଶାର ପ୍ରଥମ ମୁକ୍ତି ସଂଗ୍ରାମ' ଉପରେ ଏକ ଆଲୋଚନାଚକ୍ର ହୋଇଥିଲା। କଲେଜ ଅଧକ୍ଷା ଡ.ପୂର୍ଣ୍ଣିମା ନାୟକ ସଭାପତିତ୍ୱ କରି କହିଥିଲେ, ଏହା ଏକ ଐତିହାସିକ ସଂଗ୍ରାମ ଥିଲା। ସେ ନିଜେ ଜଣେ ସ୍ୱାଧୀନତା ସଂଗ୍ରାମ ପରିବାରୁ ଆସିଛନ୍ତି ବୋଲି କହିଥିଲେ। ମୁଖ୍ୟ ଅତିଥିଭାବେ ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ଯୋଗଦେଇ ପାଇକ ବିଦ୍ରୋହର ଗରିମାମୟ କାହାଣୀ ଉପରେ ଆଲୋକପାତ କରିବା ସହ ବକ୍ସି ଜଗବନ୍ଧୁଙ୍କ ବୀରତ୍ୱ ଗାଥା ଓ ଜୟୀ ରାଜଗୁରୁ, ପିଣ୍ଡିକି ବାହୁବଳେନ୍ଦ୍ରଙ୍କ ବୀରତ୍ୱ କାହାଣୀ ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ବକ୍ତାଭାବେ ଗ୍ରନ୍ଥକାର ଉମାଶଙ୍କର ପ୍ରସାଦ ଯୋଗଦେଇ କହିଥିଲେ, ବକ୍ସିଙ୍କ ନେତୃତ୍ୱରେ ପାଇକ ବୀରମାନେ ଇଂରେଜ ବିରୋଧରେ ଐତିହାସିକ ଲଢ଼େଇ କରିଥିଲେ। ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ସେମାନଙ୍କର ତ୍ୟାଗ, ବୀରତ୍ୱ ଅତୁଳନୀୟ। ସେହିପରି ତାପଙ୍ଗ ଦଳବେହେରା ମାଧବ ଚନ୍ଦ୍ର ରାଉତରାୟ ବ୍ରିଟିଶ ବିରୋଧରେ ସଶସ୍ତ୍ର ସଂଗ୍ରାମ କରିଥିଲେ। ପଦାର୍ଥ ବିଜ୍ଞାନର ବରିଷ୍ଠ ପ୍ରାଧ୍ୟାପକ ସୁବୋଧ କୁମାର ଜଗଦ୍ଦେବ ସମ୍ମାନିତ ବକ୍ତାଭାବେ ଯୋଗଦେଇ ରଘୁ ଦିବାକରଙ୍କ ଗରିମାମୟ କାହାଣୀ ସହ ବକ୍ସିଙ୍କ ଅନେକ ବୀରତ୍ୱ ଗାଥା ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଓଡ଼ିଆ ବିଭାଗର ମୁଖ୍ୟ ଅଧ୍ୟାପିକା ମାନିନୀ ଜେନା ପାଇକ ବିଦ୍ରୋହର ରକ୍ତ ରଞ୍ଜିତ ଅଧ୍ୟାୟ ଉପରେ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଇତିହାସ ଭିଭାଗର ମୁଖ୍ୟ ଅସୀମା ଶତପଥୀ ସ୍ୱାଗତ ଭାଷଣ ଓ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ଆଲୋଚନାଚକ୍ରରେ ବରିଷ୍ଠ ପ୍ରଶାସନିକ ଅଧିକାରୀ ପ୍ରମୋଦ କୁମାର ସାମଲ, ଡ.ପ୍ରଦୀପ୍ତ କୁମାର ମହାପାତ୍ର, ଡ.ତୃପ୍ତିରେଖା ପଣ୍ଡା, ଡ. ଅନିଲ କୁମାର ରାୟ, ଟି.ଅକ୍ଷୟ କୁମାର, ଆଶିଷ କୁମାର ନାୟକ, ଅଧ୍ୟାପକ ଭଗବାନ ଖୁଲାର, ସୁସଂଧା ପ୍ରିୟଦର୍ଶିନୀ ନାୟକ, କଳ୍ପନା ମଲ୍ଲିକ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ପ୍ରାଧ୍ୟାପକ ସୁବୋଧ କୁମାର ଜଗଦ୍ଦେବ ଧନ୍ୟବାଦ ଅର୍ପଣ କରିଥିଲେ।

# ଭଗବତ ମେଳଣ ବେଳେ ଆକ୍ରମଣ, ୩ ଗୁରୁତର

**ଝାଁଳା,୧୧।୪(ବୁଲା ବାରିକ):** ଇନ୍‌ଫୋଭ୍ୟାଲି ଥାନା ଅଧୀନ ଗ୍ରାମଣ୍ଡିହ ଗ୍ରାମରେ ଶୁକ୍ରବାର ରାତିରେ ଭଗବତ ମେଳଣ ବେଳେ ଗୋଟିଏ ପରିବାରର ୩ଜଣ ଭଉଣୀଭାଇଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ସେମାନେ ହେଲେ ସୌମ୍ୟରଞ୍ଜନ ମହାପାତ୍ର, ଜ୍ଞାନ ରଞ୍ଜନ ମହାପାତ୍ର ଓ ଭଉଣୀ ସନ୍ଧ୍ୟାରାଣୀ ମହାପାତ୍ର। ଏନେଇ ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ମୁତାବକ, ଗ୍ରାମଣ୍ଡିହ ଗ୍ରାମରେ ଶୁକ୍ରବାର ରାତିରେ ଭଗବତ ମେଳଣ ଉତ୍ସବ ହେଉଥିଲା। ସୌମ୍ୟ, ଜ୍ଞାନ ଏବଂ ତାଙ୍କ ଭଉଣୀ ସନ୍ଧ୍ୟାରାଣୀ ମେଳଣ ଦେଖିବାକୁ ଯାଇଥିଲେ। ତେବେ କୌଣସି କାରଣରୁ ସେହି ଗ୍ରାମର କେତେଜଣ ଯୁବକଙ୍କ ସହ ସୌମ୍ୟଙ୍କ ବଚସା ହୋଇଥିଲା। ଫଳରେ ଗ୍ରାମଣ୍ଡିହ ଗ୍ରାମର ଚନ୍ଦନ ଓ ତାଙ୍କର କେତେଜଣ ସହଯୋଗୀ ସୌମ୍ୟଙ୍କୁ ଆକ୍ରମଣ କରିଥିଲେ। ଭାଇଙ୍କୁ ଆକ୍ରମଣ ହେଉଥିବା ଦେଖି ସାନଭାଇ ଜ୍ଞାନ ଘଟଣାସ୍ଥଳରେ ପହଞ୍ଚିଥିଲେ। ଭାଇଙ୍କୁ କାହିଁକି ଆକ୍ରମଣ କରୁଛ ବୋଲି ପଚାରିବାରୁ ଚନ୍ଦନ ଓ ତାର ସହଯୋଗୀମାନେ ଠେଙ୍ଗାରେ ତାଙ୍କୁ ନିସ୍ତୁକ ପିଟିଥିଲେ। ଫଳରେ ଦୁଇ ଭାଇଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗି ତଳେ ପଡ଼ିଯାଇଥିଲେ। ଏହି ସମୟରେ ଭଉଣୀ ସନ୍ଧ୍ୟା ସେମାନଙ୍କୁ ବଞ୍ଚାଇବା ପାଇଁ ଚେଷ୍ଟା କଲାବେଳେ ତାଙ୍କୁ ମଧ ଆକ୍ରମଣ କରିଥିଲେ। ସନ୍ଧ୍ୟାଙ୍କୁ ଆକ୍ରମଣ କରିବା ସହ ତାଙ୍କ ବେକରୁ ଏକ ସୁନାଚେନ ନେଇଯାଇଥିବା ଅଭିଯୋଗ ହୋଇଛି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

# ସରସ୍ୱତୀ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ

**ଟାଙ୍ଗୀ,୧୧।୪(ରଘୁନାଥ ସାହୁ)**

ଚାନ୍ଦପୁର ସରସ୍ୱତୀ ବିଦ୍ୟାମନ୍ଦିରର ତ୍ରୟୋବିଂଶତିତମ ବାର୍ଷିକ ଉତ୍ସବ ପରିଚାଳନା କମିଟି ସଭାପତି ବିରଞ୍ଚି ନାରାୟଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଖାଉଟି ଅଦାଲତ ଅଧକ୍ଷ ନାରାୟଣ ମହାପାତ୍ର, ସମ୍ମାନିତ ଅତିଥିଭାବେ ପରିଚାଳନା ସମିତି ସମ୍ପାଦକ ଦୁର୍ଗା ପ୍ରସାଦ ଦାଶ ପ୍ରମୁଖ ଯୋଗଦେଇଥିଲେ। ପାଠପଢ଼ି ଭଲ ମଣିଷ ହେବାକୁ ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ସୁବାସ ଚନ୍ଦ୍ର ସାମନ୍ତରାୟ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା, ଅଭିଭାବକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିମାନେ ଜଣେ କୁନି ପ୍ରତିଭାଧାରୀଙ୍କୁ ପୁରସ୍କୃତ କରୁଛନ୍ତି।

# ମା'ଙ୍କ ଦର୍ଶନରେ ମନରେ ଭରୁଛି ଭକ୍ତି, ବିଶ୍ୱାସ



**ବେଗୁନିଆ,୧୧।୪(ହର ପ୍ରସନ୍ନ ପଣ୍ଡା)**

ବେଗୁନିଆ ସଦର ମହକୁମାସ୍ଥିତ ମା'ଦୁର୍ଗାଦେବୀଙ୍କ ଯାତ୍ରା ପଡ଼ିଆରେ ଚାଲିଥିବା ମହାପାଟଦେଇ କାଳିକା ଦେବୀ ମହୋତ୍ସବରେ ଆଧ୍ୟାତ୍ମିକ ପରିବେଶ ସହିତ ପୁରାତନ ସଂସ୍କୃତିର ସ୍ୱତନ୍ତ୍ରତା ଦେଖିବାକୁ ମିଳିଛି। ଯାତ୍ରା ପଡ଼ିଆରେ ମା' ଜଗଜ୍ଜନନୀଙ୍କ ମୃଣ୍ମୟୀ ମୂର୍ତ୍ତି ଓ ବେଶ ଶ୍ରଦ୍ଧାଳୁଙ୍କୁ ଆକର୍ଷିତ କରୁଛି। ମହୋତ୍ସବ କମିଟି ଓ ବେଗୁନିଆ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ଆୟୋଜିତ ହେଉଛି ବିଶ୍ୱଶାନ୍ତି ମହାଯଜ୍ଞ। ଦର୍ଶକଙ୍କ ମନୋରଞ୍ଜନ ପାଇଁ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି। ମହାଯଜ୍ଞର ବିଧି ଅନୁଯାୟୀ ସୂର୍ଯ୍ୟପୂଜା, ଗୋ ପୂଜା, ଶାଳା ମଣ୍ଡନ, ଅଗ୍ନି ସ୍ଥାପନା ଏବଂ ଚଣ୍ଡୀ ଆହୁତି ପ୍ରଦାନ ଆଦି ଜାରି ରହିଛି। ଅନ୍ୟପକ୍ଷରେ ପଡ଼ିଆରେ ଜଗଜ୍ଜନନୀଙ୍କ ୩୦ ପ୍ରକାର ମୃଣ୍ମୟୀ ମୂର୍ତ୍ତି ଓ ବେଶ ଦେଖି ଶ୍ରଦ୍ଧାଳୁମାନେ ସାଧନାରେ ସିଦ୍ଧିଲାଭ କରୁଛନ୍ତି। ଏହି ମୂର୍ତ୍ତିଗୁଡିକ ଭାରତୀୟ ସଂସ୍କୃତିରେ ଶକ୍ତି ପୂଜାର ପରମ୍ପରାକୁ ଦର୍ଶାଯାଇଛି। ହିନ୍ଦୁ ଧର୍ମରେ ପ୍ରମୁଖ ଦେବୀ ହେଉଛନ୍ତି ମା'ଦୁର୍ଗା। ସେ ସୁରକ୍ଷା, ଶକ୍ତି, ମାତୃତ୍ୱ, ବିନାଶ ଓ ଯୁଦ୍ଧ ସହିତ ଜଡ଼ିତ ବୋଲି କିମ୍ବଦନ୍ତୀ ରହିଛି। ଯାହା କେବଳ ଶାରଦୀୟ ଦୁର୍ଗାପୂଜା ଓ ଅନ୍ୟାନ୍ୟ ପାର୍ବଣରେ ଓଡ଼ିଶାର କୋଣ ଅନୁକୋଣରେ ପୂଜା ପାଆନ୍ତି। ଏହି ମୂର୍ତ୍ତିଗୁଡିକ କେବଳ କଳା ନୁହେଁ ବରଂ ଭକ୍ତି ଓ ବିଶ୍ୱାସର ପ୍ରତୀକ ସ୍ୱରୂପ। ତେବେ ମା'ଦୁର୍ଗାଙ୍କ ମହାମାୟୀ ରୂପ ଧାରଣ କରୁଥିବା ଅପୂର୍ବ ବେଶକୁ ଦଣ୍ଡ ପର୍ବ ପାଳନ ଅବସରରେ ପ୍ରଦର୍ଶିତ କରାଯାଇଛି। ଉଗ୍ରତାରା ବେଶ, ଜଗଦ୍ଧାତ୍ରୀ, ବଡ଼ସିଂହାର, ରାଜରାଜେଶ୍ୱରୀ, ଜୟ ଦୁର୍ଗା, ମହାଲକ୍ଷ୍ମୀ, କୃଷ୍ଣ କାଳୀ, ମହାକାଳୀ, ହରଚଣ୍ଡୀ, ସୁନା ବେଶ, ମହିଷମର୍ଦ୍ଦିନୀ ଆଦି ୩୦ ପ୍ରକାର ମୂର୍ତ୍ତି ଓ ବେଶ ଅସ୍ଥାୟୀ କୋଠିରେ ପୂଜା ପାଉଛନ୍ତି। ସୂଚନାଥାଉ କି, ପ୍ରତି ବର୍ଷ ଦଣ୍ଡ ପର୍ବ ପାଳନ ଅବସରରେ ଆୟୋଜକ କମିଟି ପକ୍ଷରୁ ଆଧ୍ୟାତ୍ମିକ ଚେତନା ଜାଗ୍ରତ କରାଇବା ଲକ୍ଷ୍ୟ ନେଇ ବିଶ୍ୱନିୟନ୍ତାଙ୍କ ବେଶ ଓ ଭୋଗ ପ୍ରଦର୍ଶିତ କରାଯାଇଥିଲା।

**ମହାପାଟ ଦେଇ କାଳୀକା ଦେବୀ ଉତ୍ସବ**

## ସାଂସ୍କୃତିକ କାର୍ଯ୍ୟକ୍ରମ ମନଜିଣିଲା

**ବେଗୁନିଆ,୧୧।୪(ସନ୍ଧ୍ୟାରାଣୀ ମିଶ୍ର):** ବେଗୁନିଆ ସଦର ମହକୁମାସ୍ଥିତ ଦୁର୍ଗା ପୂଜା ମଣ୍ଡପ ନିକଟରେ ଅନୁଷ୍ଠିତ ମହାପାଟଦେଇ କାଳିକା ଦେବୀ ମହୋତ୍ସବର ଶନିବାର ଥିଲା ତୃତୀୟ ସନ୍ଧ୍ୟା। ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କ ମନ ଜିଣିଥିଲା। ଲୋକନାଥ ଜେନାଙ୍କ ସଂଯୋଜନାରେ ମନୋଜ କୁମାର ପ୍ରଧାନ ମୁଖ୍ୟ ଅତିଥି, ନାଳନ୍ଦା ପବ୍ଲିକ ସ୍କୁଲର ଅଧକ୍ଷ ରାଜେଶ ସାହୁ, ସସ୍ମିତା ସ୍ୱାଇଁ, ମଳୟ କୁମାର ଜୟସିଂହ, ରାମ ମାନସ ପଣ୍ଡା, ପ୍ରଦ୍ୟୁମ୍ନ କୁମାର ପଟ୍ଟନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇ ମହୋତ୍ସବ ମନୋରଞ୍ଜନର ଏକ ପ୍ରମୁଖ ମାଧ୍ୟମ ବୋଲି ମତବ୍ୟକ୍ତ କରିଥିଲେ। ଗୀତିକାର ପ୍ରଫୁଲ୍ଲ କୁମାର ଦେଉରିଙ୍କ ଦ୍ୱାରା ଭଜନ, ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ, ନାଳନ୍ଦା ପବ୍ଲିକ ସ୍କୁଲର ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ, କଟକ ମାତୃଶକ୍ତି ଡ୍ୟାନ୍ସ ଗ୍ରୁପ କଳାକାରଙ୍କ ଦ୍ୱାରା ନୃତ୍ୟ ପରିବେଷଣ ଦର୍ଶକଙ୍କୁ ଆକର୍ଷିତ କରିଥିଲା। ବିଶ୍ୱନାଥ ସୁନ୍ଦରାୟ, କ୍ଷୀରୋଦ କୁମାର ପରିଡ଼ା, ଶିକ୍ଷକ ସରୋଜ କୁମାର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



# ସବୁ ଜଗନ୍ନାଥ ମନ୍ଦିରରେ ଶ୍ରୀମନ୍ଦିର କ୍ୟାଲେଣ୍ଡର ପ୍ରଚଳନ ହେଉ



ବୈଠକରେ ଗଜପତି ମହାରାଜ ଦିବ୍ୟସିଂହ ଦେବଙ୍କ ସମେତ ସେବାୟତ ଅଧିକାରୀମାନେ । (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

## ଐକ୍ୟସ୍ଥାପନା ମଣ୍ଡଳୀର ଗୁରୁତ୍ୱପୂର୍ଣ୍ଣ ବୈଠକ

ପୁରୀ,୧୧।୪(ଅଜିତ୍ କୁମାର ମହାନ୍ତି)

ଐକ୍ୟସ୍ଥାପନା ମଣ୍ଡଳୀର ଗୁରୁତ୍ୱପୂର୍ଣ୍ଣ ବୈଠକ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଗଜପତି ମହାରାଜ ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଦେଶ ଓ ଦେଶ ବାହାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପର୍ବପର୍ବାଣି ପାଳନ, ଇସ୍କନ ସଂସ୍ଥା ଦ୍ୱାରା ଅଦିନିଆ ରଥଯାତ୍ରା ପାଳନ ସହ ଅନ୍ୟାନ୍ୟ ବିଷୟ ଉପରେ ଆଲୋଚନା କରାଯାଇଛି।

ଗଜପତି ମହାରାଜ କହିଛନ୍ତି, ଆସନ୍ତା ୧୪ରେ ମହାବିଷୁବ ସଂକ୍ରାନ୍ତି। ଉକ୍ତ ଦିନଠାରୁ ଶ୍ରୀଜଗନ୍ନାଥ ପାଞ୍ଜି ପ୍ରଚଳିତ ହୋଇଥାଏ। ଉକ୍ତ ପାଞ୍ଜି ଅନୁସାରେ ଶ୍ରୀମନ୍ଦିରର ବର୍ଷିକ ପର୍ବପର୍ବାଣି ପାଳିତ ହୋଇଥାଏ। ମହାପ୍ରଭୁଙ୍କ ପର୍ବ ପାଳନ ଓ ତାହାର ତିଥି କ୍ୟାଲେଣ୍ଡରରେ ଉଲ୍ଲେଖ କରାଯାଇଛି। ଓଡ଼ିଶା, ଭାରତ ଏବଂ ଭାରତ ବାହାରେ ଯେଉଁଠି ଶ୍ରୀଜଗନ୍ନାଥଙ୍କ ବିଗ୍ରହ ପ୍ରତିଷ୍ଠା ହୋଇଛି, ସେଠାରେ ଶ୍ରୀମନ୍ଦିରର ତିଥି ଅନୁସାରେ ପର୍ବ ପାଳନ କରନ୍ତୁ। ତିଥି ବ୍ୟତିକ୍ରମ କରି ପର୍ବ ପାଳନ କରା ନ ଯାଉ। ସମସ୍ତ ଜଗନ୍ନାଥ ମନ୍ଦିର କମିଟିକୁ ନିବେଦନ କରାଯାଉଛି ଯେ, ଆସନ୍ତା ପଣାସଂକ୍ରାନ୍ତିରୁ ଶ୍ରୀମନ୍ଦିର କ୍ୟାଲେଣ୍ଡର ପ୍ରଚଳିତ ହେବାକୁ ଯାଉଛି। କ୍ୟାଲେଣ୍ଡରରେ ଉଲ୍ଲେଖ ଥିବା ତାରା ବା ଷ୍ଟାର୍ ଚିହ୍ନ ଅନୁସାରେ ଭାରତରେ ଥିବା ସବୁ ଜଗନ୍ନାଥ ମନ୍ଦିର ଏହା ପାଳନ କରିବା ବାଧ୍ୟତାମୂଳକ। ସେହିପରି ଭାରତ ଭିତରେ ସବୁ ଜଗନ୍ନାଥ ମନ୍ଦିର ମୂଳପୀଠ ବା ଶ୍ରୀମନ୍ଦିର କ୍ୟାଲେଣ୍ଡର ଅନୁସାରେ ପର୍ବପର୍ବାଣି ଓ ନୀତିକାନ୍ତି ପାଳନ କରିବାକୁ ଗଜପତି ପରାମର୍ଶ ଦେଇଛନ୍ତି।

ଇସ୍କନ ସଂସ୍ଥା ଶ୍ରୀକ୍ଷେତ୍ର ବା ମୂଳପୀଠ ପରମ୍ପରାର ବ୍ୟତିକ୍ରମ କରୁଛି। ଆସନ୍ତା ଡିସେମ୍ବର ସୁଦ୍ଧା ଇସ୍କନ ପକ୍ଷରୁ ବିଶ୍ୱର ବିଭିନ୍ନ ସ୍ଥାନରେ ୮୦ଟି ଅଦିନିଆ ରଥଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି। ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀଙ୍କ ସହ ବହୁ ଆଚାର୍ଯ୍ୟ ଶାସ୍ତ୍ରୀୟ ମତ ଆଧାରରେ ଆଷାଢ଼ ଶୁକ୍ଳ ଦ୍ୱିତୀୟାରେ ରଥଯାତ୍ରା କରିବା ପାଇଁ ପରାମର୍ଶ ଦେଇଛନ୍ତି। ଇସ୍କନର ଅଦିନିଆ ରଥଯାତ୍ରା ରୋକିବା ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଗୁରୁଦାୟିତ୍ୱ ରହିଛି। ଗଜପତି ମହାରାଜ ଦିବ୍ୟସିଂହ ଦେବ ବ୍ୟକ୍ତିଗତ ଭାବେ ୨ଦିନ ତଳେ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି। ଇସ୍କନର ଅଦିନିଆ ରଥଯାତ୍ରା ନେଇ ରାଜ୍ୟବ୍ୟାପୀ ଜନସଚେତନତା ସୃଷ୍ଟି କରାଯିବ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମଧ୍ୟ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ସଂସ୍କୃତି ଓ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ସହ ଆଲୋଚନା କରାଯିବ। ଇସ୍କନ୍ ମାୟାପୁର କର୍ତ୍ତୃପକ୍ଷଙ୍କୁ ପୁନର୍ବାର ଚିଠି ଲେଖାଯିବ। ସବୁପ୍ରକାର ପଦକ୍ଷେପ ନେବା ସତ୍ତ୍ୱେ ଇସ୍କନ କର୍ତ୍ତୃପକ୍ଷ ଅଦିନିଆ ରଥଯାତ୍ରା କଲେ ଆଇନର ଆଶ୍ରୟ ନିଆଯିବ ବୋଲି ଗଜପତି କହିଛନ୍ତି। ଇସ୍କନ୍ ଭାରତ ଭିତରେ ଅଦିନିଆ ଜ୍ୟେଷ୍ଠପୂର୍ଣ୍ଣମୀ ବା ସ୍ନାନପୂର୍ଣ୍ଣମୀ ଏବଂ ରଥଯାତ୍ରା ନ କରିବା ପାଇଁ ଲିଖିତ ଭାବେ ଜଣାଇଛି। ୨୦୨୫ ପରଠାରୁ ଇସ୍କନ୍ ଭାରତ ଭିତରେ ଅଦିନିଆ ଜ୍ୟେଷ୍ଠପୂର୍ଣ୍ଣମୀ ବା ସ୍ନାନପୂର୍ଣ୍ଣମୀ ଏବଂ ରଥଯାତ୍ରା କରିବା ଦୃଷ୍ଟିଗୋଚର ହୋଇନାହିଁ। କିନ୍ତୁ ଇଣ୍ଟରନେଟ୍ ତଥ୍ୟ ଅନୁଯାୟୀ ବିଶ୍ୱର ବିଭିନ୍ନ ସ୍ଥାନରେ ୮୦ଟି ଅଦିନିଆ ରଥଯାତ୍ରା ଓ ୧୦ଟି ସ୍ଥାନରେ ଅଦିନିଆ ସ୍ନାନଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି। ଏହା ବିରୋଧରେ ସମସ୍ତ ସନାତନପ୍ରେମୀ ସଚେତନ ହେବାକୁ ଗଜପତି ଅପିଲ୍ କରିଛନ୍ତି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଓ ସମସ୍ତ ସଦସ୍ୟ ବୈଠକରେ ଉପସ୍ଥିତ ଥିଲେ।


ଶ୍ରୀମନ୍ଦିରରେ ପୁରୀବାସୀଙ୍କ ପ୍ରବେଶ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଦାବିରେ ଶନିବାର ସହରବାସୀ ସିଂହଦ୍ୱାର ସମ୍ମୁଖରେ ଧାରଣା ଦେଇଛନ୍ତି। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

## ମୁକୁଳା ଡ୍ରେନ୍‌ରେ ପଡ଼ି ଦିବ୍ୟାଙ୍ଗଙ୍କ ମୃତ୍ୟୁ ଘଟଣା: ଏନ୍‌ଏଚ୍‌ଆର୍‌ସିରେ ମାମଲା

ପୁରୀ,୧୧।୪(ଅଜିତ୍ କୁମାର ମହାନ୍ତି)

ଗତ ୯ ତାରିଖରେ ମୁକୁଳା ଡ୍ରେନ୍‌ରେ ପଡ଼ି ଜଣେ ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ମୃତ୍ୟୁ ଘଟଣାକୁ ନେଇ ସୂଚନାଧିକାର କର୍ମୀ ଜୟନ୍ତ କୁମାର ଦାସ ଏନ୍‌ଏଚଆର୍‌ସିରେ ଏକ ମାମଲା ରୁଜୁ କରିଛନ୍ତି। ଦାସ ଦର୍ଶାଇଛନ୍ତି ଯେ, ଗତ ୯ରେ କୁମ୍ଭାରପଡ଼ା ପୋଲିସ ଦ୍ୱାରା ରେଡକ୍ରସ ରୋଡ୍ ମାଛ ମାର୍କେଟ ସମ୍ମୁଖରେ ଥିବା ଏକ ଅନାବୃତ୍ତ ଡ୍ରେନେଜ୍‌ରୁ ଦିବ୍ୟାଙ୍ଗଙ୍କ ଗଳିତ ମୃତଦେହ ଜବତ କରାଯାଇଥିଲା। ମୃତ ବ୍ୟକ୍ତି ଜଣକ ଦୁର୍ବଳ ବର୍ଗର ଥିଲେ। ସେ ଡ୍ରେନ୍‌ରେ ପଡ଼ିଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ପୁରୀ ସହରରେ ଏଭଳି ଘଟଣାରେ ବାରମ୍ବାର ମୃତ୍ୟୁ ଘଟୁଛି। ଗତ ୨ ବର୍ଷ ମଧ୍ୟରେ ପଞ୍ଚମ ଘଟଣା। ଘଟଣାକୁ ଗୁରୁତ୍ୱର ସହ ନେଇ ଘଟଣାର ବିଚାର କରାଯାଉ ଏବଂ ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ମୃତ୍ୟୁର ତଦନ୍ତ ନିର୍ଦ୍ଦେଶ ଦିଆଯାଉ। ପୀଡ଼ିତ କ୍ଷତିପୂରଣ ଯୋଜନା ଅନୁଯାୟୀ, ପର୍ଯ୍ୟାପ୍ତ କ୍ଷତିପୂରଣ ସିଧାସଳଖ ପ୍ରଦାନ କରନ୍ତୁ, ଏବଂ ମୃତକଙ୍କ ସମ୍ମାନଜନକ ପରିଚାଳନା ଏବଂ ଚିହ୍ନଟ ପ୍ରୟାସ ସୁନିଶ୍ଚିତ କରନ୍ତୁ ବୋଲି ଦାସ ଉଲ୍ଲେଖ କରିଛନ୍ତି।

## ଶୃଙ୍ଖଳିତ ସମାଜ ଗଠନ ପାଇଁ ଛାତ୍ରୀଛାତ୍ର ସଂକଳ୍ପବଦ୍ଧ ହୁଅନ୍ତୁ

### ଶାରଦା ବିହାର ସରକାରୀ ଉଚ୍ଚବିଦ୍ୟାଳୟର ବାର୍ଷିକୋତ୍ସବ

ପୁରୀ,୧୧।୪(ଅଜିତ୍ କୁମାର ମହାନ୍ତି)

ଶିକ୍ଷାର ବିକାଶ ସହ ଏକ ସମୃଦ୍ଧ ଭାରତବର୍ଷ ଓ ଶୃଙ୍ଖଳିତ ସମାଜ ଗଠନ ପାଇଁ ଛାତ୍ରୀଛାତ୍ର ସଂକଳ୍ପବଦ୍ଧ ହୁଅନ୍ତୁ ବୋଲି ଶାରଦା ବିହାର ହାଇସ୍କୁଲର ବାର୍ଷିକୋତ୍ସବରେ ମୁଖ୍ୟ ଅତିଥି ଭାବେ ପୁରୀ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଚିତ୍ତରଞ୍ଜନ ଦ୍ୱିବେଦୀ ଯୋଗଦେଇ କହିଛନ୍ତି। ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁବାସ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଗାଳ୍ପିକ ତଥା ସମାଜସେବୀ ଡ. ବଦ୍ରି ମିଶ୍ର, ସମ୍ମାନିତ ଅତିଥି ଭାବେ କିଟ୍ ବିଶ୍ୱବିଦ୍ୟାଳୟ ଗଣମାଧ୍ୟମ ବିଭାଗର ସହକାରୀ ପ୍ରଫେସର ଶିକ୍ଷାବିତ୍ ଡ. ପ୍ରଦ୍ୟୁମ୍ନ କୁମାର ସାଥୁଆ କହିଛନ୍ତି, ଏକ ବିକଶିତ ଓଡ଼ିଶା ଗଠନ ନିମନ୍ତେ ପିଲାଙ୍କୁ ନୈତିକ ଶିକ୍ଷା ସହ ଦେଶାତ୍ମବୋଧର ଶିକ୍ଷାଦେବା ଏକ ଆବଶ୍ୟକତା। କବି ଆଲୋକ କୁମାର ପ୍ରଧାନ, ବାଲିଗୁଆଳି ସରପଞ୍ଚ ସିଲୁ ସେନାପତି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ହରପ୍ରସାଦ ଜେନା, ବାଲିଗୁଆଳି ଗ୍ରାମ୍ୟ କମିଟି ସଭାପତି ସମରେନ୍ଦ୍ର ମାଳ ଯୋଗଦେଇ ବିଦ୍ୟାଳୟର ଉନ୍ନତ ଶିକ୍ଷାର ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସମୂହ ସଂଗୀତ, ଓଡ଼ିଶୀ ନୃତ୍ୟ, ମେଳା ଓ ସମ୍ବଲପୁରୀ ନୃତ୍ୟ, ଦେଶାତ୍ମବୋଧକ ନାଟକ ପରିବେଷଣ କରିଥିଲେ। ଶିକ୍ଷକ ହରପ୍ରସାଦ ନାୟକ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

## କୁମ୍ଭାରପଡ଼ା ଆଞ୍ଚଳିକ ମହିଳା ମହାସଂଘର ବାର୍ଷିକ ଉତ୍ସବ

ପୁରୀ,୧୧।୪(ଅଜିତ୍ କୁମାର ମହାନ୍ତି)

ପୁରୀ ମହାନଗର ନିଗମ ଅନ୍ତର୍ଗତ କୁମ୍ଭାରପଡ଼ା ଆଞ୍ଚଳିକ ମହିଳା ମହାସଂଘର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ପୁରୀ ଏମ୍‌ପି ସମ୍ବିତ ପାତ୍ର ମୁଖ୍ୟ ଅତିଥି, ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ମହାସଂଘ ଉପଦେଷ୍ଟା ପୂର୍ବତନ ପୌର ସଦସ୍ୟ ସୁଦର୍ଶନ ସାହୁ, ସାମାଜିକ କର୍ମୀ ସନ୍ତୋଷ ମିଶ୍ର, ସଙ୍ଗଠିକା ସ୍ମିତାଞ୍ଜଳି ପତି, ପୂର୍ବତନ ପୌର ସଦସ୍ୟ ସୁବାସ ସାହୁ ଏବଂ ରାଜାରାମ ରେଡ୍ଡୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କଳାକାରଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ଏବଂ ଅଦିତି ମିଶ୍ର ଯୋଗ ପରିବେଷଣ କରିଥିଲେ। ମହାସଂଘ ତରଫରୁ ଅଞ୍ଚଳର ସମସ୍ତ ମନ୍ଦିର ପୂଜକ, ଅଙ୍ଗନୱାଡ଼ିକର୍ମୀ, ଆଶାକର୍ମୀ, ସ୍ୱଚ୍ଛସାଥୀ, ଜଳସାଥୀ, ବରିଷ୍ଠ ମୂର୍ତ୍ତି ଶିଳ୍ପୀ, କୀର୍ତ୍ତନ ମଣ୍ଡଳୀ, ସାମାଜିକ କର୍ମୀ, ମୁଷ୍ଟିଯୋଦ୍ଧା, ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ପୂର୍ବରୁ ଅନୁଷ୍ଠିତ ମ୍ୟୁଜିକ୍ ଚେୟାର ପ୍ରତିଯୋଗିତାରେ ଚଞ୍ଚଳୀ ସାହୁ ପ୍ରଥମ, ସୁକାନ୍ତି ମହାଲିକ ଦ୍ୱିତୀୟ, ଶୁଭଲକ୍ଷ୍ମୀ ପଟ୍ଟନାୟକ ତୃତୀୟ ସ୍ଥାନ ହାସଲ କରିଥିଲେ। ସେହିପରି ମୁରୁଜ ପ୍ରତିଯୋଗିତାରେ ରୋଜାଲିନ ମୁଦୁଲି ପ୍ରଥମ, ବବିତା ମହାପାତ୍ର ଦ୍ୱିତୀୟ ଓ ସସ୍ମିତା ବିଶୋଇ ତୃତୀୟ ହୋଇଥିଲେ। ବଲ ବକେଟ, ପାପୋଛ ଏବଂ ଅନ୍ୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କ ସମେତ ସଭ୍ୟମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ମହାସଂଘ ସମ୍ପାଦିକା ମାମିନା ସିହ୍ନା, ଜ୍ୟୋତ୍ସ୍ନା ମହାନ୍ତି, ଅପର୍ଣ୍ଣା ଗୋଚ୍ଛାୟତ, ସଂଯୁକ୍ତା ସ୍ୱାଇଁ, ଭାନୁମତି ସ୍ୱାଇଁ, ଶୁଭଲକ୍ଷ୍ମୀ ରାୟ, ରଞ୍ଜିତା ପଟ୍ଟନାୟକ, ଭାଗ୍ୟଲକ୍ଷ୍ମୀ ସାହୁ ଏବଂ ଅନ୍ନପୂର୍ଣ୍ଣା ପାତ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।


### ଶ୍ରୀମନ୍ଦିର ହୁଣ୍ଡିରୁ ଆୟ

୧୧।୪।୨୦୨୬

| | |
|---|---|
| ୪,୯୮,୧୧୨ ଟଙ୍କା | |
| ସୁନା | ମିଳିନାହିଁ |
| ରୁପା | ମିଳିନାହିଁ |

## ସଂକ୍ଷେପରେ

### ୧୩ରେ କାକଟପୁରରେ ଅଭିଯୋଗ ଶୁଣାଣି

ପୁରୀ,୧୧।୪(ଅଜିତ୍ କୁମାର ମହାନ୍ତି)

କାକଟପୁର ବ୍ଲକ ସମ୍ମିଳନୀ ଗୃହରେ ପୁରୀ ଜିଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଆସନ୍ତା ୧୩ ତାରିଖ ସକାଳ ୭ଟାରୁ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସେହିପରି ଏପ୍ରିଲ୍ ୨୦ରେ ନିମାପଡ଼ା ବ୍ଲକ ସମ୍ମିଳନୀ ଗୃହରେ ଓ ୨୭ରେ କଣାସ ବ୍ଲକ ସମ୍ମିଳନୀ ଗୃହରେ ସକାଳ ୭ଟାରୁ ଦିବା ୧୦ଟା ପର୍ଯ୍ୟନ୍ତ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ବୋଲି ଜିଲା ଅଭିଯୋଗ ପ୍ରକୋଷ୍ଠ ଅଧିକାରୀ ବିବେକାନନ୍ଦ ସାହୁ ସୂଚନା ଦେଇଛନ୍ତି।

### ସିଙ୍ଗାପୁରରେ ଶିଳ୍ପୀ ସୁଦାମ ପ୍ରଧାନଙ୍କ ସ୍ୟାଣ୍ଡ ଆନିମେଶନ ପ୍ରଦର୍ଶିତ

ପୁରୀ,୧୧।୪(ଅଜିତ୍ କୁମାର ମହାନ୍ତି)

ସିଙ୍ଗାପୁର ଓଡ଼ିଆ ସମାଜ ପକ୍ଷରୁ ଉତ୍କଳ ଦିବସ-୨୦୨୬ ବିଶେଷ ଉତ୍ସାହ ଓ ଭବ୍ୟତା ସହିତ ପାଳିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶାର ସମୃଦ୍ଧ ସାହିତ୍ୟ, ସଂସ୍କୃତି ଓ ପାରମ୍ପରିକ ଐତିହ୍ୟକୁ ପରିପ୍ରକାଶ କରାଯାଇଛି। ପ୍ରାରମ୍ଭରେ ସିଙ୍ଗାପୁର ଓଡ଼ିଆ ସମାଜର ଅଧ୍ୟକ୍ଷ ସୁବ୍ରତ ନାୟକ ସ୍ୱାଗତ ଅଭିଭାଷଣ ଦେଇ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ସୁଦାମ ପ୍ରଧାନ ଲାଇଭ୍ ସ୍ୟାଣ୍ଡ ଆନିମେଶନ ପ୍ରଦର୍ଶନ କରିଥିଲେ। ପ୍ରାୟ ୩୦ ମିନିଟ୍‌ର ଏହି ପ୍ରଦର୍ଶନରେ ସେ ଓଡ଼ିଶାର ସମୃଦ୍ଧ ସଂସ୍କୃତି, ପରମ୍ପରା ଓ ପର୍ଯ୍ୟଟନ ସହିତ ସିଙ୍ଗାପୁରର ଐତିହ୍ୟକୁ ଉପସ୍ଥାପନ କରିଥିଲେ। ଏହି କଳା ଭାରତ ଓ ସିଙ୍ଗାପୁର ମଧ୍ୟରେ ସାହିତ୍ୟିକ ଏବଂ ସାଂସ୍କୃତିକ ସେତୁ ତିଆରି କରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।

### ରାସ୍ତା ପାଲଟିଛି ମରଣଯନ୍ତା

ପିପିଲି,୧୧।୪(ଦୁର୍ଗାମାଧବ ମିଶ୍ର):

ପିପିଲି ବ୍ଲକ ଓରକଳ ପଞ୍ଚାୟତର ଆନନ୍ଦ ବଜାର ଛକ ଠାରୁ ପମସରା ଗ୍ରାମ ପର୍ଯ୍ୟନ୍ତ ଯାଇଥିବା ରାସ୍ତା ଅତି ଶୋଚନୀୟ ହୋଇପଡ଼ିଛି। ଫଳରେ ଲୋକେ ହଇରାଣ ହେଉଛନ୍ତି। ଏହି ରାସ୍ତାରେ ଓରକଳ ଓ ପମସରା ପଞ୍ଚାୟତର ବାସିନ୍ଦାଙ୍କ ସମେତ ସ୍ଥାନୀୟ ଅଞ୍ଚଳବାସୀ ଯାତାୟାତ କରିଥାନ୍ତି। ଏହି ରାସ୍ତା ପର୍ଯ୍ୟଟନ କ୍ଷେତ୍ର ଧଉଳି ଓ ଉତ୍ତରାକୁ ସଂଯୋଗ କରୁଛି। ଆନନ୍ଦ ବଜାରଠାରୁ ୩୧୬ ନଂ. ଜାତୀୟ ରାଜପଥକୁ ପିଚୁ, କଂକ୍ରିଟ କରାଯାଉଥିଲେ ମଧ୍ୟ ଏହି ରାସ୍ତା କାର୍ଯ୍ୟ କରାଯାଉ ନ ଥିବା ଗ୍ରାମବାସୀ କହିଛନ୍ତି। ଦୀର୍ଘଦିନ ହେଲା ରାସ୍ତା ମରାମତି ହୋଇ ନ ଥିବାରୁ ମେଟାଲ ବାହାରିଯିବା ସହ ଖାଲଖମା ସୃଷ୍ଟି ହୋଇଛି। ବର୍ଷା ହେଲେ ସେହି ଖାଲଖମାରେ ପାଣି ଜମିବା ସହିତ ରାସ୍ତା କାଦୁଅ ହେଉଛି। ଫଳରେ ପଥଚାରୀମାନେ ହଇରାଣ ହେବା ସହ ଦୁର୍ଘଟଣା ଘଟୁଛି। ଜରୁରିକାଳୀନ ସେବା ପାଇବାରୁ ଲୋକେ ବଞ୍ଚିତ ହେଉଛନ୍ତି। ରାସ୍ତା ନିର୍ମାଣ ନ ହେଲେ ଆଗାମୀ ନିର୍ବାଚନରେ ଭୋଟ ବର୍ଜନ କରିବାକୁ ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

## ଓଡ଼ିଆ ବିଶ୍ୱବିଦ୍ୟାଳୟରେ ବିଦାୟ ସମ୍ବର୍ଦ୍ଧନା ଉତ୍ସବ



ସମ୍ବର୍ଦ୍ଧନା ସଭାରେ ଯୋଗ ଦେଇଥିବା ଅତିଥିମାନେ ।

ସାକ୍ଷୀଗୋପାଳ,୧୧।୪ (କିଶୋର ମହାପାତ୍ର/ ପ୍ରଶାନ୍ତ କୁମାର ବାରିକ/ଭରତ ରାଉତ)

ଭାଷାଭିତ୍ତିକ ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଶ୍ୱବିଦ୍ୟାଳୟ, ସତ୍ୟବାଦୀରେ ସ୍ନାତକୋତ୍ତର ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ରଙ୍କର ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସ୍ନାତକୋତ୍ତର ପ୍ରଥମ ବର୍ଷ ଛାତ୍ରୀଛାତ୍ରଗଣ ପାରମ୍ପରିକ ବେଶ, ପରିପାଟୀ, ସାଜସଜ୍ଜା ଭିତରେ ବଡ଼ ଭାଇଭଉଣୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଇଥିଲେ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ, ମନ୍ତ୍ରପାଠ, ଅତିଥିଙ୍କୁ ସମ୍ବର୍ଦ୍ଧନା, ଓଡ଼ିଶୀ ନୃତ୍ୟ ପରିବେଷଣ, ଉପହାର ବଣ୍ଟନ କରାଯାଇଥିଲା। ବିଶ୍ୱବିଦ୍ୟାଳୟର ନବନିଯୁକ୍ତ କୁଳପତି ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ ଏହି ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। କୁଳସଚିବ ରଶ୍ମିରେଖା ଦାସ, ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଡକ୍ଟର ପ୍ରଦ୍ୟୁମ୍ନ କୁମାର ମିଶ୍ର, ଭାଷା ବିଜ୍ଞାନ ବିଭାଗର ମୁଖ୍ୟ ଡକ୍ଟର ଲିପିକା ନାୟକ, ଓଡ଼ିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ଡ. ରାଧାଗୋବିନ୍ଦ କୁଇଲା ପ୍ରମୁଖ ମଞ୍ଚାସୀନ ହୋଇ ସ୍ୱ ଅଭିମତ ପ୍ରକାଶ କରିଥିଲେ। ବିଦାୟୀ ଛାତ୍ରୀଛାତ୍ର ଦୀର୍ଘ ୨ ବର୍ଷର ସ୍ମୃତି ରୋମନ୍ଥନ କରିଥିଲେ। କୁଳପତି ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ ଉଦ୍‌ବୋଧନ ଦେବା ସଙ୍ଗେ ସଙ୍ଗେ ସ୍ୱରଚିତ ଓଡ଼ିଆ ଭାଷା ଓ ଅସ୍ମିତା ସମ୍ପର୍କରେ ଏକ କବିତା ପାଠ କରି ଶ୍ରୋତାମଣ୍ଡଳୀଙ୍କୁ ବିମୋହିତ କରିଥିଲେ। ଉତ୍ସବରେ ବିତ୍ତ ନିୟନ୍ତ୍ରକ, ପରୀକ୍ଷା ନିୟନ୍ତ୍ରକ ଏବଂ ବିଭିନ୍ନ ବିଭାଗର ଅଧ୍ୟାପକ/ଅଧ୍ୟାପିକା, କର୍ମଚାରୀ ଉପସ୍ଥିତ ରହି ସ୍ୱମତ ଉପସ୍ଥାପନା କରିଥିଲେ। କାର୍ଯ୍ୟକ୍ରମର ସୁନ୍ଦର ସଞ୍ଚାଳନ କରିଥିଲେ ଛାତ୍ରୀ ଅନ୍ନପୂର୍ଣ୍ଣା ରଥ ଓ ଛାତ୍ର ନିରଞ୍ଜନ ନାୟକ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଓଡ଼ିଆ ଅସ୍ମିତାକୁ ଋଦ୍ଧିମନ୍ତ କରିବାରେ ସହାୟକ ହେବ ଓଡ଼ିଆ ପକ୍ଷ

ପୁରୀ,୧୧।୪(ଅଜିତ୍ କୁମାର ମହାନ୍ତି)



ବୈଠକରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ବେହେରା ଓ ଅନ୍ୟ ଅତିଥିବୃନ୍ଦ ।

ଜିଲା ପ୍ରଶାସନ, ପୁରୀ ଓ ଶ୍ରୀଗୁଣ୍ଡିଚା ଆଧ୍ୟାତ୍ମିକ ଟ୍ରଷ୍ଟ ଓଡ଼ିଶା, ପୁରୀଙ୍କ ସହଭାଗିତାରେ ୟୁଥ୍ ହଷ୍ଟେଲ ପରିସରରେ ଓଡ଼ିଆ ପକ୍ଷ ପାଳନର ଏକାଦଶ ଦିବସ ଅବସରରେ ଅମୃତ ପିଢ଼ି ସାରସ୍ୱତ ସମାରୋହ ଉଦ୍‌ଘାଟିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ ଯୋଗଦେଇ କହିଛନ୍ତି, ଓଡ଼ିଆ ପକ୍ଷ ପାଳନ ଏକ ଚମତ୍କାର ପଦକ୍ଷେପ। ଏହାଦ୍ୱାରା ବର୍ତ୍ତମାନର ଯୁବପିଢ଼ି ଆମର ମହାନ୍ ଭାଷା, ସାହିତ୍ୟ ଓ ସଂସ୍କୃତି ସମ୍ପର୍କରେ ଅବଗତ ହେବା ସହ ନିଜକୁ ଗର୍ବିତ ଅନୁଭବ କରିବେ। ଆମ ଅସ୍ମିତାର ପ୍ରଚାର ପ୍ରସାର କ୍ଷେତ୍ରରେ ଏହି ଓଡ଼ିଆ ପକ୍ଷ ପାଳନ ଏକ ଉପଯୁକ୍ତ ମାର୍ଗଦର୍ଶିକା ହୋଇପାରିବ ବୋଲି ସେ କହିବା ସହ ଓଡ଼ିଆ ବିଶ୍ୱବିଦ୍ୟାଳୟରେ ସାହିତ୍ୟ ଆଲୋଚନା ପାଇଁ ଆମନ୍ତ୍ରଣ କରିଥିଲେ।

ବିଶିଷ୍ଟ ଅତିଥି ଭାବେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା କହିଛନ୍ତି, ଓଡ଼ିଆ ପକ୍ଷ ଏପ୍ରିଲ୍ ୧ରୁ ୧୪ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେଉଛି। ପୁରୀ ଜିଲାରେ ସରକାରଙ୍କ ମାର୍ଗଦର୍ଶିକା ଆଧାରରେ ଦୈନିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଆଜିର ଏକାଦଶ ଦିବସର ବିଷୟ ଅନୁସାରେ ଅମୃତ ପିଢ଼ି ସାରସ୍ୱତ ସମାରୋହରେ ଯୁବପିଢ଼ିଙ୍କୁ ଉତ୍ସାହିତ ଓ ସେମାନଙ୍କ ପ୍ରତିଭାର ବିକାଶ ପାଇଁ ସଂଗଠିତ ହୋଇଛି। ଏହା ଏକ ବହୁତ ଭଲ ପଦକ୍ଷେପ ଓ ନୂତନ ସମ୍ଭାବନାକୁ ପ୍ରୋତ୍ସାହିତ କରିବ ବୋଲି ସେ କହିଥିଲେ। ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥିଭାବେ ଲେଖକ ଲକ୍ଷ୍ମୀଧର ଜେନା, ଆଇନଜୀବୀ ବିନୟ ନୃସିଂହ ମହାପାତ୍ର, କଥାକାର ବଦ୍ରି ମିଶ୍ର, ଟ୍ରଷ୍ଟର ସମ୍ପାଦକ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ, ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ପ୍ରମୁଖ ମଞ୍ଚାସୀନ ଥିଲେ। ସର୍ବାଣୀ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଆୟୋଜିତ ଆଲୋଚନାଚକ୍ରରେ ପ୍ରଫେସର ଡ. କାର୍ତ୍ତିକ କୁମାର ଦାସ, କ୍ରିଷ୍ଣା ମହାପାତ୍ର, ବିଜୟ ପଣ୍ଡା, ବିପିନ ବିହାରୀ ଦଳାଇ, ପଠାଣି ଜେନା, ଯୋଗେଶ୍ୱର ପ୍ରହରାଜ, ଶୁଭଶ୍ରୀ ମହାପାତ୍ର, ବିଶ୍ୱବନ୍ଧୁ ଦାସ, ସନ୍ନ୍ୟାସୀ ନାୟକ, ଅନନ୍ତ ପ୍ରଧାନ, ମିନତୀ ମିଶ୍ର, ପ୍ରଭାସିନୀ ମିଶ୍ର, ମନସ୍ୱିନୀ ବେହେରା, ଓମ୍‌ପ୍ରସାଦ ମହାନ୍ତି, ରମେଶ ବେହେରା, ବିଚିତ୍ର ରଞ୍ଜନ ମହାପାତ୍ର, ସନ୍ତୋଷିନୀ ବେହେରା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ସାହିତ୍ୟିକ ଲକ୍ଷ୍ମୀଧର ଜେନାଙ୍କୁ ଅତିଥିଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ସନ୍ଦୀପ କର୍ମକାର ଧନ୍ୟବାଦ ଦେଇଥିଲେ।

## ଫଟୋରେ ଖବର



ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଅନୁଷ୍ଠିତ ଆଦିଶକ୍ତି ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି ।



ପୁରୀଠାରେ ଅନୁଷ୍ଠିତ ଅଲ ଇଣ୍ଡିଆ କାଉନ୍‌ସିଲର ଜାତୀୟ ଅଧିବେଶନରେ ଯୋଗଦେଇଥିବା ଅତିଥିମାନେ ।

# ଉଚ୍ଚ ଶିକ୍ଷାନୁଷ୍ଠାନରେ ଆଦର୍ଶ ଆଚରଣ ବିଧିକୁ ବିରୋଧ ତେଜିଲା

## ତୁରନ୍ତ ରଦ୍ଦ କରିବାକୁ ୩ ଛାତ୍ର ସଂଗଠନର ଦାବି

ଭୁବନେଶ୍ୱର,୧୧।୪(ସୁଚିସ୍ମିତା ସାହୁ)

ଉଚ୍ଚ ଶିକ୍ଷାନୁଷ୍ଠାନରେ ଛାତ୍ରୀଛାତ୍ର ଏବଂ ଅଧ୍ୟାପିକା ଅଧ୍ୟାପକଙ୍କ ପାଇଁ ଆଦର୍ଶ ଆଚରଣ ବିଧି ଲାଗୁ କରାଯାଇଛି। ଶିକ୍ଷାନୁଷ୍ଠାନ କ୍ୟାମ୍ପସରେ ଏଭଳି ବିଧି ଲାଗୁ କରାଯିବାକୁ ନେଇ ବିଭିନ୍ନ ଛାତ୍ର ସଙ୍ଗଠନର ଅସନ୍ତୋଷ ବଢ଼ିବାରେ ଲାଗିଛି। ଛାତ୍ରୀଛାତ୍ରଙ୍କ ଉପରେ ଜାଣିଶୁଣି ଚାପ ପକାଯାଉଛି। ଆନ୍ଦୋଳନ କରିବାକୁ କର୍ତ୍ତୃପକ୍ଷଙ୍କ ଅନୁମତି ନେବା ସହ କୌଣସି କ୍ଷତି ହେଲେ ସେଥିପାଇଁ ଛାତ୍ରୀଛାତ୍ରଙ୍କ ନିକଟରୁ ଭରଣା କରିବା ନିୟମ ତାଲିବାନ ଶାସନ ଭଳି ଲାଗୁଛି। ଯଦି ଏହି ନିୟମକୁ ତୁରନ୍ତ ପ୍ରତ୍ୟାହାର କରା ନ ଯାଏ, ତେବେ ଜୋରଦାର ଆନ୍ଦୋଳନ ହେବ ବୋଲି ବିସିଜେଡି, ଛାତ୍ର କଂଗ୍ରେସ ଏବଂ ଏଆଇଏସ୍ଏଫ୍ ଆଦି ପ୍ରମୁଖ ଛାତ୍ର ସଂଘଗୁଡ଼ିକ ଚେତାବନୀ ଦେଇଛନ୍ତି।

ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ପ୍ରକାଶିତ ଆଦର୍ଶ ଆଚରଣ ବିଧି ଛାତ୍ରୀଛାତ୍ରଙ୍କ ଗଣତାନ୍ତ୍ରିକ ଅଧିକାରକୁ କ୍ଷୁଣ୍ଣ କରୁଛି। ରାଜ୍ୟ ସରକାର ଜାଣିଶୁଣି ଛାତ୍ରଙ୍କ ଉପରେ ଯୋଜନାବଦ୍ଧ ଆକ୍ରମଣ କରିଛନ୍ତି। ସରକାର ଗଣତାନ୍ତ୍ରିକ ପରିବେଶକୁ ସୁଦୃଢ଼ କରିବା ପରିବର୍ତ୍ତେ ବିଶୃଙ୍ଖଳିତ କରିବାରେ ଲାଗିଛନ୍ତି। ରାଜ୍ୟରେ ୨୦୧୮ ମସିହାଠାରୁ ଛାତ୍ର ସଂସଦ ନିର୍ବାଚନ ବନ୍ଦ ରହିଥିବା ବେଳେ ଏହି ଆଚରଣ ସଂହିତା ଛାତ୍ର ସମାଜକୁ ଅଧିକ ଦୁର୍ବଳ ଓ ଅଚଳ କରିଦେବ। ତୁରନ୍ତ ଛାତ୍ର ବିରୋଧୀ ଆଚରଣ ବିଧି ରଦ୍ଦ କରାଯାଉ। ରାଜ୍ୟରେ କଲେଜ ଓ ବିଶ୍ୱବିଦ୍ୟାଳୟରେ ଶତାଧିକ ଅଧ୍ୟାପିକା ଅଧ୍ୟାପକ ପଦବୀ ଖାଲିପଡ଼ିଛି। ସେହିପରି ଭିତ୍ତିଭୂମିର ବିକାଶ, ଲିଙ୍ଗଗତ ଉତ୍ପୀଡ଼ନ, ଶାରୀରିକ ବା ମାନସିକ ନିର୍ଯାତନା, ଫି' ବୃଦ୍ଧି ଭଳି ଅଗଣିତ ସମସ୍ୟା ସମ୍ପର୍କରେ ପ୍ରଶ୍ନ ଓ ପ୍ରତିବାଦର ସ୍ୱର ରାଜ୍ୟ ସରକାର ଆହୁରି କ୍ଷୀଣ କରିଦେଉଛନ୍ତି। ବିଶେଷତଃ ଦଳିତ, ଆଦିବାସୀ, ପଛୁଆ ବର୍ଗ, ଛାତ୍ରୀ ଓ ଗରିବ ଶ୍ରେଣୀର ପିଲା ଅଧିକ କ୍ଷତିଗ୍ରସ୍ତ ହେବେ। କ୍ୟାମ୍ପସରେ ପ୍ରତ୍ୟକ୍ଷ ଛାତ୍ର ସଂସଦ ନିର୍ବାଚନ କରି ସମସ୍ତ କମିଟିରେ ଛାତ୍ର ପ୍ରତିନିଧିତ୍ୱ ସୁନିଶ୍ଚିତ କରିବା ସହ ଶିକ୍ଷାନୁଷ୍ଠାନ ପରିସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସୁସ୍ଥ ଆଲୋଚନା, ତର୍କ ଓ ରାଜନୈତିକ ଚର୍ଚ୍ଚାକୁ ପ୍ରୋତ୍ସାହିତ କରାଯାଉ। ମାଗଣା ବସ୍ ସେବା ଓ ହଷ୍ଟେଲ ସୁବିଧା ସହ କେରଳ ଭଳି ମାଗଣା ଶିକ୍ଷା ବ୍ୟବସ୍ଥା ଲାଗୁ କରାଯାଉ। ଯଦି ରାଜ୍ୟ ସରକାର ଏହି ଦାବିଗୁଡ଼ିକ ତୁରନ୍ତ ପୂରଣ ନ କରନ୍ତି ତେବେ ରାଜ୍ୟବ୍ୟାପୀ ଛାତ୍ର ଆନ୍ଦୋଳନ ହେବ ବୋଲି ଏଆଇଏସ୍ଏଫ୍ ଓଡ଼ିଶା ରାଜ୍ୟ ପରିଷଦର ସଭାପତି ସଂଘମିତ୍ରା ଜେନା କହିଛନ୍ତି। ସେହିପରି ଛାତ୍ର କଂଗ୍ରେସ ନେତା ବିଭୂତି ଭୂଷଣ ମହାପାତ୍ର କହିଛନ୍ତି, ଦୀର୍ଘ ୭ରୁ ୮ ବର୍ଷ ଧରି ଛାତ୍ର ସଂସଦ ନିର୍ବାଚନ ବନ୍ଦ ରହିଥିବା ବେଳେ ଶିକ୍ଷାନୁଷ୍ଠାନରେ ଆଦର୍ଶ ଆଚରଣ ବିଧି ଲାଗୁ କରିବାର କୌଣସି କାରଣ ନ ଥିଲା। ଏହି ନିୟମ ଲାଗୁ କରି ପୂର୍ବତନ ଛାତ୍ରଙ୍କୁ ଅଣଛାତ୍ରର ପରିଚୟ ଦେଇ ବାରଣ କରିବା କେତେଦୂର ଯୁକ୍ତିଯୁକ୍ତ ବୋଲି ସେ ପ୍ରଶ୍ନ କରିଛନ୍ତି। ଆନ୍ଦୋଳନ ପାଇଁ କର୍ତ୍ତୃପକ୍ଷଙ୍କ ଅନୁମତି ନେବା, ବିନାନୁମତିରେ କ୍ୟାମ୍ପସରେ କୌଣସି ସଭା ସମିତି ଓ ଆନ୍ଦୋଳନ ନ କରିବା ପ୍ରଭୃତି କଟକଣା ଦ୍ୱାରା ଛାତ୍ରମାନଙ୍କ ଗଣତାନ୍ତ୍ରିକ ଅଧିକାରକୁ କ୍ଷୁଣ୍ଣ କରାଯାଉଛି। ଅଧ୍ୟକ୍ଷ କିମ୍ବା କୁଳପତିଙ୍କ କାର୍ଯ୍ୟଶୈଳୀ ବିରୋଧରେ ଆନ୍ଦୋଳନ ପାଇଁ କିଏ ଅନୁମତି ଦେବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀଙ୍କଠାରୁ ସେ ସ୍ପଷ୍ଟୋକ୍ତି ଦାବି କରିଛନ୍ତି। ଆଦର୍ଶ ଆଚରଣ ବିଧି ନାମରେ ଭୟ ସୃଷ୍ଟି ନ କରି ସେମାନଙ୍କ ହକ ଏବଂ ଅଧିକାର ଫେରାଇ ଦିଆଯାଉ। ନଚେତ ଆଗକୁ ଆନ୍ଦୋଳନ ଜୋରଦାର ହେବ ବୋଲି ସେ ଚେତାବନୀ ଦେଇଛନ୍ତି। ସେହିପରି ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସଭାନେତ୍ରୀ ଈପ୍ସିତା ସାହୁ କହିଛନ୍ତି, ସରକାର ନିଜ ଅକ୍ଷମତାକୁ ଲୁଚାଇବା ପାଇଁ ଶିକ୍ଷାନୁଷ୍ଠାନରେ ଆଦର୍ଶ ଆଚରଣ ବିଧି ଲାଗୁ କରିଛନ୍ତି। ଛାତ୍ରୀଛାତ୍ରଙ୍କ ସ୍ୱର ଓ ଗଣତାନ୍ତ୍ରିକ ଅଧିକାରକୁ ଚାପିବାକୁ ସରକାର ଚେଷ୍ଟା କରୁଛନ୍ତି। ବର୍ତ୍ତମାନ ଓଡ଼ିଶାରେ ହିଟ୍ଲର ଶାସନ ଚାଲିଛି। କ୍ୟାମ୍ପସଗୁଡ଼ିକରେ ଅବ୍ୟବସ୍ଥା ଥିବାରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆକ୍ରୋଶ ବଢ଼ିଛି। ଏନେଇ ସେମାନେ ଆନ୍ଦୋଳନ କରୁଥିବାରୁ ତାଙ୍କ ସ୍ୱରକୁ ବନ୍ଦ କରିଦିଆଯାଉଛି। ଛାତ୍ର ସଂସଦ ନିର୍ବାଚନ କରିବାକୁ ସରକାର ଚାହୁଁନାହାନ୍ତି। ଆଗାମୀ ଦିନରେ ଯୋଗ୍ୟତା ଅନୁସାରେ ନୁହେଁ, ବରଂ ଭାଜପା ଏବଂ ଆର୍ଏସ୍ଏସ୍ ଆଦର୍ଶରେ ଅନୁପ୍ରାଣିତ ଲୋକଙ୍କୁ ଶିକ୍ଷାନୁଷ୍ଠାନରେ ନିଯୁକ୍ତି ଦେବା ପୂର୍ବରୁ ସରକାର ବଳୟ ତିଆରି କରିବାକୁ ଯୋଜନା କରିଛନ୍ତି। ଏହାକୁ ତୁରନ୍ତ ପ୍ରତ୍ୟାହାର ନ କଲେ ସେମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସେ ପ୍ରକାଶ କରିଛନ୍ତି।

# ଛାତ୍ରୀଛାତ୍ରଙ୍କ ସୃଜନ କଳାକୁ ପରିସ୍ଫୁଟ କରିବ ଅମୃତ ପିଢ଼ି ସାରସ୍ୱତ ସମାରୋହ



ଅମୃତ ପିଢ଼ି ସାରସ୍ୱତ ସମାରୋହରେ ଯୋଗଦେଇଥିବା ଅତିଥି।

ଭୁବନେଶ୍ୱର,୧୧।୪(ସୁଚିସ୍ମିତା ସାହୁ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଏକାଦଶ ଦିବସରେ ଶନିବାର ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟରେ ରାଜ୍ୟସ୍ତରୀୟ 'ଅମୃତ ପିଢ଼ି ସାରସ୍ୱତ ସମାରୋହ' ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ଗଳ୍ପ, କବିତା ଓ ପ୍ରବନ୍ଧ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା କହିଥିଲେ, 'ଅମୃତ ପିଢ଼ି ସାରସ୍ୱତ ସମାରୋହ ଛାତ୍ରୀଛାତ୍ରଙ୍କ ସୃଜନାତ୍ମକ କଳାକୁ ପରିସ୍ଫୁଟନ କରିବା ଦିଗରେ ଏକ ପ୍ରମୁଖ ଭୂମିକା ନିର୍ବାହ କରିଛି। ଯୁବପିଢ଼ିଙ୍କ ମଧ୍ୟରେ ଓଡ଼ିଆ ସାହିତ୍ୟ ପ୍ରତି ରହିଥିବା ଭଲପାଇବା ଆମ ସମସ୍ତଙ୍କୁ ପ୍ରେରିତ କରିଛି ବୋଲି ସେ ପ୍ରକାଶ କରିଛନ୍ତି। ଗଳ୍ପ, କବିତା ଓ ପ୍ରବନ୍ଧ ଲିଖନ ଶୈଳୀକୁ ନେଇ ଆୟୋଜିତ କର୍ମଶାଳାରେ ସାହିତ୍ୟିକ ଡ. ଗୌରହରି ଦାସ, ଦେବପ୍ରସାଦ ଦାଶ, ଡ. ଅରବିନ୍ଦ ରାୟ, ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର, ପ୍ରଦୀପ ବିଶ୍ୱାଳ, ଅରୁଣ କୁମାର ସାହୁ, ଡ. ଦିଲୀପ କୁମାର ସ୍ୱାଇଁ, ଡ. ମନୋରଞ୍ଜନ ପାଣିଗ୍ରାହୀ, ପ୍ରଫେସର ବସନ୍ତ କୁମାର ପଣ୍ଡା, ପ୍ରଫେସର ବାବାଜୀ ପଟ୍ଟନାୟକ, ଦାସ ବେନୁହର, ବୈଷ୍ଣବ ଚରଣ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଗଳ୍ପ ପ୍ରତିଯୋଗିତା ପାଇଁ 'ଦେଶ', କବିତା ନିମନ୍ତେ 'ଭାରତ ବର୍ଷ' ଏବଂ ପ୍ରବନ୍ଧ ସକାଶେ 'ମୋ ସ୍ୱପ୍ନର ଓଡ଼ିଶା' ବିଷୟବସ୍ତୁ ରହିଥିଲା। ପ୍ରତିଯୋଗିତାରେ ଶ୍ରେଷ୍ଠ ବିବେଚିତ ୩୦ଜଣ ଛାତ୍ରୀଛାତ୍ରଙ୍କୁ ଏପ୍ରିଲ ୧୪ରେ ହେବାକୁ ଥିବା ରାଜ୍ୟସ୍ତରୀୟ ଓଡ଼ିଆ ନବବର୍ଷ ଉତ୍ସବରେ ସମ୍ମାନିତ କରାଯିବ।

# ଚୋରି ଅଭିଯୋଗରେ ସେଲ୍ସମ୍ୟାନ ଗିରଫ

ଭୁବନେଶ୍ୱର,୧୧।୪(ପ୍ରସନଜିତ୍ ସାହୁ): ଗୋଦାମରୁ ସିଲେଇ ମେଶିନ ଓ ଟଙ୍କା ଚୋରି ଅଭିଯୋଗରେ ଶନିବାର କ୍ୟାପିଟାଲ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ବାଲିଅନ୍ତା ଥାନା ଅଧୀନ ବଇଁଚୁଆ ଅଞ୍ଚଳର କାହ୍ନୁ ଚରଣ ପ୍ରଧାନ ଓରଫ ରଘୁ (୨୨)। ପ୍ରତାପ କୁମାର ସାହୁଙ୍କ ବାପୁଜୀନଗରସ୍ଥିତ ସିଲେଇ ମେଶିନ ଗୋଦାମରେ ବଇଁଚୁଆ ଗ୍ରାମର କାହ୍ନୁ ଓ ପ୍ରଶାନ୍ତ କୁମାର ସାହୁ ସେଲ୍ସମ୍ୟାନ ଭାବେ କାମ କରୁଥିଲେ। ସେମାନେ ଗୋଦାମରେ ଥିବା ସମସ୍ତ ସାମଗ୍ରୀର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିଲେ। ଗତ ମାର୍ଚ୍ଚ ୨୬ରେ ଅଭିଯୁକ୍ତମାନେ ଗୋଦାମରୁ ସବୁ ସାମଗ୍ରୀ ଚୋରି କରି ନେଇ ଯାଇଥିଲେ। ଏହାର ବଜାର ମୂଲ୍ୟ ପ୍ରାୟ ୨.୫ ଲକ୍ଷ ଟଙ୍କା ହେବ। ଏନେଇ ପ୍ରତାପ ଗତ ୪ ତାରିଖରେ କ୍ୟାପିଟାଲ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୨୨୦ /୨୦୨୬) ରୁଜୁ କରି ସିସିଟିଭି ଫୁଟେଜ ଯାଞ୍ଚ କରିବା ସହିତ ବଇଁଚୁଆ ଅଞ୍ଚଳରେ ଚଢାଉ କରି ଅଭିଯୁକ୍ତ କାହ୍ନୁଙ୍କୁ କାବୁ କରିଥିଲେ। ଅଭିଯୁକ୍ତଙ୍କ ନିକଟରୁ ଏକ ନୂଆ ସିଲାଇ ମେଶିନ ଏବଂ ୭ ହଜାର ଟଙ୍କା ଜବତ କରିଥିଲା ପୋଲିସ।

# ଧାରଣାରେ ଇଆର୍ଆର୍ଏସ୍ କର୍ମଚାରୀ, ୧୧୨ ସେବା ବାଧାପ୍ରାପ୍ତ



ଭୁବନେଶ୍ୱର,୧୧।୪ (ପ୍ରସନଜିତ୍ ସାହୁ)

ଆନ୍ଦୋଳନରେ ବସିଛନ୍ତି ୧୧୨ କଣ୍ଟ୍ରୋଲ ରୁମ୍‌ରେ କାମ କରୁଥିବା ଇଆର୍ଆର୍ଏସ୍ କର୍ମଚାରୀ। ସେମାନଙ୍କ ଅଭିଯୋଗ ହେଲା ୫ ମାସର ଦରମା ମିଳି ନ ଥିବା ବେଳେ ବର୍ଷକର ଇପିଏଫ୍ ମଧ୍ୟ ଖାତାରେ ଜମା ହୋଇନାହିଁ। ତୁରନ୍ତ ବକେୟା ଦରମା ସହ ୧୨ ଦଫା ଦାବି ନେଇ ୧୯୮ କର୍ମଚାରୀ ମଞ୍ଚେଶ୍ୱରସ୍ଥିତ ୧୧୨ ଷ୍ଟେଟ୍ ଏମର୍ଜେନ୍ସି ସେଣ୍ଟର ସମ୍ମୁଖରେ ଧାରଣା ଦେଇଛନ୍ତି। ଦରମା ନ ମିଳିବା ପର୍ଯ୍ୟନ୍ତ ସେମାନେ କାର୍ଯ୍ୟବନ୍ଦ କରି ଆନ୍ଦୋଳନରେ ବସିବେ ବୋଲି କହିଛନ୍ତି। ମାସ ଶେଷରେ ଠିକ ସମୟରେ ପାରିଶ୍ରମିକ, ପ୍ରତି ମାସରେ ଇପିଏଫ୍ ଇଏସ୍ଆଇ, ୧୨ ହଜାର ବଦଳରେ ୩୦ ହଜାର ଦରମା, ୧ ବର୍ଷରେ ଛଟେଇ କର୍ମଚାରୀଙ୍କୁ ନୂଆ ନିଯୁକ୍ତି ଓ ସମସ୍ତ କର୍ମଚାରୀଙ୍କୁ ନିୟମିତ କରାଯିବା ଆଦି ଦାବି ରଖି ସେମାନେ ପ୍ରତିବାଦ କରୁଛନ୍ତି।

# ୭ ଦଫା ଦାବି, ସମସ୍ୟା ନେଇ ଆଲୋଚନା

ଭୁବନେଶ୍ୱର,୧୧।୪(ସୁଚିସ୍ମିତା ସାହୁ)

ଓଡ଼ିଶା ପୂର୍ତ୍ତ ଅବସରପ୍ରାପ୍ତ ୱାର୍କଚାର୍ଜଡ ଓ ରେଗୁଲାର କର୍ମଚାରୀ ସଂଘର ବାର୍ଷିକ ସମ୍ମିଳନୀ ଶନିବାର ରାଜ୍ୟ କର୍ମଚାରୀ ଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ କର୍ମଚାରୀଙ୍କ ସମସ୍ୟା ଓ ୭ ଦଫା ଦାବି ନେଇ ଆଲୋଚନା କରାଯାଇଥିଲା। ଟ୍ରିବ୍ୟୁନାଲ, ହାଇକୋର୍ଟ ଓ ସୁପ୍ରିମକୋର୍ଟଙ୍କ ଆଦେଶକ୍ରମେ ୧୯୯୩ ଏପ୍ରିଲ ୧୨ ପୂର୍ବରୁ କାର୍ଯ୍ୟରତ ଡିଏଲ୍ଆର୍, ଏନ୍ଏମ୍ଆର୍ ଏବଂ ଠିକା କର୍ମଚାରୀଙ୍କୁ ଖାଲିଥିବା ପଦପଦବୀରେ ସ୍ଥାୟୀ ନିଯୁକ୍ତି ଦେବା ପାଇଁ ଅର୍ଥବିଭାଗ ପକ୍ଷରୁ ଏକ ସଂଖ୍ୟା ପ୍ରଣୟନ ହୋଇଥିଲେ ସୁଦ୍ଧା ଏହାକୁ ଏଯାବତ କାର୍ଯ୍ୟକାରୀ କରାଯାଇନାହିଁ। ସେହିପରି ରିଜୋଲ୍ୟୁଶନ ପ୍ରକାଶ ହେବାର ୮ବର୍ଷ ବିତିଯାଇଥିଲେ ସୁଦ୍ଧା ଡିଏଲ୍ଆର୍ କର୍ମଚାରୀଙ୍କ ପଦକ୍ରମ ତାଲିକା ଏଯାବତ ଘୋଷଣା କରିବାରେ ସରକାର ଅବହେଳା କରୁଛନ୍ତି ବୋଲି ମତପ୍ରକାଶ ପାଇଥିଲା ତୁରନ୍ତ ପେନ୍ସନ୍ ନ ଦେଲେ ଆନ୍ଦୋଳନ କରାଯିବ ବୋଲି ଚେତବାନୀ ଦିଆଯାଇଛି। ଆଲୋଚନାଚକ୍ରରେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଭାଜପା ନେତା ଜଗନ୍ନାଥ ପ୍ରଧାନ, ଆଇନ ପରାମର୍ଶଦାତା ଲକ୍ଷ୍ମୀଧର ନାୟକ ଓ ଅନ୍ୟ ପ୍ରମୁଖ ଶିକ୍ଷାବିତମାନେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସଂଘର ସଭାପତି ଅରୁଣ କେଶରୀ ପରିଡ଼ା ସଭା ପରିଚାଳନା ଓ ସାଧାରଣ ସମ୍ପାଦକ ଗଗନ ଭଞ୍ଜ ବିବରଣୀ ପାଠ କରିଥିଲେ। ଭାଗୀରଥି ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।



ପୂର୍ତ୍ତ ଅବସରପ୍ରାପ୍ତ ୱାର୍କଚାର୍ଜଡ ଓ ରେଗୁଲାର କର୍ମଚାରୀ ସଂଘର ବାର୍ଷିକ ସମ୍ମିଳନୀ।

# ବିବାହ ପ୍ରତିଶ୍ରୁତି ଦେଇ ଲୁଟିଲେ ୧୦ଲକ୍ଷ

## ଶାରିରୀକ ସମ୍ପର୍କ ରଖି ଗର୍ଭନଷ୍ଟ କରିଥିବା ଅଭିଯୋଗ

ଭୁବନେଶ୍ୱର,୧୧।୪(ତ୍ରିନାଥ ମହାନ୍ତି)

ବିବାହ ପ୍ରତିଶ୍ରୁତି ଦେଇ ଶାରିରୀକ ସମ୍ପର୍କ ରଖି ଧୋକାଦେବା ନେଇ ଶନିବର ଶହୀଦନଗର ଥାନାରେ ଜଣେ ଯୁବତୀ ଅଭିଯୋଗ କରିଛନ୍ତି। ପୋଲିସ ତାଙ୍କ ଅଭିଯୋଗକୁ ଗ୍ରହଣ କରି ଘଟଣାର ତଦନ୍ତ କରୁଛି। ଯୁବତୀଙ୍କ ଅଭିଯୋଗ ଅନୁସାରେ, କୋଭିଡ ସମୟରୁ ତାଙ୍କ ସହ ତାଳବସ୍ତ ଅଞ୍ଚଳର ରାଜେନ୍ଦ୍ର କୁମାର ନାୟକଙ୍କ ସହ ପରିଚିତ ହୋଇ ଉଭୟ ଭଲ ପାଇବସିଥିଲେ। ରାଜେନ୍ଦ୍ର ଶହୀଦନଗରରେ ରହିବା ସହ ଏକ ଫାଇନାନ୍ସ କମ୍ପାନୀରେ କାମ କରନ୍ତି। ସେ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଶାରିରୀକ ସମ୍ପର୍କ ରଖି ଗର୍ଭବତୀ କରିଥିଲେ। ଯୁବତୀଜଣକ ବିବାହ ପାଇଁ ବାଧ୍ୟ କରିବାରୁ ସେ ଗର୍ଭନଷ୍ଟ କରିବାକୁ କହିଥିଲେ। କୋର୍ଟ ମ୍ୟାରେଜ କରିବାକୁ କହି କୋର୍ଟକୁ ନେଇ ଗାଳିଗୁଲଜ କରି ପୁଣି ଫେରାଇ ଆଣିଥିଲେ। ଏପରିକି ଯୁବତୀଙ୍କୁ ନ ଜଣାଇ ଗାଁରେ ଅନ୍ୟଜଣଙ୍କୁ ବିବାହ କରିଥିଲେ। ପରେ ପୁଣି ରାଜଧାନୀକୁ ଆସି ପ୍ରେମିକା ସହ ରହି ଶାରିରୀକ ସମ୍ପର୍କ ରଖିଥିଲେ। ଯୁବତୀଙ୍କ ଡକ୍ୟୁମେଣ୍ଟ ନେଇ ତାଙ୍କ ନାମରେ ୧୦ ଲକ୍ଷର ଲୋନ୍ କରି ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଯୁବତୀ ଜଣଙ୍କ ସବୁ କିଛି ଜାଣିବା ପରେ ତାଙ୍କ ସହ ଯୋଗାଯୋଗ କରିବା ସମ୍ଭବ ନ ହେବାରୁ ଶେଷରେ ଥାନାର ଦ୍ୱାରସ୍ଥ ହୋଇଥିଲେ।

# ଜମି ଦେବାକୁ କହି ଠକେଇ: ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୧୧।୪(ତ୍ରିନାଥ ମହାନ୍ତି)

ଜମି ଦେବାକୁ କହ ସାଢେ ୩୨ଲକ୍ଷ ଟଙ୍କା ଠକେଇ କରିବା ଅଭିଯୋଗରେ ଶନିବାର ଏୟାରଫିଲ୍ଡ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ସତ୍ୟନଗର ପଞ୍ଜାବୀ କଲୋନୀର ରଶ୍ମିନ କୁମାର ପତି। ସୂଚନାଯୋଗ୍ୟ, ଅଭିଯୋଗକାରୀ ଶିବପ୍ରସାଦ ପତିଙ୍କ ସମ୍ପର୍କୀୟ ଭାଇ ହେଉଛନ୍ତି ରଶ୍ମିନ ଓରଫ ଟୁଲୁ। ଭୁବନେଶ୍ୱର ମାଧିପୁର ମୌଜାରେ ଆବାସିକ ଜମି କ୍ରୟ କରାଇବା ନାମରେ ଶିବପ୍ରସାଦ ଓ ତାଙ୍କର ଦୁଇ ଭାଇଙ୍କୁ ଟୁଲୁ ପ୍ରଲୋଭନ ଦେଇ ପ୍ରତାରଣା କରିଥିଲେ। ଟୁଲୁଙ୍କ କଥାରେ ବିଶ୍ୱାସ କରି ଶିବପ୍ରସାଦ ଦୁଇଟି ପର୍ଯ୍ୟାୟରେ ୧୦ଲକ୍ଷ ନଗଦ ଟଙ୍କା ଦେଇଥିଲେ। ଏହି ଟଙ୍କା ଦେବାଶିଷ ରିଅଲ ଇଷ୍ଟେଟ ପ୍ରା.ଲି.କୁ ଅଗ୍ରିମ ଭାବେ ଦେବା ପାଇଁ କୁହାଯାଇଥିଲା ଏବଂ ଟଙ୍କା ବାବଦ ରସିଦ ମଧ୍ୟ ଦିଆଯାଇଥିଲା । ସେହିପରି, ଅଭିଯୋଗକାରୀଙ୍କ ବଡ଼ ଭାଇ ଆଦିତ୍ୟ ପ୍ରସାଦ ପତିଙ୍କଠାରୁ ଟୁଲୁ ୧୫ ଲକ୍ଷ ୫୦ ହଜାର ଏବଂ ସାନ ଭାଇ ହିମାଂଶୁ ପ୍ରସାଦ ପତିଙ୍କଠାରୁ ୭ଲକ୍ଷ ଟଙ୍କା ନେଇଥିଲେ। ଏ ସଂକ୍ରାନ୍ତ ରସିଦ ମଧ୍ୟ ଦେଇଥିଲେ। ପରବର୍ତ୍ତୀ ସମୟରେ ଦେବାଶିଷ ରିଅଲ ଇଷ୍ଟେଟ ପ୍ରା.ଲି.ର ଅଧିକୃତ ପ୍ରତିନିଧିଙ୍କୁ ପଚରାଉଚରା କରିବା ପରେ ଜଣାପଡ଼ିଲା ଯେ, ଦିଆଯାଇଥିବା ସମସ୍ତ ରସିଦ ଜାଲ ଥିଲା ଏବଂ କମ୍ପାନୀ କୌଣସି ଟଙ୍କା ପାଇ ନ ଥିଲା କିମ୍ବା ଏପରି କାରବାରକୁ ଅନୁମୋଦନ କରି ନ ଥିଲା। ଏହା ଦ୍ୱାରା ଅଭିଯୁକ୍ତ ନିଜ ଠକେଇ ଉଦ୍ଦେଶ୍ୟରେ ମୋଟ ୩୨ ଲକ୍ଷ ୫୦ ହଜାର ଟଙ୍କା ଆତ୍ମସାତ କରିଥିବା ଜଣାପଡ଼ିଥିଲା। ଅଭିଯୋଗକାରୀ ପୋଲିସ କାର୍ଯ୍ୟାନୁଷ୍ଠାନର ଧମକ ଦେବା ପରେ ଅଭିଯୁକ୍ତ ଗତ ୨୦୨୫ ଜାନୁୟାରୀ ୬ରେ ଆର୍ଟିଜିଏସ୍ ମାଧ୍ୟମରେ କେବଳ ୩ ଲକ୍ଷ ୫୦ ହଜାର ଟଙ୍କା ଫେରସ୍ତ ଦେଇଥିଲେ। କିନ୍ତୁ ବାକି ଟଙ୍କା ଫେରାଇ ନ ଥିଲେ। ପରେ ଟଙ୍କା ମାଗିଲେ ବିଭିନ୍ନ ଧମକ ଚମକ ଦେଉଥିଲେ।

# ଆକ୍ରମଣ ଅଭିଯୋଗରେ ଯୁବକ ଗିରଫ

ଭୁବନେଶ୍ୱର,୧୧।୪ (ପ୍ରସନଜିତ୍ ସାହୁ)

ଆକ୍ରମଣ ଅଭିଯୋଗରେ ଜଣେ ଯୁବକଙ୍କୁ ଶନିବାର ଲକ୍ଷ୍ମୀସାଗର ଥାନା ପୋଲିସ ଗିରଫ କରିଛି। ଅଭିଯୁକ୍ତ ହେଲେ ଜଗତ୍ସିଂହପୁର ମଣ୍ଡାସାହି ଅଞ୍ଚଳର ବିବେକ ପାଇଟାଳ (୧୯ )। ସେ ଧଉଳି ଥାନା ଅନ୍ତର୍ଗତ ବିଜୟ ବିହାରରେ ରୁହନ୍ତି। ସୂଚନାଯୋଗ୍ୟ, ଝାରପଡା ଅଞ୍ଚଳରେ ରହୁଥିବା ହମ୍ସାରଉଦ୍ଦିନ ଖାନ୍ ଶୁକ୍ରବାର ଅପରାହ୍ଣ ପ୍ରାୟ ୪ ଟା ୪୫ରେ ଝାରପଡା ମହାଦେବ ନଗର ରାସ୍ତାରେ ଯାଉଥିଲେ। ଟ୍ରାଫିକ ଜାମ ଥିବାରୁ ସେ ଅଟକିଥିଲେ। ସେହି ସମୟରେ ଏକ ଧଳା ସ୍କର୍ପିଓ ଗାଡ଼ିରେ ଦିବ୍ୟ ନାମକ ଯୁବକ ରାସ୍ତାରେ ଉପସ୍ଥିତ ଥିବା ଜଣେ ଟ୍ରାକ୍ଟର ଡ୍ରାଇଭରଙ୍କୁ ଆକ୍ରମଣ କରିଥିଲେ। ଏହାର ପ୍ରତିବାଦ କରିବାରୁ ଦିବ୍ୟ ଓ ତାଙ୍କ ବାପା ହମ୍ସାରଉଦ୍ଦିନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଏହାକୁ ନେଇ ହମ୍ସାରଉଦ୍ଦିନ ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୨୩୦ /୨୦୨୬) ରୁଜୁ କରି ଅଭିଯୁକ୍ତ ବିବେକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।



ପୋଷ୍ଟ ଅପଗ୍ରେଡ୍ କରାଯାଇ ମୂଳ ଦରମା ୩୫,୪୦୦ ଟଙ୍କା କରିବା ସହ ୨ ଦଫା ଦାବିରେ ପ୍ରାଥମିକ ଶିକ୍ଷକ ମହାସଂଘ ଓଡ଼ିଶା ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଶନିବାର ଦିଆଯାଇଥିବା ଧାରଣା।

# ହାଟରେ ଜମୁଛି ବର୍ଷାପାଣି, ବ୍ୟବସାୟୀ ହଇରାଣ

ପୁରୁଣା ଭୁବନେଶ୍ୱର,୧୧।୪ (ସୁବାସ ଚନ୍ଦ୍ର ପ୍ରଧାନ)

ଏକାମ୍ର କ୍ଷେତ୍ରର ଆରାଧ୍ୟ ପ୍ରଭୁ ଶ୍ରୀଲିଙ୍ଗରାଜ ମନ୍ଦିରର ଦକ୍ଷିଣ ଦିଗ ମେଘନାଦ ପାଚେରି ପଟକୁ ରହିଛି ଶ୍ରୀଲିଙ୍ଗରାଜ ହାଟ। ମନ୍ଦିର ପ୍ରଶାସନ ଦ୍ୱାରା ପରିଚାଳିତ ଏହି ହାଟରୁ ପ୍ରଶାସନ ପକ୍ଷରୁ ପ୍ରତି ସପ୍ତାହରେ ଦୁଇଦିନ ଗୁରୁବାର ଏବଂ ସୋମବାର ହାଟ ମାହାସୁଲ ଆଦାୟ କରାଯାଇଥାଏ। ଐତିହ୍ୟ ସ୍ଥଳଠାରୁ ୧୦୦ ମିଟର ଦୂରତା ମଧ୍ୟରେ ଏହି ହାଟ ରହୁଥିବାରୁ ଆମସାର ଆକ୍ଟ ଅନୁଯାୟୀ କୌଣସି ଖନନ ଏବଂ ନିର୍ମାଣ କାର୍ଯ୍ୟ ହୋଇପାରିବ ନାହିଁ। ପୂର୍ବତନ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଆମସାର ଆକ୍ଟକୁ ପ୍ରାଧାନ୍ୟ ଦେଇ ଖଣ୍ଡୋଲାଇଟ ପଥରରେ ପିଣ୍ଡି



କରିଥିଲେ। ତେବେ ଧୀରେ ଧୀରେ ବ୍ୟବସାୟୀଙ୍କ ସଂଖ୍ୟା ବଢ଼ିବାରୁ ଅନେକ ବ୍ୟବସାୟୀଙ୍କୁ ହାଟ ବାହାରେ ବସିବାକୁ କୁହାଯାଇଥିଲା। ଫଳରେ ଅସରାଏ ବର୍ଷା ହେଲେ ପନିପରିବାରେ ଡ୍ରେନ୍ ମଇଳା ପାଣି ପଶିବା ଏବଂ ପରିବା ଭାସିଯିବା ଭଳି ସମସ୍ୟା ଦେଖାଦେଇଥାଏ। ଗତ ଗୁରୁବାର ଅପରାହ୍ଣରେ ବର୍ଷା ହେବା ଯୋଗୁ ପାଣି ଜମି ରହିବାରୁ ସମାନ ସମସ୍ୟାରୁ ବର୍ତ୍ତି ନ ଥିଲେ ବ୍ୟବସାୟୀ। ଏନେଇ ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏନେଇ ବ୍ୟବସାୟୀ ମକରଧ୍ୱଜ ରାଉତ କୁହନ୍ତି, ଏଠାରେ ୨୦ରୁ ୨୫ ବର୍ଷ ହେଲାଣି ବ୍ୟବସାୟ କରିଆସୁଛି। ହାଟ ମାହାସୁଲ ଦେଇଆସୁଛୁ। ଏହି ସ୍ଥାନକୁ ପ୍ରଶାସନ ପକ୍ଷରୁ ଉଚ୍ଚା କରାଯାଉ। ସେହିପରି ପରିବା ବେପାରୀ ଛବି ବଳିଆ କହିଛନ୍ତି, ସରକାର ହାଟ ରୂପରେଖ ବଦଳାଉଛନ୍ତି, ହେଲେ ଏଠାକାର ସମସ୍ୟା ପୂର୍ବ ଭଳି ରହିଛି। କରୋନା ସମୟରେ ମନ୍ଦିର ପ୍ରଶାସନ ସହାୟତା କରିଥିଲା। ସେହିଭଳି ଏହି ସମସ୍ୟାର ସମାଧାନ କରାଇଲେ ବ୍ୟବସାୟୀମାନେ ଉପକୃତ ହେବେ। ଏହି ସମସ୍ୟାର ସମାଧାନ ପାଇଁ ମନ୍ଦିର ପ୍ରଶାସନ ପଦକ୍ଷେପ ନେଉ ବୋଲି ସୁବାସ ମଲ୍ଲିକ ଏବଂ ମହେଶ୍ୱର ପରିଡ଼ା କହିଛନ୍ତି।

## ଡିଭାଇଡରରେ ପିଟି ହୋଇ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ

ଫୁଲନଖରା,(ସତ୍ୟରଞ୍ଜନ ଦାସ ମହାପାତ୍ର): କଟକ-ଭୁବନେଶ୍ୱର ୧୬ନଂ. ଜାତୀୟ ରାଜପଥ ପୀର ବଜାର ନିକଟରେ ଶନିବାର ଦୁଇଟି ଟ୍ରକ୍ ମଧ୍ୟରେ ଧକ୍କା ହୋଇଛି। ସୂଚନା ଅନୁଯାୟୀ ଭୁବନେଶ୍ୱରରୁ କଟକ ଅଭିମୁଖେ ଟ୍ରକ୍ ଯାଉଥିବା ସମୟରେ ବିପରୀତ ପଟୁ କଟକରୁ ଭୁବନେଶ୍ୱର ଆସୁଥିବା ଏକ ସିମେଣ୍ଟ ବୋଝେଇ ଟ୍ରକ ହଠାତ ଭାରସାମ୍ୟ ହରାଇ ଡିଭାଇଡର ସହିତ ପିଟି ହୋଇ ଭୁବନେଶ୍ୱରରୁ ଆସୁଥିବା ଟ୍ରକ୍‌କୁ ଧକ୍କା ଦେଇଥିଲା। ଉଭୟ ଟ୍ରକ୍ ଚାଳକ ଗାଡିରେ ଚାପି ହୋଇ ରହିଯାଇଥିଲେ। ଫଳରେ ଦୁଇଟି ଟ୍ରକ ରାସ୍ତା ମଝିରେ ରହିଯାଇଥିଲା। ସେଥିପାଇଁ ଜାତୀୟ ରାଜପଥରେ କିଛି ସମୟ ଯାନଗୁଡିକ ଅଟକି ରହିଯାଇଥିଲା। କଟକ ସଦର ଥାନା ଓ ଜାତୀୟ ରାଜପଥ ଟ୍ରାଫିକ ଥାନା ପୋଲିସ ପହଞ୍ଚି ୨ ଗୁରୁତରଙ୍କୁ ଏସ୍‌ସିବି ମେଡିକାଲକୁ ପଠାଇ ଟ୍ରକ୍ ଦୁଇଟିକୁ ସଦର ଥାନା ପୋଲିସ ଜବତ କରି ତଦନ୍ତ ଚଳାଇଛି।

# ନିର୍ମାଣ କାର୍ଯ୍ୟର ସମୀକ୍ଷା କଲେ ମେୟର, କମିଶନର

କଟକ,୧୧।୪(କୁମାରଶ୍ରୀ)

## ମେ'ରେ ଖୋଲିବ ବାରବାଟୀ ଫୁଡ୍‌କୋର୍ଟ

ମେ'ରେ ବାରବାଟୀ ଫୁଡକୋର୍ଟ ଖୋଲିବ। ନିର୍ମାଣ କାର୍ଯ୍ୟ ଏବେ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଏହି ପରିପ୍ରେକ୍ଷୀରେ କଟକ ମହାନଗର ନିଗମ (ସିଏମ୍‌ସି) ମେୟର ସୁବାସ ସିଂ ଏବଂ କମିଶନର କିରଣଦୀପ କୌର ସହୋତା ଶନିବାର ଫୁଡ୍‌କୋର୍ଟ ପରିଦର୍ଶନ କରିଥିଲେ। ଅବଶିଷ୍ଟ ନିର୍ମାଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଶେଷ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ନିଗମ ପକ୍ଷରୁ ୬ କୋଟି ୬୬ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ବାରବାଟୀ ଫୁଡକୋର୍ଟ ନିର୍ମାଣ କରାଯାଉଛି। ୫୦୦୦ ବର୍ଗ ମିଟର ପରିମିତ ଜମିରେ ଏହି ପ୍ରକଳ୍ପ ନିର୍ମାଣ ହେଉଛି। ଯେଉଁଥିରେ ୮୮ଟି ଦୋକାନ ଘର ରହିବା ବ୍ୟବସ୍ଥା ରହିଛି। ପ୍ରଥମ ପର୍ଯ୍ୟାୟରେ ୪୫ଟି ଦୋକାନ ଘର ଲଟେରି ଯୋଗେ ବଣ୍ଟନ କରାଯାଇଛି। ଏପ୍ରିଲ ୪ରୁ ୨୪ ତାରିଖ ପର୍ଯ୍ୟନ୍ତ ଅନଲାଇନ ଆବେଦନ ପ୍ରକ୍ରିୟା ଜାରି ରହିଛି।



ବାରବାଟୀ ଫୁଡ୍‌କୋର୍ଟ ନିର୍ମାଣ କାର୍ଯ୍ୟ ପରିଦର୍ଶନ ପାଇଁ ଯାଉଛନ୍ତି ମେୟର, କମିଶନର।

ଯେଉଁଥିରେ ଦୋକାନୀମାନେ ଆବେଦନ କଲାପରେ ସର୍ତ୍ତ ପୂରଣ କରିଥିବା ଆବେଦନକାରୀଙ୍କୁ ୩୮ଟି ଘର ପ୍ରଦାନ କରାଯିବ। ପ୍ରକଳ୍ପର ଗୋଟିଏ ପ୍ରବେଶ ପଥ ରହିଛି। ଦୋକାନୀମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି ବିଶେଷ ବ୍ୟବସ୍ଥା ଗ୍ରହଣ କରିଛି ନିଗମ। ସୌନ୍ଦର୍ଯ୍ୟକରଣ ନିମନ୍ତେ ଚାରାରୋପଣ କରାଯାଇଛି। ଏଠାରେ ୨ଟି ଆଧୁନିକ ଶୌଚାଳୟ ସହିତ ହାତ ଧୋଇବା ପାଇଁ ସ୍ଥାନ, ପାନୀୟ ଜଳର ବ୍ୟବସ୍ଥା ମଧ୍ୟ ରହିଛି। ଏଠାରେ ଏକାଥରେ ୨୦୦ଜଣ ଲୋକ ବସି ଖାଦ୍ୟ ଖାଇପାରିବେ। ପାର୍କିଂ ସ୍ଥଳ ପ୍ରଶସ୍ତ ରହିଛି। ଯେଉଁଠାରେ ୫୦ରୁ ଅଧିକ ଚାରି ଚକିଆ ଗାଡ଼ି ରହିପାରିବ। ଆଗାମୀ ଦିନରେ ମହାନଦୀ ରିଭର୍ ଫ୍ରଣ୍ଟ ନାମରେ ୨୧୦କୋଟି ଟଙ୍କାର ଏକ ପ୍ରକଳ୍ପର ଟେଣ୍ଡର ପକ୍ରିୟା ଆରମ୍ଭ ହେଇଛି। ଏହା ପୂର୍ଣ୍ଣାଙ୍ଗ ହେଲେ ବାରବାଟୀ ଫୁଡକୋର୍ଟରେ ଚାହିଦା ବହୁଗୁଣିତ ହେବ ବୋଲି ମେୟର ସୁବାସ କହିଛନ୍ତି। ପରିଦର୍ଶନ ସମୟରେ ଷ୍ଟାଣ୍ଡିଂ କମିଟି ଚେୟାରମ୍ୟାନ ପ୍ରଳୟା ବେହେରା, ସ୍ଥାନୀୟ କର୍ପୋରେଟର ଲକ୍ଷ୍ମୀପ୍ରିୟା ବେହେରା, ବସନ୍ତ ବେହେରା, ଶେଖବଜାର ପୂଜା କମିଟି ସମ୍ପାଦକ କିଶୋର ବେହେରା, ଡେପୁଟି କମିଶନର ସ୍ୱାତୀ ମିଶ୍ର, ବିଭାଗୀୟ ଇଞ୍ଜିନିୟର ସୁବାସ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଲୁହାରଡ୍ ବୋଝେଇ ଟ୍ରକ୍ ପଛରେ ପିଟିଲା ଚିପ୍ସ ବୋଝେଇ ଟ୍ରକ୍

ଖୁଣ୍ଟୁଣୀ, ୧୧।୪(ସଚ୍ଚିଦାନନ୍ଦ ପଣ୍ଡା)

## ଚାଳକ ମୃତ, ଅନ୍ୟ ଜଣେ ଚାଳକ ଗୁରୁତର



ଗୁରୁଡ଼ିଝାଟିଆ ଥାନା ଅନ୍ତର୍ଗତ ଓରନ୍ଦା ଓଭରବ୍ରିଜ୍‌ରେ ଶନିବାର ଭୋରରେ ଏକ ଦୁର୍ଘଟଣାରେ ଜଣେ ଟ୍ରକ ଚାଳକଙ୍କ ଘଟଣାସ୍ଥଳରେ ଗଣ୍ଡିରୁ ମୁଣ୍ଡ ଅଲଗା ହୋଇ ମୃତ୍ୟୁ ଘଟିଛି। ମୃତ ଚାଳକ କଟକ ଜିଲା ନିଆଳି ଥାନା ଅନର୍ଗତ ସୁତୁଣ୍ଡା ଗ୍ରାମର ସୁରେଶ କୁମାର ମହାନ୍ତି। ଗୁମଟାରୁ ଲୁହାଛଡ୍ ବୋଝେଇ କରି ଭୁବନେଶ୍ୱର ଆସୁଥିବା ଟ୍ରକ୍ (ନଂ.ଓଡି୦୭ଏଫ୍-୪୬୪୭) ଯାନ୍ତ୍ରିକ ତ୍ରୁଟି ହେବାରୁ ଓରନ୍ଦା ଓଭରବ୍ରିଜ ରାସ୍ତା କଡରେ ଟ୍ରକ୍ ରଖି ଅପେକ୍ଷା କରିଥିଲେ। ଏହି ସମୟରେ ପଛରୁ ଆସୁଥିବା ଏକ ଚିପ୍ସ ବୋଝେଇ ଟ୍ରକ୍ ରାସ୍ତା କଡରେ ଥିବା ଲୁହାଛଡ୍ ଟ୍ରକ ପଛରେ ପିଟି ହୋଇଯାଇଥିଲା। ଫଳରେ ଘଟଣାସ୍ଥଳରେ ଚିପ୍ସ ବୋଝେଇ ହାଇୱା ଚାଳକଙ୍କ ମୁଣ୍ଡରୁ ଶରୀର ଅଲଗା ହୋଇଯାଇଥିଲା। ଖବର ପାଇ ଗୁରୁଡ଼ିଝାଟିଆ ଥାନା ଆଇଆଇସି ଶୁଭେନ୍ଦୁ କୁମାର ମିଶ୍ର ଘଟଣାସ୍ଥଳରେ ପହଞ୍ଚି ଚାପି ହୋଇରହିଥିବା ଲୁହାଛଡ୍ ବୋଝେଇ ଚାଳକଙ୍କୁ ଆଠଗଡ଼ ଦମକଳ ବାହିନୀ ସହାୟତାରେ ଟ୍ରକ୍ କାଟି ବାହାରକୁ ଆଣାଯାଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଆଠଗଡ଼ ଡାକ୍ତରଖାନାକୁ ପଠାଇ ଦେଇଥିଲେ। ଏହି ଖବର ଶୁଣିବା ପରେ ଘଟଣାସ୍ଥଳରେ ଶହଶହ ସ୍ଥାନୀୟ ଲୋକେ ପହଞ୍ଚି ପୋଲିସକୁ ସାହାଯ୍ୟ କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପାଇଁ ଆଠଗଡ଼ ଡାକ୍ତରଖାନା ପଠାଯାଇଥିବା ଆଇଆଇସି ମିଶ୍ର କହିଛନ୍ତି। ପୋଲିସ ୨ଟି ଟ୍ରକ୍ ଜବତ କରି ଏକ ମାମଲା (ନଂ.୯୪/୨୬) ରୁଜୁ କରିଛି।

## ସଂକ୍ଷେପରେ

### ବାଲିଘାଟ ପରିଚାଳକଙ୍କୁ ଦାଦାବଟି ମାଗି ୩ ଗିରଫ

କଟକ ସଦର,୧୧।୪(ସୁଶାନ୍ତ କୁମାର ଜେନା)

କିଶନନଗର ଥାନା ଅନ୍ତର୍ଗତ ରଟିଲୋ ଛକରେ ଜଣେ ବାଲିଘାଟ ପରିଚାଳକଙ୍କୁ ଦାଦାବଟି ମାଗିବା ଅଭିଯୋଗରେ ଶନିବାର ୩ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ମଧୁପାଟଣା ଥାନା ଅନ୍ତର୍ଗତ କାଜିଡିହ ଅଞ୍ଚଳର ଚନ୍ଦନ ଦାସ (୨୫), କନ୍ଦରପୁର ଥାନା ରାଜହଂସ ଗ୍ରାମର ମନୋଜ ସାମଲ (୩୫) ଓ ଶ୍ରବଣ ଭୋଇ (୨୫)। ଏନେଇ କିଶନନଗର ଥାନାରେ ଏକ ମାମଲା (ନଂ. ୧୧୪/୨୬) ରୁଜୁ ହୋଇଛି। ପୋଲିସ ସୂତ୍ରରୁ ପ୍ରକାଶ ମହାନଦୀରେ ଚାଲିଥିବା ଦନ୍ଧୋ ବାଲିଘାଟର ପରିଚାଳକ ମହମ୍ମଦ ସିକନ୍ଦର ଆଲମ ଓ ସହଯୋଗୀ ଶୁକ୍ରବାର ଅପରାହ୍ନରେ ରଟିଲୋ ଛକରେ ଛିଡା ହୋଇଥିଲେ। ଏହି ସମୟରେ ୪ଜଣ ଯୁବକ ବାଇକ୍‌ରେ ଆସି ଖଣ୍ଡା ବୁଲେଇବା ସହ ଦେଶୀ ବନ୍ଧୁକ ତାଙ୍କ ମୁଣ୍ଡରେ ଲଗାଇ ଦାଦାବଟି ମାଗିଥିଲେ। ଖବର ପାଇ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ୩ଜଣଙ୍କୁ ଧରିଥିଲା। ପରେ ବାଲିଘାଟ ପରିଚାଳକ ଥାନାକୁ ଆସି ଏତଲା ଦେବା ପରେ ପୋଲିସ ମାମଲା ରୁଜୁ କରିଥିଲା। ପୋଲିସ ୨ଟି ବାଇକ୍, ୪ଟି ଖଣ୍ଡା ଓ ଗୋଟିଏ ଦେଶୀ ବନ୍ଧୁକ ସେମାନଙ୍କଠାରୁ ଜବତ କରିଛି।

### ସାମୁଏଲ ହାନିମାନଙ୍କ ଜନ୍ମୋତ୍ସବ

କଟକ, ୧୧।୪ (କାର୍ତ୍ତିକ ସାହୁ)

ଯୋବ୍ରା ରୋଡ୍ ଲେଙ୍କାସାହିସ୍ଥିତ ନଏସିସ୍ ଶିକ୍ଷାନୁଷ୍ଠାନ୍‌ରେ ଠାକୁର ଅନୁକୂଳଚନ୍ଦ୍ରଙ୍କ ସତ୍‌ସଙ୍ଗ ଓ ହୋମିଓପ୍ୟାଥିର ଜନକ ସାମୁଏଲ ହାନିମାନଙ୍କ ଜନ୍ମୋତ୍ସବ ପାଳିତ ହୋଇଯାଇଛି। ସହପ୍ରତିରତ୍ୱିକ ଗୌରାଙ୍ଗ ଚନ୍ଦ୍ର ଦ୍ୱିବେଦୀଙ୍କ ଅଧ୍ୟକ୍ଷତାରେ ଡା. ତପନ ବେରା ପ୍ରାରମ୍ଭିକ ସୂଚନା ଦେଇ ମଣିଷ ଶରୀର ଉପରେ ହୋମିଓପ୍ୟାଥିର ଚିକିତ୍ସା ଯଥେଷ୍ଟ ଉପାଦେୟତା ରହିଥିବା କହିଥିଲେ। ଏମ୍‌ସ ଏକାଡେମୀର ଅଧ୍ୟକ୍ଷ ବଂଶୀଧର ପରିଡ଼ା ଆଲୋଚନାରେ ଠାକୁର ଅନୁକୂଳଚନ୍ଦ୍ରଙ୍କ ପୃଷ୍ଠପୋଷକତା ଉପରେ ଆଲୋକପାତ କରିଥିଲେ। ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ, କୁଳମଣି ବେହେରା, ଶଶିକାନ୍ତ ମହାପାତ୍ର, ମନ୍ତ୍ରୀ ଭୋଇ ପ୍ରମୁଖ ଭଜନ, କୀର୍ତ୍ତନ ପରିବେଷଣ କରିଥିଲେ। ଡା. ପ୍ରଶାନ୍ତ କୁମାର ରଥ ହୋମିଓପ୍ୟାଥି ସଙ୍ଗଠନ ସଂକ୍ରାନ୍ତରେ ଆଲୋକପାତ କରିଥିଲେ।

### ୨୩ ଟନ ହାର୍ଡକୋକ, ଟ୍ରକ୍ ଜବତ: ୨ ଗିରଫ

ମଙ୍ଗୁଳି-ଜଗତପୁର,୧୧।୪(ମାନସ ସାମଲ)

ବେଆଇନ ହାର୍ଡକୋକ ଚାଲାଣ ଅଭିଯୋଗରେ ଜଣେ ଟ୍ରକ୍ ଚାଳକ ଓ ହେଲପରଙ୍କୁ ଟାଙ୍ଗୀ ପୋଲିସ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଚାଳକ ହେଲେ ଉତ୍ତରାଖଣ୍ଡର ଏମ ଡି ୱାକିଲ (୩୮) ଓ ହେଲପର ଅତିକୁର ରେହମନ (୨୩)। ପୋଲିସ ଏକ ମାମଲା (ନଂ.୧୯୦/୨୬) ରୁଜୁ କରିଛି। ସେମାନଙ୍କ ନିକଟରୁ ୨୩ ଟନ ହର୍ଡକୋକ ଓ ଟ୍ରକ ଜବତ ପୋଲିସ ଜବତ କରିଛି। ଶୁକ୍ରବାର ସନ୍ଧ୍ୟାରେ ନିର୍ଗୁଣ୍ଡି ପୁରୁଣା ଟୋଲ ପ୍ଲାଜା ନିକଟରେ ଟାଙ୍ଗୀ ପୋଲିସ ଯାନବାହନ ଯାଞ୍ଚ ବେଳେ ଗୋଟିଏ ୧୨ ଚକିଆ ଟ୍ରକ୍ (ନଂ.ଏଚ୍‌ଆର୍ ୫୫ଭି ୫୭୭୭)କୁ ଅଟକାଇଥିଲା। ଯାଞ୍ଚ ପରେ ଟ୍ରକ୍ ଲୋଡ ଥିବା ଉକ୍ତ ହାର୍ଡକୋକର ଚାଳକ ଓ ହେଲପର୍ କୌଣସି ବୈଧ କାଗଜ ପତ୍ର ଦେଖାଇ ପାରି ନ ଥିଲେ ବୋଲି ଟାଙ୍ଗୀ ଥାନା ଅଧିକାରୀ ବିକାଶ ସେଠୀ ସୂଚନା ଦେଇଛନ୍ତି।

### ଜିଲା ବରିଷ୍ଠ ନାଗରିକ ମହାସଂଘର ବାର୍ଷିକ ଉତ୍ସବ

କଟକ,୧୧।୪ (କାର୍ତ୍ତିକ ସାହୁ)

କଟକ ଜିଲା ବରିଷ୍ଠ ନାଗରିକ ମହାସଂଘର ପ୍ରଥମ ବାର୍ଷିକ ଉତ୍ସବ କେଶରପୁରସ୍ଥ ପଣ୍ଡା ହସ୍ପିଟାଲରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ବିଷ୍ଣୁ ମୋହନ ଦାଶସାମନ୍ତଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ଡା. କୃପାସିନ୍ଧୁ ପଣ୍ଡା, ସମ୍ମାନିତ ଅତିଥି ଡ. ପ୍ରମୋଦ କୁମାର ମହାପାତ୍ର ଓ ଉତ୍କଳ ଭୂଷଣ ରାଉତରାୟ ଆଗାମୀ ଦିନରେ ସଙ୍ଗଠନ ମଜଭୁତ କରିବାକୁ ଆହ୍ୱାନ ଦେଇଥିଲେ। କଟକ ଜିଲାର ୩୨ଟି ବିଭିନ୍ନ ଆଞ୍ଚଳିକ ସଂଘ ପ୍ରତିନିଧି ଯୋଗଦେଇଥିଲେ। ନକୁଳ ଚନ୍ଦ୍ର ମହାରଣା, ସମରେନ୍ଦ୍ର ଘୋଷ, ଅକ୍ଷୟ କୁମାର ଆଚାର୍ଯ୍ୟ, ଭାଗୀରଥି ସାମଲ, ଗିରିଶ କୁମାର ମିଶ୍ର ଓ ଅଶୋକ କୁମାର ଝା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷାବିତ୍ ଡ. ସୁରେଖା ସୁନ୍ଦରୀ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।



କଟକ ସହରରେ ପୋଲିସ ଓ ବିଏସ୍‌ଏଫ୍ ପକ୍ଷରୁ ଶନିବାର ଅନୁଷ୍ଠିତ ଫ୍ଲାଗ୍‌ମାର୍ଚ୍ଚ। (ଫଟୋ: ରାଜକିଶୋର ମହାନ୍ତି)

# ଚିକିତ୍ସା ଅବହେଳାରୁ ରୋଗୀଙ୍କ ମୃତ୍ୟୁ

କଟକ,୧୧।୪(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ହେମାଟୋଲୋଜି ବିଭାଗରେ ଚିକିତ୍ସା ଅବହେଳାରୁ ରୋଗୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନୟାଗଡ଼ ଜିଲା ମଣିପୁର ଅଞ୍ଚଳର ବିକ୍ରମ ଜେନା (୫୩)। ଗତ ୬ବର୍ଷ ହେବ ଏସ୍‌ସିବିର ଉକ୍ତ ବିଭାଗରେ ମଲ୍ଟିପୁଲ ମାଇଲୋମା ରୋଗୀରେ ପୀଡ଼ିତ ହୋଇ ଚିକିତ୍ସା ହୋଇଆସୁଥିଲେ। ମାର୍ଚ୍ଚ ୧୯ରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ସେଠାରେ ଭର୍ତ୍ତି ହୋଇଥିଲେ ଏବଂ ତାଙ୍କୁ କେମୋ ୪ଟି ଦିଆଯାଇଥିଲା। ପରେ ଶରୀର ସୁସ୍ଥ ହେବା ପରିବର୍ତ୍ତେ ବିଗିଡ଼ିବାରେ ଲାଗିଥିଲା ଏବଂ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ମୃତ୍ୟୁକୁ ୧୩ ଦିନ ବିତିଥିବାବେଳେ ମେଡିକାଲରେ ଚିକିତ୍ସାରେ ଅବହେଳା ଯୋଗୁ ତାଙ୍କର ମୃତ୍ୟୁ ହୋଇଥିବା ସ୍ତ୍ରୀ ମିଲି ଜେନା କହିଛନ୍ତି। ଏହାସହ ମିଲି ମେଡିକାଲ କର୍ତ୍ତୃପକ୍ଷଙ୍କୁ ଏନେଇ ଅଭିଯୋଗ କରିବେ ବୋଲି କହିଛନ୍ତି।

# ଚୌଦ୍ୱାର ଭାଜପା ମଣ୍ଡଳର ମିଶ୍ରଣ ପର୍ବ



ମଙ୍ଗୁଳି-ଜଗତପୁର/ଚୌଦ୍ୱାର, ୧୧।୪(ମାନସ ସାମଲ/ଆଶୁତୋଷ ଦାସ)

## ଭାଜପାରେ ପୂର୍ବତନ ଚୌଦ୍ୱାର ନଗର ବିଜେଡି ସଭାପତି, ଶତାଧିକ କର୍ମୀ

ଚୌଦ୍ୱାର ଭାଜପା ମଣ୍ଡଳର ମିଶ୍ରଣପର୍ବ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳଙ୍କ ଅନୁଗତ ତଥା ଚୌଦ୍ୱାର ନଗର ବିଜେଡି ସଭାପତି ପଦରେ ଦୀର୍ଘବର୍ଷ ଧରି ରହିଥିବା ପୂର୍ବତନ କାଉନସିଲର ବିଷ୍ଣୁଚରଣ ପରିଡ଼ା ଭାଜପାରେ ସାମିଲ ହୋଇଛନ୍ତି। ସ୍ଥାନୀୟ କଳାପ୍ରକାଶନୀ କ୍ଲବରେ ଭାଜପା ପକ୍ଷରୁ ଆୟୋଜିତ ମିଶ୍ରଣ ପର୍ବରେ ଚୌଦ୍ୱାର-କଟକ ନିର୍ବାଚନ ମଣ୍ଡଳୀର ବରିଷ୍ଠ ଭାଜପା ନେତା ନୟନ କିଶୋର ମହାନ୍ତିଙ୍କ ଉପସ୍ଥିତିରେ ପରିଡ଼ା ଯୋଗଦେବା ସହିତ ଶତାଧିକ ମହିଳା ପୁରୁଷ ସମର୍ଥକ ସାମିଲ ହୋଇଛନ୍ତି। ଅର୍ବାନ ବ୍ୟାଙ୍କର ଡାଇରେକ୍ଟର ପ୍ରମୋଦ ଦାସ, ସମାଜସେବୀ ରାଜକିଶୋର ସାମନ୍ତରାୟଙ୍କ ଭଳି ବରିଷ୍ଠ ନେତାମାନେ ମଧ୍ୟ ବିଜେଡି ଛାଡ଼ି ଭାଜପାରେ ସାମିଲ ହୋଇଥିବା ଦେଖିବାକୁ ମିଳିଛି। ମିଶ୍ରଣପର୍ବ କାର୍ଯ୍ୟକ୍ରମରେ ଜିଲାର ବରିଷ୍ଠ ନେତା ପ୍ରଶାନ୍ତ ହୋତା, ବୈରାଗୀ ଚରଣ ପ୍ରଧାନ, ସନ୍ତୋଷ ସାହୁ, ଚୌଦ୍ୱାର ନଗର ଭାଜପା ସଭାନେତ୍ରୀ ମମତା ବେହେରା ଉପସ୍ଥିତ ଥିଲେ। ବିଷ୍ଣୁ ପରିଡା ଓ ତାଙ୍କ ସମର୍ଥକ ଭାଜପାରେ ସାମିଲ ହେବା ଚୌଦ୍ୱାରରେ ଦଳକୁ ଏକ ମଜଭୁତ ସ୍ଥିତିକୁ ନେଇ ଯାଉଥିବା ବେଳେ ମିଶ୍ରଣ ପର୍ବରେ ନୂଆ ପୁରାଣ କର୍ମୀ ନ ଆସିବା ଦଳରେ ଗୋଷ୍ଠୀ କନ୍ଦଳ ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଥିବା ଚର୍ଚ୍ଚା ହେଉଛି।

# ୩ ମାସ ପରେ ରାଜସ୍ୱ ବିଭାଗକୁ କରାଗଲା ଅବଗତ

କଟକ ସଦର,୧୧।୪(ସୁଶାନ୍ତ କୁମାର ଜେନା)

## ଗୋଚର ଜମିର ପରିଚାଳନା ସମ୍ପର୍କରେ ହାଇକୋର୍ଟଙ୍କ ନିର୍ଦ୍ଦେଶନାମା

୨୦୨୫ ଡିସେମ୍ବର ୧୯ରେ ଗୋଚର ଜମିର ପରିଚାଳନା ଓ ବ୍ୟବହାର ସମ୍ପର୍କରେ ଓଡ଼ିଶା ହାଇକୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଥିଲେ। ମୁଖ୍ୟ ବିଚାରପତିଙ୍କୁ ନେଇ ଗଠିତ ଖଣ୍ଡପୀଠ ରାୟ ଦେଇ ପ୍ରଥମେ ଗୋଚର ଜମିର କିସମ ବଦଳାଇବା ପରେ ଅନ୍ୟ କାର୍ଯ୍ୟରେ ବ୍ୟବହାର କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଆଡଭୋକେଟ ଜେନେରାଲ ଅଫିସ ପକ୍ଷରୁ ଏହି ରାୟ ସମ୍ପର୍କିତ କାଗଜପତ୍ର ଏପ୍ରିଲ ୬ରେ ରାଜ୍ୟ ରାଜସ୍ୱ ବିଭାଗକୁ ଅବଗତ କରାଗଲା ବୋଲି ପତ୍ର ସଂଖ୍ୟା ୧୫୫୬୪/୬।୪।୨୦୨୬ରେ ଜଣାଇ ଦିଆଯାଇଛି। ଫଳରେ ରାଜସ୍ୱ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜିଲାପାଳମାନଙ୍କୁ ଅବଗତ କରାଯାଇପାରିବ। ଗୋଚର ଜମିକୁ ଅନ୍ୟ କାର୍ଯ୍ୟରେ ବ୍ୟବହାର ଉପରେ ଅଙ୍କୁଶ ଲାଗିପାରିବ ବୋଲି ବିଶ୍ୱ ଗୋ ସୁରକ୍ଷା ବାହିନୀ ରାଜ୍ୟ ସଭାପତି ଆଇନଜୀବୀ ସୁରେଶ କୁମାର ପଣ୍ଡା ଜଣାଇଛନ୍ତି। ରାୟ ପ୍ରକାଶ ପାଇବାର ୨ ମାସ ପରେ ନିର୍ଦ୍ଦେଶନାମାର ପ୍ରମାଣିତ ନକଲ ରାଜସ୍ୱ ବିଭାଗର ହସ୍ତଗତ ହୋଇନାହିଁ ବୋଲି ରାଜସ୍ୱ ବିଭାଗର ଉପଶାସନ ସଚିବ ଶୁଭେନ୍ଦୁ ଦେବ ଆଚାର୍ଯ୍ୟ ପତ୍ର ସଂଖ୍ୟା ୬୫୨୨/୧ ୩।୨।୨୦୨୬ରେ ସୂଚନା ଦେଇଥିଲେ।

# ବିଧାୟିକାଙ୍କୁ ଦାବି ଜଣାଇଲା ଆଉଟସୋର୍ସିଂ ମହାସଂଘ

କଟକ,୧୧।୪ (କାର୍ତ୍ତିକ ସାହୁ)

ଆଉଟସୋର୍ସିଂ ମହାସଂଘ ମୁଖ୍ୟ ୩ଟି ଦାବିକୁ ବିଧାୟିକା ସୋଫିଆ ଫିର୍ଦ୍ଦୋସଙ୍କୁ ଜଣାଇଛି। ଛଟେଇ ଆଉଟସୋର୍ସିଂ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ସହିତ ଅନ୍ୟ ସମସ୍ତ ସୁବିଧା ପ୍ରଦାନ କରିବା ଏବଂ ଦୀର୍ଘ ଦିନ ଧରି ସରକାରୀ ଦପ୍ତରରେ କାମ କରିଆସୁଥିବା ଆଉଟସୋର୍ସିଂ କର୍ମଚାରୀଙ୍କୁ ପ୍ରାଥମିକ ଭାବେ ସ୍ଥାୟୀ ନିଯୁକ୍ତି ଦେବାକୁ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ଏକ କମିଟି ଗଠନ କରି ସମସ୍ତ ଦାବି ପୂରଣ କରାଯିବ ବୋଲି କୁହାଯାଇଥିଲା। ମାତ୍ର ୨୩ ଦିନ ବିତିଯାଇଥିଲେ ମଧ୍ୟ କମିଟି ଗଠନ ହୋଇପାରୁନାହିଁ। ତେଣୁ ତ୍ୱରାନ୍ୱିତ କରିବା ପାଇଁ ବିଧାୟିକା ଲିଖିତ ପତ୍ର ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ଜଣେଇବା ପାଇଁ ସଂଘ ପକ୍ଷରୁ ଅନୁରୋଧ କରାଯାଇଛି। ବିଧାୟିକା ଏହି କାର୍ଯ୍ୟ କରିବେ ବୋଲି କହିଛନ୍ତି ବୋଲି ସଂଘ ପକ୍ଷରୁ କୁହାଯାଇଛି। କଟକ ଜିଲାର ଆଉଟସୋର୍ସିଂ କର୍ମଚାରୀ ସଂଘ ନେତୃତ୍ୱ ସଭାପତି ସାରଦା ପ୍ରସନ୍ନ ଦାସ, ମହାସଚିବ ଅରୁଣ ସାମନ୍ତରାୟ, ସାଧାରଣ ସମ୍ପାଦକ ପ୍ରଦୀପ୍ତ ନାୟକ, ସାଙ୍ଗଠନିକ ସମ୍ପାଦକ ପ୍ରିୟକାନ୍ତ ରାଉତ, ସହ କୋଷାଧ୍ୟକ୍ଷ ରବୀନ୍ଦ୍ର ସ୍ୱାଇଁ, ଯୁଗ୍ମ ସମ୍ପାଦକ ରାମେଶ୍ୱର ଦାସ, ସହ ସମ୍ପାଦକ ସନ୍ତୋଷ ଦାସ, ଲୋପାମୁଦ୍ରା ମିଶ୍ର, ଜଗନ୍ନାଥ ଦାସ, ଅବିନାଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ସିଏମ୍ ଟ୍ରଫି ଫୁଟ୍‌ବଲ: ଆଡ୍‌ଭେଞ୍ଚର, ସାର୍ତ୍ତୋଳ ବିଜୟୀ


ବିଜୟୀ ଟିମ୍ ଖେଳାଳିଙ୍କ ସହ ଉପସ୍ଥିତ ଅତିଥି।

କଟକ, ୧୧।୪(କୁମାରଶ୍ରୀ)

୧୪ବର୍ଷରୁ କମ୍ ଆନ୍ତଃ କ୍ଲବ ଜିଲାସ୍ତରୀୟ ଫୁଟବଲ ଚାମ୍ପିୟନଶିପ୍ ସିଏମ୍ ଟ୍ରଫି ରାଜ୍ୟବ୍ୟାପୀ ଜାରି ରହିଛି। ଶନିବାର କଟକ ସତ୍ୟବ୍ରତ ଗ୍ରାଉଣ୍ଡରେ ୨ଟି ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ଅର୍ବାନ ଆଡଭେଞ୍ଚର କ୍ଲବ ଏବଂ ସାର୍ତ୍ତୋଳ ଫୁଟବଲ କ୍ଲବ ବିଜୟ ହାସଲ କରିଛନ୍ତି। ପୂର୍ବାହ୍ନରେ ଅନୁଷ୍ଠିତ ବାଳକ ବର୍ଗର ମୁକାବିଲାରେ ଅର୍ବାନ ଆଡ୍‌ଭେଞ୍ଚର ଏବଂ ବାରବାଟୀ ଫୁଟବଲ କ୍ଲବ ମୁହାଁମୁହିଁ ହୋଇଥିଲେ। ଏଥିରେ ଆଡଭେଞ୍ଚର ୨-୧ ଗୋଲରେ ବିଜୟ ହାସଲ କରିଥିଲା। ସନ୍ଧ୍ୟାରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚ୍‌ରେ ସାର୍ତ୍ତୋଳ ଫୁଟବଲ କ୍ଲବ ଏକତରଫା ଭାବେ ରାଇଜିଂ ଷ୍ଟାରକୁ ହରାଇଥିଲା। ସାର୍ତ୍ତୋଳ ୧-୦ ଗୋଲରେ ଜିତି ବିଜୟ ପଏଣ୍ଟ ହାତେଇଥିଲା।

# ଦାୟିତ୍ୱସମ୍ପନ୍ନ ନାଗରିକ ହୁଅ

ମଙ୍ଗୁଳି-ଜଗତପୁର,୧୧।୪(ମାନସ ସାମଲ)

## ଡିଏଭି ପଦ୍ମାବତୀ ପବ୍ଲିକ ସ୍କୁଲର ପ୍ରତିଷ୍ଠା ଦିବସ

ଟାଙ୍ଗୀ ଥାନା ମଣିଆସ୍ଥିତ ଡିଏଭି ପଦ୍ମାବତୀ ପବ୍ଲିକ ସ୍କୁଲର ୧୦ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷା ବିନୋଦିନୀ ଦାଶଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଡିଏଭି ପଦ୍ମାବତୀ ପବ୍ଲିକ ସ୍କୁଲର ଚେୟାରମାନ ତଥା ଆର୍‌ଏସ୍‌ବି ଗ୍ରୁପ ପୁଣେର ବୈଷୟିକ ଶିକ୍ଷା ନିର୍ଦ୍ଦେଶକ ତଥା ବିପିୟୁଟି ବିଶ୍ୱବିଦ୍ୟାଳୟ ଓଡ଼ିଶାର ପୂର୍ବତନ କୁଳପତି ପ୍ରଫେସର ଓମକାରନାଥ ମହାନ୍ତି ଯୋଗଦେଇ ଭାରତୀୟ ଶିକ୍ଷା, ଆଦର୍ଶ, ବେଦ-ବେଦାନ୍ତର ଦର୍ଶନ ଇତ୍ୟାଦି ସମ୍ପର୍କରେ ଅବଗତ କରାଇବା ସହ ଦାୟିତ୍ୱ ସମ୍ପନ୍ନ ନାଗରିକ ହେବା ପାଇଁ ବିଦ୍ୟାର୍ଥୀମାନଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଆର୍‌ଏସ୍‌ବି ଫାଉଣ୍ଡେଶନର ସିଏସ୍‌ଆର୍ ନିର୍ଦ୍ଦେଶିକା କସ୍ତୁରୀ ପ୍ରିୟଙ୍କା ବେହେରା, ଅନ୍ୟତମ ଅତିଥି ଭାବେ ଡି.ଏ.ଭି. ପ୍ରତିଷ୍ଠାନ, ଓଡ଼ିଶାର ଆଞ୍ଚଳିକ ନିର୍ଦ୍ଦେଶକ ଡକ୍ଟର କେଶବ ଚନ୍ଦ୍ର ଶତପଥୀ ଯୋଗଦେଇଥିଲେ। ଅନ୍ୟାନ୍ୟ ବରେଣ୍ୟ ଅତିଥିଙ୍କ ମଧ୍ୟରେ ଡିଏଭି ଏସ୍‌ସିବି ମେଡିକାଲ ପବ୍ଲିକ ସ୍କୁଲ ଚେୟାରମ୍ୟାନ ପ୍ରଫେସର୍ ଆର୍.ଏନ. ମହାନ୍ତି, ଡିଏଭି ପବ୍ଲିକ ସ୍କୁଲ ରାଜାବଗିଚାର ଚେୟାରମ୍ୟାନ ପ୍ରଫେସର୍ କାଞ୍ଚନବାଳା ପଟ୍ଟନାୟକ, ଡ.ସୁଜାତା ସାହୁ, ଈପ୍ସିତା ଦାସ, ନିରଞ୍ଜନ ସ୍ୱାଇଁ, ବିପିନ କୁମାର ସାହୁ, ନମିତା ମହାନ୍ତି, ନିହାରିକା ଗନ୍ତାୟତ, କୃଷ୍ଣପ୍ରିୟା ଷଡ଼ଙ୍ଗୀ, ସୁଜାତା ମିଶ୍ର, ଦେବବ୍ରତ ପ୍ରଧାନ, ସଚ୍ଚିକାନ୍ତ ତ୍ରିପାଠୀ, ଇଂ ସୁଶାନ୍ତ ବେହେରା, ଦେବେନ୍ଦ୍ର କୁମାର ନାୟକ, ଡାଲମିଆ ସିମେଣ୍ଟ ଭାରତ ଲିମିଟେଡ୍‌ର ୟୁନିଟ ମୁଖ୍ୟ ଦେବୀ ପ୍ରସାଦ ଦାଶ, ଦିଲେଶ୍ୱରୀ ଦାଶ ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ କ୍ଷେତ୍ରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଛି। ଶିକ୍ଷୟିତ୍ରୀ ସୁବ୍ରତା ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

# ଗ୍ରାମୀଣ ଅର୍ଥନୀତି ଶକ୍ତିଶାଳୀ ହେବ

କଟକ,୧୧।୪ (କାର୍ତ୍ତିକ ସାହୁ)

## ଅନ୍ନପୂର୍ଣ୍ଣା ଗ୍ରାମୀଣ ବଜାର ଉଦ୍‌ଘାଟିତ

ଓର୍‌ମାସ ପକ୍ଷରୁ ନେତାଜୀ ବସଷ୍ଟାଣ୍ଡଠାରେ ନବନିର୍ମିତ ଅନ୍ନପୂର୍ଣ୍ଣା ଗ୍ରାମୀଣ ବଜାର ଶନିବାର ଉଦ୍‌ଘାଟିତ ହୋଇଛି। ଗ୍ରାମୀଣ ଶିଳ୍ପୀ, କୃଷକ ଓ ସମୁଦାୟ ଆଧାରିତ ସଙ୍ଗଠନଗୁଡ଼ିକର ଉତ୍ପାଦକୁ ସହରୀୟ ବଜାର ସହିତ ସିଧାସଳଖ ଯୋଗାଯୋଗ କରାଇବା ଉଦ୍ଦେଶ୍ୟରେ ଏଭଳି ପ୍ରୟାସ କରାଯାଇଛି। ଏହି ବଜାର ଗ୍ରାମୀଣ ଅର୍ଥନୀତିକୁ ଶକ୍ତିଶାଳୀ କରିବା ସହ ଶିଳ୍ପୀମାନଙ୍କୁ ନ୍ୟାୟସଙ୍ଗତ ମୂଲ୍ୟ ଓ ନିଶ୍ଚିତ ବଜାର ଯୋଗାଇବାରେ ଏକ ମାଇଲଖୁଣ୍ଟ ସଦୃଶ ହେବ। ଏଠାରେ ରାଜ୍ୟର ୨୨ଟି ଜିଲାରୁ ଆସିଥିବା ୭୨ ପ୍ରକାରର ହସ୍ତଶିଳ୍ପ, ହସ୍ତତନ୍ତ, ଖାଦ୍ୟ ପ୍ରସ୍ତୁତି ଓ ପାରମ୍ପରିକ ଉତ୍ପାଦ ସିଧାସଳଖ ଉପଲବ୍ଧ ହେଉଛି।

ଉଦ୍‌ଘାଟନ ଉତ୍ସବରେ କଟକ ଏମ୍‌ପି ଡ. ଭର୍ତ୍ତୃହରି ମହତାବ, ବିଧାୟକ ସୌଭିକ ବିଶ୍ୱାଳ, ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ସିଏମ୍‌ସି କମିଶନର କିରଣଦୀପ ସହୋତା ଏବଂ ଓର୍‌ମାସ୍‌ର ଯୁଗ୍ମ କାର୍ଯ୍ୟନିର୍ବାହୀ ବିପିନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପଦକ୍ଷେପକୁ ଗ୍ରାମୀଣ ଉଦ୍ୟମିତାର ଏକ ଶକ୍ତିଶାଳୀ ମଞ୍ଚ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ଅନ୍ନପୂର୍ଣ୍ଣା ଗ୍ରାମୀଣ ବଜାର ଜରିଆରେ ଗ୍ରାମୀଣ ଶିଳ୍ପୀ, କୃଷକ ଓ ସମୁଦାୟ ଆଧାରିତ ସଙ୍ଗଠନ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଆଦି ସ୍ଥାୟୀ ବିକ୍ରୟ ମଞ୍ଚ ପାଇପାରୁଛନ୍ତି। ଫଳରେ ମଧ୍ୟସ୍ଥ ବିନା ସିଧା ବଜାର ଯୋଗାଯୋଗ ସୁନିଶ୍ଚିତ ହେଉଛି। ଏହାଦ୍ୱାରା ଉତ୍ପାଦକମାନେ ଉଚିତ ମୂଲ୍ୟ ପାଇବେ। ବ୍ରାଣ୍ଡିଂ, ପ୍ୟାକେଜିଂ ଓ ମାର୍କେଟିଂରେ ସହଯୋଗ ମିଳିବ। ଗ୍ରାମୀଣ ମହିଳା ଓ ଯୁବ ଉଦ୍ୟମୀମାନେ ଆର୍ଥିକ ଭାବେ ସ୍ୱାବଲମ୍ବୀ ହେବେ। ପାରମ୍ପରିକ କୌଶଳ ଓ ହସ୍ତଶିଳ୍ପର ସୁରକ୍ଷା ସହ ନୂତନ ବଜାର ସୃଷ୍ଟି ହେବ। ଏହି ପଦକ୍ଷେପ ଗ୍ରାମୀଣ ଉତ୍ପାଦକଙ୍କ ପାଇଁ ଏକ ଆର୍ଥିକ ସଶକ୍ତୀକରଣ ମଞ୍ଚ ଭାବେ ପରିଣତ ହେବା ସହ ଓଡ଼ିଶାର ପାରମ୍ପରିକ ଶିଳ୍ପକୁ ରାଷ୍ଟ୍ରୀୟ ଓ ଆନ୍ତର୍ଜାତୀୟ ପରିଚୟ ଦେବାରେ ସହାୟକ ହେବ ବୋଲି ବକ୍ତାମାନେ କହିଛନ୍ତି।



ଅନ୍ନପୂର୍ଣ୍ଣା ଗ୍ରାମୀଣ ବଜାର ଉଦ୍‌ଘାଟନ ଅବସରରେ ଉପସ୍ଥିତ ଏମ୍‌ପି, ବିଧାୟକ, ଜିଲାପାଳ ଏବଂ ଅନ୍ୟମାନେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ଆୟୁଷ


@ କାର୍ତ୍ତିକ


@ ଈପ୍ସିତା


@ ସୁନନ୍ଦା


@ ଆଦର୍ଶ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ‘ହିନ୍ଦୀ କହିବାର ଲୋଭ ଆମ ଭାଷାକୁ ଖରାପ କରୁଛି’

**ଓଡ଼ିଆଣୀ ପ୍ରତିଯୋଗିତାର ୨ୟ ସନ୍ଧ୍ୟା**

**ନନ୍ଦୁ କୁମାର ପାଣ୍ଡେଙ୍କୁ ‘ଓଡ଼ିଆ ମହୋତ୍ସବ ସମ୍ମାନ’**

ଭୁବନେଶ୍ୱର, ୧୧।୪(ବନ୍ଦନା ସେଠୀ)

ଓଡ଼ିଆ ପ୍ରଥା, ପରମ୍ପରା ଓ ଚଳଣିକୁ ନେଇ ସଂଭାବନା ପକ୍ଷରୁ ଏକାମ୍ର ହାଟରେ ଚାଲିଥିବା ‘ଓଡ଼ିଆ ମହୋତ୍ସବ’ ଏବଂ ‘ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା’ର ଉଦ୍‌ଯାପନୀ ଉତ୍ସବର ଶନିବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ସାହିତ୍ୟିକ ଦାଶ ବେନ୍‌ହୁର ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ, ଆଧୁନିକତାକୁ ପ୍ରୋତ୍ସାହିତ କରିବା ଉଚିତ, ମାତ୍ର ପରମ୍ପରା ବିରୋଧୀ ଆଧୁନିକତାକୁ ଗ୍ରହଣ କରିବା ଠିକ୍ ନୁହେଁ। ମୁଖ୍ୟ ଅତିଥି ଭାବେ ଯୋଗଦେଇ ‘ଧରିତ୍ରୀ’ ଏବଂ ‘ଓଡ଼ିଶାପୋଷ୍ଟ’ର ସମ୍ପାଦକ ତଥାଗତ ସତପଥୀ ଓଡ଼ିଆ ଭାଷାର ସ୍ଥିତି ସମ୍ପର୍କରେ ଆଲୋକପାତ କରିଥିଲେ। ବର୍ତ୍ତମାନ ସମୟରେ ଭୁବନେଶ୍ୱର ସମେତ ଛୋଟଛୋଟ ସହରାଞ୍ଚଳରେ ହିନ୍ଦୀ ଭାଷାକୁ ବେଶି ପ୍ରାଧାନ୍ୟ ଦିଆଯାଉଛି। ଅନେକ ସମୟରେ ଦେଖାଯାଉଛି ଯେ ମା’ ବାପାମାନେ ଓଡ଼ିଆ ହୋଇ ମଧ୍ୟ ସେମାନଙ୍କ ପିଲାମାନଙ୍କ ସହ ହିନ୍ଦୀରେ କଥାବାର୍ତ୍ତା ହେଉଛନ୍ତି। ହିନ୍ଦୀ କହିବାର ଲୋଭ ଆମ ଭାଷାକୁ ଧୀରେ ଧୀରେ ଖରାପ କରିବାରେ ଲାଗିଛି। ଏବେ ସିବିଏସ୍‌ଇ ପାଠ୍ୟକ୍ରମରେ ଛାତ୍ରୀଛାତ୍ର ୩ଟି ଭାଷା ପଢ଼ିବା ପାଇଁ ବାଧ୍ୟତାମୂଳକ କରାଯିବା ଫଳରେ ଆମ ଓଡ଼ିଆ ଭାଷା ସମ୍ପୂର୍ଣ୍ଣ ଭାବେ ଲୋପ ପାଇଯିବ ବୋଲି ତଥାଗତ କହିଛନ୍ତି। ଏହି ଅବସରରେ ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷା ସୁରକ୍ଷା ଅଭିଯାନ ପାଇଁ ଖରସୁଆଁର ନନ୍ଦୁ କୁମାର ପାଣ୍ଡେଙ୍କୁ ‘ଓଡ଼ିଆ ମହୋତ୍ସବ ସମ୍ମାନ’ ପ୍ରଦାନ କରାଯାଇଥିଲା।

ସଂଭାବନା ଅଧ୍ୟକ୍ଷ ଶରତ ଚନ୍ଦ୍ର ଭଦ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଦ୍ୱିତୀୟ ସନ୍ଧ୍ୟାରେ ଓଡ଼ିଆଣୀମାନଙ୍କ ଦ୍ୱାରା ରଙ୍ଗବେରଙ୍ଗର ମୁରୁଜ ପ୍ରତିଯୋଗିତା ହୋଇଥିଲା। ସେହିପରି ଦଳଗତ ଆଲୋଚନା ଏବଂ ଓଡ଼ିଆଣୀମାନଙ୍କ ଦ୍ୱାରା ପ୍ରସ୍ତୁତ ମିଠାପାନ ରଜ ଉତ୍ସବକୁ ମନେପକାଇ ଦେଉଥିଲା। ଏଥିସହ ଶିଶୁ କିଶୋରଙ୍କ ମଧ୍ୟରେ ସୁଗମ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମୁରୁଜର ବିଚାରକ ଭାବେ ଚିତ୍ରଶିଳ୍ପୀ ସୁବ୍ରତ ମଲ୍ଲିକ, ଗଜେନ୍ଦ୍ର ପାଢ଼ୀ, ନିଗମାନନ୍ଦ ସ୍ୱାଇଁ ଉପସ୍ଥିତ ଥିବାବେଳେ ଦଳଗତ ଆଲୋଚନାରେ ଡ. ଦେବାଶିଷ ମହାପାତ୍ର ଓ ଅଧ୍ୟାପକ ଡ.ଅମ୍ବରୀଶ ଶତପଥୀ ଏବଂ ସୁଗମ ସଙ୍ଗୀତ ପ୍ରତିଯୋଗିତାରେ ସଙ୍ଗୀତ ଶିଳ୍ପୀ ନିମାକାନ୍ତ ରାଉତରା, ପ୍ରଦୀପ ଦାସ ଓ ହରପ୍ରିୟା ସ୍ୱାଇଁ ବିଚାରକ ଥିଲେ। ଏହି ଅବସରରେ ନୃତ୍ୟ ମନ୍ଦିରର ଶିଳ୍ପୀମାନେ ଓଡ଼ିଶୀ ନୃତ୍ୟ ଏବଂ ଓଡ଼ିଆ ଲଘୁ ସଙ୍ଗୀତ ପରିବେଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଙ୍ଗୀତ ଶିଳ୍ପୀ ସଙ୍ଗୀତା ଗୋସାଇଁ, ଉତ୍କଳ ସମ୍ମିଳନୀର ଅଦ୍ୱୈତ ପାତ୍ର, ୨୦୧୩ର ଶ୍ରେଷ୍ଠ ଓଡ଼ିଆଣୀ ବିଜୟଲକ୍ଷ୍ମୀ ସା, ୨୦୧୪ର ଶ୍ରେଷ୍ଠ ଓଡ଼ିଆଣୀ ଲୋରିସ୍ମା ବିଶ୍ୱାଳ, ୨୦୨୫ର ରୀତା ଶଙ୍ଖୁଆ ଏବଂ ସଂଭାବନାର ପରିଚାଳନା ଟ୍ରଷ୍ଟି ଦେବ ପ୍ରସାଦ ପରିଜା ଉପସ୍ଥିତ ଥିଲେ। ଉତ୍ସବକୁ ସଂଭାବନାର ଟ୍ରଷ୍ଟି ସ୍ମୃତି ମହାନ୍ତି, ସଦସ୍ୟ ରାଜଶ୍ରୀ ଶତପଥୀ, ପ୍ରଫୁଲ୍ଲ ଦେ, ଅଭିରାମ ସାହୁ ପ୍ରମୁଖ ପରିଚାଳନା କରିଥିଲେ। ରବିବାର ଓଡ଼ିଆଣୀଙ୍କ ମଧ୍ୟରେ ପାରମ୍ପରିକ ସଙ୍ଗୀତ ଓ ଦଳଗତ ଆଲୋଚନା ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି।



ଅନ୍ୟ ଅତିଥିଙ୍କ ଉପସ୍ଥିତିରେ ‘ଧରିତ୍ରୀ’ ଏବଂ ‘ଓଡ଼ିଶାପୋଷ୍ଟ’ର ସମ୍ପାଦକ ତଥାଗତ ସତପଥୀ ଖରସୁଆଁର ନନ୍ଦୁ କୁମାର ପାଣ୍ଡେଙ୍କୁ ‘ଓଡ଼ିଆ ମହୋତ୍ସବ ସମ୍ମାନ’ ପ୍ରଦାନ କରୁଛନ୍ତି।

## ଦ୍ରୁତ ଗାଡ଼ିଚାଳନାରୁ ଜୀବନ ଗଲା

ବାରଙ୍ଗ, ୧୧।୪(ଲିଙ୍ଗରାଜ ରାଉତ)

ବାରଙ୍ଗ ଥାନା ଗୋଡ଼ିସାହି ଫାଣ୍ଡି ଅନ୍ତର୍ଗତ ରାମଦାସପୁର ଏକ ଘରୋଇ ମସଲା କମ୍ପାନୀ ସମ୍ମୁଖରେ ଦ୍ରୁତ ଗାଡ଼ି ଚାଳନା ଯୋଗୁ ଶୁକ୍ରବାର ଜଣଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗୋଡ଼ିସାହି ଶବରସାହିର ପ୍ରଶାନ୍ତ ଦେହୁରୀ (୨୭)। ଏହି ଦୁର୍ଘଟଣାରେ ୨ଭାଇ ଗୁରୁତର ହୋଇଛନ୍ତି। ଶନିବାର ଫାଣ୍ଡି ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତ ଦେହକୁ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନା ପଠାଇଛି। ବିଳମ୍ବିତ ରାତିରେ ପ୍ରଶାନ୍ତ ଏକ ପଲ୍‌ସର ଗାଡ଼ିରେ ତାଙ୍କ ସମ୍ପର୍କୀୟ ୨ ଭାଇଙ୍କ ସହ ସିଆଇଏସ୍‌ଏଫ୍ ପଟୁ ଗୋଡ଼ିସାହି ଅଭିମୁଖେ ଦ୍ରୁତଗତିରେ ଆସୁଥିଲେ। ଗୋଡ଼ିସାହି ପାଖରେ ଥିବା ଏକ ଘରୋଇ ମସଲା କମ୍ପାନୀ ସମ୍ମୁଖରେ ଅନ୍ୟ ଏକ ବାଇକ ସହ ସେମାନଙ୍କର ଧକ୍କା ହୋଇଥିଲା। ପ୍ରଶାନ୍ତ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଗଛକୁ ଧକ୍କା ଦେଇଥିଲେ। ଫଳରେ ପ୍ରଶାନ୍ତ ଓ ତାଙ୍କ ସମ୍ପର୍କୀୟ ଭାଇ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ଠାରୁ ଖବରପାଇ ଗୋଡ଼ିସାହି ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନାକୁ ପଠାଇଥିଲା। କିନ୍ତୁ ସେଠାରେ ପ୍ରଶାନ୍ତଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

# ୬୧ ଦିନ ଯାଏ ସମୁଦ୍ରରୁ ମାଛଧରା କଟକଣା

ଅସ୍ତରଙ୍ଗ/କାକଟପୁର, ୧୧।୪

(ପ୍ରଦୀପ୍ତ କୁମାର ଦୀକ୍ଷିତ/ଶୁଭଦର୍ଶନ ମିଶ୍ର)

**ଏପ୍ରିଲ ୧୫ରୁ ଜୁନ୍ ୧୪**

ଏପ୍ରିଲ ୧୫ରୁ ଜୁନ୍ ୧୪ ଅର୍ଥାତ ୬୧ଦିନ ପର୍ଯ୍ୟନ୍ତ ସମୁଦ୍ରରୁ ମାଛଧରା ଉପରେ କଟକଣା ଲାଗିଛି। ରାଜ୍ୟ ସରକାରଙ୍କ ମତ୍ସ୍ୟ ବିଭାଗ ପକ୍ଷରୁ ଏହି କଟକଣା ଜାରି କରାଯାଇଛି। ଶନିବାର ପୁରୀ ଜିଲା ଅସ୍ତରଙ୍ଗ ବ୍ଲକର ନୂଆଗଡ଼ ଜେଟିରେ ବୁଲିଛି ମତ୍ସ୍ୟ ବିଭାଗର ଡାକବାଜି ଯନ୍ତ୍ର। ମାଛଙ୍କ ପ୍ରଜନନ ଋତୁରେ ସମୁଦ୍ରରୁ ମାଛ ଧରିବାକୁ ବାରଣ କରାଯାଇଛି।

ସୂଚନା ଅନୁଯାୟୀ, ନୂଆଗଡ଼ ଜେଟିରେ ଶତାଧିକ ଭୁଟୁଭୁଟି, ବୋଟ୍, ଟ୍ରଲର, ଲଞ୍ଚ ଆଦି ରହିଛି। ମତ୍ସ୍ୟଜୀବୀମାନେ ସମୁଦ୍ରରୁ ମାଛ ଧରି ବର୍ଷସାରା ଚଳନ୍ତି। ସେହିପରି ପରିବାର ପ୍ରତିପୋଷଣ ପାଇଁ ବୋଟ ମାଲିକ, ମାଛ ବିକ୍ରେତା, ବାହକ, ଜାଲ କାରିଗର ଆଦି ଅନେକ ଲୋକ ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବେ ଏହି ବୃତ୍ତି ଉପରେ ନିର୍ଭର କରନ୍ତି। ତେବେ ମତ୍ସ୍ୟ ବିଭାଗର ଏହି କଟକଣା ଏବେ ମତ୍ସ୍ୟଜୀବୀମାନଙ୍କୁ ହାତବାନ୍ଧି ବସିବାକୁ ବାଧ କରିବ। ମାଛ ଧରିବାକୁ ଗଲେ ଯେଉଁମାନଙ୍କର ଚୁଲି ଜଳୁଥିଲା, ସେମାନେ ଏବେ ଖାଇବେ କ’ଣ ଓ ଚଳିବେ କେମିତି ସେନେଇ ଚିନ୍ତାରେ ପଡ଼ିଛନ୍ତି। ପ୍ରତିବର୍ଷ ଆମ ଜୀବନ ଜୀବିକା ଉପରେ କଟକଣା ଲଗାଇ ହଇରାଣ କରାଯାଉଥିବା ମତ୍ସ୍ୟଜୀବୀ ଅଭିଯୋଗ କରିଛନ୍ତି। ସରକାରଙ୍କ କଟକଣା ନ ମାନିଲେ ବୋଟ ସହିତ ମାଛଧରା ଉପକରଣ ଜବତ କରାଯିବା ସହ ଜରିମାନା ଦେବାକୁ ପଡ଼ିବ ବୋଲି ମତ୍ସ୍ୟ ବିଭାଗର ନିୟମ ରହିଛି। ତେଣୁ ମାଛ ଧରିବାକୁ ଯାଇଥିବା ବୋଟ, ଭୁଟୁଭୁଟି ଆଦିଗୁଡ଼ିକ ଏବେ ସମୁଦ୍ର କୂଳକୁ ଫେରିଆସିବାକୁ ପ୍ରସ୍ତୁତ ହେଉଥିବା ସୂଚନା ମିଳିଛି।

# ସାଂସ୍କୃତିକ ଶୋଭାଯାତ୍ରାରେ କଟାହେଲା ଛେନାପୋଡ଼


ରାମମନ୍ଦିର ନିକଟରୁ ଗାନ୍ଧୀମାର୍ଗ ଅଭିମୁଖେ ବାହାରିଥିବା ସାଂସ୍କୃତିକ ଶୋଭାଯାତ୍ରାରେ ଛେନାପୋଡ଼ ପ୍ରଦର୍ଶନ କରାଯାଉଛି।

ଭୁବନେଶ୍ୱର, ୧୧।୪
(ବନ୍ଦନା ସେଠୀ)

**ରାଜଧାନୀରେ ପାଳନହେଲା ୫ମ ଛେନାପୋଡ଼ ଦିବସ**

ନୟାଗଡ଼ ବିକାଶ ମଞ୍ଚ ଏବଂ ଓଡ଼ିଶା ମିଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ମିଳିତ ଉଦ୍ୟମରେ ଶନିବାର ୫ମ ‘ଛେନାପୋଡ଼ ଦିବସ’ ପାଳନ ହୋଇଯାଇଛି। ଚଳିତବର୍ଷ ଅଭିନବ ଢଙ୍ଗରେ ଶୋଭାଯାତ୍ରା ଓ ପଥପ୍ରାନ୍ତ ଉତ୍ସବ ମାଧ୍ୟମରେ ଏହାକୁ ପାଳନ କରାଯାଇଛି। ଏହି ଶୋଭାଯାତ୍ରା ରାମମନ୍ଦିର ନିକଟରୁ ବାହାରି ଗାନ୍ଧୀମାର୍ଗ ପର୍ଯ୍ୟନ୍ତ ଯାଇଥିଲା। ଏହି ଅବସରରେ ନୟାଗଡ଼ରୁ ଆସିଥିବା କଳାକାରଙ୍କ ଦ୍ୱାରା ବାଘନାଚ, ଶବରନାଚ ଏବଂ ଚୟୋ ସୁଆଙ୍ଗ ନାଚ ଆଦି ଦେଖଣାହାରୀଙ୍କ ମନ ମୋହିଥିଲା। ଶୋଭାଯାତ୍ରା ଗାନ୍ଧୀମାର୍ଗଠାରେ ପହଞ୍ଚିବା ପରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା। ଏହି ଅବସରରେ ଛେନାପୋଡ଼ କାଟିବା ସହ ଛେନାପୋଡ଼ ଦିବସର ଅଭିନନ୍ଦନ ଜଣାଇ ଉତ୍ସବ ପାଳନ କରାଯାଇଥିଲା। ଏହି ଅବସରରେ ଲେଖକ ଦାଶ ବେନହୁର, ନୟାଗଡ଼ ବିକାଶ ମଞ୍ଚର ଆବାହକ ତଥା ଲେଖକ ଶୁଭ୍ରାଂଶୁ ପଣ୍ଡା, ମଞ୍ଚର ସହ-ଆବାହକ ସୁବ୍ରତ କୁମାର ନାୟକ, ଅନୁଷ୍ଠାନର ସଦସ୍ୟ ବ୍ୟଙ୍ଗକବି ଗିରୀଶ, ଅଭିନେତା ଶ୍ରୀରାମ, ଆଶିଷ କୁମାର ରାଥ, ରାଜକିଶୋର ଡାକୁଆ, ଆଶୁତୋଷ ଦାସ, ସୁଧାଂଶୁ ସାହୁ, ଜତିନ, ରୋହନ ମହାପାତ୍ର, ଉମାକାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଆଜି ଶ୍ରୀମନ୍ଦିରରେ ରାମାଭିଷେକ ନୀତି

**ଶେଷ ହେବ ଚଳିତବର୍ଷର ସାହିଯାତ**

ପୁରୀ, ୧୧।୪ (ଅଜିତ୍ କୁମାର ମହାନ୍ତି)

ବୈଶାଖ କୃଷ୍ଣପକ୍ଷ ଦଶମୀ ତିଥି ରବିବାର ଶ୍ରବଣା ମକର ନକ୍ଷେତ୍ର ଅନୁଯାୟୀ ଶ୍ରୀମନ୍ଦିରରେ ରାମାଭିଷେକ ନୀତି ସମ୍ପନ୍ନ ହେବ। ଅପରପକ୍ଷରେ ସାହିଯାତ କ୍ରମରେ ଗୌଡ଼ବାଡ଼ ସାହି ଆଖଡ଼ା ପକ୍ଷରୁ ରାମାଭିଷେକ ନୀତି ଆଗତ କରାଯିବ। ସ୍ଥାନୀୟ ଶ୍ରୀଜଗନ୍ନାଥବଲ୍ଲଭ ମଠ ସମ୍ମୁଖରେ ନୀତି ସମ୍ପନ୍ନ ହେବ। ଶ୍ରୀବିଗ୍ରହଙ୍କ ମଧ୍ୟାହ୍ନ ଧୂପ ସରିବା ପରେ ନକ୍ଷେତ୍ର ବନ୍ଦାପନା ଓ ଅନ୍ୟାନ୍ୟ ନୀତି ଅନୁଷ୍ଠିତ ହେବ। ସନ୍ଧ୍ୟା ଆଳତି ସମ୍ପନ୍ନ ହେବା ପରେ ମହାଜନସେବକ ଦକ୍ଷିଣ ଘରୁ ଶ୍ରୀରାମଚନ୍ଦ୍ର, ଶ୍ରୀଲକ୍ଷ୍ମଣ, ସୀତା ଏବଂ ହନୁମାନଙ୍କ ପ୍ରତିମୂର୍ତ୍ତିକୁ ଭିତରକୁ ବିଜେ କରି ରତ୍ନସିଂହାସନ ନିକଟକୁ ନେବେ। ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ଆଣି ଚଳନ୍ତି ପ୍ରତିମାଙ୍କୁ ପ୍ରଦାନ କରିବେ। ସାହିଯାତ ନୀତି ନିମନ୍ତେ ଠାକୁର ପାଲିଙ୍କିରେ ଶ୍ରୀଜଗନ୍ନାଥବଲ୍ଲଭକୁ ବିଜେ କରିବେ। ଗୌଡ଼ବାଡ଼ ସାହି ଆଖଡ଼ା ପକ୍ଷରୁ ନନ୍ଦଗ୍ରାମ ଭାବେ ସଜ୍ଜିତ ହୋଇଥିବା ଶ୍ରୀଜଗନ୍ନାଥବଲ୍ଲଭ ନିକଟରେ ନୀତି ସମ୍ପାଦନ ହେବ। ମଠ ନିକଟରେ ବିଭିନ୍ନ ନୀତି ସମ୍ପନ୍ନ ହେବା ପରେ ଠାକୁରମାନେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରି ଲକ୍ଷ୍ମୀ ମନ୍ଦିରର ଜଗମୋହନ ଥିବା ଖଟଶେଯ ଉପରେ ବିଜେ କରିବେ। ଠାକୁରଙ୍କ ମହାସ୍ନାନ ଓ ଅନ୍ୟାନ୍ୟ ନୀତି ସମ୍ପନ୍ନ ହୋଇ ଭୋଗ ମଣୋହି କରିବା ପରେ ରାଜ ବନ୍ଦାପନା ଅନୁଷ୍ଠିତ ହେବ। ନୀତି ସମ୍ପନ୍ନ ହେବା ପରେ ମହାଜନ ସେବକମାନେ ଠାକୁରଙ୍କୁ ଦକ୍ଷିଣ ଘରକୁ ବାହୁଡ଼ା ବିଜେ କରିବେ।

ଫର୍ମ ନଂ.୩
[ବିନିୟମ-୧୩(୧)(ଏ) ଦେଖନ୍ତୁ]

**ଅନାଦାୟ ଋଣ ଅସୁଲି ନ୍ୟାୟାଧିକରଣ କୋଲକାତା (ଡିଆର୍‌ଟି ୧)**

୯ମ ମହଲା, ଜୀବନ ସୁଧା ବିଲ୍ଡିଂ, ୪୨-ସି, ଜେ.ଏଲ୍. ନେହେରୁ ରୋଡ୍, କୋଲକାତା-୭୦୦୦୭୧

**ମାମଲା ସଂ.: ଓଏ/୪୦୪/୨୦୨୫**

ଅଧିନିୟମର ଧାରା ୧୯ର ଉପ-ଧାରା (୪) ସହିତ ପଠନପୂର୍ବକ ଅନାଦାୟ ଋଣ ଅସୁଲି ନ୍ୟାୟାଧିକରଣ (ପ୍ରକ୍ରିୟା) ନିୟମାବଳୀ, ୧୯୯୩ର ନିୟମ ୫ର ଉପ-ନିୟମ (୨ଏ) ଅଧୀନରେ ସମନ
ଇଏକ୍ସଏଚ୍. ସଂ.: ୭୦୭୨

**ୟେସ୍ ବ୍ୟାଙ୍କ
ବନାମ
ଗୋପବନ୍ଧୁ ମହାନ୍ତି**

ପ୍ରାପ୍ତେଷୁ,

**(୧) ଗୋପବନ୍ଧୁ ମହାନ୍ତି**
ପିତା/ସ୍ୱାମୀ- ପ୍ରେମାନନ୍ଦ ମହାନ୍ତି, ବାସିନ୍ଦା- ସ୍ଥାନ: ଗୋପାଳ ପ୍ରସାଦ, ହିଙ୍ଗୁଳା ମନ୍ଦିର ପାଖ, ଅନୁଗୁଳ, ଓଡ଼ିଶା-୭୫୯୧୦୩

**(୨) ଅଭୟ କୁମାର ମହାନ୍ତି**
ପିତା- ପ୍ରେମାନନ୍ଦ ମହାନ୍ତି, ବାସିନ୍ଦା- ସ୍ଥାନ: ଗୋପାଳ ପ୍ରସାଦ କୋଲିଏରୀ, ହିଙ୍ଗୁଳା ମନ୍ଦିର ପାଖ, ଅନୁଗୁଳ, ଓଡ଼ିଶା- ୭୫୯୧୦୩

**ସମନ**

ଯେହେତୁ, ଓଏ/୪୦୪/୨୦୨୫ ମାନ୍ୟବର ପ୍ରିଜାଇଡିଂ ଅଫିସର/ରେଜିଷ୍ଟ୍ରାରଙ୍କ ସମକ୍ଷରେ ତା୨୪।୦୨।୨୦୨୬ରିଖରେ ତାଲିକାଭୁକ୍ତ ହୋଇଥିଲା।
ଯେହେତୁ, ମାନ୍ୟବର ନ୍ୟାୟାଧିକରଣ ଅଧିନିୟମ (ଓଏ)ର ଧାରା ୧୯(୪) ଅଧୀନରେ ଆପଣଙ୍କ ବିରୁଦ୍ଧରେ ଦାଏର ହୋଇଥିବା କଥିତ ଆବେଦନ ଉପରେ ଆପଣଙ୍କ ବିରୁଦ୍ଧରେ ଟ.୪୨୮୦୨୮୪.୬୬/- ଦେୟ ଅସୁଲି ଲାଗି ସମନ/ନୋଟିସ ଜାରି କରୁଛନ୍ତି (ଆବେଦନ ସହିତ ଦସ୍ତାବିଜଗୁଡ଼ିକର ନକଲ ସଂଲଗ୍ନ)।
ଅଧିନିୟମର ଧାରା ୧୯ର ଉପ-ଧାରା (୪) ଅନୁଯାୟୀ ଆପଣ, ପ୍ରତିବାଦୀମାନଙ୍କୁ ନିମ୍ନ ଅନୁଯାୟୀ ନିର୍ଦ୍ଦେଶ ଦିଆଯାଉଛି:-
(i) ପ୍ରାର୍ଥନା କରାଯାଇଥିବା ଉପଶମ କାହିଁକି ମଞ୍ଜୁର କରା ନ ଯିବ ତାହାର କାରଣ ତିରିଶ ଦିନ ମଧ୍ୟରେ ଦର୍ଶାଇବା; (ii) ମୂଳ ଦରଖାସ୍ତର କ୍ରମିକ ସଂଖ୍ୟା ୩ଏ ଅଧୀନରେ ଆବେଦନକାରୀଙ୍କ ଦ୍ୱାରା ବିନିର୍ଦ୍ଦିଷ୍ଟ ସମ୍ପତ୍ତି ଏବଂ ସମ୍ପତ୍ତି ବ୍ୟତୀତ ଅନ୍ୟାନ୍ୟ ପରିସମ୍ପତ୍ତିଗୁଡ଼ିକର ସବିଶେଷ ବିବରଣୀକୁ ପ୍ରକଟ କରିବା; (iii) ସମ୍ପତ୍ତିର ବାଜ୍ୟାପ୍ତି ପାଇଁ ଦରଖାସ୍ତର ଶୁଣାଣି ଓ ରାୟ ବିଚାରାଧୀନ ରହିବା ସମୟରେ ମୂଳ ଆବେଦନର କ୍ରମିକ ସଂଖ୍ୟା ୩ଏ ଅଧୀନରେ ପ୍ରକଟିତ ବନ୍ଧକଯୁକ୍ତ ପରିସମ୍ପତ୍ତି କିମ୍ବା ଅନ୍ୟାନ୍ୟ ପରିସମ୍ପତ୍ତି ଓ ସମ୍ପତ୍ତି ସହ କାରବାର କରିବା କିମ୍ବା ବିକ୍ରୟ କରିବାରୁ ଆପଣ ପ୍ରତିବନ୍ଧିତ ଅଟନ୍ତି; (iv) ବ୍ୟବସାୟର ସାଧାରଣ କାର୍ଯ୍ୟଧାରାକୁ ଛାଡ଼ି, ନ୍ୟାୟାଧିକରଣର ଆଗୁଆ ଅନୁମୋଦନ ବିନା ଆପଣ ସୁରକ୍ଷା ସ୍ୱାର୍ଥ ସୃଷ୍ଟି କରାଯାଇଥିବା କୌଣସି ପରିସମ୍ପତ୍ତି ଏବଂ/କିମ୍ବା ଅନ୍ୟାନ୍ୟ ପରିସମ୍ପତ୍ତି ଏବଂ କ୍ରମିକ ସଂଖ୍ୟା ୩ଏ ଅଧୀନରେ ବିନିର୍ଦ୍ଦିଷ୍ଟ କିମ୍ବା ପ୍ରକଟିତ ପରିସମ୍ପତ୍ତିକୁ ଆପଣ ବିକ୍ରୟ, ଲିଜ୍ କିମ୍ବା ଅନ୍ୟ କୌଣସି ଉପାୟରେ ହସ୍ତାନ୍ତର କରିପାରିବେ ନାହିଁ; (v) ବ୍ୟବସାୟର ସାଧାରଣ କାର୍ଯ୍ୟଧାରାରେ ବନ୍ଧକ ପରିସମ୍ପତ୍ତି କିମ୍ବା ଅନ୍ୟାନ୍ୟ ସମ୍ପତ୍ତିଗୁଡ଼ିକର ବିକ୍ରୟ ଦ୍ୱାରା ଲବ୍ଧ ବିକ୍ରୟ ରାଶିର ହିସାବ ପ୍ରଦାନ କରିବା ତଥା ଏପରି ବିକ୍ରିଲବ୍ଧ ରାଶିକୁ ଉକ୍ତ ପରିସମ୍ପତ୍ତିର ସୁରକ୍ଷା ସ୍ୱାର୍ଥଧାରୀ ବ୍ୟାଙ୍କ କିମ୍ବା ଆର୍ଥିକ ଅନୁଷ୍ଠାନରେ ଜମା କରିବା ପାଇଁ ଆପଣ ଉତ୍ତରଦାୟୀ ରହିବେ।
ଆପଣଙ୍କୁ ମଧ୍ୟ ଆବେଦନକାରୀଙ୍କ ନିକଟରେ ଲିଖିତ ବିବୃତି ଦାଖଲ କରିବା ଏବଂ ତାହାର ଏକ ନକଲ ଆବେଦନକାରୀଙ୍କୁ ପ୍ରଦାନ କରିବା ତଥା ରେଜିଷ୍ଟ୍ରାରଙ୍କ ସମକ୍ଷରେ ତା୧୪।୦୪।୨୦୨୬ରିଖ ୧୦.୩୦ ଘଟିକା ସୁଦ୍ଧା ଉପସ୍ଥିତ ହେବା ପାଇଁ ନିର୍ଦ୍ଦେଶ ଦିଆଯାଉଛି, ଅନ୍ୟଥା ଦରଖାସ୍ତକୁ ଆପଣଙ୍କ ଅନୁପସ୍ଥିତିରେ ଶୁଣାଣି ତଥା ନିର୍ଣ୍ଣୟ କରାଯିବ।
ମୋ ହସ୍ତାକ୍ଷର ଓ ଏହି ନ୍ୟାୟାଧିକରଣର ମୋହର ଅଧୀନରେ ଅଦ୍ୟ ତିଥିରେ ପ୍ରଦତ୍ତ: ୦୭।୦୪।୨୦୨୬।

ସ୍ୱା./- ସହକାରୀ ରେଜିଷ୍ଟ୍ରାର
ଅନାଦାୟ ଋଣ ଅସୁଲି ନ୍ୟାୟାଧିକରଣ ସଂ.୧, କୋଲକାତା

# ଥାନାରେ ଅଚଳ ସିସି କ୍ୟାମେରା ସଜାଡ଼ିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୧୧।୪(ତ୍ରିନାଥ ମହାନ୍ତି)

**ଖବର ପ୍ରକାଶ ପରେ ଚେତିଲା ପୋଲିସ ମୁଖ୍ୟାଳୟ**

- ମୁମ୍ବାଇ ସଂସ୍ଥା ଶୁଣୁନି, ଓକାକ୍ ସିଇଓଙ୍କୁ ଜରୁରୀ ଚିଠି
- ରାଜ୍ୟର ୨୯୭ ଥାନା, ୨୭ ଆଉଟ୍‌ପୋଷ୍ଟରେ ସିସିଟିଭି ଅଚଳ

ରାଜ୍ୟର ୬୪୫ଟି ଥାନା ମଧ୍ୟରୁ ୨୬ଟିରେ ଓ ୨୯୫ଟି ଫାଣ୍ଡି ମଧ୍ୟରୁ ୩୨ଟିରେ ସିସିଟିଭି କ୍ୟାମେରା ନାହିଁ। ସେହିଭଳି ୨୯୭ଟି ଥାନା ଓ ୨୭ଟି ଫାଣ୍ଡିରେ ସିସିଟିଭି ଅଚଳ ହୋଇପଡ଼ିଛି। ଏଥିସହ ୫ଟି ଥାନାରେ ସମ୍ପୂର୍ଣ୍ଣ ଅଫ୍‌ଲାଇନ୍‌ରେ ରହିଛି। ଏ ସଂକ୍ରାନ୍ତ ଖବର ଧରିତ୍ରୀରେ ଗତ ୧୦ ତାରିଖରେ ପ୍ରକାଶ ପାଇବା ପରେ ପୋଲିସ ମୁଖ୍ୟାଳୟର ଚେତା ପଶିଛି। ଥାନାରେ ସିସିଟିଭି ଅଚଳକୁ ନେଇ ଓଡ଼ିଶା ପୋଲିସ ବିଭାଗ ଉଦ୍‌ବେଗ ପ୍ରକାଶ କରିବା ସହ ତୁରନ୍ତ ଅଚଳ ସିସି କ୍ୟାମେରାକୁ ସଜାଡିବାକୁ ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେଶନ ସେଣ୍ଟର(ଓକାକ) ସିଇଓଙ୍କୁ ଚିଠି ଲେଖିଛି। ଅତି ଜରୁରୀ ଭାବେ ଚିଠିକୁ ଗ୍ରହଣ କରି ଶୀଘ୍ର ସମାଧାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଥାନା, ଫାଣ୍ଡିରେ ସିସିଟିଭି ଲଗାଇବା ଓ ମେଣ୍ଟେନାନ୍ସ ପାଇଁ ଓକାକ ଟେଣ୍ଡର ନେଇଥିଲା। ପରେ ଓକାକ ମୁମ୍ବାଇର ଏକ ସଂସ୍ଥାକୁ ଦାୟିତ୍ୱ ଦେଇଥିଲା। ଉକ୍ତ ଟେଣ୍ଡର ବ୍ୟାପକ ଅନିୟମିତତା ହୋଇଥିବା ନେଇ ମଧ୍ୟ ଅଭିଯୋଗ ଉଠିଥିଲା। ଏବେ ଉକ୍ତ ସଂସ୍ଥା ଅଚଳ ସିସିଟିଭି ମରାମତି କରୁନାହିଁ କି ସବୁଥାନାରେ ସିସିଟିଭି କ୍ୟାମେରା ଲଗାଇ ନାହିଁ। ତେଣୁ ଓକାକକୁ ଏନେଇ ଚିଠି ଲେଖି ପୋଲିସ ବିଭାଗ ନିଜ ଦୋଷ ଖସାଇବାକୁ ପ୍ରୟାସ କରୁଥିବାବେଳେ ଓକାକ ଏବଂ ଉକ୍ତ ସଂସ୍ଥା ଉପରେ କାର୍ଯ୍ୟାନୁଷ୍ଠାନ ନେଇ ସେପରି ତତ୍ପରତା ନ ଥିବାରୁ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।



ସୂଚନାଯୋଗ୍ୟ, ଗତ ମାର୍ଚ୍ଚ ୨୬ରେ ଅତିରିକ୍ତ ଡିଜିପି ସଞ୍ଜୟ କୁମାର(ଆଇନ୍ ଶୃଙ୍ଖଳା) ଥାନାର ଅଚଳ ସିସିଟିଭି ସଜାଡିବା ସହ ସବୁ ଥାନାରେ ସିସିଟିଭି ଲଗାଇବାକୁ ଗୃହ ବିଭାଗକୁ ଚିଠି ଲେଖିଥିଲେ। ଉକ୍ତ ଚିଠିରେ ଉଲ୍ଲେଖ କରିଥିଲେ ଯେ, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ସମସ୍ତ ଥାନା ଓ ଫାଣ୍ଡିରେ ୨୪ ଘଣ୍ଟିଆ ସିସିଟିଭି କ୍ୟାମେରା କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ ରହିଛି। କିନ୍ତୁ ପୋଲିସ ଏହି ନିର୍ଦ୍ଦେଶକୁ ପାଳନ କରୁଛି। କେବଳ ସିସିଟିଭି ନୁହେଁ, ସିସିଟିଏନ୍‌ଏସ୍ ସମସ୍ୟା ଯୋଗୁ କେନ୍ଦ୍ରୀୟ ମନିଟରିଂ ସିଷ୍ଟମ (ସିଏମ୍‌ଏସ୍) ସହ ୯୮ଟି ଥାନା ଆଦୌ ସଂଯୋଗ ହୋଇପାରି ନାହିଁ। ଅନ୍ୟ ୧୫୧ଟି ଥାନା ପୂର୍ବରୁ ସିସିଟିଏନ୍‌ଏସ୍ ସହ ସଂଯୁକ୍ତ ଥିଲେ ମଧ୍ୟ ବିଭିନ୍ନ ତ୍ରୁଟି କାରଣରୁ ଏବେ ଅକାମୀ ଅବସ୍ଥାରେ ରହିଛି। ଫଳରେ ରାଜ୍ୟର ପ୍ରାୟ ୪୦ ପ୍ରତିଶତ ଥାନା ଏବେ ଡିଜିଟାଲ ସର୍ଭିଲାନ୍ସରୁ ବାହାରେ ରହିଛି। ଏପରିକି ରାଜଧାନୀ ଭୁବନେଶ୍ୱରରେ ସାଇବର ଓ ଅର୍ଥନୀତିକ ଅପରାଧ ଶାଖାରେ ମଧ୍ୟ ସିସିଟିଭି କ୍ୟାମେରା ନାହିଁ କିମ୍ବା ସିସିଟିଏନ୍‌ଏସ୍ ବ୍ୟବସ୍ଥା ମଧ୍ୟ ନ ଥିବା ଜଣାପଡ଼ିଛି। ରାଜ୍ୟର ସମସ୍ତ ଥାନାଗୁଡ଼ିକରେ ଲାଗିଥିବା ମୋଟ ୧୨ହଜାର ୭୯୭ଟି ସିସିଟିଭି କ୍ୟାମେରା ମଧ୍ୟରୁ ୫୧୮ଟି କ୍ୟାମେରା ଏବେ ଅକାମୀ ଅବସ୍ଥାରେ ରହିଛି। ଫାଣ୍ଡିରେ ଲାଗିଥିବା ମୋଟ ୩୮୭୫ଟି କ୍ୟାମେରା ମଧ୍ୟରୁ ୨୪ଟି ଅକାମୀ ରହିଛି। ଏହି ସିସିଟିଭି କ୍ୟାମେରା ଲଗାଇବା ଓ ମେଣ୍ଟେନାନ୍ସ ଦାୟିତ୍ୱ ମୁମ୍ବାଇର ଏକ ସଂସ୍ଥାକୁ ଦିଆଯାଇଛି। ଟେଣ୍ଡର ଚୁକ୍ତିନାମା ଅନୁସାରେ ଉଭୟ ସଂସ୍ଥା ଏବେ ଅକାମୀ ସିସିଟିଭି ମରାମତି କରିବା କଥା। ମାତ୍ର ବାରମ୍ବାର ରିମାଇଣ୍ଡର ପଠାଇଲେ ମଧ୍ୟ ଉକ୍ତ ସଂସ୍ଥା ଏଥିପ୍ରତି ଗୁରୁତ୍ୱ ଦେଉ ନ ଥିବାରୁ ଏହି ସିସିଟିଭି ମରାମତି ଓ ସଚଳ କରିବା ପାଇଁ ଓକାକକୁ ଆବଶ୍ୟକ ନିର୍ଦ୍ଦେଶ ଦେବାକୁ ସଞ୍ଜୟ ଗୃହ ସଚିବଙ୍କୁ ଅନୁରୋଧ କରିଥିଲେ।

**ସାଧାରଣ ସୂଚନା**

ଏତଦ୍ୱାରା ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ ଶ୍ରୀ ଅଶୋକ କୁମାର ସାବତ, ବୟସ ବ୬୩ର୍ଷ, ପିତା : ଶ୍ରୀ ବିଜୟ କୁମାର ସାବତ, ସା : ସୋରଡ଼ା, ଜିଲ୍ଲା : ଗଞ୍ଜାମ ଓ ଶ୍ରୀ କୃଷ୍ଣଚନ୍ଦ୍ର ଦାସ ମହାନ୍ତି, ବୟସ ବ୪୭ର୍ଷ, ପିତା : ଶ୍ରୀ ରାମନାରାୟଣ ମହାନ୍ତି, ସ୍ଥାନ : ଗୁଣୁପୁର, ଜି : ରାୟଗଡ଼ା। ବର୍ତ୍ତମାନ ଫ୍ଲାଟ୍ ନଂ ୩୧୨୨, ଡି. ଏନ୍ ଅକ୍ସି ପାର୍କ, ଡୁମୁଡୁମା, ଭୁବନେଶ୍ୱର, ଜିଲ୍ଲା : ଖୋର୍ଦ୍ଧା "ମା' ବରୁଣେଇ ରିଏଲକନ" ଫାର୍ମର ଅଂଶୀଦାର ଅଟନ୍ତି। ଯାହାର ମୁଖ୍ୟ କାର୍ଯ୍ୟାଳୟ ଫ୍ଲାଟ୍ ନଂ ୩୧୨୨, ଡି. ଏନ ଅକ୍ସି ପାର୍କ, ଡୁମୁଡୁମା, ଭୁବନେଶ୍ୱର, ଜିଲ୍ଲା : ଖୋର୍ଦ୍ଧାରେ ଅବସ୍ଥିତ ଓ ରେଜିଷ୍ଟ୍ରେସନ ନଂ ୧୮୨୦୨୦୨୨୦୦୦୪୧/୨୦୨୨ରେ ଆଇ.ଜି.ଆର୍ ଅଫିସରେ ପଞ୍ଜୀକୃତ ହୋଇଅଛି। ଉକ୍ତ ଫାର୍ମରେ ଦୁଇଟି ନୂତନ ଅଂଶୀଦାର ଧାରା ୧୫ ଅନୁସାରେ ଶ୍ରୀ ମନୋଜ କୁମାର କର, ଡାଇରେକ୍ଟର ଏମ୍ପରନ ସ୍ପେସ ପ୍ରାଇଭେଟ ଲିମିଟେଡ୍, ବୟସ ବ୫୪ର୍ଷ, ପିତା : ଶ୍ରୀ ବିଜୟ ଚନ୍ଦ୍ର କର, ପ୍ଲଟ ନଂ ୩୦୪, ରୟାଲ ହାଇଟ୍ସ ଆପାର୍ଟମେଣ୍ଟ, ମୁଣ୍ଡା ସାହି, ଜୟଦେବ ବିହାର, ଭୁବନେଶ୍ୱର, ଜିଲ୍ଲା : ଖୋର୍ଦ୍ଧା ଓ ଶ୍ରୀମତୀ ଏଲୋରା ପାଢୀ, ବୟସ ବ୪୮ର୍ଷ, ପିତା : ସୁଶିଲ କୁମାର ପାଢୀ, ସା-ପ୍ଲଟ ନଂ ୩୦୪, ରୟାଲ ହାଇଟ୍ସ ଆପାର୍ଟମେଣ୍ଟ, ମୁଣ୍ଡା ସାହି, ଜୟଦେବ ବିହାର, ଭୁବନେଶ୍ୱର, ଜିଲ୍ଲା : ଖୋର୍ଦ୍ଧାଙ୍କୁ ନୂଆ ଅଂଶୀଦାର ଭାବରେ ଅନ୍ତର୍ଭୁକ୍ତ ହେବା ପାଇଁ ସଂଶୋଧନ କରାଯିବ ବୋଲି ପ୍ରସ୍ତାବ ରହିଛି।

ଯଦି ଏହି ନୂତନ ଅଂଶୀଦାରମାନଙ୍କ ଅନ୍ତର୍ଭୁକ୍ତକୁ ନେଇ କୌଣସି ବ୍ୟକ୍ତି, ବ୍ୟାଙ୍କ କିମ୍ବା ଆର୍ଥିକ ଅନୁଷ୍ଠାନର ଆପତ୍ତି ଅଭିଯୋଗ ଥାଏ ତେବେ ତାହା ଏହି ବିଜ୍ଞାପନ ପ୍ରକାଶିତ ହେବାର ୧୪ ଦିନ ଯଥା ୨୬.୦୪.୨୦୨୬ରିଖ ମଧ୍ୟରେ ଲିଖିତ ଭାବରେ ନିମ୍ନଲିଖିତ ଠିକଣାରେ ପହଞ୍ଚିବାକୁ ଅନୁରୋଧ। ନିର୍ଦ୍ଧାରିତ ସମୟ ମଧ୍ୟରେ କୌଣସି ଆପତ୍ତି ଓ ଅଭିଯୋଗ ନ ଆସିଲେ ନୂତମ ଅଂଶୀଦାରମାନଙ୍କୁ ଅନ୍ତର୍ଭୁକ୍ତ କରାଯିବ ଏବଂ ପରେ କୌଣସି ଆପତ୍ତି ଗ୍ରହଣ କରାଯିବ ନାହିଁ।

ପରିଚାଳନା ଅଂଶୀଦାର, ମା' ବରୁଣେଇ ରିଏଲକନ୍,
ତାରିଖ : ୧୧.୦୪.୨୦୨୬ ଫ୍ଲାଟ ନଂ ୩୧୨୨, ଡି ଏନ୍ ଅକ୍ସି ପାର୍କ, ଡୁମୁଡୁମା, ଭୁବନେଶ୍ୱର, ଜିଲ୍ଲା : ଖୋର୍ଦ୍ଧା

**OFFICE OF THE
SUPERINTENDING ENGINEER ELECTRICAL CIRCLE (R&B)
NIRMAN SOUDHA, BHUBANESWAR**

E-mail : seec.bbsr2010@gmail.com
Bid Identification No.S.E.E.C (R&B) 02/2026-27
No.1383/Date : 06.04.2026

**No.34001/33/2627** : The Superintending Engineer, Electrical Circle (R&B), Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in :https://tendersorissa.gov.in. The details of bid documents will be available in the above website from dt.15.04.2026 at 05.00 P.M. to dt.29.04.2026 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened dt.30.04.2026 at 11.30 A.M. in the Office of the Superintending Engineer, Electrical Circle (R&B), Odisha, Bhubaneswar. Further details can be seen from the e-procurement portal www.tendersorissa.gov.in.

Addendum / Corrigendum, if required, will be available only in the Website.

Sd./- Superintending Engineer
Electrical Circle (R&B), Odisha, BBSR

OIPR-34001/34006/1/26-27/0001



ବିଏସ୍‌ଇ ସେନ୍‌ସେକ୍ସ
୭୭, ୫୫୦(+୯୧୮)



୧ ଡଲାର = ୯୩.୦୯ ଟଙ୍କା



ବ୍ରେଣ୍ଟ କ୍ରୁଡ୍ ଅଏଲ୍ (ପ୍ରତି ବ୍ୟାରେଲ୍) ୯୫.୨୦ ଡଲାର

# ଓଡ଼ିଶାରେ ଆଲୁମିନିୟମ ଶିଳ୍ପ ଅଭିବୃଦ୍ଧି ପାଇଁ ଆହ୍ୱାନ

ଭୁବନେଶ୍ୱର,୧୧।୪(ଅନୁରାଧା ମହାରଣା)

ଥିଙ୍କ୍ ଚେଞ୍ଜ ଫୋରମ୍ (ଟିସିଏଫ୍) ଏବଂ ଭୁବନେଶ୍ୱର ସିଟି ନଲେଜ୍ ଇନୋଭେଶନ କ୍ଲଷ୍ଟର ଫାଉଣ୍ଡେଶନ (ବିସିକେଆଇସି) ସହଯୋଗରେ ଏକ ନୀତି ସେମିନାର ଅନୁଷ୍ଠିତ ହୋଇଯାଇଛି। ଏହି ସେମିନାରରେ ବିଶେଷଜ୍ଞମାନେ ଓଡ଼ିଶାର ପରବର୍ତ୍ତୀ ପର୍ଯ୍ୟାୟ ଶିଳ୍ପ ଅଭିବୃଦ୍ଧି ପାଇଁ ଆଲୁମିନିୟମ ନେତୃତ୍ୱାଧୀନ ରଣନୀତି ଗ୍ରହଣ କରିବାକୁ ଆହ୍ୱାନ କରିଛନ୍ତି। ନିବେଶ ନିଗମ ଓଡ଼ିଶା ଲିମିଟେଡ୍ (ଇପିକଲ୍)ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କଲ୍ୟାଣ ଚରଣ ମହାନ୍ତି, ମହିନ୍ଦ୍ରା ବିଶ୍ୱବିଦ୍ୟାଳୟର ଅର୍ଥନୀତିଜ୍ଞ ଏବଂ କାର୍ଯ୍ୟକ୍ରମ ନିର୍ଦ୍ଦେଶକ ପ୍ରଫେସର ନୀଳାଞ୍ଜନ ବଣିକ, ସିଏସ୍ଆଇଆର୍-ଆଇଏମ୍ଏମ୍‌ଟିର ବରିଷ୍ଠ ପ୍ରମୁଖ ବୈଜ୍ଞାନିକ ଡ.ଚିନ୍ମୟ ଷଡ଼ଙ୍ଗୀ, ଇନୋକ୍ୟୁଲର ସିଓଓ ରବିକାନ୍ତ ମୁଣ୍ଡ, ଭାରତୀୟ ଭୂତାତ୍ତ୍ୱିକ ସର୍ବେକ୍ଷଣର ପୂର୍ବତନ ଉପ ନିର୍ଦ୍ଦେଶକ ଡ. ମନୋରଞ୍ଜନ ମହାନ୍ତି, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ପୂର୍ବତନ ମୁଖ୍ୟ ପରିବେଶଗତ ଇଂ ଡ. ନିହାର ରଞ୍ଜନ ସାହୁ, ବିସିକେଆଇସିର ଅଧ୍ୟକ୍ଷ ପ୍ରଫେସର ମୃତ୍ୟୁଞ୍ଜୟ ସୁଆର ଓ ଖଣି ମନ୍ତ୍ରଣାଳୟର ଭାରତୀୟ ଖଣି ବ୍ୟୁରୋର ପୂର୍ବତନ ନିୟନ୍ତ୍ରକ ଜେନେରାଲ ଆର୍. କେ. ସିହ୍ନା ପ୍ରମୁଖ ବିସ୍ତୃତ ଆଲୋଚନା କରିଛନ୍ତି।

ଓଡ଼ିଶା ବିଶ୍ୱର ପଞ୍ଚମ ବୃହତ୍ତମ ବକ୍ସାଇଟ୍ ସମ୍ପଦ ଏବଂ ଭାରତର ମୋଟ ବକ୍ସାଇଟ୍ ସମ୍ପଦର ୫୧% ଧାରଣ କରିଥିବା ସତ୍ତ୍ୱେ ଆଲୁମିନିୟମ କ୍ଷେତ୍ର ଏପର୍ଯ୍ୟନ୍ତ ଅବିକଶିତ ରହିଛି। ରାଜ୍ୟ ପ୍ରତିବର୍ଷ ବହୁ ପରିମାଣର ବକ୍ସାଇଟ୍ ଓ ଆଲୁମିନିୟମ୍ ଆମଦାନୀ କରୁଛି, ଯାହା ହଜାରେ କୋଟି ଟଙ୍କାର ବୈଦେଶିକ ମୁଦ୍ରା ବୋଝ ସୃଷ୍ଟି କରୁଛି ଏବଂ କଳାହାଣ୍ଡି, ରାୟଗଡ଼ା ଭଳି ଖଣିଜ ସମୃଦ୍ଧ ଜିଲାଗୁଡ଼ିକରେ ନିଯୁକ୍ତି ଓ ଆର୍ଥିକ ବିକାଶର ସୁଯୋଗ ହରାଉଛି। ସେମିନାରରେ ବକ୍ସାଇଟକୁ ଡାଉନଷ୍ଟ୍ରିମ୍ ମୂଲ୍ୟ ଶୃଙ୍ଖଳା ସହ ଯୋଡ଼ି ଆଲୁମିନିୟମ୍ କରିଡର ସୃଷ୍ଟିକରିବା, ଲାଞ୍ଜିଗଡ଼ ରିଫାଇନେରି ପ୍ରକଳ୍ପକୁ ତ୍ୱରାନ୍ୱିତ କରିବା, ଏମ୍ଏସ୍ଏମ୍ଇ ଓ ସ୍ଥାନୀୟ ଉଦ୍ୟୋଗକୁ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ମାତ୍ର ୩ଟି ବକ୍ସାଇଟ୍ ଖଣି କ୍ଲଷ୍ଟର ପୂର୍ଣ୍ଣ କାର୍ଯ୍ୟକ୍ଷମ କଲେ ରାଜ୍ୟର ଜିଏସ୍‌ଡିପି ଉପରେ ବାର୍ଷିକ ପ୍ରାୟ ୧୮,୦୦୦ କୋଟି ଟଙ୍କା ଯୋଡ଼ିହୋଇପାରିବ।

# ଆଗକୁ ଅର୍ଥନୈତିକ ସ୍ଥିତି ଗମ୍ଭୀର ହେବାକୁ ଯାଉଛି

## ଯୁଦ୍ଧ ପ୍ରଭାବକୁ ନେଇ ବିଶ୍ୱବ୍ୟାଙ୍କର ଚେତାବନୀ

ୱାଶିଂଟନ୍, ୧୧।୪

ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ନେଇ ଭୂ-ରାଜନୀତି ସ୍ତରରେ ଦ୍ରୁତ ପରିବର୍ତ୍ତନ ହୋଇଥିଲାବେଳେ ବୈଶ୍ୱିକ ଅର୍ଥନୀତି କ୍ଷେତ୍ର ମଧ୍ୟ ପ୍ରଭାବିତ ହେବାରେ ଲାଗିଛି। ଯୁଦ୍ଧ ପ୍ରଭାବରେ ଇନ୍ଧନ ଯୋଗାଣ ମାତ୍ରାଧିକ ବ୍ୟାହତ ହୋଇଥିବାରୁ ଏହା ଶିଳ୍ପ, ଉଦ୍ୟୋଗ କ୍ଷେତ୍ର ସହିତ ସାଧାରଣ ଜୀବନଯାପନ କ୍ଷେତ୍ରକୁ ପ୍ରଭାବିତ କରିଛି। କିନ୍ତୁ ଯୁଦ୍ଧ ପ୍ରଭାବିତ ଅର୍ଥନୀତିର ଅସଲ ରୂପ ଏବେ ଦେଖାଯାଇ ନାହିଁ, ଆଗକୁ ଏହାର ପ୍ରକୃତ ସ୍ଥିତି ଜଣାପଡ଼ିବା ସହ ଏହା



ଅଜୟ ବାଙ୍ଗା

ଗମ୍ଭୀର ସ୍ଥିତି ଉପୁନ୍ନ କରିବାକୁ ଯାଉଛି ବୋଲି ବିଶ୍ୱବ୍ୟାଙ୍କ ସତର୍କ କରାଇ ଦେଇଛି। ବର୍ତ୍ତମାନ ଅର୍ଥନୀତି ଉପରେ ଯୁଦ୍ଧର ପ୍ରଭାବ ଯାହା ରହିଛି, ତାହା ଅନୁଭବ କରିହେଉ ନାହିଁ। କିନ୍ତୁ ଅଳ୍ପ କିଛିଦିନ ପରେ ଏହାର ଅସଲ ପ୍ରଭାବ ଜଣାପଡ଼ିବ ଏବଂ ଏହା ବିଭିନ୍ନ କ୍ଷେତ୍ରରେ ଅସାମଞ୍ଜସ୍ୟ ସୃଷ୍ଟି କରିବା ସହ ଗମ୍ଭୀର ସ୍ଥିତି ଉପୁନ୍ନ କରିବ। ଏପରି କି ଯୁଦ୍ଧ ବନ୍ଦ ହେଲେ ମଧ୍ୟ ସାମଗ୍ରିକ ଅର୍ଥନୀତି ବ୍ୟବସ୍ଥା ଉପରେ ଏହାର ପ୍ରଭାବ ଜାରି ରହିବ ବୋଲି ବିଶ୍ୱବ୍ୟାଙ୍କ ସଭାପତି ଅଜୟ ବାଙ୍ଗା ସତର୍କ କରାଇ ଦେଇଛନ୍ତି। ସେ କହିଛନ୍ତି, ଯୁଦ୍ଧ ପ୍ରଭାବ ଏବେ ଅର୍ଥନୀତି ଉପରେ ପଡ଼ିବା ଆରମ୍ଭ ହୋଇଛି। କିନ୍ତୁ ସ୍ଥିତି ଏଭଳି ହୋଇଛି ଯେ ଯଦି ଏବେ ବି ଯୁଦ୍ଧ ବନ୍ଦ ହୁଏ, ତଥାପି ଏହା ଆଗାମୀ ଦିନରେ ସୃଷ୍ଟି ହେବାକୁ ଯାଉଥିବା ଖରାପ ସ୍ଥିତିକୁ ରୋକିପାରିବ ନାହିଁ। ଇରାନ୍ ଏବଂ ଆମେରିକା ମଧ୍ୟରେ ଲାଗୁ ହୋଇଥିବା ଯୁଦ୍ଧ ବିରତି ଆଗକୁ ଜାରି ରହିଲେ ମଧ୍ୟ ବୈଶ୍ୱିକ ଅର୍ଥନୀତି ୦.୩ରୁ ୦.୪ ପ୍ରତିଶତ ହ୍ରାସ ପାଇବ। କିନ୍ତୁ ପୁଣି ଯୁଦ୍ଧ ହେଲେ ବୈଶ୍ୱିକ ଅଭିବୃଦ୍ଧି ୧ ପ୍ରତିଶତ ହ୍ରାସ ପାଇବ ବୋଲି ବାଙ୍ଗା କହିଛନ୍ତି।

# ଶିକ୍ଷା ବ୍ୟବସାୟ ନୁହେଁ, ଭବିଷ୍ୟତ ଗଢ଼ିବାର ମାଧ୍ୟମ

**ଶିକ୍ଷା ଶିଳ୍ପରେ ଜଣେ ଆଗଧାଡ଼ିର ଉଦ୍ୟୋଗୀ ଭାବେ ସୋମଦତ୍ତ ବେହୁରା ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଭୁବନେଶ୍ୱରସ୍ଥିତ କେ.ଟି. ଗ୍ଲୋବାଲ୍ ସ୍କୁଲର ପ୍ରତିଷ୍ଠାତା ସୋମଦତ୍ତ ବେହୁରା ଛାତ୍ରୀଛାତ୍ରଙ୍କ ସହ ବ୍ୟକ୍ତିଗତ ଭାବେ ଜଡ଼ିତ ହୋଇ ମାର୍ଗଦର୍ଶନରେ ସର୍ବଦା ଗୁରୁତ୍ୱ ଦେଇଥା'ନ୍ତି। ଶିକ୍ଷାଶିଳ୍ପକୁ ଏକ ନୂତନ ଦିଗ ଦେଇଥିବା ସୋମଦତ୍ତଙ୍କ ସହ ସ୍ୱତନ୍ତ୍ର ସାକ୍ଷାତ୍କାର...**



ସୋମଦତ୍ତ ବେହୁରା

**ପ୍ର- ଶିକ୍ଷା ଶିଳ୍ପର ଜଣେ ପ୍ରମୁଖ ଉଦ୍ୟୋଗୀ ଭାବେ ଦେଶରେ ଶିକ୍ଷା କ୍ଷେତ୍ର କେଉଁ ସବୁ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛି ବୋଲି ଆପଣ ଭାବନ୍ତି?**

ଉ- ଭାରତୀୟ ଶିକ୍ଷା ବ୍ୟବସ୍ଥା ବହୁତ ପୁରୁଣା ହୋଇଗଲାଣି ଏବଂ ଆଜିର ଦୁନିଆ ସହ ମେଳ ଖାଉନାହିଁ। ଏଥିପାଇଁ ଶ୍ରେଣୀଗୃହରେ ପଢ଼ା ଏବଂ ବାସ୍ତବ ଜୀବନ ମଧ୍ୟରେ ବହୁତ ଫରକ ରହିଛି। ଏପରିକି ଭଲ ଛାତ୍ରୀଛାତ୍ରମାନଙ୍କୁ ମଧ୍ୟ ସଂଘର୍ଷ କରିବାକୁ ପଡୁଛି। ଆମେ ଏବେ ବି ମାର୍କକୁ ଅଧିକ ଗୁରୁତ୍ୱ ଦେଉଛୁ, ପ୍ରକୃତ ଜ୍ଞାନ ଏବଂ ବୁଝିବା ବଦଳରେ ଘୋଷା ଉପରେ ଜୋର ଦେଉଛୁ। ଛାତ୍ରୀଛାତ୍ରମାନେ କେବଳ ଶୁଣନ୍ତି ଏବଂ ଯାହା ପଢ଼ାଯାଏ ସେହିପରି ଲେଖନ୍ତି, ପ୍ରଶ୍ନ କରିବାକୁ ଉତ୍ସାହିତ କରାଯାଏ ନାହିଁ। ଶିକ୍ଷକମାନଙ୍କ ପାଖରେ ଭଲ ସମ୍ବଳ, ତାଲିମ ଏବଂ ସ୍ୱାଧୀନତା ନାହିଁ ଯାହାଦ୍ୱାରା ସେମାନେ ନୂଆ ଉପାୟରେ ପଢ଼ାଇ ପାରିବେ। ସମାଜର ଚାପ ଯୋଗୁ ଛାତ୍ରୀଛାତ୍ରମାନେ ନୂଆ କିଛି ଚେଷ୍ଟା କରିବାକୁ ଡରନ୍ତି। ସେମାନେ ବିଫଳତାର ଭୟ, ବାପାମା'ଙ୍କ ଆଶା ଏବଂ ସାଙ୍ଗମାନଙ୍କ ସହ ତୁଳନାକୁ ଆଖି ଆଗରେ ରଖି ଆଗକୁ ବଢ଼ନ୍ତି।

**ପ୍ର) ଡିଜିଟାଲ ବିପ୍ଳବ ଆସିଯାଇଥିବାବେଳେ ଶିକ୍ଷା କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତାର କ'ଣ ପ୍ରଭାବ ପଡ଼ିବ?**

ଉ- ଡିଜିଟାଲ ବିପ୍ଳବ ଇଣ୍ଟରନେଟ୍ ସହିତ ଆରମ୍ଭ ହୋଇଥିଲା ମାତ୍ର ଶିଖିବାର ଅର୍ଥକୁ କୃତ୍ରିମ ବୁଦ୍ଧିମତ୍ତା ମୌଳିକ ଭାବରେ ପରିବର୍ତ୍ତନ କରିଛି। ଏଆଇର ପ୍ରକୃତ ପ୍ରଭାବକୁ ବୁଝିବା ପାଇଁ, ଆମକୁ ପ୍ରଥମେ ପ୍ରାକୃତିକ ବୁଦ୍ଧିମତ୍ତା - ଚିନ୍ତା କରିବା, ଯୁକ୍ତି କରିବା ଏବଂ ବିକଶିତ ହେବାର ମାନବ କ୍ଷମତାକୁ ବୁଝିବାକୁ ପଡିବ। ଏଆଇ କିଛି ଲୋକଙ୍କ ପାଇଁ ନବସୃଜନକୁ ତ୍ୱରାନ୍ୱିତ କରି ଏହି ଅସନ୍ତୁଳନକୁ ବୃଦ୍ଧି କରିବାର ବିପଦ ସୃଷ୍ଟି କରେ। ସ୍ୱାଧୀନ ଭାବରେ ଚିନ୍ତା କରିବା ଏବଂ ଶିଖିବାର ଆବଶ୍ୟକତାକୁ କମାଇଦିଏ। ମାନବୀୟ ବୁଦ୍ଧିମତ୍ତା ତୀକ୍ଷ୍ଣ ଏବଂ ସକ୍ରିୟ ରଖିବା ପାଇଁ ଆମକୁ ପ୍ରାଥମିକ ଶିକ୍ଷାରେ ପ୍ରଥମ ନୀତି ଚିନ୍ତାଧାରା - ଏଆଇ ବିକାଶର ମୂଳଦୁଆ - ତୁରନ୍ତ ପ୍ରଚଳନ କରିବାକୁ ପଡିବ।

**ପ୍ର-ଭାରତୀୟ ଶିକ୍ଷା ବ୍ୟବସ୍ଥାରେ ଚିନ୍ତନ, ସୃଜନଶୀଳତା ଏବଂ ବ୍ୟବହାରିକ ଦକ୍ଷତାକୁ ପ୍ରୋତ୍ସାହିତ କରାଯିବା ପରିବର୍ତ୍ତେ ପାଠ ଘୋଷିବା ଏବଂ ପରୀକ୍ଷାରେ ଅଧିକ ମାର୍କ ହାସଲ ଉପରେ ଗୁରୁତ୍ୱ ଦେଉଥିବା ଅନେକେ ସମାଲୋଚନା କରନ୍ତି। ଛାତ୍ରମାନଙ୍କୁ ସେହି ଅନୁସାରେ ପ୍ରସ୍ତୁତ କରିବା ପାଇଁ କ'ଣ ପଦକ୍ଷେପ ନିଆଯିବା ଉଚିତ?**

ଉ- ଆମକୁ ପାଠ୍ୟକ୍ରମର ଅତିରିକ୍ତ ଚାପ ହ୍ରାସ କରିବାକୁ ପଡିବ ଏବଂ ଗୁଣାତ୍ମକ, ଗଭୀର ଶିକ୍ଷା ଉପରେ ଧ୍ୟାନ ଦେବାକୁ ପଡିବ। ଶିକ୍ଷାଦାନ ସଠିକ୍ ପ୍ରଶ୍ନର ଉତ୍ତର ଦେବା ପରିବର୍ତ୍ତେ ଉତ୍ସାହିତ କରିବା ଉଚିତ। ବିଦ୍ୟାଳୟଗୁଡ଼ିକୁ ବାସ୍ତବ ଜୀବନ ଅଭିଜ୍ଞତା ମାଧ୍ୟମରେ ତାତ୍ତ୍ୱିକ ଜ୍ଞାନରୁ ଅଭିଜ୍ଞତାମୂଳକ ଏବଂ ବ୍ୟବହାରିକ ଶିକ୍ଷା ଆଡ଼କୁ ଯିବା ଉଚିତ। ମୂଲ୍ୟାଙ୍କନ କେବଳ ଆଉଟପୁଟ୍ କିମ୍ବା ମାର୍କ ବଦଳରେ ଚିନ୍ତାଧାରାର ଗଭୀରତା ମୂଲ୍ୟାଙ୍କନ କରିବା ଉଚିତ।

**ପ୍ର-ଏପର୍ଯ୍ୟନ୍ତ ଆପଣଙ୍କର ଯାତ୍ରା କିପରି ରହିଛି? ଇଣ୍ଡିଆନ୍ ପବ୍ଲିକ୍ ସ୍କୁଲ ଛାତ୍ରମାନଙ୍କ ପାଇଁ କିପରି ଏକ ପସନ୍ଦଯୋଗ୍ୟ ସ୍ଥାନ କାହିଁକି?**

ଉ- ପରିବର୍ତ୍ତନ କେବେବି ସହଜ ନୁହେଁ, କିନ୍ତୁ କେଟି ଗ୍ଲୋବାଲ୍ ସ୍କୁଲରେ ଆମର ଯାତ୍ରା ଗଭୀର ଭାବରେ ଉଦ୍ଦେଶ୍ୟମୂଳକ। 'ଟ୍ରାନ୍ସଫର୍ମିଂ ମାଇଣ୍ଡ୍' ସ୍ଲୋଗାନ ସହିତ ଆରମ୍ଭ କରି, ଆମେ ଶିକ୍ଷକମାନଙ୍କୁ ପୁନଃ ପ୍ରଶିକ୍ଷିତ କରି, ପିତାମାତାଙ୍କ ଆଶାକୁ ପୁନଃଆକୃତି ଦେଇ ଏବଂ ଏକ ପାଠ୍ୟକ୍ରମ ପ୍ରଚଳନ ସହ ପାରମ୍ପରିକ ଶିକ୍ଷା ବ୍ୟବସ୍ଥାକୁ ପୁନଃ ପରିଭାଷିତ କରୁଛୁ। କେଟି ଗ୍ଲୋବାଲ୍ ସ୍କୁଲକୁ ସ୍ୱତନ୍ତ୍ର କରିବା ପାଇଁ ଆମେ ପରୀକ୍ଷାରେ ଅଧିକ ମାର୍କ ପାଇଁ ପିଲାମାନଙ୍କୁ ଚାପ ପକାଉନାହୁଁ। ବରଂ ଆମେ ସେମାନଙ୍କୁ ଗଭୀର ଭାବରେ ଚିନ୍ତା କରିବା ପାଇଁ ପ୍ରୋତ୍ସାହିତ କରୁ। ଅନୁକୂଳ ପରିବେଶ ଗଠନ ସହ ଛାତ୍ରୀଛାତ୍ରଙ୍କ ପାଇଁ ଆମେ ବାସ୍ତବ ଦୁନିଆ ପାଇଁ ପ୍ରସ୍ତୁତ କରୁ।

**ପ୍ର-୫. ଆପଣଙ୍କର ଦୃଷ୍ଟିକୋଣ ଏବଂ ନିଷ୍ଠା ଏହି ପ୍ରତିଷ୍ଠାନକୁ ନୂତନ ଉଚ୍ଚତାରେ ପହଞ୍ଚାଇଛି, ଏହି ଶିଳ୍ପରେ ପ୍ରବେଶ କରିବାକୁ ଚାହୁଁଥିବା ବ୍ୟକ୍ତିମାନଙ୍କୁ ଆପଣ କ'ଣ ପରାମର୍ଶ ଦେବେ?**

ଉ- ହଁ, ମୁଁ କେବଳ ଏତିକି କହିପାରିବି ଯେ ଶିକ୍ଷା ହେଉଛି ଏକମାତ୍ର ଶିଳ୍ପ ଯେଉଁଠାରେ ଆପଣଙ୍କ ପ୍ରୟାସର ପ୍ରକୃତ ଫଳାଫଳ ତୁରନ୍ତ ମିଳିନପାରେ, ମାତ୍ର ଦୀର୍ଘକାଳୀନ ଭାବରେ ଏହା ଅପରିବର୍ତ୍ତନୀୟ ହେବ। ଶିକ୍ଷା ବ୍ୟବସାୟ ନୁହେଁ, ଭବିଷ୍ୟତକୁ ସୂଚାରୁ ରୂପେ ଗଢ଼ିବାର ମାଧ୍ୟମ। ତେଣୁ ଆପଣଙ୍କର ପଥ ବହୁତ ସତର୍କତାର ସହିତ ବାଛନ୍ତୁ କାରଣ ଏକ ବ୍ୟବସାୟ ସହ ଆହୁରି ବହୁତ କିଛି କରୁଛନ୍ତି। ଆପଣଙ୍କ ଛାତ୍ରମାନଙ୍କ ମାଧ୍ୟମରେ, ଆପଣ ସମାଜ, ଦେଶ ଏବଂ ବିଶ୍ୱକୁ ଗଠନ କରୁଛନ୍ତି। ଆପଣଙ୍କ ଉଦ୍ଦେଶ୍ୟ ବିଷୟରେ ସ୍ପଷ୍ଟ ରୁହନ୍ତୁ ଏବଂ ଫଳାଫଳ ପ୍ରତି ଧୈର୍ଯ୍ୟ ରଖନ୍ତୁ।

# ଆଇଏନ୍‌ଡବ୍ଲ୍ୟୁଇସିର ନୂତନ ନେତୃତ୍ୱ ଘୋଷଣା

ଭୁବନେଶ୍ୱର,୧୧।୪(ଅନୁରାଧା ମହାରଣା)

ଆଇସିସି ଜାତୀୟ ମହିଳା ଉଦ୍ୟୋଗୀ ପରିଷଦ (ଆଇଏନ୍‌ଡବ୍ଲ୍ୟୁଇସି), ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ (ଆଇସିସି)ର ତତ୍ତ୍ୱାବଧାନରେ ପରିବର୍ତ୍ତନ ଏବଂ ସଂସ୍ଥାପନ ଉତ୍ସବ ୨୦୨୬ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ନୂତନ ନେତୃତ୍ୱ ଦଳ ଘୋଷଣା ଏବଂ ଏହାର ଭିଜନ ୨୦୨୬-୨୦୨୮ ଉନ୍ମୋଚନ ସହିତ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଥିଲା। ଏହି କାର୍ଯ୍ୟକ୍ରମରେ ଆଇସିସିର ଅଧ୍ୟକ୍ଷ ରାଜୀବ ସାହୁ, ବରିଷ୍ଠ ଉପାଧ୍ୟକ୍ଷ ଧର୍ମାଦିତ୍ୟ ପଟ୍ଟନାୟକ, ଆଇସିସିର ଉପାଧ୍ୟକ୍ଷ ନୀଲାଞ୍ଜନା ମୁଖାର୍ଜୀ ଓ ଯୁଗ୍ମ ନିର୍ଦ୍ଦେଶକ ଏବଂ କ୍ଷେତ୍ରୀୟ ମୁଖ୍ୟ ଜେ.ପି. ପାଲ ପ୍ରମୁଖ ଯୋଗଦେଇଥିଲେ। ସମାରୋହରେ ବିଦାୟୀ ଆବାହିକା ପ୍ରୀତି ପଲ୍ଲବୀ ପଟ୍ଟନାୟକଙ୍କୁ ସମ୍ମାନିତ କରାଯାଇଥିଲା। ଏକ ନୂତନ ଅଧ୍ୟାୟର ଆରମ୍ଭ କରି, ସିଏ ସ୍ୱାତୀ କେଜରିୱାଲ, ପରିଚାଳନା ସହଯୋଗୀ, ଓମ୍ କେଜରିୱାଲ ଏବଂ କମ୍ପାନୀ ଆବାହିକା ଭାବରେ କାର୍ଯ୍ୟଭାର ଗ୍ରହଣ କରିଥିଲେ। ସୁମା ଦେବୀ ଦାଶ ଏବଂ ଜୋସେଫ୍ସ ସହ-ଆବାହିକା ଭାବରେ କାର୍ଯ୍ୟଭାର ଗ୍ରହଣ କରିଥିଲେ।

# ମଧୁକୁଞ୍ଜ ଗୋଲ୍ଡ ପକ୍ଷରୁ ମେକିଂ ଚାର୍ଜରେ ୫୦% ରିହାତି

ଭୁବନେଶ୍ୱର, ୧୧।୪

ପବିତ୍ର ଅକ୍ଷୟତୃତୀୟା ଅବସରରେ ନିଜ ଅନୁଭବକୁ ଆହୁରି ସୁଖମୟ ଏବଂ ରୁଦ୍ଧିମନ୍ତ କରିବାକୁ ଅନ୍ୟତମ ପ୍ରମୁଖ ଅଳଙ୍କାର ବ୍ରାଣ୍ଡ ମଧୁକୁଞ୍ଜ ଗୋଲ୍ଡ ଓ ଡାଏମଣ୍ଡ ଗ୍ରାହକମାନଙ୍କ ପାଇଁ ଅପୂର୍ବ ସୁଯୋଗ ଆଣିଛି। ଉନ୍ନତ ତଥା ଅତ୍ୟାଧୁନିକ କାରୁକାର୍ଯ୍ୟପୂର୍ଣ୍ଣ ଅଳଙ୍କାର ପ୍ରସ୍ତୁତି କ୍ଷେତ୍ରରେ ଗ୍ରାହକ ମହଲରେ ବେଶ୍ ବିଶ୍ୱସନୀୟ ହୋଇ ରହିଥିବା ଏହି ଅଳଙ୍କାର ବ୍ରାଣ୍ଡ ଭୁବନେଶ୍ୱର ସମେତ କଟକ ଓ ଜଟଣୀରେ ଏହାର ଗ୍ରାହକମାନଙ୍କ ପାଇଁ ସ୍ୱତନ୍ତ୍ର ରିହାତି ଘୋଷଣା କରିଛି। ଅକ୍ଷୟତୃତୀୟାରେ ଗ୍ରାହକମାନଙ୍କୁ ଗହଣା କିଣିବା କ୍ଷେତ୍ରରେ ଅଧିକ ସୁବିଧା ସୁଯୋଗ ଦେବା ଲକ୍ଷ୍ୟରେ ମଧୁକୁଞ୍ଜ ଗୋଲ୍ଡ ସୁନା ଅଳଙ୍କାର ମେକିଂ ଚାର୍ଜରେ ଫ୍ଲାଟ୍ ୫୦ ପ୍ରତିଶତ ରିହାତି ସହିତ ଡାଏମଣ୍ଡ ଜ୍ୱେଲେରିରେ ଶତପ୍ରତିଶତ ମେକିଂ ଚାର୍ଜ ଛାଡ଼ ଘୋଷଣା କରିଛି। ଏହାଛଡ଼ା ଜଣେ ଗ୍ରାହକ ଚାହିଁଲେ ୧୦ ପ୍ରତିଶତ ଅଗ୍ରୀମ ଦେଇ ତାଙ୍କର ଅଳଙ୍କାର ବୁକ୍ କରିପାରିବେ ଏବଂ ସୁନା ମୂଲ୍ୟ ବୃଦ୍ଧିଜନିତ ଅସୁବିଧାରୁ ସୁବିଧା ଲାଭ କରିପାରିବେ ବୋଲି କୁହାଯାଇଛି।

# ୟୁପିଆଇ ୟୁଜର ଫି'କୁ ବିରୋଧ

ନୂଆଦିଲ୍ଲୀ,୧୧।୪

କେନ୍ଦ୍ର ସରକାର ଭାରତର ୟୁପିଆଇ (ୟୁନିଫାଏଡ୍ ପେମେଣ୍ଟେସ୍ ଇଣ୍ଟରଫେସ୍) ବ୍ୟବସ୍ଥାକୁ ନେଇ ଦେଶବିଦେଶରେ ଚର୍ଚ୍ଚା କରୁଛନ୍ତି। ଭାରତର ଏହି ବ୍ୟବସ୍ଥାକୁ ଅନ୍ୟ ଦେଶରେ ଲାଗୁ କରିବାକୁ ପ୍ରୋତ୍ସାହନ ଦେଉଛନ୍ତି। ବର୍ତ୍ତମାନ ଭାରତରେ ପ୍ରାୟ ସବୁବର୍ଗର ଲୋକ ଏହି ବ୍ୟବସ୍ଥାରେ ନେଣଦେଣ କରିବାକୁ ଅଭ୍ୟସ୍ତ ହୋଇସାରିଥିଲାବେଳେ ସରକାର ଏହା ଉପରେ ଟ୍ରାଞ୍ଜାକ୍ସନ ବା ୟୁଜର ଫି ଲାଗୁ କରିବାକୁ ଯୋଜନା କରିଛନ୍ତି। କିନ୍ତୁ ସରକାର ୟୁଜର ଫି ଲାଗୁକଲେ ପ୍ରତି ୪ ଜଣରୁ ୩ ଜଣ ୟୁପିଆଇ ବ୍ୟବସ୍ଥାରୁ ଓହରିଯିବେ ବୋଲି ଏ ସମ୍ପର୍କରେ କରାଯାଇଥିବା ଏକ ସର୍ଭେରୁ ଜଣାପଡ଼ିଛି। ବର୍ତ୍ତମାନ ୟୁପିଆଇ ବ୍ୟବହାର କରୁଥିବା ଲୋକମାନଙ୍କ ମଧ୍ୟରୁ ପ୍ରତି ୧୦୦ରୁ ୭୫ ଜଣ ଆଉ ୟୁପିଆଇ ମାଧ୍ୟମରେ କାରବାର କରିବେ ନାହିଁ ବୋଲି କହିଛନ୍ତି। ଏଭଳି ହେଲେ ଭାରତର ୟୁପିଆଇ ବ୍ୟବହାରକାରୀ ଲୋକଙ୍କ ସଂଖ୍ୟା ନଗଣ୍ୟ ହୋଇପଡ଼ିବ ବୋଲି କୁହାଯାଉଛି। ଦେଶର ୩୭୬ ଜିଲାରେ ୟୁପିଆଇ ବ୍ୟବହାର କରିବା ନେଇ ସର୍ଭେ କରାଯିବା ସହ ପ୍ରାୟ ୪୦ ହଜାର ଲୋକଙ୍କ ମତାମତ ନିଆଯାଇଥିଲା। ଉଲ୍ଲେଖଯୋଗ୍ୟ, ଭାରତରେ ଦିନକୁ ଦିନ ୟୁପିଆଇ ବ୍ୟବହାର ସଂଖ୍ୟା ବଢ଼ିଚାଲିଛି।

# ଓଡ଼ିଶା ଜୁଏଲେରି ଶୋ'ର ୬ଷ୍ଠ ସଂସ୍କରଣ ଉଦଘାଟିତ

ଭୁବନେଶ୍ୱର,୧୧।୪(ଅନୁରାଧା ମହାରଣା)




ରାଜ୍ୟର ସର୍ବବୃହତ୍ତମ ଅଳଙ୍କାର ପ୍ରଦର୍ଶନୀ 'ଓଡ଼ିଶା ଜୁଏଲେରି ଶୋ'ର ୬ଷ୍ଠ ସଂସ୍କରଣ ଶନିବାର ଭୁବନେଶ୍ୱରସ୍ଥିତ ଏକ ହୋଟେଲରେ ଉଦ୍‌ଘାଟିତ ହୋଇଯାଇଛି। କେଏନ୍‌ସି ସର୍ଭିସେସ୍ ଆୟୋଜିତ ଏହି ପ୍ରଦର୍ଶନୀ ରବିବାର ସରିବ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବରେ ସତ୍ୟବାଦୀ ବିଧାୟକ ଓ ଜିଲା ଯୋଜନା ସମିତି ଅଧ୍ୟକ୍ଷ ଓମ୍ ପ୍ରକାଶ ମିଶ୍ର ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ଉତ୍ସବରେ ଓଡ଼ିଶା ଜୁଏଲର୍ସ ଆସୋସିଏଶନ ଅଧ୍ୟକ୍ଷ ସଞ୍ଜୟ ସାହୁ, ସମ୍ପାଦକ ସୌରଭ ରାୟ, ଭୁବନେଶ୍ୱର ଜୁଏଲର୍ସ ଆସୋସିଏଶନର ଅଧ୍ୟକ୍ଷ କେ. ବଦ୍ରିନାରାୟଣ ସୁବୁଦ୍ଧି, ସମ୍ପାଦକ ଜଗନ୍ନାଥ ସାହୁ, ବ୍ରହ୍ମପୁର ଜୁଏଲର୍ସ ଆସୋସିଏଶନ ଅଧ୍ୟକ୍ଷ ପି. ସତ୍ୟନାରାୟଣ ସେନାପତି ଏବଂ ସମ୍ପାଦକ ଏପାରୀ ଶିବପ୍ରସାଦ ରାଓଙ୍କ ସମେତ ଖିମ୍‌ଜୀ ଜୁଏଲର୍ସର ଏମ୍‌ଡି ମିତେଶ୍ ଖିମ୍‌ଜୀ ଓ ଅରୁନ୍ଧତୀ ଜୁଏଲର୍ସର ଏମ୍‌ଡି ବ୍ରହ୍ମାନନ୍ଦ ମେହେର ପ୍ରମୁଖ ଯୋଗଦେଇଥିଲେ। ଏଥରର ପ୍ରଦର୍ଶନୀରେ ୭୦ରୁ ଅଧିକ କମ୍ପାନୀ ଅଂଶଗ୍ରହଣ କରୁଛନ୍ତି, ଯେଉଁଥିରେ ୫୦ରୁ ଉର୍ଦ୍ଧ୍ୱ ପ୍ରମୁଖ ଜୁଏଲେରି ବ୍ରାଣ୍ଡ ରହିଛି। ରୟାଲ୍ ଚେନ୍ ଲିମିଟେଡ୍, ପଦ୍ମାବତୀ ଚେନ୍ ଆଣ୍ଡ ଜୁଏଲସ୍, ବାଙ୍କ ଗେମସ୍ ଆଣ୍ଡ ଜୁଏଲେରି ଭଳି ପ୍ରସିଦ୍ଧ ବ୍ରାଣ୍ଡ ସମେତ ଅଳଙ୍କାର ମେସିନାରି ଓ ଆନୁଷଙ୍ଗିକ ଉତ୍ପାଦ ପ୍ରଦର୍ଶନ ପାଇଁ ମଧ୍ୟ ୧୦ରୁ ଅଧିକ କମ୍ପାନୀ ଯୋଗଦେଇଛନ୍ତି। ରାଜ୍ୟ ଓ ଆଖପାଖ ଅଞ୍ଚଳରେ ବ୍ୟାପକ ପ୍ରଚାର କରିଥିବାରୁ ପ୍ରାୟ ୨,୦୦୦ରୁ ଉର୍ଦ୍ଧ୍ୱ ଗ୍ରାହକ ଓ ବ୍ୟବସାୟୀଙ୍କ ଆଗମନ ହେବ ବୋଲି ଆଶା କରାଯାଉଛି। କେଏନ୍‌ସି ସର୍ଭିସେସ୍‌ର ଏମ୍‌ଡି କ୍ରାନ୍ତି ନାଗଭେକର କହିଛନ୍ତି, ଓଡ଼ିଶା ଜୁଏଲେରି ଶୋ'ର ୬ଷ୍ଠ ସଂସ୍କରଣକୁ ଆମେ ରାଜ୍ୟର ଜୁଏଲେରି ବ୍ୟବସାୟର ଏକ ଶକ୍ତିଶାଳୀ ପ୍ଲାଟ୍‌ଫର୍ମ ଭାବରେ ପ୍ରସ୍ତୁତ କରିଛୁ।

# ବ୍ୟାଙ୍କ ଅଫ୍ ଇଣ୍ଡିଆ ଏମ୍ପ୍ଲୟିଜ୍ ୟୁନିୟନର ତ୍ରିବାର୍ଷିକ ସମ୍ମେଳନ

ଭୁବନେଶ୍ୱର,୧୧।୪(ଅନୁରାଧା ମହାରଣା)




ବ୍ୟାଙ୍କ ଅଫ୍ ଇଣ୍ଡିଆ ଏମ୍ପ୍ଲୟିଜ୍ ୟୁନିୟନର ୧୫ତମ ତ୍ରିବାର୍ଷିକ ସମ୍ମେଳନ ଭୁବନେଶ୍ୱରର ଓଡ଼େଶା ଭବନରେ ଅନୁଷ୍ଠିତ ହୋଇଯାଇଛି। ସମ୍ମେଳନରେ ବ୍ୟାଙ୍କିଙ୍ଗ ବ୍ୟବସ୍ଥାର ବର୍ତ୍ତମାନ ସ୍ଥିତି, କର୍ମଚାରୀମାନଙ୍କ ସୁରକ୍ଷା, କର୍ମଚାରୀ କଲ୍ୟାଣ ଏବଂ ଗ୍ରାହକ ସେବାର ଉନ୍ନତି ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା। ବ୍ୟାଙ୍କିଙ୍ଗ ସେବାକୁ ଆହୁରି ସୁଦୃଢ଼ ଓ ଗ୍ରାହକମୁଖୀ କରିବା ପାଇଁ ବିଭିନ୍ନ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଏହି ସମ୍ମେଳନରେ ପ୍ରମୁଖ ଅତିଥି ଭାବେ ଫେଡେରେଶନ୍ ଅଫ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ସାଧାରଣ ସଚିବ ଷ୍ଟାଫ୍ ୟୁନିୟନସ୍ କମ୍ରେଡ୍ ଦିନେଶ ଝା ଲଲ୍ଲନ, ଅଧ୍ୟକ୍ଷ କମ୍ରେଡ୍ ମ୍ୟାକ୍ସି ପେରେରା, ଏଆଇଟିୟୁସି ସଚିବ କମ୍ରେଡ୍ ରାମକୃଷ୍ଣ ପଣ୍ଡା, ଏଓବିଇଏର ଅଧ୍ୟକ୍ଷ ବିପିନ ବିହାରୀ ପାଢ଼ୀ, ବିଓଆଇ ଭୁବନେଶ୍ୱର ଜୋନ୍‌ର ଜୋନାଲ ମ୍ୟାନେଜର ବିଜୟ କୁମାର ମଲ୍ଲିକ, ବ୍ୟାଙ୍କ ଅଫ୍ ଇଣ୍ଡିଆ ଅଫିସର୍ସ ଆସୋସିଏଶନ୍‌ର ସାଧାରଣ ସଚିବ କମଲଜୀତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଦକ୍ଷିଣ-ପୂର୍ବ ରେଳପଥର ମହାପ୍ରବନ୍ଧକ ହେଲେ ଅନିଲ କୁମାର ଜୈନ

ଭୁବନେଶ୍ୱର,୧୧।୪(ଅନୁରାଧା ମହାରଣା)



ଅନିଲ କୁମାର ଜୈନ

ଦକ୍ଷିଣ-ପୂର୍ବ ରେଳପଥର ମହାପ୍ରବନ୍ଧକ ଭାବରେ ଅନିଲ କୁମାର ଜୈନ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ଏହି ପଦବୀରେ ଥିବା ଅନିଲ କୁମାର ମିଶ୍ରା ୨୦୨୬ ମାର୍ଚ୍ଚ ୩୧ରେ ଅବସର ଗ୍ରହଣ କରିଥିଲେ। ଏହା ପରେ ଅତିରିକ୍ତ ମହାପ୍ରବନ୍ଧକ ଭାବେ ସୌମିତ୍ର ମଜୁମଦାର ଏପ୍ରିଲ ୧ରୁ ୯ ପର୍ଯ୍ୟନ୍ତ ଅନ୍ତରୀଣ ମହାପ୍ରବନ୍ଧକ ଭାବରେ ଦାୟିତ୍ୱ ସମ୍ଭାଳିଥିଲେ। ଦକ୍ଷିଣ-ପୂର୍ବ ରେଳପଥରେ ଯୋଗଦେବା ପୂର୍ବରୁ ଅନିଲ କୁମାର ଉତ୍ତର-ପଶ୍ଚିମ ରେଳପଥ, ଜୟପୁରରେ ପ୍ରିନ୍ସିପାଲ୍ ଚିଫ୍ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟର ଭାବରେ କାର୍ଯ୍ୟ କରୁଥିଲେ। ସେ ୧୯୯୦ ବ୍ୟାଚ୍‌ର ଆଇଆର୍‌ଏସ୍‌ଇଇ (ଇଣ୍ଡିଆନ୍ ରେଲ୍‌ୱେ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂ ସର୍ଭିସ୍) ଅଧିକାରୀ ଏବଂ ୧୯୯୧ ମସିହାରେ ଭାରତୀୟ ରେଳପଥରେ ଯୋଗ ଦେଇଥିଲେ। ସେ ପଶ୍ଚିମ ରେଳପଥରେ ରାଜକୋଟ୍ ଡିଭିଜନର ଡିଭିଜନାଲ୍ ଡିଆର୍‌ଏମ୍ ଭାବରେ ୨୦୨୧ ଅଗଷ୍ଟରୁ ୨୦୨୩ ଜୁଲାଇ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ। ଏହା ବ୍ୟତୀତ ଉତ୍ତର-ପଶ୍ଚିମ ରେଳପଥରେ ଚିଫ୍ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟର (ପ୍ଲାନିଂ), ଦକ୍ଷିଣ-ପଶ୍ଚିମ ରେଳପଥରେ ପ୍ରିନ୍ସିପାଲ୍ ଚିଫ୍ ସେଫ୍ଟି ଅଫିସର, ବାରାଣସୀ ଲୋକୋମୋଟିଭ୍ ୱର୍କସରେ ଚିଫ୍ ଡିଜାଇନ ଇଞ୍ଜିନିୟର (ଇଲେକ୍ଟ୍ରିକାଲ୍) ଏବଂ ରାଇଟ୍ସ (ରାଇଟ୍ସର ଜେନେରାଲ୍ ମ୍ୟାନେଜର ଆଦି ପଦବୀରେ କାର୍ଯ୍ୟ କରିଛନ୍ତି।

# ଖିମ୍‌ଜୀ ଜୁଏଲର୍ସର 'ଦି ଗ୍ରାଣ୍ଡ ଅକ୍ଷୟତୃତୀୟା ସେଲ୍'

ଭୁବନେଶ୍ୱର, ୧୧।୪




ଅକ୍ଷୟତୃତୀୟା ଅବସରରେ ଖିମ୍‌ଜୀ ଜୁଏଲର୍ସ ପକ୍ଷରୁ 'ଦି ଗ୍ରାଣ୍ଡ ଅକ୍ଷୟତୃତୀୟା ସେଲ୍' ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ଖିମ୍‌ଜୀ ଜୁଏଲର୍ସ ଆକର୍ଷଣୀୟ ଉତ୍ସବ ସୁବିଧା ପ୍ରଦାନ କରୁଛି, ଯେଉଁଥିରେ ସୁନା ଗହଣା ଗଢ଼ା ମଜୁରି ଉପରେ ଫ୍ଲାଟ୍ ୫୦% ରିହାତି ଓ ହୀରା ଉପରେ ଫ୍ଲାଟ୍ ୨୫% ରିହାତି ପ୍ରଦାନ କରାଯାଉଛି। ଏହି ଅଫର୍ ଭୁବନେଶ୍ୱର, ବ୍ରହ୍ମପୁର, କଟକ, ପୁରୀ, ଝାରସୁଗୁଡ଼ା, ରାଉରକେଲା, ଅନୁଗୋଳ ଓ ଯାଜପୁର ରୋଡ୍‌ସ୍ଥିତ ଖିମ୍‌ଜୀ ଜୁଏଲର୍ସ ଶୋ'ରୁମ୍‌ରେ ଉପଲବ୍ଧ ହୋଇଛି। ନିଜର ଅତୁଳନୀୟ ଶୁଦ୍ଧତା ମାନଦଣ୍ଡ ପାଇଁ ଜଣାଶୁଣା, ଖିମ୍‌ଜୀ ଜୁଏଲର୍ସ ନିଶ୍ଚିତ କରୁଛି ଯେ ପ୍ରତ୍ୟେକ ସୁନା ଗହଣା ବିଆଇଏସ୍ ହଲମାର୍କଯୁକ୍ତ। ଯାହା ପ୍ରାମାଣିକତା ଓ ବିଶ୍ୱାସର ଗ୍ୟାରେଣ୍ଟି ଦେଉଛି। ବ୍ରାଣ୍ଡର ହୀରା ସଂଗ୍ରହଗୁଡ଼ିକ ସାର୍ଟିଫାଏଡ୍ ଓ ସଠିକତା ସହିତ ପ୍ରସ୍ତୁତ ଯାହା ପାରମ୍ପରିକ ସୌନ୍ଦର୍ଯ୍ୟକୁ ବଜାୟ ରଖିବା ସହିତ ବିଶ୍ୱସ୍ତରୀୟ ଡିଜାଇନ୍‌କୁ ପ୍ରତିଫଳିତ କରୁଛି। ଏହି ଅବସରରେ ଖିମ୍‌ଜୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ମିତେଶ ଖିମ୍‌ଜୀ କହିଛନ୍ତି , ଅକ୍ଷୟତୃତୀୟା ଆମର ସାଂସ୍କୃତିକ ଓ ଭାବପ୍ରବଣତା ସହିତ ଗଭୀର ଭାବରେ ଜଡ଼ିତ। ଏହା କେବଳ ସୁନା କିମ୍ବା ହୀରା କିଣିବା ବିଷୟରେ ନୁହେଁ, ବରଂ ସମୃଦ୍ଧିରେ ବିନିଯୋଗ କରିବା ଓ ନୂତନ ଆରମ୍ଭକୁ ପାଳନ କରିବା । ଆମର 'ଦି ଗ୍ରାଣ୍ଡ ଅକ୍ଷୟତୃତୀୟା ସେଲ୍' ମାଧ୍ୟମରେ ଆମେ ଗ୍ରାହକମାନଙ୍କୁ ସର୍ବୋତ୍ତମ କାରୁକାର୍ଯ୍ୟ ଓ ସ୍ୱଚ୍ଛତା ନିଶ୍ଚିତ କରିବା ସହିତ ପ୍ରିମିୟମ୍ ଗହଣାକୁ ଅଧିକ ସୁଲଭ କରିବାକୁ ଲକ୍ଷ୍ୟ ରଖିଛୁ।

# ଜୟଆଲୁକ୍କାସ୍ ଅକ୍ଷୟତୃତୀୟା କ୍ୟାଶ୍‌ବ୍ୟାକ୍ ଫେଷ୍ଟ

ଭୁବନେଶ୍ୱର, ୧୧।୪




ଅନ୍ୟତମ ପ୍ରମୁଖ ଜୁଏଲର ଜୟଆଲୁକ୍କାସ୍ ପବିତ୍ର ଅକ୍ଷୟତୃତୀୟା ଅବସରରେ ଏପ୍ରିଲ ୧୦ରୁ ୨୦ ପର୍ଯ୍ୟନ୍ତ ଏକ ରୋମାଞ୍ଚକର କ୍ୟାଶ୍‌ବ୍ୟାକ୍ ଅଫର୍ ଘୋଷଣା କରିଛି। ଏହି ଅଫର୍ ସାରା ଦେଶରେ ସବୁ ଜୟଆଲୁକ୍କାସ୍ ଶୋ'ରୁମ୍‌ରେ ଉପଲବ୍ଧ ହେଉଛି। ଏକ ଶାଶ୍ୱତ ସମୃଦ୍ଧିର ପର୍ବ ଭାବେ ଅକ୍ଷୟତୃତୀୟା ଅବସରରେ ଗ୍ରାହକମାନେ ସୌନ୍ଦର୍ଯ୍ୟ ପାଇଁ ନିବେଶ କରିବା ସହ ଅଳଙ୍କାର କିଣିବାର ଏକ ବିଶେଷ ଅନୁଭବ ପାଇଁ ସୁଯୋଗ ପାଇବେ। ଏଥିପାଇଁ ଜୟଆଲୁକ୍କାସ୍ ଆଣିଛି ଆକର୍ଷଣୀୟ ଗିଫ୍ଟ ଭାଉଚର, ଯାହା ଉତ୍ସବମୁଖର ଗ୍ରାହକମାନଙ୍କୁ ଆହୁରି ପ୍ରୋତ୍ସାହିତ କରିବ। ୭୫,୦୦୦ ଟଙ୍କାର ଡାଏମଣ୍ଡ, ଅନ୍‌ଡାଏମଣ୍ଡ ଏବଂ ପ୍ଲାଟିନମ୍ ଅଳଙ୍କାର କ୍ରୟ କରୁଥିବା ଗ୍ରାହକ ୨୦୦୦ ଟଙ୍କାର ଗିଫ୍ଟ ଭାଉଚର ପାଇବେ। ସେହିପରି ୭୫,୦୦୦ ଟଙ୍କା କିମ୍ବା ତା'ଠୁ ଅଧିକ ମୂଲ୍ୟର ସୁନା ଏବଂ ଅନ୍ୟ ଗହଣା କିଣୁଥିବା ଗ୍ରାହକଙ୍କୁ ୧,୦୦୦ ଟଙ୍କାର ଭାଉଚର ଗିଫ୍ଟ ମିଳିବ। ୧୫,୦୦୦ ଟଙ୍କା ଓ ତା'ଠୁ ଅଧିକ ମୂଲ୍ୟର ରୁପା ଗହଣା କିଣିଲେ ଗ୍ରାହକଙ୍କୁ ୫୦୦ ଟଙ୍କାର ଗିଫ୍ଟ ଭାଉଚର ମିଳିବ। ଏହି ଅବସରରେ ଜୟଆଲୁକ୍କାସ୍ ଗ୍ରୁପ ଚେୟାରମ୍ୟାନ ତଥା ମ୍ୟାନେଜିଂ ଡାଇରେକ୍ଟର ଡା. ଜୟ ଆଲୁକ୍କାସ୍ କହିଛନ୍ତି, ଅକ୍ଷୟତୃତୀୟା ହେଉଛି ଏକ ପବିତ୍ର ସମୟ ଯାହା ସମୃଦ୍ଧି ଆଣିଥାଏ ଏବଂ ଏହି ସମୟରୁ ନୂତନ ଉଦ୍ୟମ ଆରମ୍ଭ ହୋଇଥାଏ। ଆମର କ୍ୟାଶ୍‌ବ୍ୟାକ୍ ମାଧ୍ୟମରେ ଆମେ ପ୍ରତ୍ୟେକ ଅଳଙ୍କାର କ୍ରୟକୁ ସମୃଦ୍ଧିର ପ୍ରତୀକ ଭାବେ ପାଳନ କରିବାକୁ ଚାହୁଁଛୁ, ଯାହା ଗ୍ରାହକଙ୍କୁ କେବଳ ସୌନ୍ଦର୍ଯ୍ୟ ନୁହେଁ, ବରଂ ଅପୂର୍ବ ମୂଲ୍ୟ ଏବଂ ଗୁଣବତ୍ତା ସହିତ ଆତ୍ମବିଶ୍ୱାସ ଦେଇଥାଏ।

## ଘରୁ ସୁନା ଅଳଙ୍କାର ଚୋରି

କଣାସ,(ବିଭୂତି ଭୂଷଣ ତ୍ରିପାଠୀ): କଣାସ ଥାନା ଅଧୀନ ପାଣ୍ଡିଆକେରା ପଞ୍ଚାୟତ ଘରଛିଆ ଗ୍ରାମରେ ଲିଙ୍ଗରାଜ ସାହୁଙ୍କ ଘରୁ ଦୁର୍ବୃତ୍ତମାନେ ୫ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ସୁନା ଅଳଙ୍କାର ଚୋରିକରି ନେଇଛନ୍ତି। ଶୁକ୍ରବାର ଲିଙ୍ଗରାଜ ଏ ସମ୍ପର୍କରେ କଣାସ ଥାନାରେ ଅଭିଯୋଗ କରିଛନ୍ତି। ଲୁଟେରାମାନେ ପାଚେରୀ ଡେଇଁ ଘରେ ପଶି ଗଡରେଜ ଭାଙ୍ଗି ସୁନା ଅଳଙ୍କାର ନେଇଯାଇଥିଲେ। ଅଭିଯୋଗ ପାଇବା ପରେ ପୋଲିସ ଓ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ ମଧ୍ୟ ଦୁର୍ବୃତ୍ତମାନଙ୍କ ସନ୍ଧାନ ମିଳିନାହିଁ।

**ସଂକ୍ଷେପରେ**

## ସୁବାସ ସତ୍ୟବାଦୀ ବ୍ଲକ୍ କଂଗ୍ରେସ ସଭାପତି ନିଯୁକ୍ତ

ସାକ୍ଷୀଗୋପାଳ,୧୧।୪(ଭରତ ରାଉତ)

ସତ୍ୟବାଦୀ ବ୍ଲକ କଂଗ୍ରେସ ସଭାପତି ଭାବେ ଯୁବ ସମାଜସେବୀ ସୁବାସ ମହାପାତ୍ରଙ୍କୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ନିଯୁକ୍ତି ମିଳିଛି। ଏହି ଅବସରରେ ରାଜ୍ୟ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ପକ୍ଷରୁ ପ୍ରକାଶିତ ପୁରୀ ଜିଲାର ସମସ୍ତ ବ୍ଲକ୍ ଓ ଏନ୍ଏସି ପାଇଁ ନିଯୁକ୍ତ ଅଧ୍ୟକ୍ଷ ତାଲିକାରେ ସତ୍ୟବାଦୀ ବ୍ଲକ୍ କଂଗ୍ରେସ ସଭାପତି ପାଇଁ ସୁବାସ ଚନ୍ଦ୍ର ମହାପାତ୍ରଙ୍କ ନାମ ସ୍ଥାନିତ ହୋଇଥିବାରୁ ସମଗ୍ର ଅଞ୍ଚଳରେ କଂଗ୍ରେସ କର୍ମୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ମହାପାତ୍ର କଂଗ୍ରେସ ଦଳର ଜଣେ ସକ୍ରିୟ କର୍ମୀ ତଥା ସଙ୍ଗଠକ ଭାବେ ସ୍ଥାନୀୟ ଅଞ୍ଚଳରେ ବେଶ୍ ଜଣାଶୁଣା। ବିଭିନ୍ନ ପ୍ରତିକୂଳ ପରିସ୍ଥିତିରେ ସମସ୍ତଙ୍କୁ ନେଇ ତୃଣମୂଳସ୍ତରରୁ ସଂଗଠନକୁ ସୁଦୃଢ଼ କରିପାରିବାର ଦକ୍ଷତା ତାଙ୍କ ନିକଟରେ ରହିଛି। ଏହି ପରିପ୍ରେକ୍ଷୀରେ ତାଙ୍କୁ ସତ୍ୟବାଦୀ ବ୍ଲକ କଂଗ୍ରେସ ସଭାପତି ଦାୟିତ୍ୱ ମିଳିଥିବାରୁ ସେ ପ୍ରଦେଶ କଂଗ୍ରେସ ସଭାପତି ଦାସ ଓ ସତ୍ୟବାଦୀର ନେତୃତ୍ୱ ତଥା ପ୍ରାକ୍ତନ ମନ୍ତ୍ରୀ ପ୍ରସାଦ ହରିଚନ୍ଦନଙ୍କୁ ଆନ୍ତରିକ ଅଭିନନ୍ଦନ ଓ ଧନ୍ୟବାଦ ଜଣାଇଛନ୍ତି।

## ସଁପୁର ସରପଞ୍ଚ ଝରଣା ବରାଳଙ୍କ ପରଲୋକ

ପିପିଲି,୧୧।୪(ଦୁର୍ଗାମାଧବ ମିଶ୍ର)

ପିପିଲି ବ୍ଲକ ସଁପୁର ପଞ୍ଚାୟତର ସରପଞ୍ଚ ଝରଣା ବରାଳ(୪୫)ଙ୍କର ଶୁକ୍ରବାର ବିଳମ୍ବିତ ରାତିରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ସଁପୁର ଜେନା ସାହିର ସଞ୍ଜୀବ ବରାଳଙ୍କ ସ୍ତ୍ରୀ ଝରଣା ୨୦୨୨ରେ ପଞ୍ଚାୟତ ନିର୍ବାଚନରେ ସରପଞ୍ଚ ଭାବେ ବିଜୟୀ ହୋଇଥିଲେ। ଝରଣାଙ୍କ ଦେହ ଖରାପ ହେବାରୁ ସେ ଗତ ମାର୍ଚ୍ଚ ୨୫ରେ ଏକ ଅଟୋ ଯୋଗେ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବାବେଳେ ବର୍ଗୁପାଟଣା ଛକଠାରେ ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିଲେ। ମଙ୍ଗଳପୁରର ଏକ ଘରୋଇ କ୍ଲିନିକରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ତାଙ୍କର ମୃତ୍ୟୁ ଘଟିଛି। ଝରଣାଙ୍କ ପାର୍ଥିବ ଶରୀରକୁ ପିପିଲି ଟୋଲ୍‌ଗେଟଠାରୁ ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ବାଇକ ଶୋଭାଯାତ୍ରାରେ ନିଆଯାଇ ସଁପୁର ପଞ୍ଚାୟତ ପରିକ୍ରମା କରାଯାଇଥିଲା। ପରେ ଗାଁ ମଶାଣିରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ପିପିଲିର ବହୁ ରାଜନୈତିକ ବ୍ୟକ୍ତିବିଶେଷ ଓ ମାନ୍ୟଗଣ୍ୟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି।

## ଧର୍ମପରାୟଣ ମହିଳାଙ୍କ ପରଲୋକ

ଯୋଗେଶ୍ୱରପୁର,୧୧।୪ (ରଶ୍ମିରଞ୍ଜନ ସାହୁ)

ନୟାହାଟ ଫାଣ୍ଡି ଅନ୍ତର୍ଗତ ଧୂମାଳ ପଞ୍ଚାୟତ ଧୂମାଳ ଗ୍ରାମର ଶୈଳବାଳା ମିଶ୍ର (୭୬)ଙ୍କର ବୁଧବାର ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି। ସେ ଜଣେ ଧର୍ମପରାୟଣା ଓ ପରୋପକାରୀ ମହିଳା ଥିଲେ। ତାଙ୍କ ମୃତ୍ୟୁରେ ଧୂମାଳ ଓ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ୧୫ ହଜାର ଲିଟର କ୍ଷୀରରେ ସ୍ନାନକଲେ ଶ୍ରୀନୀଳକଣ୍ଠେଶ୍ୱର



କ୍ଷୀରରେ ସ୍ନାନ କରିଥିବା ପ୍ରଭୁଶ୍ରୀ ନୀଳକଣ୍ଠେଶ୍ୱର ଦେବ।



ଲଉଡ଼ି ଖେଳରେ ସାମିଲ ହୋଇଥିବା ପିଲାମାନେ।

ନିମାପଡ଼ା,୧୧।୪(ବିଚିତ୍ରାନନ୍ଦ ସାହୁ)

**ଲଉଡ଼ି ଖେଳ, ଓଗାଳ ନୃତ୍ୟରେ ଦର୍ଶକ ବିଭୋର**

ନିମାପଡ଼ା ବ୍ଲକ ଅନ୍ତର୍ଗତ ଦିଘାଳୋସ୍ଥିତ ପ୍ରଭୁ ଶ୍ରୀନୀଳକଣ୍ଠେଶ୍ୱର ମହାଦେବଙ୍କ ୧୫ତମ ବାର୍ଷିକ ମହାକ୍ଷୀରସାଗର ଉତ୍ସବ ଶନିବାର ମହାସମାରୋହରେ ପାଳିତ ହୋଇଯାଇଛି। ଶ୍ରୀନୀଳକଣ୍ଠେଶ୍ୱର ମନ୍ଦିର କମିଟି ଏବଂ ନିମାପଡ଼ା ଯାଦବ ମହାସଂଘ ପକ୍ଷରୁ କ୍ଷୀରସାଗର ମେଳା ଆୟୋଜିତ ହୋଇଥିଲା। ପ୍ରାତଃରୁ ଠାକୁରଙ୍କ ମହାସ୍ନାନ, ମଙ୍ଗଳଆଳତି, ନୀତିକାନ୍ତି, ଖେଚୁଡ଼ି ଭୋଗ, ମାଜଣା କରାଯିବାପରେ ଠାକୁରଙ୍କଠାରେ କ୍ଷୀରଲାଗି କରାଯାଇଥିଲା। ପ୍ରଭୁ ଶ୍ରୀନୀଳକଣ୍ଠେଶ୍ୱର ଦେବ ପ୍ରାୟ ୧୫ହଜାର ଲିଟର କ୍ଷୀରରେ ସ୍ନାନ କରିଥିବା ମନ୍ଦିର ପରିଚାଳନା କମିଟି ସଭାପତି ରବୀନ୍ଦ୍ର କୁମାର ସ୍ୱାଇଁ, ସମ୍ପାଦକ ବଳରାମ ସ୍ୱାଇଁ, ହଟ କିଶୋର ସ୍ୱାଇଁ ଏବଂ ପୂଜକ ରମେଶ ଚନ୍ଦ୍ର ଦୀକ୍ଷିତ ପ୍ରମୁଖ କହିଛନ୍ତି। ଏହି ପ୍ରସିଦ୍ଧ ମେଳା ଦେଖିବା ସହ ପୂଜାର୍ଚ୍ଚନା ଓ କ୍ଷୀର ଲାଗି କରିବା ପାଇଁ ପ୍ରାୟ ୧୦ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ମନ୍ଦିର ପରିଚାଳନା କମିଟି ଉପସଭାପତି ପ୍ରଫୁଲ୍ଲ କୁମାର ସ୍ୱାଇଁ, କୋଷାଧ୍ୟକ୍ଷ ସୁଦର୍ଶନ ସାହୁ, ନିମାପଡ଼ା ଯାଦବ ମହାସଂଘ ସଭାପତି ଗୟାଧର ବେହେରା ଓ ସମ୍ପାଦକ ସୁକାନ୍ତ ବେହେରା ପ୍ରମୁଖ କହିଛନ୍ତି। ମେଳାସ୍ଥଳରେ ଯାଦବ ସମ୍ପ୍ରଦାୟର ଭାଇମାନଙ୍କ ପକ୍ଷରୁ ପରିବେଷିତ ଆକର୍ଷଣୀୟ ପାରମ୍ପରିକ ଲଉଡ଼ି ଖେଳ ଏବଂ ଓଗାଳ ନୃତ୍ୟ ଦର୍ଶକଙ୍କୁ ବିମୋହିତ କରିଥିଲା। ଏହି ଅବସରରେ ଭକ୍ତଙ୍କ ମନୋରଞ୍ଜନ ପାଇଁ ଅନୁଷ୍ଠାନ ପକ୍ଷରୁ ନୃତ୍ୟ ସଙ୍ଗୀତ, ଭଜନ ସମାରୋହ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ଐଶାନେଶ୍ୱର ମହାଦେବଙ୍କ କ୍ଷୀରସାଗର ମେଳା

କୋଣାର୍କ,୧୧।୪(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଥାନା ଅଧୀନ କୁରୁଜଙ୍ଗ ପଞ୍ଚାୟତର ସଞ୍ଚପୁର ଗ୍ରାମସ୍ଥିତ ପ୍ରାଚୀନ ଶୈବପୀଠ ବାବା ଐଶାନେଶ୍ୱର ମହାଦେବଙ୍କ ୧୧ତମ କ୍ଷୀର ସାଗର ମେଳା ପରମ୍ପରା ଅନୁଯାୟୀ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବିଶ୍ୱଶାନ୍ତି ମହାଯଜ୍ଞ ଓ ଅଷ୍ଟମପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ପୂଜକ ଅଭୟ ପାଢୀ, ବିଭୁ ରଥ, ଅଜୟ ଦାଶ ଓ ରବୀନ୍ଦ୍ର ନନ୍ଦଙ୍କ ତତ୍ତ୍ୱାବଧାନରେ ଐଶାନେଶ୍ୱର ମହାଦେବଙ୍କ ପୂଜାର୍ଚ୍ଚନା ଓ ରୀତିନୀତି ସମ୍ପାଦନ ସହ ଠାକୁରଙ୍କୁ ୫ହଜାର ଲିଟର କ୍ଷୀରରେ ସ୍ନାନାଭିଷେକ କରାଯାଇଥିଲା। କର୍ତ୍ତା ଓ କର୍ତ୍ତ୍ରୀ ଭାବେ ପ୍ରକାଶ ଦାସ ଏବଂ ସୁଷମା ଦାସ ଦାୟିତ୍ୱ ତୁଲାଇଥିଲେ। ଏହି ପରିପ୍ରେକ୍ଷୀରେ ଠାକୁରଙ୍କ ଦର୍ଶନ ପାଇଁ ଭକ୍ତଙ୍କ ଭିଡ଼ ହୋଇଥିଲା। କାର୍ଯ୍ୟକ୍ରମକୁ ସଭାପତି ସଦାଶିବ ବେହେରା, ସମ୍ପାଦକ ନଟବର ମହାରଣା, ପୂର୍ଣ୍ଣଚନ୍ଦ୍ର ଦାସ, ଚିତ୍ତରଞ୍ଜନ ସାହୁ ଏବଂ ଓକିଲ ବେହେରା ପ୍ରମୁଖ ପରିଚାଳନା କରିଥିଲେ।

## ଅଖିଳ ଭାରତ କୃଷକ ସଭା ପକ୍ଷରୁ ବିକ୍ଷୋଭ

ନିମାପଡ଼ା,୧୧।୪(ବିଚିତ୍ରାନନ୍ଦ ସାହୁ)

ଅଖିଳ ଭାରତ କୃଷକ ସଭା ନିମାପଡ଼ା ଆଞ୍ଚଳିକ କମିଟି ପକ୍ଷରୁ ଶନିବାର ଅଖିଳ ଭାରତ କୃଷକ ସଭାର ପ୍ରତିଷ୍ଠା ଦିବସ ଦୋଳବେଦିଛକ ଠାରେ ପାଳନ କରାଯାଇଛି। ଏହି ଅବସରରେ କୃଷକଙ୍କ ବିଭିନ୍ନ ଦାବି ଓ ସମସ୍ୟା ନେଇ ସ୍ୱାଧୀନତା ସଂଗ୍ରାମୀ ମୋହନ ଦାସଙ୍କ ପ୍ରତିମୂର୍ତ୍ତି ନିକଟରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସ୍ୱାମୀନାଥନ କମିଶନ ରିପୋର୍ଟ କାର୍ଯ୍ୟକାରୀ, ଚାଷୀଙ୍କ ଉପରୁ ସମସ୍ତ କୃଷିଋଣ ଛାଡ଼, ଧାନ କୁଇଣ୍ଟାଲ ପ୍ରତି ୫ ହଜାର ଟଙ୍କାକୁ ବୃଦ୍ଧି ଓ ଗ୍ରାହକଙ୍କୁ ୩ଶହ ୟୁନିଟ ପର୍ଯ୍ୟନ୍ତ ବିଦ୍ୟୁତ ବିଲ୍ ଛାଡ଼ କରାଯିବା ପାଇଁ ଦାବି କରାଯାଇଥିଲା। ବରିଷ୍ଠ କୃଷକ ନେତା ଦେବେନ୍ଦ୍ର ନାଥ ସାହୁ, ସନାତନ ପାତ୍ର, କୃଷ୍ଣଚନ୍ଦ୍ର ରାଉତ, ସନ୍ତୋଷ ବେହେରା, ପ୍ରଫୁଲ୍ଲ ସାହୁ, ମହେନ୍ଦ୍ର ବାରିକ, ଦଣ୍ଡପାଣି ସାହୁ, ଶଙ୍କର ପରିଡ଼ା ପ୍ରମୁଖଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ



ଟୁର୍ନାମେଣ୍ଟକୁ ବିଧାୟକ ତୁଷାରକାନ୍ତି ବେହେରା ଉଦ୍‌ଘାଟନ କରୁଛନ୍ତି।

ଯୋଗେଶ୍ୱରପୁର,୧୧।୪(ରଶ୍ମିରଞ୍ଜନ ସାହୁ)

ନୟାହାଟ ଫାଣ୍ଡି ଅନ୍ତର୍ଗତ ଜଙ୍ଗଲବୋରି ପଞ୍ଚାୟତର ମଧୁବନରେ ବାଇଦେଇ କ୍ରିକେଟ୍ କ୍ଲବର ୧୫ ତମ ବାର୍ଷିକ ଉତ୍ସବ ଅବସରରେ ଆୟୋଜିତ ଦିବରାତ୍ର କ୍ରିକେଟ ଟୁର୍ନାମେଣ୍ଟକୁ ଶନିବାର ରାତି ୯ଟାରେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା ଉଦ୍‌ଘାଟନ କରିଛନ୍ତି। ଖେଳ ଦ୍ୱାରା ଶୃଙ୍ଖଳା ଓ ଭାଇଚାରା ବଜାୟ ରହେ ବୋଲି ବିଧାୟକ କହିଥିଲେ। ଧୂମାଳ ପଞ୍ଚାୟତର ଯୁବନେତା ଅଭିମନ୍ୟୁ ସିଂହ, ଇସାଣପୁର ସରପଞ୍ଚ ଦୁଷ୍ମନ୍ତ ସ୍ୱାଇଁ, ପୂର୍ବତନ ଜିଲାପରିଷଦ ସଭ୍ୟ ଜ୍ୟୋତିରଞ୍ଜନ ନାୟକ, ଶିକ୍ଷାବିତ କାହ୍ନୁଚରଣ ସାହୁ, ଏସ୍‌କେ ସିକନ ପ୍ରମୁଖ ଉପସ୍ଥିତ ଥିଲେ। ଟୁର୍ନାମେଣ୍ଟରେ ୮ଟି ଦଳ ଭାଗନେବେ ଓ ୧୦ ଓଭର ଲେଖା ଖେଳାଯିବ। ଚାମ୍ପିୟନ ଦଳକୁ ୩୦ ହଜାର ଓ ରନର୍ସଅପ୍ ଦଳକୁ ୨୦ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ଆୟୋଜକମାନେ କହିଛନ୍ତି।

# ରାମଲୀଳା ଉତ୍ସବ ଉଦ୍‌ଯାପିତ



ରାମଲୀଳା ନାଟକର ଏକ ଦୃଶ୍ୟ ପରିବେଷଣ କରାଯାଉଛି।

କଣାସ,୧୧।୪(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ କାଦୁଆ ପଞ୍ଚାୟତ ସାହସପୁର ଗ୍ରାମର ରଘୁନାଥ ପୀଠରେ ଚୈତ୍ର ଶୁକ୍ଳ ଶ୍ରୀରାମ ନବମୀଠାରୁ ୧୫ଦିନ ଧରି ଚାଲିଥିବା ୧୧୬ତମ ରାମଲୀଳା ନାଟକ ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ରାମ ନାଟକ ଓ ଶଦାଶିବ ଭଣତି ରାମଲୀଳା ପୁସ୍ତକ ପଠନ କରାଯାଇଥିଲା। ରଘୁନାଥ ନାଟ୍ୟ ସଂସଦର କଳାକାରମାନେ ରାମଲୀଳା ପରିବେଷଣ କରିଥିଲେ। ଶ୍ରୀରାମ ଜନ୍ମଠାରୁ ରାମ ବନବାସ, ସୀତାଚୋରି, ଲଙ୍କାପୋଡ଼ି, ସେତୁବନ୍ଧ ପ୍ରତିଷ୍ଠା, ଲକ୍ଷ୍ମଣ ଶକ୍ତିଭେଦ, ଇନ୍ଦ୍ରଜିତ ବଧ, କୁମ୍ଭକର୍ଣ୍ଣ ବଧ, ମହୀରାବଣ ବଧ ଓ ରାବଣ ବଧ ପରିବେଷଣ ହେବା ସହ ଶୁକ୍ରବାର ରାମାଭିଷେକ ସହ ଗ୍ରାମ୍ୟ ପରିକ୍ରମା ଓ ଦୁଆରି ଭୋଗନୀତି ଅନୁଷ୍ଠିତ ହୋଇଥିଲା। ପରେ ଶ୍ରୀରାମ, ସୀତା, ଲକ୍ଷ୍ମଣ, ଭରତ, ଶତ୍ରୁଘ୍ନ ସିଂହାସନ ଆରୋହଣ କରିବା ପରେ ଶତାଧିକ ମାନସିକଧାରୀ ବନ୍ଦାପନା କରିଥିଲେ। ୧୫ ଦିନ ଧରି ଗ୍ରାମରେ ଆମିଷ ନିଷେଧ ରହିଥିଲା। ଗ୍ରାମବାସୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ବର୍ଷାପବନରେ ଧାନଫସଲ କ୍ଷତିଗ୍ରସ୍ତ

କଣାସ,୧୧।୪(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକରେ ପ୍ରତ୍ୟେକ ବର୍ଷ ବନ୍ୟା ସମୟରେ ପାଣି ଜମି ରହି ଶାରଦ ଧାନ ଫସଲ ନଷ୍ଟ ହୋଇଯାଉଥିବାରୁ ଚାଷୀମାନେ ଖରାଦିଆ ଧାନ ଫସଲ ଉପରେ ନିର୍ଭର କରନ୍ତି। ଚଳିତ ବର୍ଷମଧ୍ୟ ଚାଷୀମାନେ ଖରାଦିଆ ଧାନ ଫସଲ କରିଥିଲେ। ଜମିରେ ଧାନ ପାଚିଯାଇଥିବାବେଳେ ଲଗାତରଭାବେ ୪ଦିନ ଧରି ପ୍ରବଳ ବର୍ଷାପବନରେ ଧାନ ଗଛଗୁଡ଼ିକ ଜମିରେ ଶୋଇପଡ଼ିଛି। ସେହିପରି ବର୍ଷାଜଳ ଜମିରହିଥିବାରୁ ଧାନ ଗଜା ହୋଇଗଲାଣି। ଚାଷୀମାନେ ବିଭିନ୍ନ ବ୍ୟାଙ୍କ, ସମବାୟ ସମିତି ଓ ଲୋକଙ୍କଠାରୁ ଋଣ ଆଣି ଚାଷ କରିଥିଲେ। ଗଜା ଧାନକୁ ଦେଖି ଚାଷୀମାନେ ଚିନ୍ତିତ ହୋଇପଡ଼ିଛନ୍ତି। ସରକାର ତୁରନ୍ତ କ୍ଷତିପୂରଣ ଦେବା ପାଇଁ ଚାଷୀମାନେ ଦାବି କରିଛନ୍ତି।

## ଦିବଂଗତ ଶିକ୍ଷକ ପର୍ଶୁରାମ ସାହୁଙ୍କ ସ୍ମୃତିଚାରଣ

ଡେଲାଙ୍ଗ,୧୧।୪(ରଶ୍ମୀରଞ୍ଜନ ପ୍ରଧାନ)

ନୂଆହାଟ ବିଦ୍ୟାଳୟର ଶିକ୍ଷକ ପର୍ଶୁରାମ ସାହୁଙ୍କ ସ୍ମୃତିସଭା ହରିପୁରସ୍ଥିତ ବାସଭବନରେ ଶିକ୍ଷାବିତ୍ ଚକ୍ରଧର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ନାରାୟଣ ବେହେରା, ମନୋରଞ୍ଜନ ପ୍ରଧାନ, ପବିତ୍ର ମୋହନ ଜେନା, ସିଆର୍‌ସିସି କୃତିବାସ ପରିଡ଼ା, ତପନ ମଲ୍ଲିକ୍, ଭୂପତି ତ୍ରିପାଠୀ, ଜୟକାନ୍ତି ମେଣ୍ଡା, ଶିକ୍ଷାବିତ୍ ମିଟୁ କିଶୋର ପ୍ରଧାନ, ଅଭୟ ଚରଣ ସାହୁ ପ୍ରମୁଖ ଯୋଗଦେଇ ଦିବଂଗତ ଶିକ୍ଷକ ସାହୁଙ୍କ ଛାତ୍ର ସମାଜ ପ୍ରତି ଅବଦାନ, ମେଳାପୀଗୁଣ, ମଧୁର ବଚନ, ସହଯୋଗୀ ମନୋଭାବ ସମ୍ପର୍କରେ ଆଲୋକପାତ କରିଥିଲେ। ତାଙ୍କ ବିୟୋଗ ନେଇ ଶିକ୍ଷକ ସଂଘ ପକ୍ଷରୁ ୧ମିନଟ୍ ନିରବ ପ୍ରାର୍ଥନା କରାଯିବା ସହ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ସଂଘ ସମ୍ପାଦକ ପ୍ରଶାନ୍ତ ଦାଶ, ପ୍ରଦୀପ୍ତ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶିକ୍ଷକ ସୁରେନ୍ଦ୍ର ନାୟକ ଧନ୍ୟବାଦ ଦେଇଥିଲେ। ସୂଚନାଯୋଗ୍ୟ, ଶିକ୍ଷକ ସାହୁ ନାମଲେଖା ପାଇଁ ନିମନ୍ତ୍ରଣପତ୍ର ବଣ୍ଟନ କରିବାକୁ ଯାଉଥିବାବେଳେ ଏକ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ।

## ଝାମୁଯାତ୍ରାରେ ଆମ୍ବୁଲାନ୍ସ ସେବା



ଆମ୍ବୁଲାନ୍ସ ସେବାକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

ଅସ୍ତରଙ୍ଗ,୧୧।୪(ମମତା ଜେନା)

କାକଟପୁରରେ ଆରାଧ୍ୟା ଠାକୁରାଣୀ ମା' ମଙ୍ଗଳାଙ୍କ ଝାମୁଯାତ୍ରା ଚାଲୁ ରହିଛି। ଦୈନିକ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ସହସ୍ରାଧିକ ଶ୍ରଦ୍ଧାଳୁ ମା'ଙ୍କୁ ଦର୍ଶନ କରିବା ନିମନ୍ତେ ଭିଡ଼ ଜମାଉଛନ୍ତି। ଯାତ୍ରାରେ ବିଭିନ୍ନ ପ୍ରକାର ସାମଗ୍ରୀର ଷ୍ଟଲ ଖୋଲାଯାଇଛି। ବି.ଆର୍. ଆମ୍ବେଦକର ଏଜୁକେଶନାଲ ଆଣ୍ଡ୍ ଡେଭଲପମେଣ୍ଟ ଟ୍ରଷ୍ଟ ପକ୍ଷରୁ ଶ୍ରଦ୍ଧାଳୁଙ୍କ ନିମନ୍ତେ ଦେୟମୁକ୍ତ ଆମ୍ବୁଲାନ୍ସ ସେବା, ଅନ୍ନସେବା ଓ ଦହିପଣା ବ୍ୟବସ୍ଥା କରାଯାଇଥିଲା। ମୁଖ୍ୟ ଅତିଥିଭାବେ କଂଗ୍ରେସ ନେତା ବିଶ୍ୱଭୂଷଣ ଦାସ ଯୋଗଦେଇ ପତାକା ଦେଖାଇ ଆମ୍ବୁଲାନ୍ସ ସେବାର ଶୁଭାରମ୍ଭ କରିଥିଲେ। କାକଟପୁର ବ୍ଲକ କଂଗ୍ରେସ ସଭାପତି ଅବଧୂତ ସ୍ୱାଇଁ, ଅସ୍ତରଙ୍ଗ ବ୍ଲକ କଂଗ୍ରେସ ସଭାପତି ପ୍ରତାପ ଖୁଣ୍ଟିଆ, ସାମାଜିକ କର୍ମୀ ବିଚିତ୍ରାନନ୍ଦ ଦାଶ, ଟ୍ରଷ୍ଟ ଅଧ୍ୟକ୍ଷ ତପନ କୁମାର କାଣ୍ଡି ଏବଂ ଉପାଧ୍ୟକ୍ଷ ହରିଶ ଚନ୍ଦ୍ର ବିଶ୍ୱାଳଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶ୍ରଦ୍ଧାଳୁମାନେ ଦହିପଣା ଓ ଅନ୍ନପ୍ରସାଦ ସେବନ କରି ଆତ୍ମସନ୍ତୋଷ ଲାଭ କରିଥିଲେ। ଟ୍ରଷ୍ଟ କାର୍ଯ୍ୟକର୍ତ୍ତା ତପନ ରଞ୍ଜନ ଦାସ, ସୁମନ୍ତ ଭୋଇ, କ୍ଷୀରୋଦ ଭୋଇ, ଦେବାଶିଷ ରଥ, ଶୁଭ୍ରଜିତ ବିଶ୍ୱାଳ, ଧନେଶ୍ୱର କାଣ୍ଡି, ତପନ କାଣ୍ଡି, ସତ୍ୟବ୍ରତ ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଲୋକକଳା ଦିବସ ପାଳିତ: ୫୦ କଳାକାର ସମ୍ବର୍ଦ୍ଧିତ

କଣାସ,୧୧।୪(ବିଭୂତି ଭୂଷଣ ତ୍ରିପାଠୀ)



କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

କଣାସ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାକକ୍ଷରେ ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଲୋକକଳା ଦିବସ ପାଳିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଲୋକକଳା ପ୍ରଦର୍ଶନ ସହ ୫୦ଜଣ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପାଲା, ଦାସକାଠିଆ, ଘୋଡ଼ାନାଚ, ରାମଲୀଳା, ଓଡ଼ିଶୀ, ନାମସଂକୀର୍ତ୍ତନ, ଦଣ୍ଡନୃତ୍ୟ ପ୍ରଭୃତି ପୁରୁଣା ସଂସ୍କୃତି କିପରି ଉଜ୍ଜୀବିତ ରହିବ ସେ ସମ୍ପର୍କରେ ବିଶେଷ ଆଲୋଚନା କରାଯାଇଥିଲା। ବ୍ଲକ କଳା ସଂସ୍କୃତି ସଂଘ ଉପସଭାପତି କପିଳ ଚରଣ ରାଉତରାୟ, ଗାୟକ ବୈକୁଣ୍ଠନାଥ ନରେନ୍ଦ୍ର, କିଶୋର ଚନ୍ଦ୍ର ପ୍ରଧାନ, ବଡାଲ ସରପଞ୍ଚ ଧନେଶ୍ୱର ଲେଙ୍କା, ଜିଲାପରିଷଦ ସଦସ୍ୟା ଲତାମଣି ଜଗଦେବ, ବ୍ଲକ ଉପାଧ୍ୟକ୍ଷ ଅଭିମନ୍ୟୁ ଜୟସିଂହ ଅତିଥିଭାବେ ଯୋଗଦେଇ ପୁରାତନ ସଂସ୍କୃତିକୁ କଳାକାରମାନେ ବଞ୍ଚାଇ ରଖିଥିବାରୁ ସାଧୁବାଦ ଦେଇଥିଲେ।

## ରାଜ୍ୟସ୍ତରୀୟ ଭଲିବଲ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ଗୋପ,୧୧।୪(ଭାରତୀ ଭୂଷଣ ଉପାଧ୍ୟାୟ)

ଖେଳ ଓ ଖେଳାଳିଙ୍କ ମଧ୍ୟରେ କେବଳ କ୍ରୀଡ଼ା ଏକତା ସୃଷ୍ଟି କରିବାର ଭାବନା ତିଆରି କରିଥାଏ। ଶନିବାର ସନ୍ଧ୍ୟାରେ ଗୋପ ବାଳିକା ବିଦ୍ୟାଳୟ ପରିସରରେ ଗୋପ ଆଥ୍‌ଲେଟିକ ଆସୋସିଏଶନ ଦ୍ୱାରା ଆୟୋଜିତ ୬ଷ୍ଠ ମା' ଭବାନୀ ଏକଦିବସୀୟ ଭଲିବଲ ଟୁର୍ନାମେଣ୍ଟରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି। କାର୍ଯ୍ୟକ୍ରମରେ ଅତିଥି ଭାବେ ଗୋପ ଥାନା ଏସ୍ଆଇ ବୁଦ୍ଧରାୟ ମାଝୀ, ଯୁବ ନେତୃତ୍ୱ ମନଦୀପ ପାଇକରାୟ, ଶିକ୍ଷାବିତ୍ ବିଭୂତି ଭୂଷଣ ପଟ୍ଟନାୟକ, ବରିଷ୍ଠ ପୂର୍ବତନ ଖେଳାଳି କୃଷ୍ଣଚନ୍ଦ୍ର ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ। ଏହି ରାଜ୍ୟସ୍ତରୀୟ ଭଲିବଲ୍ ଟୁର୍ନାମେଣ୍ଟରେ ବାଲେଶ୍ୱର କ୍ଲବ, ଭୁବନେଶ୍ୱରର ରେନ୍‌ବୋ କ୍ଲବ, କିଟ୍ ଭୁବନେଶ୍ୱର ସହିତ ୬ଟି ଟିମ୍ ଭାଗ ନେଇଥିବା ଜଣାପଡ଼ିଛି। ଏହି ରାଜ୍ୟସ୍ତରୀୟ ଭଲିବଲ୍ ଟୁର୍ନାମେଣ୍ଟକୁ ଜାତୀୟସ୍ତରର ରେଫରି ଶ୍ରୀକାନ୍ତ ନାୟକ, ତ୍ରିଲୋଚନ ଦାସ ପ୍ରମୁଖ ପରିଚାଳନା କରିଥିବା ବେଳେ ମା' ଭବାନୀ କ୍ଲବର ସଦସ୍ୟ ଦେବାଶିଷ ପାତ୍ର, ଦେବାଶିଷ ସାହୁ, ସୁଶାନ୍ତ କୁମାର ବେହେରା, ଅନିଲ କୁମାର ସେନାପତି, ବିନିମୟ ସ୍ୱାଇଁ ଓ ପ୍ରତ୍ୟୁଷ କୁମାର ସାହୁପ୍ରମୁଖ ସହଯୋଗ କରିଥିଲେ। ରବିବାର ସନ୍ଧ୍ୟାରେ ଦ୍ୱିତୀୟ ଏକଦିବସୀୟ ଜିଲାସ୍ତରୀୟ ଟୁର୍ନାମେଣ୍ଟ ଏହି ବିଦ୍ୟାଳୟ ପରିସରରେ ଆୟୋଜନ କରାଯିବ ବୋଲି ଆୟୋଜକ କମିଟି ପକ୍ଷରୁ ଜଣାପଡ଼ିଛି।



ରାଜ୍ୟସ୍ତରୀୟ ୬ଷ୍ଠ ଭଲିବଲ୍ ଟୁର୍ନାମେଣ୍ଟ ଉଦ୍‌ଘାଟନ ଅବସରରେ ଅତିଥିଙ୍କ ସହ ଖେଳାଳି।

## ପଞ୍ଚପଦୀ ଶିକ୍ଷଣ ମାଧ୍ୟମରେ ହେବ ପଞ୍ଚକୋଷର ବିକାଶ

କୋଣାର୍କ,୧୧।୪(ଜ୍ୟୋତିରାଜ ମହାନ୍ତି)




ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ପ୍ରଶିକ୍ଷକ ଓ ଶିକ୍ଷୟିତ୍ରୀ ଶିକ୍ଷକ।

ଗୋପ ଶିକ୍ଷା ମଣ୍ଡଳ ଅନ୍ତର୍ଗତ ଦଶାଟିଆ ହାଇସ୍କୁଲରେ ୫ଦିନ ଧରି ପ୍ରାଥମିକ ବିଦ୍ୟାଳୟ ଶିକ୍ଷକଙ୍କ ନିମନ୍ତେ 'ପ୍ରୋଧନ' ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜାତୀୟ ଶିକ୍ଷାନୀତି-୨୦୨୦ର ଲକ୍ଷ୍ୟ ସାକାର ପାଇଁ ଜାତୀୟ ପାଠ୍ୟକ୍ରମ ଆଧାର-୨୦୨୩ ଏବଂ ଓଡ଼ିଶା ପାଠ୍ୟକ୍ରମ ଆଧାର-୨୦୨୫ର ଅନୁକରଣରେ ଶିଶୁବାଟିକାରୁ ଅଷ୍ଟମଶ୍ରେଣୀ ପର୍ଯ୍ୟନ୍ତ ପ୍ରସ୍ତୁତ ନୂତନ ପାଠ୍ୟପୁସ୍ତକର ବୈଶିଷ୍ଟ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ନୂତନ ପାଠ୍ୟକ୍ରମରେ ଭାରତୀୟ ଜ୍ଞାନ ପରମ୍ପରା ଓ ଆଞ୍ଚଳିକତାକୁ ଗୁରୁତ୍ୱ ଦିଆଯାଇଛି। ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକମାନେ ଦକ୍ଷତାଭିତ୍ତିକ ଶିକ୍ଷଣ ଓ ଆକଳନ (ପଞ୍ଚପଦୀ ସୋପାନ) ମାଧ୍ୟମରେ ଶିକ୍ଷାର୍ଥୀଙ୍କ ସାମଗ୍ରିକ ବିକାଶ (ପଞ୍ଚକୋଷ)କୁ ସୁନିଶ୍ଚିତ କରିବା ଏହି ପ୍ରଶିକ୍ଷଣର ମୂଳ ଲକ୍ଷ୍ୟ ବୋଲି ଜିଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ କହିଛନ୍ତି। ଦଶାଟିଆ ହାଇସ୍କୁଲ, ନାଗପୁର ନୋଡାଲ ହାଇସ୍କୁଲ, ନିଗମାନନ୍ଦ ହାଇସ୍କୁଲ ଓ ନୟାହାଟ ହାଇସ୍କୁଲରେ ୩ଟି ପର୍ଯ୍ୟାୟରେ ୪୫୦ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଅବଶିଷ୍ଟ ୧୬୦ଜଣ ଶିକ୍ଷକଙ୍କୁ ଖୁବଶୀଘ୍ର ପ୍ରଶିକ୍ଷଣ ଦିଆଯିବ ବୋଲି ଗୋପ ମଣ୍ଡଳ ଶିକ୍ଷାଧିକାରୀ ଅମିତା ସେନାପତି କହିଛନ୍ତି। ଗୋପ ଏବିଇଓ ତଥା ବିଆର୍‌ସିସି ଦେବେନ୍ଦ୍ରନାଥ କାଣ୍ଡି ଏବଂ ଏବିଇଓ ସମ୍ରାଟ ଭଞ୍ଜ ଭୋଇଙ୍କ ତତ୍ତ୍ୱାବଧାନରେ ଶିବିର ଅନୁଷ୍ଠିତ ହୋଇଥିଲା। ସାଧନକର୍ମୀ ରୂପେ ଦଶାଟିଆ ହାଇସ୍କୁଲରେ ସିଆର୍‌ସିସି ରବୀନ୍ଦ୍ରନାଥ ବାହିନୀପତି, ସ୍ମୃତିରେଖା ବରାଳ, କିଶୋର ମାଝୀ ଓ ଶିକ୍ଷକ ରାଜେଶ ନାୟକ, ନାଗପୁର ନୋଡାଲ ହାଇସ୍କୁଲରେ ଦୁଃଶାସନ ଦଳାଇ, ଡ. ପ୍ରଦୀପ କୁମାର ପାତ୍ର, ପ୍ରଦୀପ କୁମାର ମହାନ୍ତି ଓ ପ୍ରଭାତ କୁମାର ସାହୁ, ନିଗମାନନ୍ଦ ହାଇସ୍କୁଲରେ ଅକ୍ଷୟ କୁମାର ଦାସ, ଝୁଲି ନାୟକ, ଆଲୋକ ରଞ୍ଜନ ପ୍ରଧାନ ଓ ରୋଜାଲିନ ବାରିକ ଏବଂ ନୟାହାଟ ହାଇସ୍କୁଲରେ ବିନୋଦ କୁମାର ମିଶ୍ର, ତାପସ କୁମାର ନାୟକ, ଜିତେନ୍ଦ୍ର କୁମାର ମୁଦୁଲି ଓ ବିଦ୍ୟାଧର ମିଶ୍ର ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସିଆର୍‌ସିସି ଦୀପକ କୁମାର ସେନାପତି, ପ୍ରଶାନ୍ତ ବରାଳ ଏବଂ ସୁଚରିତା ପାତ୍ର ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ଆକ୍ରମଣ ଅଭିଯୋଗରେ ଯୁବକ ଗିରଫ

ଭୁବନେଶ୍ୱର,୧୧।୪ (ପ୍ରସନଜିତ୍ ସାହୁ)

ଆକ୍ରମଣ ଅଭିଯୋଗରେ ଜଣେ ଯୁବକଙ୍କୁ ଶନିବାର ଲକ୍ଷ୍ମୀସାଗର ଥାନା ପୋଲିସ ଗିରଫ କରିଛି। ଅଭିଯୁକ୍ତ ହେଲେ ଜଗତ୍‌ସିଂହପୁର ମଣ୍ଡାସାହି ଅଞ୍ଚଳର ବିବେକ ପାଇଟାଳ (୧୯ )। ସେ ଧଉଳି ଥାନା ଅନ୍ତର୍ଗତ ବିଜୟ ବିହାରରେ ରୁହନ୍ତି। ସୂଚନାଯୋଗ୍ୟ, ଝାରପଡା ଅଞ୍ଚଳରେ ରହୁଥିବା ହମ୍‌ସାରଉଦ୍ଦିନ ଖାନ୍ ଶୁକ୍ରବାର ଅପରାହ୍ନ ପ୍ରାୟ ୪ ଟା ୪୫ରେ ଝାରପଡା ମହାଦେବ ନଗର ରାସ୍ତାରେ ଯାଉଥିଲେ। ଟ୍ରାଫିକ ଜାମ ଥିବାରୁ ସେ ଅଟକିଥିଲେ। ସେହି ସମୟରେ ଏକ ଧଳା ସ୍କର୍ପିଓ ଗାଡ଼ିରେ ଦିବ୍ୟ ନାମକ ଯୁବକ ରାସ୍ତାରେ ଉପସ୍ଥିତ ଥିବା ଜଣେ ଟ୍ରାକ୍ଟର ଡ୍ରାଇଭରଙ୍କୁ ଆକ୍ରମଣ କରିଥିଲେ। ଏହାର ପ୍ରତିବାଦ କରିବାରୁ ଦିବ୍ୟ ଓ ତାଙ୍କ ବାପା ହମ୍‌ସାରଉଦ୍ଦିନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଏହାକୁ ନେଇ ହମ୍‌ସାରଉଦ୍ଦିନ ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୨୩୦ /୨୦୨୬) ରୁଜୁ କରି ଅଭିଯୁକ୍ତ ବିବେକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ବ୍ରିଜ୍ ନିର୍ମାଣ ସ୍ଥାନକୁ ନେଇ ବିବାଦ, ରାସ୍ତାକାମ ବନ୍ଦ

ବାଲିପାଟଣା,୧୧।୪(ଅଭିମନ୍ୟୁ ନାୟକ)

ଭୁବନେଶ୍ୱର ବ୍ଲକ ଅଧୀନ ଉତ୍ତରା ସରଦେଇପୁରଠାରୁ ନିମାପଡ଼ା ପର୍ଯ୍ୟନ୍ତ ଚାରିଥାକିଆ ରାସ୍ତା ନିର୍ମାଣ ହେବ। ପ୍ରଥମ ପର୍ଯ୍ୟାୟରେ ପୂର୍ତ୍ତ ବିଭାଗ ପକ୍ଷରୁ ବାଲକାଟୀ ଦୁଲାଦେଇଙ୍କଠାରୁ ବାଲିପାଟଣା ପର୍ଯ୍ୟନ୍ତ ୩୬କୋଟି ଟଙ୍କାର ଟେଣ୍ଡର ହୋଇ ରାସ୍ତା କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତେବେ ପିଚୁ କାମ ସରିବାକୁ ଥିବା ବେଳେ ବିଶ୍ୱନାଥପୁରଠାରେ ଏକ ବ୍ରିଜ୍ ନିର୍ମାଣ ସ୍ଥାନକୁ ନେଇ ବିବାଦ ଦେଖାଦେବାରୁ ରାସ୍ତା କାମ ବନ୍ଦ ରହିଛି।

ସୂଚନା ମୁତାବକ, ରାସ୍ତା କାମ ପୂର୍ବରୁ ତହସିଲ ପ୍ରଶାସନ ପକ୍ଷରୁ ମାପଚୁପ କରାଯାଇଥିଲା। ବିଶ୍ୱନାଥପୁରଠାରେ ଥିବା ବ୍ରିଜ୍‌ରୁ ଯାଉଥିବା ପାଣି ସରକାରୀ ଜାଗାରେ ନ ଯାଇ ଜଣେ ବ୍ୟକ୍ତିଙ୍କ ଜାଗାରେ ଯାଉଥିବା ଜଣାପଡ଼ିବା ପରେ ନୂତନ ସ୍ଥାନରେ ବ୍ରିଜ୍ ନିର୍ମାଣ ସହ ୧୦୦ ମିଟର ଡ୍ରେନ୍ ଖୋଳାଯାଇ ସିଧାସଳଖ ପାଣି ନିଷ୍କାସନ ପାଇଁ ତହସିଲ ପ୍ରଶାସନ



ନିର୍ମାଣ ବିବାଦକୁ ନେଇ ରାସ୍ତାକାମ ବନ୍ଦ ରହିଛି।

ପକ୍ଷରୁ ସ୍ଥିର ହୋଇଥିଲା। ତେବେ ନୂତନ ବ୍ରିଜ୍ ନିର୍ମାଣ ପାଇଁ ଖୋଳାଯାଉଥିବା ବେଳେ କେତେଜଣ ବ୍ୟକ୍ତି ପହଞ୍ଚି ବିରୋଧ କରିଥିଲେ। ଫଳରେ ବ୍ରିଜ୍ କାମ ନ ହୋଇପାରିବାରୁ ରାସ୍ତା କାମ ବନ୍ଦ ରହିଛି। ଏନେଇ ଚାଷୀ ବିରଞ୍ଚି ପାଣିଗ୍ରାହୀ କହିଛନ୍ତି, ପୁରୁଣା ସ୍ଥାନରେ ବ୍ରିଜ୍ ନିର୍ମାଣ ହେଲେ ପାଣି ସୁରୁଖୁରୁରେ ଯିବ। ନୂତନ ସ୍ଥାନରେ ବ୍ରିଜ୍ ହେଲେ ପାଣି ନିଷ୍କାସନ ଭଲରେ ନ ହୋଇ ଗାଁକୁ ବଳକା ପାଣି ପଶି କ୍ଷତି ପହଞ୍ଚାଇବ। ସେହିପରି ଚାଷୀ ତ୍ରିଲୋଚନ ସ୍ୱାଇଁ କହିଛନ୍ତି, ପୂର୍ବରୁ ଡ୍ରେନ୍ ବଙ୍କା ହୋଇ ଯାଇଥିଲା। ତେଣୁ ନୂତନ ଜାଗାରେ ବ୍ରିଜ୍ ହେଲେ ଗହୀର ଜଳ ୩ ନମ୍ବର ଡ୍ରେନରୁ ୪ନମ୍ବର ଡ୍ରେନକୁ ସିଧା ବାଟଦେଇ ଗଲେ ଜଳ ନିଷ୍କାସନ ହେବାରେ କିଛି ଅସୁବିଧା ହେବନାହିଁ। ଅନ୍ୟପକ୍ଷରେ ବର୍ଷା ଦିନ ଆସିବା ପୂର୍ବରୁ ଏହାର ସ୍ଥାୟୀ ସମାଧାନ କରାଯିବାକୁ ବାଲିପାଟଣା ପ୍ରେସ୍ କ୍ଲବ ସଭାପତି ଦିଲୀପ କୁମାର ଓଝା ଦାବି କରିଛନ୍ତି। ତେବେ ଏ ସମ୍ପର୍କରେ ବାଲିପାଟଣା ତହସିଲଦାର କଳ୍ପନା ଦାସ କହିଛନ୍ତି, ଲୋକଙ୍କ ଦାବି ଅନୁସାରେ ବ୍ରିଜ ନିର୍ମାଣ ହେଲେ ଜଣେ ଲୋକଙ୍କ ଜାଗା ଦେଇ ଡ୍ରେନ୍ ପାଣି ଯିବ। ପ୍ରଶାସନ ଉକ୍ତ ସ୍ଥାନରେ ବ୍ରିଜ୍ ନିର୍ମାଣ କରିବାକୁ ଆଦେଶ ପ୍ରଦାନ କରିବ ନାହିଁ। ଯେଉଁ ନୂତନ ସ୍ଥାନରେ ବ୍ରିଜ୍ କରିବାକୁ ସ୍ଥାନ ନିରୂପଣ ହୋଇଛି ତାହା ସରକାରୀ ଜାଗା। ସେଠାରେ ହିଁ ବ୍ରିଜ ନିର୍ମାଣ କରାଯାଇ ଶହେ ମିଟର ଡ୍ରେନ୍ ଖୋଳି ଜଳ ନିଷ୍କାସନ କରିହେବ। ସେହିପରି ପୂର୍ତ୍ତ ବିଭାଗ ଯନ୍ତ୍ରୀ ମନୋରଞ୍ଜନ ମହାନ୍ତି କହିଛନ୍ତି, ଡ୍ରେନେଜ୍ ବିଭାଗ ସହଯୋଗ କଲେ ତହସିଲ ପକ୍ଷରୁ ନିରୂପଣ ହୋଇଥିବା ସ୍ଥାନରେ ବ୍ରିଜ୍ ନିର୍ମାଣ କରାଯିବ।

## ଭଲ ମଣିଷ ହେବାକୁ ପରାମର୍ଶ



ଉତ୍ସବରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଓ ଅନ୍ୟ ଅତିଥି।

### ମହାରଥା ହାଇସ୍କୁଲ୍‌ର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ

ବାଲିଅନ୍ତା, ୧୧।୪(ନୀଳମାଧବ ସାହୁ)

ଭୁବନେଶ୍ୱର ମହାନଗର ନିଗମର ୪ନଂ. ୱାର୍ଡ ନହରକଣ୍ଟାସ୍ଥିତ ମହାରଥା ହାଇସ୍କୁଲ୍‌ର ୬୬ତମ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଯୋଗଦେଇ କହିଛନ୍ତି, ଛାତ୍ରୀଛାତ୍ର ଆଗକୁ ବଢ଼ିବାରେ ଅଛି ତ ମନ ଦେଇ ପାଠ ପଢ଼ିବାକୁ ପଡ଼ିବ। କଠିନ ପରିଶ୍ରମର ବିକଳ୍ପ ନାହିଁ ବୋଲି ସେ କହିଥିଲେ। ଅତିଥି ଭାବେ ପୂର୍ବତନ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଯୋଗଦେଇ ଛାତ୍ରୀଛାତ୍ର ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ପ୍ରଧାନଶିକ୍ଷକ କାର୍ତ୍ତିକ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଉତ୍ସବରେ ଅନ୍ୟତମ ଅତିଥି ଭାବେ ସ୍ଥାନୀୟ କର୍ପୋରେଟର ସୁକୁମାର ସାହୁ, ବିଶିଷ୍ଟ ଶିକ୍ଷାବିତ୍ ତଥା ସାମାଜିକ କର୍ମୀ ବ୍ରଜବନ୍ଧୁ ପଣ୍ଡା, ପଞ୍ଚସଖା ଶିକ୍ଷାସେତୁର ଚେୟାରମ୍ୟାନ୍ ପ୍ରଦୀପ୍ତ କୁମାର ଛୋଟରାୟ, ବିଦ୍ୟାଳୟ ପରିଚାଳନା କମିଟିର ଚେୟାରମ୍ୟାନ ହୃଦାନନ୍ଦ ରାଉଳ ଓ ବରିଷ୍ଠ ସର୍ଜନ ଡା.ସତ୍ୟପ୍ରକାଶ ରାୟଚୌଧୁରୀ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ସୁବର୍ଣ୍ଣ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ ଓ ଶିକ୍ଷକ ପ୍ରମୋଦ କୁମାର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ମଞ୍ଚକୁ ଦିଲୀପ କୁମାର ସାହୁ ପରିଚାଳନା କରିଥିବା ବେଳେ ସ୍ୱର୍ଣ୍ଣଲତା ରାଉତ ଧନ୍ୟବାଦ ଦେଇଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ ଚିତ୍ତାକର୍ଷକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ଦୁର୍ଘଟଣା: ଜଣେ ମୃତ, ୨ ଆହତ

ବାଲିପାଟଣା ୧୧।୪(ଅଭିମନ୍ୟୁ ନାୟକ)

ବାଲିପାଟଣା ଥାନା ଅଧୀନ ବିଶ୍ୱନାଥପୁର ଛକରେ ଶନିବାର ରାତିରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ରାସ୍ତା ପାର୍ଶ୍ୱରେ ଛିଡ଼ା ହୋଇଥିବା ବାଇକ୍‌କୁ ଅନ୍ୟ ଏକ ବାଇକ୍ ଧକ୍କାଦେବାରୁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨ଜଣ ଆହତ ହୋଇଛନ୍ତି। ମୃତକ ହେଲେ ଭୁବନେଶ୍ୱର ରଘୁନାଥପୁର ଅଞ୍ଚଳର ବିଷ୍ଣୁଚରଣ ରାଉତ। ସେ ବିଶ୍ୱନାଥପୁର ଗ୍ରାମର ଜ୍ୱାଇଁ ବୋଲି ଜଣାପଡ଼ିଛି। ସୂଚନା ଅନୁସାରେ, ଏକ ବାଇକ୍ ରାସ୍ତା ପାର୍ଶ୍ୱରେ ଛିଡ଼ା ହୋଇଥିବା ବେଳେ ବାଲିପାଟଣାରୁ ବାଲକାଟୀ ଅଭିମୁଖେ ଦ୍ରୁତଗତିରେ ଯାଉଥିବା ଅନ୍ୟ ଅନ୍ୟ ଏକ ବାଇକ୍ ଧକ୍କା ଦେଇଥିଲା। ଫଳରେ ଦୁଇଟି ବାଇକ୍‌ରେ ଥିବା ଲୋକେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ସ୍ଥାନୀୟ ମେଡିକାଲ ପଠାଇଥିଲେ। ପରେ ଗୁରୁତର ବିଷ୍ଣୁଚରଣଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ଦୁଇଜଣ ଆହତ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ଖବରପାଇ ବାଲିପାଟଣା ପୋଲିସ ହପଞ୍ଚି ଦୁର୍ଘଟଣାଗ୍ରସ୍ତ ଦୁଇଟି ବାଇକ୍‌କୁ ଜବତ କରି ତଦନ୍ତ ଆରମ୍ଭ କରିଛି।





ସୁରଭି ପକ୍ଷରୁ ଗୁରୁ କେଳୁଚରଣ ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ଚାଲିଥିବା ଜାତୀୟସ୍ତରୀୟ ଶାସ୍ତ୍ରୀୟ ନୃତ୍ୟ ଓ ସଙ୍ଗୀତ ଉତ୍ସବ 'ଏକାମ୍ର ନୃତ୍ୟ ମହୋତ୍ସବ'ରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱ।

## ୮ ବର୍ଷ ପରେ ୨ଜଣଙ୍କୁ ଗିରଫ କଲା ପୋଲିସ

### ଅପହରଣ ପରେ ମାଡ଼ମାରି ସାଦା କାଗଜରେ ଦସ୍ତଖତ ନେବା ଘଟଣା

ଭୁବନେଶ୍ୱର,୧୧।୪ (ପ୍ରସନଜିତ୍ ସାହୁ)

ଅପହରଣ ପରେ ମାଡ ମାରି ସାଦା କାଗଜରେ ଦସ୍ତଖତ ନେଇ ୩ ଗାଡି ନେଇଯିବା ଘଟଣାର ୮ବର୍ଷ ପରେ ପୋଲିସ ପଦକ୍ଷେପ ନେଇଛି। ଏନେଇ ମାମଲା ରୁଜୁ କରିବା ସହ ଶନିବାର ୨ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଝାରପଡା ଅଞ୍ଚଳର ଶିବ ସେଠୀ(୪୭) ଓ କଳାରାହାଙ୍ଗ ଅଞ୍ଚଳର ବିକାଶ ମହାରଣା (୫୩)। ଅନ୍ୟମାନଙ୍କୁ ଗିରଫ ପାଇଁ ଉଦ୍ୟମ ଚାଲିଥିବା ପୋଲିସ କହିଛି।

ସୂଚନାଯୋଗ୍ୟ, ଦୁଃଖ ମାର୍ଥା, କୁନା ମଙ୍ଗରାଜ, ରାକେଶ ଜେନା, ଶିବ ସେଠୀଙ୍କ ସମେତ ଅନ୍ୟମାନେ ୨୦୧୮ ମସିହାରେ ଜୋର୍ ଜବରଦସ୍ତ ୩ଟି ଗାଡି ଛଡାଇ ନେଇଥିବା ଅଭିଯୋଗ ହୋଇଥିଲା। ଭୁବନେଶ୍ୱର ବିଷ୍ଣୁ ମନ୍ଦିର ନିକଟରେ ରହୁଥିବା ତପନ କୁମାର ନାୟକ ଅଭିଯୁକ୍ତ ଶିବ ସେଠୀଙ୍କ ମଧ୍ୟସ୍ଥତାରେ ତାଙ୍କ ନାମରେ ଥିବା ୩ଟି ୪ ଚକିଆ ଗାଡି ବନ୍ଧକ ରଖି ଦୁଃଖ ମାର୍ଥାଙ୍କଠାରୁ କିଛି ଟଙ୍କା ଧାର ନେଇଥିଲେ। ମାତ୍ର ଟଙ୍କା ଫେରସ୍ତ ଦେଇ ନ ପାରିବାରୁ





କିଛିଦିନ ପରେ ଅଭିଯୁକ୍ତମାନେ ତପନଙ୍କୁ ଝାରପଡା କେନାଲ ରୋଡ୍ ନିକଟକୁ ଡାକି ତାଙ୍କୁ ଅପହରଣ କରି ଗୋଟିଏ ବନ୍ଦ ଘରେ ମୁଣ୍ଡ ଜାମିନ ରଖିଥିଲେ। ସେମାନେ ତପନଙ୍କୁ ମାଡ ମାରିବା ସହିତ ସାଦା କାଗଜରେ ଦସ୍ତଖତ କରାଇ ସମସ୍ତ ଗାଡି ପାଇଥିବା ନେଇ ଏକ ମିଥ୍ୟା ଚୁକ୍ତିପତ୍ର କରିଥିଲେ। ଉକ୍ତ ଗାଡିଗୁଡିକୁ ନିଜ ନାମକୁ ଟ୍ରାନ୍ସଫର କରିବା ସମୟରେ ଅଭିଯୁକ୍ତମାନେ ଜାଲ ଆର୍‌ସି ବୁକ୍ , ସ୍ମାର୍ଟ କାର୍ଡ, ବୀମା କାଗଜପତ୍ର ଓ ଫାଷ୍ଟଟ୍ୟାଗ ରିପୋର୍ଟ ବ୍ୟବହାର କରିଥିଲେ। ଏହାକୁ ନେଇ ତପନ ଶହୀଦନଗର ଥାନାରେ ଅଭିଯୋଗ କରିଥିଲେ।

## ସୁନ୍ଦର ସମାଜ ଗଠନ ପାଇଁ ଭଲ ମଣିଷ ତିଆରି ହେବା ଉଚିତ

ଭୁବନେଶ୍ୱର,୧୧।୪ (ସୌମ୍ୟରଞ୍ଜନ ରାଉତ)

ନୀଳାଦ୍ରି ବିହାର ସେକ୍ଟର-୩ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ନୀଳାଦ୍ରି ବିହାର ଦୁର୍ଗାପଡିଆଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଦୀନବନ୍ଧୁ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଯୋଗଦେଇ କହିଲେ, ସମାଜ ପାଇଁ ବର୍ତ୍ତମାନ ସଂସ୍କାରମୂଳକ ଶିକ୍ଷାର ଆବଶ୍ୟକତା ରହିଛି। ଖାଲି ଜଣେ ଭଲ ପାଠପଢ଼ି ଉଚ୍ଚ ଶିକ୍ଷିତ ହୋଇଗଲେ ସମାଜର ଉନ୍ନତି ଘଟିବ ନାହିଁ, ଏକ ସୁନ୍ଦର ସମାଜ ଗଠନ ପାଇଁ ଭଲ ମଣିଷ ତିଆରି ହେବା ଉଚିତ। ମାତାପିତା, ଗୁରୁମାନେ ପିଲାମାନଙ୍କୁ ଭଲ ପାଠ ପଢାଇବା ସହିତ ସଂସ୍କାରମୂଳକ ଶିକ୍ଷା ପ୍ରତି ଧ୍ୟାନ ଦେବା ଆବଶ୍ୟକ। ଏହା ଚରିତ୍ର ଗଠନ ଦିଗରେ ସହାୟକ ହେବ। ସମ୍ମାନିତ ଅତିଥି ଭାବେ ଭାରତୀୟ ଶିକ୍ଷା ସଂସ୍ଥାନର ମହାସଚିବ ଡ. କରୁଣାକର ପ୍ରଧାନ, ଦୂରଦର୍ଶନ କେନ୍ଦ୍ରର ପୂର୍ବତନ ନିର୍ଦ୍ଦେଶକ ଡ. କୃତ୍ତିବାସ ନାୟକ, ଲାୟନ୍ସ କିଶୋର ପ୍ରମୁଖ ଯୋଗଦେଇ ବିଦ୍ୟାମନ୍ଦିରର ସଂସ୍କାରାତ୍ମକ ଶିକ୍ଷାଦାନ ପଦ୍ଧତିକୁ ପ୍ରଶଂସା କରିଥିଲେ। ଏହି ଅବସରରେ ପିଲାଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ କୁନିକୁନି କଳାକାରଙ୍କ ଦ୍ୱାରା କ୍ଷୁଦ୍ର ନାଟକ ପରିବେଷଣ ବେଶ୍ ହୃଦୟସ୍ପର୍ଶୀ ହୋଇଥିଲା। ଏଥିସହ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ବିଦ୍ୟାଳୟ ପରିଚାଳନା ସମିତି ସଭାପତି ସୁକାନ୍ତ କୁମାର ରାଉତ ସଭା ପରିଚାଳନା କରିଥିଲାବେଳେ ସମ୍ପାଦକ ରମାକାନ୍ତ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।



ନୀଳାଦ୍ରି ବିହାର ସେକ୍ଟର-୩ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବରେ ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

## ୧୨୫.୫ କେଜି ଗଞ୍ଜେଇ ଜବତ, ୨ ଗିରଫ

ଭୁବନେଶ୍ୱର,୧୧।୪(ତ୍ରିନାଥ ମହାନ୍ତି)

ଚନ୍ଦକା ଦାସପୁରରେ ଗଞ୍ଜେଇ ଚାଲାଣ ବେଳେ ଏକ କାର୍‌କୁ ଜବତ କରିଛି ଏସ୍‌ଟିଏଫ୍। ଉକ୍ତ ଗାଡ଼ିରୁ ୧୨୫.୫ କେଜି ଗଞ୍ଜେଇ ଜବତ କରାଯାଇଥିବା ବେଳେ ୨ଜଣ ଗଞ୍ଜେଇ ବେପାରୀଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ମନମୁଣ୍ଡା ବୌଦ୍ଧର ସୌରଭ ରଞ୍ଜନ ହାତୀ ଏବଂ ରୁଗୁଡ଼ିପାଲିର ମିଥୁନ ବିଶ୍ୱାଳ। ସୂଚନା ଅନୁସାରେ, ଏହି ଅଭିଯୁକ୍ତ ଦ୍ୱୟ ବୌଦ୍ଧରୁ ଗଞ୍ଜେଇ ଆଣି ଭୁବନେଶ୍ୱର ଏବଂ ଏହାର ଆଖପାଖ ଅଞ୍ଚଳରେ ବିକ୍ରି କରନ୍ତି। ଶନିବାର ରାତିରେ ଉଭୟ ବୌଦ୍ଧରୁ ଗଞ୍ଜେଇ ଆଣି ଚନ୍ଦକା ଦାସପୁରରେ ପହଞ୍ଚିଥିଲେ। ସେଠାରେ ଜଣେ ବେପାରୀଙ୍କୁ ଗଞ୍ଜେଇ ଦେବାକୁ ଅପେକ୍ଷା କରିଥିବା ବେଳେ ଏସ୍‌ଟିଏଫ୍ ଅଧିକାରୀ ସେମାନଙ୍କୁ କାବୁ କରିଥିଲେ।

## ଚୋରି ଲୁହା ଜବତ, ୨ ଗିରଫ

ଭୁବନେଶ୍ୱର,୧୧।୪(ପ୍ରସନଜିତ୍ ସାହୁ)

ଲୁହା ସାମଗ୍ରୀ ଚୋରି ଅଭିଯୋଗରେ ଶନିବାର ମଞ୍ଚେଶ୍ୱର ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ହାଡବାଇ ବସ୍ତିର ସଞ୍ଜୟ ଦାସ (୨୪) ଓ ରାଜୁ ଦାସ (୩୨)। ସୂଚନାଯୋଗ୍ୟ, ଗତ ଜାନୁଆରୀ ୨୪ ବିଳମ୍ବିତ ରାତିରେ ମଞ୍ଚେଶ୍ୱରସ୍ଥିତ ଏମ/ଏସ ଓଡ଼ିଶା କମ୍ପ୍ୟୁଟର୍ସ ଆଣ୍ଡ କମ୍ୟୁନିକେଶନ ପ୍ରା.ଲି.ରୁ କିଛି ଲୁହା ସାମଗ୍ରୀ ଚୋରି ହୋଇଥିଲା। ତାହାକୁ କବାଡିଆ ଦୋକାନରେ ବିକ୍ରି କରାଯାଇଥିବା ଜଣାପଡିଥିଲା। ହାଡବାଇ ବସ୍ତିର କାଳିଆ ଏବଂ ସଞ୍ଜୟ ବିକ୍ରି କରିଥିବା ନେଇ ସଂସ୍ଥାର ନିର୍ଦ୍ଦେଶକ ରାଜ କିଶୋର ଭୂୟାଁଙ୍କୁ କହିଥିଲେ। ଏନେଇ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ.୫୯ /୨୦୨୬) ରୁଜୁ କରି ତଦନ୍ତ ସମୟରେ କବାଡିଆ ଦୋକାନୀଙ୍କ ନିକଟରୁ ଚୋରା ଲୁହା ସାମଗ୍ରୀଗୁଡିକୁ ଜବତ କରି ଅଭିଯୋଗକାରୀଙ୍କ ଜିମା ଦେଇଥିଲା। ପୋଲିସ ୨ ଅଭିଯୁକ୍ତଙ୍କୁ ଚକେଇସିଆଣୀ ଅଞ୍ଚଳରୁ ଗିରଫ କରି କୋର୍ଟ ଚାଲାଣ କରିଛି। ଦୁଇ ଅଭିଯୁକ୍ତଙ୍କ ମଧ୍ୟରୁ ସଞ୍ଜୟ ନାଁରେ ପୂର୍ବରୁ ମଞ୍ଚେଶ୍ୱର ଥାନାରେ ୩ଟି ମାମଲା ରହିଥିବା ବେଳେ ରାଜୁଙ୍କ ନାଁରେ ୨ଟି ମାମଲା ରହିଛି। ବର୍ତ୍ତମାନ ଏହି ମାମଲାର ଅଧିକ ତଦନ୍ତ ଚାଲିଥିବା ପୋଲିସ ସୂଚନା ଦେଇଛି।

## ବାଲି, ଇଟା ଗଦା କରି ଆକ୍ରମଣ: ୪ ଗିରଫ

ଭୁବନେଶ୍ୱର,୧୧।୪(ପ୍ରସନଜିତ୍ ସାହୁ)

ଜୋରଜବରଦସ୍ତ ବାଲି ଓ ଇଟା ଗଦା କରିବା ସହିତ ଆକ୍ରମଣ ଅଭିଯୋଗରେ ଲକ୍ଷ୍ମୀସାଗର ଥାନା ପୋଲିସ ଶନିବାର ୪ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଝାରପଡା ହରିଜନ ସାହିର ସନ୍ତୋଷ ନାୟକ (୩୪), ଗଣେଶ ନାୟକ (୩୨), ଶ୍ରୀକାନ୍ତ ନାୟକ (୩୦) ଓ ସୁରେଶ ନାୟକ (୩୬)। ପ୍ରକାଶ ଯେ, ଅଭିଯୁକ୍ତ ସନ୍ତୋଷଙ୍କ ପରିବାର ଝାରପଡ଼ା ହରିଜନ ସାହି ପ୍ଲଟ୍ ନଂ.୧୦୮୨ରେ ରହୁଥିବା ତପନ ନାୟକଙ୍କ ଘର ପଛପଟେ ରୁହନ୍ତି। ସେମାନେ ଏକ ପାଇଖାନା ଟାଙ୍କି ନିର୍ମାଣ ପାଇଁ ତପନଙ୍କ ଜମିରେ ଜୋରଜବରଦସ୍ତ ବାଲି ଓ ଇଟା ଗଦା କରିଥିଲେ। ପ୍ଲଟ ନଂ.୧୦୭୯ ତାଙ୍କ ବାପାଙ୍କ ନିଜସ୍ୱ ସମ୍ପତ୍ତି ଓ ଏଥିରେ ଅନ୍ୟ କାହାର କୌଣସି ଅଧିକାର ନ ଥିବା ତପନ କହିବାରୁ ସନ୍ତୋଷଙ୍କ ସହିତ ତାଙ୍କ ପରିବାରର ସଦସ୍ୟ ଏକତ୍ରିତ ହୋଇ ତପନଙ୍କ ଘରେ ପଶି ତାଙ୍କୁ ଓ ତାଙ୍କ ପରିବାରର ଅନ୍ୟ ସଦସ୍ୟଙ୍କୁ ମାଡ଼ ମାରିଥିଲେ। ଏନେଇ ତପନ ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ କରିଥିଲେ। ପାଲିସ ଏକ ମାମଲା (ନଂ.୨୩୨ /୨୦୨୬) ରୁଜୁ କରି ଅଭିଯୁକ୍ତ ସନ୍ତୋଷ, ଗଣେଶ, ଶ୍ରୀକାନ୍ତ ଓ ସୁରେଶଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ମାମଲାର ଅଧିକ ତଦନ୍ତ ଚାଲିଥିବା ପୋଲିସ ସୂଚନା ଦେଇଛି।

## ଓୟୁଏଟି ଅଣଶିକ୍ଷକ କର୍ମଚାରୀ ସଂଘର ୩୪ତମ ବାର୍ଷିକ ଅଧିବେଶନ

ଭୁବନେଶ୍ୱର,୧୧।୪ (ସୁଚିସ୍ମିତା ସାହୁ)

ଓୟୁଏଟି ଅଣଶିକ୍ଷକ କର୍ମଚାରୀ ସଂଘର ୩୪ତମ ବାର୍ଷିକ ସାଧାରଣ ଅଧିବେଶନ ପଶୁ ଚିକିତ୍ସା ମହାବିଦ୍ୟାଳୟ ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ୨୦୨୬-୨୭ ବର୍ଷ ନିମନ୍ତେ ସଂଘର ନୂତନ କର୍ମକର୍ତ୍ତାଙ୍କୁ ସର୍ବସମ୍ମତି କ୍ରମେ ମନୋନୟନ କରାଯାଇଥିଲା। ନ ସଭାପତି ଭାବେ ରଞ୍ଜନ କୁମାର ସାମନ୍ତରାୟ, ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ସେନାପତି, ଉପସଭାପତି ଭାବେ ଚୌଧୁରୀ ମନୋଜ କୁମାର ମହାନ୍ତି ଓ ନିରଞ୍ଜନ ବେହେରା, ଦେବାଶିଷ ନାୟକ କାର୍ଯ୍ୟକାରୀ ସମ୍ପାଦକ, ବିଶ୍ୱରଞ୍ଜନ ପ୍ରଧାନ, ସୌମେନ୍ଦ୍ର ମିଶ୍ର, ସରୋଜ ନାୟକ, କିଶୋର ମୋହନ ସେଠୀ, କିରଣ କୁମାର ସାହୁ, ରଘୁନାଥ ପତି ପ୍ରମୁଖ ମନୋନୀତ ହୋଇଥିଲେ। ଅଧିବେଶନରେ କର୍ମଚାରୀମାନେ ବିଭିନ୍ନ ସମସ୍ୟା ସମ୍ପର୍କରେ ବିଶ୍ୱବିଦ୍ୟାଳୟର ବରିଷ୍ଠ ପ୍ରଶାସକଙ୍କୁ ଅବଗତ କରାଯାଇଥିଲେ। ଏହି ଅବସରରେ ଗତବର୍ଷ ଅବସର ଗ୍ରହଣ କରିଥିବା ୩୦ରୁ ଊର୍ଦ୍ଧ୍ୱ ପ୍ରାକ୍ତନ କର୍ମଚାରୀଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।





ଅତିଥିମାନେ ଓୟୁଏଟି ଅଣଶିକ୍ଷକ କର୍ମଚାରୀ ସଂଘର ୨ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

## ବାଜିଲା ଫଲ୍ସ ଆଲାର୍ମ, ଭୟରେ ଧାଇଁଲେ ଲୋକେ

### ଏସ୍‌ସିବିରେ ନିଆଁ ଭୟ

କଟକ,୧୧।୪(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ଟ୍ରମା ଆଇସିୟୁ ଅଗ୍ନିକାଣ୍ଡ ଘଟଣା ପରେ ଏବେ ନିଆଁର ଭୟ ସମସ୍ତଙ୍କୁ ଘାରିଛି। ମେଡିକାଲର ପ୍ରାୟତଃ ବିଭାଗରେ ଫାୟାର ଆଲାର୍ମ ବାଜୁଛି ଏବଂ ଏହାର କାରଣ ପାଲଟୁଛି ଧୂଳି। ଠିକ୍ ଏଭଳି ଏକ ଘଟଣା ଶନିବାର ଅପରାହ୍ନରେ ଏସ୍‌ସିବିର ହୃଦ୍‌ରୋଗ ବିଭାଗରେ ଘଟିଥିଲା। ଉକ୍ତ ବିଭାଗରେ ରୋଗୀ ଭର୍ତ୍ତି ଥିବାବେଳେ ଦ୍ୱିତୀୟ ମହଲାରୁ ହଠାତ୍ ଫାୟାର ଆଲାମ୍ ବାଜିଥିଲା। ଫଳରେ ଲୋକେ ଭୟଭୀତ ହୋଇ ବାହାରକୁ ଚାଲିଆସିଥିଲେ। ସଙ୍ଗେ ସଙ୍ଗେ ଅଗ୍ନିଶମ ବାହିନୀକୁ ମେଡିକାଲ ପକ୍ଷରୁ ଅଗବତ କରାଯାଇଥିଲା। ତୁରନ୍ତ ଘଟଣାସ୍ଥଳରେ



ଟିମ୍ ପହଞ୍ଚି ଯାଞ୍ଚ କରିଥିଲା। ତେବେ ଏହା ଫଲ୍ସ ବା ମିଛ ଆଲାମ୍ ବାଜି ଥିବା ଜଣାପଡ଼ିଛି। ଉକ୍ତ ବିଭାଗରେ ଲାଗିଥିବା ସ୍ପ୍ରିଙ୍କଲରରେ ଧୂଳି ଲାଗିବାରୁ ଏଭଳି ଆଲାର୍ମ ବାଜିଥିବା ଅଗ୍ନିଶମ ବିଭାଗର ଅଧିକାରୀ ପ୍ରକାଶ କୁମାର ପରିଜା ସୂଚନା ଦେଇଛନ୍ତି। ତେବେ ଏଭଳି ଘଟଣା ଆଜି ନୂଆ ନୁହେଁ ବରଂ ପ୍ରତ୍ୟେକ ଦିନ ଏଭଳି ଫଲ୍ସ ଆଲାମ୍ ବାଜୁଥିବା ସେ କହିଛନ୍ତି। ଅନ୍ୟପଟେ ଏସ୍‌ସିବିରେ ଲାଗିଥିବା ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ଠିକ୍ ଭାବେ ଯାଞ୍ଚ କରାଯାଉ ନ ଥିବା ଏବଂ ଏହାର ରକ୍ଷଣାବେକ୍ଷଣ ବ୍ୟବସ୍ଥା ନେଇ ମେଡିକାଲ କର୍ତ୍ତୃପକ୍ଷଙ୍କ ନିଘା ନ ଥିବା ଏଭି ଘଟଣାରୁ ସ୍ପଷ୍ଟ ବାରି ହୋଇଯାଇଛି। ଏନେଇ ମେଡିକାଲ ଅଧୀକ୍ଷକ ଡା. ଜ୍ୟୋତିଷ ଚନ୍ଦ୍ର ଚୌଧୁରୀଙ୍କୁ ପଚାରିବାରୁ କହିଛନ୍ତି, ଅଗ୍ନି ନରାପତ୍ତା ବ୍ୟବସ୍ଥା ନେଇ ସମସ୍ତ କାର୍ଯ୍ୟ କରାଯାଉଛି। ଏପରିକି ଅଗ୍ନିଶମ ବିଭାଗ ସହ ମଧ୍ୟ ଯୋଗାଯୋଗରେ ରହିଛୁ। ଏଭଳି ସମସ୍ୟା ଆଗାମୀ ଦିନରେ ଉପୁଜିବ ନାହିଁ ବୋଲି ଆଶା କରୁଛୁ। ତେବେ ଏସ୍‌ସିବି ଆଇସିୟୁରେ ଅଗ୍ନିକାଣ୍ଡ ପରେ ମେଡିକାଲର ନ୍ୟୁମେଡିସିନ ବହିର୍ବିଭାଗ, ନନ୍‌ଟ୍ରମା କାଜୁଆଲ୍‌ଟି, ଦନ୍ତ ବହିର୍ବିଭାଗ, ପ୍ଲାଷ୍ଟିକ ସର୍ଜରି ବହିର୍ବିଭାଗରେ ଶଟସର୍କିଟ ଯୋଗୁ ନିଆଁ ଲାଗିଥିବାବେଳେ ବର୍ନ ଆଇସିୟୁରେ ନିକଟରେ ଏଭଳି ଫଲ୍ସ ଆଲାମ୍ ବାଜି ଲୋକ ଭୟଭୀତ ହୋଇଥିଲେ।

ସୂଚନାଥାଉ କି, ଗତ ମାର୍ଚ୍ଚ ୧୫ ତାରିଖ ବିଳମ୍ବିତ ରାତିରେ ଏସ୍‌ସିବି ମେଡିକାଲର ଟ୍ରମା ଆଇସିୟୁରେ ଅଗ୍ନିକାଣ୍ଡରେ ୧୩ଜଣଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣାର ବିଚାର ବିଭାଗୀୟ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ସେହିପରି ସୁରକ୍ଷା ବ୍ୟବସ୍ଥା ଯାଞ୍ଚ ପାଇଁ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସ୍ଥାନୀୟ ତହସିଲଦାର, ଅତିରିକ୍ତ ତହସିଲଦାରଙ୍କ ତତ୍ତ୍ୱାବଧାନରେ ୫ଟି ସ୍ୱତନ୍ତ୍ର ଟିମ୍ ପକ୍ଷରୁ ମେଡିକାଲ, କଲେଜ, ହଷ୍ଟେଲର ସମୁଦାୟ ୮୫ଟି କୋଠାର ଯାଞ୍ଚ କରାଯାଇଥିଲା। କେନ୍ଦ୍ରୀୟ ଟିମ୍ ମଧ୍ୟ ନିକଟରେ ଏସ୍‌ସିବିରେ ପହଞ୍ଚି ତଦନ୍ତ କରିଥିଲା।

## ସଂକ୍ଷେପରେ

### ଦ୍ରୁତ ଗାଡ଼ିଚାଳନା ନେଲା ଜୀବନ

ବାରଙ୍ଗ,୧୧।୪(ଲିଙ୍ଗରାଜ ରାଉତ): ବାରଙ୍ଗ ଥାନା ଗୋଡ଼ିସାହି ଫାଣ୍ଡି ଅନ୍ତର୍ଗତ ରାମଦାସପୁର ଏକ ଘରୋଇ ମସଲା କମ୍ପାନୀ ସମ୍ମୁଖରେ ଦ୍ରୁତ ଗାଡ଼ି ଚାଳନା ଯୋଗୁ ଶୁକ୍ରବାର ଜଣଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗୋଡ଼ିସାହି ଶବରସାହିର ପ୍ରଶାନ୍ତ ଦେହୁରୀ (୨୭)। ଏହି ଦୁର୍ଘଟଣାରେ ୨ଭାଇ ଗୁରୁତର ହୋଇଛନ୍ତି। ଶନିବାର ଫାଣ୍ଡି ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତ ଦେହକୁ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନା ପଠାଇଛି।

ବିଳମ୍ବିତ ରାତିରେ ପ୍ରଶାନ୍ତ ଏକ ପଲ୍‌ସର ଗାଡ଼ିରେ ତାଙ୍କ ସମ୍ପର୍କୀୟ ୨ ଭାଇଙ୍କ ସହ ସିଆଇଏସ୍‌ଏଫ୍ ପଟୁ ଗୋଡ଼ିସାହି ଅଭିମୁଖେ ଦ୍ରୁତଗତିରେ ଆସୁଥିଲେ। ଗୋଡ଼ିସାହି ପାଖରେ ଥିବା ଏକ ଘରୋଇ ମସଲା କମ୍ପାନୀ ସମ୍ମୁଖରେ ଅନ୍ୟ ଏକ ବାଇକ ସହ ସେମାନଙ୍କର ଧକ୍କା ହୋଇଥିଲା। ପ୍ରଶାନ୍ତ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଗଛକୁ ଧକ୍କା ଦେଇଥିଲେ। ଫଳରେ ପ୍ରଶାନ୍ତ ଓ ତାଙ୍କ ସମ୍ପର୍କୀୟ ଭାଇ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ଠାରୁ ଖବରପାଇ ଗୋଡ଼ିସାହି ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନାକୁ ପଠାଇଥିଲା। କିନ୍ତୁ ସେଠାରେ ପ୍ରଶାନ୍ତଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

### ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ

ବାଙ୍କୀ,୧୧।୪(ଜ୍ଞାନେନ୍ଦ୍ର ମୋହନ ମିଶ୍ର): ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଲକ୍ଷ୍ମୀନାରାୟଣ ମୋଦି ଛାତ୍ରାବାସ ଓ ଆଦିବାସୀ ହରିଜନ ଛାତ୍ରାବାସର ମିଳିତ ଆନୁକୂଲ୍ୟରେ ଶେଷ ବର୍ଷ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରମାନଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଆୟୋଜିତ ଉତ୍ସବରେ ଭାରପ୍ରାପ୍ତ ଅଧ୍ୟକ୍ଷା ପ୍ରାଧ୍ୟାପିକା ଗାୟତ୍ରୀ ନାୟକ ସଭାପତିତ୍ୱ କରିବା ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇ ଏହି ଛାତ୍ରାବାସ ବହୁ ପୁରାତନ ଓ ଏହି ଛାତ୍ରାବାସରୁ ଅନେକ ଛାତ୍ର ବିଧାୟକ ହେବା ସହ ଭାରତର ବିଭିନ୍ନ ସ୍ଥାନରେ ଭଲ ଭଲ ଚାକିରି କରି ସୁନାମ ଅର୍ଜନ କରିଛନ୍ତି। ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଶାସନିକ ଅଧିକାରୀ ଡ. ଶୈଳେନ୍ଦ୍ର ଚନ୍ଦ୍ର ଦେଓ, ଏକାଡେମି ଅଧିକାରୀ କ୍ୟାପଟେନ ଗୁରୁବାରୀ ସାହୁ, ଅଧ୍ୟାପକ ଚିନ୍ମୟ ଚିତ୍ତରଞ୍ଜନ, ଅଧ୍ୟାପକ ଆଶିଷ କୁମାର ପାଢ଼ୀ, କିଶୋର ଚନ୍ଦ୍ର ସ୍ୱାଇଁ, କୁମୁଦ ରଞ୍ଜନ ମହାରଣା ଅଧ୍ୟାପକ ଚିନ୍ମୟ ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ।ଏହି ଅବସରରେ ୫୭ ଜଣ ବିଦାୟୀ ଛାତ୍ରମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା

### ଆକ୍ରମଣ ଅଭିଯୋଗରେ ଯୁବକ ଗିରଫ

ଭୁବନେଶ୍ୱର,୧୧।୪(ପ୍ରସନଜିତ୍ ସାହୁ): ଆକ୍ରମଣ ଅଭିଯୋଗରେ ଜଣେ ଯୁବକଙ୍କୁ ଶନିବାର ଲକ୍ଷ୍ମୀସାଗର ଥାନା ପୋଲିସ ଗିରଫ କରିଛି। ଅଭିଯୁକ୍ତ ହେଲେ ଜଗତ୍‌ସିଂହପୁର ମଣ୍ଡାସାହି ଅଞ୍ଚଳର ବିବେକ ପାଇଟାଳ (୧୯ )। ସେ ଧଉଳି ଥାନା ବିଜୟ ବିହାରରେ ରୁହନ୍ତି। ଝାରପଡା ଅଞ୍ଚଳରେ ରହୁଥିବା ହମ୍‌ସାରଉଦ୍ଦିନ ଖାନ୍ ଶୁକ୍ରବାର ଅପରାହ୍ଣରେ ଝାରପଡା ମହାଦେବ ନଗର ରାସ୍ତାରେ ଯାଉଥିଲେ। ଟ୍ରାଫିକ ଜାମ ଥିବାରୁ ସେ ଅଟକିଥିଲେ। ସେହି ସମୟରେ ଏକ ଧଳା ସ୍କର୍ପିଓ ଗାଡ଼ିରେ ଦିବ୍ୟ ନାମକ ଯୁବକ ରାସ୍ତାରେ ଉପସ୍ଥିତ ଥିବା ଜଣେ ଟ୍ରାକ୍ଟର ଡ୍ରାଇଭରଙ୍କୁ ଆକ୍ରମଣ କରିଥିଲେ। ପ୍ରତିବାଦ କରିବାରୁ ଦିବ୍ୟ ଓ ତାଙ୍କ ବାପା ହମ୍‌ସାରଉଦ୍ଦିନଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ।

# ଧୂଳି ଲାଗି ବାଜିଲା ଫଲ୍ସ ଆଲାମ୍, ଭୟରେ ଧାଇଁଲେ ଲୋକେ

## ଏସ୍‌ସିବିରେ ନିଆଁ ଭୟ

କଟକ,୧୧।୪(ଶିଳ୍ପା ପ୍ରିୟଦର୍ଶିନୀ)



ଏସ୍‌ସିବି ଟ୍ରମା ଆଇସିୟୁ ଅଗ୍ନିକାଣ୍ଡ ଘଟଣା ପରେ ଏବେ ନିଆଁର ଭୟ ସମସ୍ତଙ୍କୁ ଘାରିଛି। ମେଡିକାଲର ପ୍ରାୟତଃ ବିଭାଗରେ ଫାୟାର ଆଲାମ୍ ବାଜୁଛି ଏବଂ ଏହାର କାରଣ ପାଲଟୁଛି ଧୂଳି। ଠିକ୍ ଏଭଳି ଏକ ଘଟଣା ଶନିବାର ଅପରାହ୍ଣରେ ଏସ୍‌ସିବିର ହୃଦ୍‌ରୋଗ ବିଭାଗରେ ଘଟିଥିଲା। ଉକ୍ତ ବିଭାଗରେ ରୋଗୀ ଭର୍ତ୍ତି ଥିବାବେଳେ ଦ୍ୱିତୀୟ ମହଲାରୁ ହଠାତ୍ ଫାୟାର ଆଲାମ୍ ବାଜିଥିଲା। ଫଳରେ ଲୋକେ ଭୟଭୀତ ହୋଇ ବାହାରକୁ ଚାଲିଆସିଥିଲେ। ସଙ୍ଗେ ସଙ୍ଗେ ଅଗ୍ନିଶମ ବାହିନୀକୁ ମେଡିକାଲ ପକ୍ଷରୁ ଅଗବତ କରାଯାଇଥିଲା। ତୁରନ୍ତ ଘଟଣାସ୍ଥଳରେ ଟିମ୍ ପହଞ୍ଚି ଯାଞ୍ଚ କରିଥିଲା। ତେବେ ଏହା ଫଲ୍ସ ବା ମିଛ ଆଲାମ୍ ବାଜି ଥିବା ଜଣାପଡ଼ିଛି। ଉକ୍ତ ବିଭାଗରେ ଲାଗିଥିବା ସ୍ପ୍ରିଙ୍କଲରରେ ଧୂଳି ଲାଗିବାରୁ ଏଭଳି ଆଲାର୍ମ ବାଜିଥିବା ଅଗ୍ନିଶମ ବିଭାଗର ଅଧିକାରୀ ପ୍ରକାଶ କୁମାର ପରିଜା ସୂଚନା ଦେଇଛନ୍ତି। ତେବେ ଏଭଳି ଘଟଣା ଆଜି ନୂଆ ନୁହେଁ ବରଂ ପ୍ରତ୍ୟେକ ଦିନ ଏଭଳି ଫଲ୍ସ ଆଲାମ୍ ବାଜୁଥିବା ସେ କହିଛନ୍ତି। ଅନ୍ୟପଟେ ଏସ୍‌ସିବିରେ ଲାଗିଥିବା ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ଠିକ୍ ଭାବେ ଯାଞ୍ଚ କରାଯାଉ ନ ଥିବା ଏବଂ ଏହାର ରକ୍ଷଣାବେକ୍ଷଣ ବ୍ୟବସ୍ଥା ନେଇ ମେଡିକାଲ କର୍ତ୍ତୃପକ୍ଷଙ୍କ ନିଘା ନ ଥିବା ଏଭି ଘଟଣାରୁ ସ୍ପଷ୍ଟ ବାରି ହୋଇଯାଇଛି। ଏନେଇ ମେଡିକାଲ ଅଧୀକ୍ଷକ ଡା. ଜ୍ୟୋତିଷ ଚନ୍ଦ୍ର ଚୌଧୁରୀଙ୍କୁ ପଚାରିବାରୁ କହିଛନ୍ତି, ଅଗ୍ନି ନରାପତ୍ତା ବ୍ୟବସ୍ଥା ନେଇ ସମସ୍ତ କାର୍ଯ୍ୟ କରାଯାଉଛି। ଏପରିକି ଅଗ୍ନିଶମ ବିଭାଗ ସହ ମଧ୍ୟ ଯୋଗାଯୋଗରେ ରହିଛୁ। ଏଭଳି ସମସ୍ୟା ଆଗାମୀ ଦିନରେ ଉପୁଜିବ ନାହିଁ ବୋଲି ଆଶା କରୁଛୁ। ତେବେ ଏସ୍‌ସିବି ଆଇସିୟୁରେ ଅଗ୍ନିକାଣ୍ଡ ପରେ ମେଡିକାଲର ନ୍ୟୁମେଡିସିନ ବର୍ହିର୍ବିଭାଗ, ନନ୍‌ଟ୍ରମା କାଜୁଆଲ୍‌ଟି, ଦନ୍ତ ବର୍ହିର୍ବିଭାଗ, ପ୍ଲାଷ୍ଟିକ ସର୍ଜରି ବର୍ହିର୍ବିଭାଗରେ ଶଟସର୍କିଟ ଯୋଗୁ ନିଆଁ ଲାଗିଥିବାବେଳେ ବର୍ନ ଆଇସିୟୁରେ ନିକଟରେ ଏଭଳି ଫଲ୍ସ ଆଲାମ୍ ବାଜି ଲୋକ ଭୟଭୀତ ହୋଇଥିଲେ।

ସୂଚନାଥାଉକି, ଗତ ମାର୍ଚ୍ଚ ୧୫ ତାରିଖ ବିଳମ୍ବିତ ରାତିରେ ଏସ୍‌ସିବି ମେଡିକାଲର ଟ୍ରମା ଆଇସିୟୁରେ ଅଗ୍ନିକାଣ୍ଡରେ ୧୩ଜଣଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣାର ବିଚାର ବିଭାଗୀୟ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ସେହିପରି ସୁରକ୍ଷା ବ୍ୟବସ୍ଥା ଯାଞ୍ଚ ପାଇଁ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସ୍ଥାନୀୟ ତହସିଲଦାର, ଅତିରିକ୍ତ ତହସିଲଦାରଙ୍କ ତତ୍ତ୍ୱାବଧାନରେ ୫ଟି ସ୍ୱତନ୍ତ୍ର ଟିମ୍ ପକ୍ଷରୁ ମେଡିକାଲ, କଲେଜ, ହଷ୍ଟେଲର ସମୁଦାୟ ୮୫ଟି କୋଠାର ଯାଞ୍ଚ କରାଯାଇଥିଲା। କେନ୍ଦ୍ରୀୟ ଟିମ୍ ମଧ୍ୟ ନିକଟରେ ଏସ୍‌ସିବିରେ ପହଞ୍ଚି ତଦନ୍ତ କରିଥିଲା।

# ୨ ଚୋରା ଗୋରୁ ବୋଝେଇ ଗାଡ଼ି ଜବତ: ୧୦ ଉଦ୍ଧାର

## ଓଲଟିଲା ଗୋରୁ ବୋଝେଇ କଣ୍ଟେନର

ବାଙ୍କୀ,୧୧।୪(ଶୁଭେନ୍ଦୁ ମହାପାତ୍ର/ଜ୍ଞାନେନ୍ଦ୍ର ମୋହନ ମିଶ୍ର):



ବାଙ୍କୀ ଥାନା ଅନ୍ତର୍ଗତ ଜାତ ମୁଣ୍ଡିଆ – ସୁବର୍ଣ୍ଣପୁର ସେତୁ ଦେଇ ଗୋରୁ ବୋଝେଇ କଣ୍ଟେନର ଯାଉଥିବା ବେଳେ ଭରସାମ୍ୟ ହରାଇ ଓଲଟି ପଡଛି। ଅନ୍ୟପକ୍ଷରେ ପଛରୁ ଯାଉଥିବା ଆଉ ଏକ ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ୍‌ଟି ଅଟକି ରହିଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡ଼ିଗୁଡ଼ିକୁ ଜବତ କରିଥିବା ବେଳେ ଚାଳକ ଫେରାର ହୋଇଯାଇଛନ୍ତି। ଘଟଣାସ୍ଥଳରୁ ୧୦ ଗୋରୁ ଉଦ୍ଧାର କରି ଭାପୁରସ୍ଥିତ ଏକ ଗୋଶାଳାରେ ସୁରକ୍ଷିତ ଭାବେ ଛାଡ଼ିଥିବା ଆଇଆଇସି ଦିଲୀପ କୁମାର ମର୍ଦ୍ଦରାଜ ଭୂୟାଁ କହିଛନ୍ତି। ଏନେଇ ପୋଲିସ ଥାନାରେ ମାମଲା(ନଂ. ୨୦୬/୨୬) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ପ୍ରକାଶ ଥାଉ କି, ନୟାଗଡ଼ ଅଞ୍ଚଳର ଗୋରୁ ମାଫିଆମାନେ ଗାଡ଼ିରେ ଗୋରୁ ବୋଝେଇ କରି ଚାଲାଣ କରୁଥିଲେ। ଜାତ ମୁଣ୍ଡିଆ – ସୁବର୍ଣ୍ଣପୁର ସେତୁ ଦେଇ ବାହରକୁ ଚାଲାଣ କରୁଥିବା ସମୟରେ ସେଥି ମଧ୍ୟରୁ ଭାରସାମ୍ୟ ହରାଇ ଏକ ଗୋରୁ ବୋଝେଇ କଣ୍ଟେନରଟି ଓଲଟି ପଡିଥିଲା। ଫଳରେ ଯାତାୟାତ ବାଧାପ୍ରାପ୍ତ ହେବା ସହ ଗାଡ଼ିରେ ଥିବା ଗୋରୁ ଖଣ୍ଡିଆ ଖାବରା ହୋଇ ରକ୍ତାକ୍ତ ହୋଇଥିଲେ। ଖବର ପାଇ ସୁବର୍ଣ୍ଣପୁର ବିଟ୍ ହାଉସ ଅଧିକାରୀ ସମ୍ବିତ କୁମାର ସ୍ୱାଇଁ, ବାଙ୍କୀ ଥାନା ଆଇଆଇସି ଦିଲୀପ କୁମାର ମର୍ଦ୍ଦରାଜ ଭୂୟାଁ ଘଟଣାସ୍ଥଳରେ ପହଞ୍ଚି ସେତୁ ଉପରୁ ଗାଡ଼ି ହଟାଇବା ପରେ ଯାତାୟାତ ସଚଳ ହୋଇଥିଲା। ଅନ୍ୟପକ୍ଷରେ ସ୍ଥାନୀୟ ଲୋକଙ୍କ ସୂଚନା ମୁତାବକ, ସେହି ସ୍ଥାନରେ ୪ଟି ଗାଡ଼ିରେ ଗୋରୁ ଚାଲାଣ ହୋଇଥିବା ବେଳେ ୨ଟି ଗାଡ଼ି ଖସି ପଳାଇଥିଲା। ମାତ୍ର କଣ୍ଟେନର ଗାଡିଟି ସେତୁ କାର୍ଯ୍ୟ ଅଚଳାବସ୍ଥା ନେଇ ଓଲଟି ପଡିଥିଲା। ଫଳରେ ପଛରେ ଆସୁଥିବା ଗୋରୁ ବୋଝେଇ ପିକ ଅପ ଭ୍ୟାନ ଅଟକି ରହିଥିଲା। ସ୍ଥାନୀୟ ଲୋକେ ଗାଡ଼ିରୁ ୩୫ରୁ ଉର୍ଦ୍ଧ୍ୱ ଗୋରୁଙ୍କୁ ଉଦ୍ଧାର କରିଥିବା ବେଳେ ଗୋରୁ ଅନ୍ୟ ଆଡ଼େ ଚାଲି ଯାଇଥିଲେ।

# ବସନ୍ତ ଋତୁ ସାହିତ୍ୟିକଙ୍କୁ ଲେଖିବାକୁ ପ୍ରେରଣା ଯୋଗାଏ



ସାରଳା ସାହିତ୍ୟ ସଂସଦର ବସନ୍ତ ଉତ୍ସବରେ ଅତିଥି ଓ ସମ୍ମାନିତ ବ୍ୟକ୍ତି ବିଶେଷ।

କଟକ,୧୧।୪(କାର୍ତ୍ତିକ ସାହୁ)

## ସାରଳା ସାହିତ୍ୟ ସଂସଦର ବସନ୍ତ ଉତ୍ସବ

ସାରଳା ସାହିତ୍ୟ ସଂସଦ ପକ୍ଷରୁ ବସନ୍ତ ଉତ୍ସବ ଓ ସାରସ୍ୱତ ସମ୍ବର୍ଦ୍ଧନା ସମାରୋହ ସାରଳା ଭବନରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ହାଇକୋର୍ଟ ପୂର୍ବତନ ବିଚାରପତି ଜଷ୍ଟିସ ଡ. ମଦନମୋହନ ଦାସ ଉଦ୍‌ଘାଟନ କରି ଭାରତୀୟ କାବ୍ୟକବିତାରେ ବସନ୍ତ ବର୍ଣ୍ଣନା ଅତ୍ୟନ୍ତ ମନୋମୁଗ୍ଧକର ବୋଲି କହିଥିଲେ। ମୁଖ୍ୟ ଅତିଥି ସାହିତ୍ୟି ଦେବଦାସ ଛୋଟରାୟ ବସନ୍ତ ଋତୁର ଆଗମନ ସଦା ମଣିଷ ମନରେ ଆନନ୍ଦ ଆଣିଥାଏ ବୋଲି କହିଥିଲେ। ସମ୍ମାନିତ ଅତିଥି ଡ. ବାସୁଦେବ ସୁନାନୀ କହିଲେ, ଯୁଗେ ଯୁଗେ ସାହିତ୍ୟରେ ବସନ୍ତ ଋତୁର ପ୍ରଭାବ ବିସ୍ତାର କରିଛି। ମୁଖ୍ୟ ବକ୍ତା ଡ. ସତ୍ୟନାରାୟଣ ପଣ୍ଡା କହିଲେ, ବସନ୍ତ ଋତୁ ସାହିତ୍ୟିକଙ୍କୁ ଲେଖିବା ପାଇଁ ପ୍ରେରଣା ଯୋଗାଏ। ସଂସଦର ପ୍ରତିଷ୍ଠାତା ଓ ସଭାପତି ଡ. ପ୍ରଭାକର ସ୍ୱାଇଁ ଅଧ୍ୟକ୍ଷତା କରି କହିଲେ ଓଡ଼ିଆ ସାହିତ୍ୟଠାରୁ ଭାରତୀୟ ଓ ବିଶ୍ୱ ସାହିତ୍ୟରେ କବି ଓ ଲେଖକ ବସନ୍ତ ବର୍ଣ୍ଣନା କରିଛନ୍ତି।

ଏହି ଅବସରରେ ସଂସଦ ପକ୍ଷରୁ କଥାକାର ଭାଗୀରଥି ଦାସଙ୍କୁ କଥାଗୌରବ ସମ୍ମାନ, ଶିଳ୍ପୀ ରବିନାରାୟଣ ରଥଙ୍କୁ ଶିଳ୍ପୀଗୌରବ ସମ୍ମାନ, କବି ସୁରେଶ କୁମାର ନାୟକ ଓ କବି ଭିକାରୀ ଧଳଙ୍କୁ ସାରଳ କବିତା ସମ୍ମାନ, ଲେଖିକା ରଶ୍ମି ମିଶ୍ରଙ୍କୁ ସାରଳା କଥା ସମ୍ମାନ, କଥାକାର କିଶୋର କୁମାର ରାଉତଙ୍କୁ ସାରଳା କାହାଣି ସମ୍ମାନ, ପ୍ରାବନ୍ଧିକ ଡ. ଜ୍ୟୋତି ରଞ୍ଜନ ସାମଲଙ୍କୁ ସାରଳା ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଛି। ସଂସଦର ସମ୍ପାଦକ ପ୍ରଫେସର ଡା ନିରଞ୍ଜନ ତ୍ରିପାଠୀ ବସନ୍ତର ପଲ୍ଲବିତ ପ୍ରକୃତି ଉପରେ ମତ ଉପସ୍ଥାପନ କରିଥିଲେ। ସଞ୍ଜିତ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରିୟତମା ସାହୁ, ଗୋପା ଦାସ, ଛବିରାଣୀ ପତି ଓ କ୍ରାନ୍ତିବାଳା ନାୟକ ମାନପତ୍ର ପାଠ କରିଥିଲେ। ଅଧ୍ୟାପକ କ୍ଷୀରୋଦ କୁମାର ସାହୁ, ବ୍ରଜକିଶୋର ବେଉରା ଓ ପୂର୍ଣ୍ଣ ପଟ୍ଟନାୟକ ଉତ୍ସବ ପରିଚାଳନା କରିଥିଲେ।

# ପୂଜାର୍ଚ୍ଚନା, ସଙ୍ଗଠନର ମୂଳଦୁଆ ପକାଇଲେ ଶାନ୍ତାୟନ



କାର୍ଯ୍ୟକ୍ରମରେ ଯୋଗଦେଇଥିବା କଂଗ୍ରେସ ନେତା ଓ କର୍ମୀମାନେ।

## କର୍ପୋରେଟରଙ୍କ ସମେତ ବରିଷ୍ଠ ନେତାଙ୍କ ଅନୁପସ୍ଥିତି ନେଇ ଚର୍ଚ୍ଚା

କଟକ,୧୧।୪(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ନଗର ଜିଲା କଂଗ୍ରେସ ସଭାପତି ଶାନ୍ତାୟନ ମିଶ୍ର ଦାୟିତ୍ୱ ଗ୍ରହଣ କରିବା ପରେ ଶନିବାର ପଞ୍ଚମୁଖୀ ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ କଂଗ୍ରେସର କର୍ପୋରେଟର, ବରିଷ୍ଠ ନେତା ଓ କର୍ମୀ ସେଠାରେ ଏକଜୁଟ୍ ହୋଇଥିଲେ। ହେଲେ ସେଥିମଧ୍ୟରୁ ପୁରୁଖା ନେତା ଓ କେତେଜଣ କର୍ପୋରେଟର ଉପସ୍ଥିତ ନ ଥିବା ଦେଖିବାକୁ ମିଳିଥିଲା। ତେବେ ଏହି ପୂଜାର୍ଚ୍ଚନା ଆଳରେ ସଙ୍ଗଠନର ପ୍ରଥମମୂଳ ପଡ଼ିଥିବା ବେଶ ଚର୍ଚ୍ଚା ହେଉଛି। ଏଥିରେ ପୂର୍ବତନ ମନ୍ତ୍ରୀ ବିଜୟଲକ୍ଷ୍ମୀ ସାହୁ, ମାନସ ଚୌଧୁରୀ, ପୂର୍ବତନ ବିଧାୟକ ରବି ମଲ୍ଲିକ, ପିସିସି ସୋସିଆଲ ମିଡିଆ ଅଧ୍ୟକ୍ଷ ବିଶ୍ୱଜିତ ମହାନ୍ତି, କର୍ପୋରେଟର ସନ୍ତୋଷ ଭୋଳ, ଶୁଭାଶିଷ ପଟ୍ଟନାୟକ, ବଟକୃଷ୍ଣ ସାହୁ, ଜନାର୍ଦ୍ଦନ ପରିଡ଼ା, ଜଗନ୍ନାଥ ସାହୁ, ଅମ୍ରିତା ଦାସ, ରାମଚନ୍ଦ୍ର ଗୋଚ୍ଛାୟତଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

### ଡମପଡ଼ା ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟ ରକ୍ତଦାନ ଶିବିର, ୩୨ ୟୁନିଟ୍ ରକ୍ତ ସଂଗ୍ରହ

ବାଙ୍କୀ,୧୧।୪(ଜ୍ଞାନେନ୍ଦ୍ର ମୋହନ ମିଶ୍ର):

ଡମପଡ଼ା ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟରେ ଏକ ରକ୍ତଦାନ ଶିବିର କେନ୍ଦ୍ରୀୟ ରେଡ୍‌କ୍ରସ ବ୍ଲଡ ବ୍ୟାଙ୍କ ସହାୟତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରୁ ୩୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ଶିବିରକୁ ଅଧ୍ୟକ୍ଷ ଚିତ୍ତରଞ୍ଜନ ରଣା ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ ଜ୍ୟୋତିପ୍ରକାଶ ପାଣିନୀ, ତାପସ କୁମାର ମହାନ୍ତି, ମହେଶ ରାଉତ, ଶ୍ରୁତିସନ୍ଧ୍ୟା ଦାଶଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଏହି ଅବସରରେ ଶେଷବର୍ଷର ସ୍ନାତକ ଛାତ୍ରୀଛାତ୍ରମାନଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

### ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଫୁଲନଖରା,୧୧।୪ (ସତ୍ୟରଞ୍ଜନ ଦାସମହାପାତ୍ର)

ପାହାଳ ଥାନା ଅନ୍ତର୍ଗତ ଜଗନ୍ନାଥପୁର ପଞ୍ଚାୟତ ଜୟରଶାସନସ୍ଥିତ ପଞ୍ଚବଟୀ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଅତସି ମିଶ୍ରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ପରିଚାଳନା କମିଟି ସଭାପତି ରାଜକିଶୋର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବାଲିଅନ୍ତା ବ୍ଲକ ଶିକ୍ଷାଧିକାରୀ ଭକ୍ତବତ୍ସଳ ମହାପାତ୍ର, ସରପଞ୍ଚ ବିଶ୍ୱଜିତ ଭୋଇ, ସିଆର୍‌ସିସି ସତ୍ୟବାନ ପଟ୍ଟନାୟକ, ମୁରବି ସନାତନ ପରିଜା, ସୁରେନ୍ଦ୍ରନାଥ ଛୋଟରାୟ, ଯୁଧିଷ୍ଠିର ପରିଜା, ଆଦିକନ୍ଦ ପଟ୍ଟନାୟକ, ପ୍ରଶାନ୍ତ ପରିଜା, କ୍ଷୀରୋଦ ପଟ୍ଟନାୟକ, ରଞ୍ଜନ କୁମାର ଦାସ, ବ୍ଲକ ଅଧ୍ୟକ୍ଷା ବାସନ୍ତୀ ଖଟୁଆ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପ୍ରଧାନ ଶିକ୍ଷୟିତ୍ରୀ ମିଶ୍ରଙ୍କୁ ଉତ୍ତରୀୟ, ମାନପତ୍ର, ପୁଷ୍ପଗୁଚ୍ଛ ଓ ଉପହାର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସରପଞ୍ଚ ରଶ୍ମିତା ସାହୁ, ଗଣେଶ୍ୱର ସ୍ୱାଇଁ, ଶରତ ବାରିକ ପ୍ରମୁଖ ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଶିକ୍ଷାବିତ ଉପସ୍ଥିତ ରହି ମିଶ୍ରଙ୍କ ଗୁଣଗାନ କରିଥିଲେ। ରୁପାଲୀ ପ୍ରିୟଦର୍ଶିନୀ ଦାସ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସ୍ମିତା ପରିହା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସମସ୍ତ ଶିକ୍ଷକ ଓ ଶିକ୍ଷିକା ସହଯୋଗ କରିଥିଲେ। ଅଶୋକ କୁମାର ପୃଷ୍ଟି ଧନ୍ୟବାଦ ଦେଇଥିଲେ।

# ଗ୍ରହ, ନକ୍ଷତ୍ର ଉପରେ ଗବେଷଣା ଜରୁରୀ




ଆଲୋଚନାଚକ୍ରରେ ଭାଗନେଇଥିବା ଅତିଥି।

## ବାଙ୍କୀ କଲେଜ ପଦାର୍ଥ ବିଜ୍ଞାନ ବିଭାଗର ଆଲୋଚନାଚକ୍ର

ବାଙ୍କୀ,୧୧।୪(ଜ୍ଞାନେନ୍ଦ୍ର ମୋହନ ମିଶ୍ର):

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନ ବିଭାଗ ଆନୁକୂଲ୍ୟରେ ଏକ ଆଲୋଚନାଚକ୍ର ଓ ଶେଷବର୍ଷର ସ୍ନାତକ ଛାତ୍ରୀଛାତ୍ରମାନଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ବିଭାଗୀୟ ମୁଖ୍ୟ ଡ. ସରୋଜ କୁମାର ସାହୁ ସଭାପତିତ୍ୱ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ଡ. ନିରାକାର ପ୍ରସାଦ ସାମନ୍ତରାୟ ଆଲୋଚନା ଚକ୍ର ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଭାରପ୍ରାପ୍ତ ଅଧ୍ୟକ୍ଷା ପ୍ରାଧ୍ୟାପିକା ଗାୟତ୍ରୀ ନାୟକ ଯୋଗଦେଇ ପଦାର୍ଥ ବିଜ୍ଞାନ ଛାତ୍ରୀଛାତ୍ରମାନେ ଗ୍ରହ ଓ ନକ୍ଷତ୍ର ଉପରେ ଗବେଷଣା କରିବା ଆବଶ୍ୟକ ବୋଲି କହିଥିଲେ। ମୁଖ୍ୟବକ୍ତା ପୂର୍ବତନ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇ ପାଣିପାଗ ଓ ଜଳବାୟୁ ପରିବର୍ତ୍ତନ ଯୋଗୁ ଠିକ୍ ସମୟରେ ବର୍ଷା, ଶୀତ, ଗ୍ରୀଷ୍ମ ଅନୁଭୂତ ହେଉନାହିଁ। ଏ ବିଷୟରେ ଗବେଷଣା ଜରୁରୀ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଶାସନିକ ଅଧିକାରୀ ଡ. ଶଶିଭୂଷଣ ମହାପାତ୍ର, ଅଧ୍ୟାପକ ମନୋରଞ୍ଜନ ସାମଲ, ଅଧ୍ୟାପକ ଜୟାନନ୍ଦ ଶାନ୍ତି, ପ୍ରଶାନ୍ତ କୁମାର ତ୍ରିପାଠୀ ଓ ସତ୍ୟବ୍ରତ ଦାଶ ଆଲୋଚନାରେ ଅଂଶଗ୍ରହଣ କରିଥିବା ବେଳେ ଡ. ନିରାକାର ପ୍ରସାଦ ସାମନ୍ତରାୟ ଧନ୍ୟବାଦ ଦେଇଥିଲେ।

# ସଂଘର ଶତାବ୍ଦୀ ଯାତ୍ରା ଏକ କଠୋର ସାଧନା



ଆର୍‌ଏସ୍‌ଏସ୍‌ର ଶତବାର୍ଷିକୀ ପାଳନର କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

କଟକ,୧୧।୪ (କାର୍ତ୍ତିକ ସାହୁ)

ରାଷ୍ଟ୍ରିୟ ସ୍ୱୟଂ ସେବକ ସଂଘ (ଆର୍‌ଏସ୍‌ଏସ୍) ପକ୍ଷରୁ ଶତବାର୍ଷିକୀ ପାଳନର ପ୍ରମୁଖ ନାଗରିକ ସଂଗୋଷ୍ଠୀ ସାରଳା ଭବନଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଂଘର ଶତାବ୍ଦୀ ଯାତ୍ରା ଏକ କଠୋର ସାଧନା। ହଜାର ହଜାର ସ୍ୱୟଂସେବକ ଓ କାର୍ଯ୍ୟକର୍ତ୍ତାଙ୍କ ସ୍ୱେଚ୍ଛାକୃତ ତ୍ୟାଗ ଓ ସମର୍ପଣ ଦ୍ୱାରା ସଙ୍ଗଠନ ନିର୍ମାଣ ହୋଇଛି। ୧୯୨୫ରୁ ଆରମ୍ଭ ହୋଇଥିବା ସଂଘ ଆଜି ବିଶାଳ ବଟବୃକ୍ଷରେ ପରିଣତ ହୋଇଛି। ସ୍ୱୟଂସେବକମାନଙ୍କ ସମର୍ପିତ ଓ ନିଃସ୍ୱାର୍ଥ ସାଧନା ଯୋଗୁ ଏହା ସାକାର ହୋଇଛି ବୋଲି ସଂଘର ଅଖିଳ ଭାରତୀୟ କାର୍ଯ୍ୟକାରିଣୀ ସଦସ୍ୟ ସୁରେଶ ସୋନି କହିଛନ୍ତି। ମୁଖ୍ୟଅତିଥି ଭାବେ ହାଇକୋର୍ଟ ଅବସରପ୍ରାପ୍ତ ବିଚାରପତି ବିମଳ ପ୍ରସାଦ ଦାସ ଯୋଗଦେଇ ଦେଶସେବା ଓ ସଂସ୍କାର କ୍ଷେତ୍ରରେ ସଂଘର ଯୋଗଦାନ ଅତୁଳନୀୟ ବୋଲି କହିଥିଲେ। ଜିଲା ସଂଘ ଚାଳକ ବିପିନ ବିହାରୀ ରାଉତ ଅଧ୍ୟକ୍ଷତା କରିଥିଲେ। କିଶୋର ମହାନ୍ତି, ଶରତ ସେନ, ଦୁର୍ଗାଚରଣ ବେହେରା, ବିଘ୍ନେଶ୍ୱର ସ୍ୱାଇଁ, ଡ. ନାରାୟଣ ମହାନ୍ତି, କୁଳମଣି ପ୍ରଧାନ, ଲକ୍ଷ୍ମୀଧର ପରିଡ଼ା, ନାରାୟଣ ଷଡ଼ଙ୍ଗୀ, ଚିତ୍ତରଞ୍ଜନ ମହାନ୍ତି, ସୁକାନ୍ତ ସାହୁ, ନିତାଇ ଚରଣ ନନ୍ଦ, ପ୍ରଜ୍ଞା ପରିମିତା ଆଚାର୍ଯ୍ୟ, ରଶ୍ମି କାନୁନଗୋ ପ୍ରମୁଖ ସହଯୋଗ କରିଥିଲେ। ବିଶ୍ୱରଞ୍ଜନ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।




ବିଭିନ୍ନ ଦାବି ନେଇ ଶନିବାର ଏଆଇଡିଏସ୍‌ଓ ପକ୍ଷରୁ ରେଭେନ୍‌ଶା ୟୁନିଭରସିଟି ମୁଖ୍ୟ ଗେଟ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# କଟକ ରେଳଷ୍ଟେଶନରୁ ୧୨ ନାବାଳକ ଉଦ୍ଧାର

କଟକ,୧୧।୪ (କାର୍ତ୍ତିକ ସାହୁ)

## ମାଗଣା ମଦ୍ରାସା ଶିକ୍ଷା ଆଶାରେ ବିହାରରୁ ଆସିଥିଲେ ଓଡ଼ିଶା

ମାଗଣା ମଦ୍ରାସା ଶିକ୍ଷାଲାଭ ଆଶାରେ ବିହାରରୁ ଓଡ଼ିଶା ଆସିଥିବା ୧୨ଜଣ ନାବାଳକଙ୍କୁ କଟକ ରେଳ ସୁରକ୍ଷା ବଳ (ଆର୍‌ପିଏଫ୍) ଶନିବାର ଉଦ୍ଧାର କରିଛି। ସେମାନଙ୍କୁ ଉଦ୍ଧାର ପରେ ଆର୍‌ପିଏଫ୍ ପୋଷ୍ଟକୁ ଅଣାଯାଇ ଖାଦ୍ୟ ଓ ପାନୀୟ ଜଳ ଯୋଗାଇ ଦିଆଯାଇଛି। ଉଦ୍ଧାର ନାବାଳକଙ୍କୁ ପଚରାଉଚରା ପରେ ସେମାନଙ୍କ ପରିବାର ସହ ଯୋଗାଯୋଗ କରାଯାଇଛି। ସେମାନଙ୍କ ପରିବାର ଲୋକେ ପହଞ୍ଚିବା ପର୍ଯ୍ୟନ୍ତ ସେମାନଙ୍କୁ ଚାଇଲ୍ଡ ଲାଇନ୍‌କୁ ହସ୍ତାନ୍ତର କରାଯାଇଛି। ସେମାନେ ସମସ୍ତେ ବିହାର ଅରାରିଆ ଜିଲା ଅନ୍ତର୍ଗତ ବିଭିନ୍ନ ଥାନା ଅଞ୍ଚଳର ବାସିନ୍ଦା।

ସୂଚନାନୁସାରେ, ପଶ୍ଚିମବଙ୍ଗର ନ୍ୟୁ ଜଳପାଇଗୁଡ଼ି ରେଳଷ୍ଟେଶନରୁ ତାମିଲନାଡୁର ତିରୁଚିରାପଲ୍ଲୀ ଅଭିମୁଖେ ଯାଉଥିବା ଅମ୍ରିତ ଭାରତ ଏକ୍ସପ୍ରେସ୍ (ଟ୍ରେନ୍ ନଂ ୨୦୬୦୯) ଶନିବାର ପୂର୍ବାହ୍ନ ପ୍ରାୟ ୧୦ଟା ୧୫ ମିନିଟ୍‌ରେ କଟକ ରେଳଷ୍ଟେଶନର ୪ ନମ୍ବର ପ୍ଲାଟ୍‌ଫର୍ମରେ ଅଟକିଥିଲା। ଉକ୍ତ ଟ୍ରେନ୍‌ର ପଛରେ ଥିବା ସାଧାରଣ ବଗିରୁ ୧୨ଜଣ ନାବାଳକ ଓହ୍ଲାଉଥିବା ସେଠାରେ କର୍ତ୍ତବ୍ୟରତ ଆର୍‌ପିଏଫ କର୍ମଚାରୀମାନେ ଦେଖିଥିଲେ। ଆର୍‌ପିଏଫ୍ କର୍ମଚାରୀମାନେ ସେମାନଙ୍କୁ ପଚରାଉଚରା କରିଥିଲେ। ନାବାଳକମାନେ କହିଥିଲେ, ଜଣେ ଅଜଣା ବ୍ୟକ୍ତି ସେମାନଙ୍କୁ କଟକ ରେଳଷ୍ଟେଶନରେ ଓହ୍ଲାଇବାକୁ କହିଥିଲେ। ପରେ ସମ୍ପୃକ୍ତ ବ୍ୟକ୍ତି ଆସି ସେମାନଙ୍କୁ ନେଇଯିବ ବୋଲି କହିଥିଲେ। ମାତ୍ର ସେମାନେ ଓହ୍ଲାଇବା ପରେ କୌଣସି ବ୍ୟକ୍ତିଙ୍କୁ ଦେଖିବାକୁ ପାଇ ନ ଥିଲେ। ଅଧିକ ପଚରାଉଚରା କରିବା ପରେ ସେମାନେ ସମସ୍ତେ ଆର୍ଥିକ ଦୁର୍ବଳ ପରିବାର ପିଲା ବୋଲି ଜଣାପଡ଼ିଥିଲା। ତେବେ ସମ୍ପୃକ୍ତ ବ୍ୟକ୍ତି ଜଣକ ଫୋନ୍ ଯୋଗେ ସେମାନଙ୍କୁ ଡକାଇଥିଲେ। ନାବାଳକମାନଙ୍କୁ ଏଠାରେ ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରୁଛନ୍ତି। ସେମାନେ ଆପରାଧିକ କାର୍ଯ୍ୟକଳାପରେ ମଧ୍ୟ ନିୟୋଜିତ ହେଉଛନ୍ତି। ଏ ବାବଦରେ ତଦନ୍ତ କରାଯାଉଥିବା ଆର୍‌ପିଏଫ୍ ଆଇଆଇସି ରାଜ ସିଂହ ମଲ୍ଲିକ କହିଛନ୍ତି।

# ସବୁ ଜଗନ୍ନାଥ ମନ୍ଦିରରେ ଶ୍ରୀମନ୍ଦିର କ୍ୟାଲେଣ୍ଡର ପ୍ରଚଳନ ହେଉ

## ଐକ୍ୟସ୍ଥାପନା ମଣ୍ଡଳୀର ବୈଠକ

ପୁରୀ, ୧୧।୪ (ଅଜିତ୍ କୁମାର ମହାନ୍ତି)

ଐକ୍ୟସ୍ଥାପନା ମଣ୍ଡଳୀର ଗୁରୁତ୍ୱପୂର୍ଣ୍ଣ ବୈଠକ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଗଜପତି ମହାରାଜ ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଦେଶ ଓ ଦେଶ ବାହାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପର୍ବପର୍ବାଣୀ ପାଳନ, ଇସ୍କନ ସଂସ୍ଥା ଦ୍ୱାରା ଅଦିନିଆ ରଥଯାତ୍ରା ପାଳନ ସହ ଅନ୍ୟାନ୍ୟ ବିଷୟ ଉପରେ ଆଲୋଚନା କରାଯାଇଛି।

ଗଜପତି ମହାରାଜ କହିଛନ୍ତି, ଆସନ୍ତା ୧୪ରେ ମହାବିଷୁବ ସଂକ୍ରାନ୍ତି। ଉକ୍ତ ଦିନଠାରୁ ଶ୍ରୀଜଗନ୍ନାଥ ପାଞ୍ଜି ପ୍ରଚଳିତ ହୋଇଥାଏ। ଉକ୍ତ ପାଞ୍ଜି ଅନୁସାରେ ଶ୍ରୀମନ୍ଦିରର ବର୍ଷିକ ପର୍ବପର୍ବାଣୀ ପାଳିତ ହୋଇଥାଏ। ମହାପ୍ରଭୁଙ୍କ ପର୍ବ ପାଳନ ତାହାର ତିଥି କ୍ୟାଲେଣ୍ଡରରେ ଉଲ୍ଲେଖ କରାଯାଇଛି। ଓଡ଼ିଶା, ଭାରତ ଏବଂ ଭାରତ ବାହାରେ ଯେଉଁଠି ଶ୍ରୀଜଗନ୍ନାଥଙ୍କ ବିଗ୍ରହ ପ୍ରତିଷ୍ଠା ହୋଇଛି, ସେଠାରେ ଶ୍ରୀମନ୍ଦିରର ତିଥି ଅନୁସାରେ ପାଳନ କରନ୍ତୁ। ତିଥି ବ୍ୟତିକ୍ରମ କରି ପର୍ବ ପାଳନ କରା ନ ଯାଉ। ସମସ୍ତ ଜଗନ୍ନାଥ ମନ୍ଦିର କମିଟିକୁ ନିବେଦନ କରାଯାଉଛି ଯେ, ଆସନ୍ତା ପଣା ସଂକ୍ରାନ୍ତିରୁ ଶ୍ରୀମନ୍ଦିର କ୍ୟାଲେଣ୍ଡର ପ୍ରଚଳିତ ହେବାକୁ ଯାଉଛି। କ୍ୟାଲେଣ୍ଡରରେ ଉଲ୍ଲେଖ ହୋଇଥିବା ତାରା ବା ଷ୍ଟାର ଚିହ୍ନ ଅନୁସାରେ ଭାରତରେ ଥିବା ସବୁ ଜଗନ୍ନାଥ ମନ୍ଦିର ଏହା ପାଳନ କରିବା ବାଧ୍ୟତାମୂଳକ। ସେହିପରି ଭାରତ ଭିତରେ ସବୁ ଜଗନ୍ନାଥ ମନ୍ଦିର ମୂଳ ପୀଠ ବା ଶ୍ରୀମନ୍ଦିର କ୍ୟାଲେଣ୍ଡର ଅନୁସାରେ ପର୍ବପର୍ବାଣୀ ଓ ନୀତିକାନ୍ତି ପାଳନ କରିବାକୁ ଗଜପତି ପରାମର୍ଶ ଦେଇଛନ୍ତି।

ଇସ୍କନ ସଂସ୍ଥା ଶ୍ରୀକ୍ଷେତ୍ର ବା ମୂଳପୀଠ ପରମ୍ପରାର ବ୍ୟତିକ୍ରମ କରୁଛନ୍ତି। ଆସନ୍ତା ଡିସେମ୍ବର ସୁଦ୍ଧା ଇସ୍କନ ପକ୍ଷରୁ ବିଶ୍ୱର ବିଭିନ୍ନ ସ୍ଥାନରେ ୮୦ଟି ଅଦିନିଆ ରଥଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି। ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀଙ୍କ ସହ ବହୁ ଆଚାର୍ଯ୍ୟ ଶାସ୍ତ୍ରୀୟ ମତ ଆଧାରରେ ଆଷାଢ଼ ଶୁକ୍ଳ ଦ୍ୱିତୀୟରେ ରଥଯାତ୍ରା କରିବା ପାଇଁ ପରାମର୍ଶ ଦେଇଛନ୍ତି। ଇସ୍କନର ଅଦିନିଆ ରଥଯାତ୍ରା ରୋକିବା ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଗୁରୁଦାୟିତ୍ୱ ରହିଛି। ଗଜପତି ମହାରାଜ ଦିବ୍ୟସିଂହ ଦେବ ବ୍ୟକ୍ତିଗତ ଭାବେ ୨ଦିନ ତଳେ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି। ଇସ୍କନର ଅଦିନିଆ ରଥଯାତ୍ରା ନେଇ ରାଜ୍ୟବ୍ୟାପୀ ଜନସଚେତନତା ସୃଷ୍ଟି କରାଯିବ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମଧ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସଂସ୍କୃତି ଓ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ସହ ଆଲୋଚନା କରିବ। ଇସ୍କନ୍ ମାୟାପୁର୍ କର୍ତ୍ତୃପକ୍ଷଙ୍କୁ ପୁନର୍ବାର ଚିଠି ଲେଖାଯିବ। ସବୁ ପ୍ରକାର ପଦକ୍ଷେପ ନେବା ସତ୍ତ୍ୱେ ଇସ୍କନ କର୍ତ୍ତୃପକ୍ଷ ଅଦିନିଆ ରଥଯାତ୍ରା କଲେ ଆଇନର ଆଶ୍ରୟ ନିଆଯିବ ବୋଲି ଗଜପତି କହିଛନ୍ତି। ଇସ୍କନ୍ ଭାରତ ଭିତରେ ଅଦିନିଆ ଜ୍ୟେଷ୍ଠ ପୂର୍ଣ୍ଣମୀ ବା ସ୍ନାନ ପୂର୍ଣ୍ଣମୀ ଏବଂ ରଥଯାତ୍ରା ନ କରିବା ପାଇଁ ଲିଖିତ ଭାବେ ଜଣାଇଛି। ୨୦୨୫ ପରଠାରୁ ଇସ୍କନ୍ ଭାରତ ଭିତରେ ଅଦିନିଆ ଜ୍ୟେଷ୍ଠ ପୂର୍ଣ୍ଣମୀ ବା ସ୍ନାନ ପୂର୍ଣ୍ଣମୀ ଏବଂ ରଥଯାତ୍ରା କରିବା ଦୃଷ୍ଟି ଗୋଚର ହୋଇନାହିଁ। କିନ୍ତୁ ଇଣ୍ଟରନେଟ ତଥ୍ୟ ଅନୁଯାୟୀ ବିଶ୍ୱର ବିଭିନ୍ନ ସ୍ଥାନରେ ୮୦ଟି ଅଦିନିଆ ରଥଯାତ୍ରା ଓ ୧୦ଟି ସ୍ଥାନରେ ଅଦିନିଆ ସ୍ନାନଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି। ଏହା ବିରୋଧରେ ସମସ୍ତ ସନାତନପ୍ରେମୀ ସଚେତନ ହେବାକୁ ଗଜପତି ଅପିଲ୍ କରିଛନ୍ତି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଓ ସମସ୍ତ ସଦସ୍ୟ ବୈଠକରେ ଉପସ୍ଥିତ ଥିଲେ।



ବୈଠକରେ ପୁରୀ ଗଜପତି ମହାରାଜ ଦିବ୍ୟସିଂହଦେବଙ୍କ ସମେତ ଅଧିକାରୀ ଏବଂ ସେବାୟତମାନେ।

# କୋର୍ଟଙ୍କ ରୋକ୍ ସତ୍ତ୍ୱେ ୨୮ ଦୋକାନ ଭାଙ୍ଗିଲା ବିଏମ୍‌ସି

## ଆନ୍ଦୋଳନ ସହ ଆଇନର ଆଶ୍ରୟ ନେବେ ବ୍ୟବସାୟୀ

ଭୁବନେଶର, ୧୧।୪ (ବନ୍ଦନା ସେଠୀ)

ଦୀର୍ଘବର୍ଷ ଧରି ଅଶୋକନଗରଠାରେ ପ୍ରାୟ ୫୫ଜଣ ବ୍ୟବସାୟୀ ଦୋକାନ କରି ଜୀବିକା ନିର୍ବାହ କରୁଛନ୍ତି। ୨୦୧୯ରେ ବିଏମ୍‌ସି ଏମାନଙ୍କୁ ଉଚ୍ଛେଦ ପାଇଁ ଉଦ୍ୟମ କରିବାରୁ ସେମାନେ କୋର୍ଟଙ୍କ ଆଶ୍ରୟ ନେଇଥିଲେ। ଖୋର୍ଦ୍ଧା ସିଭିଲ ଜଜ୍ ସିନିୟର ଡିଭିଜନ ଦେୱାନୀ ଅଦାଲତ ଭୁବନେଶ୍ୱର କେସ୍ ନଂ. ୮୭୦-୨୦୧୯ର ଶୁଣାଣିକରି ୫୫ଜଣଙ୍କ ଦୋକାନର ସ୍ଥିତାବସ୍ଥା ବଜାୟ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ।

ଏହି ଆଦେଶ ଅଦ୍ୟାବଧି ବଳବତ୍ତର ରହିଥିବାବେଳେ ବିଏମ୍‌ସି ପକ୍ଷରୁ ଶନିବାର ୨୮ଟି ଦୋକାନକୁ ଉଚ୍ଛେଦ କରାଯାଇଛି। କୋର୍ଟଙ୍କ ଆଦେଶ ସତ୍ତ୍ୱେ ବିଏମ୍‌ସିର ଏହି ଉଚ୍ଛେଦକୁ ନେଇ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଭୁବନେଶ୍ୱର ଉଠାଦୋକାନ ବ୍ୟବସାୟୀ ସଂଘ ମଧ୍ୟ ଏହାକୁ ବିରୋଧ କରିଛି। କ୍ଷତିଗ୍ରସ୍ତ ୨୮ଜଣ ଦୋକାନୀଙ୍କୁ ଉପଯୁକ୍ତ ଥଇଥାନ ଦାବିକରିବା ସହ ଆନ୍ଦୋଳନ ଓ ଆଇନଗତ ଲଢ଼େଇ ଚାଲିବ ବୋଲି ସଂଘ ସଭାପତି ସୁର ଜେନା ସୂଚନା ଦେଇଛନ୍ତି। ଶନିବାର ସକାଳେ ବିଏମ୍‌ସି କମିଶନର ଚଞ୍ଚଳ ରାଣା ଦୋକାନ ଉଚ୍ଛେଦ ପାଇଁ ଆସିଥିବାବେଳେ ତାଙ୍କୁ ସଂଘ ସଭାପତି କୋର୍ଟଙ୍କର ନିର୍ଦ୍ଦେଶନାମା ଦେଖାଇଥିଲେ।

ଫଳରେ କମିଶନର ଫେରି ଯାଇଥିଲେ। ମାତ୍ର କିଛି ସମୟ ପରେ ବିଏମ୍‌ସିର ଅନ୍ୟ ଅଧିକାରୀମାନେ ଟିମ୍ ସହ ଆସି ସକାଳ ୮ଟା ଭିତରେ ୨୮ଟି ଦୋକାନକୁ ଭାଙ୍ଗି ସାମଗ୍ରୀ ନେଇଯାଇଥିବା ବ୍ୟବସାୟୀମାନେ ଅଭିଯୋଗ କରିଛନ୍ତି। ଏହି ଘଟଣା ପରେ କ୍ଷତିଗ୍ରସ୍ତ ଦୋକାନୀ ବିଜୟ ସ୍ୱାଇଁ, ପ୍ରମୋଦ ଦେହୁରି, ସନ୍ତୋଷ ନାୟକ, ଅର୍ଜ୍ଜୁନ ସେଠୀ, ରମେଶ ଜେନା, ବଟ ସାହୁ, ଟି. ଶଙ୍କର ରାଓ, ଅଜିତ କୁମାର ବେହେରା ଓ ସନ୍ତୋଷ କୁମାର ମହାପାତ୍ରଙ୍କ ସମେତ ଅନ୍ୟ ବ୍ୟବସାୟୀ ଓ ଭୁବନେଶର ଉଠା ଦୋକାନୀ ବ୍ୟବସାୟୀ ସଂଘର କର୍ମକର୍ତ୍ତାଙ୍କ ବୈଠକ ବସିଥିଲା। ଏଥିରେ ଦୋକାନୀମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ପାଇଁ ଦାବି କରାଯିବା ସହ ଆନ୍ଦୋଳନ ନିଷ୍ପତ୍ତି ହୋଇଥିଲା।

# 'ପାଠପଢ଼ି ଭଲ ମଣିଷ ହେବାକୁ ପରାମର୍ଶ'

ବାଲିଅନ୍ତା, ୧୧।୪ (ନୀଳମାଧବ ସାହୁ)

ଭୁବନେଶ୍ୱର ମହାନଗର ନିଗମର ୪ନଂ. ୱାର୍ଡ ନହରକଣ୍ଟାସ୍ଥିତ ମହାରଥୀ ହାଇସ୍କୁଲର ୬୬ତମ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଯୋଗଦେଇ କହିଛନ୍ତି, ଛାତ୍ରୀଛାତ୍ର ଆଗକୁ ବଢ଼ିବାରେ ଅଛି ତ ମନ ଦେଇ ପାଠ ପଢ଼ିବାକୁ ପଡ଼ିବ। କଠିନ ପରିଶ୍ରମର ବିକଳ୍ପ ନାହିଁ ବୋଲି ସେ କହିଥିଲେ। ଅତିଥି ଭାବେ ପୂର୍ବତନ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଯୋଗଦେଇ ଛାତ୍ରୀଛାତ୍ର ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ପ୍ରଧାନଶିକ୍ଷକ କାର୍ତ୍ତିକ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଉତ୍ସବରେ ଅନ୍ୟତମ ଅତିଥି ଭାବେ ସ୍ଥାନୀୟ କର୍ପୋରେଟର ସୁକୁମାର ସାହୁ, ବିଶିଷ୍ଟ ଶିକ୍ଷାବିତ୍ ତଥା ସାମାଜିକ କର୍ମୀ ବ୍ରଜବନ୍ଧୁ ପଣ୍ଡା, ପଞ୍ଚସଖା ଶିକ୍ଷାସେତୁର ଚେୟାରମ୍ୟାନ୍ ପ୍ରଦୀପ୍ତ କୁମାର ଛୋଟରାୟ, ବିଦ୍ୟାଳୟ ପରିଚାଳନା କମିଟିର ଚେୟାରମ୍ୟାନ ହୃଦାନନ୍ଦ ରାଉଳ ଓ ବରିଷ୍ଠ ସର୍ଜନ ଡା.ସତ୍ୟପ୍ରକାଶ ରାୟଚୌଧୁରୀ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ସୁବର୍ଣ୍ଣ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ ଓ ଶିକ୍ଷକ ପ୍ରମୋଦ କୁମାର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ମଞ୍ଚକୁ ଦିଲୀପ କୁମାର ସାହୁ ପରିଚାଳନା କରିଥିବା ବେଳେ ସ୍ୱର୍ଣ୍ଣଲତା ରାଉତ ଧନ୍ୟବାଦ ଦେଇଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ ଚିତ୍ତାକର୍ଷକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ୧୫ ହଜାର ଲିଟର କ୍ଷୀରରେ ସ୍ନାନକଲେ ଶ୍ରୀନୀଳକଣ୍ଠେଶ୍ୱର


ଲଉଡ଼ି ଖେଳରେ ସାମିଲ ହୋଇଥିବା ପିଲାମାନେ।

## ଲଉଡ଼ି ଖେଳ, ଓଗାଳ ନୃତ୍ୟରେ ଦର୍ଶକ ବିଭୋର

ନିମାପଡ଼ା, ୧୧।୪ (ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ବ୍ଲକ ଅନ୍ତର୍ଗତ ଦିଘାଳୋସ୍ଥିତ ପ୍ରଭୁ ଶ୍ରୀନୀଳକଣ୍ଠେଶ୍ୱର ମହାଦେବଙ୍କ ୧୫ତମ ବାର୍ଷିକ ମହାକ୍ଷୀରସାଗର ଉତ୍ସବ ଶନିବାର ମହାସମାରୋହରେ ପାଳିତ ହୋଇଯାଇଛି। ଶ୍ରୀନୀଳକଣ୍ଠେଶ୍ୱର ମନ୍ଦିର କମିଟି ଏବଂ ନିମାପଡ଼ା ଯାଦବ ମହାସଂଘ ପକ୍ଷରୁ କ୍ଷୀରସାଗର ମେଳା ଆୟୋଜିତ ହୋଇଥିଲା। ପ୍ରାତଃରୁ ଠାକୁରଙ୍କ ମହାସ୍ନାନ, ମଙ୍ଗଳଆଳତି, ନୀତିକାନ୍ତି, ଖେଚୁଡ଼ି ଭୋଗ, ମାଜଣା କରାଯିବାପରେ ଠାକୁରଙ୍କଠାରେ କ୍ଷୀରଲାଗି କରାଯାଇଥିଲା। ପ୍ରଭୁ ଶ୍ରୀନୀଳକଣ୍ଠେଶ୍ୱର ଦେବ ପ୍ରାୟ ୧୫ହଜାର ଲିଟର କ୍ଷୀରରେ ସ୍ନାନ କରିଥିବା ମନ୍ଦିର ପରିଚାଳନା କମିଟି ସଭାପତି ରବୀନ୍ଦ୍ର କୁମାର ସ୍ୱାଇଁ, ସମ୍ପାଦକ ବଳରାମ ସ୍ୱାଇଁ, ହଟ କିଶୋର ସ୍ୱାଇଁ ଏବଂ ପୂଜକ ରମେଶ ଚନ୍ଦ୍ର ଦୀକ୍ଷିତ ପ୍ରମୁଖ କହିଛନ୍ତି। ଏହି ପ୍ରସିଦ୍ଧ ମେଳା ଦେଖିବା ସହ ପୂଜାର୍ଚ୍ଚନା ଓ କ୍ଷୀର ଲାଗି କରିବା ପାଇଁ ପ୍ରାୟ ୧୦ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ମନ୍ଦିର ପରିଚାଳନା କମିଟି ଉପସଭାପତି ପ୍ରଫୁଲ୍ଲ କୁମାର ସ୍ୱାଇଁ, କୋଷାଧ୍ୟକ୍ଷ ସୁଦର୍ଶନ ସାହୁ, ନିମାପଡ଼ା ଯାଦବ ମହାସଂଘ ସଭାପତି ଗୟାଧର ବେହେରା ଓ ସମ୍ପାଦକ ସୁକାନ୍ତ ବେହେରା ପ୍ରମୁଖ କହିଛନ୍ତି। ମେଳାସ୍ଥଳରେ ଯାଦବ ସମ୍ପ୍ରଦାୟର ଭାଇମାନଙ୍କ ପକ୍ଷରୁ ପରିବେଷିତ ଆକର୍ଷଣୀୟ ପାରମ୍ପରିକ ଲଉଡ଼ି ଖେଳ ଏବଂ ଓଗାଳ ନୃତ୍ୟ ଦର୍ଶକଙ୍କୁ ବିମୋହିତ କରିଥିଲା। ଏହି ଅବସରରେ ଭକ୍ତଙ୍କ ମନୋରଞ୍ଜନ ପାଇଁ ଅନୁଷ୍ଠାନ ପକ୍ଷରୁ ନୃତ୍ୟ ସଙ୍ଗୀତ, ଭଜନ ସମାରୋହ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ଓଡ଼ିଶା ବ୍ରାହ୍ମଣ ମହାସଂଘର କାର୍ଯ୍ୟକାରିଣୀ ବୈଠକ

ଭୁବନେଶ୍ୱର, ୧୧।୪ (ସୁଚିସ୍ମିତା ସାହୁ)

ଓଡ଼ିଶା ବ୍ରାହ୍ମଣ ମହାସଂଘର କାର୍ଯ୍ୟକାରିଣୀ ବୈଠକ ଶନିବାର ଶହୀଦନଗରସ୍ଥିତ ବିଷ୍ଣୁ ମନ୍ଦିର ପରିସରରେ ରାଜ୍ୟ ସଭାପତି ଡ. ସଦାନନ୍ଦ ଦୀକ୍ଷିତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମହାସଂଘର ରାଜ୍ୟ ସମ୍ପାଦକ ଜଗନ୍ନାଥ ପାଢ଼ୀ ବେଦମନ୍ତ୍ର ପାଠ ସହ ସ୍ୱାଗତ ଭାଷଣ ଏବଂ ବାର୍ଷିକ ଅଧିବେଶନର ବିବରଣୀ ପାଠ କରିଥିଲେ। ବିଭିନ୍ନ ଜିଲାରୁ ଆସିଥିବା ସମ୍ପାଦକ, ସଭାପତିମାନେ କର୍ପସ ପଣ୍ଡ ଗଠନ, ବ୍ରାହ୍ମଣ କଲ୍ୟାଣ ନିଗମ ପ୍ରତିଷ୍ଠା, ବେଦ କର୍ମକାଣ୍ଡ ବିଦ୍ୟାଳୟ ସ୍ଥାପନ, ଶ୍ରୀକ୍ଷେତ୍ର ବ୍ରାହ୍ମଣ ଭବନ ନିର୍ମାଣ, ଅନ୍ତତଃ ୨୦ହଜାର ସଭ୍ୟ ସଂଗ୍ରହ ଆଦି କାର୍ଯ୍ୟ କିପରି ସମାପନ ହେବ ତାହାକୁ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ମହାସଂଘ ପକ୍ଷରୁ ପର୍ଶୁରାମ ଜୟନ୍ତୀ ଓ ଆଦି ଶଙ୍କରାଚାର୍ଯ୍ୟ ଜୟନ୍ତୀ ରାଜ୍ୟବ୍ୟାପୀ ପାଳନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ଆଲୋଚନାରେ ପ୍ରମୋଦ ଚନ୍ଦ୍ର ମିଶ୍ର, ଉମେଶ ଚନ୍ଦ୍ର ପଣ୍ଡା, ଶାନ୍ତନୁ ମିଶ୍ର, ଆର୍ତ୍ତଚରଣ ଦାଶ, କପିଳ ମହାପାତ୍ର, ପରମେଶ୍ୱର ମିଶ୍ର, ପୀତାମ୍ବର ରଥ, ଜଗଦାନନ୍ଦ ତ୍ରିପାଠୀ, ସ୍ନେହ ନନ୍ଦ, ନରସିଂହ ମହାପାତ୍ର, ଶ୍ରୀକାନ୍ତ ମହାପାତ୍ର, କୈଳାସ ଚନ୍ଦ ରଥ, ଗୋପୀନାଥ କର, ଅକ୍ଷୟ ମିଶ୍ର, ରମେଶ ଚନ୍ଦ୍ର ମହାପାତ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ। ମହାସଂଘର ଭୁବନେଶ୍ୱର ଶାଖା ସଭାପତି ରମାକାନ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ସିମୋର-ବାଙ୍କୀ ରାସ୍ତା ଖାଲଖମା, ବଢ଼ୁଛି ଦୁର୍ଘଟଣା


ସିମୋର-ବାଙ୍କୀ ରାସ୍ତା ଖାଲଖମାରେ ପରିପୂର୍ଣ୍ଣ।

ବେଗୁନିଆ, ୧୧।୪ (ସନ୍ଧ୍ୟାରାଣୀ ମିଶ୍ର)

ଖୋର୍ଦ୍ଧା ପୂର୍ତ୍ତ ବିଭାଗ ଅଧୀନ ସିମୋର-ବାଙ୍କୀ ପୂର୍ତ୍ତ ବିଭାଗ ରାସ୍ତାର କେତେକ ସ୍ଥାନରେ କଂକ୍ରିଟ ଓ ପିଚୁ ଉଠିଯିବାରୁ ଖାଲଖମା ସୃଷ୍ଟି ହେବା ସହ ମରଣଯନ୍ତା ପାଲଟିଛି। ରାସ୍ତାର ଦୁରାବସ୍ଥା ଯୋଗୁ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟୁଥିବା ନଜିର ରହିଛି। ରାସ୍ତା ମରାମତିରେ ବିଳମ୍ବ ହେଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଭୋଗଡ଼ା ବାଲୁଙ୍କେଶ୍ୱର ଦେବ ମନ୍ଦିରଠାରୁ ତୁଳସୀପୁର, ପୋଡ଼ାଡିହଠାରୁ ଦିନିଆରୀ ଏବଂ ସିମୋରଠାରୁ ଗଁପୁର ବାବା ସୋମନାଥ ଦେବଙ୍କ ମନ୍ଦିର ପର୍ଯ୍ୟନ୍ତ କେତେକ ସ୍ଥାନରେ କଂକ୍ରିଟ ରାସ୍ତା ଫାଟି ଆଁ କରିଛି। ପଙ୍ଗାରସିଂହ ପଞ୍ଚାୟତର ପୂର୍ବତନ ସରପଞ୍ଚ ସୁକାନ୍ତ କୁମାର ଜୟସିଂହ କିଛିଦିନ ପୂର୍ବେ ସ୍କୁଟିରେ ଭୋଗଡ଼ା ଗ୍ରାମକୁ ଯାଉଥିବା ବେଳେ ଦିନିଆରି ଗ୍ରାମସ୍ଥିତ ନୂଆସାହି ସାହିଠାରେ ରାସ୍ତାରୁ ପିଚୁ ଉଠି ହୋଇଥିବା ଖାଲରେ ସେ ପଡ଼ିଯିବାରୁ ଗୋଡ଼ ଭାଙ୍ଗିଯାଇଥିଲା। ଏନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଫକୀର ବେହେରାଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର ରାସ୍ତା ମରାମତି କରାଯିବ ବୋଲି କହିଥିଲେ। ଅନ୍ୟପକ୍ଷରେ ତୁରନ୍ତ ରାସ୍ତା ମରାମତି କରିବା ପାଇଁ ଶିକ୍ଷାବିତ୍ ଗୌର ଚରଣ ପ୍ରହରାଜ, ପୂର୍ବତନ ସରପଞ୍ଚ ଲକ୍ଷ୍ମୀଧର ସାମନ୍ତରାୟ, ସାମାଜିକକର୍ମୀ ସୂର୍ଯ୍ୟ ନାରାୟଣ ମିଶ୍ର, ହରିବନ୍ଧୁ ମହାରଣା, ହରେକୃଷ୍ଣ ପଣ୍ଡା, ପ୍ରକାଶ ଚନ୍ଦ୍ର ସାହୁ, କବିରାଜ ସାହୁ, ନିରଞ୍ଜନ ଦାଶ, ଗଣେଶ୍ୱର ମହାପାତ୍ର, ବାସୁଦେବ ବେହେରା ପ୍ରମୁଖ ଦାବି କରିଛନ୍ତି।

# ଆଲୋଚନାଚକ୍ର, ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

ବାଙ୍କୀ, ୧୧।୪ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନ ବିଭାଗ ଆନୁକୂଲ୍ୟରେ ଏକ ଆଲୋଚନାଚକ୍ର ଓ ଶେଷବର୍ଷର ସ୍ନାତକ ଛାତ୍ରୀଛାତ୍ରମାନଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ବିଭାଗୀୟ ମୁଖ୍ୟ ଡ. ସରୋଜ କୁମାର ସାହୁ ସଭାପତିତ୍ୱ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ଡ. ନିରାକାର ପ୍ରସାଦ ସାମନ୍ତରାୟ ଆଲୋଚନା ଚକ୍ର ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଭାରପ୍ରାପ୍ତ ଅଧକ୍ଷା ପ୍ରାଧ୍ୟାପିକା ଗାୟତ୍ରୀ ନାୟକ ଯୋଗଦେଇ ପଦାର୍ଥ ବିଜ୍ଞାନ ଛାତ୍ରୀଛାତ୍ରମାନେ ଗ୍ରହ ଓ ନକ୍ଷତ୍ର ଉପରେ ଗବେଷଣା କରିବା ଆବଶ୍ୟକ ବୋଲି କହିଥିଲେ। ମୁଖ୍ୟବକ୍ତା ପୂର୍ବତନ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇ ପାଣିପାଗ ଓ ଜଳବାୟୁ ପରିବର୍ତ୍ତନ ଯୋଗୁ ଠିକ୍ ସମୟରେ ବର୍ଷା, ଶୀତ, ଗ୍ରୀଷ୍ମ ଅନୁଭୂତ ହେଉନାହିଁ। ଏ ବିଷୟରେ ଗବେଷଣା ଜରୁରୀ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଶାସନିକ ଅଧିକାରୀ ଡ. ଶଶିଭୂଷଣ ମହାପାତ୍ର, ଅଧ୍ୟାପକ ମନୋରଞ୍ଜନ ସାମଲ, ଅଧ୍ୟାପକ ଜୟାନନ୍ଦ ଶାନ୍ତି, ପ୍ରଶାନ୍ତ କୁମାର ତ୍ରିପାଠୀ ଓ ସତ୍ୟବ୍ରତ ଦାଶ ଆଲୋଚନାରେ ଅଂଶଗ୍ରହଣ କରିଥିବା ବେଳେ ଡ. ନିରାକାର ପ୍ରସାଦ ସାମନ୍ତରାୟ ଧନ୍ୟବାଦ ଦେଇଥିଲେ।

# ଗାଁଠୁ ସହର ଛେନାପୋଡ଼ ବାସ୍ନା


ଛେନାପୋଡ଼ର ଜନକ ଦାବି କରୁଥିବା ସୁଦର୍ଶନ ସାହୁଙ୍କ ଘରେ ଜିଲା ପରିଷଦ ଅଧ୍ୟକ୍ଷ, ମ୍ୟୁନିସିପାଲିଟି ଅଧ୍ୟକ୍ଷା, ନୟାଗଡ଼ ବ୍ଲକ ଚେୟାରମ୍ୟାନ କେକ୍ କାଟୁଛନ୍ତି।

ନୟାଗଡ଼, ୧୧।୪ (ଲୋକନାଥ ମିଶ୍ର)

- ଗୀତକୁ ମନେ ପକାଇ ଖାଇଲେ ଖୁଆଇଲେ ଛେନାପୋଡ଼
- ବିଶ୍ୱ ଛେନାପୋଡ଼ ଦିବସରେ ଖୁସିର ମାହୋଲ

ଛେନାପୋଡ ପରି ସ୍ୱାଦିଷ୍ଟ ମିଠା ସମସ୍ତଙ୍କର ଆପଣାର। ଶନିବାର ଅନୁଷ୍ଠିତ ବିଶ୍ୱ ଛେନାପୋଡ ଦିବସ ନୟାଗଡ଼ ଜିଲାର ଗାଁଠାରୁ ଆରମ୍ଭ କରି ସହର, ରାଜ୍ୟ ରାଜଧାନୀ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଧୁମଧାମରେ ପାଳନ ହୋଇଯାଇଛି। ଛେନାପୋଡ ଦିବସ ଉପରେ ମଧ ରାଜ୍ୟପାଳଙ୍କ ସମେତ ଅନେକ ବିଶିଷ୍ଟ ବ୍ୟକ୍ତି ପାଳନ କରିଛନ୍ତି। ଛେନାପୋଡ ଉପରେ ରାଜ୍ୟପାଳ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ପିସିସି ସଭାପତି ଭକ୍ତଚରଣ ଦାସ, ଢେଙ୍କାନାଳ ଏମ୍‌ପି ରୁଦ୍ର ପାଣି, ଭାରତରେ ଅବସ୍ଥାପିତ ସିଙ୍ଗାପୁରର ରାଷ୍ଟ୍ରଦୂତ ଓ ଏମ୍‌ପି କନ୍ଧମାଳ ପ୍ରମୁଖ ଟୁଇଟ୍ କରିଛନ୍ତି। ରାଜ୍ୟପାଳ ଟୁଇଟରେ ଦର୍ଶାଇଛନ୍ତି , ଓଡ଼ିଶାର ସମୃଦ୍ଧ ସଂସ୍କୃତି ଓ ପରମ୍ପରାର ଅନନ୍ୟ ପରିଚୟ ଛେନାପୋଡ। ଏହି ପାରମ୍ପରିକ ମିଷ୍ଟାନ୍ନ ଓଡ଼ିଆ ଖାଦ୍ୟ ପରମ୍ପରାର ଗର୍ବ ଓ ଆମ ଐତିହ୍ୟର ଅବିଚ୍ଛେଦ୍ୟ ଅଙ୍ଗ। ପବିତ୍ର ଛେନାପୋଡ ଦିବସରେ ଓଡ଼ିଶା ବାସୀଙ୍କୁ ହୃଦ୍ଦିକ ଶୁଭେଚ୍ଛା ଜଣାଇଛନ୍ତି। ତେବେ ଛେନାପୋଡ ବାସ୍ନାରେ ନୟାଗଡ଼ ଜିଲା ଶନିବାର ମହକି ଉଠିଥିଲା। ଜିଲାର ବିଭିନ୍ନ ସ୍ଥାନରେ ପ୍ରାୟ ୧୨ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଛେନାପୋଡ କରାଯାଇ ଦିବସକୁ ପାଳନ କରାଯାଇଛି। ଛେନାପୋଡ ଉଦ୍ଭାବକ ବା ଜନକ ବୋଲି ଦାବି କରି ଆସୁଥିବା ସ୍ୱର୍ଗତ ସୁଦର୍ଶନ ସାହୁଙ୍କ ଜନ୍ମ ଦିବସରେ ପରିବାର ପକ୍ଷରୁ ନୟାଗଡ଼ କଚେରୀବଜାର ବାସଭବନରେ ଛେନାପୋଡ କାଟି ସେଲିବ୍ରେସନ କରାଯାଇଛି। ଏଥିରେ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟନାୟକ, ନୟାଗଡ଼ ମ୍ୟୁନିସିପାଲିଟି ଅଧ୍ୟକ୍ଷ ନିରୁପମା ସାହୁ, ବ୍ଲକ ଚେୟାରମ୍ୟାନ କିଶୋର ଚନ୍ଦ୍ର ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉତ୍ସବ ପାଳନ କରିଥିଲେ। ସୁଦର୍ଶନ ସାହୁଙ୍କ ପୁଅ ସୁନିଲ, ସୁମନ ଓ ସୁରେନ୍ଦ୍ର ପ୍ରମୁଖ ଉପସ୍ଥିତ ଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଜିଲା ଓକିଲ ସଂଘର ସମ୍ମିଳନୀ କକ୍ଷରେ ଅନୁରୂପ ଭାବେ ଛେନାପୋଡ ଦିବସ ପାଳନ କରାଯାଇଥିଲା। ଜିଲା ଜଜ୍ ଅଜନ୍ତା ଷଡଙ୍ଗୀ ଛେନାପୋଡ କାଟି ଦିବସକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲା ଜଜ୍ ରୀଜା ରାୟ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସ୍ମୃତିସ୍ନିଗ୍ଧା ଦାଶ, ସବଜେଲ ଏଲଆର ରବି ନାରାୟଣ ବେହେରା, ରେଜିଷ୍ଟ୍ରାର ସୋନାଲି ସରିତା, ଏସ୍‌ଡିଜେଏମ୍ ସମାପିକା ସମଦର୍ଶିନୀ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଉପଜିଲାପାଳ କର୍ଣ୍ଣଦେବ ସମାଦ୍ଦାର, ନୟାଗଡ଼ ଅତିରିକ୍ତ ଏସ୍‌ପି ଜ୍ୟୋତି ରଞ୍ଜନ ସାମନ୍ତରାୟ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲା ଓକିଲ ସଂଘ ସଭାପତି ରଣଜିତ ଦାଶ, ସମ୍ପାଦକ ସ୍ୱଦେଶ ମିଶ୍ର, ସହ ସମ୍ପାଦକ ନିରଞ୍ଜନ ମିଶ୍ରଙ୍କ ସମେତ ଆଇନଜୀବୀ, ବୁଦ୍ଧିଜୀବୀ, ମୋହରିର ସଂଘ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସନ୍ଧ୍ୟାରେ ନୟାଗଡ଼ ଖେଳ ପଡିଆରେ ୫୦ କେଜିର ଛେନାପୋଡ କାଟି ଦିବସ ପାଳନ କରାଯାଇଛି। ଏଥିରେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ରଣପୁରର ପୂର୍ବତନ ବିଧାୟକ ସତ୍ୟ ନାରାୟଣ ପ୍ରଧାନ, ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ନୟାଗଡ଼ ମ୍ୟୁନିସିପାଲିଟି ଅଧ୍ୟକ୍ଷା ନିରୁପମା ଖଟେଇ ଯୋଗଦେଇ ଛେନାପୋଡ କାଟିଥିଲେ। ସେହିଭଳି ନୟାଗଡ଼ରେ ଘରୋଇ ବସ୍ ମାଲିକ ସଂଘ, ସତ୍ୟମ କମ୍ପ୍ୟୁଟର, କୁନ୍ତଳା ନର୍ସିଂ, ଦେବଦୂତ ସେବା ପରିଷଦ, ଜୟଦୁର୍ଗା କ୍ଲବ, ବିଜେଡି ଦଳୀୟ ଅଫିସରେ ବରିଷ୍ଠ ନାଗରିକମାନଙ୍କୁ ନେଇ ଛେନାପୋଡ ଦିବସ ଅନୁରୂପ ଭାବେ ପାଳନ ହୋଇ ଯାଇଛି। ତେବେ ସବୁଠାରେ ଦାବି ଉଠିଥିଲା ଛେନାପୋଡକୁ ଜିଆଇ ଟ୍ୟାଗ୍ ମାନ୍ୟତାର ଦାବିକୁ ତ୍ୱରାନ୍ୱିତ କରାଯାଉ।

## ସରକାରୀସ୍ତରରେ ପାଳନ ହେଲା ନାହିଁ

ସରକାରୀସ୍ତରରେ ଛେନାପୋଡ ଦିବସ ଶନିବାର ପାଳନ କରାଯାଇ ନାହିଁ। ୨୦୨୪ ବର୍ଷ ନିର୍ବାଚନ ବର୍ଷ ହୋଇଥିବାରୁ ପାଳନ କରାଯାଇ ନଥିବା ବେଳେ ୨୦୨୫ରେ ପାଳନ ନହେବାର କାରଣ ଜଣାପଡିନି। ତେବେ ଛେନାପୋଡର ଜନକଙ୍କୁ ନେଇ ବାପା ଓ ପୁଅଙ୍କ ମଧ୍ୟରେ ଦାବିଦାର ଉଠିବା ପରେ ବିବାଦକୁ ଏଡାଇବା ପାଇଁ ଜିଲା ପ୍ରଶାସନ ୨୦୨୬ରେ ଛେନାପୋଡ ଦିବସ ପାଳନ କରି ନ ଥିବା ଜିଲାପାଳ ସ୍ପଷ୍ଟ କରିଛନ୍ତି।

# ଓଲଟିଲା କଣ୍ଟେନର, ୧୦ ଗୋରୁ ଉଦ୍ଧାର

ବାଙ୍କୀ, ୧୧।୪ (ଶୁଭେନ୍ଦୁ ମହାପାତ୍ର/ ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ଥାନା ଅନ୍ତର୍ଗତ ଜାତ ମୁଣ୍ଡିଆ - ସୁବର୍ଣ୍ଣପୁର ସେତୁ ଦେଇ ଗୋରୁ ବୋଝେଇ କଣ୍ଟେନର ଯାଉଥିବା ବେଳେ ଭରସାମ୍ୟ ହରାଇ ଓଲଟି ପଡଛି। ଅନ୍ୟପକ୍ଷରେ ପଛରୁ ଯାଉଥିବା ଆଉ ଏକ ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ୍‌ଟି ଅଟକି ରହିଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡ଼ିଗୁଡ଼ିକୁ ଜବତ କରିଥିବା ବେଳେ ଚାଳକ ଫେରାର ହୋଇଯାଇଛନ୍ତି। ଘଟଣାସ୍ଥଳରୁ ୧୦ ଗୋରୁ ଉଦ୍ଧାର କରି ଭାପୁରସ୍ଥିତ ଏକ ଗୋଶାଳାରେ ସୁରକ୍ଷିତ ଭାବେ ଛାଡିଥିବା ଆଇଆଇସି ଦିଲୀପ କୁମାର ମର୍ଦ୍ଦରାଜ ଭୂୟାଁ କହିଛନ୍ତି। ଏନେଇ ପୋଲିସ ଥାନାରେ ମାମଲା(ନଂ. ୨୦୬/୨୬) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ପ୍ରକାଶ ଥାଉ କି, ନୟାଗଡ଼ ଅଞ୍ଚଳର ଗୋରୁ ମାଫିଆମାନେ ଗାଡ଼ିରେ ଗୋରୁ ବୋଝେଇ କରି ଚାଲାଣ କରୁଥିଲେ। ଜାତ ମୁଣ୍ଡିଆ - ସୁବର୍ଣ୍ଣପୁର ସେତୁ ଦେଇ ବାହରକୁ ଚାଲାଣ କରୁଥିବା ସମୟରେ ସେଥି ମଧ୍ୟରୁ ଭାରସାମ୍ୟ ହରାଇ ଏକ ଗୋରୁ ବୋଝେଇ କଣ୍ଟେନରଟି ଓଲଟି ପଡିଥିଲା। ଫଳରେ ଯାତାୟାତ ବାଧାପ୍ରାପ୍ତ ହେବା ସହ ଗାଡ଼ିରେ ଥିବା ଗୋରୁ ଖଣ୍ଡିଆ ଖାବରା ହୋଇ ରକ୍ତାକ୍ତ ହୋଇଥିଲେ। ଖବର ପାଇ ସୁବର୍ଣ୍ଣପୁର ବିଟ୍ ହାଉସ ଅଧିକାରୀ ସମ୍ପିତ କୁମାର ସ୍ୱାଇଁ, ବାଙ୍କୀ ଥାନା ଆଇଆଇସି ଦିଲୀପ କୁମାର ମର୍ଦ୍ଦରାଜ ଭୂୟାଁ ଘଟଣାସ୍ଥଳରେ ପହଞ୍ଚି ସେତୁ ଉପରୁ ଗାଡ଼ି ହଟାଇବା ପରେ ଯାତାୟାତ ସଚଳ ହୋଇଥିଲା।

# ଓଡ଼ିଶା ସରକାର
# ଝାରସୁଗୁଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
## ଘୋଷଣା

ସଂଖ୍ୟା -14499 ତା.24.09.2025

No. 24001/24/2627: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act.2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା-ତରେଇକେଲା, ଥାନା-ବଡମାଳ, ତହସିଲ-ଝାରସୁଗୁଡ଼ା, ଜିଲ୍ଲା- ଝାରସୁଗୁଡ଼ାରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଇଡ଼କୋ (IDCO) ଭୁବନେଶ୍ୱର ଦ୍ୱାରା M/s. N.L.C. India Ltd. ପାଇଁ ତରେଇକେଲାଠାରେ ତଳାବିରା ବିଦ୍ୟୁତ୍ ୩୨୦୦ (୪x୮୦୦) ମେଗାୱାଟ ପ୍ରକଳ୍ପ ପ୍ରତିଷ୍ଠା ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ,୨୦୧୩ (RFCTLAR & R Act.2013)ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୨୩୭୦, ତା.୨୧.୦୨.୨୦୨୪ ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-ତରେଇକେଲା, ଥାନା-ବଡମାଳ, ତହସିଲ-ଝାରସୁଗୁଡ଼ା, ଜିଲ୍ଲା- ଝାରସୁଗୁଡ଼ାରେ ନିମନ୍ତେ ବିସ୍ଥାପିତ ପରିବାର ଥିବାରୁ କମିଶନର ପୁନର୍ବାସ ଓ ଥଇଥାନଙ୍କ ଦ୍ୱାରା ଧାରା ୧୭(୨) ଅନୁସାରେ ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନାର ସାରମର୍ମ ଏଥିରେ ସଂଲଗ୍ନ କରାଗଲା। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ନିର୍ଦ୍ଦେଶକ, ପୁନର୍ବାସ ଓ ଥଇଥାନଙ୍କ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ଏହା ମଧ୍ୟ ଜିଲ୍ଲା ୱେବସାଇଟ jharsuguda.odisha.gov.in ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ www.odisha.gov.in/revenue ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ୍ କରାଯାଇଅଛି । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ପ୍ରକଳ୍ପ ନିର୍ଦ୍ଦେଶକ ପୁନର୍ବାସ ଓ ଥଇଥାନ, ଝାରସୁଗୁଡାଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକଙ୍କର ଭୂମି ଅଧିଗ୍ରହଣ ଘୋଷଣା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ଘୋଷଣା ପ୍ରକାଶନର ୩୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

### ତଫସିଲ-କ
### (ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା-ଝାରସୁଗୁଡ଼ା ତହସିଲ-ଝାରସୁଗୁଡ଼ା

| ଗ୍ରାମର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ତରେଇକେଲା | ଗ୍ରାମାଞ୍ଚଳ | ଏଥିସହ ସଂଲଗ୍ନ | ଏଥିସହ ସଂଲଗ୍ନ | ଏଥିସହ ସଂଲଗ୍ନ | ଏଥିସହ ସଂଲଗ୍ନ | ୧୭୬.୮୧୦ | ଏଥିସହ ସଂଲଗ୍ନ |

• ଉକ୍ତ ଅଧିସୂଚୀତ ଜମି ରକବା ମଧ୍ୟରୁ ୪୦.୦୦ଡି ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

### ତଫସିଲ-ଖ
### (ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା-ଝାରସୁଗୁଡ଼ା ତହସିଲ-ଝାରସୁଗୁଡ଼ା

| ଗ୍ରାମର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ତରେଇକେଲା | ଗ୍ରାମାଞ୍ଚଳ | ଏଥିସହ ସଂଲଗ୍ନ | ଏଥିସହ ସଂଲଗ୍ନ | ଏଥିସହ ସଂଲଗ୍ନ | ଏଥିସହ ସଂଲଗ୍ନ | ୧୦୪.୨୧ (ହିରମା) | ଏଥିସହ ସଂଲଗ୍ନ |

ଅଧିସୂଚନାର ବୈଧ ତାରିଖ ୩୧.୧୦.୨୦୨୫

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ, ଝାରସୁଗୁଡ଼ା

## ଘରୋଇ ଜମିର ବିବରଣୀ
### ଗ୍ରାମର ନାମ: ତରେକେଲା, ଥାନା ନାମ ଏବଂ ନଂ: କତରବଗା (ବଡମାଲ), ତହସିଲ:ଝାରସୁଗୁଡା, ଜିଲ୍ଲା:ଝାରସୁଗୁଡା

| କ୍ରମିକ ସଂଖ୍ୟା | ଖାତା ନଂ | ପ୍ଲଟ ନଂ. | ମୋଟ ରକବା (ଏକରରେ) | ଅଧିକୃତ ହେଉଥିବା ରକବା (ଏକରରେ) | କିସମ | ଭୂମି ମାଲିକଙ୍କ ନାମ |
|---|---|---|---|---|---|---|
| 1 | 4 | 471 | 0.330 | 0.330 | ବା:ପା | କୁଞ୍ଜବିହାରୀ ପାଣିଗ୍ରାହୀ, ପି:ଭଗବାନ ପାଣିଗ୍ରାହୀ, ଜା:ବ୍ରାହ୍ମଣ,ବା:ନିଜଗାଁ |
| | ମୋଟ | | 0.330 | 0.330 | | |
| 2 | 6 | 136 | 2.680 | 2.680 | ବା:ପା:ଏକ: ଦୋଫ | ଖେଡ ସର, ସ୍ୱା:ସିଦ୍ଧେଶ୍ୱର ସର, ସୁରେନ୍ଦ୍ର ଦାସ, ପି:ଜନ୍ମାଜୟ ଦାସ, ଦିର୍ଯ୍ୟୋ ସର, ପି:ଖାଡି ସର, ଚଞ୍ଚଳା ସର, ସ୍ୱା:ଖାଡି ସର, ହୀରା ପାଣିଗ୍ରାହୀ, ସ୍ୱା:ଶ୍ରୀପତି ପାଣିଗ୍ରାହୀ, ଜା:ବ୍ରାହ୍ମଣ, ବା:ନିଜଗାଁ |
| | | 222 | 1.770 | 1.770 | ମା:ପା:୧ | |
| | | 259 | 0.360 | 0.360 | ଆ:ସା | |
| | | 263 | 0.370 | 0.370 | ମା:ପା:ଏକ | |
| | | 264 | 0.170 | 0.170 | ମା:ପା:ଏକ | |
| | | 275 | 0.470 | 0.470 | ମା:ପା:ଏକ | |
| | | 275/542 | 0.130 | 0.130 | ମା:ପା:ଏକ | |
| | | 298 | 0.230 | 0.230 | ବେ:ପା:ଏକ | |
| | | 300 | 0.010 | 0.010 | ବା:ପା | |
| | | 301 | 0.150 | 0.150 | ବେ:ପା:ଏକ | |
| | | 341 | 0.090 | 0.090 | ବା:ପା:୧ | |
| | | 423 | 1.060 | 1.060 | ବା:ପା:୧ | |
| | | 424 | 1.170 | 1.170 | ବେ:ପା:ଏକ | |
| | | 431 | 0.430 | 0.430 | ଆ:ସା | |
| | | 432 | 0.150 | 0.150 | ଟାଲ | |
| | | 433 | 0.140 | 0.140 | ଟାଲ | |
| | | 434 | 0.120 | 0.120 | ଟାଲ | |
| | | 533 | 1.270 | 1.270 | ଆ:ସା | |
| | ମୋଟ | | 10.770 | 10.770 | | |
| 3 | 8 | 452 | 0.290 | 0.290 | ମା:ପା: ଏକ | ଗୋଦାବରୀ ପାଣିଗ୍ରାହୀ, ସ୍ୱା:ସନ୍ତୋଷ କୁମାର ପାଣିଗ୍ରାହୀ, ଜା:ବ୍ରାହ୍ମଣ, ବା:ନିଜଗାଁ |
| | | 461 | 0.440 | 0.440 | ବା:ପା | |
| | ମୋଟ | | 0.730 | 0.730 | | |
| 4 | 10 | 286 | 0.040 | 0.040 | ମା:ପା ଏକ ଦୋଫସଲି | ଭାଗବତିଆ ଭଇଁଷା, ତ୍ରିନାଥ ଭଇଁଷା, ବିଶା ଖର୍ସେଲ, ପି:ଦନାର୍ଦ୍ଦନ ଭଇଁଷା, ଅମଲି ରବନା, ସ୍ୱା-ଗଙ୍ଗାଧର ଗୌଡ, ଡିଲେଶ୍ୱର ରବନା, ଦିଲୀପ ରବନା, ସରସ୍ୱତୀ ରବନା, ପି:ଗଙ୍ଗାଧର ଗୌଡ ଉର୍ଫ ରବନା, ଜା:ଗୌଡ,ବା:ନିଜଗାଁ |
| | | 289 | 0.120 | 0.120 | ବେ:ପା:ଏକ | |
| | | 292 | 0.310 | 0.310 | ବା:ପା:୧ | |
| | | 487 | 0.390 | 0.390 | ଆ:ସା | |
| | | 496 | 0.560 | 0.560 | ମା:ପା ଏକ ଦୋଫସଲି | |
| | | 526 | 0.080 | 0.080 | ଆ:ସା | |
| | ମୋଟ | | 1.500 | 1.500 | | |
| 5 | 12 | 247 | 0.830 | 0.830 | ଆ:ସା | ଲତା ଘୁଗର, ପି:ବଲି ଜଗତ, ମାଲ ଜଗତ, ପି:ଛବିଲ ଗଣ୍ଡା, ଜୟମଙ୍ଗଲ ଜଗତ, ଚାନ୍ଦିନୀ ତନ୍ତି, ସରୋଜିନୀ ଷଣ୍ଡ, ତ୍ରିବେଣୀ ବାଗ, ଜୟନ୍ତି ବାଗ, ପି:ବାଲି ବାଗ, ଗ୍ରନ୍ତ ଜଗତ, ଶଶିଭୂଷଣ ଜଗତ, ରମଣୀ ରଞ୍ଜନ ଜଗତ, ପି:ଦୁତିଆଚାନ୍ଦ ଜଗତ, ଶଶୀ କଣ୍ଟା, ମନୋରଞ୍ଜନ କଣ୍ଟା, କୁନ୍ତଲା ଦୁତିଆଚାନ୍ଦ, ସେବତୀ ନିଖଣ୍ଡିଆ, ବିଲାସିନୀ ଜୟପୁରିଆ, କୈଳାସିନୀ ମହାନନ୍ଦ, ପି:ଲକ୍ଷପତି କଣ୍ଟା, ଜା:ଗଣ୍ଡା, ବା:ନିଜଗାଁ |
| | | 248 | 1.360 | 1.360 | ବା:ସା | |
| | | 251 | 0.100 | 0.100 | ବେ:ସା | |
| | ମୋଟ | | 2.290 | 2.290 | | |
| 6 | 13 | 249 | 0.770 | 0.770 | ଆ:ସା | ଲତା ଘୁଗର, ପି:ବଲି ଜଗତ, ମାଲ ଜଗତ, ପି:ଛବିଲ ଗଣ୍ଡା, ଜୟମଙ୍ଗଲ ଜଗତ, ଚାନ୍ଦିନୀ ତନ୍ତି, ସରୋଜିନୀ ଷଣ୍ଡ, ତ୍ରିବେଣୀ ବାଗ, ଜୟନ୍ତି ବାଗ, ପି:ବାଲି ବାଗ, ଗ୍ରନ୍ତ ଜଗତ, ଶଶିଭୂଷଣ ଜଗତ, ରମଣୀ ରଞ୍ଜନ ଜଗତ, ପି:ଦୁତିଆଚାନ୍ଦ ଜଗତ, ଶଶୀ କଣ୍ଟା, ମନୋରଞ୍ଜନ କଣ୍ଟା, କୁନ୍ତଲା ଦୁତିଆଚାନ୍ଦ, ସେବତୀ ନିଖଣ୍ଡିଆ, ବିଲାସିନୀ ଜୟପୁରିଆ, କୈଳାସିନୀ ମହାନନ୍ଦ, ପି:ଲକ୍ଷପତି କଣ୍ଟା, କଷ୍ଟୁ ଜଗତ, ଶଙ୍କର ଜଗତ, ଅଷ୍ଟମି ଗର୍ତିଆ, ପି:ବିଶି ଗଣ୍ଡା ଉର୍ଫ ଜଗତ, ବୃନ୍ଦାବନ ଜଗତ, ସୁଲୋଚନା ଜଗତ, ବନ୍ତି ଜଗତ, କମଳା ଜଗତ, ବନବାସୀ ଜଗତ, ମନକୁମାରୀ ଜଗତ, ସୌକି ଜଗତ, ପି:ବୈଷ୍ଣବ ଜଗତ, କଲାବତୀ ଗଣ୍ଡା, ସ୍ୱା:ଶିବଲାଲ ଗଣ୍ଡା, ସୁଖୀବାଇ ତନ୍ତି, ସ୍ୱା:ସୁଦର୍ଶନ ତନ୍ତି, ରାଜେଶ ତନ୍ତି, ଗୌରୀ ତନ୍ତି, ସୁଶୀଲା ତନ୍ତି, କୁନ୍ତଳା ତନ୍ତି, ପି:ସୁଦର୍ଶନ ତନ୍ତି, ସରୋଜ ମୋଦି, ନିଶଫୁଲି ବାଗ, ରାଜକୁମାରୀ ଅଗ୍ରୱାଲ, ନିର୍ମଳା ଭୋଇ, ପି:ଶତ୍ରୁଘନ ତନ୍ତି, ପ୍ରଫୁଲ୍ଲ କୁମାର ଜଗତ, କୁମାରୀ ମନୀଷା ଜଗତ, କୁମାରୀ ବୋନିଷା ଜଗତ, ସୋନିସା ସୋହେଲା, ପି:ଗଣେଷ ତନ୍ତି, ବା:ବିଳାସପୁର, ଉର୍କୁଲି ଜଗତ, ସ୍ୱା:ପଦ୍ମନ ଜଗତ, ବିନୋଦ ଜଗତ, କବିତା ଜଗତ, ଗୀତା ବାଗ, ପି:ପଦ୍ମନ ଜଗତ, ସବିତା ଜଗତ, ସ୍ୱା:ଅର୍ଜୁନ ଜଗତ, ସୁଜାତା ଜଗତ, ପି:ଅର୍ଜୁନ ଜଗତ, ତୁଲାମଣି ତନ୍ତି, ପୁଷ୍ପାରାଣୀ ତନ୍ତି, ପି:ବିଜୟ ତନ୍ତି, ହୃଷୀକେଶ ଜଗତ, ଦେବକି ନିଖଣ୍ଡିଆ, ପି.: ରାଏସିଂହ ଗଣ୍ଡା, ଜା: ଗଣ୍ଡା, ବା: ନିଜଗାଁ |
| | | 250 | 0.310 | 0.310 | ବେ:ସା/୩ | |
| | | 252/555 | 0.190 | 0.190 | ବେ:ସା | |
| | | 253 | 0.570 | 0.570 | ମା:ସା/୨ | |
| | | 288 | 0.200 | 0.200 | ମା:ପା:ଏକ | |
| | | 291 | 0.090 | 0.090 | ବେ:ପା:ଏକ | |
| | | 294 | 0.490 | 0.490 | ବା:ପା:ଏକ | |
| | ମୋଟ | | 2.620 | 2.620 | | |
| 7 | 15 | 220 | 1.030 | 1.030 | ବା:ପା:ଏକ | ଦଶରଥ ନାଏକ, ଲତା ନାଏକ, ପିତା: କୁର୍ତ୍ତୀ ନାଏକ, ଜାତି: ବ୍ରାହ୍ମଣ, ବାସସ୍ଥାନ ବିଶୁତକା, ଜଗଦିଶ୍ ବେହେରା, ତପସ୍ୱିନି ବେହେରା, ପିତା ଫଗୁ ବେହେରା, ଜାତି: ବ୍ରାହ୍ମଣ, ବାସସ୍ଥାନ ଠେଲକଲଇ ବା: |
| | | 240 | 1.180 | 1.180 | ଆ:ସା | |
| | | 258 | 0.110 | 0.110 | ଆ:ସା | |
| | | 278 | 0.740 | 0.740 | ମା:ପା:ଏକ | |
| | | 280/556 | 0.090 | 0.090 | ବା:ପା | |
| | | 439 | 0.440 | 0.440 | ଆ:ସା | |
| | | 445 | 0.710 | 0.710 | ମା:ପା:ଏକ | |
| | | 471/566 | 0.140 | 0.140 | ବା:ପା | |
| | ମୋଟ | | 4.440 | 4.440 | | |
| 8 | 21 | 254 | 0.400 | 0.400 | ମା:ସା | ରଘୁନନ୍ଦନ ପାଣିଗ୍ରାହୀ, ଭରତ ଚନ୍ଦ୍ର ପାଣିଗ୍ରାହୀ, ଲକ୍ଷ୍ମଣ ପାଣିଗ୍ରାହୀ, ପଦ୍ମିନୀ ସେନାପତି, ଲୋପାମୁଦ୍ରା ନାୟକ, ପି:ନିତ୍ୟାନନ୍ଦ ପାଣିଗ୍ରାହୀ, ଜା:ବ୍ରାହ୍ମଣ, ବା:ନିଜଗାଁ |
| | | 293 | 0.260 | 0.260 | ବେ:ସା/୨ | |
| | | 474 | 0.080 | 0.080 | ବା:ପା:ଏକ | |
| | ମୋଟ | | 0.740 | 0.740 | | |
| 9 | 22 | 497 | 0.640 | 0.640 | ମା:ପା:ଏକ ଦୋ:ଫ | ମାଧବି ସେଟ, ମୁଲିକି ପାଣ୍ଡେ, ଗୋଲାପି ବେହେରା, ପି:ପୂର୍ଣ୍ଣଚନ୍ଦ୍ର ସେଟ, ମନୋରମା କିଷାନ, ଦୟାସାଗର ସେଟ, ମୈନି ନାଏକ, ପି:ଯାଗୋଇ ସେଟ, ଜା:କେଉଟ, ବା:ନିଜଗାଁ |
| | ମୋଟ | | 0.640 | 0.640 | | |
| 10 | 24 | 256 | 0.200 | 0.200 | ଆ:ସା | ବୃଷଭ ଗରିଆ, ପି: ଭଦ୍ରି ଗରିଆ, ଦୁର୍ଗା ଗରିଆ, ଶୀତଳ ଗରିଆ, ପି: ଆତଙ୍ଗ ଗରିଆ, ଇନ୍ଦ୍ରା ଗରିଆ, ସ୍ୱା: ବିଜେ ଗରିଆ, ଅଜୟ ଗରିଆ, ପିଙ୍କି ଗରିଆ, ସଞ୍ଜୟ ଗରିଆ, ଶିବା ଗରିଆ, ମନେଶ୍ୱର ଗରିଆ, ମହାଦେବ ଗରିଆ, ପି:ବିଜେ ଗରିଆ, ଗଣ୍ଡା ଗରିଆ, ପାର ଗରିଆ, ଦୁଃଖୀ ଗରିଆ, ଛନ ଗରିଆ, ପି:ମାର୍କଣ୍ଡ ଗରିଆ, ବା:ଗୌଡ, ବା:ନିଜଗାଁ |
| | | 261 | 0.240 | 0.240 | ମା:ପା:ଏକ ଦୋ:ଫ | |
| | | 262 | 0.620 | 0.620 | ମା:ପା:ଏକ ଦୋ:ଫ | |
| | | 276 | 0.550 | 0.550 | ମା:ପା:ଏକ ଦୋ:ଫ | |
| | | 306 | 0.750 | 0.750 | ମା:ପା:ଏକ ଦୋ:ଫ | |
| | | 307 | 0.290 | 0.290 | ବେ:ପା:ଏକ ଦୋ:ଫ | |
| | | 309 | 1.180 | 1.180 | ବା:ପା:ଏକ ଦୋ:ଫ | |
| | ମୋଟ | | 3.830 | 3.830 | | |
| 11 | 25 | 227 | 2.510 | 2.510 | ଆ:ସା | ମଲ୍ଲି ରାଏ, ସ୍ୱା:ଚିହ୍ନିରୁ ରାଏ, ଭାଗିରଥୀ ରାଏ, ପି:ନିର ରାଏ, ଲୋକନାଥ ରାଏ, ପି:ରାଜାରାମ ରାଏ, ପ୍ରଦୀପ ରାଏ, ଲକ୍ଷ୍ମୀ ସାହୁ, ସୁରେଖା ରାଏ, ପି:ଶିବଲାଲ ରାଏ, ଅଚ୍ୟୁତ ରାଏ, ପି:ଶିକ ରାଏ, ଅକ୍ଷୟ କୁମାର ରାଏ, ପି:ସପନ ରାଏ, ଆସାମତି ରାଏ, ସ୍ୱା:ସପନ ରାଏ, କଳ୍ପ ରାଏ, ବୁଧୁ ରାଏ, ପାଣ୍ଡେ ରାଏ, ପି:ଡମ୍ବରୁ ରାଏ, ପରମେଶ୍ୱର ରାଏ, ପଦ୍ମଲୋଚନ ରାଏ, ପି:ବନମାଳି ରାଏ, ଦୁବ ରାଏ, ଲିଙ୍ଗ ରାଏ, ପି:ପଦ୍ମଲାଭ ରାଏ, ସୁଚେ ରାଏ, ପି:କପିଳ ରାଏ, ବେଲ ରାଏ, ଗେଲ ରାଏ, ପି:ବେଣୁଧର ରାଏ, ଜା:ଭୂୟାଁ, ବା:ନିଜଗାଁ |
| | | 237 | 0.420 | 0.420 | ଆ:ସା | |
| | | 265 | 0.730 | 0.730 | ମା:ପା:ଏକ ଦୋ:ଫ | |
| | | 266 | 0.080 | 0.080 | ବେ:ପା:ଏକ ଦୋ:ଫ | |
| | | 268 | 0.120 | 0.120 | ମା:ପା:ଏକ ଦୋ:ଫ | |
| | | 269 | 0.080 | 0.080 | ମା:ପା:ଏକ ଦୋ:ଫ | |
| | | 270 | 0.210 | 0.210 | ବେ:ପା:ଏକ ଦୋ:ଫ | |
| | | 271 | 1.180 | 1.180 | ବେ:ପା:ଏକ ଦୋ:ଫ | |
| | | 272 | 1.220 | 1.220 | ମା:ପା:ଏକ ଦୋ:ଫ | |
| | | 274 | 0.050 | 0.050 | ବେ:ସା: | |
| | | 280 | 1.710 | 1.710 | ବା:ପା: ଦୋ:ଫ | |
| | | 281 | 0.420 | 0.420 | ମା:ପା:ଏକ ଦୋ:ଫ | |
| | | 282 | 0.220 | 0.220 | ମା:ପା:ଏକ ଦୋ:ଫ | |
| | | 283 | 0.380 | 0.380 | ମା:ପା:ଏକ ଦୋ:ଫ | |
| | | 284 | 0.430 | 0.430 | ବେ:ପା:ଏକ ଦୋ:ଫ | |
| | | 319 | 0.280 | 0.280 | ମା:ପା:ଏକ ଦୋ:ଫ | |
| | | 322 | 0.050 | 0.050 | ବା:ପା: ଦୋ:ଫ | |
| | | 324 | 0.270 | 0.270 | ମା:ପା:ଏକ ଦୋ:ଫ | |
| | | 325 | 0.290 | 0.290 | ବା:ପା: ଦୋ:ଫ | |
| | | 339 | 0.140 | 0.140 | ବା:ପା: ଏକ ଦୋ:ଫ | |
| | | 427 | 0.100 | 0.100 | ମା:ସା | |
| | | 450 | 0.090 | 0.090 | ମା:ପା:ଏକ ଦୋ:ଫ | |
| | | 476 | 0.210 | 0.210 | ବା:ପା | |
| | | 476/588 | 0.080 | 0.080 | ବା:ପା | |
| | | 499 | 0.230 | 0.230 | ମା:ପା:ଏକ ଦୋ:ଫ | |
| | | 500 | 0.530 | 0.530 | ବା:ସା/୨ | |
| | | 504 | 0.070 | 0.070 | ବା:ପା: ଦୋ:ଫ | |
| | | 519 | 0.470 | 0.470 | ମା:ସା:୨୫ | |
| | | 520 | 2.500 | 2.500 | ମା:ପା:ଏକ ଦୋ:ଫ | |
| | | 521 | 1.320 | 1.320 | ମା:ପା:ଏକ ଦୋ:ଫ | |
| | | 531 | 1.840 | 1.840 | ଆ:ସା | |
| | | 532 | 1.650 | 1.650 | ଆ:ସା | |
| | ମୋଟ | | 19.880 | 19.880 | | |
| 12 | 27 | 236 | 0.720 | 0.720 | ଆ:ସା/୩ | ସତ୍ୟାନନ୍ଦ କିସାନ, ପି.: ରଣଜିତ କିସାନ, ଯଜ୍ଞସେନି କିସାନ, ପଦ୍ମିନି କିସାନ, ଦୁତି କିସାନ, ଦଶରୁ କିସାନ, ଶିଶୁଭକ୍ତ କିସାନ, ଜୟନ୍ତି କିସାନ, ପି.: ପରକ୍ଷୀତ କିସାନ, ଜା: କିସାନ, ଜକଲୁ ରଣା, ଗଣେଶ ରଣା, ପି.: ପୂର୍ଣ୍ଣ ରଣା, ଜା: କୁମ୍ଭାର, ସୁବନ କିସାନ, ପି.: ମୁକୁନ୍ଦ କିସାନ, ଫଗନି କିସାନ, କିସାନ, ଚତୁର୍ଭୁଜ କିସାନ, ଅନ୍ତ କିସାନ, ଉକୁଲି କିସାନ, ଖତକୁରି କିସାନ, ଫୁଲ କିସାନ, ପି.: ଗଣ୍ଡା କିସାନ, ମଧୁସୂଦନ କିସାନ, ଦୟାନନ୍ଦ କିସାନ, ପିତାମ୍ବର କିସାନ, ସୁକୁନ କିସାନ, ପି.: ଘସିଆ କିସାନ, ଉର୍ବସୀ କିସାନ, ସ୍ୱା.: ଚମାର କିସାନ, ସୁରେନ୍ଦ୍ର କୁସାନ, ପି.: ଚମାର କିସାନ, ଜା: କିସାନ, ବା: ନିଜଗାଁ |
| | | 299 | 1.890 | 1.890 | ବା:ପା: ଏକ ଦୋ:ଫ | |
| | | 302 | 0.770 | 0.770 | ବେ:ପା: ଏକ ଦୋ:ଫ | |
| | | 303 | 1.600 | 1.600 | ମା:ପା: ଏକ ଦୋ:ଫ | |
| | | 308 | 0.480 | 0.480 | ବା:ପା: ଏକ ଦୋ:ଫ | |
| | | 446 | 0.780 | 0.780 | ମା:ପା: ଏକ ଦୋ:ଫ | |
| | | 463 | 1.060 | 1.060 | ମା:ପା: ଏକ ଦୋ:ଫ | |
| | | 464 | 1.280 | 1.280 | ବା:ପା: ଏକ ଦୋ:ଫ | |
| | | 466 | 0.190 | 0.190 | ବା:ପା: ଏକ ଦୋ:ଫ | |
| | | 468 | 0.720 | 0.720 | ମା:ସା/୬ | |
| | | 480 | 0.730 | 0.730 | ବା:ସା | |
| | | 494 | 1.550 | 1.550 | ମା:ପା: ଏକ ଦୋ:ଫ | |
| | | 498 | 0.540 | 0.540 | ମା:ସା | |
| | | 518 | 1.320 | 1.320 | ମା:ସା/୫ | |
| | | 528 | 0.400 | 0.400 | ନଦୀ | |
| | | 529 | 0.300 | 0.300 | ଆ:ସା | |
| | | 535 | 0.870 | 0.870 | ଆ:ସା | |
| | | 536 | 0.150 | 0.150 | ନଦୀ | |
| | ମୋଟ | | 15.350 | 15.350 | | |
| 13 | 40/ 147 | 279 | 0.540 | 0.540 | ବା:ପା: ଏକ ଦୋ:ଫ | ଜଗନ୍ନାଥ ପାଣିଗ୍ରାହୀ, ଦିନେଶ ପାଣିଗ୍ରାହୀ, ଲଳିତା ପାଣିଗ୍ରାହୀ, ବିନତା ନାଥ, ବିଶାଖା ପାଣିଗ୍ରାହୀ, ପି.: ସନ୍ତୋଷ କୁମାର ପାଣିଗ୍ରାହୀ, ଜା: ବ୍ରାହ୍ମଣ, ବା: ତରେକେଲା, ବଡ଼ମାଲ, ଜି.: ଝାରସୁଗୁଡ଼ା |
| | | 221 | 0.350 | 0.350 | ମା:ପା: ଏକ ଦୋ:ଫ | |
| | | 244/580 | 0.160 | 0.160 | ଆ:ସା | |
| | | 244/581 | 0.030 | 0.030 | ଆ:ସା | |
| | | 241 | 0.110 | 0.110 | ଆ:ସା | |
| | | 257 | 0.050 | 0.050 | ଆ:ସା | |
| | ମୋଟ | | 1.240 | 1.240 | | |
| 14 | 31 | 244 | 0.300 | 0.300 | ଆ:ସା | ରାଧା ବେହେରା, ପି.: ଅଇଁଠା ନାଏକ, ଜା: ବ୍ରାହ୍ମଣ, ବା: ନିଜଗାଁ |
| | | 257/572 | 0.080 | 0.080 | ଆ:ସା | |
| | | 438 | 0.210 | 0.210 | ଆ:ସା | |
| | | 451/592 | 0.220 | 0.220 | ମା:ପା: ଏକ ଦୋ:ଫ | |
| | | 460 | 1.200 | 1.200 | ବା:ପା: ଏକ ଦୋ:ଫ | |
| | ମୋଟ | | 2.010 | 2.010 | | |
| 15 | 32 | 221/583 | 0.360 | 0.360 | ମା:ପା: ଏକ ଦୋ:ଫ | ସତ୍ୟ ଦାସ, ପି.: ସୁଗିଧର ଦାସ, ଜା: ବ୍ରାହ୍ମଣ, ବା: ଠେଲକୁଲୋଏ |
| | | 221/584 | 0.060 | 0.060 | ମା:ପା: ଏକ ଦୋ:ଫ | |
| | | 243 | 0.040 | 0.040 | ନାଳ | |
| | | 245 | 0.390 | 0.390 | ଆ:ସା | |
| | | 279/582 | 0.690 | 0.690 | ମା:ପା: ଏକ ଦୋ:ଫ | |
| | | 430 | 0.290 | 0.290 | ମା:ପା: ଏକ ଦୋ:ଫ | |
| | | 452/591 | 0.270 | 0.270 | ମା:ପା: ଏକ ଦୋ:ଫ | |
| | | 459 | 0.930 | 0.930 | ମା:ସା/୭ | |
| | | 461/590 | 0.360 | 0.360 | ବା:ପା: ଏକ ଦୋ:ଫ | |
| | | 470 | 0.300 | 0.300 | ଆ:ସା | |
| | | 472 | 0.130 | 0.130 | ବେ:ପା: ଏକ | |
| | ମୋଟ | | 3.820 | 3.820 | | |
| 16 | 34 | 242 | 0.160 | 0.160 | ଘରବାରି | ସନ୍ତୋଷ କୁମାର ପାଣିଗ୍ରାହୀ, ପି.: ହରି ପାଣିଗ୍ରାହୀ, ଜା: ବ୍ରାହ୍ମଣ, ବା: ନିଜଗାଁ |
| | ମୋଟ | | 0.160 | 0.160 | | |
| 17 | 40 | 304 | 0.110 | 0.110 | ମା:ପା: ଏକ ଦୋ:ଫ | ହରିଶଙ୍କର ପାଣିଗ୍ରାହୀ, ପି.: ସତ୍ୟବାଦୀ ପାଣିଗ୍ରାହୀ, ଗୋବର୍ଦ୍ଧନ ପାଣିଗ୍ରାହୀ, ପୋଷ୍ୟ ପି.: ନିଳାମ୍ବର ପାଣିଗ୍ରାହୀ, ଚତୁର୍ଭୁଜ ପାଣିଗ୍ରାହୀ, ଦିବ୍ୟ କିଶୋର ପାଣିଗ୍ରାହୀ, ଗୋପାଳ ପାଣିଗ୍ରାହୀ, ଗିରିଧାରୀ ପାଣିଗ୍ରାହୀ, ଦୀଲିପ କୁମାର ପାଣିଗ୍ରାହୀ, ଲଳିତ ପାଣିଗ୍ରାହୀ, ଦୀପକ କୁମାର ପାଣିଗ୍ରାହୀ, ପି.: ବିଦ୍ୟାଧର ପାଣିଗ୍ରାହୀ, ସୁଲୋଚନା ପାଣିଗ୍ରାହୀ, ସ୍ୱା.: ଘାସି ପାଣିଗ୍ରାହୀ, ଜା: ବ୍ରାହ୍ମଣ, ବା: ନିଜଗାଁ |
| | | 305 | 0.810 | 0.810 | ମା:ପା: ଏକ ଦୋ:ଫ | |
| | | 444 | 0.590 | 0.590 | ମା:ପା: ଏକ ଦୋ:ଫ | |
| | | 465 | 0.260 | 0.260 | ବା:ପା: ଏକ ଦୋ:ଫ | |
| | | 467 | 0.150 | 0.150 | ବେ:ପା: ଏକ ଦୋ:ଫ | |
| | | 469 | 0.200 | 0.200 | ମା:ସା | |
| | | 477 | 0.430 | 0.430 | ବା:ପା: ଏକ ଦୋ:ଫ | |
| | | 493 | 0.890 | 0.890 | ମା:ପା: ଏକ ଦୋ:ଫ | |
| | ମୋଟ | | 3.440 | 3.440 | | |
| 18 | 42 | 321 | 0.130 | 0.130 | ବା:ସା | ଦୀନବନ୍ଧୁ ମିଶ୍ର, ପି.: ମୁନୁକୁ ମିଶ୍ର, ଜା: ବ୍ରାହ୍ମଣ, ବା: ଖଡ଼ିଆପାଲି |
| | ମୋଟ | | 0.130 | 0.130 | | |
| 19 | 40/2 | 135 | 0.880 | 0.880 | ବା:ସା/୭ | ରଘୁନନ୍ଦନ ପାଣିଗ୍ରାହୀ, ଭରତ ପାଣିଗ୍ରାହୀ, ଲକ୍ଷ୍ମଣ ପାଣିଗ୍ରାହୀ, ପଦ୍ମିନୀ ସେନାପତି, ଲୋପାମୁଦ୍ରା ନାଏକ, ପି.: ନିତ୍ୟାନନ୍ଦ ପାଣିଗ୍ରାହୀ, ବାସନ୍ତୀ ନାଥ, ପି.: ମଧୁସୂଦନ ପାଣିଗ୍ରାହୀ, ସନ୍ତୋଷିନୀ ନାଏକ, ପି.: ମୀନକେତନ ତ୍ରିପାଠୀ, ବାସନ୍ତି ପଣ୍ଡା, ପାର୍ବତୀ ପାଢ଼ୀ, ଅମୃତା ପାଢ଼ୀ, ଲଳିତା ପାଢ଼ୀ, ସନ୍ତୋଷିନୀ ନାଏକ, ପି.: ରାମକି ପାଢ଼ୀ, ଭୀଷ୍ମଦେବ ତ୍ରିପାଠୀ, ପି.: ଅଯୋଧ୍ୟା ତ୍ରିପାଠୀ, ରଘୁମଣି ପାଢ଼ୀ, ବାସନ୍ତି ପାଣିଗ୍ରାହୀ, ସୈଇ ରାଉତ, ପି.: ଗୋକୁଳାନନ୍ଦ ପାଢ଼ୀ, ଲବଙ୍ଗ ପାଣିଗ୍ରାହୀ, ସ୍ୱା.: ବୃଷଭାନୁ ପାଢ଼ୀ, ତ୍ରିନାଥ ପାଣିଗ୍ରାହୀ, ରୀତା ନାଏକ, ଗୀତା ବେହେରା, ଜୟନ୍ତି ପଣ୍ଡା, ପି.: ବୃଷଭାନୁ ପାଢ଼ୀ, ବନବିହାରୀ ତ୍ରିପାଠୀ, ସୁଶୀଲ ତ୍ରିପାଠୀ, ସାବିତ୍ରୀ ପାଢ଼ୀ, |
| | | 223 | 0.440 | 0.440 | ମା:ସା/୩ | |
| | | 228 | 4.540 | 4.540 | ଆ:ସା | |
| | | 229 | 0.150 | 0.150 | ବା:ସା | |
| | | 231 | 0.310 | 0.310 | ବା:ସା | |

| କ୍ରମିକ ସଂଖ୍ୟା | ଖାତା ନଂ | ପ୍ଲଟ ନଂ. | ମୋଟ ରକବା (ଏକରରେ) | ଅଧିକୃତ ହେଉଥିବା ରକବା (ଏକରରେ) | କିସମ | ଭୂମି ମାଲିକଙ୍କ ନାମ |
|---|---|---|---|---|---|---|
| | | 232 | 0.380 | 0.380 | ଆ:ସା | ଗୋଲାପି ତ୍ରିପାଠୀ, ପି.: ମିତ୍ରଭାନୁ ତ୍ରିପାଠୀ, ସନ୍ତୋଷ କୁମାର ନାଥ, ବିରଞ୍ଚି ନାଥ, ସୁରେନ୍ଦ୍ର ନାଥ, ମନୋଜ ନାଥ, ପି.: ରାମକୃଷ୍ଣ ନାଥ, ପ୍ରତିମା ପାଢ଼ୀ, ମନୋହର ତ୍ରିପାଠୀ, ଚନ୍ଦ୍ରମା କର, ମହିମା ତ୍ରିପାଠୀ, ସୁଷମା ତ୍ରିପାଠୀ, ମନିନ୍ଦ୍ର ତ୍ରିପାଠୀ, ପି.: ବିପିନ ତ୍ରିପାଠୀ, ଶ୍ରୀପତି ପାଣିଗ୍ରାହୀ, ପି.: ଅଚ୍ୟୁତାନନ୍ଦ ପାଣିଗ୍ରାହୀ, ଶାନ୍ତି ନାଏକ, ଗୋଦାବରି ପାଢ଼ୀ, ରାଜକୁମାର ପାଣିଗ୍ରାହୀ, ଅଶ୍ୱିନୀ କୁମାର ପାଣିଗ୍ରାହୀ, ଅଭିମନ୍ୟୁ ପାଣିଗ୍ରାହୀ, ଶାନ୍ତନୁ ପାଣିଗ୍ରାହୀ, ପି.: ଗୋକୁଳାନନ୍ଦ ପାଣିଗ୍ରାହୀ, ସବିତା ବିଶ୍ୱାଳ, ସ୍ୱା.: ସୁରେନ୍ଦ୍ର ମୋହନ ବିଶ୍ୱାଳ, ନିବେଦିତା ନାଏକ, ବବିତା ନାଥ, ନିହାରିକା ଦେବତା, ରଶ୍ମିରେଖା ପଣ୍ଡା, ପି.: ସୁରେନ୍ଦ୍ର ମୋହନ ବିଶ୍ୱାଳ, ଭବାନୀ ଶଙ୍କର ବିଶ୍ୱାଳ, ପି.: ରାଧାମୋହନ ବିଶ୍ୱାଳ, ତ୍ରିବିକ୍ରମ ପାଣିଗ୍ରାହୀ, ସନାତନ ପାଣିଗ୍ରାହୀ, ପଦ୍ମନାଭ ପାଣିଗ୍ରାହୀ, ମଧୁସୂଦନ ପାଣିଗ୍ରାହୀ, ଅନୁଛାୟା ପାଣିଗ୍ରାହୀ, ସନାତନ ପାଣିଗ୍ରାହୀ, ପି.: ଦୁର୍ଗାନନ୍ଦ ପାଣିଗ୍ରାହୀ, ରାଜେଶ ଦାସ, ରାକେଶ ଦାସ, ପି.: ଆନନ୍ଦ କୁମାର ଦାସ, ଶୁଶିଲ ନାଥ, ଶାନ୍ତିଲତା ନାଥ, ପି.: ନିତ୍ୟାନନ୍ଦ ନାଥ, ଧରିତ୍ରୀ ନାଥ, କୃଷ୍ଣଚନ୍ଦ୍ର ନାଥ, ସୁରେଶ୍ୱରୀ ନାଥ, କମଳ ଲୋଚନ ନାଥ, କଲ୍ୟାଣି ନାଥ, ପଦ୍ମ କୁମାର ନାଥ, ପି.: ଚତୁର୍ଭୁଜ ନାଥ, ଜନନୀ ନାଥ, ସ୍ୱା.: ଅଶ୍ୱିନୀ ନାଥ, ସୁଜାତା ନାଥ, ସୁଶାନ୍ତ ନାଥ, ପି.: ଅଶ୍ୱିନି ନାଥ, ସରୋଜିନୀ ଦାସ, ବୃନ୍ଦାବତୀ ଦାସ, କୃଷ୍ଣଚନ୍ଦ୍ର ଦାସ, ପି.: ହୃଷିକେଶ ଦାସ, ମକରଧ୍ୱଜ ବିଶ୍ୱାଳ, ଗଙ୍ଗା ବିଶ୍ୱାଳ, ସାରଦା ବିଶ୍ୱାଳ, ରାଧେ ବିଶ୍ୱାଳ, ପି.: ଲକ୍ଷ୍ମଣ କୁମାର ବିଶ୍ୱାଳ, ଅମ୍ବିକା ଦାଶ, କଳ୍ପନା ମହାପାତ୍ର, ମଞ୍ଜୁ ଗୁରୁ, ରଞ୍ଜୁ ପାଣିଗ୍ରାହୀ, ଜଗଦୀଶ ତ୍ରିପାଠୀ, ପି.: ମଦନଲାଲ ତ୍ରିପାଠୀ ଉର୍ଫ ନନ୍ଦଲାଲ ତ୍ରିପାଠୀ, ଜା: ବ୍ରାହ୍ମଣ, ବା: ନିଜଗାଁ |
| | | 233 | 0.270 | 0.270 | ଆ:ସା | |
| | | 234 | 2.040 | 2.040 | ଆ:ସା | |
| | | 235 | 0.680 | 0.680 | ଆ:ସା | |
| | | 238 | 1.800 | 1.800 | ଆ:ସା | |
| | | 239 | 0.290 | 0.290 | ବେ:ସା/୩ | |
| | | 246 | 0.200 | 0.200 | ଆ:ସା | |
| | | 252 | 0.610 | 0.610 | ଆ:ସା | |
| | | 255 | 0.280 | 0.280 | ଆ:ସା | |
| | | 260 | 0.820 | 0.820 | ମା:ପା: ଏକ ଦୋ:ଫ | |
| | | 267 | 0.530 | 0.530 | ମା:ପା: ଏକ ଦୋ:ଫ | |
| | | 273 | 0.150 | 0.150 | ମା:ପା: ଏକ ଦୋ:ଫ | |
| | | 317 | 0.980 | 0.980 | ବା:ପା: ଏକ ଦୋ:ଫ | |
| | | 318 | 1.520 | 1.520 | ମା:ପା: ଏକ ଦୋ:ଫ | |
| | | 320 | 0.320 | 0.320 | ବା:ପା: ଏକ ଦୋ:ଫ | |
| | | 322/565 | 0.140 | 0.140 | ବା:ପା: ଏକ ଦୋ:ଫ | |
| | | 323 | 0.480 | 0.480 | ବା:ପା: ଏକ ଦୋ:ଫ | |
| | | 338 | 0.210 | 0.210 | ବା:ପା: ଏକ ଦୋ:ଫ | |
| | | 400 | 2.390 | 2.390 | ବା:ସା/୭ | |
| | | 401 | 5.290 | 5.290 | ଆ:ସା | |
| | | 405 | 0.510 | 0.510 | ବେ:ସା/୫ | |
| | | 406 | 1.020 | 1.020 | ମା:ସା/୭ | |
| | | 407 | 11.120 | 11.120 | ବା:ସା/୭ | |
| | | 408 | 1.960 | 1.960 | ବେ:ସା | |
| | | 422 | 0.230 | 0.230 | ବା:ପା: ଏକ ଦୋ:ଫ | |
| | | 426 | 0.240 | 0.240 | ବା:ପା: ଏକ ଦୋ:ଫ | |
| | | 428 | 0.080 | 0.080 | ମା:ପା: ଏକ ଦୋ:ଫ | |
| | | 453 | 0.120 | 0.120 | ମା:ପା: ଏକ ଦୋ:ଫ | |
| | | 473 | 0.110 | 0.110 | ବା:ପା: ଏକ ଦୋ:ଫ | |
| | | 478 | 0.720 | 0.720 | ବା:ପା: ଏକ ଦୋ:ଫ | |
| | | 481 | 6.110 | 6.110 | ବା:ପା: ଏକ ଦୋ:ଫ | |
| | | 482 | 9.690 | 9.690 | ମା:ପା: ଏକ ଦୋ:ଫ | |
| | | 483 | 5.050 | 5.050 | ମା:ପା: ଏକ ଦୋ:ଫ | |
| | | 489 | 0.130 | 0.130 | ଆ:ସା | |
| | | 522 | 1.660 | 1.660 | ମା:ପା: ଏକ ଦୋ:ଫ | |
| | | 523/567 | 1.240 | 1.240 | ଆ:ସା | |
| | | 525 | 0.370 | 0.370 | ଆ:ସା | |
| | | 537 | 0.400 | 0.400 | ନଦୀ | |
| | ମୋଟ | | 66.460 | 66.460 | | |
| 20 | 40/4 | 135 | 0.640 | 0.640 | ବା:ସା | କେଶବ ଜଗତ, ପି.: ଦିନୁ ଜଗତ, ଜା: ଗଣ୍ଡା, ବା: ନିଜଗାଁ |
| | | 223/596 | 0.120 | 0.120 | ମା:ସା | |
| | ମୋଟ | | 0.760 | 0.760 | | |
| 21 | 40/19 | 280/620 | 0.220 | 0.220 | ବା:ପା: ଏକ ଦୋ:ଫ | ଜତିନନ୍ ରାଏ, ପି.: ପଦ୍ମଲୋଚନ ରାଏ, ଜା: ଭୂୟାଁ, ବା: ନିଜଗାଁ |
| | | 281/626 | 0.040 | 0.040 | ମା:ପା: ଏକ ଦୋ:ଫ | |
| | | 281/627 | 0.090 | 0.090 | ମା:ପା: ଏକ ଦୋ:ଫ | |
| | | 519/622 | 0.090 | 0.090 | ମା:ସା | |
| | | 520/623 | 0.080 | 0.080 | ମା:ପା: ଏକ ଦୋ:ଫ | |
| | | 521/624 | 0.170 | 0.170 | ମାଲ ପାଣି: ଏକ ଦୋ:ଫ | |
| | | 521/625 | 0.070 | 0.070 | ମା:ପା: ଏକ ଦୋ:ଫ | |
| | ମୋଟ | | 0.760 | 0.760 | | |
| 22 | 40/35 | 533/650 | 0.420 | 0.420 | ଘରବାରି | ମିନିଷ କୁମାର ଡିଡବାନିଆ, ପି.: ରାଧେଶ୍ୟାମ ଡିଡବାନିଆ, ଜା: ବଣିଆ, ବା: ମାରବାଡ଼ିପଡ଼ା, ଝାରସୁଗୁଡ଼ା |
| | ମୋଟ | | 0.420 | 0.420 | | |
| 23 | 40/74 | 454/684 | 0.350 | 0.350 | ମା:ପା:ଏକ | ଭୀମ ରାଏ, ପି.: ଜନ୍ମାଜୟ ରାଏ, ଜା: ଭୂୟାଁ, ବା: ନିଜଗାଁ |
| | | 455/685 | 2.790 | 2.790 | ବେ:ପା: ଏକ | |
| | ମୋଟ | | 3.140 | 3.140 | | |
| 24 | 40/76 | 225/686 | 1.000 | 1.000 | ବା:ସା | ପଙ୍କଜ ଭୁଏ, ପି.: ସିଟୁ ଭୁଏ, ଜା: ସହରା, ବା: କୁମ୍ଭାରୀ, ଥା: ବଡ଼ମାଲ, ଝାରସୁଗୁଡ଼ା |
| | ମୋଟ | | 1.000 | 1.000 | | |
| 25 | 40/77 | 518/688 | 1.830 | 1.830 | ମା:ସା | ପ୍ରଫୁଲ ପ୍ରଧାନ, ପି.: ଜୟଦେବ ପ୍ରଧାନ, ଜା: କିସାନ, ବା: ମାଲିମୁଣ୍ଡା, ଝାରସୁଗୁଡ଼ା |
| | ମୋଟ | | 1.830 | 1.830 | | |
| 26 | 40/83 | 222/692 | 0.660 | 0.660 | ମା:ପା: ଏକ | ଦାମୋଦର ନାଥ, ପି.: ଶରତ ଚନ୍ଦ୍ର ନାଥ, ଜା: ବ୍ରାହ୍ମଣ, ବା: ଡୁମ୍ୱେକେଲା, ଥା: ବଡ଼ମାଲ, ଝାରସୁଗୁଡ଼ା |
| | | 424/693 | 0.410 | 0.410 | ବେ:ପା: ଏକ | |
| | ମୋଟ | | 1.070 | 1.070 | | |
| 27 | 40/92 | 299/701 | 0.110 | 0.110 | ବା:ପା | ମଧୁସୂଦନ କିସାନ, ପି.: ଘସିଆ କିସାନ, ଜା: କିସାନ, ବା: ନିଜଗାଁ |
| | ମୋଟ | | 0.110 | 0.110 | | |
| 28 | 40/ 100 | 283/576 | 0.070 | 0.070 | ମା:ପା:ଏକ | ମଞ୍ଜନ ନାଏକ, ପି.: ସତ୍ୟବାନ ନାଏକ, ଜା: ଭୂୟାଁ, ବା: ନିଜଗାଁ |
| | | 284/640 | 0.140 | 0.140 | ବେ:ପା: ଏକ | |
| | | 284/641 | 0.080 | 0.080 | ବେ:ପା: ଏକ | |
| | ମୋଟ | | 0.290 | 0.290 | | |
| 29 | 40/ 101 | 456 | 0.600 | 0.600 | ଆ:ସା | ଭୀମ ରାଏ, ପି.: ଜନ୍ମଜୟ ରାଏ, ଜା: ଭୂୟାଁ, ବା: ତରେକେଲା, ହିରମା, ଜି.: ଝାରସୁଗୁଡ଼ା |
| | | 457 | 0.100 | 0.100 | ମା:ସା/୩ | |
| | | 458 | 0.360 | 0.360 | ଆ:ସା | |
| | ମୋଟ | | 1.060 | 1.060 | | |
| 30 | 40/ 102 | 455 | 0.300 | 0.300 | ବେ:ପା: ଏକ | ଭୀମ ରାଏ, ପି.: ଜନ୍ମଜୟ ରାଏ, ଜା: ଭୂୟାଁ, ବା: ତରେକେଲା, ହିରମା, ଜି.: ଝାରସୁଗୁଡ଼ା |
| | ମୋଟ | | 0.300 | 0.300 | | |
| 31 | 40/ 106 | 225/710 | 0.500 | 0.500 | ବା:ସା | ରାଜେନ୍ଦ୍ର ଓରାମ, ପି.: ଜଗନ ଓରାମ, ଜା: ଓରାମ, ବା: ରେଙ୍ଗାଲି, ସମ୍ବଲପୁର |
| | ମୋଟ | | 0.500 | 0.500 | | |
| 32 | 40/ 107 | 225/696 | 0.670 | 0.670 | ବା:ସା | ଉଦୟ ମୁଣ୍ଡା, ପି.: ଟପ୍ପୁ ମୁଣ୍ଡା, ଜା: ମୁଣ୍ଡା, ବା: ସାରସମାଲ, ଝାରସୁଗୁଡ଼ା |
| | ମୋଟ | | 0.670 | 0.670 | | |
| 33 | 40/ 108 | 224/687 | 0.370 | 0.370 | ଆ:ସା | ଫକୀର କିସାନ, ପି.: ଗୁନିଆନ କିସାନ, ଜା: କିସାନ, ବା: ଚନ୍ଦଲି, ଥା: ଲେଫ୍ରିପଡ଼ା, ଜି.: ସୁନ୍ଦରଗଡ଼ |
| | | 225/711 | 0.630 | 0.630 | ବା:ସା | |
| | ମୋଟ | | 1.000 | 1.000 | | |
| 34 | 40/ 111 | 317/714 | 0.430 | 0.430 | ବା:ପା: ଏକ | ସୁଜାତା ପାଣିଗ୍ରାହୀ, ସ୍ୱା.: ଅଭିମନ୍ୟୁ ପାଣିଗ୍ରାହୀ, ଜା: ବ୍ରାହ୍ମଣ, ବା: ନିଜଗାଁ |
| | | 318/715 | 0.330 | 0.330 | ମା:ପା: ଏକ | |
| | | 320/716 | 0.120 | 0.120 | ବା:ପା | |
| | | 338/717 | 0.150 | 0.150 | ବା:ପା | |
| | | 426/719 | 0.120 | 0.120 | ବା:ପା | |
| | ମୋଟ | | 1.150 | 1.150 | | |
| 35 | 40/ 112 | 518/720 | 0.610 | 0.610 | ମା:ସା/୫ | ପ୍ରଫୁଲ ପ୍ରଧାନ, ପି.: ଜୟଦେବ ପ୍ରଧାନ, ଜା: କିସାନ, ବା: ମାଲିମୁଣ୍ଡା, ଝାରସୁଗୁଡ଼ା |
| | ମୋଟ | | 0.610 | 0.610 | | |
| 36 | 40/ 116 | 224/723 | 0.100 | 0.100 | ଆ:ସା | ପ୍ରଫୁଲ କୁମାର ମାଝୀ, ପି.: କବିଚନ୍ଦ୍ର ମାଝୀ, ଜା: ଗଣ୍ଡ, ବା: କୁର୍ଗା, ଜେନାପାଲି ଓ ଜିଲ୍ଲା: ସୁନ୍ଦରଗଡ଼ |
| | ମୋଟ | | 0.100 | 0.100 | | |
| 37 | 40/ 117 | 224/724 | 0.190 | 0.190 | ଆ:ସା | ଦୁଲାମଣୀ ପ୍ରଧାନ, ପି.: ଜନ୍ମଜୟ ପ୍ରଧାନ, ଜା: ଭୂୟାଁ, ବା: କୁକୁରିଡିହି, ଥା: କିଞ୍ଜିରକେଲା, ଜି.: ସୁନ୍ଦରଗଡ଼ |
| | ମୋଟ | | 0.190 | 0.190 | | |
| 38 | 40/ 118 | 224/695 | 0.490 | 0.200 | ଆ:ସା | ପୂର୍ଣ୍ଣମା ଖଡ଼ିଆ, ପି.: ସମରା ଖଡ଼ିଆ, ଜା: ଖଡ଼ିଆ, ବା: ଦର୍ଲିପାଲି, ଥା: ଭଷ୍ମା, ଜି.: ସୁନ୍ଦରଗଡ଼ |
| | ମୋଟ | | 0.490 | 0.200 | | |

| କ୍ରମିକ ସଂଖ୍ୟା | ଖାତା ନଂ | ପ୍ଲଟ ନଂ. | ମୋଟ ରକବା (ଏକରରେ) | ଅଧିକୃତ ହେଉଥିବା ରକବା (ଏକରରେ) | କିସମ | ଭୂମି ମାଲିକଙ୍କ ନାମ |
|---|---|---|---|---|---|---|
| 39 | 40/ 121 | 534 | 7.650 | 7.650 | ଆ:ସା | ବିଶ୍ୱାଳ କୁମାର ଦାସ, ପି.: ନବ କିଶୋର ଦାସ, ଜା: କରଣ, ବା: ବୁଲେଟବୟାମଶାଳା, ମୁଦିପଡ଼ା, ଜି.: ସମ୍ବଲପୁର |
| | ମୋଟ | | 7.650 | 7.650 | | |
| 40 | 40/ 123 | 486/730 | 0.070 | 0.070 | ଆ:ସା | ଶଶାଙ୍କ ନାଏକ, ପି.: କୁଞ୍ଜବିହାରୀ ନାଏକ, ଜା: ଅଘରିଆ, ବା: ନିଆଲିପାଲି, ଥା: ଭଷ୍ମା, ଜି.: ସୁନ୍ଦରଗଡ଼ |
| | ମୋଟ | | 0.070 | 0.070 | | |
| 41 | 40/ 124 | 486 | 0.050 | 0.050 | ଆ:ସା | ଶ୍ରୀକାନ୍ତ ରୋହିଦାସ, ପି.: ଆନନ୍ଦ ରୋହିଦାସ, ଜା: ଚମାର, ବା: ଖଡ଼ିଆପାଲି, ଥା: ଠେଲକଲୋଇ, ଜି.: ସମ୍ବଲପୁର |
| | ମୋଟ | | 0.050 | 0.050 | | |
| 42 | 40/ 125 | 449 | 1.370 | 1.370 | ମା:ପା: ଏକ ଦୋ:ଫ | ବିପିନ ବିହାରୀ ଭୂୟାଁ, ପି.: ଚତୁର୍ଭୁଜ ଭୂୟାଁ, ଜା: ଭୂୟାଁ, ବା: ନିଜଗାଁ |
| | | 488/731 | 0.370 | 0.370 | ଆ:ସା | |
| | ମୋଟ | | 1.740 | 1.740 | | |
| 43 | 40/ 126 | 224/732 | 0.150 | 0.150 | ଆ:ସା | ରୋମତୀ ରାୟ, ସ୍ୱା.: ରାହାସ ବିହାରୀ ରାୟ, ଜା: ଭୂୟାଁ, ବା: ନିଜଗାଁ |
| | | 485 | 1.110 | 1.110 | ଆ:ସା | |
| | ମୋଟ | | 1.260 | 1.260 | | |
| 44 | 40/ 127 | 134 | 0.290 | 0.290 | ମା:ସା | କମଳା ରାୟ, ସ୍ୱା.: ସତ୍ୟନାରାୟଣ ରାୟ, ଉର୍ଫ ଭୂୟାଁ, ପ୍ରଦୀପ ରାୟ, ସୌଦାମିନୀ ମାଝୀ, ପି.: ସତ୍ୟନାରାୟଣ ରାୟ ଉର୍ଫ ଭୂୟାଁ, ସୁରେଶ୍ୱରୀ ରାୟ, ସ୍ୱା.: ସୁଶାନ୍ତ ରାୟ, ଆୟୁଷ ରାୟ, ଅଦ୍ୟଶା ରାୟ, ପି.: ପ୍ରଶାନ୍ତ ରାୟ, ରଶ୍ମୀରେଖା ରାୟ, ସ୍ୱା.: ପ୍ରଶାନ୍ତ ରାୟ, ଜା: ଭୂୟାଁ, ବା: ନିଜଗାଁ |
| | | 224 | 0.140 | 0.140 | ଆ:ସା | |
| | | 226 | 0.670 | 0.670 | ବେ:ସା | |
| | | 484 | 1.060 | 1.060 | ଆ:ସା | |
| | | 488 | 0.100 | 0.100 | ଆ:ସା | |
| | ମୋଟ | | 2.260 | 2.260 | | |
| 45 | 40/ 128 | 454 | 1.270 | 1.270 | ମା:ପା: ଏକ ଦୋ:ଫ | କ୍ଷେତ୍ରମଣି ପ୍ରଧାନ, ପି.: ଜନ୍ମଜୟ ପ୍ରଧାନ, ଜା: ଭୂୟାଁ, ବା: ବିଜୟା ଟକିଜ ରୋଡ, ଜି.: ସୁନ୍ଦରଗଡ଼, ଚୋଳ ଗଙ୍ଗଦେବ ମାଝୀ, ପି.: ଭବାନୀ ଶଙ୍କର ମାଝୀ, ଜା: ଗଣ୍ଡ, ବା: ଘୁମୁଣ୍ଡା, ଜି.: ସୁନ୍ଦରଗଡ଼, ହରେନ୍ଦ୍ର କୁମାର ସା, ପି.: କୁଞ୍ଜ ବିହାରୀ ସା, ଜା: ଭୂୟାଁ, ବା: କାଦୋବାହାଲ, ଥା: ଲଇକେରା, ଝାରସୁଗୁଡ଼ା, ଦିବ୍ୟଲୋଚନ ପ୍ରଧାନ, ପି.: ଜନ୍ମଜୟ ପ୍ରଧାନ, ଜା: ଭୂୟାଁ, ବା: କୁକୁରିଡିହି, ଥା: କିଞ୍ଜିରକେଲା, ଜି.: ସୁନ୍ଦରଗଡ଼ |
| | ମୋଟ | | 1.270 | 1.270 | | |
| 46 | 40/ 129 | 225 | 0.710 | 0.710 | ବା:ସା | କ୍ଷେତ୍ରମଣି ପ୍ରଧାନ, ପି.: ଜନ୍ମଜୟ ପ୍ରଧାନ, ଜା: ଭୂୟାଁ, ବା: ବିଜୟା ଟକିଜ ରୋଡ, ସୁନ୍ଦରଗଡ଼ |
| | ମୋଟ | | 0.710 | 0.710 | | |
| 47 | 40/ 130 | 224/733 | 0.150 | 0.150 | ଆ:ସା | ନରେନ୍ଦ୍ର କାଲୋ, ପି.: ଡମ୍ବରୁଧର କାଲୋ, ଜା: ଭୂୟାଁ, ବା: ଖୁଟଲାପାଲି, ଥା: ଲେଫ୍ରିପଡ଼ା, ଜି.: ସୁନ୍ଦରଗଡ଼ |
| | ମୋଟ | | 0.150 | 0.150 | | |
| 48 | 40/ 131 | 224/734 | 0.150 | 0.150 | ଆ:ସା | ଡମ୍ବରୁଧର କାଲୋ, ପି.: ଧନେଶ୍ୱର କାଲୋ, ଜା: ଭୂୟାଁ, ବା: ଖୁଟଲପାଲି, ଥା: ଲେଫ୍ରିପଡ଼ା, ଜି.: ସୁନ୍ଦରଗଡ଼ |
| | ମୋଟ | | 0.150 | 0.150 | | |
| 49 | 40/ 132 | 449/735 | 0.100 | 0.100 | ମା:ପା: ଏକ ଦୋ:ଫ | ଚେତାରାମ ପଟେଲ, ଜଗଦୀଶ୍ୱର ପଟେଲ, ପି.: କୈଳାଶ ପଟେଲ, ଜା: ଭୂୟାଁ, ବା: ଖପୁରିକଛରା, ଡୁମୁଡ଼ା, ଥା: ହେମଗିର, ଜି.: ସୁନ୍ଦରଗଡ଼ |
| | ମୋଟ | | 0.100 | 0.100 | | |
| 50 | 40/ 133 | 449/736 | 0.200 | 0.200 | ମା:ପା: ଏକ ଦୋ:ଫ | ନରେନ୍ଦ୍ର କାଲୋ, ପି.: ଡମ୍ବରୁଧର କାଲୋ, ଜା: ଭୂୟାଁ, ବା: ଖୁଚଲା ପାଲି, ଥା: ଲେଫ୍ରିପଡ଼ା, ଜି.: ସୁନ୍ଦରଗଡ଼ |
| | ମୋଟ | | 0.200 | 0.200 | | |
| 51 | 40/ 134 | 449/737 | 0.150 | 0.150 | ମା:ପା: ଏକ ଦୋ:ଫ | ତରୁଲତା ରାୟ, ସ୍ୱା.: ସୁଧୀର କୁମାର ରାୟ, ଜା: ଭୂୟାଁ, ବା: ତରେକେଲା, ଥା: ବଡ଼ମାଲ, ଝାରସୁଗୁଡ଼ା |
| | ମୋଟ | | 0.150 | 0.150 | | |
| 52 | 40 /135 | 290 | 0.030 | 0.030 | ବେ:ପା: ଏକ | ଅଜିତ କୁମାର ପଟେଲ, ପି.: ବିପିନ ବିହାରୀ ପଟେଲ, ଜା: ଅଘରିଆ, ବା: ଗୁପିଡିହି, ଥା/ଜି.: ସୁନ୍ଦରଗଡ଼ |
| | ମୋଟ | | 0.030 | 0.030 | | |
| 53 | 40/ 136 | 285 | 0.050 | 0.050 | ମା:ପା:ଏକ | ସୁଦେଷ୍ଣା ପଟେଲ, ପି.: କମଳ ଲୋଚନ ପଟେଲ, ଜା: ଅଘରିଆ, ବା: ତେଲି ପଡ଼ା, ଥା: ଲେଫ୍ରିପଡ଼ା, ଜି.: ସୁନ୍ଦରଗଡ଼ |
| | ମୋଟ | | 0.050 | 0.050 | | |
| 54 | 40/ 137 | 287/738 | 0.060 | 0.060 | ମା:ପା:ଏକ | ଅଶୋକ କୁମାର ସୋନି, ପି.: କିଷନ ଲାଲ ସୋନି, ଜା: ପଞ୍ଜାବୀ, ବା: ମଙ୍ଗଲ ବଜାର ରୋଡ, ଜିଲ୍ଲା: ଝାରସୁଗୁଡ଼ା |
| | ମୋଟ | | 0.060 | 0.060 | | |
| 55 | 40/ 138 | 287 | 0.050 | 0.050 | ମା:ପା:ଏକ | ଅନ୍ନଦା ପଣ୍ଡା, ପି.: ରାମନାରାୟଣ ପଣ୍ଡା, ଜା: ବ୍ରାହ୍ମଣ, ବା: ଭବାନୀ ଭବନ ସାଇ ବିହାର, ଜି.: ସୁନ୍ଦରଗଡ଼ |
| | ମୋଟ | | 0.050 | 0.050 | | |
| 56 | 40/ 139 | 449/739 | 0.020 | 0.020 | ମା:ପା:ଏକ ଦୋ:ଫ | ଚେତାରାମ ପଟେଲ, ପି.: କୈଳାଶ ଚନ୍ଦ୍ର ପଟେଲ, ଜା: ଭୂୟାଁ, ବା: ଖପୁରିକଛାର, ଥା: ହେମଗିର, ଜି.: ସୁନ୍ଦରଗଡ଼ |
| | ମୋଟ | | 0.020 | 0.020 | | |
| 57 | 40/ 142 | 449/744 | 0.030 | 0.030 | ମା:ପା:ଏକ ଦୋ:ଫ | ସୁକାନ୍ତ ଧୁରୁଆ, ସ୍ୱା.: ସୁରୁଲାଲ ଧୁରୁଆ, ଜା: ଗଣ୍ଡ, ବା: କୁମ୍ଭାରୀ, ଝାରସୁଗୁଡ଼ା |
| | ମୋଟ | | 0.030 | 0.030 | | |
| 58 | 40 /143 | 427/746 | 0.060 | 0.060 | ମା:ସା | ମାଧୋଇ ସେଠ, ପି.: ପୂର୍ଣ୍ଣ ଚନ୍ଦ୍ର ସେଠ, ଦୟାସାଗର ସେଠ, ମଙ୍ଗନୀ ସେଠ, କଇରୀ ସେଠ, ପି.: ଜଗଇ ସେଠ, ଜା: ଧୋବା, ବା: ନିଜଗାଁ |
| | | 319/578 | 0.120 | 0.120 | ମା:ସା | |
| | | 319/579 | 0.090 | 0.090 | ମା:ସା | |
| | | 322/745 | 0.060 | 0.060 | ବା:ପା:ଏକ ଦୋ:ଫ | |
| | | 280/575 | 0.050 | 0.050 | ବା:ପା:ଏକ ଦୋ:ଫ | |
| | | 324/577 | 0.080 | 0.080 | ମା:ପା:ଏକ ଦୋ:ଫ | |
| | ମୋଟ | | 0.460 | 0.460 | | |
| 59 | 40/ 144 | 427/750 | 0.050 | 0.050 | ମା:ସା | ସଂକୀର୍ତ୍ତନ ରାଏ, ପି.: ଲିଙ୍ଗ ରାଏ, ଜା: ଭୂୟାଁ, ବା: ନିଜଗାଁ |
| | | 476/751 | 0.160 | 0.160 | ବା:ପା:ଏକ ଦୋ:ଫ | |
| | | 476/752 | 0.100 | 0.100 | ବା:ପା:ଏକ ଦୋ:ଫ | |
| | | 322/748 | 0.110 | 0.110 | ବା:ପା:ଏକ ଦୋ:ଫ | |
| | | 324/749 | 0.120 | 0.120 | ମା:ପା:ଏକ ଦୋ:ଫ | |
| | ମୋଟ | | 0.540 | 0.540 | | |
| 60 | 40/ 146 | 300/755 | 0.190 | 0.190 | ବା:ପା:ଏକ ଦୋ:ଫ | ଯୋଗେଶ୍ୱ ପାଣିଗ୍ରାହୀ, ଜ୍ୟୋତିର୍ମୟୀ ବିଶ୍ୱାଳ, ସୁଜାତା ନାଥ, ମମତା ଧର, ପି.: ଶ୍ରୀପତି ପାଣିଗ୍ରାହୀ, ଜା: ବ୍ରାହ୍ମଣ, ବା: ନିଜଗାଁ |
| | | 341/756 | 0.090 | 0.090 | ବା:ପା:ଏକ ଦୋ:ଫ | |
| | | 423/757 | 0.320 | 0.320 | ବା:ପା:ଏକ ଦୋ:ଫ | |
| | | 136/753 | 0.550 | 0.550 | ବା:ପା:ଏକ ଦୋ:ଫ | |
| | | 424/758 | 0.240 | 0.240 | ବା:ପା:ଏକ ଦୋ:ଫ | |
| | | 222/754 | 0.680 | 0.680 | ମା:ପା:ଏକ ଦୋ:ଫ | |
| | | 222/759 | 0.280 | 0.280 | ମା:ପା:ଏକ ଦୋ:ଫ | |
| | ମୋଟ | | 2.350 | 2.350 | | |
| 61 | 40/ 148 | 451 | 0.230 | 0.230 | ମା:ପା:ଏକ ଦୋ:ଫ | ଗୋଦାବରୀ ପାଣିଗ୍ରାହୀ, ସ୍ୱା.: ସନ୍ତୋଷ କୁମାର ପାଣିଗ୍ରାହୀ, ଜା: ବ୍ରାହ୍ମଣ, ବା: ନିଜଗାଁ |
| | | 462 | 0.290 | 0.290 | ମା:ପା:ଏକ ଦୋ:ଫ | |
| | ମୋଟ | | 0.520 | 0.520 | | |

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..................................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସିଏମ୍ ଟ୍ରଫି ଖୋ ଖୋ ଆରମ୍ଭ

**ଭୁବନେଶ୍ୱର,୧୧।୪(ଅନାଦି କର)**

ଆନ୍ତଃ କ୍ଲବ ଓ ଆନ୍ତଃ ଜିଲା ଖୋ ଖୋ ଚାମ୍ପିୟନଶିପ୍ ସିଏମ୍ ଟ୍ରଫି ଗାନ୍ଧୀ ଷ୍ଟାଡିୟମଠାରେ ଆରମ୍ଭ ହୋଇଯାଇଛି। ଫୁଟବଲ, ଖୋ ଖୋ, ଭଲିବଲ, କବାଡ଼ି ଆଦି ୪ ଇଭେଣ୍ଟରେ ହେଉଥିବା ଏହି ରାଜ୍ୟ ସ୍ତରୀୟ ପ୍ରତିଯୋଗିତା ଯୁବ ଓ କ୍ରୀଡ଼ା ବିଭାଗର ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେଉଛି। ଏହାର ଉଦ୍ଦେଶ୍ୟ ରାଜ୍ୟରେ ଲୁକ୍କାୟିତ ଥିବା ପ୍ରତିଭାକୁ ପରିପ୍ରକାଶ କରିବା। ବଲାଙ୍ଗୀର, କୋରାପୁଟ, ଭଦ୍ରକ, ଗଞ୍ଜାମରେ ଅନୁଷ୍ଠିତ ଖୋ ଖୋ ପ୍ରତିଯୋଗିତାରେ ଅଧିକ ସଂଖ୍ୟାରେ ଖେଳାଳି ଭାଗ ନେଇଥିବା ସର୍ବଭାରତୀୟ ଖୋ ଖୋ ସଂଘ ଉପସଭାପତି ପ୍ରଦ୍ୟୁମ୍ନ ମିଶ୍ର ସୂଚନା ଦେଇଛନ୍ତି। ଭଦ୍ରକରେ ହୋଇଥିବା ପୁରୁଷ ବିଭାଗ ପ୍ରତିଯୋଗିତାରେ ସରକାରୀ ହାଇସ୍କୁଲ, ଆର୍‌ସିବିଏଲ୍ ଜଳାଙ୍ଗ, ଏସ୍‌ବିଡି ସ୍କୁଲ, ପର୍ଦନାୟନୀ ଦଳ ବିଜୟୀ



ହୋଇଛନ୍ତି। ମହିଳା ବିଭାଗରେ ଏସ୍‌ବିଡି ସ୍ପୋର୍ଟ୍ସ ଏକାଡେମୀ ଓ ଦେହୁଡ଼ି ଆନନ୍ଦପୁର ବିଜୟୀ ହୋଇଛନ୍ତି। ଜିଲା କ୍ରୀଡ଼ା ସଂସଦ ସାଧାରଣ ସମ୍ପାଦକ ହରିନାୟଣ ପୂଜାରୀଙ୍କ ତତ୍ତ୍ୱବଧାନରେ ଓ ଫାଓ କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବଲଙ୍ଗୀର ଜିଲାପାଳ ଗୌରବ ଶିବାଜୀ ଇସଲୱର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପ ସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ଯୁଗ୍ମ ସମ୍ପାଦକ ଶତ୍ରୁଘ୍ନ ସିଂହ, କୋଷାଧକ୍ଷ ହେମନ୍ତ କୁମାର ବେହେରା, ଜିଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ପାତ୍ର, କାଉନସିଲର ସଭ୍ୟ ସୁଧିର ଚନ୍ଦ୍ର ପଣ୍ଡା, ଭଲିବଲ ସମ୍ପାଦକ ସଂଗ୍ରାମ କେଶରୀ ବହିଦାର, ଫୁଟବଲ ସମ୍ପାଦକ ଶରତ କୁମାର ନନ୍ଦ ଉପସ୍ଥିତ ଥିଲେ। ଖୋ ଖୋ, କବାଡି ଓ କ୍ରୀଡ଼ା ସମ୍ପାଦକ ବିଭୂତି ଭୂଷଣ ପଣ୍ଡା ମ୍ୟାଚ୍ କମିଶନର ଦାୟିତ୍ୱରେ ଥିଲେ। ଛାତ୍ରୀ ଖୋ ଖୋ ପ୍ରତିଯୋଗିତା ଫାଇନାଲରେ ଲୋଇସିଂହା ଓ ପୁଇଁନ୍ତଲା ପ୍ରବେଶ କରିଥିବା ପୁରୁଷ ବିଭାଗ ଫାଇନାଲରେ ବଲାଙ୍ଗୀର ଓ ଲୋଇସିଂହା ସ୍ଥାନ ପକ୍କା କରିଛନ୍ତି। ଖେଳକୁ ଚନ୍ଦ୍ରଶେଖର ମେହେର, ସନ୍ତୋଷ ମେହେର, ବିକାଶ ଦାଶ, ପ୍ରଦ୍ୟୁମ୍ନ ରାଉତ, ଆରତୀ ସାହୁ, ନିତେଶ ଭୋଇ, ବୁଦ୍ଧିରାଜ ବିଶ୍ୱାଳ, ଜନାର୍ଦ୍ଦନ ସାହୁ, ସୁଶାନ୍ତ ନାଗ, ମାଧୁରୀ ପଣ୍ଡା, ସୁଦର୍ଶନ ସେଠ, ସସ୍ମିତାରାଣୀ ମିଶ୍ର ପରିଚାଳନା କରିଥିଲେ।

# ଅନୁପମା, ସ୍ୱରାଜ, ଅମରେଶ୍ୱରଙ୍କୁ ସ୍ୱର୍ଣ୍ଣ




## ସାଉଥ ଏସିଆନ ଜୁ ଜିଟ୍‌ସୁ ପ୍ରତିଯୋଗିତା

**ଭୁବନେଶ୍ୱର, ୧୧।୪ (ବିଜୟ ରଣା)**

ଶ୍ରୀଲଙ୍କାରେ ଶନିବାରଠାରୁ ସାଉଥ ଏସିଆନ ଜୁ-ଜିଟ୍‌ସୁ ପ୍ରତିଯୋଗିତା ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଓଡ଼ିଶାର ବିଶ୍ୱ ଜିଟ୍‌ସୁ ପ୍ରତିଯୋଗିତାର ପଦକଧାରୀ ଅନୁପମା ସ୍ୱାଇଁ (ନେ ୱାଗା)ରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ସେପରି ପୁରୁଷ ବିଭାଗରେ ସ୍ୱରାଜ ଜାନି (୬୯କେଜି) ଓ ଅମରେଶ୍ୱର ସ୍ୱାଇଁ (୫୬କେଜି)ଙ୍କୁ ସ୍ୱର୍ଣ୍ଣ ପଦକ ମିଳିଥିବା ବେଳେ ସନ୍ତୋଷ ସିଂ ୭୭କେଜି ଶ୍ରେଣୀରେ ରୌପ୍ୟ ପଦକ ହାସଲ କରିଛନ୍ତି। ରବିବାର ଶେଷ ହେବାକୁଥିବା ଏହି ପ୍ରତିଯୋଗିତାରେ ଓଡ଼ିଶା ଖେଳାଳି ଆଉ ଦୁଇଟି ବିଭାଗରେ ଅଂଶଗ୍ରହଣ କରିବେ। ସୂଚନାଯୋଗ୍ୟ, ଏହି ୪ ଜଣ ଖେଳାଳି ଗତ ଜାତୀୟ ଜୁ-ଜିଟ୍‌ସି ପ୍ରତିଯୋଗିତାରେ ପଦକ ହାସଲ କରିଥିଲେ।

# ଆଇଏସ୍‌ଏଲ୍: ଇଷ୍ଟବେଙ୍ଗଲ ବିଜୟୀ

**ଚେନ୍ନାଇ,୧୧।୪**

ଚଳିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ରେ ଶନିବାର ଖେଳାଯାଇଥିବା ମ୍ୟାଚ୍‌ରେ ଇଷ୍ଟ ବେଙ୍ଗଲ ୩-୧ ଗୋଲରେ ଚେନ୍ନାୟିନ ଏଫ୍‌ସିକୁ ପରାସ୍ତ କରିଛି। ଏହି ବିଜୟ ସହ ଇଷ୍ଟ ବେଙ୍ଗଲ ଚତୁର୍ଥ ସ୍ଥାନକୁ ଉଠିଥିବା ବେଳେ ଚେନ୍ନାୟିନ ଦ୍ୱାଦଶ ସ୍ଥାନରେ ରହିଛି। ଇଷ୍ଟ ବେଙ୍ଗଲ ପାଇଁ ଏଡମୁଣ୍ଡ ଲାଲରିଣ୍ଡିକା (ସପ୍ତମ), ବିପିନ ସିଂ ଥୋଉନାଓଜାମ (୮୩ତମ) ଓ ନନ୍ଦକୁମାର ଶେଖର (୯୦+୨) ଗୋଲ ଦେଇଥିଲେ। ଚେନ୍ନାୟିନ ପକ୍ଷରୁ ଇର୍ଫାନ ୟଡୱାଡ ଏକମାତ୍ର ଗୋଲ ସ୍କୋର କରିଥିଲେ।

# ସୁଜିତ, ଅଭିମନ୍ୟୁଙ୍କୁ ସ୍ୱର୍ଣ୍ଣ ପଦକ

## ଏସିଆନ ରେସ୍‌ଲିଂ

**ବିସ୍‌କେକ୍, ୧୧।୪ (ପି.ଟି.)**

ଭାରତର ୨୩ବର୍ଷରୁ କମ୍ ବିଶ୍ୱ ଚାମ୍ପିୟନ ସୁଜିତ ଓ ଅଭିମନ୍ୟୁ ଏଠାରେ ଚାଲିଥିବା ସିନିୟର ଏସିଆନ ରେସ୍‌ଲିଂ ଚାମ୍ପିୟନଶିପ୍‌ରେ ସେମାନଙ୍କ ପୁରୁଷ ଫ୍ରିଷ୍ଟାଇଲ ବାଉଟ୍‌ରେ ବିଜୟ ହାସଲ କରି ଦେଶ ପାଇଁ ଦୁଇଟି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଚଳିତବର୍ଷ ଅପରାଜିତ ରହିଥିବା ସୁଜିତ ପୁରୁଷ ୬୫କେଜି ଶ୍ରେଣୀ ଫ୍ରିଷ୍ଟାଇଲ ଫାଇନାଲରେ ଉଜ୍‌ବେକିସ୍ତାନର ଉମିଦଜନ ଜାଲୋଲଭଙ୍କୁ ୮-୧ରେ ପରାସ୍ତ କରିଛନ୍ତି। ଫଳରେ ୨୦୧୯ରେ ବିଜରଙ୍ଗ ପୁନିଆଙ୍କ ପରେ ଏସିଆନ ଚାମ୍ପିୟନଶିପ୍‌ର ଏହି କାଟେଗୋରିରେ ସ୍ୱର୍ଣ୍ଣ ପଦକ ହାସଲ କରିବାରେ ପ୍ରଥମ ଭାରତୀୟ। ଏହାର କିଛି ସମୟ ପରେ ଅନୁଷ୍ଠିତ ୭୦କେଜି କାଟେଗୋରିରେ ମଙ୍ଗୋଲିଆର ତୁଲ୍‌ଗା ତୁମୁର ଓଚିରଙ୍କୁ ହରାଇ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଭାରତ ପାଇଁ ହ୍ୟାଟ୍ରିକ ସ୍ୱର୍ଣ୍ଣ ପଦକ ସୁଯୋଗ ଥିଲା। ମାତ୍ର ସନ୍ଦୀପ ମାନ୍ ପୁରୁଷ ୭୯କେଜି ଶ୍ରେଣୀର ଏକ ଫାଇନାଲ ବାଉଟ ୧-୨ରେ ହାରିଯାଇଥିଲେ। ଶନିବାର ପ୍ରାରମ୍ଭରେ ଅଙ୍କୁଶ ପୁରୁଷ ୫୭କେଜି ଫ୍ରିଷ୍ଟାଇଲ କାଟେଗୋରିରେ ଜାପାନର ଫୁଗା ସାସାକିଙ୍କୁ ୮-୨ରେ ପରାଜିତ କରି ବ୍ରୋଞ୍ଜ ପାଇଥିଲେ। ଫଳରେ ଶନିବାର ସୁଦ୍ଧା ଭାରତ ଓଭର ଅଲ ଦୁଇ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୮ ବ୍ରୋଞ୍ଜ ପଦକ ହାସଲ କରିପାରିଛି।

# ପାୱାରପ୍ଲେରେ ହାଇଦ୍ରାବାଦ୍‌ର ରେକର୍ଡ

**ଚଣ୍ଡିଗଡ଼,୧୧।୪**

ପଞ୍ଜାବ କିଙ୍ଗ୍ସ ବିପକ୍ଷରେ ଶନିବାର ଖେଳାଯାଇଥିବା ମ୍ୟାଚ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦ୍ ଏକ ସ୍ୱତନ୍ତ୍ର ରେକର୍ଡର ଅଧିକାରୀ ହୋଇଛି। ପ୍ରଥମେ ବ୍ୟାଟିଂ କରିଥିବା ହାଇଦ୍ରାବାଦ୍‌ର ସ୍କୋରକୁ ପାୱାରପ୍ଲେରେ ଅଭିଷେକ ଶର୍ମା ଓ ଟ୍ରାଭିସ ହେଡ୍ ୧୦୫ ରନରେ ପହଞ୍ଚାଇଥିଲେ। ଆଇପିଏଲ୍ ଇତିହାସରେ ହାଇଦ୍ରାବାଦ୍ ତୃତୀୟ ଥର ପାଇଁ ପାୱାରପ୍ଲେରେ ୧୦୦ରୁ ଅଧିକ ସ୍କୋର କରିଥିଲା। ହାଇଦ୍ରାବାଦ୍ ଛଡ଼ା ଅନ୍ୟ କୌଣସି ଦଳ ଏପର୍ଯ୍ୟନ୍ତ ଦ୍ୱିତୀୟ ଥର ଏହି ମାଇଲଖୁଣ୍ଟରେ ପହଞ୍ଚି ନାହାନ୍ତି। ଏଥିପୂର୍ବରୁ ହାଇଦ୍ରାବାଦ୍ ୨୦୨୪ ଆଇପିଏଲ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ୧୨୫/୦ ଓ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ବିପକ୍ଷରେ ୧୦୭/୦ ସ୍କୋର କରିଥିଲା। କୋଲକାତା ନାଇଟ୍ ରାଇଡର୍ସ ୨୦୧୭ରେ ଥରେ ୧୦୫/୦ ରନ କରିଥିବା ବେଳେ ଚେନ୍ନାଇ ସୁପର କିଙ୍ଗ୍ସ ୨୦୧୪ରେ ୨ ଉଇକେଟରେ ୧୦୦ ରନ କରିଥିଲା।

# ପଦକ ବିଜେତା କିସ୍ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା



**ଭୁବନେଶ୍ୱର, ୧୧।୪ (ବିଜୟ ରଣା)**

ନିକଟରେ ଛତିଶଗଡ଼ ରାୟପୁରଠାରେ ଶେଷ ହୋଇଥିବା ପ୍ରଥମ ଖେଲୋ ଇଣ୍ଡିଆ ଜନଜାତି କ୍ରୀଡ଼ା ୨୦୨୬ରେ ପଦକ ବିଜେତା କିସ୍ ଛାତ୍ରୀଛାତ୍ରଙ୍କୁ ଶନିବାର କିଟ୍ ଓ କିସ୍ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ପଦକ ବିଜେତା କିସ୍‌ର ୨୯ଜଣ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିବା ସହ ପ୍ରୋତ୍ସାହନ ରାଶି ପ୍ରଦାନ କରିଥିଲେ। ପ୍ରଥମ ଥର ଆୟୋଜିତ ଖେଲୋ ଇଣ୍ଡିଆ ଜନଜାତି କ୍ରୀଡ଼ା ଓ ଦଳର ପ୍ରତିନିଧିତ୍ୱ କରି କିସ ଛାତ୍ରୀ ଅଞ୍ଜଳି ମୁଣ୍ଡା ଏକାକି ସନ୍ତରଣର ବିଭିନ୍ନ ବର୍ଗରେ ୫ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ କିସ୍ ଛାତ୍ରୀଛାତ୍ର ବିଭିନ୍ନ କ୍ରୀଡ଼ା ମୋଟ ୯ ସ୍ୱର୍ଣ୍ଣ, ୮ ରୌପ୍ୟ ଏବଂ ୧୨ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଏହି କ୍ରୀଡ଼ା ପ୍ରତିଯୋଗିତାରେ କିସ୍ ସମୁଦାୟ ୨୯ଟି ପଦକ ହାସଲ କରିଛି। ସନ୍ତରଣରେ ଏକାକୀ ୫ଟି ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଅଞ୍ଜଳିଙ୍କୁ ଏକ ଲକ୍ଷ ଟଙ୍କା ଏବଂ ଅନ୍ୟ ସମସ୍ତ ପଦକ ବିଜେତାଙ୍କୁ ୫ ହଜାର ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା।

## ସାଉଥ ଏସିଆ ୟୁଥ୍ ଟିଟି

# ଭାରତକୁ ୧୩ ସ୍ୱର୍ଣ୍ଣ ପଦକ



**ଶିମ୍‌ଲା, ୧୧।୪ (ପି.ଟି.)**

ଭାରତୀୟ ଟେବୁଲ ଟେନିସ (ଟିଟି) ଖେଳାଳିମାନେ ଏଠାରେ ଚାଲିଥିବା ସାଉଥ ଏସିଆନ ୟୁଥ୍ ଟେବୁଲ ଟେନିସ ଚାମ୍ପିୟନଶିପ୍‌ରେ ଆଧିପତ୍ୟ ବିସ୍ତାର କରି ସମସ୍ତ କାଟେଗୋରିରେ ମୋଟ ୧୩ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏହି ଟୁର୍ନାମେଣ୍ଟକୁ ଏସିଆନ ୟୁଥ୍ ଚାମ୍ପିୟନଶିପ୍ ପାଇଁ ଏକ କ୍ୱାଲିଫାୟର ଭାବେ ବିବେଚନା କରାଯାଉଛି। ୧୯ ବର୍ଷରୁ କମ୍ କାଟେଗୋରୀ ବାଳକ ସିଙ୍ଗଲ୍ସ ଫାଇନାଲରେ ଭାରତର ପ୍ରିୟାନୁଜ ଭଟ୍ଟାଚାର୍ଯ୍ୟ ନିଜ ଦେଶର ପୁନିତ୍ ବିଶ୍ୱାସଙ୍କୁ ୩-୧ରେ ହରାଇ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ଡବଲ୍ସରେ ଏମ୍‌ଆର ବାଲ୍‌ମୁରୁଗାନ ଓ ମେହାନ ସେଣ୍ଟିଲ ବାଂଲାଦେଶର ଅବୁଲ ହାସିବ ଓ ନାଫିଜ ଇକ୍‌ବଲଙ୍କୁ ପରାସ୍ତ କରି ଟାଇଟଲ ବିଜୟୀ ହୋଇଛନ୍ତି। ୧୫ବର୍ଷରୁ କମ୍ ବିଭାଗ ଫାଇନାଲରେ ଆଦିତ୍ୟ ଦାସ ଭାରତର ଅକ୍ଷୟ କିରିକାରାଙ୍କୁ ପରାସ୍ତ କରିଛନ୍ତି। ଡବଲ୍ସ ଟାଇଟଲ ମଧ୍ୟ ଘରୋଇ ଯୋଡ଼ି ହାତେଇଛନ୍ତି। ରିଶାନ ଛଟ୍ଟୋପାଧ୍ୟାୟ ଓ ଆକାଶ ରାଜାଭେଲୁ ୫ ଗେମ୍ ବିଶିଷ୍ଟ ଏକ ସଂଘର୍ଷପୂର୍ଣ୍ଣ ମୁକାବିଲାରେ ନେପାଳକୁ ହରାଇ ଦେଇଛନ୍ତି। ବାଳିକା ବିଭାଗର ୧୯ ବର୍ଷରୁ କମ୍ ଏକ ଅଲ-ଇଣ୍ଡିଆ ଫାଇନାଲରେ ଜେନିଫର ଭର୍ଗିଜ ଅନନ୍ୟା ମୁରଲୀଧରନଙ୍କୁ ପରାସ୍ତ କରିଥିବାବେଳେ ଆହୋନା ରୟଙ୍କୁ ପରାସ୍ତ କରି ଅଙ୍କୋଲିକା ଚକ୍ରବର୍ତ୍ତୀ ୧୫ ବର୍ଷରୁ କମ୍ ଟାଇଟଲ ହାସଲ କରିଛନ୍ତି। ଭାରତ ଉଭୟ ବାଳିକା ଡବଲ୍ସ କାଟେଗୋରୀରେ କ୍ଲିନ ସୁଇପ୍ ହାସଲ କରିଛି। ମିକ୍ସଡ ଡବଲ୍ସ ଇଭେଣ୍ଟରେ ମଧ୍ୟ ଭାରତର ଆଧିପତ୍ୟ ଦେଖିବାକୁ ମିଳିଥିଲା। ପ୍ରିୟାଂଶୁ ଓ ଜେନିଫର ୧୯ ବର୍ଷରୁ କମ୍ ଫାଇନାଲ ଜିତିଥିବା ବେଳେ ଅଙ୍କୋଲିକା ଚକ୍ରବର୍ତ୍ତୀଙ୍କୁ ସାଥୀ କରି ଆଦିତ୍ୟ ଦାସ ଗୋଟିଏ ହେଲେ ଗେମ୍ ନ ହାରି ୧୫ ବର୍ଷରୁ କମ୍ ଟାଇଟଲ ଜିତିଛନ୍ତି।

# ଏଲିଟ୍ ଟି୨୦ କ୍ଲବରେ ଜାଡେଜା

**ଗୁଆହାଟୀ,୧୧।୪**

ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ବିପକ୍ଷ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ (ଆର୍‌ଆର୍) ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ଏକ ବଡ଼ ବ୍ୟକ୍ତିଗତ ମାଇଲଖୁଣ୍ଟ ହାସଲ କରିଛନ୍ତି। ସେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ପରେ ଦ୍ୱିତୀୟ ଭାରତୀୟ ଭାବେ ଟି୨୦ କ୍ରିକେଟରେ ୪ ହଜାର ରନ୍ କରିବା ସହ ୨୦୦ ଉଇକେଟ ପୂରଣ କରିଛନ୍ତି। ହେଲେ ଜାଡେଜା ୨୫ ବଲରେ ୨୪ ରନ କରିବା ସହ ଧ୍ରୁବ ଜୁରେଲ (୪୩ ବଲରେ ୮୧)ଙ୍କ ସହ ମିଶି ଅବିଭାଜିତ ପଞ୍ଚମ ଉଇକେଟରେ ୬୩ ରନ ଯୋଡ଼ିଥିଲେ। କ୍ରିଜ୍‌ରେ ତାଙ୍କ ଉପସ୍ଥିତି ଦଳକୁ ସ୍ଥିରତା ପ୍ରଦାନ କରିଥିଲା।


# Classified Everyday
0674-2580101, 9692975378


MATRIMONIAL

## BRIDE WANTED

Name- Diptiranjan Sahoo (Sonu), D.O.B- 12.05.1999, Zodiac sign- Rebati Meena, Height-5'9",Caste-Gudia Home- Athagarh Town, Profession- Executive Assistant at OMC (Government), Contact: WhatsApp-7008143290. Required a bride (Gudia) between 21-25, Height- 5'2" minimum, fair skin with slim figure. D-87

## GROOM WANTED

Beautiful Khandayat girl, 25+, 5'5", B-Tech Serving Software Engineer Accenture, Bhubaneswar. "SUNASANSAR" 9937512659. D-96

ବୟସ 27 କୌଣସି ଚାକିରି କରୁନଥିବା ସୁନ୍ଦରୀ ସୁଶୀଳ ଝିଅଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 9668229904. D-90

A suitable match required for Karan girl, height 5'3", born 1995. MSC Microbiology working as a Microbiologist at WATCO (contractual) Preferably State/ Central Government employee. Karan or Khandayat Groom. Contact- 6371692768, 9437244075. D-64


REAL ESTATE

## SALE

**Three storied building and 2178sqft gharabari land situated opposite Hyundai Showroom, Uttara, Bhubaneswar. Call- 8917520527.** D-91

DO U NEED TO INVEST on property/Immediately house purpose ??? At Brahmanjharilo, Phulanakhara, Cuttack in between middle of CUTTACK & BHUBANESWAR at a reduced price. 7809525452. D-251

**Prime location 3BHK fully furnished premium flat 1550sqft. including garage, 3rd Floor in powerful address Bjb Nagar "Surya Apartment" for sell Dr. Sanjay- 7077144498.** D-250

## SALE

ପୁରୁଣା 5ଜଣିଆ ଲେଦର ସୋଫାସେଟ୍ ବିକ୍ରିହେବ। ଆଗ୍ରହୀ ବ୍ୟକ୍ତି ଯୋଗାଯୋଗ କରନ୍ତୁ। Mob.- 9820915727. D-304

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Newly open SPA health benefits relax refresh good therapist. 8658466886. D-76959

All types hair cutting/ massage by smart female, one hour 700/- , - Room services available. Contact: 9937833100. D-76308

## LOST

I, Kamakshya Prasad, Regd. No. 0601294173, BPUT Odisha, lost my original certificate while travelling from Chatrapur to Berhampur on 28.03.2026. If found, please contact 7878445422. D-94

Now Matrimonial ads. only on Wednesday & Sunday
Book 1 Get 1 FREE

## AFFIDAVIT

I, Ballav Narayan Mohapatro, S/o- Krushna Chandra Mohapatro, residing at Raju Street, P.O.- Jeypore, Dist.- Koraput hereby declare that in my birth certificate, my mother's name has been mistakenly mentioned as "Nomita Mohapatro" instead of the correct name "Namita Mohapatro". Hence, it is declared that the correct name of my mother is "Namita Mohapatro", and the same may be treated as correct for all official purposes from now onwards. I hereby affirm that this declaration is true and correct to the best of my knowledge and belief.
Date: 10.04.2026
Place: JEYPORE
Ballav Narayan Mohapatro
D-95

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ
କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ)
ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit sworn before Notary Public, dated 10 April 2026 I, Jambubati Bagh, Address At: Harijan Sahi, Town: Rayagada, PO: Rayagada, Dist.: Rayagada, Odisha, 765001, declare that I have changed my name from Sabita Mishal to Jambubati Bagh. Henceforth, I shall be known as Jambubati Bagh for all purposes.
Jambubati Bagh
D-93

By virtue of an affidavit sworn before the Executive Magistrate, Reamal, dated April 09, 2026, I, Pravat Kumar Sahu, Address At- Tinkbir, P.O.- Tinkbir, P.S.- Reamal, Dist.- Deogarh, PIN- 768109 declare that I have changed my daughter's name from Adyash Behera to Adyasha Sahu. Henceforth, she shall be known as Adyasha Sahu for all purposes.
Pravat Kumar Sahu
D-92

## ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ ହେମନ୍ତ କୁମାର ସାହୁ
କୁଜଙ୍ଗ, ଜଗତ୍‌ସିଂହପୁର
ଆବିର୍ଭାବ: ୨୦।୧୦।୧୯୫୬
ତିରୋଧାନ: ୦୨।୦୪।୨୦୨୬

ଚାହୁଁ ଚାହୁଁ ୧୧ ଦିନ ହେଲା ତୁମେ ଆମକୁ ଛାଡି ଆରପାରିକୁ ଚାଲିଗଲ। ତୁମର ସ୍ନେହ, ମମତା ଓ ତ୍ୟାଗ ସବୁ ଦିନ ଆମପାଇଁ ସ୍ମରଣୀୟ ହୋଇ ରହିଥାଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

-:ଶୋକସନ୍ତପ୍ତ:-
ପତ୍ନୀ ସୌଭାଗିନୀ, ପୁତ୍ର ଉକ୍ତୁ, ଝିଅ ଝୁମି, ଜ୍ୱାଇଁ- ଦୀପକ, ଭାଇ- କୁଳମଣି, ଶରତ, ସନ୍ତୋଷ, ପ୍ରଦୀପ, ଦିଲ୍ଲୀପ, ପୁତୁରା ଏବଂ ପୁତୁରା ବୋହୂ, ନାତି, ନାତୁଣୀ, ଭଉଣୀ, ଭିଣେଇ, ବନ୍ଧୁ ଓ ପରିବାରବର୍ଗ।

ଯୁଥ୍ ଆଲର୍ଟ

# ଡାଟା ବ୍ୟାକ୍ଅପ୍



ଜରୁରୀ ଡାଟା ସେଭ୍ କରି ରଖିବା ଲାଗି ଅଧିକାଂଶ ସାଧାରଣତଃ ମୋବାଇଲ୍, ମେମୋରି କାର୍ଡ, ପେନ୍‌ଡ୍ରାଇଭ୍, କମ୍ପ୍ୟୁଟର ଆଦି ଉପରେ ନିର୍ଭର କରନ୍ତି। ହେଲେ କେବେକେବେ ଏଭଳି ଡିଭାଇସ୍ କରପ୍ଟ ହୋଇଯିବା କିମ୍ବା ହାର୍ଡ ଡ୍ରାଇଭ୍ କ୍ରାଶ୍ ହେବା ଭଳି ବିଭିନ୍ନ କାରଣରୁ ଗୁରୁତ୍ୱପୂର୍ଣ୍ଣ ଡାଟା ନଷ୍ଟ ହୋଇଯାଏ। ତେଣୁ ନିଜ ଡାଟା ସୁରକ୍ଷିତ ରଖିବା ଲାଗି ବିକଳ୍ପ ଭାବେ ବିଭିନ୍ନ ଇ-ବ୍ୟାକ୍ଅପ୍ ସର୍ଭିସ୍ ବ୍ୟବହାର କରିବା ଲାଭଦାୟକ...

**ଗୁଗୁଲ୍ ଡ୍ରାଇଭ୍:** ନିଜ ଆବଶ୍ୟକ ଡାଟା ଅନ୍‌ଲାଇନ୍ ବ୍ୟାକ୍ଅପ୍ ରଖିବା ଲାଗି ଏହା ସବୁଠୁ ସହଜ ଏବଂ ଭଲ ଅପ୍ସନ। ଏଥିରେ ଆପଣ ୧୫ ଜିବି ପର୍ଯ୍ୟନ୍ତ ଡାଟା ଫ୍ରିରେ ବ୍ୟାକ୍ଅପ୍ ନେଇପାରିବେ ଏବଂ ଟଙ୍କା ଦେଇ ଅଧିକ ମେମୋରି ଷ୍ଟୋରେଜ୍ ମଧ୍ୟ ରଖିପାରିବେ।

**ଆଇଡ୍ରାଇଭ୍:** ଏଥିରେ ଥିବା ଆପ୍ଲିକେଶନ୍ ସିଧାସଳଖ ବ୍ୟାକ୍ଅପ୍ ଅପ୍ସନ ଯୋଗାଉଥିବାରୁ ଡେସ୍କଟପ୍, ଲାପ୍‌ଟପ୍, ମ୍ୟାକ୍, ମୋବାଇଲ ଉପଭୋକ୍ତାଙ୍କ ଲାଗି ସୁବିଧାଜନକ ହୋଇଥାଏ। ଏଥିରେ ରିଷ୍ଟୋର କରିବା ଲାଗି ମଧ୍ୟ ଅନେକ ଅପ୍ସନ ରହିଛି, ଯାହାକି ଖୁବ୍ ୟୁଜର ଫ୍ରେଣ୍ଡଲି। ଏହା ୧୦ ଜିବି ପର୍ଯ୍ୟନ୍ତ ଫ୍ରି ପ୍ଲାନ୍ ଦେଉଥିବା ବେଳେ ପର୍ସନାଲ୍ କିମ୍ବା ଇଣ୍ଡିଭିଜୁଆଲ୍ ବ୍ୟବହାର ପାଇଁ ୧(ଟିବି)ରୁ ୫(ଟିବି) ଟେରା ବାଇଟ୍ ପର୍ଯ୍ୟନ୍ତ ଷ୍ଟୋରେଜ୍ କାପାସିଟି ଦେଇଥାଏ। ସେହିପରି ବିଜ୍‌ନେସ୍ ଡାଟା ଷ୍ଟୋରେଜ୍ ପାଇଁ ୨୫୦ ଜିବିଠୁ ୫୦ଟିବି ପର୍ଯ୍ୟନ୍ତ ଷ୍ଟୋରେଜ୍ ଦେଇଥାଏ। ଏହାର ପ୍ରାଇଭେସି ପଲିସି ଅନୁସାରେ ଆପଣଙ୍କ ପର୍ସନାଲ ଡାଟା, ସେସନ୍ ରିପୋର୍ଟ ଆଦି ସୁରକ୍ଷିତ ରହିଥାଏ। ଏହା ଖୁବ୍‌ଶୀଘ୍ର ଡାଟା ରିକଭରି ପାଇଁ ଏକାସଙ୍ଗେ ଉଭୟ କ୍ଲାଉଡ୍ ଏବଂ ଲୋକାଲ୍ ଡିଭାଇସ୍‌ରେ ଡାଟା ବ୍ୟାକ୍ଅପ୍ ଅପ୍ସନ ବି ଦେଇଥାଏ।

**ଆକ୍ରୋନିସ୍ ସାଇବର୍ ପ୍ରୋଟେକ୍ସନ ହୋମ୍ ଅଫିସ୍:** ଏହାକୁ ୨୦୨୬ର ସବୁଠୁ ସୁରକ୍ଷିତ ବ୍ୟାକ୍ଅପ୍ ସର୍ଭିସ୍ କୁହାଯାଉଛି। ଏହା ଏକ ଅଲ୍ ଇନ୍ ୱାନ୍ ସାଇବର୍ ପ୍ରୋଟେକ୍ସନ୍ ସଲ୍ୟୁଶନ୍, ଯେଉଁଥିରେ ନିଜ ଡାଟାର ଅନ୍‌ଲାଇନ୍ ସୁରକ୍ଷାକୁ ନେଇ ଆଦୌ ଚିନ୍ତିତ ହେବାକୁ ପଡ଼ି ନ ଥାଏ। କାରଣ ଏଥିରେ ସିକ୍ୟୁରିଟି ଏବଂ ପ୍ରାଇଭେସି ପ୍ରତି ବିଶେଷ ଗୁରୁତ୍ୱ ଦିଆଯାଇଛି। ଏଥିରେ ଥିବା ଏଆଇ ପାୱାର୍ଡ ଆଣ୍ଟି-ମାଲ୍‌ୱେର୍ ସିକ୍ୟୁରିଟି ଡାଟାକୁ ଚୋରି ହେବା, ରାନ୍‌ସମ୍‌ୱେର୍, ଡିସ୍କ କ୍ଲୋନିଂ ଆଦିରୁ ସୁରକ୍ଷିତ ରଖିଥାଏ। ଏଥିରେ ୧୦ ଟିବି ପର୍ଯ୍ୟନ୍ତ ଷ୍ଟୋରେଜ୍ କାପାସିଟି ରହିଛି। ଏଥିରେ ଫୋଲ୍ଡରଗୁଡ଼ିକ ଇନ୍‌କ୍ରିପ୍ଟେଡ୍ ରହିଥାଏ ଏବଂ ରିଷ୍ଟୋର ସମୟରେ ମଧ୍ୟ ଡାଟା ସୁରକ୍ଷିତ ରହିଥାଏ।

**କାର୍ବୋନାଇଟ୍:** ଏହା ବ୍ୟକ୍ତିଗତ, ଘରୋଇ ତଥା ବିଜ୍‌ନେସ୍ ଡାଟା ବ୍ୟାକ୍ଅପ୍ ଲାଗି ବ୍ୟବହାର କରାଯାଉଥିବା ଏକ ପ୍ରତିଷ୍ଠିତ ଅନ୍‌ଲାଇନ୍ କ୍ଲାଉଡ୍ ବ୍ୟାକ୍ଅପ୍ ସର୍ଭିସ। ବିଶେଷକରି ଏଥିରେ ବେଶ୍ ଭଲ ମୋବାଇଲ ଆପ୍ ଉପଲବ୍ଧ। ଏଥିରେ ପ୍ରିମିୟମ୍ ଆକାଉଣ୍ଟ ଲାଗି ଏକ୍ସଟର୍ନାଲ ଏବଂ ନେଟ୍‌ୱର୍କ ଡ୍ରାଇଭ୍ ବ୍ୟାକ୍ଅପ୍ ଅପ୍ସନରେ ପ୍ରତିବନ୍ଧକ ରହିଛି।

**ବ୍ଲାକ୍‌ବ୍ଲେଜ୍:** ଏଥିରେ ଅନ୍‌ଲିମିଟେଡ୍ ଷ୍ଟୋରେଜ୍ ସୁବିଧା ରହିଛି। ଏହାର ଫିଚର୍ସ ଅନ୍ୟ ସମସ୍ତ ଅନ୍‌ଲାଇନ୍ ବ୍ୟାକ୍ଅପ୍ ସର୍ଭିସ୍‌ଠାରୁ ନିଆରା, ଯାହାକି ଖୁବ୍ ୟୁଜର ଫ୍ରେଣ୍ଡଲି। କେବଳ ଏତିକି ନୁହେଁ, ଏଥିରେ ବାୟୋମେଟ୍ରିକ୍ ସିକ୍ୟୁରିଟି ଅପ୍ସନ ମଧ୍ୟ ରହିଛି।




# ବଢୁଛି ସୋଲୋ ଲିଭିଂ କ୍ରେଜ୍...

କାହା ମନରେ କ୍ୟାରିୟରକୁ ନେଇ ଉଚ୍ଚାଭିଳାଷ ତ କାହା ମନରେ ସ୍ୱତନ୍ତ୍ରତା ହରାଇବାର ଭୟ ଆଉ ପୁଣି କାହା ମୁଣ୍ଡରେ ପରିବାର ଦାୟିତ୍ୱର ବୋଝ। ଏମିତିରେ ଦିନକୁ ଦିନ ଯୁବପିଢିଙ୍କ ମଧ୍ୟରେ ବଢିବାରେ ଲାଗିଛି ସୋଲୋ ଲିଭିଂ କ୍ରେଜ୍...




ବର୍ତ୍ତମାନ ଅନେକ ଯୁବତୀଯୁବକ ଏକା ରହିବା ବା ସୋଲୋ ଲିଭିଂକୁ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି। ନାଶନାଲ୍ ଫ୍ୟାମିଲୀ ହେଲ୍‌ଥ ସର୍ଭେ ରିପୋର୍ଟ ଅନୁଯାୟୀ ଭାରତରେ ଜଣେ ସଦସ୍ୟ ରହୁଥିବା ଘର ବା ସିଙ୍ଗଲ୍ ପର୍ସନ ହାଉସ୍‌ହୋଲ୍ଡ ସଂଖ୍ୟା ବୃଦ୍ଧିପାଉଛି। ଗତ କିଛି ବର୍ଷ ମଧ୍ୟରେ ବିଶେଷ କରି ଦିଲ୍ଲୀ, ମୁମ୍ବାଇ, ବେଙ୍ଗାଲୁରୁ ଭଳି ସହରରେ ୩୦-୪୦ ବର୍ଷ ବୟସର ଅବିବାହିତ ଯୁବତୀଯୁବକଙ୍କ ସଂଖ୍ୟା ୧୫ରୁ ୨୨% ବଢିଛି।

**କାହିଁକି ବଢୁଛି ଏହି ଟ୍ରେଣ୍ଡ୍:** ଆଜିର ଯୁବପିଢ଼ିଙ୍କ ଏକା ରହିବାର ନିଶା ପଛରେ ୱେଷ୍ଟର୍ନ କଲ୍‌ଚର ଏବଂ ମେଟ୍ରୋ ଲାଇଫ୍‌ଷ୍ଟାଇଲ୍‌ର ପ୍ରଭାବ ମୁଖ୍ୟତଃ ଦାୟୀ। ଧୀରେ ଧୀରେ ଅନେକ ଭାରତୀୟ ଯୁବତୀଯୁବକଙ୍କ ମଧ୍ୟରେ ବି ଏହି ଚିନ୍ତାଧାରା ବୃଦ୍ଧି ପାଉଥିବା ଦେଖିବାକୁ ମିଳୁଛି। ମେଟ୍ରୋ ସିଟିରେ ରହୁଥିବା ଯୁବପିଢ଼ି ବର୍ତ୍ତମାନ ଅଧିକ କ୍ୟାରିୟର ଓରିଏଣ୍ଟେଡ୍ (ବୃତ୍ତିକୈନ୍ଦ୍ରିକ)। ତେଣୁ ବିବାହ କରିବା କିମ୍ବା ପରିବାର ସହ ଏକାଠି ରହିବା ସେମାନଙ୍କୁ ଏକ ପ୍ରକାରର ବୋଝ ମନେହେଉଛି। ସେଥିପାଇଁ ସେମାନେ କାହା ସହ କୌଣସି ପରିସ୍ଥିତିରେ ଖାପ ଖୁଆଇ ଚଳିବା ଅପେକ୍ଷା ବିଳାସମୟ ଜୀବନକୁ ଅଧିକ ପସନ୍ଦ କରୁଛନ୍ତି।

**କ୍ୟାରିୟର ପାଇଁ ବିବାହ ବୋଝ ସଦୃଶ:** ଆଜିକାଲି ଅନେକ ଯୁବତୀ କିମ୍ବା ଯୁବକ ନିଜ କ୍ୟାରିୟର ଉପରେ ଅଧିକ ଫୋକସ୍ କରୁଛନ୍ତି। ଗୋଟିଏ ପରେ ଗୋଟିଏ ସଫଳତାର ଶିଡ଼ି ଚଢ଼ିବାକୁ ଦିନରାତି ଉଦ୍ୟମ କରୁଛନ୍ତି। ଆଉ ଏମିତିରେ ସେମାନଙ୍କୁ ବିବାହ କରିବା, ଜୀବନସାଥୀଙ୍କୁ ସମୟ ଦେବା, ପରିବାରର ଦାୟିତ୍ୱ ନେବା ଆଦି ଦ୍ୱାରା ନିଜ ଲକ୍ଷ୍ୟରୁ ଧ୍ୟାନଚ୍ୟୁତ ହେବା ଏବଂ ସମୟ ନଷ୍ଟ ହେବା ଭଳି ମନେହେଉଛି। ବିବାହ ତାଙ୍କ ସଫଳତା ମାର୍ଗରେ ଏକ ବାଧକ ସାଜିବ ବୋଲି ସେମାନେ ଭାବି ନେଉଛନ୍ତି। ତେଣୁ ସେମାନେ କୌଣସି ଆବଦ୍ଧ ଭିତରେ ନ ରହି ଏକା ମୁକ୍ତ ଭାବେ ନିଜ କ୍ୟାରିୟର ଉପରେ ଫୋକସ୍ କରିବାକୁ ଅଧିକ ଗୁରୁତ୍ୱ ଦେଉଛନ୍ତି।

**ଏହା ପଛରେ ଥିବା ମାନସିକ କାରଣ:** ଏହାକୁ ନେଇ ବିଭିନ୍ନ ଗବେଷଣା କରାଯାଇଛି, ଯେଉଁଥିରୁ ଯୁବପିଢ଼ିଙ୍କର ଏକା ରହିବା ପଛର ମାନସିକତା ବିଷୟରେ ଥିବା ବିଭିନ୍ନ କାରଣ ମଧ୍ୟ ଜଣାପଡ଼ିଛି। ଏହା ମଧ୍ୟରୁ କେତେକ ପ୍ରମୁଖ କାରଣ ହେଉଛି...






**୧. ପାରିବାରିକ ଅନୁଭବ-** କେତେକ ଯୁବତୀଯୁବକଙ୍କ ଘରେ ଅଭିଭାବକଙ୍କ ମଧ୍ୟରେ ସବୁବେଳେ ଝଗଡ଼ା ହୋଇଥାଏ। ପରିବାରରେ କିମ୍ବା ବନ୍ଧୁବାନ୍ଧବଙ୍କ ଘରେ ଥିବା ଅନ୍ୟ ଦମ୍ପତିଙ୍କ ମଧ୍ୟରେ ଝଗଡ଼ା, ମାରପିଟ, ପାରିବାରିକ ଅଶାନ୍ତି, ଛାଡ଼ପତ୍ର ଭଳି ବିଭିନ୍ନ ସମସ୍ୟା ବି ଘଟିଥାଏ। ଆଉ ଏଥିପାଇଁ ଅନେକଙ୍କ କ୍ୟାରିୟର ବି ପ୍ରଭାବିତ ହୋଇଥିବା ସେମାନେ ଦେଖିଥା'ନ୍ତି। ଏହିସବୁ ଘଟଣା ସେମାନଙ୍କ ମନରେ ବିବାହକୁ ନେଇ ଏକ ନକାରାତ୍ମକ ଛବି ସୃଷ୍ଟି କରିଥାଏ। ତେଣୁ ନିଜ ଜୀବନରେ ଯେପରି ଏପରି ପରିସ୍ଥିତି କେବେ ନ ଆସୁ, ସେଥିପାଇଁ ସେମାନେ ବିବାହଠୁ ଦୂରେଇ ରହିବାକୁ ଚାହାନ୍ତି।

**୨. କ୍ୟାରିୟରକୁ ନେଇ ଉଚ୍ଚାଭିଳାଷ:** କେତେକ ଯୁବପିଢ଼ି ଏତେମାତ୍ରାରେ ଉଚ୍ଚାଭିଳାଷୀ ହୋଇଥାନ୍ତି ଯେ, ସେମାନେ ନିଜ କ୍ୟାରିୟର ଆଗରେ ଅନ୍ୟ କୌଣସି ସମ୍ପର୍କ କିମ୍ବା କାର୍ଯ୍ୟକୁ ଗୁରୁତ୍ୱପୂର୍ଣ୍ଣ ବୋଲି ଭାବି ନ ଥା'ନ୍ତି। ଆଉ ଏହି ନିଶାରେ ଯେବେ ସେମାନେ ନିଜ ପରିବାର କିମ୍ବା ବିବାହ ଆଦି ବିଷୟରେ ଚିନ୍ତା କରନ୍ତି, ସେତେବେଳକୁ ଏକା ରହିବା ବା ସୋଲୋ ଲିଭିଂ ସେମାନଙ୍କ ଅଭ୍ୟାସରେ ପରିଣତ ହୋଇସାରିଥାଏ ଏବଂ ସେମାନେ ଆଉ ଜଞ୍ଜାଳରେ ପଶିବାକୁ ଚାହାନ୍ତି ନାହିଁ।

**୩. ଆର୍ଥିକ ସ୍ଥିତି:** ଅନେକ ଯୁବତୀଯୁବକ ଅଛନ୍ତି, ଯେଉଁମାନଙ୍କର ଅଧିକ ରୋଜଗାର କରି ହାଇଫାଇ ଲାଇଫ୍‌ଷ୍ଟାଇଲ୍ ମେଣ୍ଟେନ୍ କରିବା, ନିଜର ଭଲ ଘର, ଗାଡ଼ି ଆଦି କିଣିବାର ଏକ ନିଶା ଥାଏ। ଆଉ ଏହି ଆଳରେ ସେମାନେ ଜବ୍ ହେଉ ଅବା ବିଜ୍‌ନେସ୍‌ରୁ ଅଧିକ ରୋଜଗାର କରିବାରେ ଯେପରି କୌଣସି ବାଧା ସୃଷ୍ଟି ନ ହୁଏ, ସେଥିପାଇଁ ଏକା ରହିବାକୁ ଅଧିକ ପସନ୍ଦ କରୁଛନ୍ତି।

**୪.ସ୍ୱତନ୍ତ୍ରତା ହରାଇବା ଭୟ:** ଏମିତି ବି ଅନେକ ଯୁବତୀଯୁବକ ଅଛନ୍ତି, ଯେଉଁମାନେ ପରିବାର ଭିତରେ ରହିଲେ କିମ୍ବା ବିବାହ କଲେ ମଧ୍ୟ ଅନ୍ୟ ସହ ଆଡ୍‌ଜଷ୍ଟ କରିବା କିମ୍ବା ନିଜ ସ୍ୱତନ୍ତ୍ରତା ହରାଇବାର ଭୟକୁ ନେଇ ଏକା ରହିବାକୁ ଭଲପାଆନ୍ତି।

**୫.ପୂର୍ବ ସମସ୍ୟା:** ଭଲ ପାଇବାରେ ଧୋକା କିମ୍ବା ବିବାହ ପରେ କୌଣସି କାରଣରୁ ବିଚ୍ଛେଦ ହେବାର ଖରାପ ଅନୁଭବ କେତେକ ଯୁବତୀଯୁବକଙ୍କୁ ମାନସିକସ୍ତରରେ ପ୍ରଭାବିତ କରିଥାଏ। ତେଣୁ ସେମାନେ ପୁନର୍ବାର ସେହିଭଳି ପରିସ୍ଥିତର ସମ୍ମୁଖୀନ ନ ହେବା ଡରରେ ସୋଲୋ ଲିଭିଂକୁ ବାଛି ନେଉଛନ୍ତି।

**୬.ପରିସ୍ଥିତିର ବୋଝ:** କେତେକ ଯୁବତୀଯୁବକଙ୍କ ମୁଣ୍ଡରେ ଅଳ୍ପ ବୟସରୁ ପରିବାରର ଦାୟିତ୍ୱ ଭାର ପଡ଼ିଥାଏ। କାହାର ରୋଗିଣା ମା'ବାପାଙ୍କ ଦେଖାଶୁଣା ତ ଆଉ କାହାର ବାପା ନ ଥିବାରୁ ମା', ଭାଇ ଭଉଣୀମାନଙ୍କ କଥା ବୁଝିବା ସହ ପରିବାର ସମ୍ଭାଳିବା ଭିତରେ ନିଜ ଜୀବନ କଥା ଭାବିବା ପଛରେ ରହିଯାଇଥାଏ। ତେଣୁ ସେମାନେ ପରିବାରର ଦାୟିତ୍ୱ ନେବା ଲାଗି ଏକାକୀ ରହିଯାଆନ୍ତି।

ବର୍ତ୍ତମାନ ଯୁବପିଢ଼ିଙ୍କ ମଧ୍ୟରେ ବୃଦ୍ଧି ପାଉଥିବା ଏହି ସୋଲୋ ଲିଭିଂ ଟ୍ରେଣ୍ଡ ସମାଜ ପାଇଁ ମଙ୍ଗଳମୟ ନୁହେଁ। କାରଣ ଏହାଦ୍ୱାରା ଦେଶର ଜନସଂଖ୍ୟା, ସ୍ତ୍ରୀ-ପୁରୁଷ ଅନୁପାତରେ ତାରତମ୍ୟ ଯୋଗୁ ସାମାଜିକ ସଂରଚନା ଦୁର୍ବଳ ହୋଇପାରେ। ଯଦିଓ ଏକା ରହିବା ଦ୍ୱାରା ଜଣଙ୍କୁ ସ୍ୱତନ୍ତ୍ରତା ଏବଂ ଆତ୍ମନିର୍ଭରତା ମିଳିଥାଏ, ହେଲେ ଭବିଷ୍ୟତରେ ପରିବାର ବିନା ଏକା ରହିବା ଯୋଗୁ ଅନେକଙ୍କଠାରେ ବିଭିନ୍ନ ମାନସିକ ସମସ୍ୟା ଦେଖାଦେବା ଆଶଙ୍କାକୁ ବି ଏଡ଼ାଇ ଦିଆଯାଇ ନ ପାରେ।





ଜାଣନ୍ତୁ ଦୁନିଆ

# ଭର୍ସାଇଲ୍ସ ପ୍ୟାଲେସ୍

ପ୍ୟାରିସ୍‌ରେ ଥିବା ଭର୍ସାଇଲ୍ସ ପ୍ୟାଲେସ୍ ଫ୍ରାନ୍ସର ରାଜା ଲୁଇସ୍ ୧୪ଙ୍କ ଦ୍ୱାରା ନିଜ ରାଜଉଆସ ଭାବେ ନିର୍ମାଣ କରାଯାଇଥିଲା, ଯାହାକି ୧୯୭୯ରେ ୟୁନେସ୍କୋ ଦ୍ୱାରା ୱାର୍ଲ୍ଡ ହେରିଟେଜ୍ ସାଇଟ୍‌ରେ ୟୁରୋପର ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳ ଭାବେ ସ୍ଥାନ ପାଇଛି। ଜାଣନ୍ତୁ ଏହା ସମ୍ପର୍କରେ କିଛି ତଥ୍ୟ...

- ପ୍ୟାରିସ୍‌ଠାରୁ ୨୦ କିମି. ଦୂରରେ ଅବସ୍ଥିତ ଏହି ମହଲ ପୃଥିବୀର ସବୁଠୁ ବଡ଼ ଆବାସୀୟ ମହଲ ଏବଂ ସବୁଠୁ ଅଧିକ ସମୟ ଧରି ବ୍ୟବହାର ହୋଇ ଆସୁଥିବା ମହଲ ଅଟେ।
- ପ୍ରଥମେ ୧୬୨୩ରେ ରାଜା ଲୁଇସ୍ ୧୩ ଏଠାରେ ଏକ ହଣ୍ଟିଂ ଲଜ୍ ବା ଶିକାର ସ୍ଥଳୀ ନିର୍ମାଣ କରାଇଥିଲେ। ହେଲେ ପରେ ତାଙ୍କ ପୁତ୍ର ରାଜା ଲୁଇସ୍ ୧୪ ଏହାକୁ ଭାଙ୍ଗି ଏହି ଭବ୍ୟ ମହଲ ନିର୍ମାଣ କରିଥିଲେ।
- ୬୩ ହଜାର ବର୍ଗ ମିଟର କ୍ଷେତ୍ରଫଳ ବିଶିଷ୍ଟ ଏହି ମହଲରେ ୨୩୦୦ କୋଠରି, ୧୨୫୨ଟି ଚିମ୍‌ନୀ ଏବଂ ୬୭ଟି ସ୍ଥାନରେ ଶିଡ଼ି ରହିଛି। ଏହାକୁ ସୁନ୍ଦର ଭାବେ ସଜାଇବା ଲାଗି ପ୍ରାୟ ଏକ ହଜାର କିଲୋଗ୍ରାମର ସୁନା ବ୍ୟବହାର କରାଯାଇଛି।
- ପ୍ୟାଲେସ୍‌ର ଡାଇନିଂ ହଲ୍‌ଠାରୁ କିଚେନ୍‌ର ଦୂରତା ଏତେ ଅଧିକ ଥିଲା ଯେ, କେବେକେବେ ଖାଦ୍ୟ ପ୍ରସ୍ତୁତି ପରେ ରାଜାଙ୍କ ପାଇଁ ପରଷା ଯିବାବେଳକୁ ତାହା ଥଣ୍ଡା ହୋଇ ଯାଉଥିଲା। ତେଣୁ ପରବର୍ତ୍ତୀ ସମୟରେ ରାଜାଙ୍କ ପ୍ରାଇଭେଟ୍ କୋଠା ମଧ୍ୟରେ ରୋଷେଇ ଘର ପ୍ରସ୍ତୁତ କରାଗଲା।
- ଏହି ଭବ୍ୟ ମହଲରେ ଏକ ୭୩ ମିଟର ଲମ୍ବା ହଲ୍ ଅଫ୍ ମିରର୍ସ ରହିଛି, ଯେଉଁଠାରେ ୩୫୭ଟି ଖୁବ୍ ସୁନ୍ଦର କାରୁକାର୍ଯ୍ୟପୂର୍ଣ୍ଣ ଦର୍ପଣ ରହିଛି।
- ଏହି ମହଲର ରୟାଲ୍ ଗେଟ୍‌କୁ ୧ ଲକ୍ଷ ସୁନା ପାତରେ ସଜା ଯାଇଥିଲା। ହେଲେ ଫ୍ରେଞ୍ଚ୍ ବିପ୍ଲବ ସମୟରେ ଏହା ଭାଙ୍ଗିଯାଇଥିଲା, ଯାହାକୁ ୨୦୦୮ରେ ପୁନର୍ବାର ନିର୍ମାଣ କରାଯାଇଛି।
- ଏହି ପ୍ୟାଲେସ୍ ବାହାରେ ୩୦ ହଜାର ଏକର ବିଶିଷ୍ଟ ଏକ ବଗିଚା ରହିଛି। ସେଠାରେ ନାନାଦି ପ୍ରକାରର ଫୁଲ, ଫଳଗଛ ସହିତ ୧୪୦୦ଟି ଝରଣା ଏବଂ ୪୦୦ଟି ମୂର୍ତ୍ତି ରହିଛି। ବର୍ତ୍ତମାନ ଏଠାରେ ପର୍ଯ୍ୟଟକଙ୍କ ପାଇଁ ମଙ୍ଗଳବାର, ଶୁକ୍ରବାର, ଶନିବାର ଏବଂ ରବିବାର ମ୍ୟୁଜିକାଲ୍ ଫାଉଣ୍ଟେନ୍ ଶୋ' କରାଯାଉଛି।



## ଏ ସପ୍ତାହର ପ୍ରଶ୍ନ ?

୧- ସୋନୋୱାଲ୍ କଚାରି ସମ୍ପ୍ରଦାୟ ମୁଖ୍ୟତଃ .......... ରାଜ୍ୟରେ ବସବାସ କରନ୍ତି ?
୨- ନିଓଲୋବୋପ୍ଟେରା ପେନିନ୍‌ସୁଲାରିସ୍ ଏକ ନୂଆ ପ୍ରକାରର ......... ପ୍ରଜାତି ?
୩- ବୀରାଙ୍ଗନା ଦୁର୍ଗାବତୀ ଟାଇଗର ରିଜର୍ଭ ........... ରାଜ୍ୟରେ ଅବସ୍ଥିତ ?
୪- ଶିଗେଲୋସିସ୍ ରୋଗର କାରକ .............. ?
୫- ଇଣ୍ଟରନ୍ୟାଶନାଲ୍ ବୁକର୍ ପ୍ରାଇଜ୍-୨୦୨୫ ପାଇଥିବା ପ୍ରଥମ କନ୍ନଡ ଲେଖକ .......... ?

## ଗତ ଥରର ଉତ୍ତର

୧ କାଭେ ମାଦାନି
୨ ମିନିଷ୍ଟ୍ରି ଅଫ୍ ଟେକ୍ସଟାଇଲ୍
୩ ୧୧୬
୪ ଆଟ୍‌ଲାଣ୍ଟିକ୍ ଏବଂ ପ୍ରଶାନ୍ତ ମହାସାଗର
୫ ପରିବେଶ, ବନ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ

## ଉତ୍ତରଦାତା


ଦିନେଶ କୁମାର ନାୟକ, ଖୋର୍ଦ୍ଧା


ସୁନୀଲ କୁମାର ବେହେରା, ବ୍ରହ୍ମପୁର


ଶେଖ୍ ୟାକୁବ୍, ଗୋପ

**ସୂଚନା:** ଆଗାମୀ ଆଶା ପୃଷ୍ଠାରେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ସହ ନିଜ ନାମ, ଠିକଣା, ଫଟୋ ଏବଂ ମତାମତ ଲେଖି ପଠାନ୍ତୁ।
ଇ-ମେଲ୍ ଠିକଣା: dharitriagamiasha@gmail.com

## ଟପ୍ ଟେନ୍ ୧୦

### ପୃଥିବୀର ସ୍ମାର୍ଟ ସିଟି



୧. ଜୁରିଚ୍ ............ ସୁଇଜରଲାଣ୍ଡ
୨. ଓସ୍ଲୋ ............ ନରୱେ
୩. ଜେନେଭା ............ ସୁଇଜରଲାଣ୍ଡ
୪. ଦୁବାଇ ............ ୟୁନାଇଟେଡ୍ ଆରବ ଏମିରେଟ୍ସ
୫. ଆବୁଧାବି ............ ୟୁନାଇଟେଡ୍ ଆରବ ଏମିରେଟ୍ସ
୬. ଲଣ୍ଡନ ............ ୟୁନାଇଟେଡ୍ କିଙ୍ଗଡମ୍
୭. କୋପେନ୍‌ହେଗେନ୍ ............ ଡେନ୍‌ମାର୍କ
୮. କାନ୍‌ବେରା ............ ଅଷ୍ଟ୍ରେଲିଆ
୯. ସିଙ୍ଗାପୁର ............ ସିଙ୍ଗାପୁର
୧୦. ଲୌସାନେ ............ ସୁଇଜରଲାଣ୍ଡ





## ସର୍ବଭାରତୀୟ ଇନ୍‌ଡୋର ରୋଇଂ

# ୧୯ ପଦକ ସହ ଓଡ଼ିଶା ଚାମ୍ପିୟନ



ସର୍ବଭାରତୀୟ ଇନ୍‌ଡୋର ରୋଇଂ ଚାମ୍ପିୟନଶିପରେ ଓଭର ଅଲ ଚାମ୍ପିୟନ ଓଡ଼ିଶା ଦଳ ଟ୍ରଫି ସହ ଅତିଥିଙ୍କ ଗହଣରେ । (ଫଟୋ: ରାଜକିଶୋର ମହାନ୍ତି) ।

**କଟକ,୧୧।୪(କୁମାରଶ୍ରୀ)**

ସ୍ଥାନୀୟ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ପ୍ରଥମ ସର୍ବଭାରତୀୟ ଇନ୍‌ଡୋର ରୋଇଂ ଚାମ୍ପିୟନଶିପ୍‌ରେ ଆୟୋଜକ ଓଡ଼ିଶା ଚାମ୍ପିୟନ ହୋଇଛି । ୧୧ ସ୍ୱର୍ଣ୍ଣ, ୬ ରୌପ୍ୟ ଏବଂ ୨ଟି ବ୍ରୋଞ୍ଜକୁ ମିଶାଇ ଓଡ଼ିଶା ପ୍ରତିଯୋଗିତାରେ ମୋଟ ୧୯ ପଦକ ବିଜୟୀ ହୋଇଛି । ଶନିବାର ସନ୍ଧ୍ୟାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ଏମ୍‌ପି କେପି ସିଂହଦେଓ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ସଭାପତି ପଙ୍କଜ ଲୋଚନ ମହାନ୍ତି, ଓଡ଼ିଶା ଆସୋସିଏଶନ ଫର ରୋଇଂ ଆଣ୍ଡ ସ୍କଲିଂର ସଭାପତି ବିନୋଦ ଦାସ, ସମ୍ପାଦକ ଅମର ଜ୍ୟୋତି ସିଂହଦେଓ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ ।

ଶନିବାର ପ୍ରତିଯୋଗିତାର ଦ୍ୱିତୀୟ ଦିବସରେ ଓଡ଼ିଶା ଆଉ ୫ଟି ପଦକ ବିଜୟୀ ହୋଇଥିଲା । ଏଥିରେ ୩ଟି ସ୍ୱର୍ଣ୍ଣ ଏବଂ ୨ଟି ରୌପ୍ୟ ପଦକ ରହିଛି । ୨୩ବର୍ଷରୁ କମ୍ ପୁରୁଷ ରିଲେ-୪ରେ ରାହୁଲ ରାଥୋଡ, ସୁମିତ ଚୌଧୁରୀ, ହଂସରାଜ ଏବଂ କପିଶ କୁମାର, ଏଲ୍‌ଟି ମହିଳା ରିଲେ-୪ରେ ମଞ୍ଜୁ କୁମାରୀ, ଅନୁଷ୍କା ପଟେଲ, ମନୀଷା ଚୌଧୁରୀ ଏବଂ ସଞ୍ଜୁ କୁମାରୀ, ମହିଳା ରିଲେ-୪ରେ ସୋନାଲୀ ସ୍ୱାଇଁ, ନେହା, ଦୀକ୍ଷା ଏବଂ ପବିତ୍ରା ସ୍ୱର୍ଣ୍ଣ ପଦକ ଜିତିଥିଲେ । ୧୯ବର୍ଷରୁ କମ୍ ପୁରୁଷ ରିଲେ-୪ରେ ଆୟୁଷ ବଳ, ଅଥର୍ବ ବିଳାସ ରାଉତ, ତଲୱାର ସିଂହ ଏବଂ ଅଭିରାଜ, ୧୭ବର୍ଷରୁ କମ୍ ମହିଳା ରିଲେ-୪ରେ କାମ୍ୟା ପ୍ରିୟଦର୍ଶିନୀ ଧଳ, ଋତୁରାଣୀ ସ୍ୱାଇଁ, ସ୍ମୃତି ଏକ୍କା ଏବଂ ଶିବାନୀ ଲାଣ୍ଡଗେ ରୌପ୍ୟ ବିଜୟୀ ହୋଇଛନ୍ତି । ପ୍ରକାଶଥାଉ କି, ଭାରତୀୟ ରୋଇଂ ଫେଡେରେଶନ ଏବଂ ଓଡ଼ିଶା ଆସୋସିଏଶନ ଫର ରୋଇଂ ଆଣ୍ଡ ସ୍କଲିଂର ମିଳିତ ସହଯୋଗରେ ପ୍ରଥମଥର ନିମନ୍ତେ ଏହି ଚାମ୍ପିୟନଶିପ ଆୟୋଜନ ହୋଇଥିଲା । ୩୫୦ ପୁରୁଷ ଏବଂ ୨୫୦ ମହିଳାଙ୍କୁ ମିଶାଇ ମୋଟ ୬୦୦ ପ୍ରତିଯୋଗୀ ଏଥିରେ ଭାଗ ନେଇଥିଲେ ।

# ପଞ୍ଜାବର ବିଜୟ ଧାରା ଜାରି

**ଚଣ୍ଡିଗଡ଼,୧୧।୪**

ଅଧିନାୟକ ଶ୍ରେୟସ ଆୟାରଙ୍କ ଅପରାଜିତ ୬୯ ରନର ଇନିଂସ ବଳରେ ପଞ୍ଜାବ କିଙ୍ଗ୍ସ ଏଠାରେ ଖେଳାଯାଇଥିବା ଏକ ହାଇସ୍କୋରିଂ ଆଇପିଏଲ୍ ମ୍ୟାଚ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦ୍‌କୁ ପରାସ୍ତ କରିଛି । ଏହା ପଞ୍ଜାବର ଚତୁର୍ଥ ମ୍ୟାଚ୍‌ରେ ତୃତୀୟ ବିଜୟ ହୋଇଥିବା ବେଳେ ହାଇଦ୍ରାବାଦ୍ ଲାଗି ଚତୁର୍ଥ ମ୍ୟାଚ୍‌ରେ ତୃତୀୟ ପରାଜୟ । ବୃନ୍ଦାବନରେ ଘଟିଥିବା ବୋଟ୍ ବୁଡ଼ି ଦୁର୍ଘଟଣାରେ ପ୍ରାଣ ହରାଇଥିବା ପୀଡ଼ିତଙ୍କ ଲାଗି ପଞ୍ଜାବ ଦଳର ଖେଳାଳିମାନେ କଳା ରଙ୍ଗର ଆର୍ମବ୍ୟାଣ୍ଡ ପିନ୍ଧିଥିଲେ ।

ପ୍ରଥମେ ବ୍ୟାଟିଂ କରିଥିବା ହାଇଦ୍ରାବାଦ୍‌କୁ ଅଭିଷେକ ଶର୍ମା ଓ ଟ୍ରାଭିସ ହେଡ୍ ୮ ଓଭରରେ ୧୨୦ ରନର ଆରମ୍ଭ ଦେଇଥିଲେ । ନବମ ଓଭରରେ ପାର୍ଟ ଟାଇମ ବୋଲର ଶଶାଙ୍କ ସିଂ ଦୁଇ ଓପନରଙ୍କୁ ପାଭିଲିଅନ ପଠାଇଥିଲେ । ହେଡ୍ ୨୩ ବଲରେ ୩୮ (୫ ଚୌକା ଓ ୧ ଛକା) ଓ ଅଭିଷେକ ୨୮ ବଲରେ ୭୪ (୫ ଚୌକା ଓ ୮ ଛକା) ରନ କରି ଆଉଟ୍ ହୋଇଥିଲେ । ଅଧିନାୟକ ଇଶାନ କିଶନ ୧୭ ବଲରେ ୨୭ (୩ ଚୌକା ଓ ୧ ଛକା), ହେନରିକ୍ କ୍ଲାସେନ ୩୩ ବଲରେ ୩୯ (୧ ଲେଖାଏ ଚୌକା ଓ ଛକା) ରନ କରିଥିଲେ । ଫଳରେ ହାଇଦ୍ରାବାଦ୍ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୨୧୯ ରନ କରିଥିଲା । ପଞ୍ଜାବ ପକ୍ଷରୁ ଅର୍ଶଦୀପ ସିଂ ଓ ଶଶାଙ୍କ ସିଂ ୨ ଲେଖାଏ ଉଇକେଟ ନେଇଥିଲେ । ଜବାବରେ ପଞ୍ଜାବକୁ ପ୍ରିୟାଂଶ ଆର୍ଯ୍ୟ ଓ ପ୍ରଭସିମରନ ସିଂ ବିସ୍ଫୋରକ ଆରମ୍ଭ ଦେଇଥିଲେ । ଦୁହେଁ ୬.୨ ଓଭରରେ ଦଳୀୟ ସ୍କୋରକୁ ୯୯ ରନରେ ପହଞ୍ଚାଇଥିଲେ । ପ୍ରିୟାଂଶ (୨୦ ବଲ, ୫୭ ରନ, ୫ ଲେଖାଏ ଚୌକା ଓ ଛକା) ଓ ପ୍ରଭସିମରନ (୨୫ ବଲ, ୫୧ ରନ୍, ୪ ଲେଖାଏ ଚୌକା ଓ ଛକା) ଅର୍ଦ୍ଧଶତକ ପୂରଣ କରିବା ପରେ ଆଉଟ୍ ହୋଇଥିଲେ । ଦୁହିଁଙ୍କୁ ଶିବାଙ୍ଗ କୁମାର ଆଉଟ୍ କରିଥିଲେ । କୁପର କନୋଲୀ (୧୧) ଓ ନେହାଲ ୱାଧେରା (୧୪) ଫେଲ୍ ମାରିଥିଲେ । ଏହାପରେ ଶଶାଙ୍କ ସିଂ(୧୬)ଙ୍କ ସହ ମିଶି ଅଧିନାୟକ ଶ୍ରେୟସ ଆୟାର ଦଳକୁ ଜିତାଇଥିଲେ । ପଞ୍ଜାବ ୧୮.୫ ଓଭରରେ ୪ ଉଇକେଟ ହରାଇ ୨୨୩ ରନ କରି ମ୍ୟାଚ୍ ଜିତି ନେଇଥିଲା । ଆୟାର ୩୩ ବଲରେ ୫ ଲେଖାଏ ଚୌକା ଓ ଛକା ସହିତ ୬୯ ରନ କରି ଅପରାଜିତ ରହିଥିଲେ ।

### ସଂକ୍ଷିପ୍ତ ସ୍କୋର

ସନ୍‌ରାଇଜର୍ସ ହାଇଦ୍ରାବାଦ: ୨୦ ଓଭରରେ ୨୧୯/୬ (ଅଭିଷେକ ଶର୍ମା-୭୪, ଟ୍ରାଭିସ ହେଡ୍-୩୮, ହେନରିକ୍ କ୍ଲାସେନ-୩୯, ଶଶାଙ୍କ ସିଂ-୨/୨୦) । ପଞ୍ଜାବ କିଙ୍ଗ୍ସ: ୧୮.୫ ଓଭରରେ ୨୨୩/୪ (ପ୍ରିୟାଂଶ ଆର୍ଯ୍ୟ-୫୭, ପ୍ରଭସିମରନ ସିଂ-୫୧, ଶ୍ରେୟସ ଆୟାର-୬୯*, ଶିବାଙ୍ଗ କୁମାର-୩/୩୩) ।

# ଆୟୁଷ ଶେଟ୍ଟି ଫାଇନାଲରେ

**ନିଙ୍ଗ୍‌ବୋ (ଚାଇନା), ୧୧।୪ (ପି.ଟି.)**

ଟପ୍ ସିଡ୍ ତଥା ଗତଥରର ଚାମ୍ପିୟନ କୁନ୍‌ଲାଭଟ୍ ଭିତିଦସରନଙ୍କ ବିପକ୍ଷରେ ଚମକପ୍ରଦ ବିଜୟ ହାସଲ କରି ଭାରତର ଆୟୁଷ ଶେଟ୍ଟି ଏଠାରେ ଚାଲିଥିବା ବ୍ୟାଡ୍‌ମିଣ୍ଟନ ଏସିଆ ଚାମ୍ପିୟନଶିପ୍‌ର ପୁରୁଷ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଥିବା ବେଳେ ଅତି କମ୍‌ରେ ଏକ ରୌପ୍ୟ ପଦକ ପକ୍କା କରିଛନ୍ତି । ବିଶ୍ୱର ଏହି ୨୫ ନମ୍ବର ମାନ୍ୟତାପ୍ରାପ୍ତ ଉଚ୍ଚକୋଟୀର ପ୍ରଦର୍ଶନ କରି ୧୦-୨୧, ୨୧-୧୯, ୨୧-୧୭ରେ ଥାଇଲାଣ୍ଡର ଭିତିଦସରନଙ୍କୁ ହରାଇ ଦେଇଛନ୍ତି । ଏହି ମ୍ୟାଚ ୭୫ ମିନିଟ ଧରି ଚାଲିଥିଲା । ଭିତିଦସରନ ହେଉଛନ୍ତି ପ୍ୟାରିସ ଅଲିମ୍ପିକ୍ସ ରୌପ୍ୟ ବିଜେତା ତଥା ୨୦୨୩ ବିଶ୍ୱ ଚାମ୍ପିୟନ । ଭିତିଦସରନ ମ୍ୟାଚରେ ଆକ୍ରମଣାତ୍ମକ ଖେଳିଥିଲେ । ଏହାଛଡ଼ା ପରିସ୍ଥିତିକୁ ନେଇ ତାଙ୍କ ରଣନୀତି ପରିବର୍ତ୍ତନ କରିଥିଲେ । ଏହି ବିଜୟ ଦ୍ୱାରା ଦୀନେଶ ଖାନ୍ନାଙ୍କ ପରେ ଆୟୁଷ ପ୍ରଥମ ଭାରତୀୟ ପୁରୁଷ ଖେଳାଳି ଭାବେ ଏହି ସମ୍ମାନଜନକ ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିପାରିଛନ୍ତି । ଖାନ୍ନା ୧୯୬୫ରେ ଏକମାତ୍ର ଭାରତୀୟ ଭାବେ ଏହି ମହାଦେଶୀୟ ପ୍ରତିଯୋଗିତାରେ ପୁରୁଷ ସିଙ୍ଗଲ୍ସ ସ୍ୱର୍ଣ୍ଣ ଜିତିଥିଲେ । ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ୨୦୨୩ରେ ଡବଲ୍ସ ଟାଇଟଲ ହାସଲ କରିଥିଲେ । ମାଙ୍ଗାଲୋରର ୨୦ ବର୍ଷୀୟ ଆୟୁଷ ହେଉଛନ୍ତି ୟୁଏସ୍ ଓପନ ସୁପର ୩୦୦ ଚାମ୍ପିୟନ । ଫାଇନାଲରେ ସେ ଚତୁର୍ଥ ସିଡ୍ ଚାଇନିଜ ତାଇପେର ଚୋଉ ତିନ୍ ଚେନ୍ କିମ୍ବା ଦ୍ୱିତୀୟ ସିଡ୍ ଚାଇନିଜ ଶି ୟୁ କ୍ୱିଙ୍କୁ ଭେଟିବେ ।

# ସଞ୍ଜୁ ସାମସନଙ୍କ ଶତକ: ଖାତା ଖୋଲିଲା ସିଏସ୍‌କେ

**ଚେନ୍ନାଇ,୧୧।୪**

ସଞ୍ଜୁ ସାମସନଙ୍କ ଅପରାଜିତ ଶତକ ଓ ଜେମି ଓଭରଟନଙ୍କ ୪ ଉଇକେଟ ସଫଳତା ବଳରେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ୨୩ ରନରେ ଦିଲ୍ଲୀ କ୍ୟାପିଟାଲ୍ସ (ଡିସି)କୁ ପରାସ୍ତ କରିଛି । ଏହି ବିଜୟ ସହ ସିଏସ୍‌କେ ପଏଣ୍ଟ ଖାତା ଖୋଲିଥିବା ବେଳେ ଦିଲ୍ଲୀ ପାଇଁ ଏହା ଦ୍ୱିତୀୟ ପରାଜୟ । ଏହି ମ୍ୟାଚ୍ ଜରିଆରେ ସାମସନ ଚତୁର୍ଥ ଭାରତୀୟ ଭାବେ ଟି୨୦ କ୍ରିକେଟରେ ୪୦୦ ଛକା ପୂରଣ କରିଛନ୍ତି ।

ପ୍ରଥମେ ବ୍ୟାଟିଂ କରିଥିବା ଚେନ୍ନାଇକୁ ସାମସନ ଓ ଅଧିନାୟକ ଋତୁରାଜ ଗାଏକ୍ୱାଡ ୬୨ ରନର ଆରମ୍ଭ ଦେଇଥିଲେ । ଗତ ୩ ବର୍ଷରେ ଏହା ଥିଲା ସିଏସ୍‌କେର ପ୍ରଥମ ଅର୍ଦ୍ଧଶତକୀୟ ଓପନିଂ ଭାଗୀଦାରି । ଋତୁରାଜ (୧୫) ଆଉଟ୍ ପରେ ସାମସନ ଓ ଆୟୁଷ ମାହାତ୍ରେ ଦ୍ୱିତୀୟ ଉଇକେଟରେ ୬୭ ବଲରେ ୧୧୩ ରନର ପାର୍ଟନରସିପ୍ କରିଥିଲେ । ମାହାତ୍ରେ ୩୬ ବଲରେ ୫୯ (୩ ଚୌକା ଓ ୪ ଛକା) ରନ କରି ରିଟାୟର୍ଡ ଆଉଟ୍ ହୋଇଥିଲେ । ଶେଷ ଆଡ଼କୁ ଶିବମ ଦୁବେ ୧୦ ବଲରେ ୨୦ (୨ ଚୌକା ଓ ୧ ଛକା) ରନ କରିଥିବା ବେଳେ ସାମସନ ୫୬ ବଲରେ ୧୫ ଚୌକା ଓ ୪ ଛକା ସହାୟତାରେ ୧୧୫ ରନ କରି ଅପରାଜିତ ରହିଥିଲେ । ସିଏସ୍‌କେ ନିର୍ଦ୍ଧାରିତ ୨୦ ଓଭରରେ ୨ ଉଇକେଟ ହରାଇ ୨୧୨ ରନ କରିଥିଲା । ଜବାବରେ ଦିଲ୍ଲୀକୁ ପଥୁମ ନିଶଙ୍କା (୨୮ ବଲ, ୪୧ ରନ, ୫ ଚୌକା ଓ ୨ ଛକା) ଓ ଲୋକେଶ ରାହୁଲ (୧୮ ରନ, ୨ ଚୌକା ଓ ୧ ଛକା) ଭଲ ଆରମ୍ଭ ପ୍ରଦାନ ଦେଇଥିଲେ । ଏହାପରେ ଦଳ କ୍ରମାଗତ



ବ୍ୟବଧାନରେ ଉଇକେଟ ହରାଇଥିବା ବେଳେ ଟ୍ରିଷ୍ଟାନ ଷ୍ଟବ୍ସ ଏକାକୀ ଦଳର ବିଜୟ ଆଶାକୁ ଉଜ୍ଜୀବିତ ରଖିଥିଲେ । ହେଲେ ସେ ୩୮ ବଲରେ ୬୦ (୪ ଚୌକା ଓ ୩ ଛକା) ରନ କରି ଅଷ୍ଟମ ବ୍ୟାଟର ଭାବେ ୧୯ତମ ଓଭରରେ ଆଉଟ୍ ହୋଇଥିଲେ । ଫଳରେ ଦିଲ୍ଲୀ ୨୦ ଓଭରରେ ୧୮୯ ରନରେ ଅଲଆଉଟ୍ ହୋଇଯାଇଥିଲା । ଚେନ୍ନାଇ ପାଇଁ ଓଭଟରନ ୪ ଓ ଅନଶୁଲ କମ୍ବୋଜ ୩ ଉଇକେଟ ନେଇଥିଲେ ।

### ସଂକ୍ଷିପ୍ତ ସ୍କୋର

ଚେନ୍ନାଇ ସୁପର କିଙ୍ଗ୍ସ: ୨୦ ଓଭରରେ ୨୧୨/୨(ସଞ୍ଜୁ ସାମସନ-୧୧୫*, ଆୟୁଷ ମାହାତ୍ରେ-୫୯, ଶିବମ ଦୁବେ-୨୦*, ଅକ୍ଷର ପଟେଲ-୧/୩୯) । ଦିଲ୍ଲୀ କ୍ୟାପିଟାଲ୍ସ: ୨୦ ଓଭରରେ ୧୮୯/ଅଲଆଉଟ୍ (ଟ୍ରିଷ୍ଟାନ ଷ୍ଟବ୍ସ-୬୦, ପଥୁମ ନିଶଙ୍କା-୪୧, ଜେମି ଓଭରଟନ-୪/୧୮, ଅନଶୁଲ କମ୍ବୋଜ-୩/୩୫) ।

### ଆଇପିଏଲ୍ କାର୍ଯ୍ୟସୂଚୀ

**(ଆଜିର ମ୍ୟାଚ)**

**ଲକ୍ଷ୍ନୌ ବନାମ ଗୁଜରାଟ**
ସ୍ଥାନ: ଲକ୍ଷ୍ନୌ
ସମୟ: ଅପରାହ୍ନ ୩ଟା ୩୦

**ମୁମ୍ବାଇ ବନାମ ବେଙ୍ଗାଲୁରୁ**
ସ୍ଥାନ: ମୁମ୍ବାଇ
ସମୟ: ସନ୍ଧ୍ୟା ୭ଟା ୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ଅନିମେଶଙ୍କୁ ଡବଲ ଟାଇଟଲ

**ନୂଆଦିଲ୍ଲୀ, ୧୧।୪ (ପି.ଟି.)**

ଓଡ଼ିଶାର ଷ୍ଟାର ସ୍ପ୍ରିଣ୍ଟର ଅନିମେଶ କୁଜୁର ଏଠାରେ ଶନିବାର ଅନୁଷ୍ଠିତ ଦିନିକିଆ ଇଣ୍ଡିଆନ ଆଥ୍‌ଲେଟିକ୍ସ ସିରିଜ ୧୦୦ମିଟର ରେସ୍ ଜିତିଛନ୍ତି । ସକାଳେ ସେ ୨୦୦ମିଟର ଟାଇଟଲ ହାସଲ କରିଥିଲେ । ସକାଳ ସେସନରେ ମେଣ୍ଡୋ ଟ୍ରାକ୍‌ରେ ସେ ତାଙ୍କ ଆଉଟଡୋର ସିଜନ ଆରମ୍ଭ କରିବାକୁ ଯାଇ ସେ ୨୦.୭୪ ସେକେଣ୍ଡ ଟାଇମିଂରେ

**ଇଣ୍ଡିଆନ ଆଥ୍‌ଲେଟିକ୍ସ ସିରିଜ**



୨୦୦ମିଟର ରେସ୍ ଜିତିଥିଲେ । ସେ ୪୦୦ ମିଟର ଜାତୀୟ ରେକର୍ଡଧାରୀ ବିଶାଲ ଟିକେଙ୍କୁ ପଛରେ ପକାଇ ଦେଇଥିଲେ । ଏନ୍‌ସିଓଇ ତ୍ରିଭେନ୍ଦ୍ରମରୁ ପ୍ରତିନିଧିତ୍ୱ କରିଥିବା ବିଶାଲ ୨୧.୦୧ ସେକେଣ୍ଡ ଟାଇମିଂରେ ଦ୍ୱିତୀୟ ହୋଇଥିଲେ । ପୁରୁଷ ୨୦୦ମିଟର ଦୌଡ଼ ପ୍ରତିଯୋଗିତାରେ ୫୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ । ଏଥିରେ ରାଜସ୍ଥାନର ଧରମବୀର ଚୌଧାରୀ (୨୧.୦୩) ତୃତୀୟ ସ୍ଥାନ ଅଧିକାର କରିଥିଲେ । ୨୨ବର୍ଷୀୟ କୁଜୁରଙ୍କୁ ୧୦୦ମିଟର ରେସ୍‌ରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେବାକୁ ପଡ଼ିଥିଲା । ସେ ଓ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ରେଲୱେର ତାମିଲ ଆରାସୁ ସମାନ ୧୦.୨୮ ସେକେଣ୍ଡ ଟାଇମିଂରେ ରେସ୍ ଶେଷ କରିଥିଲେ । ମାତ୍ର ଫଟୋ ଫିନିଶ ହିସାବରେ ତାମିଲ ଆରାସୁ (୧୦.୨୮୦)ଙ୍କଠାରୁ କୁଜୁର (୧୦.୨୭୨) ଆଗରେ ରହିଥିଲେ । ଗତମାସରେ ଭୁବନେଶ୍ୱରରେ ଅନୁଷ୍ଠିତ ନ୍ୟାଶନାଲ ଇନ୍‌ଡୋର ଚାମ୍ପିୟନଶିପ୍ ୬୦ମିଟର ରେସ୍‌ରେ ସ୍ୱର୍ଣ୍ଣ ପଦକ ଲାଭ କରିଥିବା ଗୁର୍‌ବିନ୍ଦର ସିଂ (୧୦.୪୦ ସେକେଣ୍ଡ) ତୃତୀୟ ହୋଇଥିଲେ । ସେତେବେଳେ କୁଜୁର ତ୍ରୁଟିଯୁକ୍ତ ଆରମ୍ଭ ପାଇଁ ଅଯୋଗ୍ୟ ବିବେଚିତ ହୋଇଥିଲେ । କୁଜୁର କହିଛନ୍ତି, ତାଙ୍କ ଦୃଷ୍ଟିରେ ଏକ ସିଜନ ଓପନର ପାଇଁ ଏହା ଶ୍ରେଷ୍ଠ ଟାଇମିଂ । ଗତବର୍ଷ ସିଜନ ଓପନରରେ ତାଙ୍କ ଟାଇମିଂ ୧୦.୫ ସେକେଣ୍ଡ ରହିଥିଲା ।







4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ